# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ରବିବାର, ମେ ୧୮/୨୦୨୫ (୨୦ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, May 18/2025 | Page 20 | ₹ 7.00

୫୧ଶ ଭାଗ ୧୭୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 172 | ମୂଲ୍ୟ ₹୭/-






Carens Clavis
For epic journeys

Together isn't just a feeling. It's how we move. The new Carens Clavis brings that spirit to life by blending bold design with high ground clearance and spacious 3-row comfort. Advanced tech features like next-gen Kia Connect** with 80+ connected features, and ADAS# Level 2 with 20 autonomous features come together to make every drive safe, seamless and unforgettable. Because when you're with the ones who matter, every journey deserves to feel epic. Pre-book now and get ready for your family's next epic journey.

**Built Smart** Styled for the family


Dual Pane Panoramic Sunroof


67.62 cm (26.62") Dual Panoramic Display Panel


ADAS Level 2 with 20 Autonomous Features


Ventilated Front Seats


Smart Pure Air Purifier with AQI Display


BOSE Premium Sound System with 8 Speakers

**Robust 18 Hi – Safety Package (Standard across all variants)**

• Front Dual Airbags • Front Seat Side Airbags • Side Curtain Airbags • ABS (Anti-lock Brake System) • BAS (Brake Assist System) • ESC (Electronic Stability Control) • VSM (Vehicle Stability Management) • HAC (Hill-start Assist Control) • ESS (Emergency Stop Signal) • DBC (Downhill Brake Control) • Highline Tyre Pressure Monitor • Rear Parking Sensors • Speed Sensing Auto Door Lock • Impact Sensing Auto Door Unlock • All Seats 3-Point Seat Belts with Reminder • ISOFIX • Rear Occupant Alert • All Wheel Disc Brakes

**Kia Service**
Connected • Adaptive • Responsive • Engage

**Introducing My Convenience Secure^**: Option to cover your car's wear and tear parts for up to 3 years from date of delivery.

**3 Years Unlimited** km Warranty | **Extended Warranty*** Up to 5 Years | **IoT Based** Smart Services`` | **24x7 | 3 Years** Nationwide RSA°

*Terms & Conditions Apply. **Kia Connect comes with 3 years free subscription. Amazon Alexa and any handheld device, mobile phone or/and smartwatch device are not standard car accessory & the customer needs to purchase from a third party. Kia Connect features may vary depending on the variant, device compatibility, software and network availability in the both vehicle and Alexa device. Kia Connect skill is only available in India and can be interacted with in English and Hindi. #Advanced Driver Assistance System (ADAS) is not a substitute for human eye and driver vigilance. It is an assistance feature that enhances driving experience and safety. Effectiveness of ADAS may vary based on actual situation and all objects around vehicle may not be detected. The driver shall remain responsible for safe, vigilant, and attentive driving. ^My Convenience Secure available with My Convenience/ My Convenience Plus at the time of sales at additional cost, covers wear and tear of selected parts only. ``IoT based workshops for live vehicle tracking for digital experience. °RSA coverage across India except Andaman & Nicobar Islands and Lakshadweep. The product & feature images shown in this brochure is for representation purpose only. Features and specifications as shown may not be part of standard fitment and may vary. The colors shown are subject to availability and may not be available across all variants and may differ slightly from those shown in this brochure. The specifications and features may vary depending on models/ variants. Kia India Pvt. Ltd. (Formerly known as Kia Motors India Private Limited) reserves the right to make any changes with respect to the trims, colors, specifications, Kia Connect features and other details of any model as mentioned in this brochure or to discontinue any model without prior notice. For more details visit your local Kia dealership. Kia India Pvt. Ltd. urges you to follow traffic rules, these are meant to keep you safe on roads. We do not endorse vandalism or illegal activities related to road safety. Safety is a top priority, and we urge responsible behavior regarding traffic regulations and road safety.

**FOR INFORMATION CONTACT: BHUBANESHWAR: CENTRAL KIA**, PAHAL, PH: 7440002919, **TRUPTI KIA**, PATRAPADA, PH: 7064414001/ 7064414004/ 7064414005, PURI BYPASS ROAD, PH: 7064414001, **GUGNANI KIA**, PATIA, PH: 9777064777, 9124401544, **BHAWANIPATNA: MAJESTY KIA**, PH: 9124572956, **CUTTACK: CENTRAL KIA**, PH: 9237304769, **ROURKELA: KRISHNA KIA**, PH: 7852941723, **BALASORE: BASANTI KIA**, PH: 7077732182, **BERHAMPUR: CENTRAL KIA**, PH: 7440002919, **SAMBALPUR: CENTRAL KIA**, PH: 7440004263, **ANGUL: CENTRAL KIA**, PH: 7440002919, **JEYPORE: MAJESTY KIA**, PH: 9124572378, **KEONJHAR: TRUPTI KIA**, PH: 7064414005

INNOCEAN-032/25

TSG
Residential School

# GENIUS 50

## TSG GURUKUL SCHOOL

### FOR CLASS XI & XII

(AFFILIATED WITH CBSE & CHSE)




### ADMISSION ELIGIBILITY

- Eligibility: Students who have secured 95% or above in their Class 10 board examinations are eligible to apply for admission to Class 11 through Scholarship Test.
- Total Intake: A maximum of 50 students will be admitted across all streams.
- Science Stream: 30 seats
- Commerce Stream: 10 seats
- Humanities Stream: 10 seats

### STREAMS OFFERED

- Science: With tuition + integrated coaching for JEE / NEET / NDA
- Commerce: With tuition + CPT (CA Foundation) coaching
- Humanities: With tuition + CLAT coaching

### SCHOOL FACILITIES

- Experienced & Specialized Faculty
- Well-equipped Science Labs Computer Lab, Smart Ac Classrooms
- Soft Skills & Personality Development Training
- Sports, Yoga, Art, Creativity Workshops, AI & Robotics etc.

### TSG GURUKUL

Our Campus At

- Gothapatna, Bhubaneswar
- Balakati, Bhubaneswar
- Kesinga, Kalahandi
- Balanga,Puri

**Contact Now :**

**9438782020**

Free

### EDUCATION OFFERED

TSG Gurukul offers free education for meritorious students entering Class 11, including Schooling, full tuition waiver, study materials, and coaching support. This opportunity is merit-based and available across all streams, with limited seats.

SCAN ME!

www.netsgurukul.com

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ମେ ୧୮/୨୦୨୫ Bhubaneswar, Sunday, May 18/2025 | ପୃଷ୍ଠା-୧

# କଂଗ୍ରେସ ବାଦ୍ ଦେଲା, କେନ୍ଦ୍ର ବାଛିଲା

## ଆତଙ୍କବାଦ ବିରୋଧରେ ଭାରତର ବାର୍ତ୍ତା ନେଇ ସହଯୋଗୀ ରାଷ୍ଟ୍ରଗୁଡ଼ିକୁ ଗସ୍ତ କରିବେ ୭ ଟିମ୍


ଶଶୀ ଥରୁର

**ବିଶ୍ୱ ଦରବାରରେ ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ପାକିସ୍ତାନର ମୁଖା ଖୋଲିବା ପାଇଁ କେନ୍ଦ୍ର ସରକାର ଶନିବାର ୭ ବହୁଦଳୀୟ ପ୍ରତିନିଧିମଣ୍ଡଳୀ ଗଠନ କରିଛନ୍ତି। ଏଥିସକାଶେ ସରକାରଙ୍କ ପକ୍ଷରୁ କଂଗ୍ରେସକୁ ୪ ନାମ ମଗାଯାଇଥିଲା। ହେଲେ ବିରୋଧୀ ଦଳ ଅନ୍ତର୍ଜାତୀୟ ବ୍ୟାପାରରେ ଦଖଲ ରଖିଥିବା ଥିରୁଭାନନ୍ତପୁରମ୍ ଏମ୍‌ପି ଶଶୀ ଥରୁରଙ୍କ ନାମ ପ୍ରସ୍ତାବ ଦେଇ ନ ଥିବାବେଳେ ସରକାର ନିଜ ଆଡୁ ତାଙ୍କୁ ନେତୃମଣ୍ଡଳୀ ଟିମ୍‌ରେ ସାମିଲ କରିଛନ୍ତି। ଏଭଳି ସ୍ଥିତିରେ ଭାରତ ସରକାରଙ୍କ କୂଟନୈତିକ ପ୍ରୟାସ ଭିତରେ କଂଗ୍ରେସ ରାଜନୀତି ପୂରାଇବା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।**

**ନୂଆଦିଲ୍ଲୀ,୧୭।୫**

ପହଲଗାମ୍ ଆକ୍ରମଣ ଓ ଭାରତର ଜବାବୀ କାର୍ଯ୍ୟାନୁଷ୍ଠାନ 'ଅପରେଶନ୍ ସିନ୍ଦୂର' ପରେ ଆତଙ୍କବାଦ ପ୍ରତି ଦେଶର ଶୂନ ସହନଶୀଳତା ବାର୍ତ୍ତା ନେଇ ସର୍ବଦଳୀୟ ସାଂସଦମାନେ ପ୍ରମୁଖ ସହଯୋଗୀ ତଥା ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି) ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ଗସ୍ତ କରିବେ। କେନ୍ଦ୍ର ସରକାର ଏଥି ସକାଶେ ୭ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ଗଠନ କରିଛନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଶନିବାର ଜାରି ଏକ ବିବୃତିରେ ଏନେଇ ସୂଚନା ଦିଆଯାଇଛି। ସବୁ ପ୍ରକାର ଆତଙ୍କବାଦ ବିରୋଧରେ ଲଢ଼େଇ ନେଇ ଭାରତର ଜାତୀୟ ସହମତି ଓ ଦୃଢ଼ ସଂକଳ୍ପବଦ୍ଧତାକୁ ଏହି ୭ ପ୍ରତିନିଧି ଦଳ ବିଶ୍ୱ ଦରବାରରେ ଉପସ୍ଥାପନ କରିବେ ବୋଲି ଏଥିରେ ଉଲ୍ଲେଖ କରାଯାଇଛି। ☞ପୃଷ୍ଠା-୨

### କୂଟନୀତିରେ ରାଜନୀତି

ପୃଷ୍ଠା-୬

### ପାକିସ୍ତାନ ପାଇଁ ଗୁପ୍ତଚରଗିରି: ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରା ଗିରଫ



ପୃଷ୍ଠା-୬

**ଆଜିର ସମ୍ପାଦକୀୟ** ଦୁଇ ପ୍ରତିଦ୍ୱନ୍ଦୀ













# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସୁକୁନ ଫାଉଣ୍ଡେଶନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: କ୍ୟାପିଟାଲ ହସ୍ପିଟାଲ ରକ୍ତ ଭଣ୍ଡାର, ସମୟ: ପୂର୍ବାହ୍ନ ୧୦ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ମେଧାବୀ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ବିକାଶ ସମିତି ପକ୍ଷରୁ ସମ୍ବର୍ଦ୍ଧନା, ସ୍ଥାନ: ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉତ୍କଳ ଦୃଷ୍ଟିହୀନ ମହାସଂଘ ପକ୍ଷରୁ ଦିବ୍ୟାଙ୍ଗଙ୍କ ସମସ୍ୟା ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଓଏବି କନ୍‌ଫରେନ୍ସ ହଲ୍, ୟୁନିଟ୍-୩, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ମେଲୋଡି ଆସୋସିଏଶନର ୧୫ତମ ବାର୍ଷିକୋତ୍ସବ, ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ଅପରାହ୍ନ ୫ଟା।
- ଲେଖକ ସାମ୍ମୁଖ୍ୟର ପରିଚାଳନା କମିଟି ବୈଠକ ଓ ମାସିକ ସାହିତ୍ୟ ଆଲୋଚନା, ସ୍ଥାନ: ଗୋଦାବରୀଶ ସାହିତ୍ୟ ସଂସଦ, ସମୟ: ଅପରାହ୍ନ ୫ଟା।
- ଶ୍ରୀ ଜଗନ୍ନାଥ ସଂସ୍କୃତି ପରିଷଦ ପକ୍ଷରୁ ଦୀଘା ଜଗନ୍ନାଥ ମନ୍ଦିର ପ୍ରସଙ୍ଗ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ପ୍ରେସ୍‌କ୍ଲବ, ସମୟ: ସନ୍ଧ୍ୟା ୬ଟା।
- ସୃଜନ ପକ୍ଷରୁ ଓଡ଼ିଶୀ ନୃତ୍ୟ 'ଉପଶରଣମ୍', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ଚନ୍ଦନ ଯାତ୍ରା ଉପଲକ୍ଷେ ଶ୍ରୀ ଶ୍ରୀ ରାଧାମାଧବଙ୍କ ଚାପ ଖେଳ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନାଟକ ପରିବେଷଣ, ସ୍ଥାନ: କୁଶଭଦ୍ରା ନଦୀ କୂଳ ଓ ମେଳଣ ପଡ଼ିଆ ପରିସର, ବାଲିଅନ୍ତା, ସମୟ: ରାତି ୯ଟା।

## କଟକ

- ଭାରତୀୟ ରେଳୱେ ମାଲଗୋଦାମ ଶ୍ରମିକ ସଂଘର ସମ୍ମିଳନୀ, ସ୍ଥାନ: ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ଶୀତଳେଶ୍ୱରୀ ପ୍ରକାଶନୀର ଚତୁର୍ଥ ବାର୍ଷିକ ଉତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବସୁଧୈବ କୁଟୁମ୍ବକମ୍ ମିଶନ ପକ୍ଷରୁ ୧୦୮ତମ ଅଧିବେଶନ, ସ୍ଥାନ: ଦି ଲିଙ୍କ ଆଇ ହସ୍ପିଟାଲ, ଲିଙ୍କ୍‌ରୋଡ୍, ସମୟ: ଅପରାହ୍ନ ୪ଟା ୩୦।
- କଟକ ନୃତ୍ୟୋତ୍ସବ କମିଟି ପକ୍ଷରୁ ୧୬ତମ ସାତସାହି କଟକ ନୃତ୍ୟୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ଉପର ବାଲିଯାତ୍ରା ପଡ଼ିଆ, ସନ୍ଧ୍ୟା: ସନ୍ଧ୍ୟା ୬ଟା ୩୦।
- କଳିଙ୍ଗ ଭାରତୀ ଓ ଉତ୍କଳ ଛାତ୍ର ସମାଜ ପକ୍ଷରୁ ୮୨ତମ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଜୟନ୍ତୀର ତୃତୀୟ ସନ୍ଧ୍ୟା, ସ୍ଥାନ: ଭଞ୍ଜମଣ୍ଡପ, ମିଶନ ରୋଡ୍, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- କବି ଓ କଥାକାର ବଳରାମ ଦାସଙ୍କ ସ୍ମୃତିସଭା, ସ୍ଥାନ: ଭକ୍ତ ସାଲବେଗ ପୀଠ, ସମୟ: ଅପରାହ୍ନ ୫ଟା।
- ଉତ୍କଳ ବିଦ୍ୱତ୍ ପରିଷଦ ପକ୍ଷରୁ ପୁରୀ ବାସିନ୍ଦାଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା ସଭା, ସ୍ଥାନ: ହୋଟେଲ ହଲିଡେ ରିସୋର୍ଟ, ସମୟ: ଅପରାହ୍ନ ୫ଟା।

## ବାଲେଶ୍ୱର

- ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭବ୍ୟ ୩୨ ବେଶ ସମ୍ପର୍କିତ ଖବରଦାତା ସମ୍ମିଳନୀ, ସ୍ଥାନ:ନିଶିନପୁର ଚଣ୍ଡୀ ମନ୍ଦିର, ଭୋଗରାଇ, ସମୟ:ସକାଳ ୯ଟା ୩୦।
- ବସନ୍ତ ଉତ୍ସବ-୨୦୨୫ ଉଦ୍‌ଯାପନୀ ପର୍ବ,ସମୟ:ଅପରାହ୍ନ ୫ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ:କାନ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣ, କାଦରାବାଦ, ବାଲେଶ୍ୱର, ସମୟ:ସନ୍ଧ୍ୟା ୭ଟା।

## ଭଦ୍ରକ

- ରକ୍ତଦାନ ଶିବିର, ସ୍ଥାନ: ପଲ୍ଲୀ ସଂସ୍କୃତ ମହାବିଦ୍ୟାଳୟ, ଭଦ୍ରକ, ସମୟ: ସକାଳ ୭ଟା।
- ପରାକ୍ରମ ଶୋଭାଯାତ୍ରା, ସ୍ଥାନ: କାଳୀମନ୍ଦିର, ଚାନ୍ଦବାଲି, ସମୟ: ସକାଳ ୮ଟା।
- ଆଧ୍ୟାତ୍ମିକ ମୂଲ୍ୟବୋଧଭିତ୍ତିକ ସାରସ୍ୱତ ସମ୍ମେଳନ, ସ୍ଥାନ: ଅଟଳ ବିହାରୀ ହାଇସ୍କୁଲ ପରିସର, ବାସୁଦେବପୁର, ସମୟ: ସକାଳ ୮ଟା।
- ୧୯୮୮ ବ୍ୟାଚ୍ ବନ୍ଧୁମିଳନ, ସ୍ଥାନ: ଦୋଳସାହିସ୍ଥିତ ରାମନାରାୟଣ ହାଇସ୍କୁଲ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ଖବରଦାତା ସମ୍ମିଳନୀ ଓ ବନ୍ଧୁମିଳନ, ସ୍ଥାନ: କରଞ୍ଜଆଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ

- ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଯୋଗ ଶିବିର, ସ୍ଥାନ: କର୍ମଚାରୀ ହଲ୍ ଉପର ମହଲା, ଉଦଳା, ସମୟ:ସକାଳ ୬ଟା।
- ଆନ୍ତଃ ବିଦ୍ୟାଳୟ ସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବାରିପଦା ଷ୍ଟାଡିୟମ, ସମୟ: ସକାଳ ୬ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟ୍‌ବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ସକାଳ ୮ଟା।
- ଆମେ-୮୦ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ସକାଳ ୯ଟା।
- ଦିଗନ୍ତ ମହକ ସମ୍ବର ମିଟ୍-୨୦୨୫, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ମହେଶ ଦାଶ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ମଧୁବନ ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୩ଟା ୩୦।

## ବ୍ରହ୍ମପୁର

- ହ୍ୟାଣ୍ଡବଲ ସମର କ୍ୟାମ୍ପ,ସ୍ଥାନ: ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳପଡିଆ,ସମୟ: ସକାଳ ୬ଟା ୪୫।
- ତାରାଦେବୀଙ୍କ ଯାତ୍ରା,ସ୍ଥାନ: ଲାଞ୍ଜିପଲ୍ଲୀ, ସମୟ: ରାତି ୭ଟା ୩୦।

## ଗଞ୍ଜାମ

- ନାଳର ଉନ୍ନତୀକରଣ କାର୍ଯ୍ୟର ଶିଳାନ୍ୟାସ, ସ୍ଥାନ: ଭଞ୍ଜନଗର ବ୍ଲକ ଗୋଲାପଡ଼ା, ସମୟ: ସକାଳ ୯ଟା।

## ଢେଙ୍କାନାଳ

- ଆମ ପ୍ରତିଭା ଆମ ସମ୍ମାନ ପକ୍ଷରୁ ମାଟ୍ରିକ ଏ-୧ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନ, ସ୍ଥାନ: ଆରଟିଓ ଅଫିସ ନିକଟ ଅଡିଟୋରିୟମ, ସମୟ: ଅପରାହ୍ନ ୪ଟା।
- ଦିଲ୍ଲୀ ପବ୍ଲିକ ସ୍କୁଲ ପକ୍ଷରୁ କର୍ମଶାଳା, ସ୍ଥାନ: ଗୋପବନ୍ଧୁ ଟାଉନହଲ, ଢେଙ୍କାନାଳ, ସମୟ: ଅପରାହ୍ନ ୫ଟା।

## ଜଗତ୍‌ସିଂହପୁର

- ବାଣୀଧାରା ଅନୁଷ୍ଠାନ ପକ୍ଷରୁ ଡ୍ରଗ୍ସ ସେବନର ଅପକାରିତା ଓ କୁପରିଣତି ଉପରେ ସଚେତନତା ପଦଯାତ୍ରା, ସ୍ଥାନ: ଷଣ୍ଢକୁଦ ବସ୍ତି, ପାରାଦୀପ, ସମୟ: ସକାଳ ୮ଟା

## କେନ୍ଦ୍ରାପଡ଼ା

- ଆର୍ଟ ଅଫ୍ ଗିଭିଂ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ଶ୍ରୀ ବଳଦେବଜୀଉ କଲ୍ୟାଣ ମଣ୍ଡପ, ମନକରପୁର, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଅଶୋକ ଦାସ ଫାଉଣ୍ଡେଶନ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ : ଯାଜପୁର ବ୍ଲକର ଜାଉଁଳିବନ୍ଧ ଛକ, ସମୟ: ସକାଳ ୮ଟା।

## ନୟାଗଡ଼

- ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର କଲ୍ୟାଣମଣ୍ଡପ, ସମୟ: ସକାଳ ୯ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ୧୯ତମ ଦିବସ, ସ୍ଥାନ:ଖଣ୍ଡପଡା ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଲଡୁବାବାଙ୍କ ଚନ୍ଦନଯାତ୍ରା ୧୯ତମ ଦିବସ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ୧୯ତମ ଦିବସ, ସ୍ଥାନ:ନୟାଗଡ ପୁରୁଣା ସହର ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ରଘୁନାଥଙ୍କ ଚନ୍ଦନଯାତ୍ରାର ତ୍ରୟୋଦଶ ୧୯ତମ ଦିବସ, ସ୍ଥାନ:ଓଡଗାଁ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ମଦନମୋହନଙ୍କ ଚନ୍ଦନ ଯାତ୍ରାର ୧୯ତମ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୧ଟା।
- ଚନ୍ଦନଯାତ୍ରାର ୧୯ତମ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା।
- ଶରଣକୁଳରେ ବ୍ଲକ ପ୍ରତିଷ୍ଠା ଅବସରରେ ପ୍ରସ୍ତୁତି ଉଦ୍ଦେଶ୍ୟରେ ଜରୁରୀ ବୈଠକ, ସ୍ଥାନ: ଶରଣକୁଳ ପଞ୍ଚାୟତ ପରିସର, ସମୟ: ଅପରାହ୍ନ ୪ଟା।

## ରାୟଗଡ଼ା

- ସାମୁହିକ ହନୁମାନ ଚାଳିଶା ପଠନ, ସ୍ଥାନ: ଶେଫାଳି ପାହାଡ଼ ଗଣେଶ ହନୁମାନ ମନ୍ଦିର, ଗୁଣପୁର, ସମୟ: ସକାଳ ୮ଟା।
- ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ଗୁଣପୁର ଓକିଲ ସଂଘ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ବ୍ଲକସ୍ତରୀୟ ଯାଦବ ମହାସଭା, ସ୍ଥାନ: ଝରିଗାଁସ୍ଥିତ ଝାଡ଼େଶ୍ୱର ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ଗ୍ରୀନ ଷ୍ଟମ୍ପ କ୍ରିକେଟ ପ୍ରତିଯୋଗିତା ଶୁଭାରମ୍ଭ, ସ୍ଥାନ: ଗିନ୍ଦରୀଗୁଡା ଗାଁ ପଡିଆ, କୋରାପୁଟ, ସମୟ: ସକାଳ ୮ଟା ୧୫।
- ୱାକର୍ସ କ୍ଲବ୍ ବୈଠକ, ସ୍ଥାନ: ମେଘରାଜ କମ୍ପ୍ଲେକ୍ସ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- କୃଷିଭିତ୍ତିକ ବାଲିଯାତ୍ରା ଉଦ୍‌ଯାପିତ, ସ୍ଥାନ: ରାଇ କୁନ୍ଦୁରା ସମୟ: ଅପରାହ୍ନ ୫ଟା।

## ସମ୍ବଲପୁର

- ଆଦିବାସୀ ଗବେଷଣା ଅନୁଷ୍ଠାନ ଆୟୋଜିତ ଆମ୍ବ ଉତ୍ସବ, ସ୍ଥାନ : କାଇଁଶିର ରୋଡ ଡୁରିପଡା, ସମୟ : ସକାଳ ୬ଟା।
- ସାଓଲିନ କୁଙ୍ଗ ଫୁ ଉଷୁ ଅନୁଷ୍ଠାନ ପକ୍ଷରୁ ଗ୍ରୀଷ୍ମକାଳୀନ ନିଃଶୁଳ୍କ ଜୁଡୋ, କୁସ୍ତି, କରାଟେ ଏବଂ ଉଷୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର, ସ୍ଥାନ : ସମ୍ବଲପୁର ବିନାଖିଣ୍ଡି ସ୍ଥିତ ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା ୩୦।
- ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରଶିକ୍ଷଣ ଶିବିର, ସ୍ଥାନ : ପବ୍ଲିକ ଲାଇବ୍ରେରୀ ପ୍ରେକ୍ଷାଳୟ, ସମୟ : ସକାଳ ୭ଟା।
- ଜିଲା ବର୍ଷିୟାନ କ୍ରୀଡା ସଂଘ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟ୍‌ବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : କାଇଁଶିର ଖେଳ ପଡିଆ, ସମୟ : ସକାଳ ୭ଟା।
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳିନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା।
- ବିଶାଳ ରକ୍ତଦାନ ଶିବିର, ସ୍ଥାନ : ହୀରାକୁଦ ମ୍ୟୁନିସିପାଲଇଟି କଲ୍ୟାଣ ମଣ୍ଡପ, ସମୟ: ସକାଳ ୮ଟା।
- ସମ୍ବଲପୁର ଦିନ -୨୦୨୫ ପ୍ରସ୍ତୁତି ବୈଠକ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୮ଟା।
- ସଣ୍ଡେ ଗ୍ରୁପ ଆୟୋଜନରେ ରକ୍ତଦାନ ଶିବିର, ସ୍ଥାନ : ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥିତ ରକ୍ତ ଭଣ୍ଡାର, ସମୟ : ସକାଳ ୯ଟା।
- ରାଧା ଶ୍ରୀନିବାସ ଟ୍ରଷ୍ଟ ଆୟୋଜନରେ ଆରୋଗ୍ୟ ନିକେତନ କାର୍ଯ୍ୟକ୍ରମ, ସ୍ଥାନ : ହାଉସିଂ ବୋର୍ଡ କଲୋନୀ, ସମୟ : ସନ୍ଧ୍ୟା ୫ଟା ୩୦।
- ଦେବର୍ଷି ନାରଦ ଜୟନ୍ତୀ- ୨୦୨୫, ସ୍ଥାନ : କୁଞ୍ଜେଲପଡା ନିକଟସ୍ଥ ସଂସ୍କୃତି ଭବନ, ସମୟ : ସନ୍ଧ୍ୟା ୬ଟା ୩୦।
- ୧୮ତମ ରାମ ଚରିତ ମାନସ ପ୍ରବଚନ, ସ୍ଥାନ : ବରଗାଁ ଗ୍ରାମ ପଞ୍ଚାୟତ ପରିସର, ସମୟ : ରାତି ୭ଟା।

## ରାଉରକେଲା

- ସ୍ୱଦେଶ ଅନୁଷ୍ଠାନ ପକ୍ଷରୁ ଗ୍ରୀଷ୍ମ ଜନସଚେତନା କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୧୫, ସମୟ: ସକାଳ ୮ଟା।
- ଓରାମ କଳା, ସଂସ୍କୃତି ଉତ୍ସବ ପକ୍ଷରୁ ଜ୍ୟେଷ୍ଠ ଯାତ୍ରା, ସ୍ଥାନ: ଉଦିତନଗର, ସମୟ: ଅପରାହ୍ନ ୨ଟା।

## ବରଗଡ଼

- ରାମେଶ୍ୱର ମନ୍ଦିର ଶୀତଳଷଷ୍ଠୀ ଆନୁକୂଲ୍ୟରେ ରଙ୍ଗୋଲି ଓ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଭେଡଁରିଆ ଛକରୁ ରାମେଶ୍ୱର ମନ୍ଦିର, ପଦ୍ମପୁର, ସମୟ: ସକାଳ ୭ଟା।

## କଳାହାଣ୍ଡି

- ଅପରେଶନ ସିନ୍ଦୂର ପରାକ୍ରମ ଶୋଭାଯାତ୍ରା, ସ୍ଥାନ: ଜୁନାଗଡ଼ ସହର ହିଞ୍ଜଳିବାହାଲି,ସମୟ: ସକାଳ ୯ଟା।
- ଟ୍ରେଡ୍ ୟୁନିୟନର ପ୍ରସ୍ତୁତି ବୈଠକ,ସ୍ଥାନ: ଜୁନାଗଡ଼ ଆର୍‌ଏମ୍‌ସି ବଜାର, ସମୟ:ଅପରାହ୍ନ ୪।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ଭୋର ୪ଟା।
- ତୈଳବୀଜ ଚାଷ ସମ୍ପର୍କିତ ତାଲିମ ଶିବିର, ସ୍ଥାନ: ସିଡିଏଓ କନ୍‌ଫରେନ୍ସ ହଲ୍ ଦେବଗଡ଼, ସମୟ: ସକାଳ ୯ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଓବିସି ବର୍ଗ ସମ୍ବିଧାନ ହକ୍, ଅଧିକାର ଓ ସମାନୁପାତିକ ପ୍ରତିନିଧିତ୍ୱ ପାଇଁ ଓବିସି ଜନ ଜାଗରଣ ଯାତ୍ରା, ସ୍ଥାନ: ଦୁର୍ଗା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିନାଥ ମେଳା, ସ୍ଥାନ: ବାବୁ ସାହି, ଦେବଗଡ଼ ସହର,ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଦେଉଳମୁଣ୍ଡା ସପ୍ତାହ ପାରାୟଣରେ ଗ୍ରାମ୍ୟ ପରିକ୍ରମା, ସ୍ଥାନ: ଦେଉଳମୁଣ୍ଡା, ବୀରମହାରାଜପୁର, ସମୟ: ସକାଳ ୭ଟା୩୦।
- ସୁବର୍ଣ୍ଣପୁର ଜିଲା କ୍ରୀଡା ସଂଘ ନିର୍ବାଚନ, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବୀରମହାରାଜପୁର ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜଗନ୍ନାଥ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା ଶନି ମନ୍ଦିରରେ ମହା ଆଳତୀ ଓ ଶନି ପୁରାଣ ପଠନ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୩୦।

## ନୂଆପଡ଼ା

- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୂତି, ସ୍ଥାନ: କୋମନା ବ୍ଲକ ସିଆଲଲଟି ପଞ୍ଚାୟତ କରଙ୍ଗାଭଟା ଗାଁ ଟାଣପଡା, ସମୟ: ପୂର୍ବାହ୍ନ ୧୦ ଟା ୧୫।
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା,ସ୍ଥାନ:ଖଡିଆଳ ବ୍ଲକ ସାନମହେଶ୍ୱର ଗାଁ, ସମୟ: ଅପରାହ୍ନ ୪ ଟା ୩୩।
- ଯଜ୍ଞବେଦୀ ରତ୍ନମୁଦ କାର୍ଯ୍ୟକ୍ରମ, ସ୍ଥାନ:କୋମନା ବ୍ଲକ ନୂଆଗାଁ ପଞ୍ଚାୟତ ଲହଣ୍ଡୋପାଲି ଗାଁ, ସମୟ ସକାଳ ୯ ଟା।
- ଷୋହଳ ପହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଯାତ୍ରା ଓ ଅଧିବାସ,ସ୍ଥାନ:କୋମନା ବ୍ଲକ ନୂଆଗାଁ ପଞ୍ଚାୟତ ଲହଣ୍ଡୋପାଲି ଗାଁ, ସମୟ: ଅପରାହ୍ନ ୫ ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଆପଣଙ୍କ ବ୍ୟବହାରରେ ସଂଯମତା ଅଭାବରୁ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ବିଭିନ୍ନ ପ୍ରକାରର କାର୍ଯ୍ୟବ୍ୟସ୍ତତା କାରଣରୁ ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖା ଦେବ। ଅଧାପନା, କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର , ସାହିତ୍ୟ ତଥା ପ୍ରତିଯୋଗିତା କ୍ଷେତ୍ରରୁ ପ୍ରଶଂସା ମିଳିବ। ପାରିବାରିକ ସମସ୍ୟା ନେଇ ବ୍ୟସ୍ତବିବ୍ରତ ରହିପାରନ୍ତି।

**ବୃଷ** ଜଣେ ବିଜାତୀୟ ବନ୍ଧୁଙ୍କ ନିକଟରୁ ସାହାଯ୍ୟର ପ୍ରତିଶ୍ରୁତି ପାଇ ଟେନ୍‌ସନ ଦୂର ହୋଇପାରେ। ଶୁକ୍ରଙ୍କ ପ୍ରଭାବରୁ ମଜାଳିଆ ବ୍ୟବହାରରେ ଅନ୍ୟମାନଙ୍କ ନିକଟତର ହୋଇପାରିବେ। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ପ୍ରଭୃତିରୁ ଶ୍ରଦ୍ଧା ଓ ସମ୍ମାନ ମିଳିବ। କିନ୍ତୁ ଶନିଙ୍କ ପ୍ରଭାବରୁ ପ୍ରତ୍ୟେକ କାମ ବିଳମ୍ବିତ ସମୟରେ ହାସଲ କରିପାରନ୍ତି।

**ମିଥୁନ** ପରିବାରରେ ଅଭାବ ଅସୁବିଧା ନ ଥିଲେ ମଧ୍ୟ ଖର୍ଚ୍ଚ କରିବାରେ କୁଣ୍ଠା ପ୍ରକାଶ କରି ସମାଲୋଚିତ ହେବେ। ସଭାସମିତି ତଥା ସାଙ୍ଗଠନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ। ନୂତନ ସ୍ଥାନ ପରିଦର୍ଶନ, ସତ୍‌ସଙ୍ଗ ଓ ଆଧ୍ୟାତ୍ମିକତାରୁ ଶାନ୍ତି ଲାଭ କରିବେ। ମାତ୍ର ଏହା ସାଙ୍ଗକୁ ପାରିବାରିକ ଦୁଶ୍ଚିନ୍ତା ମଧ୍ୟରେ ସମୟ କଟାଇପାରନ୍ତି।

**କର୍କଟ** ଅନ୍ତରଙ୍ଗଙ୍କ ସହ ଫଳପ୍ରଦ ଆଲୋଚନା କରି ଦାୟିତ୍ୱକୁ ଯଥାବିଧି ସମ୍ପନ୍ନ କରିପାରିବେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ସଫଳତା ହାସଲ କରି ଖୁସି ହୋଇପାରନ୍ତି। ରାଜନୈତିକ ସ୍ଥିତିରେ ପୃଷ୍ଠପୋଷକତା ଲାଭକରି ସମସ୍ୟା ସମାଧାନ କରିବେ। ଅନ୍ୟମାନଙ୍କ କଥାରେ ପ୍ରଭାବିତ ହୋଇ ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**ସିଂହ** ଶାରୀରିକ ସୁସ୍ଥତା ସାଙ୍ଗକୁ ମାନସିକ ସ୍ଥିତି ବହୁତ ଭଲ ରହିବ। ଅର୍ଥସଙ୍କଟଜନିତ ଇଚ୍ଛା କଲେ ମଧ୍ୟ କୌଣସି ଜିନିଷ କିଣି ନ ପାରି ମନ ଦୁଃଖ କରି ପାରନ୍ତି। ହଠାତ୍ ଶତ୍ରୁମାନଙ୍କ ମିତ୍ର ଭଳି ଆଚରଣ ଆପଣଙ୍କୁ ବିସ୍ମୟାଭିଭୂତ କରିପାରେ। ପାରିବାରିକ କ୍ଷେତ୍ରରେ ଥିବା ସମସ୍ୟାକୁ ସୁଧାରିନେବାର ପ୍ରଯତ୍ନ କଲେ ଉପକୃତ ହେବେ।

**କନ୍ୟା** ଆଜିର କାମ ସମ୍ପନ୍ନ ସକାଶେ ସାମାନ୍ୟ ହଇରାଣ ହେବାକୁ ପଡ଼ିବ। ବନ୍ଧୁଙ୍କ ଅନୁରୋଧରେ କୌଣସି ଆନୁଷ୍ଠାନିକ କାର୍ଯ୍ୟ ସକାଶେ ବିଚାରବିମର୍ଶ ଚଳାଇ ପାରନ୍ତି। ସ୍ୱାର୍ଥହାନି ଆଶଙ୍କାରେ ଆତ୍ମୀୟମାନେ ଭୁଲ୍ ବୁଝି ଅର୍ଥକୁ ଅନର୍ଥ କରିବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଉପକୃତ ହେବାର ଆଶା କରାଯାଇପାରେ।

**ତୁଳା** ଆନୁଷଙ୍ଗିକ ସାହାଯ୍ୟ ଓ ସହଯୋଗ ପ୍ରାପ୍ତ ହୋଇ ଆଜିର କାମ ସହଜରେ ସମ୍ପନ୍ନ ହେବ। ପୂର୍ବ ନିଷ୍ପତ୍ତିର ପରିବର୍ତ୍ତନ କଲେ ବିରୋଧାତ୍ମକ ପରିସ୍ଥିତି ସୃଷ୍ଟି ହେବ। ସ୍ୱାସ୍ଥ୍ୟ ପ୍ରତି ଅବହେଳା କଲେ ଅନୁତାପ କରିବାକୁ ସମୟ ପାଇବେ ନାହିଁ। କୌଣସି ଘଟଣା ମନକୁ ବିବ୍ରତ କରିପାରେ। ସଭାସମିତିରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିପାରନ୍ତି।

**ବିଛା** ପାରିବାରିକ ବ୍ୟତିକ୍ରମକୁ ନେଇ ମନ ଭାରାକ୍ରାନ୍ତ ରହିବାର ସୂଚନା ରହିଛି। ସ୍ୱାସ୍ଥ୍ୟ ସମସ୍ୟା ଉଦ୍‌ବେଗଜନକ ନ ହେଲେ ମଧ୍ୟ ନିୟନ୍ତ୍ରଣ ମଧ୍ୟରେ ରହିବ। ପ୍ରଶାସନିକ ସ୍ତରରେ, ପ୍ରକାଶନ କ୍ଷେତ୍ରରେ, ଶିଳ୍ପ, ବାଣିଜ୍ୟରେ ସମସ୍ୟା ଦୂର ହେବ। ସମ୍ପର୍କୀୟ ବନ୍ଧୁମାନଙ୍କ ସହ ଭୁଲ୍ ବୁଝାମଣା କେତେକାଂଶରେ କମିଯାଇପାରେ।

**ଧନୁ** ଆଜି ଭାବୁଥିବେ ଗୋଟିଏ କଥା କିନ୍ତୁ ପରିସ୍ଥିତିରେ ପଡ଼ି ତାହା କରିବାରେ ଅସମର୍ଥ ହେବେ। ସାହିତ୍ୟ, ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ସାମାଜିକ ସ୍ତରରେ ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। ବ୍ୟବହାରରେ ଅପ୍ରିୟସତ୍ୟ ଭାଷଣଜନିତ ପରୋକ୍ଷ ଶତ୍ରୁତା ଯୋଗୁ ବିଚଳିତ ହୋଇପାରନ୍ତି।

**ମକର** ମତାନ୍ତରଜନିତ ଉଚ୍ଚ ପଦାଧିକାରୀଙ୍କ ସହ ମତ ପାର୍ଥକ୍ୟ କାରଣରୁ ବିକଳ୍ପ ଚିନ୍ତା କରିବେ। ଆନୁଷ୍ଠାନିକ କାର୍ଯ୍ୟାରମ୍ଭରେ କେତେକ କାରଣକୁ ନେଇ ଖୁସି ହୋଇ ପାରିବେ ନାହିଁ। ସାଧାରଣ ଘଟଣାରେ ସହକର୍ମୀଙ୍କ ସହ ସମ୍ପର୍କ ହାନି ଦୁଶ୍ଚିନ୍ତାର କରଣ ହୋଇପାରେ। ବନ୍ଧୁଙ୍କ ନିକଟରୁ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**କୁମ୍ଭ** ଦୈହିକ ସୁସ୍ଥତା ରହିଥିଲେ ମଧ୍ୟ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ନେଇ ଅସନ୍ତୁଷ୍ଟ ରହିପାରନ୍ତି। ଘରୋଇ କଥା, ଆନୁଷ୍ଠାନିକ ତଥା ସାମାଜିକ କାମରେ କଳହ ସୃଷ୍ଟି ହେବ। ପରିବାର ସକାଶେ ଅଳଙ୍କାର ଓ ବସନ ଭୂଷଣ କ୍ରୟ କରିପାରନ୍ତି। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି କାମ କରିବା ପୂର୍ବରୁ ଆଉଥରେ ଚିନ୍ତା କରିବା ଭଲ ହେବ।

**ମୀନ** କର୍ମକ୍ଷେତ୍ରରେ କେତେକ ନୂତନ ସୁଯୋଗ ପାଇବାର ମାର୍ଗ ଉନ୍ମୋଚିତ ହୋଇପାରେ । ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ ଓ ସହମତି ମାଧ୍ୟମରେ କାମ କରିପାରିବେ। ଆନୁଷ୍ଠାନିକ କାମରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବାରୁ ଖର୍ଚ୍ଚଣି ବଢ଼ିଯିବ। ଆକସ୍ମିକ ଭାବରେ ଭ୍ରମଣ ସୁଯୋଗ ଲାଭ କରିପାରନ୍ତି।

ଆଜି ମେ ୧୮ ତାରିଖ, ସଂଗ୍ରହାଳୟ ଦିବସ, ଜ୍ୟେଷ୍ଠ କୃଷ୍ଣ ଷଷ୍ଠୀ ରବିବାର। ରାଶିନକ୍ଷତ୍ର-ଉତ୍ତରାଷାଢ଼ା/ମକର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ. ୦୬.୫୭ ଗତେ ଘ.୦୯.୩୩ ମଧ୍ୟେ, ଘ.୦୧.୨୦ ଗତେ ଘ.୦୨.୪୪ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୪.୩୫ ଗତେ ଘ. ୦୬.୧୨ ମଧ୍ୟେ ରାହୁ କାଳ ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବୋହି ଯାଉଥାଏ ସୁଅ ମୁହଁରେ
ପିମ୍ପୁଡ଼ି ଗାତରେ ଲାଗେ।**

ଅନ୍ୟଦିଗରେ ବହୁତ ଖର୍ଚ୍ଚ ହେଲାବେଳେ ସାମାନ୍ୟ କଥାରେ କୃପଣତା ପ୍ରକାଶ କରିବା ମୂର୍ଖାମୀର ଲକ୍ଷଣ ହୋଇଥାଏ। ଅଜସ୍ର ଖର୍ଚ୍ଚକୁ ନ ରୋକି ସାମାନ୍ୟ ବ୍ୟୟ ପ୍ରତି କଟକଣା ଜାରି କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ବରଷା ରାତି, ଶୀତ ପାହାନ୍ତି,
ଦି'ପହରିଆ ଖରା;
ଏ ତିନି ବେଳେ ଯେ ବାଡ଼ିକି ଗଲା,
ଜିଇ ଥାଉଁ ଥାଉଁ ମଲା।**

ବର୍ଷା ରାତିରେ ଘରୁ ପଦାକୁ ଗୋଡ଼କାଢ଼ିବା ନିରାପଦ ହୋଇ ନ ଥାଏ। ସେହିପରି ଶୀତ ଦିନ ଭୋର ସମୟରେ ଏବଂ ଦିପହର ଖରା ବେଳରେ ବାହାରକୁ ଶୌଚ କରିବାକୁ ଯାଉଥିବା ବ୍ୟକ୍ତି ହଇରାଣ ବା ହୀନସ୍ଥା ଭୋଗିବା ସାର ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ବିଶିଷ୍ଟ ଚିତ୍ରଶିଳ୍ପୀ ରାଜବଲ୍ଲଭ ସାହୁଙ୍କ ପରଲୋକ

ସୋର,୧୭।୫(ଜନ୍ମେଜୟ ମିଶ୍ର)



ବିଶିଷ୍ଟ ଚିତ୍ରଶିଳ୍ପୀ ତଥା ବାଲେଶ୍ୱର ଜିଲା ସୋରସ୍ଥିତ ବାଗୁଡ଼ି ଶିକ୍ଷକ ପ୍ରଶିକ୍ଷଣ ବିଦ୍ୟାଳୟର ଅବସରପ୍ରାପ୍ତ କଳା ଶିକ୍ଷକ ରାଜବଲ୍ଲଭ ସାହୁ(୭୦)ଙ୍କର ଶୁକ୍ରବାର ବିଳମ୍ବିତ ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ଉତ୍ତରେଶ୍ୱରସ୍ଥିତ ବାସଭବନରୁ ସୋର ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ପୈତୃକ ଗ୍ରାମ ଜଳେଶ୍ୱରସ୍ଥିତ କୁଳିନ୍ଦା ଗ୍ରାମକୁ ମରଶରୀର ନିଆଯାଇ ସତ୍କାର କରାଯାଇଛି। ପୁତ୍ର ଅରୁ ଅଶିଷ ବଲ୍ଲଭ ସାହୁ ମୁଖାଗ୍ନି ଦେଇଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ତଥା ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଦୀପ୍ତିରାଣୀ ଦଣ୍ଡପାଟଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ଦେହାନ୍ତ ଖବର ପ୍ରଚାରିତ ହେବା ପରେ ବିଶିଷ୍ଟ ବ୍ୟକ୍ତିବିଶେଷ ଶୋକ ପ୍ରକାଶ କରିଛନ୍ତି। ରାଜବଲ୍ଲଭ ସୋରସ୍ଥିତ ବାଗୁଡ଼ି ଶିକ୍ଷକ ପ୍ରଶିକ୍ଷଣ ବିଦ୍ୟାଳୟରେ କଳା ଶିକ୍ଷକ ଭାବେ କାର୍ଯ୍ୟକରି ୨୦୧୬ ଡିସେମ୍ବରରେ ଅବସର ନେଇଥିଲେ। ପରେ ସେ ନିଜ ବାସଭବନଠାରେ 'କଳାଘର' ନାମକ ଏକ ଚିତ୍ରଶିଳ୍ପୀ କେନ୍ଦ୍ର ପ୍ରତିଷ୍ଠା କରି ପିଲାଙ୍କୁ ଶିକ୍ଷା ଦେଉଥିଲେ। ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର 'ଉତ୍କଳ କଳା ଓ ସଂସ୍କୃତି ପ୍ରତିଷ୍ଠାନ' ସହ ଦୀର୍ଘବର୍ଷ ଧରି ଜଡ଼ିତ ରହି କଳାର ବିକାଶ ଦିଗରେ କାର୍ଯ୍ୟ କରିଥିଲେ।

# ପିସିସିରେ ୭ ଉପସଭାପତି, ୧୦ ସାଧାରଣ ସମ୍ପାଦକ, ୧୨ ସମ୍ପାଦକ ନିଯୁକ୍ତ

ଭୁବନେଶ୍ୱର, ୧୭।୫(ସୁନିତ୍ ମିଶ୍ର)

ଏଆଇସିସି ପକ୍ଷରୁ ବିଭିନ୍ନ ପଦପଦବୀ ନେଇ ଘୋଷଣା କରାଯାଇଛି। ଦଳ ପିସିସି ସାମାଜିକ ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଭାବେ ସତ୍ୟଜିତ ଗମାଙ୍ଗଙ୍କୁ ଦାୟିତ୍ୱ ଦେଇଥିବା ବେଳେ ସହ-ଅଧ୍ୟକ୍ଷ ଭାବେ ସନ୍ତୋଷ ପ୍ରଧାନଙ୍କୁ ନିଯୁକ୍ତ କରିଛି। ସେହିପରି ଆଇନଜୀବୀ ମାନସ ମଲିକଙ୍କୁ ଅନୁସୂଚିତ ଜାତି ବିଭାଗର ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ସେହିପରି ଏଆଇସିସି ପକ୍ଷରୁ ସିଦ୍ଧାର୍ଥ ସ୍ୱରୂପ ଦାସଙ୍କୁ କୋଷାଧ୍ୟକ୍ଷ, ୭ ଜଣଙ୍କୁ ଉପସଭାପତି ଭାବେ ନିଯୁକ୍ତ କରାଯାଇଛି। ସେମାନଙ୍କ ମଧ୍ୟରେ ବିଧାୟକ ତାରାପ୍ରସାଦ ବାହିନୀପତି, ରମେଶ ଜେନା, ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା, ଦେବାଶିଷ ପଟ୍ଟନାୟକ, ବିଧାୟକ ସି.ଏସ୍. ରାଜନ୍ ଏକ୍କା, ବରିଷ୍ଠ ନେତା ଲଲାଟେନ୍ଦୁ ମହାପାତ୍ର ଏବଂ ସସ୍ମିତା ବେହେରା ରହିଛନ୍ତି। ସେହିଭଳି ୧୦ ଜଣଙ୍କୁ ସାଧାରଣ ସମ୍ପାଦକ ଦାୟିତ୍ୱ ମିଳିଛି। ସେମାନଙ୍କ ମଧ୍ୟରେ ବିଧାୟକ ଅଶୋକ ଦାସ, ଆପଲସ୍ୱାମୀ କାଡ୍ରାକା, ପ୍ରଫୁଲ୍ଲ ପ୍ରଧାନ, ମଙ୍ଗୁ ଖିଲ, ପବିତ୍ର ସାଉଁନ୍ତା, ନୀଳମାଧବ ହିକ୍କା, ସୁବର୍ଣ୍ଣ ନାୟକ, ୟାସିର ନୱାଜ, ବିଜୟାନନ୍ଦ ଚାଉଳିଆ ଏବଂ ମଧୁସ୍ମିତା ସେଠୀ ରହିଛନ୍ତି। ସମ୍ପାଦକ ଭାବେ ୧୨ ଜଣ ନିଯୁକ୍ତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ଟୁଲେଶ୍ୱର ନାଏକ, ସସ୍ମିତା ପଣ୍ଡା, ଶିଳ୍ପିଶ୍ରୀ ହରିଚନ୍ଦନ, ଦେବସ୍ମିତା ଶର୍ମା, ଲକ୍ଷ୍ମୀଧର ସିଂ, ଦିଲୀପ ଦୁରିଆ, ରୂପକ ତୁରୁକ, ସୀମାଞ୍ଚଳ ଗିରି ଉଲାକା, ମନୀଷା ତ୍ରିପାଠୀ, ସାକ୍କା ସୁଜିତ, ମୋହନ ହେମ୍ବ୍ରମ ଏବଂ ଅନିମା ମିନ୍‌ଜ ରହିଛନ୍ତି।

# କଂଗ୍ରେସ ବାଦ୍ ...

ପ୍ରଥମ ପୃଷ୍ଠାରୁ...

ସର୍ବଦଳୀୟ ପ୍ରତିନିଧି ଟିମ୍‌ଗୁଡ଼ିକର ନେତୃତ୍ୱ ନେବାକୁ ଥିବା ନେତାମାନଙ୍କ ମଧ୍ୟରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ୪ ଓ ଇଣ୍ଡିଆ ବ୍ଲକ୍‌ର ୩ ଜଣ ରହିଛନ୍ତି। ସେମାନେ ହେଲେ ଭାଜପା ଏମ୍‌ପି ରବିଶଙ୍କର ପ୍ରସାଦ, ବୈଜୟନ୍ତ ପଣ୍ଡା, ସଂଯୁକ୍ତ ଜନତା ଦଳ (ଜେଡିୟୁ)ର ସଞ୍ଜୟ କୁମାର ଝା, ଦ୍ରାବିଡ ମୁନେତ୍ରା କାଝାଗାମ(ଡିଏମ୍‌କେ)ର କାନିମୋଝି କରୁଣାନିଧି, ଶରଦ ପାୱାରଙ୍କ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପିଏସ୍‌ପି)ର ସୁପ୍ରିୟା ସୁଲେ, ଏକନାଥ ଶିନ୍ଦେଙ୍କ ଶିବସେନାର ଶ୍ରୀକାନ୍ତ ଶିନ୍ଦେ। ପ୍ରତି ଡେଲିଗେଶନ୍‌ରେ ବିଶିଷ୍ଟ କୂଟନୀତିଜ୍ଞମାନଙ୍କୁ ମଧ୍ୟ ରଖାଯାଇଛି। ଭାଜପା ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ସାଉଦି ଆରବ, କୁଏଟ୍, ବାହାରିନ୍ ଓ ଆଲଜେରିଆ ଗସ୍ତ କରିବାକୁ ଥିବା ପ୍ରତିନିଧି ମଣ୍ଡଳୀରେ ନିଶିକାନ୍ତ ଦୁବେ, ଫାଙ୍ଗନୋନ୍ କୁନ୍ୟାକ, ରେଖା ଶର୍ମା, ଅସାଦୁଦ୍ଦିନ ଓୱାଇସି, ସତ୍‌ନାମ ସିଂ ସାନ୍ଧୁ, ଗୁଲାମ ନବୀ ଆଜାଦ ଓ ହର୍ଷ ଶ୍ରୀଙ୍ଗ୍‌ଲା ରହିଛନ୍ତି। ସେହିପରି ପୂର୍ବତନ କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦଙ୍କ ଟିମ୍‌ରେ ବ୍ରିଟେନ୍, ଫ୍ରାନ୍ସ, ଜର୍ମାନୀ, ୟୁରୋପୀୟ ସଂଘ, ଇଟାଲୀ ଓ ଡେନ୍‌ମାର୍କ ଯିବାକୁ ଥିବା ସଦସ୍ୟମାନେ ହେଲେ ଡି. ପୁରନ୍ଦେଶ୍ୱରୀ, ପ୍ରିୟଙ୍କା ଚତୁର୍ବେଦୀ, ଗୁଲାମ ଅଲି ଖଟାନା, ଅମର ସିଂ, ସମିକ୍ ଭଟ୍ଟାଚାର୍ଯ୍ୟ, ଏମ୍.ଜେ. ଆକବର ଏବଂ ପଙ୍କଜ ଶରନ୍। ଜେଡିୟୁ ଏମ୍‌ପି ସଞ୍ଜୟ ଝା'ଙ୍କ ନେତୃତ୍ୱରେ ଅପରାଜିତ ଷଡ଼ଙ୍ଗୀ, ୟୁସୁଫ୍ ପଠାନ, ବ୍ରିଜଲାଲ୍, ଜନ୍ ବ୍ରିଟ୍ଟାଶ, ପ୍ରଦାନ ବରୁଆ, ହେମାଙ୍ଗ ଜୋଷୀ, ସଲ୍‌ମାନ ଖୁର୍ଶିଦ, ମୋହନ କୁମାର ଇଣ୍ଡୋନେସିଆ, ମାଲେସିଆ, ଦକ୍ଷିଣ କୋରିଆ, ଜାପାନ ଓ ସିଙ୍ଗାପୁର ଗସ୍ତ କରିବେ। ଶିବସେନା ଏମ୍‌ପି ଶ୍ରୀକାନ୍ତ ଶିନ୍ଦେଙ୍କ ନେତୃତ୍ୱାଧୀନ ଟିମ୍‌ରେ ବାଂଶୁରୀ ସ୍ୱରାଜ, ଇ.ଟି. ମହମ୍ମଦ ବସିର, ଅତୁଲ ଗର୍ଗ, ସସ୍ମିତ୍ ପାତ୍ର, ମନୋଜ କୁମାର ମିଶ୍ରା, ଏସ୍.ଏସ୍. ଅହଲୁୱାଲିଆ ଓ ସୃଜନ ଚିରୋୟ ୟୁଏଇ, ଲାଇବେରିଆ, କଙ୍ଗୋ ଏବଂ ସିଏରା ଲିଓନ୍ ଯାତ୍ରା କରିବେ। କଂଗ୍ରେସ ଏମ୍‌ପି ଶଶୀ ଥରୁରଙ୍କ ଟିମ୍ ଆମେରିକା, ପାନାମା, ଗୁଏନା, ବ୍ରାଜିଲ ଓ କଲମ୍ବିଆ ଗସ୍ତ କରିବ। ଏଥିରେ ଶ୍ରୀମତୀ ସମ୍ଭାବୀ, ସର୍ଫରାଜ ଅହମଦ, ଜି.ଏମ୍. ହରିଶ ବାଲାଯୋଗୀ, ଶଶାଙ୍କମଣି ତ୍ରିପାଠୀ, ଭୁବନେଶ୍ୱର କଳିତା, ମିଲିନ୍ଦ ଦେଓରା, ତରନଜିତ୍ ସିଂ ସାନ୍ଧୁ ଓ ତେଜସ୍ୱୀ ସୂର୍ଯ୍ୟାଙ୍କୁ ସ୍ଥାନ ମିଳିଛି। ଡିଏମ୍‌କେ ଏମ୍‌ପି କାନିମୋଝି କରୁଣାନିଧିଙ୍କ ଟିମ୍‌ରେ ରାଜୀବ ରାୟ, ମିଆନ୍ ଅଲତାଫ ଅହମଦ, ବ୍ରିଜେଶ ଚୌଟା, ପ୍ରେମ୍‌ଚନ୍ଦ ଗୁପ୍ତା, ଅଶୋକ କୁମାର ମିତ୍ତଲ, ମନ୍‌ଜିତ ଏସ୍. ପୁରୀ ଏବଂ ଜାଭେଦ ଅଶ୍ରଫ୍‌ଙ୍କୁ ରଖାଯାଇଛି। ଏହି ଟିମ୍ ସ୍ପେନ୍, ଗ୍ରୀସ୍, ସ୍ଲୋଭେନିଆ, ଲାଟ୍‌ଭିଆ ଓ ରୁଷିଆ ଗସ୍ତ କରିବେ। ସେହିପରି ଏନ୍‌ସିପି(ଏସ୍‌ପି) ଏମ୍‌ପି ସୁପ୍ରିୟା ସୁଲେଙ୍କ ଟିମ୍‌ରେ ରାଜୀବ ପ୍ରତାପ ରୁଡ୍ଡୀ, ବିକ୍ରମଜିତ୍ ସିଂ ସାହାଣୀ, ମନୀଷ ତିୱାରୀ, ଅନୁରାଗ ସିଂ ଠାକୁର, ଲଭୁ ଶ୍ରୀକ୍ରିଷ୍ଣା ଦେବରାୟଲୁ, ଆନନ୍ଦ ଶର୍ମା, ଭି. ମୁରଲୀଧରନ, ସୟଦ ଆକବରୁଦ୍ଦିନଙ୍କୁ ସାମିଲ କରାଯାଇଛି। ଏହି ଟିମ୍ ଇଜିପ୍ଟ, କାତାର, ଇଥିଓପିଆ ଓ ଦକ୍ଷିଣ ଆଫ୍ରିକା ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଶନିବାର ରାତିରେ ସୂଚନା ଦେଇଛନ୍ତି। ସଞ୍ଜୟ ଝାଙ୍କ ଟିମ୍‌ରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ସଲମାନ୍ ଖୁର୍ସିଦଙ୍କୁ ରଖାଯାଇଛି, ଯିଏକି ବର୍ତ୍ତମାନ ଏମ୍‌ପି ନାହାନ୍ତି। ସରକାର ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ସୁଦୀପ ବନ୍ଦୋପାଧ୍ୟାୟଙ୍କୁ ମଧ୍ୟ ଏଥିରେ ସାମିଲ କରିଥିଲେ। କିନ୍ତୁ ସେ ସ୍ୱାସ୍ଥ୍ୟଗତ କାରଣରୁ ଯାଇପାରିବେ ନାହିଁ ବୋଲି ଜଣାଇଦେଇଛନ୍ତି। ଅପରେଶନ୍ ସିନ୍ଦୂର ପରିପ୍ରେକ୍ଷୀରେ ସୀମାପାର ଆତଙ୍କବାଦ ବିରୋଧରେ ଭାରତର ନିରନ୍ତର ଲଢ଼େଇ ଜାରି ରହିଛି। ଚଳିତମାସରେ ଏହି ୭ ଟିମ୍‌ର ସଦସ୍ୟମାନେ ଭାରତର ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ରାଷ୍ଟ୍ର ଏବଂ ୟୁଏନ୍‌ଏସ୍‌ସି ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ଯାଇ ଦେଶର ଆତଙ୍କବାଦୀ ନିରୋଧୀ ବାର୍ତ୍ତା ପହଞ୍ଚାଇବେ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତିରେ ସ୍ପଷ୍ଟ କରାଯାଇଛି। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଏନେଇ ଏକ୍ସ'ରେ ପୋଷ୍ଟ କରିଛନ୍ତି। ଆତଙ୍କବାଦ ବିରୋଧରେ ସାରା ଦେଶ ଏକଜୁଟ୍ ହୋଇ ରହିଛି। ୭ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ଆତଙ୍କବାଦ ପ୍ରତି ଆମ ଶୂନ୍ୟ ସହନଶୀଳ ନୀତିର ବାର୍ତ୍ତା ନେଇ ଖୁବ୍‌ଶୀଘ୍ର ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ରାଷ୍ଟ୍ରଗୁଡ଼ିକୁ ଗସ୍ତ କରିବେ। ଦଳୀୟ ରାଜନୀତି ଓ ମତଭେଦ ଊର୍ଦ୍ଧ୍ୱରେ ଏହା ଜାତୀୟ ଏକତାର ଏକ ପ୍ରଭାବଶାଳୀ ପ୍ରତିଫଳନ ବୋଲି ରିଜିଜୁ ଏଥିରେ ଉଲ୍ଲେଖ କରିଛନ୍ତି।




# ୫୫ ଦିନରେ ରାୟ, ଅଭିଯୁକ୍ତଙ୍କୁ ୨୫ବର୍ଷ ଜେଲ

**ଝାରସୁଗୁଡ଼ା, ୧୭।୫(ଆଶିଷ ରଞ୍ଜନ ଦାଶ)**

## ନାବାଳକଙ୍କ ସହ ଅପ୍ରାକୃତ ଯୌନ ସମ୍ପର୍କ ରଖିବା ମାମଲା




ବିଚାରବିଭାଗୀୟ ମାମଲାର ରାୟ ପ୍ରକାଶ ପାଇବା ପାଇଁ ବର୍ଷ ବର୍ଷ ସମୟ ଲାଗି ଯାଉଥିବାବେଳେ ଝାରସୁଗୁଡ଼ା ଅତିରିକ୍ତ ଜିଲା ଦୌରାଜଜ୍ ତଥା ପୋକ୍ସୋ କୋର୍ଟ ଏକ ମାମଲାର ଦ୍ରୁତ ବିଚାର କରି ମାତ୍ର ୫୫ ଦିନରେ ରାୟ ପ୍ରକାଶ କରିଛନ୍ତି। ଜଣେ ନାବାଳକଙ୍କ ସହିତ ଅପ୍ରାକୃତିକ ଯୌନ ସମ୍ପର୍କ ରଖିବା ମାମଲାରେ ଝାରସୁଗୁଡ଼ା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ପୂଜା ଷଡ଼ଙ୍ଗୀ ଶନିବାର ଜଣେ ଅଭିଯୁକ୍ତଙ୍କୁ ୨୫ବର୍ଷ ଜେଲଦଣ୍ଡ ଓ ୧୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ସ୍ପଷ୍ଟ କରିଛନ୍ତି। ଅଭିଯୁକ୍ତ ହେଲେ ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ଅଞ୍ଚଳର ଅଜିତ୍ ନାଗ (୨୬)। ଏଥିସହ ପୀଡ଼ିତ ନାବାଳକଙ୍କୁ କ୍ଷତିପୂରଣ ବାବଦ ଅନୁକମ୍ପାମୂଳକ ରାଶି ପ୍ରଦାନ ପାଇଁ ଜିଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଗତ ମାର୍ଚ୍ଚ ୨୧ ତାରିଖ ଅପରାହ୍ନ ୫ଟାରେ ବ୍ରଜରାଜନଗର ଥାନା ଅଞ୍ଚଳର ୧୧ ବର୍ଷୀୟ ଜଣେ ନାବାଳକଙ୍କୁ ଅଭିଯୁକ୍ତ ଅଜିତ୍ ନିଜ ବାଇକ୍‌ରେ ବସାଇ ଗ୍ରାମଠାରୁ କିଛି ଦୂର ଏକ ପୁରୁଣା ଭଙ୍ଗାଘରକୁ ନେଇଥିଲେ। ସେଠାରେ ସେ ତାଙ୍କ ସହ ଅପ୍ରାକୃତିକ ଯୌନ ସମ୍ପର୍କ ସ୍ଥାପନ କରିଥିଲେ। ଏ ସମ୍ପର୍କରେ କାହାକୁ ଜଣାଇଲେ ଜୀବନରେ ମାରିଦେବା ପାଇଁ ଅଭିଯୁକ୍ତ ଧମକ ଦେଇଥିଲେ। ପରେ ନାବାଳକ ଘରକୁ ଫେରି ଘଟଣା ସମ୍ପର୍କରେ ତାଙ୍କ ମା'ଙ୍କୁ ଜଣାଇଥିଲେ। ଏନେଇ ନାବାଳକଙ୍କ ମା' ମାର୍ଚ୍ଚ ୨୩ ତାରିଖ ରାତିରେ ବ୍ରଜରାଜନଗର ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା(ନଂ.୨୦/୨୫) ରୁଜୁ କରିଥିଲା। ତଦନ୍ତ କରି ମାର୍ଚ୍ଚ ୨୭ରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପଚରାଉଚରାବେଳେ ଅଭିଯୁକ୍ତ ଜଣଙ୍କ ପୂର୍ବରୁ ଅନେକ ନାବାଳକଙ୍କୁ ଏଭଳି ଅପ୍ରାକୃତିକ ଯୌନ ସମ୍ପର୍କ ରଖିବା ପାଇଁ ବାଧ୍ୟ କରିଥିବା ଏବଂ ଏକ ବଳାତ୍କାର ମାମଲାରେ ଝାରସୁଗୁଡ଼ା ଜେଲରେ ରହିଥିବା ପୋଲିସ ଜାଣିବାକୁ ପାଇଥିଲା। ଏପ୍ରିଲ ୮ରେ ପୋଲିସ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଥିଲା। ବିଚାରପତି ଷଡ଼ଙ୍ଗୀ ମାମଲାର ଶୁଣାଣି କରିବା ସହ ୨୭ଜଣ ସାକ୍ଷୀ ଓ ୬୨ଟି ଦସ୍ତାବିଜକୁ ବିଚାରକୁ ନେଇ ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରୀ ଓକିଲ ପ୍ରକାଶ ମହାନ୍ତି, ସ୍ପେସିଆଲ ପିପି ପୃଥ୍ୱୀରାଜ ହରିଚନ୍ଦନ ସରକାରଙ୍କ ତରଫରୁ ମାମଲା ପରିଚାଳନା କରୁଥିଲେ।

# ଶୀତଳଭଣ୍ଡାର ପାଇଁ ଆବେଦନକଲେଣି ୮୨ ଉଦ୍ୟୋଗୀ

**ଭୁବନେଶ୍ୱର, ୧୭।୫(ସୁନିତ୍ ମିଶ୍ର)**

କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ କୃଷି ଭବନସ୍ଥିତ ସମ୍ମିଳନୀ କକ୍ଷରେ ଓଡ଼ିଶା ଶୀତଳ ଭଣ୍ଡାର ଆସୋସିଏସନ ସଦସ୍ୟ ଏବଂ ଶୀତଳ ଭଣ୍ଡାର ସ୍ଥାପନ ନିମିତ୍ତ ଇଚ୍ଛୁକ ଉଦ୍ୟୋଗୀଙ୍କ ମଧ୍ୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭାଗୀୟ ଅଧିକାରୀମାନେ ଉଦ୍ୟୋଗୀମାନଙ୍କ ସହ ରାଜ୍ୟ ସରକାରଙ୍କ ନୂତନ ଶୀତଳ ଭଣ୍ଡାର ନୀତି ସମ୍ପର୍କରେ ସବିଶେଷ ଆଲୋଚନା କରିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟର ଅଦ୍ୟାବଧି ୨୫ ଜିଲାର ୮୨ ଜଣ ଆଗ୍ରହୀ ଉଦ୍ୟୋଗୀ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଗୋ-ସୁଗମ ପୋର୍ଟାଲରେ ପଞ୍ଜୀକରଣ କରିଛନ୍ତି। ଖୁବ୍‌ଶୀଘ୍ର ଏହା ଉପରେ ପ୍ରକ୍ରିୟା ଆରମ୍ଭ କରାଯିବ।

ସରକାରଙ୍କ ଏହି ପଦକ୍ଷେପ ଆଗାମୀ ଦିନରେ କୃଷିଜାତ ଦ୍ରବ୍ୟର ସଂରକ୍ଷଣ ସହ କୃଷି ଅର୍ଥନୀତିକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ ବୋଲି ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା କୃଷି ଉଦ୍ୟୋଗୀମାନେ ମତବ୍ୟକ୍ତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ଶୀତଳ ଭଣ୍ଡାର ଆସୋସିଏସନର ସଦସ୍ୟବୃନ୍ଦ ସରକାରଙ୍କ ଏହି ଅଭିନବ ପଦକ୍ଷେପକୁ ପ୍ରଶଂସା କରିବା ସହ ସେମାନଙ୍କ ମତାମତ ଉପସ୍ଥାପନ କରିଥିଲେ, ଯାହା ଭବିଷ୍ୟତରେ ସରକାରଙ୍କ ଏହି ନୀତିକୁ ଆହୁରି ସହଜ ଏବଂ ସରଳ କରାଯାଇପାରିବ। ଉଦ୍ୟୋଗୀମାନଙ୍କ ସକାରାତ୍ମକ ପରାମର୍ଶକୁ ଆଗାମୀ ଦିନରେ କାର୍ଯ୍ୟକାରୀ କରିବା ନେଇ ପ୍ରମୁଖ ଶାସନ ସଚିବ ସୂଚନା ପ୍ରଦାନ କରିଛନ୍ତି। ଏହି ଅବସରରେ ସମସ୍ତ ଯୋଗ୍ୟ ଉଦ୍ୟୋଗୀଙ୍କୁ ବିଭାଗ ତରଫରୁ ସବୁ ପ୍ରକାର ସହାୟତା ପ୍ରଦାନ କରାଯିବ ବୋଲି ପ୍ରମୁଖ ଶାସନ ସଚିବ କହିଛନ୍ତି। ଏଥିସହ ସରକାରୀ ଆର୍ଥିକ ସହାୟତା ଉପଲବ୍ଧ କରିବା ପାଇଁ ଉଦ୍ୟୋଗୀମାନଙ୍କୁ ଅବିଳମ୍ବେ ଗୋ-ସୁଗମ ପୋର୍ଟାଲରେ ଆବେଦନ କରିବା ପାଇଁ ପରାମର୍ଶ ପ୍ରଦାନ କରାଯାଇଛି।

# ଆହୁରି ୩ଦିନ ଖରା, କାଳବୈଶାଖୀ

ଭୁବନେଶ୍ୱର, ୧୭।୫ (ଅନୁରାଧା ମହାରଣା)- ଖରା ଓ ଗୁଳୁଗୁଳିରେ ରାଜ୍ୟବାସୀ ହନ୍ତସନ୍ତ ହେଉଥିବାବେଳେ ଅପରାହ୍ନରେ ବଜ୍ରପାତ ଭୟ ଲାଗି ରହିଛି। ତେବେ ଆହୁରି ୩ଦିନ ରାଜ୍ୟକୁ କାଳବୈଶାଖୀ ସମ୍ଭାବନା ରହିଥିବାବେଳେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ରବିବାର କେନ୍ଦୁଝର, ମୟୂରଭଞ୍ଜ, କୋରାପୁଟ, ରାୟଗଡ଼ା ଓ ମାଲକାନଗିରି ଜିଲାର କିଛି ସ୍ଥାନରେ ପ୍ରବଳ ବର୍ଷା, ବିଜୁଳି ଘଡ଼ଘଡ଼ି ସହ ୫୦ରୁ ୬୦କି.ମି. ବେଗରେ ପବନ ବହିବ। ତେଣୁ ଏହିସବୁ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ବାଲେଶ୍ୱର, ଭଦ୍ରକ, ଗଞ୍ଜାମ, ଗଜପତି, ସୁନ୍ଦରଗଡ଼, ନୂଆପଡ଼ା, କଳାହାଣ୍ଡି ଓ ନବରଙ୍ଗପୁର ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି। ସୋମବାର ୧୯ ତାରିଖରେ ଗଜପତି, ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଞ୍ଜ, ବରଗଡ଼, ବଲାଙ୍ଗୀର, କୋରାପୁଟ ଓ ରାୟଗଡ଼ାରେ ପ୍ରବଳ ବର୍ଷା ପବନ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏଥିସହ ଝଟକା ପବନର ବେଗ ୩୦ରୁ ୪୦ କି.ମି. ରହିବାର ସମ୍ଭାବନା ରହିଛି। ୧୯ ତାରିଖ ସକାଳଠାରୁ ୨୦ ତାରିଖ ସକାଳ ସମୟରେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, କୋରାପୁଟ ଓ ରାୟଗଡ଼ା ଜିଲାରେ ବିଜୁଳି ଘଡ଼ଘଡି ସହ ଝଟକା ପବନର ବେଗ ୩୦ରୁ ୪୦ କି.ମି. ରହିବ।

# ତ୍ରିରଙ୍ଗା ଯାତ୍ରା ଆତଙ୍କବାଦ ବିରୋଧରେ ଦେଶକୁ ସଶକ୍ତ କରିବ: ମୋହନ

## ଶୋଭାଯାତ୍ରାର ଉଦ୍‌ଘାଟନକଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର ଲିଙ୍ଗିପୁର ପଞ୍ଚାୟତରେ ଆୟୋଜିତ ତ୍ରିରଙ୍ଗା ଶୋଭାଯାତ୍ରାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଦଳୀୟ ନେତା ଓ କର୍ମୀ।

**ଭୁବନେଶ୍ୱର, ୧୭।୫(ସୁନିତ୍ ମିଶ୍ର)**

ଅପରେଶନ ସିନ୍ଦୂର'ର ସଫଳତା ପାଳନ ଅବସରରେ ଭୁବନେଶ୍ୱର ଲିଙ୍ଗିପୁର ପଞ୍ଚାୟତରେ ଆୟୋଜିତ ତ୍ରିରଙ୍ଗା ଶୋଭାଯାତ୍ରାକୁ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନକରିବା ସହ ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଲିଙ୍ଗିପୁର ପଞ୍ଚାୟତର ନୂଆଗାଁ ଛକଠାରୁ ଝାଡୁମଲ୍ଲୀ ମନ୍ଦିର ପର୍ଯ୍ୟନ୍ତ ହଜାର ହଜାର ଲୋକଙ୍କ ସହ ପ୍ରାୟ ୨ କି.ମି. ଅଞ୍ଚଳ ଶୋଭାଯାତ୍ରା କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଅପରେଶନ ସିନ୍ଦୂର'ର ସଫଳତା ପରେ ଉକ୍ତ ତ୍ରିରଙ୍ଗା ଯାତ୍ରା ଆତଙ୍କବାଦ ବିରୋଧରେ ଦେଶର ଅଭିଯାନକୁ ଆହୁରି ସଶକ୍ତ କରିବ। ଜାତି, ଧର୍ମ ନିର୍ବିଶେଷରେ ସବୁ ଭାରତୀୟ ଯେତେବେଳେ ତ୍ରିରଙ୍ଗା ତଳେ ଏକଜୁଟ ହେବେ, ସେତେବେଳେ କୌଣସି ଶକ୍ତି ଆମ ବିରୋଧରେ ସଫଳ ହେବେ ନାହିଁ। ଆମ ଜାତୀୟ ପତାକା ତ୍ରିରଙ୍ଗା ହେଉଛି, ଆମର ସଂକଳ୍ପ, ସଂଘର୍ଷ, ବଳିଦାନ ଓ ତ୍ୟାଗର ପ୍ରେରଣାଦାୟୀ ମୂକସାକ୍ଷୀ। ସୈନ୍ୟବାହିନୀର ବୀର ଯବାନମାନେ ଆମ ମା' ଓ ଭଉଣୀମାନଙ୍କ ସିନ୍ଦୂରର ମର୍ଯ୍ୟାଦା ରଖିଛନ୍ତି, ସେଥିପାଇଁ ସେ ସେମାନଙ୍କୁ ସଲାମ କରୁଛନ୍ତି ବୋଲି କହିଛନ୍ତି । ପ୍ରତ୍ୟେକ ଭାରତୀୟ ଶାନ୍ତି ଓ ସୁରକ୍ଷାର ସହ ରହିବା ପାଇଁ ଭାରତବର୍ଷ ଶକ୍ତିଶାଳୀ ହେବା ଜରୁରୀ, ଆବଶ୍ୟକ ପଡ଼ିଲେ ଆମ ପାଇଁ ଶକ୍ତି ପ୍ରଦର୍ଶନ ମଧ୍ୟ ଜରୁରୀ ଏବଂ 'ଅପରେଶନ ସିନ୍ଦୂର'ରେ ଏହା ପ୍ରମାଣିତ ହୋଇଛି। ଆତଙ୍କବାଦ ଗତିବିଧି ବିରୋଧରେ ଭାରତ ଶୂନ୍ୟ ସହନଶୀଳ ନୀତି ଆପଣାଇପାରିବ। ଶୋଭାଯାତ୍ରାରେ ଏକାମ୍ର ବିଧାୟକ ବାବୁ ସିଂ, ଭାଜପା ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ ।

# ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଚାଷୀ ମୃତ: ରାସ୍ତାରୋକୋ



କ୍ଷତିପୂରଣ ଦାବିରେ କଟକ ରାସ୍ତାର କୁଶୁପଙ୍ଗି ଛକରେ ରାସ୍ତାରୋକୋ କରିଥିବା ଉତ୍ତ୍ୟକ୍ତ ଲୋକଙ୍କ ସହ ପରିବାର ସଦସ୍ୟ।

**ବାଙ୍କୀ, ୧୭।୫(ଶୁଭେନ୍ଦୁ ମହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର )**

## ବାର୍‌ହା ଶିକାର ପାଇଁ ବିଦ୍ୟୁତ୍ ସଂଯୋଗ କରାଯାଇଥିଲା

କଟକ ଜିଲା ବାଙ୍କୀ ଥାନା ଅନ୍ତର୍ଗତ କୁଶୁପଙ୍ଗି ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ବାର୍‌ହା ଶିକାର ପାଇଁ ଲଗାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଉକ୍ତ ଗ୍ରାମର ଗନ୍ଧର୍ବ ଘଡ଼େଇ। ଏହାପରେ କ୍ଷତିପୂରଣ ଦାବିରେ ବାଙ୍କୀ-କଟକ ରାସ୍ତାର କୁଶୁପଙ୍ଗି ଛକରେ ମୃତଦେହ ରଖି ରାସ୍ତାରୋକୋ ହୋଇଥିଲା। ତହସିଲ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯିବାପରେ ରାସ୍ତାରୋକୋ ହଟିଛି।

ସୂଚନାଯୋଗ୍ୟ, ପ୍ରତିଦିନ ପରି ଗନ୍ଧର୍ବ ଧାନଚାଷ ପାଇଁ ସକାଳେ ନିଜ ଜମିକୁ ଯାଉଥିବା ସମୟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ବହୁ ସମୟ ଧରି ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଧାନକ୍ଷେତକୁ ଯାଇ ତାଙ୍କୁ ମୃତ ଅବସ୍ଥାରେ ପାଇଥିଲେ। ଏହାପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅଭିଯୁକ୍ତଙ୍କୁ ଗିରଫ ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରି କୁଶୁପଙ୍ଗି ଛକରେ ମୃତଦେହ ରଖି ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ବାର୍‌ହା କିମ୍ବା ଜଙ୍ଗଲୀ ଜନ୍ତୁ ଜମିରେ ପଶି ଧାନ ନଷ୍ଟ କରିବା ଆଶଙ୍କାରେ ପଡୋଶୀ ଜମିର ଚାଷୀ ତାର ବାଡ ଦେଇ ବିଦ୍ୟୁତ୍ ସଂଯୋଗ କରିଥିଲେ। ଏଥିଯୋଗୁ ଗନ୍ଧର୍ବଙ୍କ ଜୀବନ ଯାଇଛି। ଏହାର ପ୍ରତିବାଦରେ ପରିବାର ସଦସ୍ୟ ଓ ସ୍ଥାନୀୟ ଲୋକେ ସକାଳ ୮ଟାରୁ ପ୍ରାୟ ୩ ଘଣ୍ଟା ଧରି ବାଙ୍କୀ-କଟକ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ । ଫଳରେ ଶତାଧିକ ଗାଡି ଅଟକି ରହିଥିଲା। ଖବରପାଇ ବାଙ୍କୀ ଥାନା ଆଇଆଇସି ଦିଲୀପ କୁମାର ମର୍ଦ୍ଦରାଜ ଭୂୟାଁ, ଏସ୍‌ଡିପିଓ ବାଳକୃଷ୍ଣ କଅଁର, ଡମପଡ଼ା ତହସିଲଦାର ବୈଶାଖୀ ଲେଙ୍କା, ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ସୌମ୍ୟରଞ୍ଜନ ମହାପାତ୍ର ରାସ୍ତାରୋକୋସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଏଥିସହ ରେଡ୍‌କ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା କ୍ଷତିପୂରଣ ଦେବା ସହ ତଦନ୍ତ କରାଯାଇ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଏହାପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଛି। ଏନେଇ ବାଙ୍କୀ ଥାନାରେ ଅପମୃତ୍ୟୁ ମାମଲା (ନଂ.୧୪/୨୫) ରୁଜୁ ହୋଇଛି ବୋଲି ଆଇଆଇସି ଭୂୟାଁ କହିଛନ୍ତି।

# କରୋନାକୁ ନେଇ ଭୟଭୀତ ହୁଅନ୍ତୁ ନାହିଁ: ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୧୭।୫ (ବନ୍ଦନା ସେଠୀ) - ଏସିଆ ମହାଦେଶର ଥାଇଲାଣ୍ଡ, ହଂକଂ ଏବଂ ସିଙ୍ଗାପୁରରେ ପୁଣି କରୋନା ସଂକ୍ରମଣ ବ୍ୟାପିବାରେ ଲାଗିଛି। ନୂଆ କରୋନା ରୋଗୀ ଚିହ୍ନଟ ହୋଇଥିବାବେଳେ ଆକ୍ରାନ୍ତଙ୍କ ସଂଖ୍ୟା ମଧ୍ୟ ହଠାତ୍ ବୃଦ୍ଧିପାଇଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଆଗୁଆ ସଜାଗ ରହିଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, କରୋନାକୁ ନେଇ ଭୟଭୀତ ହେବାର କୌଣସି କାରଣ ନାହିଁ। ଚିହ୍ନଟ ହୋଇଥିବା କରୋନା ଭାଇରସ୍ ନୂଆ ଭାରିଆଣ୍ଟ ନୁହେଁ। ରୋଗ ପ୍ରତିରୋଧ କ୍ଷମତା କମିଗଲେ କରୋନା ସଂକ୍ରମଣ ହେଉଛି। ଏଥିଲାଗି ରାଜ୍ୟର ସବୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଟେଷ୍ଟିଂ ଚାଲିଛି ଏବଂ ଦୀର୍ଘଦିନ ହେବ ଏଠାରୁ କରୋନା ପଜିଟିଭ୍ ଚିହ୍ନଟ ହୋଇନାହାନ୍ତି। ରାଜ୍ୟ ସରକାର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସହ ଯୋଗାଯୋଗରେ ଅଛନ୍ତି। କୌଣସି ଗାଇଡ୍‌ଲାଇନ ଆସିଲେ ତାହାକୁ ତୁରନ୍ତ କାର୍ଯ୍ୟକାରୀ କରାଯିବ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

# ବିଜେଡିର ପ୍ରଥମ ପିଏସି ବୈଠକ

## ଦଳର ସାଙ୍ଗଠନିକ ବ୍ୟାପାର ନେଇ ହେଲା ଆଲୋଚନା

ଭୁବନେଶ୍ୱର, ୧୭।୫(ସୁନିତ୍ ମିଶ୍ର): ବିଜେଡି ରାଜନୈତିକ ବ୍ୟାପାର କମିଟି(ପିଏସି)ର ପ୍ରଥମ ବୈଠକ ଶନିବାର ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜାତୀୟ ସୁରକ୍ଷା, ରାଜ୍ୟ ରାଜନୈତିକ ପରିସ୍ଥିତି ଓ ଦଳର ସାଙ୍ଗଠନିକ ବ୍ୟାପାର ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି। ଏହା ସହ ରାଜ୍ୟରେ ୨୦୧୫ରୁ ୨୦୨୪ ମଧ୍ୟରେ ବିଜେଡି ସରକାର ଥିବା ସମୟରେ ଶିଳ୍ପ ବିକାଶ କ୍ଷେତ୍ରରେ ଘଟିଥିବା ଉଲ୍ଲେଖନୀୟ ସଫଳତା ପାଇଁ ବୈଠକରେ ସନ୍ତୋଷ ପ୍ରକାଶ କରାଯାଇଛି। ଏହାସହ ବୈଠକରେ ନିମ୍ନୋକ୍ତ ପ୍ରସ୍ତାବ ଗୃହୀତ କରାଯାଇଥିବା ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଗତ ୨୨ ଏପ୍ରିଲରେ ପହଲଗାମ୍‌ରେ ଆତଙ୍କବାଦୀଙ୍କ ଗୁଳିରେ ନିହତ ବ୍ୟକ୍ତିମାନଙ୍କ ଅମର ଆତ୍ମା ପ୍ରତି ବୈଠକରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହ ସେମାନଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜ୍ଞାପନ କରାଯାଇଛି। ଅପରେଶନ ସିନ୍ଦୂରର ସଫଳତା ପାଇଁ ଭାରତୀୟ ସେନାର ଅତୁଳନୀୟ ଦକ୍ଷତା, ସାହସ ଓ ପରାକ୍ରମର ଉଚ୍ଚ ପ୍ରଶଂସା କରାଯାଇଛି।

# ଗୋଟିଏ ପରିବାରର ଗାଁ ଟଙ୍କାଗଡ଼ିଆ



କୃଷ୍ଣଚନ୍ଦ୍ର ଦାସଙ୍କ ପରିବାରବର୍ଗ।

- ପ୍ରଶାସନିକ ଅବହେଳାରୁ ଲୋକେ ଗାଁ ଛାଡ଼ିଦେଲେ
- ଆଦର୍ଶ ଗ୍ରାମ ଘୋଷଣା ପରେ ବି ମୌଳିକ ସୁବିଧା ମିଳିଲାନି

**ଛେନାପଦି, ୧୭।୫(ନିରାକାର ପରିଡ଼ା)**

ଗୋଟିଏ ଗାଁରେ ମାତ୍ର ଗୋଟିଏ ପରିବାର। କଥାଟା ଅଜବ ଲାଗୁଥିଲେ ହେଁ ସତ। କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଗେଡ଼ମା ପଞ୍ଚାୟତର ଟଙ୍କାଗଡ଼ିଆରେ ମାତ୍ର ଗୋଟିଏ ପରିବାରର ସଦସ୍ୟ ବସବାସ କରୁଛନ୍ତି। ଗାଁରେ ମୌଳିକ ସୁବିଧା ଯୋଗାଇଦେବାକୁ ଲୋକେ ଦାବି କରିଥିଲେ। ମାତ୍ର ପ୍ରଶାସନିକ ଅବହେଳା ଯୋଗୁ ଲୋକେ ଗାଁ ଛାଡ଼ି ଚାଲିଯାଇଥିବା କୁହାଯାଉଛି। ଏବେ ଗ୍ରାମରେ କେବଳ କୃଷ୍ଣଚନ୍ଦ୍ର ଦାସଙ୍କ ପରିବାର ଦୁଃଖକଷ୍ଟରେ ପଡ଼ି ରହିଛନ୍ତି।

ପ୍ରକାଶ ଯେ, ରାଜସ୍ୱ ଗ୍ରାମ ଟଙ୍କାଗଡ଼ିଆରେ ୨୫ବର୍ଷ ପୂର୍ବେ ୧୦ ରୁ ୧୨ ପରିବାର ବାସ କରୁଥିଲେ। ଗାଁକୁ ରାସ୍ତା, ପାନୀୟଜଳ, ବିଦ୍ୟୁତ୍ ଭଳି ମୌଳିକ ସୁବିଧା ନ ଥିବାରୁ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଥିଲେ। ବାରମ୍ବାର ଅଭିଯୋଗ ପରେ ୨୦୧୨ରେ ଜିଲା ପ୍ରଶାସନ ପକ୍ଷରୁ ଏହି ଗାଁକୁ ଆଦର୍ଶ ଗ୍ରାମ ରୂପେ ଘୋଷଣା କରାଯାଇ ସମସ୍ତ ମୌଳିକ ସୁବିଧା ଯୋଗାଇଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ପ୍ରଶାସନିକ ଅଧିକାରୀ ଗାଁରେ ପହଞ୍ଚି ବୈଠକ କରିବା ସହ ବିଭିନ୍ନ ଉନ୍ନୟନ କାମ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରବର୍ତ୍ତୀ ସମୟରେ ଗାଁରେ କୌଣସି କାମ ହୋଇ ନ ଥିଲା। ରାସ୍ତା ନ ଥିବାରୁ ଲୋକେ ଯାତାୟାତରେ ସମସ୍ୟା ଭୋଗୁଥିଲେ। ତେଣୁ ଗ୍ରାମର ସୁବାସ ଜେନା, ଯୁଧିଷ୍ଠିର ବିଶାଳ, କୃଷ୍ଣ ବିଶ୍ୱାଳ, କୁନିଆ ବିଶାଳ, ଭରତ ବିଶାଳ, ଧରଣୀ ମହାନ୍ତି, ବାବାଜି ଦାସ ପ୍ରମୁଖ ଗାଁ ଛାଡ଼ି ଅଧିକାଂଶ ଲୋକେ ଗାଁ ଛାଡ଼ି ଗେଡ଼ମା ଓ ମୁଦୁଲିସାହିକୁ ଉଠି ଆସିଲେ। ଏବେ କେବଳ କୃଷ୍ଣଚନ୍ଦ୍ର ଦାସଙ୍କ ପରିବାର ରହୁଛନ୍ତି। କୃଷ୍ଣ ତାଙ୍କର ୪ ପୁଅ ଦୀନବନ୍ଧୁ ଦାସ, ଜଗବନ୍ଧୁ ଦାସ, କୃପାସିନ୍ଧୁ ଦାସ, ସୁକାନ୍ତ ଦାସ ପରିବାର ନେଇ ରହୁଛନ୍ତି। ରାସ୍ତା ନ ଥିବାରୁ ବିଲ ହିଡ଼ରେ ଯାତାୟାତ କରୁଛନ୍ତି। ବର୍ଷାଦିନେ ପରିବାର ଲୋକେ ଘରୁ ବାହାରି ପାରୁନାହାନ୍ତି। ପିଲାମାନେ ସ୍କୁଲ ଯିବାରେ ଅସୁବିଧା ଭୋଗୁଥିବା କୃଷ୍ଣଙ୍କ ବୋହୂ ସୁବାସିନୀ ଦାସ କହିଛନ୍ତି। କେହି ଅସୁସ୍ଥ ହେଲେ ଡାକ୍ତରଖାନା ଯିବାରେ ନାକେଦମ ହେବାକୁ ପଡୁଛି। ଗାଁରେ ଥିବା ଏକମାତ୍ର ନଳକୂପ ଅଚଳ ହୋଇଯାଇଛି। ଫଳରେ ପାନୀୟ ଜଳ ପାଇଁ ମଧ୍ୟ ଡହଳବିକଳ ହେଉଛନ୍ତି। ଏ ସମ୍ପର୍କରେ ପୂର୍ବତନ ସରପଞ୍ଚ ନରହରି ଚକ୍ର କହିଛନ୍ତି, ୨୦୦୭-୦୮ରେ ଟଙ୍କାଗଡ଼ିଆକୁ ରାଜସ୍ୱ ଗ୍ରାମ ମାନ୍ୟତା ମିଳିଥିଲା। ୧୦୧୨ରେ ଆଦର୍ଶ ଗ୍ରାମ ଘୋଷଣା ପରେ ସମସ୍ତ ସୁବିଧା ଯୋଗାଇବାକୁ ତତ୍କାଳୀନ ଉପଜିଲାପାଳ ଘୋଷଣା କରିଥିଲେ। ପରେ ପ୍ରଶାସନ ଏହି ଗାଁକୁ ଗୁରୁତ୍ୱ ଦେଇ ନ ଥିଲେ। ସେହିପରି ପୂର୍ବତନ ସରପଞ୍ଚ ଆନନ୍ଦ ମହାନ୍ତି କହିଛନ୍ତି, ଗାଁକୁ ଯାଇଥିବା ରାସ୍ତାରେ କେତେଜଣ ବ୍ୟକ୍ତିଙ୍କ ପୈତୃକ ଜମି ଥିଲା। ଫଳରେ ରାସ୍ତା ନିର୍ମାଣ ହୋଇପାରିଲାନାହିଁ । ଏ ସମ୍ପର୍କରେ ବିଡିଓ ରଞ୍ଜନ କୁମାର ପରିଡ଼ା କହିଛନ୍ତି, ଗାଁର କ'ଣ ଅବସ୍ଥା ତା'ର ତଦାରଖକରି ପଦକ୍ଷେପ ନିଆଯିବ।



ଆମ ନାକ ଆଗରେ ଯାହା ଯେତିକି ଘଟୁଛି-ତା'ଛଡ଼ା ଯେହେତୁ ଆମେ ଆଉ କିଛି ଦେଖିପାରୁନାହୁଁ- ସେଥିପାଇଁ ଆମେ ଏଇସବୁ କୋଳାହଳ ଓ ଦୁର୍ଗନ୍ଧମୟ ବିଷୟ ଭିତରେ ମାତିଯାଇଛୁ। ଆରେ ନିର୍ବୋଧ ହୃଦୟର ମଣିଷମାନେ! ନୀରବ ରୁହ। ନିଜର କ୍ଷୁଦ୍ର ଅହଂକାରକୁ ବିନାଶକର। ଏବଂ ଉଦାର ଭାବେ, ବିସ୍ତୃତ ଭାବେ ଓ ସାର୍ବଜନୀନ ଭାବେ ସବୁ କଥା ଦେଖିବାକୁ ଶିକ୍ଷାକର। -ଶ୍ରୀଅରବିନ୍ଦ

# ଦୁଇ ପ୍ରତିଦ୍ୱନ୍ଦ୍ୱୀ



ଆକାର ପଟେଲ

ଐତିହାସିକ ମ୍ୟାକ୍ସ ହାଷ୍ଟିଂସ ମୁଖ୍ୟତଃ ଦୁଇ ବିଶାଳ ନିଷ୍ଠୁର ଗୋଷ୍ଠୀ(ଆଡ୍‌ଲଫ ହିଟଲରଙ୍କ ନାଜି ସେନା ଓ ସୋଭିଏଟ୍‌ର ଜୋଶେଫ ଷ୍ଟାଲିନଙ୍କ ସେନା)ଙ୍କ ମଧ୍ୟରେ ହୋଇଥିବା ଦ୍ୱିତୀୟ ବିଶ୍ୱଯୁଦ୍ଧକୁ ମୃତ୍ୟୁଯୁଦ୍ଧ ଭାବେ ବର୍ଣ୍ଣନା କରିଥିଲେ। ଏହାବାଦ୍ ୱିନ୍‌ଷ୍ଟନ ଚର୍ଚ୍ଚିଲଙ୍କ ବକ୍ତବ୍ୟ ଏବଂ ପାସିଫିକ ଯୁଦ୍ଧରେ ଜାପାନ ବିରୋଧରେ ଆମେରିକାର ସଂଘର୍ଷ ସମ୍ଭବତଃ ଗୌଣ ଥିଲା। ତେବେ ଆମ ସମୟରେ ବଡ଼ ପ୍ରତିଦ୍ୱନ୍ଦ୍ୱିତା ବିଶେଷକରି ଦୁଇ ଶକ୍ତି ଯଥା ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଚାଇନାର ପ୍ରତିପକ୍ଷ ଶି ଜିନ୍‌ପିନ୍‌ଙ୍କ ମଧ୍ୟରେ ଚାଲିଛି। ଆଉ ବିଶ୍ୱରେ ଯାହା ଚାଲିଛି ତାହା ସବୁ କୋଳାହଳପୂର୍ଣ୍ଣ ଅତିରିକ୍ତ ପ୍ରଦର୍ଶନ। ଆମେରିକା ଓ ଚାଇନା ମଧ୍ୟରେ ଏପର୍ଯ୍ୟନ୍ତ ଯେଉଁ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି ତାହା ବିଶ୍ୱରେ ଆର୍ଥିକ ପ୍ରାଧାନ୍ୟ ପାଇଁ ପାଶ୍ଚାତ୍ୟ ଓ ଏସିଆ ମଧ୍ୟରେ ଏକ ଲଢ଼େଇ। ସାଧାରଣ ଭାବେ ଆମେ ପାଶ୍ଚାତ୍ୟ ବିରୋଧରେ ଆମ ଏସୀୟ ସାଥୀକୁ ସମର୍ଥନ କରିବା ଉଚିତ। କିନ୍ତୁ ମୋ ଅନୁଭବରୁ ଜାଣିଛି ଯେ, ଉଭୟ ଅସୁରକ୍ଷିତ। ତେବେ ଦେଖିବା ଚାଇନା ଏବେ କ'ଣ ଚାହୁଁଛି ? ୧୯୯୧ରେ ଭାରତ ଯେତେବେଳେ ଉଦାରୀକରଣରେ ପ୍ରବେଶ କରିଥିଲା, ସେତେବେଳେ ଆର୍ଥିକ ଦୃଷ୍ଟିରୁ ଆମେ ଚାଇନା ସ୍ତରରେ ଥିଲେ। ଭାରତର ହାରାହାରି ଉତ୍ପାଦ ଚାଇନାର ହାରାହାରି ଉତ୍ପାଦଠାରୁ ଯଥେଷ୍ଟ ବେଶି ଥିଲା। ଏହା ସତ ଯେ, ତାହାର ଏକ ଦଶନ୍ଧି ପୂର୍ବରୁ ଚାଇନା ନିଜର ପୁନର୍ଗଠନ କରି ଆସିଥିଲା, ଯାହା ଆମ ତୁଳନାରେ ଅଧିକ ଲାଭପ୍ରଦ ହୋଇଛି। ଏହା ଏଭଳି ଏକ ସ୍ଥିତିରୁ ଆରମ୍ଭ କରିଥିଲା, ଯାହା ଭାରତର ବହୁ ତଳେ ରହିଥିଲା। ଶିଳ୍ପ ଓ କୃଷିରେ ଏହା ଅନେକ ଦଶନ୍ଧି ଧରି ବିଶ୍ୱରୁ ଅଲଗା ରହିଥିଲା, ହେଲେ ଭାରତ ଏଭଳି ନ ଥିଲା। କିନ୍ତୁ ପରବର୍ତ୍ତୀ ୩୫ ବର୍ଷରେ ଚାଇନାର ହାରାହାରି ବାର୍ଷିକ ଜିଡିପି ଅଭିବୃଦ୍ଧି ୯ ପ୍ରତିଶତ ରହିଥିଲା। ପାଶ୍ଚାତ୍ୟରେ ଯେକୌଣସି ଦେଶ ହାସଲ କରିଥିବା ଆର୍ଥିକ ପ୍ରଗତିଠାରୁ ଏହା ଦ୍ରୁତତର ଥିଲା। ଗତ ଦଶ ବର୍ଷରେ ଚାଇନାର ଅଭିବୃଦ୍ଧି ମନ୍ଥର ହୋଇ ହାରାହାରି ୫.୮% ରହିଛି, ଯାହା ଭାରତର ଅଭିବୃଦ୍ଧି ସହ ସମାନ, କିନ୍ତୁ ଏହାର ଅର୍ଥ ବ୍ୟବସ୍ଥା ଭାରତଠାରୁ ୫ଗୁଣ ବଡ଼। ଯଦି ଚାଇନା ଆଗାମୀ ଦଶନ୍ଧିରେ ବିନା ବାଧାରେ ଅଭିବୃଦ୍ଧି ହାସଲ କରେ ତେବେ ଏହା ବିଶ୍ୱର ସବୁଠୁ ବଡ଼ ଅର୍ଥ ବ୍ୟବସ୍ଥା ଭାବେ ଆମେରିକାକୁ ପଛରେ ପକାଇ ଦେବ। ବିଶ୍ୱର ଦୁଇ ନମ୍ବର ଅର୍ଥ ବ୍ୟବସ୍ଥା ରୂପେ ଚାଇନା ୧୫୦ ବର୍ଷ ଧରି ନିଜର ପ୍ରାଧାନ୍ୟ ବିସ୍ତାର କରିଆସିଛି, ଯାହାକୁ ଆମେରିକା ଗ୍ରହଣ କରିପାରୁନାହିଁ। ପାଶ୍ଚାତ୍ୟ ରାଜନୈତିକ ବିଶେଷଜ୍ଞ ଜନ୍ ମିର୍ଶିମର କହନ୍ତି, ଚାଇନାର ଉତ୍‌ଥାନ ଯୁଦ୍ଧ ସୃଷ୍ଟି କରିବା ଅନିବାର୍ଯ୍ୟ। କାରଣ ପ୍ରଭୁତ୍ୱ ବଜାୟ ରଖିଥିବା ଗୋଟିଏ ଶକ୍ତିକୁ ଯେତେବେଳେ ଏକ ବିକାଶଶୀଳ ଦେଶ ହଟାଇବାକୁ ଯାଏ ସେତେବେଳେ ଯୁଦ୍ଧ ସୃଷ୍ଟି ହୁଏ('ଥୁସିଡିଡେସ ଟ୍ରାପ୍' ସିଦ୍ଧାନ୍ତ ଅନୁଯାୟୀ)। ତେବେ ଆମେରିକା କେବେ ବି ଦ୍ୱିତୀୟ ସ୍ଥାନକୁ ଗ୍ରହଣ କରିବ ନାହିଁ ଏବଂ ଯେ କୌଣସି ଉପାୟରେ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରିବ। କେତେକେ ଯୁକ୍ତି ବାଢ଼ନ୍ତି ଯେ, ବିଗତ ଦୁଇ ଶତାବ୍ଦୀ ଧରି ୟୁରୋପ ଓ ଆମେରିକା ବୈଶ୍ୱିକ ବ୍ୟାପାରରେ ଯେଭଳି ହସ୍ତକ୍ଷେପ କରୁଛନ୍ତି ଏସୀୟ ଦେଶଗୁଡ଼ିକର ସେଭଳି ଆଗ୍ରହ ନାହିଁ। ସେମାନେ ମଧ୍ୟ ଭାବୁଛନ୍ତି, ଚାଇନାର ଉତ୍‌ଥାନ ବିଶ୍ୱରେ ଆମେରିକାର ଆଧାର କିମ୍ବା ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍), ବିଶ୍ୱ ବ୍ୟାଙ୍କ ଓ ଜାତିସଂଘ ସୁରକ୍ଷା ପରିଷଦ ଭଳି ସଂସ୍ଥାଗୁଡ଼ିକରେ ଏହାର ଦୃଢ଼ ନିୟନ୍ତ୍ରଣ ପ୍ରତି ବିପଦ ସୃଷ୍ଟି କରିବ ନାହିଁ। ଏଣୁ ଚାଇନା ନମ୍ବର ୱାନ ହେବାର ମାନେ କ'ଣ ଓ ତାହାର ମୂଲ୍ୟାୟନ କଲାବେଳେ ଆମେରିକା ଭଲ ଭାବେ ଚିନ୍ତା କରିବା ଉଚିତ। ଚାଇନା ଯେତେବେଳେ ଆମେରିକାକୁ ଟପିଯିବ ସେତେବେଳେ କିଭଳି କାମ କରିବ ତାହା କେହି ଜାଣନ୍ତି ନାହିଁ।

ବିଗତ ୮ ବର୍ଷ ହେବ ଚାଇନାର ଆର୍ଥିକ ପ୍ରଗତିକୁ ରୋକିବା ପାଇଁ ଆମେରିକା ଚେଷ୍ଟା କରିଛି। ଚାଇନା କମ୍ପାନୀଗୁଡ଼ିକ ଆଧୁନିକ ସେମିକଣ୍ଡକ୍ଟର ହାସଲ କରିବାର ବାଟ ବନ୍ଦ କରିଛି। ଚାଇନାର ରପ୍ତାନି ଉପରେ ଶୁଳ୍କ ଲଗାଇଛି। ଟ୍ରମ୍ପ ଦ୍ୱିତୀୟ ଥର ପୁନର୍ବାର କ୍ଷମତାକୁ ଫେରିବା ପରେ ତାଙ୍କ ପ୍ରଶାସନ ଅତ୍ୟଧିକ ଟାରିଫ୍ ଲଗାଇ ଚାଇନାକୁ ସମ୍ପୂର୍ଣ୍ଣ ଅଲଗା କରିଦେବାକୁ ଚେଷ୍ଟା କରିଛି। ଦୁର୍ଭାଗ୍ୟଜନକ, ଆମେରିକା ସେଥିରେ ବିଫଳ ହୋଇଛି। ଷ୍ଟକ୍ ଆଣ୍ଡ୍ ବଣ୍ଡ୍ ମାର୍କେଟ ସ୍ପଷ୍ଟ ଭାବେ ଟ୍ରମ୍ପଙ୍କୁ ଦର୍ଶାଇଛି ଯେ, ଚାଇନାକୁ ଅଲଗା କରିବାର କୌଣସି ପଦକ୍ଷେପ ଆମେରିକା ଅର୍ଥ ବ୍ୟବସ୍ଥାକୁ କ୍ଷତି କରିବ, ଯାହା ଟ୍ରମ୍ପଙ୍କୁ ପଛକୁ ହଟିବାକୁ ବାଧ୍ୟ କରିଛି। ଚାଇନା ପାଖରେ ଏବେ ଯେତିକି ସମୟ ରହିଛି, ମୁଁ ବିଶ୍ୱାସ କରୁଛି, ତାହା ଲକ୍ଷ୍ୟ ପୂରଣ କରିବାକୁ ଯଥେଷ୍ଟ। ଟ୍ରମ୍ପ ପ୍ରଶାସନର ଧ୍ୟାନ ଏବେ ବାଣିଜ୍ୟରୁ ଟିକସ ହ୍ରାସ ଆଡ଼କୁ ଚାଲିଗଲାଣି ଏବଂ ଚଳିତ ବର୍ଷର ଅବଶିଷ୍ଟ ସମୟରେ ଏଥିରେ ମୁଣ୍ଡ ଖଟାଇବ। ଆମେରିକା କଂଗ୍ରେସ ପାଇଁ ୨୦୨୬ରେ ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ହେବାକୁ ଯାଉଛି। ଫଳରେ ବିଗତ କିଛି ମାସରେ ଟ୍ରମ୍ପ ବାଣିଜ୍ୟ ଉପରେ ବେଖାତିର ଭାବେ ଯେଉଁ ଭଳି ସବୁ କାମ କରିଛନ୍ତି ତାହା କ୍ରମଶଃ କମିଯିବ। ଏହାଦ୍ୱାରା ଚାଇନାକୁ ଅଧିକ ସମୟ ମିଳିଯିବ। ଟ୍ରମ୍ପଙ୍କ ବାଣିଜ୍ୟିକ ପଦକ୍ଷେପର ବିଫଳତାକୁ ଦେଖିଲେ, ୨୦୨୮ ପରେ ତାଙ୍କ ଉତ୍ତରାଧିକାରୀ ସମ୍ଭବତଃ ସମାନ ପଥ ଅନୁସରଣ କରିବେ ନାହିଁ। ଦେଖିବାକୁ ଗଲେ ଗତ ୮ ବର୍ଷ ହେଲା ଚାଇନା ବାଣିଜ୍ୟ ଯୁଦ୍ଧ ପାଇଁ ନିଜକୁ ପ୍ରସ୍ତୁତ କରିଛି। ଶିଳ୍ପକୁ ଅତ୍ୟଧିକ ପୁଞ୍ଜି ଆସିବା ପାଇଁ ଲଗାତର ଭାବେ ଚେଷ୍ଟା କରିଛି। ଆମେରିକା ବାହାରେ ସେମାନଙ୍କ ରପ୍ତାନି ସାମଗ୍ରୀଗୁଡ଼ିକ ପାଇଁ ବଜାର ସୃଷ୍ଟି କରିବାକୁ ଚେଷ୍ଟା କରିବା ସହ ଚୁକ୍ତି ମାଧ୍ୟମରେ ଆଫ୍ରିକା ଓ ଲାଟିନ ଆମେରିକାରେ ସେମାନଙ୍କ ଯୋଗାଣ ଚେନ୍‌କୁ ସଂଗଠିତ କରିଛନ୍ତି।

ଆସିଆନ ଏବଂ ୟୁରୋପୀୟ ସଂଘ ପରେ ବର୍ତ୍ତମାନ ଚାଇନାର ତୃତୀୟ ବୃହତ୍ତମ ବାଣିଜ୍ୟିକ ଅଂଶୀଦାର ହେଉଛି ଆମେରିକା। ଭବିଷ୍ୟତ ପାଇଁ ଉପଯୋଗୀ ଟେକ୍‌ନୋଲୋଜି କ୍ଷେତ୍ରରେ ଆହୁରି ଆଗକୁ ଯିବା ଲାଗି ଚାଇନା ତା'ଗତିକୁ ବଢ଼ାଇଛି। ଲାଭ ଏଇଆ ହୋଇଛି, ଟ୍ରମ୍ପଙ୍କ ଆମେରିକା ଶି'ଙ୍କ ଚାଇନା ତୁଳନାରେ ପଛକୁ ହଟିଛି। ଯେଉଁ ସ୍ଥିତି ଅଛି ଯଦି ତାହା ଜାରି ରହେ, ତେବେ ୨୦୦ ବର୍ଷରେ ପ୍ରଥମ ଥର ପାଇଁ ବିଶ୍ୱର ସବୁଠୁ ବଡ଼ ଆର୍ଥିକ ଶକ୍ତି ପାଶ୍ଚାତ୍ୟର ଦେଶ ନୁହେଁ, ବରଂ ଏସୀୟ ଦେଶ ହେବ।

Email:aakar.patel@gmail.com

# ସଙ୍କଟରେ ମାଣ୍ଡିଆ



ବିଚିତ୍ର ବିଶ୍ୱାଳ

ଏକଦା କେବଳ ଆଦିବାସୀଙ୍କ ଖାଦ୍ୟ ଭାବେ ମାଣ୍ଡିଆ ପରିଗଣିତ ହେଉଥିଲା। ଏବେ ଆଦିବାସୀଙ୍କ ବ୍ୟତୀତ ଅନେକ ଅନ୍ୟ ବର୍ଗର ଲୋକଙ୍କ ନିୟମିତ ଖାଦ୍ୟ ଅଭ୍ୟାସରେ ପରିଣତ ହୋଇଛି। ଏହାର ମୁଖ୍ୟ କାରଣ ହେଉଛି ମାଣ୍ଡିଆରେ ଥିବା ଗୁଣବତ୍ତା ଓ ପୋଷକ ତତ୍ତ୍ୱ। ଆଜିର ସମୟରେ ଯେତେବେଳେ ଅଧିକାଂଶ ଲୋକ ଜୀବନଶୈଳୀଜନିତ ରୋଗ ଯଥା ମଧୁମେହ, ରକ୍ତଚାପ, କୋଲେଷ୍ଟରଲ, ହୃଦ୍‌ଘାତ ଆଦିର ଶିକାର ହେଉଛନ୍ତି, ସେତେବେଳେ ମାଣ୍ଡିଆ ଓ ମାଣ୍ଡିଆ ଜାତୀୟ ଅନ୍ୟାନ୍ୟ ଖାଦ୍ୟର ଚାହିଦା ବଢ଼ିଛି। ଏପରିକି ଡାକ୍ତରମାନେ ଏହିପରି ଖାଦ୍ୟକୁ ଖାଇବା ପାଇଁ ଲୋକଙ୍କୁ ପରାମର୍ଶ ଦେଉଛନ୍ତି। ଯେଉଁ ମାଣ୍ଡିଆର ଉତ୍ତମ ଗୁଣବତ୍ତାକୁ ଲୋକମାନେ ପ୍ରାଧାନ୍ୟ ଦେଇ ଆପଣାଉଛନ୍ତି ଓ ପସନ୍ଦ କରୁଛନ୍ତି, ତାହା ହେଉଛି ଦେଶୀ ମାଣ୍ଡିଆ। ମୁଖ୍ୟତଃ ଆମ ରାଜ୍ୟରେ କୋରାପୁଟ, ରାୟଗଡ଼ା, କଳାହାଣ୍ଡି, ନବରଙ୍ଗପୁର, ମାଲକାନଗିରି, କନ୍ଧମାଳ, ମୟୂରଭଞ୍ଜ, କେଉଁଝର ଆଦି ଜିଲାର ଆଦିବାସୀମାନେ ପୁରୁଷ ପରୁଷ ଧରି ପାରମ୍ପରିକ ଭାବେ ମାଣ୍ଡିଆ ଓ ବିଭିନ୍ନ ପ୍ରକାର ମିଲେଟ ଚାଷ କରି ଆସୁଛନ୍ତି। ଏହି ଚାଷରେ ସେମାନେ ଆଦୌ ସାର ବିଷ ବ୍ୟବହାର ନକରି ସମ୍ପୂର୍ଣ୍ଣ ପ୍ରାକୃତିକ ଉପାୟରେ ଚାଷ କରନ୍ତି। ମାଣ୍ଡିଆ ଓ ଭିନ୍ନ ଭିନ୍ନ ପ୍ରକାର ମିଲେଟ ଆଦିବାସୀଙ୍କ ଖାଦ୍ୟ ଅଭ୍ୟାସର ଏକ ପ୍ରମୁଖ ଅଂଶ। ଆଦିବାସୀମାନେ ଏହିସବୁ ଶସ୍ୟର ବିହନ ନିଜେ ପ୍ରତିବର୍ଷ ସଂରକ୍ଷଣ କରି ରଖୁଛନ୍ତି ଓ ଚାଷ କରି ଆସୁଛନ୍ତି। ରାସାୟନିକ ଭିତ୍ତିକ ଆଧୁନିକ ଚାଷ ବ୍ୟବସ୍ଥା ଯୋଗୁ ଯଦିଓ ମାଣ୍ଡିଆ ଓ ଅନ୍ୟାନ୍ୟ ମିଲେଟ ଚାଷର ପରିମାଣ କମ୍ ହୋଇଛି, କିନ୍ତୁ ଏହା ଏବେ ମଧ୍ୟ ଆଦିବାସୀ ଅଞ୍ଚଳରେ ତିଷ୍ଠି ରହିଛି।

ସମ୍ପ୍ରତି ଆମ ରାଜ୍ୟରେ ଏହି ପାରମ୍ପରିକ ମାଣ୍ଡିଆ ଉପରେ ଏକ ବଡ଼ ବିପଦ ଆସିଛି। ଏହି ବିପଦ କେଉଁ ବାହ୍ୟ ସ୍ରୋତରୁ ନ ଆସି ଦୁର୍ଭାଗ୍ୟଜନକ ଭାବେ ଆମ ସରକାରଙ୍କ ତରଫରୁ ହିଁ ଆସିଛି। ରାଜ୍ୟ ସରକାରଙ୍କ ଦ୍ୱାରା ମିଲେଟର ପୁନରୁଦ୍ଧାର ଓ ପ୍ରଚାର ପ୍ରସାର ପାଇଁ ୨୦୧୭ରୁ ଶ୍ରୀଅନ୍ନ ନାମରେ ଏକ ଅଭିଯାନ ଚାଲୁ ରହିଛି। ଏହି ଅଭିଯାନ ଅନ୍ତର୍ଗତ ରାଜ୍ୟ ସରକାର ଓଡ଼ିଶା ରାଜ୍ୟ ବିହନ ନିଗମ ଦ୍ୱାରା କୋରାପୁଟ ଜିଲାର ଚାଷୀଙ୍କୁ ୮୭୧ କୁଇଣ୍ଟାଲ ହାଇ-ୟିଲ୍ଡିଙ୍ଗ ମାଣ୍ଡିଆ ବିହନ ଯୋଗାଇବା ପାଇଁ ଯୋଜନା କରିଛନ୍ତି। ଏଥିପାଇଁ ରାଜ୍ୟ ସ୍ତରରୁ ଏକ ଚିଠି ମଧ୍ୟ କୋରାପୁଟ ଜିଲାକୁ କରାଯାଇଛି। ସୂଚନାଯୋଗ୍ୟ ଯେ, କୋରାପୁଟ ଜିଲାରେ ସର୍ବାଧିକ ଦେଶୀ ତଥା ପାରମ୍ପରିକ ମାଣ୍ଡିଆ ଉତ୍ପାଦନ ହୋଇଥାଏ। ଜିଲା କୃଷି କାର୍ଯ୍ୟାଳୟର ତଥ୍ୟ ଅନୁସାରେ ୨୦୨୧-୨୨ରେ କୋରାପୁଟ ଜିଲାରେ ପ୍ରାୟ ୭୪ ହଜାର ହେକ୍ଟର ଜମିରେ ମାଣ୍ଡିଆ ଚାଷ ହୋଇଥିଲା। ଜିଲାରେ ବାର୍ଷିକ ପ୍ରାୟ ୨୫୦୦ କୁଇଣ୍ଟାଲ ମାଣ୍ଡିଆ ବିହନ ଆବଶ୍ୟକ ହୋଇଥାଏ, ଯାହାକୁ ଚାଷୀମାନେ ପାରମ୍ପରିକ ଭାବେ ସଂରକ୍ଷଣ କରି ଚାଷ କରିଥାନ୍ତି। ବର୍ତ୍ତମାନ ସରକାର ୮୭୧କୁଇଣ୍ଟାଲ ହାଇ-ୟିଲ୍ଡିଙ୍ଗ ବା ଅଧିକ ଉତ୍ପାଦନକ୍ଷମ ମାଣ୍ଡିଆ ବିହନ କୋରାପୁଟରେ ଚାଷ ହେବାର ନିର୍ଦ୍ଦେଶ ଦେଇ ସେତିକି ସ୍ଥାନରୁ ଦେଶୀ ମାଣ୍ଡିଆକୁ ବୁଡେଇବାର ବ୍ୟବସ୍ଥା କରିଛନ୍ତି। ଏଥିରୁ ବୁଝିହେଉଛି ସରକାରଙ୍କ ଲକ୍ଷ୍ୟ କେବଳ ଏତିକିରେ ସୀମିତ ନାହିଁ। କୋରାପୁଟରେ ହୁଏତ ଏଭଳି ଚାଷ ଆରମ୍ଭ ହୋଇପାରେ। ପରେ ସରକାର ଧୀରେ ଧୀରେ ଅନ୍ୟ ଜିଲାରେ ଓ ଅଧିକ ପରିମାଣର ହାଇ-ୟିଲ୍ଡିଙ୍ଗ ମାଣ୍ଡିଆ ବିହନକୁ ପ୍ରବେଶ କରେଇବା ପାଇଁ ବ୍ୟବସ୍ଥା କରିବେ। ପରିଣାମରେ ଧୀରେ ଧୀରେ ପାରମ୍ପରିକ ଓ ଦେଶୀ ମାଣ୍ଡିଆ ବିହନ ବୁଡିଯିବ ଓ ତା'ର ସ୍ଥାନ ହାଇ-ୟିଲ୍ଡିଙ୍ଗ ମାଣ୍ଡିଆ ବିହନ ନେଇଯିବ। ଚାଷୀଙ୍କ ହାତରୁ ଥରେ ଦେଶୀ ବିହନ ବୁଡ଼ିଗଲେ ସେମାନେ ମାଣ୍ଡିଆ ଚାଷ ପାଇଁ କମ୍ପାନୀ ଉପରେ ନିର୍ଭରଶୀଳ ହୋଇଯିବେ। ଚାଷରେ ଖର୍ଚ୍ଚ ବଢ଼ିବ। ଚାଷୀଙ୍କ ଅଧିକାର ଓ ବିହନ ସାର୍ବଭୌମତା ଲୋପ ପାଇଯିବ। ଆଜି ଯେପରି ଭାବେ ଧାନର ଅବସ୍ଥା ହୋଇଛି, ମାଣ୍ଡିଆ ସେପରି ଅବସ୍ଥାକୁ ଚାଲିଯିବ। ସବୁଜ ବିପ୍ଳବର ଆଧୁନିକ ଚାଷ ବ୍ୟବସ୍ଥା ଯୋଗୁ ଆମ ରାଜ୍ୟରେ ଥିବା ହଜାର ହଜାର ପ୍ରକାର ଦେଶୀ ଧାନ ବିହନ ଲୋପ ପାଇଯାଇଛି। ଆଜି ଚାଷୀମାନେ ଧାନ ବିହନ ପାଇଁ ସମ୍ପୂର୍ଣ୍ଣ ଭାବେ ବଜାର ନିର୍ଭରଶୀଳ। ଏହା ହିଁ ଆଜିର ପରିସ୍ଥିତିରେ ଚାଷୀର ଦୁର୍ଦ୍ଦଶାର ଅନ୍ୟତମ ମୁଖ୍ୟ କାରଣ।

ସମ୍ପ୍ରତି ଜଳବାୟୁ ପରିବର୍ତ୍ତନ ପରିସ୍ଥିତିରେ ଚାଷୀଙ୍କ ପାଖରେ ଦେଶୀ ଓ ପାରମ୍ପରିକ ମାଣ୍ଡିଆ ବିହନ ଥିବା ଯୋଗୁ ବର୍ଷା ଅଧିକ ହେଲେ କିମ୍ବା କମ୍ ହେଲେ ଚାଷୀଙ୍କ ମାଣ୍ଡିଆ ଫସଲ କ୍ଷତି ହେଉନାହିଁ। କାରଣ ଦେଶୀ ମାଣ୍ଡିଆର ଜଳବାୟୁ ସହନୀୟ ଶକ୍ତି ଅଧିକ। ଏହାଛଡ଼ା କୋରାପୁଟ ଚାଷୀଙ୍କ ପାଖରେ ପ୍ରାୟ ୬ରୁ ଅଧିକ ପ୍ରକାରର ମାଣ୍ଡିଆ ବିହନ ଯଥା ବଡ଼ ମାଣ୍ଡିଆ, ସାନ ମାଣ୍ଡିଆ, ଭୋଦ ମାଣ୍ଡିଆ, ଦଶରା ମାଣ୍ଡିଆ, ତେଲେଙ୍ଗା ମାଣ୍ଡିଆ, ଭାଲୁ ମାଣ୍ଡିଆ ଆଦି ଅଛି। ଏହିସବୁ ମାଣ୍ଡିଆର ବୁଣିବା ସମୟ ଓ ଅମଳ



ସମୟ ଭିନ୍ନ। ଫଳରେ ଚାଷୀ ପାଖକୁ କ୍ରମାଗତ ଭାବେ ଅମଳ ଆସିଥାଏ। ତେଣୁ ଚାଷୀର ଗଚ୍ଛିତ ରଖିବାର ସମସ୍ୟା ନଥାଏ ଓ ବେପାରୀଙ୍କ ଜାଲରେ ପଡ଼ିବାର ସମ୍ଭାବନା କମ୍ ଥାଏ। ବୁଣିବା ସମୟ ଭିନ୍ନ ହୋଇଥିବାରୁ ବର୍ଷା କମ୍ ବେଶି ହେଲେ ମଧ୍ୟ ଚାଷୀର ଚିନ୍ତା ନଥାଏ। ଗୋଟିଏ ଉଜୁଡ଼ି ଗଲେ ଆଉ ଗୋଟିଏ ପ୍ରକାର ମାଣ୍ଡିଆ ବିହନ ବୁଣି ଚାଷୀ ପରିସ୍ଥିତିକୁ ସମ୍ଭାଳି ନିଏ। ଏଥିସହିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ନ୍ୟୁଟ୍ରିଶନର ତଥ୍ୟ ଅନୁସାରେ ପ୍ରତି ୧୦୦ ଗ୍ରାମ୍ ମାଣ୍ଡିଆରେ ୭.୩ ଗ୍ରାମ୍ ପ୍ରୋଟିନ, ୨.୭ ଗ୍ରାମ୍ ଖଣିଜସାର, ୩.୬ ଗ୍ରାମ୍ ଫାଇବର, ୩୨୮ କ୍ୟାଲୋରି ଶକ୍ତି, ୩.୯ ମିଲିଗ୍ରାମ ଲୌହସାର, ୩୪୪ ମିଲିଗ୍ରାମ୍ କ୍ୟାଲସିୟମ ଓ ଆହୁରି ଅନେକ ପ୍ରକାର ପୋଷକ ତତ୍ତ୍ୱ ରହିଛି। ଯଦି ଚାଉଳ ସହିତ ତୁଳନା କରାଯାଏ ତେବେ ମାଣ୍ଡିଆ ବହୁତ ଉପରେ ରହିବ। ସମ୍ପ୍ରତି ଆମ ଦେଶର ଅର୍ଦ୍ଧାଧିକ ମହିଳା ଲୌହ ଅଭାବ ଜନିତ ଆନେମିଆର ଶିକାର ହୋଇଥିବା ବେଳେ ମାଣ୍ଡିଆ ଏକ ଖାଦ୍ୟ ରୂପେ ଏହାର ଏକ ମୌଳିକ ସମାଧାନ ଭାବେ ବିଚାର କରାଯାଇ ପାରେ। ଚାଷୀଙ୍କ ପାଖରେ ଉପଲବ୍ଧ ଦେଶୀ ମାଣ୍ଡିଆକୁ ଅବହେଳା କରି ହାଇ-ୟିଲ୍ଡିଙ୍ଗ ମାଣ୍ଡିଆକୁ ଯୋଜନାବଦ୍ଧ ଭାବେ ଲଦିଦେବା କ୍ଷତି ସାବ୍ୟସ୍ତ ହେବ। ସମୟ ଆସିବ ଆମ ପାଖରେ ଯେଉଁ ମାଣ୍ଡିଆ ଥିବ, ସେଥିରେ ପୂର୍ବର ସେହି ଗୁଣବତ୍ତା ନଥିବ। ତେଣୁ ସମୟ ଥାଉ ଥାଉ ସରକାରଙ୍କୁ କମ୍ପାନୀ ପ୍ରୀତି ପରିହାର କରି ଚାଷୀ ଅନୁକୂଳ ପଦକ୍ଷେପ ନେବାକୁ ହେବ। ଧାନର ଅନୁଭବରୁ ଆମେ ଜାଣୁ ହାଇ-ୟିଲ୍ଡିଙ୍ଗ ମାଣ୍ଡିଆ ବିହନର ଜଳବାୟୁ ସହଣି ଶକ୍ତି ନ ଥାଏ। ତେଣୁ ଆଜିର ଜଳବାୟୁ ପରିବର୍ତ୍ତନ ପରିସ୍ଥିତିରେ ଏହି ବିହନ ଚାଷୀଙ୍କୁ କ୍ଷତି ସହିବାକୁ ବାଧ କରିବ। ଏଥି ସହିତ ଏହି ହାଇ-ୟିଲ୍ଡିଙ୍ଗ ବିହନରୁ ଚାଷୀ ପରବର୍ତ୍ତୀ ବର୍ଷ ପାଇଁ ବିହନ ରଖିବାକୁ ସକ୍ଷମ ହୋଇପାରିବେ ନାହିଁ। ହାଇ-ୟିଲ୍ଡିଙ୍ଗ ମାଣ୍ଡିଆ ବିହନର ରୋଗପୋକ ସହଣି ଶକ୍ତି କମ୍। ଏହା ଚାଷୀକୁ ଧୀରେ ଧୀରେ ରାସାୟନିକ ବ୍ୟବହାର ଆଡକୁ ଟାଣିବ ଓ ପରିଣାମରେ ଚାଷୀ ଋଣଗ୍ରସ୍ତ ହେବାକୁ ବାଧ୍ୟ ହେବେ।

ସରକାର ତୁରନ୍ତ କୋରାପୁଟ ଜିଲାରେ ହେବାକୁ ଯାଉଥିବା ଏହି ହାଇ-ୟିଲ୍ଡିଙ୍ଗ ମାଣ୍ଡିଆକୁ ସମ୍ପୂର୍ଣ୍ଣ ନିଷେଧ କରିବା ଉଚିତ। ତା ସ୍ଥାନରେ ଦେଶୀ ମାଣ୍ଡିଆ ବିହନ ନେଇ ଶ୍ରୀଅନ୍ନ ଅଭିଯାନ ଆଗକୁ ବଢ଼ାନ୍ତୁ। ତାହା ହିଁ ହେବ ଓଡ଼ିଶାର ଅସଲ ଶ୍ରୀଅନ୍ନ। ଏଥିସହିତ କୋରାପୁଟ ଓ ଅନ୍ୟାନ୍ୟ ଜିଲାରେ କିପରି ଦେଶୀ ମାଣ୍ଡିଆ ବିହନର ଚାଷ ବଢ଼ିବ ସରକାର ସେଥିପାଇଁ ସ୍ଥାନୀୟ ଜିଲାପାଳ ଓ କୃଷି ଅଧିକାରୀଙ୍କୁ ଦାୟିତ୍ୱ ଦିଅନ୍ତୁ। ଦେଶୀ ମାଣ୍ଡିଆକୁ ସରକାରଙ୍କର ଭିନ୍ନ ଭିନ୍ନ ଖାଦ୍ୟ ସୁରକ୍ଷା ଯୋଜନାରେ ରାଜ୍ୟବ୍ୟାପୀ ସାମିଲ କରାଯାଉ। ମାଣ୍ଡିଆର ଉପଯୁକ୍ତ ଓ ନ୍ୟାୟପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରି ଏହାର ପ୍ରଣୟନକୁ କଡ଼ାକଡ଼ି କରାଯାଉ। ରାଜ୍ୟର ବହୁଚର୍ଚ୍ଚିତ ମିଲେଟ ମିଶନ କାର୍ଯ୍ୟକ୍ରମରେ ମାଣ୍ଡିଆ ସହିତ ଅନ୍ୟାନ୍ୟ ମିଲେଟକୁ ବହୁଳ ଭାବେ ଅନ୍ତର୍ଭୁକ୍ତ କରାଯାଉ। ସର୍ବଶେଷରେ ଆଦିବାସୀ ଚାଷ ବ୍ୟବସ୍ଥା ସହିତ କିଛି ବି କରିବା ପୂର୍ବରୁ ସରକାର ପ୍ରଥମେ ଜ୍ଞାନୀ ଆଦିବାସୀ ଚାଷୀଙ୍କ ପରାମର୍ଶ ନିଅନ୍ତୁ। ଆଦିବାସୀଙ୍କ ପାଖରେ ଥିବା ଚାଷବାସର ଜ୍ଞାନକୁ ମାନ୍ୟତା ଦେଇ ରାଜ୍ୟବ୍ୟାପୀ ପ୍ରସାର କରି ସାମ୍ପ୍ରତିକ କୃଷି ସମସ୍ୟାକୁ ସଫଳତାର ସହିତ ସମାଧାନ କରାଯାଇପାରିବ।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର
ମୋ: ୯୪୩୮୪୬୮୪୭୪

# ଓଡ଼ିଆ ଅସ୍ମିତା ହରଣ ପାଇଁ ଉଦ୍ୟମ



ଡ. ପ୍ରମୋଦ କୁମାର ପଣ୍ଡା

କେଉଁ କାଳରୁ କଳିଙ୍ଗ ବା ଉତ୍କଳ ବା ଓଡ଼ିଶାର ଖ୍ୟାତି ସମଗ୍ର ଭାରତବର୍ଷରେ ପ୍ରତିଷ୍ଠିତ। ସେ ଅଶୋକଙ୍କ କଳିଙ୍ଗଯୁଦ୍ଧ ବା ପୁରୀ ଧାମ କିମ୍ବା ପ୍ରାଚୀନ ନୌବାଣିଜ୍ୟ ଆବିଷ୍କାର କଥା ଅବା ରସଗୋଲା ଭଳି ସାଦିଷ୍ଟ ମିଷ୍ଟାନ୍ନ ଉଦ୍ଭାବନ କିମ୍ବା ଧାନର ଉତ୍ପତ୍ତି ସ୍ଥଳ ବା ଖାରବେଳଙ୍କ ସାମ୍ରାଜ୍ୟ ପ୍ରତିଷ୍ଠା ହେଉ ଅବା ମଧ୍ୟଯୁଗରେ ଗଜପତିମାନଙ୍କର ଗଗନଚୁମ୍ବୀ ସୂକ୍ଷ୍ମ କାରୁକାର୍ଯ୍ୟ ଖଚିତ ମନ୍ଦିରମାଳା କିମ୍ବା ସ୍ୱାଧୀନତାର ପ୍ରଥମ ସଂଗ୍ରାମ ପାଇକ ବିଦ୍ରୋହ ବା ଭାରତର ସର୍ବ କନିଷ୍ଠ ସ୍ୱାଧୀନତା ସଂଗ୍ରାମୀ ବାଜି ରାଉତଙ୍କ କଥା କିମ୍ବା ଭାରତର ଦୀର୍ଘତମ କାରାବାସୀ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଗାଥା ହେଉ, ବିଭିନ୍ନ କ୍ଷେତ୍ରରେ ଓଡ଼ିଆଙ୍କ ଶ୍ରେଷ୍ଠତ୍ୱର ନିଦର୍ଶନ ଦେଖିବାକୁ ମିଳେ। ମାତ୍ର ଦୁଃଖର କଥା ଏହି ଯେ ଆମ ଉଦ୍ୟମର ଅଭାବ ଯୋଗୁ ଆମକୁ ରାଷ୍ଟ୍ରୀୟ ଓ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଏକ ପଛୁଆ ଓ ଅନଗ୍ରସର ଜାତି ହିସାବରେ ପରିଚୟ ଦିଆଯାଉଛି। ବ୍ରିଟିଶ ଭାରତରେ ଭାଗ ଭାଗ କରି ବେଙ୍ଗଲ ପ୍ରେସିଡେନ୍‌ସି, ମାଡ୍ରାସ ପ୍ରେସିଡେନ୍‌ସି ଓ ସେଣ୍ଟ୍ରାଲ ପ୍ରେସିଡେନ୍‌ସିରେ ରଖିଲେ ଓ ଓଡ଼ିଶାର ବିକାଶକୁ ମନ୍ଥର କରି, ତା'ର ଇତିହାସ ଓ ସଂସ୍କୃତିକୁ ସଙ୍କୁଚିତ କଲେ। ପଡ଼ୋଶୀ ଇତିହାସକାର ଓଡ଼ିଆ ଇତିହାସକୁ ଭାରତ ଇତିହାସରୁ ବିଦା କରିଦେଲେ। ଓଡ଼ିଶା ଭଳି ବିଶାଳ ଭୂଖଣ୍ଡର ଇତିହାସକୁ କେଇ ଧାଡି କଳିଙ୍ଗଯୁଦ୍ଧରେ ସୀମିତ କରିଦିଆଗଲା। ମହାମେଘବାହନ ଐର ଖାରବେଳଙ୍କ ବିଶାଳ ସାମ୍ରାଜ୍ୟ (ଉତ୍ତରରେ ଗଙ୍ଗାଠାରୁ ଦକ୍ଷିଣରେ ଗୋଦାବରୀ ଓ ପୂର୍ବରେ ମହୋଦଧିଠୁ ପଶ୍ଚିମରେ ରାଜସ୍ଥାନ ପର୍ଯ୍ୟନ୍ତ) ଭାରତ ଇତିହାସରେ ସ୍ଥାନିତ ହୋଇପାରିଲା ନାହିଁ। ତା' ପରେ ବଙ୍ଗାଳିଙ୍କର ଓଡ଼ିଆ ଭାଷା ବିଲୋପ ଅଭିଯାନ ଆରମ୍ଭ ହେଲା। ସେଥିରେ ସଫଳ ହେଲେ ନାହିଁ। ତା' ପରେ ଗୀତଗୋବିନ୍ଦ ରଚୟିତା ଜୟଦେବଙ୍କୁ ନିଜର ଦାବି କରିବାର ଅପଚେଷ୍ଟା ? ବିଫଳ ହେବାପରେ ରସଗୋଲାର ଉତ୍ପତ୍ତି ସ୍ଥଳକୁ ନିଜର ଦାବି କରିବା ଅପଚେଷ୍ଟା। ସେଥିରେ ମଧ୍ୟ ବିଫଳ ହେବା ପରେ ଏବେ ହାତ ଦେଇଛନ୍ତି ଜଗନ୍ନାଥ ସଂସ୍କୃତି ଅସ୍ମିତା ହରଣରେ।

ହିନ୍ଦୁମାନଙ୍କର ୪ ମୋକ୍ଷ ଧାମ ମଧ୍ୟରୁ ଶ୍ରୀପୁରୁଷୋତ୍ତମ ଧାମ ବା ଜଗନ୍ନାଥ ଧାମ ହେଉଛି ଅନ୍ୟତମ। ପ୍ରତିବର୍ଷ କୋଟି କୋଟି ଶ୍ରଦ୍ଧାଳୁ ମୋକ୍ଷ ପ୍ରାପ୍ତି ପାଇଁ ଭଗବାନ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଓଡ଼ିଶା ଆସୁଛନ୍ତି। ସେମାନଙ୍କ ମଧ୍ୟରୁ ସିଂହଭାଗ ହେଉଛନ୍ତି ବଙ୍ଗାଳି ଭକ୍ତ। ଏହା ଦ୍ୱାରା ଓଡ଼ିଆଙ୍କ ସାଂସ୍କୃତିକ ଓ ଧାର୍ମିକ ଉତ୍କର୍ଷ ବା ବଡ଼ପଣ ଅନ୍ୟମାନଙ୍କ ଉପରେ ରହୁଛି। ତେଣୁ ଏହାକୁ ହରଣ କରିବା ପାଇଁ ଦୀଘା ଜଗନ୍ନାଥ ଧାମର ପରିକଳ୍ପନା ହୋଇଥାଇପାରେ। ପୁରୀକୁ କୋଟି କୋଟି ଭକ୍ତ ଆଗମନ ଦ୍ୱାରା ଓଡ଼ିଶାର ପର୍ଯ୍ୟଟନ ଶିଳ୍ପ ସମୃଦ୍ଧ ହେଉଛି ଓ ପ୍ରଚୁର ରୋଜଗାର ସୃଷ୍ଟି ହେଉଛି। ପୁରୀରୁ ପର୍ଯ୍ୟଟକ କମ୍ କରିବା, ଦୀଘାରେ ପର୍ଯ୍ୟଟକ ସଂଖ୍ୟା ବଢ଼ାଇବା ଏକ ସୁଚିନ୍ତିତ ପରିଯୋଜନା ହୋଇପାରେ। କାରଣ ଏହା ଏକ ସରକାରୀ ପରିଯୋଜନା।



୨୫୦ କୋଟି ଟଙ୍କାର ଯେତେବେଳେ ବ୍ୟୟ ବରାଦ ହେଲା, ସେତେବେଳେ ତା'ର ବିସ୍ତୃତ ଯୋଜନା ରିପୋର୍ଟ ନିଶ୍ଚୟ ପ୍ରସ୍ତୁତ ହୋଇଥିବ। ସେଥିରେ ଲାଭ ବିଶ୍ଳେଷଣ ଓ ମୂଳଧନ ବାହାର ଅବଧି ନିଶ୍ଚୟ ହିସାବ ହୋଇଥିବ। ଅର୍ଥାତ୍ ବର୍ଷକୁ କେତେ ପର୍ଯ୍ୟଟକ ଆସିବେ। ସେମାନଙ୍କଠୁ କେତେ ଜିଏସ୍‌ଟି ଆଦାୟ ହେବ ଓ କେତେ ରୋଜଗାର ସୃଷ୍ଟି ହେବ ସେ ବିଷୟରେ ନିଶ୍ଚୟ ହିସାବ କିତାବ ହୋଇଥିବ।

ଜଗନ୍ନାଥ ହେଉଛନ୍ତି ଜଗତର ନାଥ। ତେଣୁ କୌଣସି ସ୍ଥାନରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାକୁ ଆମେ ବିରୋଧ କରିବା ଉଚିତ ନୁହେଁ। ମାତ୍ର ତାକୁ ଅବିକଳ ପୁରୀମନ୍ଦିର ଢାଞ୍ଚାରେ ନିର୍ମାଣ କରିବା , ପୁରୀ ମନ୍ଦିର ଉଚ୍ଚତା ସହିତ ସମାନ କରିବା, ଜଗନ୍ନାଥ ମନ୍ଦିରଠୁ ବଡ଼ ଜାଗାରେ କରିବା ଓ ସର୍ବୋପରି ତା'ର ନାମ ଜଗନ୍ନାଥ ଧାମ ଦେବା ଏକ ଗଭୀର ଷଡ଼ଯନ୍ତ୍ର ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁନାହିଁ ତ ? ସେ ମନ୍ଦିରର ନାମ ଜଗନ୍ନାଥ ମନ୍ଦିର ଦେଇ ପାରିଥାନ୍ତେ। ମାତ୍ର ପର୍ଯ୍ୟଟକଙ୍କୁ ଭୁଆଁ ବୁଲେଇବା ପାଇଁ ବା ଆକର୍ଷିତ କରିବା ପାଇଁ ଜଗନ୍ନାଥ ଧାମ, ଦୀଘା ଦିଆଯାଇଛି। ବଡ଼ କଥା ହେଲା ଏହା ଅନ୍ୟ ଧର୍ମାବଲମ୍ବୀ ଅର୍ଥାତ ଖ୍ରୀଷ୍ଟିଆନ, ମୁସଲମାନ, ପାର୍ସୀ, ଶିଖ୍ ଆଦିଙ୍କ ପାଇଁ ଖୋଲା ରହିବ। ଯେହେତୁ ପୁରୀରେ ହିନ୍ଦୁଧର୍ମ ବ୍ୟତୀତ ଅନ୍ୟମାନଙ୍କର ପ୍ରବେଶ ବର୍ଜିତ, ତେଣୁ ଦୀଘାରେ ବିଦେଶୀଙ୍କ ଆଗମନ ଅଧିକ ହେବ। ବିଶ୍ୱରେ ଅଧିକ ପ୍ରଚାର ପ୍ରସାର ଘଟିବ।

ମୋକ୍ଷ ଧାମ ତାହାକୁ କୁହାଯାଏ, ଯେଉଁଠାକୁ ସ୍ୱୟଂ ବିଷ୍ଣୁ ପ୍ରତ୍ୟହ ପ୍ରଦକ୍ଷିଣ କରନ୍ତି। ସେଠାରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଅବସ୍ଥାନ କରନ୍ତି, ଧର୍ମ ଧାରଣା ନିର୍ଦ୍ଦେଶ ହେବା ପାଇଁ। ମାତ୍ର ଦୀଘାରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଆସ୍ଥାନ ନ ଥାଇ ଏବଂ ଭଗବାନ ବିଷ୍ଣୁଙ୍କର ପ୍ରତ୍ୟହ ପ୍ରଦକ୍ଷିଣର ପ୍ରମାଣ ନ ଥାଇ ତାକୁ ଧାମ ଆଖ୍ୟା ଦେବା ଏକ ସୁଚିନ୍ତିତ ରଣନୀତି ହୋଇପାରେ। ଆମେ ଓଡ଼ିଶାରେ କୌଣସି ସ୍ଥାନରେ ଜାଲିଆନାୱାଲାବାଗ ଶହୀଦ ସ୍ଥାନ ଲେଖିବା କିମ୍ବା ଅମୃତସରର ସ୍ୱର୍ଣ୍ଣମନ୍ଦିର ଢାଞ୍ଚାରେ ବୃହଦାକାୟ ମନ୍ଦିର ନିର୍ମାଣ କରି ତା'ର ନାମ ସ୍ୱର୍ଣ୍ଣମନ୍ଦିର ଲେଖିପାରିବା କି? ଗଣମାଧ୍ୟମ ତଥ୍ୟ ଅନୁଯାୟୀ ପୁରୀ ଜଗନ୍ନାଥ ମନ୍ଦିର ସେବାୟତ ଯାଇ ସେଠାରେ ପ୍ରତିଷ୍ଠା କରିବା ଓ ଜଗନ୍ନାଥ ମନ୍ଦିରର ଅବିକଳ ରୀତିନୀତି କରାଇବାର ଅର୍ଥ ହେଉଛି ପରୋକ୍ଷରେ ଶ୍ରୀଜଗନ୍ନାଥ ମନ୍ଦିରର ଗୁରୁତ୍ୱକୁ ହ୍ରାସ କରିବା। ହୁଏତ ଓଡ଼ିଆ ସେବାୟତ ଦୀଘାରେ ଅବିକଳ ପୁରୀ ମନ୍ଦିର ଶୈଳୀରେ ଗଠିତ ଜଗନ୍ନାଥ ଧାମ ନାମିତ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାର ଅସଲ ଉଦ୍ଦେଶ୍ୟ ବୁଝିଥାଇ ନ ପାରନ୍ତି। ମାତ୍ର ଯେ କୌଣସି ପଦକ୍ଷେପ ଓଡ଼ିଆ ଅସ୍ମିତା ହ୍ରାସ ପାଇଁ ବିଶେଷ କରି ମହାପ୍ରଭୁ ଜଗନ୍ନାଥଙ୍କ ଅସ୍ମିତା ହ୍ରାସ ଲାଗି କରାଗଲେ, ତାକୁ କୌଣସି ପ୍ରକାର ସହ୍ୟ କରାଯାଇପାରିବ ନାହିଁ। ଆଜିର ଇଣ୍ଟରନେଟ ଯୁଗରେ ଦୁଇଟି ଜଗନ୍ନାଥ ଧାମ (ଗୋଟିଏ ପୁରୀରେ ଓ ଅନ୍ୟଟି ଦୀଘାରେ) ନିଶ୍ଚିତ ରୂପେ ଭାବୀ ପିଢ଼ିଙ୍କ ମନରେ ଶଙ୍କା ସୃଷ୍ଟି କରିବ। ତେଣୁ ଏହା ହଜାର ହଜାର ଜଗନ୍ନାଥ ମନ୍ଦିର ପରି ଏକ ମନ୍ଦିର ହୋଇ ରହୁ ମାତ୍ର ଆଉ ଏକ ଜଗନ୍ନାଥ ଧାମ ନ ହେଉ।

ଶ୍ୟାମଚାନ୍ଦ ପାଟଶା, ଭଦ୍ରକ
ମୋ -୮୯୧୭୪୨୬୪୪୦

## ଏଇ ଭାରତରେ

ଗଛ ଓ ବାଉଁଶରୁ କାଗଜ ତିଆରି କରିବା ପରିବେଶ ପାଇଁ କ୍ଷତିକାରକ। ଏଣୁ ଏହାର ସମାଧାନ ଉପାୟ ଆଣିଛନ୍ତି ଗୁଜରାଟ ସୁରଟର ରତ୍ନୁରିତା ଜୈନ। ସେ କଦଳିଗଛର ତନ୍ତୁ ଓ ବୟନଶିଳ୍ପରୁ ବାହାରୁଥିବା ବର୍ଜ୍ୟକୁ ଉପଯୋଗ କରି କାଗଜ ତିଆରି କରୁଛନ୍ତି। ଏବେ ସୁଦ୍ଧା ସେ ୧୪୦ ଟନ୍ ଏଭଳି ବର୍ଜ୍ୟ କାଗଜ ତିଆରିରେ ବ୍ୟବହାର କରିସାରିଲେଣି। ସେ କଦଳୀ ଉତ୍ପାଦନ ପରେ ବର୍ଜ୍ୟ ଭାବେ ପଡ଼ିରହୁଥିବା କଦଳୀଗଛକୁ ସଂଗ୍ରହ କରୁଛନ୍ତି ଏବଂ ଏଥିପାଇଁ ଚାଷୀଙ୍କୁ ପ୍ରାପ୍ୟ ରାଶି ଦେଉଛନ୍ତି। ଫଳରେ ସୁରଟ ଅଞ୍ଚଳର ଚାଷୀମାନେ କଦଳୀ ଚାଷ କରିବାକୁ ଆଗ୍ରହୀ ମଧ୍ୟ ହୋଇଛନ୍ତି। ରତ୍ନୁରିତା ବାୟୋଟେକ୍‌ନୋଲୋଜିରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପରେ ଆଇଆଇଟି, ବମ୍ବେରେ ପିଏଚ୍.ଡି. କରିଛନ୍ତି। କଦଳୀଗଛର ତନ୍ତୁ ଓ ବୟନଶିଳ୍ପ ବର୍ଜ୍ୟରୁ କାଗଜ ତିଆରି କରିବା ପାଇଁ ସେ ଗବେଷଣାରେ ସଫଳ ହେବା ପରେ ୨୦୧୩ରେ ସେ ତାଙ୍କ କାର୍ଯ୍ୟ ଆରମ୍ଭ କରିଥିଲେ ଏବଂ 'ପେପରଡମ' ସଂସ୍ଥା ଗଠନ କରି ତାହାକୁ ଜାରି ରଖିଛନ୍ତି। ସେ ତିଆରି କରୁଥିବା କାଗଜକୁ ମୁମ୍ବାଇ ଓ ସୁରଟ୍‌ରେ ଅଧିକ ବିକ୍ରି କରୁଛନ୍ତି। ଏହା ବ୍ୟତୀତ ସେ ତାଙ୍କ ହାତ ତିଆରି କାଗଜରୁ ୭୦ଟି ଉତ୍ପାଦ ତିଆରି କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୮ ମେ ୧୯୭୬

- ଜାତିସଂଘ ବାଣିଜ୍ୟ ଉନ୍ନୟନ ସମ୍ମିଳନୀରେ ଗୋଟିଏ ଆନ୍ତର୍ଜାତିକ ସାଧାରଣ ପାଣ୍ଠି ଗଠନ ପାଇଁ ନିଷ୍ପତ୍ତି ନିଆଯାଇଛି।
- ପାକିସ୍ତାନୀ ସୈନ୍ୟମାନଙ୍କୁ ପାକିସ୍ତାନ ଅଧିକୃତ କଶ୍ମୀରର କାଇକୋରମ ରାଜପଥରେ ରାସ୍ତା ନିର୍ମାଣ ନିମନ୍ତେ ଚାଇନାର ସାହାଯ୍ୟ।

## ଚିରନ୍ତନୀ

ମାନବର ଶିଳ୍ପ କଳା କଳ୍ପନା ଘଟିତ
ଯୁଗ ଯୁଗ ଧରି ଯାହା ହୋଇଛି ଗଠିତ,
ମାନବର ହସ୍ତେ ବହି ରୂପ
ଭାଗ୍ୟେ ତା'ର କରୁଛ-ବିଦ୍ରୂପ,
ଅନ୍ତର ଗୁହାରି
ଶୁଣ କି ତାହାରି ?
ଶୂନ୍ୟ ପ୍ରାଣ
ହେ ପାଷାଣ !

(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 1 | 4 | 9 | | | | |
| 5 | | | 6 | | | | 2 | |
| | 6 | | 1 | | 7 | | | 5 |
| | 5 | | | 4 | | 2 | | |
| | | | | | 3 | | | 8 |
| 4 | | 7 | | | | | | |
| | | 2 | | | | | | |
| | | 5 | | 8 | | 7 | | |
| 3 | 7 | | | | | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 5 | 7 | 3 | 9 | 2 | 4 | 6 | 8 |
| 6 | 8 | 2 | 1 | 5 | 4 | 9 | 7 | 3 |
| 4 | 3 | 9 | 6 | 7 | 8 | 2 | 1 | 5 |
| 7 | 9 | 5 | 4 | 6 | 1 | 3 | 8 | 2 |
| 8 | 6 | 4 | 2 | 3 | 5 | 7 | 9 | 1 |
| 3 | 2 | 1 | 9 | 8 | 7 | 5 | 4 | 6 |
| 9 | 7 | 6 | 8 | 2 | 3 | 1 | 5 | 4 |
| 5 | 4 | 3 | 7 | 1 | 6 | 8 | 2 | 9 |
| 2 | 1 | 8 | 5 | 4 | 9 | 6 | 3 | 7 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଆତଙ୍କବାଦ ସମାଜ ପାଇଁ ଅଭିଶାପ

ମହାଶୟ,

ଭାରତ କେବେହେଲେ ଅନ୍ୟ ଦେଶର ସାର୍ବଭୌମତା ଉପରେ ତିଳେମାତ୍ର ହସ୍ତକ୍ଷେପ କରିନାହିଁ। ଯେଉଁଥିପାଇଁ ଭାରତର ଚାରିପଟେ ରହିଥିବା ଛୋଟିଆ ଛୋଟିଆ ଦେଶଗୁଡ଼ିକ ବିନା ଭୟରେ ମୁଣ୍ଡ ଉଠାଇ ରହି ପାରିଛନ୍ତି। କିନ୍ତୁ ପାକିସ୍ତାନ ଦ୍ୱାରା ଗଠନ କରାଯାଇଥିବା ଆତଙ୍କବାଦୀ ସଂଗଠନଗୁଡ଼ିକ ଅନେକ ସମୟରେ ଭାରତରେ ଲୋକଙ୍କୁ ହତ୍ୟା କରୁଛନ୍ତି। ଭାରତ ବିଶ୍ୱ ଦରବାରରେ ଏଥିପାଇଁ ଅନେକ ଥର ସ୍ୱର ଉଠାଇଛି। ବିଶ୍ୱର ନେତାମାନେ ଦୃଢ଼ ହସ୍ତରେ ଯଦି ଆତଙ୍କବାଦୀ ଦେଶଗୁଡ଼ିକୁ ଦମନ କରନ୍ତେ, ତା'ହେଲେ ଆତଙ୍କବାଦୀ ଓ ଆତଙ୍କବାଦକୁ ନିପାତ କରାଯାଇ ପାରିଥାନ୍ତା। ଆତଙ୍କବାଦ ସଭ୍ୟ ସମାଜ ପାଇଁ ଏକ ଅଭିଶାପ। ଭାରତ ମେ ୭ ତାରିଖ ରାତରେ ପାକସ୍ତାନର ଆତଙ୍କବାଦୀ ଆଡ୍ଡା ଉପରେ ଆକ୍ରମଣ କରିଛି। ଆତଙ୍କବାଦୀଙ୍କ ୯ଟି ଆଡ୍ଡାକୁ ନଷ୍ଟ କରାଯାଇଛି। ଲସ୍କର-ଇ-ତୋଇବା, ଜୈସ ଇ ମହମ୍ମଦର ସିଏଦନା କ୍ୟାମ୍ପକୁ ଟାର୍ଗେଟ କରାଯାଇଛି। ଏହି ସମସ୍ତ ସ୍ଥାନରେ ଭାରତ ବିରୋଧୀ ଟ୍ରେନିଂ ବା ପ୍ରଶିକ୍ଷଣ ଦିଆଯାଉଥିଲା।

**- କାଳୀ ଦାସ, ବ୍ରହ୍ମପୁର, ଖୋଡାସିଂ କଳିଙ୍ଗନଗର, ଗଞ୍ଜାମ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜଗତପୁର ବିସ୍କୁଟ କାରଖାନାରେ ଭୟାବହ ଅଗ୍ନିକାଣ୍ଡ

## ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ

ମଙ୍ଗୁଳି-ଜଗତପୁର,୧୭।୫(ମାନସ ସାମଲ)

କଟକ ଜିଲା ଜଗତପୁର ଥାନା ଅଧୀନ ନୂତନ ଶିଳ୍ପାଞ୍ଚଳସ୍ଥିତ ଏକ ବିସ୍କୁଟ କାରଖାନାରେ ଶନିବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଫଳରେ କାରଖାନାରେ ଥିବା ତେଲଜାତୀୟ ସାମଗ୍ରୀ, ବିସ୍କୁଟ ଓ ଯନ୍ତ୍ରାଂଶ ସହ କଞ୍ଚାମାଲ ପାଖାପାଖି ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ନିଆଁ ଲାଗିବା ଠିକ୍ କାରଣ ଜଣା ନ ପଡିଥିବା ବେଳେ ବିଦ୍ୟୁତ୍ ଶର୍ଟସର୍କିଟରୁ ନିଆଁ ଲାଗିଥିବା କାରଖାନା କର୍ମଚାରୀ ଅନୁମାନ କରୁଛନ୍ତି। ସୂଚନା ଅନୁଯାୟୀ, ପ୍ରବଳ ଗରମରୁ ରକ୍ଷା ପାଇଁ ପ୍ରତିଦିନ କାରଖାନାରେ ସକାଳ ୬ଟାରୁ ବିସ୍କୁଟ ପ୍ରସ୍ତୁତ କରାଯାଉଥିଲା। ପ୍ରତିଦିନ ପରି ଶନିବାର ସକାଳୁ କାରିଗରମାନେ ନିଜ କାମରେ ଲାଗି ପଡିଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟାରେ ହଠାତ୍ ଗୋଦାମ ଘରୁ ପ୍ରଚଣ୍ଡ କଳା ଧୂଆଁ ବାହାରୁଥିବା ଦେଖିବାକୁ ମିଳିଥିଲା। ଉପସ୍ଥିତ କର୍ମଚାରୀ ଗୋଦାମ ଘର ଖୋଲି ଦେଖିଲାବେଳକୁ ଭିତରେ ତୈଳଜାତୀୟ ସାମଗ୍ରୀ, ପଲିଥିନ ଥିବାରୁ ସେଥିରେ ନିଆଁ ଲାଗି ହୁହୁ ହୋଇ ଜଳୁଛି। କାରଖାନା କର୍ମଚାରୀ ଓ ମାଲିକ ନିଜେ ନିଆଁକୁ ଆୟତ୍ତ ପାଇଁ ଚେଷ୍ଟା କରିଥିଲେ ମଧ୍ୟ କିଛି ମିନିଟ୍ ମଧ୍ୟରେ ନିଆଁ ଅନ୍ୟ ଗୃହକୁ ବ୍ୟାପୀ ଯାଇଥିଲା। ନିଆଁ ଲିଭାଇବାରେ ଅସମର୍ଥ ହେବାରୁ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। କଟକ ଓ ଚଉଳିଆଗଞ୍ଜ ଅଗ୍ନିଶମ ବାହିନୀ ଆସି ସେଠାରେ ପହଞ୍ଚିଥିଲା। ନିଆଁର ପ୍ରଚଣ୍ଡତାପ ଓ ଧୂଆଁ ପାଇଁ ଅଗ୍ନିଶମ କର୍ମଚାରୀ ଭିତରକୁ ପ୍ରବେଶ ନ କରି ୩ଟି ଦମକଳ ସହାୟତାରେ ଝରକାବାଟେ ପାଣି ସ୍ପ୍ରେ କରି ପ୍ରାୟ ୩ଘଣ୍ଟା ଅକ୍ଳାନ୍ତ ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିପାରିଥିଲେ। କିନ୍ତୁ ସେତେବେଳକୁ କାରଖାନାର ସମସ୍ତ ସାମଗ୍ରୀ ଜଳି ପୋଡ଼ି ପାଉଁଶ ହୋଇଯାଇଥିଲା। କାରଖାନା ମାଲିକ ଦୁର୍ଗା ମାଧବ ପାଣିଗ୍ରାହୀ ନିଆଁ ଲିଭାଇବା ବେଳେ ସାମାନ୍ୟ ଆହତ ହୋଇଥିଲେ।



ଅଗ୍ନିଶମ କର୍ମଚାରୀମାନେ ନିଆଁ ଲିଭାଉଛନ୍ତି।

# ମହାପ୍ରଭୁଙ୍କ ମହାପ୍ରସାଦକୁ ପୁଣି ଅସମ୍ମାନ

## ହୋଟେଲ ଡାଇନିଂ ଟେବୁଲରେ ବସି ଖାଇଲେ

ପୁରୀ, ୧୭।୫
(ଅଜିତ୍ କୁମାର ମହାନ୍ତି)



ମହାପ୍ରଭୁଙ୍କ ମହାପ୍ରସାଦକୁ ପୁଣି ଅସମ୍ମାନ। ପୁରୀର ଏକ ତାରକା ହୋଟେଲରେ ଦେଖିବାକୁ ମିଳିଛି ଏଭଳି କିଛି ଦୃଶ୍ୟ। ଏକ ହୋଟେଲର ଡାଇନିଂ ଟେବୁଲ୍‌ରେ ବସି କିଛି ପର୍ଯ୍ୟଟକ ମହାପ୍ରସାଦ ସେବନ କରୁଥିବା ଦେଖିବାକୁ ମିଳିଛି, ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାର ଲାଗିଛି। ମହାପ୍ରସାଦକୁ ଅସମ୍ମାନ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। କୋଟି କୋଟି ହିନ୍ଦୁଙ୍କ ଭାବାବେଗ ସହ ଜଡ଼ିତ ମହାପ୍ରଭୁଙ୍କ ମହାପ୍ରସାଦ ଦୁର୍ମୂଲ୍ୟ ହୋଇଥିବା ବେଳେ ଏଭଳି କାର୍ଯ୍ୟ ନିନ୍ଦନୀୟ ବୋଲି ମତପ୍ରକାଶ ପାଉଛି। ଡାଇନିଂରେ ବସି ଖାଉଥିବା ପର୍ଯ୍ୟଟକ ହେଉଛନ୍ତି ଓଡ଼ିଆ ଲୋକ। ଓଡ଼ିଆ ହୋଇ କିପରି ମହାପ୍ରଭୁଙ୍କ ମହାପ୍ରସାଦଙ୍କୁ ଅସମ୍ମାନ କଲେ ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

ଶାସ୍ତ୍ରର ମାନ୍ୟତା ତଥା ବିଶ୍ୱାସ ଅନୁଯାୟୀ, ମହାପ୍ରଭୁଙ୍କୁ ଦର୍ଶନ କଲେ ଯେତିକି ପୁଣ୍ୟ ମିଳେ, ମହାପ୍ରସାଦ ସେବନରେ ସେତିକି ପୁଣ୍ୟପ୍ରାପ୍ତି ହୋଇଥାଏ। ମହାପ୍ରଭୁଙ୍କ ଦିବ୍ୟ ମହାପ୍ରସାଦ ଅନ୍ନବ୍ରହ୍ମ ରୂପେ ପୂଜିତ। ଭୂମି ଉପରେ ବସି ମହାପ୍ରସାଦ ସେବନର ବିଧି ପରମ୍ପରା ଅନାଦି କାଳରୁ ରହିଆସିଛି। କିନ୍ତୁ ଓଡ଼ିଆ ଲୋକ ଓ ବ୍ରାହ୍ମଣ ସମସ୍ତ ବିଷୟରେ ଜାଣି ମହାପ୍ରସାଦକୁ ନେଇ ଯେପରି ଅସମ୍ମାନ କରିଛନ୍ତି, ତାହାକୁ ନେଇ ସାଧାରଣରେ ନିନ୍ଦା କରାଯାଇଛି। ମହାପ୍ରସାଦକୁ ଅପମାନ କରିବାକୁ ନେଇ ସେବାୟତ ମହଲରେ ମଧ୍ୟ କ୍ଷୋଭ ପ୍ରକାଶ ପାଇଛି। ତେବେ ମହାପ୍ରସାଦକୁ ଏହିପରି ଅସମ୍ମାନ କରିବା ଆଦୌ ଗ୍ରହଣୀୟ ନୁହେଁ ବୋଲି ସେବାୟତ ମହଲରେ ମତ ପ୍ରକାଶ ପାଇଛି। ଡାଇନିଂ ଟେବୁଲରେ ମହାପ୍ରସାଦ ସେବନ ନ କରିବାକୁ ଟ୍ୱିଟ୍ ମାଧ୍ୟମରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ଏଭଳି ନିବେଦନ କରାଯାଇଛି।

ବରିଷ୍ଠ ସେବାୟତ ଗୌରହରୀ ପ୍ରଧାନ କହିଛନ୍ତି, ମହାପ୍ରସାଦକୁ ଅପମାନ କରିବା ନେଇ ସୋସିଆଲ ମିଡିଆରେ ଭିଡିଓ ଦେଖିବା ପରେ ବହୁତ କଷ୍ଟ ହୋଇଥିଲା। ଖାଇବା ଲୋକ ଅପେକ୍ଷା ଖାଇବାକୁ ଦେଉଥିବା ଲୋକ ସେମାନଙ୍କୁ ମହାପ୍ରସାଦ କିପରି ସେବନ କରାଯାଏ ତାହା କହିବାର ଆବଶ୍ୟକତା ରହିଥିଲା। ବଡ଼ଦାଣ୍ଡର ଧୂଳିକୁ ଲୋମେ ମଥାରେ ଲଗାଉଛନ୍ତି, ସେଠାରେ ମହାପ୍ରସାଦକୁ ଏପରି ଅସମ୍ମାନ କରିବା ଠିକ୍ ନୁହେଁ। ବରିଷ୍ଠ ସେବାୟତ ହଜୁରୀ କୃଷ୍ଣଚନ୍ଦ୍ର ଖୁଣ୍ଟିଆ କହିଛନ୍ତି, ଏପରି ଘଟଣା ଅଗଣିତ ଜଗନ୍ନାଥପ୍ରେମୀଙ୍କୁ ମର୍ମାହତ କରିଛି। ଓଡ଼ିଆ ଲୋକ ଓଡିଆ ଅସ୍ମିତା କଥା ଭୁଲିଗଲେ। ସବୁ ହୋଟେଲ୍‌ରେ ଏକ ରୁମ୍ ରହିବା ଆବଶ୍ୟକ ଯେଉଁଠି ମହାପ୍ରସାଦ ସେବନ କରାଯିବ ସେ କହିଛନ୍ତି।

# ଜୁନ୍ ୧୧ରୁ ୧୩ : ସରକାରଙ୍କ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ

## ଗୃହ ସଚିବଙ୍କ ଅଧ୍ୟକ୍ଷତାରେ ଗଠନ ହେଲା କମିଟି

ଭୁବନେଶ୍ୱର, ୧୭।୫(ସୁନିତ୍ ମିଶ୍ର/ରବିନାରାୟଣ ଜେନା)

ଆସନ୍ତା ଜୁନ୍‌ରେ ନୂଆ ସରକାର ଗଠନ ହେବାର ବର୍ଷ ପୂର୍ତ୍ତି ପାଳନ କରାଯିବ। ଏହି ପରିପ୍ରେକ୍ଷୀରେ ବର୍ଷକ ମଧ୍ୟରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ଉଲ୍ଲେଖନୀୟ ସଫଳତା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯିବ। ସରକାରଙ୍କ ତରଫରୁ ଆସନ୍ତା ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ରାଜ୍ୟ, ଜିଲା ଓ ବ୍ଲକ୍‌ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବା ନେଇ ଆଲୋଚନା ହୋଇଛି। ପ୍ରଶାସନିକ ସ୍ତରରେ ୨ୟ ପ୍ରସ୍ତୁତି ବୈଠକ ଶନିବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ ପାଇଁ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। ଏହି କମିଟି କାର୍ଯ୍ୟର ତଦାରଖ ଓ ସମନ୍ୱୟ ରକ୍ଷା କରିବେ। ଏହାସହ ବର୍ଷ ପୂର୍ତ୍ତି ଉପଲକ୍ଷେ କରାଯିବାକୁ ଥିବା ବିଭିନ୍ନ ଉଦ୍‌ଘାଟନ, ଶିଳାନ୍ୟାସ ଆଦି କାର୍ଯ୍ୟକ୍ରମର ପ୍ରସ୍ତୁତିକୁ ଅଗ୍ରାଧିକାର ଭିତ୍ତିରେ କରିବା ସମ୍ପର୍କରେ ବୈଠକରେ ଗୁରୁତ୍ୱ ଦିଆଯାଇଛି।

ବୈଠକରେ ବିଭିନ୍ନ ବିଭାଗର ସଚିବ ଏବଂ କମିଶନରମାନେ ଯୋଗଦେଇଥିଲେ । ଏ ସମ୍ପର୍କରେ ଗତ ୨୫ ଏପ୍ରିଲରେ ଅନୁଷ୍ଠିତ ୧ମ ପ୍ରସ୍ତୁତି ବୈଠକର ନିଷ୍ପତ୍ତି ଆଧାରରେ ବିଭିନ୍ନ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନ ପାଇଁ ଗୁରୁତ୍ୱାରୋପ କରାଯାଇଥିଲା। ଗୃହ ବିଭାଗ ପକ୍ଷରୁ ଆହୂତ ଏହି ବୈଠକର ପ୍ରାରମ୍ଭରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ । ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ଯୋଜନାର ଫଳପ୍ରସୂ ପଦକ୍ଷେପ, ବିଭିନ୍ନ ଯୋଜନା, କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ କାର୍ଯ୍ୟାନ୍ୱୟନ ଏବଂ ବହୁବିଧ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଜନସଚେତନତା ସୃଷ୍ଟି ଉପରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହାସହ ଓର୍‌ମାସ ସହଯୋଗରେ ୫ ଦିନ ପ୍ରଦର୍ଶନୀ ଅନୁଷ୍ଠିତ ହେବ। ଜନତା ମଇଦାନଠାରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୧୫ ବିଭାଗକୁ କାର୍ଯ୍ୟକ୍ରମର ଆୟୋଜନରେ ସହଯୋଗ କରିବା ପାଇଁ ପରାମର୍ଶ ଦିଆଯାଇଛି। ପ୍ରତି କାର୍ଯ୍ୟକ୍ରମରେ ବିଷୟଭିତ୍ତିକ ଆଲୋଚନା, ସାଂସ୍କୃତିକ କାର୍ଯ୍ୟକ୍ରମ, ବ୍ଲକ୍‌ସ୍ତରରେ ସୂଚନା, ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହେବ। ସରକାର ଗଠନର ବର୍ଷକ ମଧ୍ୟରେ ଯେଉଁସବୁ ପ୍ରତିଶ୍ରୁତି ରାଜ୍ୟ ସରକାର ପାଳନ କରିଛନ୍ତି ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଏଠାରେ କରିଛନ୍ତି ତାହାକୁ ଏକ ପୁସ୍ତକରେ ସ୍ଥାନିତ କରାଯାଇ ଉନ୍ମୋଚନ କରାଯିବ।

# ୨୦ ମାଓବାଦୀ ଗିରଫ, ବିପୁଳ ଅସ୍ତ୍ରଶସ୍ତ୍ର ଜବତ

ମାଲକାନଗିରି,୧୭।୫(ଦୁର୍ଯ୍ୟୋଧନ ପାତ୍ର)

ତେଲଙ୍ଗାନା ରାଜ୍ୟ ମୁଲୁଗୁ ଜିଲା ପୋଲିସ ୨୦ ଜଣ ମାଓବାଦୀଙ୍କୁ ଶନିବାର ଗିରଫ କରଛି। ଏଥିସହ ସେମାନଙ୍କ ନିକଟରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଛି। ସୂଚନା ଅନୁଯାୟୀ, ମୁଲୁଗୁ ପୋଲିସ ନିକଟସ୍ଥ ଗଜେଡ୍, କନାଇଗୁଡେମ ଓ ଭେଙ୍କାଟାପୁରମ ଜଙ୍ଗଲରେ କୋମ୍ବିଂ କରୁଥିବା ସମୟରେ ସେଠାରେ ମାଓବାଦୀ ଥିବା ଖବର ପାଇ ଚାରିପଟୁ ଘେରାଉ କରିଥିଲେ। ସେହି କ୍ୟାମ୍ପରେ ୨୦ ମହିଳା ଓ ପୁରୁଷ ମାଓବାଦୀଙ୍କୁ ଗିରଫ କରିବା ସହ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଥିଲା। ଏହି ଅସ୍ତ୍ରଶସ୍ତ୍ରଗୁଡିକ ମଧ୍ୟରେ ତିନୋଟି ଇନ୍‌ସାସ୍, ଚାରିଟି ଏସ୍‌ଏଲ୍‌ଆର୍, ୪ଟି ୱାକିଟକି, ୬ ପେନ୍‌ଡ୍ରାଇଭ୍, ୫ ଦେଶୀ ବନ୍ଧୁକ, ୧୬ ଗୁଳି ଭରା କାର୍ଟ୍ରିଜ୍ ପ୍ୟାକେଟ୍, ଛଅଟି ମେମରି କାର୍ଡ, ନଅଟି ବ୍ୟାଟେରି ସହ ଅନ୍ୟାନ୍ୟ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି । ଗିରଫ ମାଓବାଦୀମାନଙ୍କୁ ଶନିବାର କୋର୍ଟ ଚାଲାଣ କରା ଯାଇଥିବା ମୁଲୁଗୁ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।


ODISHA UNIVERSITY OF AGRICULTURE AND TECHNOLOGY
BHUBANESWAR-751003

No. ACD-I-ADM-0001/2022-25/8525/UAT Dt. 17th May, 2025

**Under Graduate Entrance Examination, OUAT, 2025-26**

Due to rescheduling of CUET Examination, which is coinciding with OUAT Common UG Entrance Examination scheduled on 2nd and 3rd of June, 2025, candidates willing to appear both the tests may visit OUAT website https://ouat.ac.in (Academic Section > admission section) and provide the information sought for (in the link) by 20th May, 2025 for facilitating necessary adjustments in Date and Venue, if possible. No response shall be treated as willingness to stick to earlier schedule of OUAT Entrance Examination.

Sd./- REGISTRAR



जिला अभियंता का कार्यालय,
जिला परिषद्, रामगढ़
Email ID :- eedbramgarh@gmail.com

-:: शुद्धि पत्र ::-

एतद् द्वारा सूचित किया जाता है कि अपरिहार्य कारणवश इस कार्यालय द्वारा आमंत्रित अति–अल्पकालीन निविदा आमंत्रण सूचना संख्या ZP/RAMGARH/01/2025-26, PR No.- 352355 अन्तर्गत प्रकाशित निविदा के क्रम संख्या– 09 में अंकित " **जिला परिशद्, रामगढ़ के अंतर्गत पंजीकृत समुचित श्रेणी के संवदेक** " के स्थान पर " **विद्युत विभाग, झारखण्ड सरकार के अन्तर्गत श्रेणी– I में पंजीकृत संवेदक** " पढ़ा व समझा जाय।
शेष शर्तें यथावत् रहेगी।

ह०/–
जिला अभियंता,
जिला परिषद, रामगढ़।

PR.NO.352784 District(25-26):D


# କୂଅରୁ ଭାଲୁ ଉଦ୍ଧାର

କେନ୍ଦୁଝର,୧୭।୫(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ବନାଞ୍ଚଳ ଗୁହାଳଚଟୁଆ ଗ୍ରାମର ଜଣେ ବ୍ୟକ୍ତିଙ୍କ କୂଅରେ ପଡ଼ିଥିବା ଏକ ଭାଲୁକୁ ନରଣପୁର ବନବିଭାଗ ଉଦ୍ଧାର କରିଛି। ଶୁକ୍ରବାର ରାତିରେ ଭାଲୁ କୂଅରେ ପଡ଼ିଯାଇଥିଲା। ଘର ମାଲିକ ଭାଲୁ ପଡ଼ିଥିବା ଦେଖି ହାତୀ ପାଟ୍ରୋଲିଂରେ ଯାଇଥିବା ବନ କର୍ମଚାରୀଙ୍କୁ ଖବର ଦେଇଥିଲେ। ଖବର ପାଇ ନରଣପୁର ଫରେଷ୍ଟର କାଳନ୍ଦୀଚରଣ ସାମଲ ଓ ସ୍କ୍ୱାର୍ଡ କର୍ମଚାରୀ ଘଟଣାସ୍ଥଳକୁ ଯାଇ କୂଅରେ ଅଧିକ ପାଣିଥିବାରୁ ସିଡି ପକାଇଥିଲେ। ଫଳରେ ଭାଲୁ ସିଡିକୁ ଧରି ଉପରକୁ ଆସିଥିଲା। ପରେ ଭାଲୁଟି ସ୍ଥାନୀୟ ଜଙ୍ଗଲକୁ ଚାଲିଯାଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ଭାଲୁ ଦେଖିବାକୁ ଲୋକଙ୍କ ଭିଡ ଜମିଥିଲା।

# 'ସୁଗାର ବୋର୍ଡ' ଗଠନ ଲାଗି ସ୍କୁଲ୍‌କୁ ସିବିଏସ୍‌ଇର ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୭।୫(ପି.ଟି.)

ପିଲାମାନେ ଚିନି ଖାଇବା ଉପରେ ନଜର ରଖିବା ଓ କମାଇବା ପାଇଁ 'ସୁଗାର ବୋର୍ଡ' ଗଠନ ନିମନ୍ତେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ସ୍ୱୀକୃତିପ୍ରାପ୍ତ ସ୍କୁଲ୍‌ଗୁଡ଼ିକୁ ନିର୍ଦ୍ଦେଶ ଦେଇଛି। ଗତ ୧୦ ବର୍ଷ ମଧ୍ୟରେ ପିଲାମାନଙ୍କ ମଧ୍ୟରେ ଟାଇପ୍-୨ ଡାଇବେଟିସ୍ ଉଲ୍ଲେଖନୀୟ ଭାବେ ବଢୁଥିବା ସିବିଏସ୍‌ଇ ଜାଣିବାକୁ ପାଇଛି। ଏହି ସମସ୍ୟା ଏକଦା ବୟସ୍କମାନଙ୍କଠାରେ ପ୍ରାଥମିକ ଭାବେ ଦେଖାଯାଉଥିଲା। ଅତ୍ୟଧିକ ଚିନି ଖାଇବା, ସ୍କୁଲ୍ ପରିବେଶରେ ସହଜରେ ଉପଲବ୍ଧ ହେଉଥିବା ଶର୍କରାଯୁକ୍ତ ସ୍ନାକ୍ସ, ପାନୀୟ ଏବଂ ପ୍ରକ୍ରିୟାକୃତ ଖାଦ୍ୟ ବାରମ୍ବାର ଖାଇବା ଧାରା ବଢ଼ିଚାଲିଛି। ଅତ୍ୟଧିକ ଶର୍କରା ଖାଇବା ଦ୍ୱାରା କେବଳ ମଧୁମେହ ବିପଦ ବଢୁନାହିଁ ବରଂ ମେଦବହୁଳତା, ଦାନ୍ତ ସମସ୍ୟା ଓ ଖାଦ୍ୟକୁ ଶକ୍ତିରେ ରୂପାନ୍ତରଣ କରିବା ପ୍ରକ୍ରିୟାରେ ବାଧା ଯୋଗୁ ପିଲାମାନଙ୍କ ଦୀର୍ଘମିଆଦୀ ସ୍ୱାସ୍ଥ୍ୟ ଏବଂ ଶୈକ୍ଷିକ ପ୍ରଦର୍ଶନ ପ୍ରଭାବିତ ହୋଇଥାଏ ବୋଲି ସିବିଏସ୍‌ଇ ସ୍କୁଲ୍ ପ୍ରିନ୍ସିପାଲମାନଙ୍କୁ ଲେଖିଥିବା ଚିଠିରେ କୁହାଯାଇଛି। ଅଧ୍ୟୟନ ଅନୁଯାୟୀ, ୪ରୁ ୧୦ ବର୍ଷ ବୟସବର୍ଗର ପିଲା ଗ୍ରହଣ କରୁଥିବା ଦୈନିକ କ୍ୟାଲୋରିର ୧୩ ପ୍ରତିଶତ ଶର୍କରା ହୋଇଥିବାବେଳେ ୧୧ରୁ ୧୮ ବର୍ଷ ବୟସବର୍ଗର ପିଲାଙ୍କଠାରେ ତାହା ୧୫ ପ୍ରତିଶତ ରହୁଛି, ଯାହାକି ଅନୁମୋଦିତ ସୀମାଠାରୁ ୫% ଅଧିକ।


**FORM No. 13**
**Before the Debt Recovery Tribunal, Cuttack**
**O.A. NO. 92 of 2025**

**Indian Bank, Patia Branch, Bhubaneswar .....APPLICANT**
**Versus**
**Mahadev Jena AND others ...DEFENDANTS**

To,
1. **Mahadev Jena.**
2. **Chhabindra Jena,**
   Both are son of Khetrabasi Jena,
   residing at
   At: Plot No.: 254, Golasahi,
   Near Gopinath Temple, Damana,
   P.S.: Chandrasekharpur, Dist.: Khurda-751016.

**SUMMONS BY THE PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an Application in **O.A No. 92 of 2025** in the court of Debt Recovery Tribunal, Cuttack for a recovery of **Rs.76,46,521=00 (Rupees Seventy Six Lakhs Forty Six Thousand and Five Hundred Twenty One)** only with interest calculated from the Defendant as on **dt. 07.01.2025 [seven January two thousand twenty five]** together with current and future interest, costs and for other reliefs.

The above mentioned defendant[s] are therefore hereby directed to appear before this Tribunal in person or through an Advocate or duly authorized agent, in support of his/their defence to show cause within **30 days** from the date of publication or on **dt. 30/07/2025** at **10.30 a.m** [fore noon] as to why relief prayed for should not be granted.

Take notice that in case of default, the Application will be heard and determined in your absence.

Given under my hand and the seal of this Tribunal on this Day of **16th May of 2025.**

**Sd/- (NIKHILA RANJAN PATI)**
**Registrar**
**Debt Recovery Tribunal, Cuttack**


# ଶୃଙ୍ଖଳିତ ପହଣ୍ଡି ନୀତି ଉପରେ ଗୁରୁତ୍ୱ

## ସ୍ନାନଯାତ୍ରା ଓ ରଥଯାତ୍ରା ସମ୍ପର୍କରେ ଦଇତାପତି ନିଯୋଗ ଓ ପୂଜାପଣ୍ଡା ନିଯୋଗ ସହ ଶ୍ରୀମନ୍ଦିର ପ୍ରଶାସନର ବୈଠକ

ପୁରୀ,୧୭।୫(ଅଜିତ୍ କୁମାର ମହାନ୍ତି)

ଜୁନ୍ ୧୧ ତାରିଖରେ ସ୍ନାନଯାତ୍ରା ଓ ଜୁନ୍ ୨୭ରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବ। ତେବେ ସ୍ନାନ ଓ ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇସାରିଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ୨୧ ତାରିଖ ଛତିଶା ନିଯୋଗ ବୈଠକରେ ନୀତି ନିର୍ଘଣ୍ଟ ଅନୁମୋଦନ ପୂର୍ବରୁ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ପୁରୀ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଶନିବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଦଇତାପତି ନିଯୋଗ ସଭାପତି, ବାଡ଼ଗ୍ରାହୀ ଏବଂ ପୂଜାପଣ୍ଡା ନିଯୋଗର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ମହାପ୍ରଭୁଙ୍କ ନୀତିକୁ କିଭଳି ନିର୍ଦ୍ଧାରିତ ସମୟରେ କରାଯିବ, ନୀତିକୁ ଶୃଙ୍ଖଳିତ କରାଯିବ ଏବଂ ମହାପ୍ରଭୁଙ୍କ ପହଣ୍ଡି ବିଜେ ନୀତି କିଭଳି ସୁରୁଖୁରୁରେ ଆୟୋଜନ ହୋଇପାରିବ ସେନେଇ ସବିଶେଷ ଆଲୋଚନା ହୋଇଥିଲା। ଶ୍ରୀଗୁଣ୍ଡିଚା ବିଜେ, ଆଡ଼ପ ପହଣ୍ଡି, ନୀଳାଦ୍ରିବିଜେ ନୀତିରେ ପହଣ୍ଡି ଶୃଙ୍ଖଳିତ ହେବ। ରଥ ଉପରେ ମୋବାଇଲ୍ ବାରଣ କରାଯିବ। ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସୁରକ୍ଷା ସହ ପହଣ୍ଡି ସମୟରେ ଆବଶ୍ୟକୀୟ ସେବକ ରହିବା ଉପରେ ଆଲୋଚନା କରାଯାଇଛି। ଗତବର୍ଷର ପହଣ୍ଡି ଅଘଟଣ ଏଡ଼ାଇବା ପାଇଁ ରଣନୀତି ପ୍ରସ୍ତୁତି ବୈଠକରେ କରାଯାଇଛି। ନବଯୌବନ, ନେତ୍ରୋତ୍ସବ, ଅଣସର ସମସ୍ତ ନୀତି ଶୃଙ୍ଖଳିତ କରିବାକୁ ବାଡ଼ଗ୍ରାହୀ ମତ ଦେଇଛନ୍ତି। ବଡ଼ଠାକୁର ବଳଭଦ୍ରଙ୍କ ବାଡ଼ଗ୍ରାହୀ ହଳଧର ଦାସମହାପାତ୍ର କହିଛନ୍ତି, ଶ୍ରୀମନ୍ଦିରରେ ଦଇତା ପ୍ରବେଶ ଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ନୀତିକ୍ରାନ୍ତି ଉପରେ ଆଲୋଚନା କରାଯାଇଛି। ଦେବସ୍ନାନ ପୂର୍ଣ୍ଣିମା, ଅଣସର ନୀତି, ଶ୍ରୀଗୁଣ୍ଡିଚା ଯାତ୍ରା, ପହଣ୍ଡି, ବାହୁଡ଼ା, ସୁନାବେଶ ଓ ନୀଳାଦ୍ରି ବିଜେ ଉପରେ ଆଲୋଚନା କରାଯାଇଛି। ମହାପ୍ରଭୁଙ୍କ ରଥରେ ସର୍ବାଧିକ ୮୦ରୁ ୧୦୦ ସେବକ, ବଳଭଦ୍ରଙ୍କ ରଥରେ ୫୦ରୁ ୬୦ ସେବକ, ସୁଭଦ୍ରାଙ୍କ ରଥରେ ୩୦ ଜଣ ସେବକ ରହିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିବା ସେ କହିଛନ୍ତି। ପୂଜାପଣ୍ଡା ସେବକ ମାଧବ ପୂଜାପଣ୍ଡା କହିଛନ୍ତି, ସ୍ନାନଯାତ୍ରା ଓ ରଥଯାତ୍ରା ନୀତି କିପରି ଶୃଙ୍ଖଳିତ ହେବ ସେ ନେଇ ଆଲୋଚନା କରାଯାଇଛି। ସଠିକ୍ ସମୟରେ ଓ ଶୃଙ୍ଖଳିତ ଭାବେ ପୂଜା କରିବାକୁ ଆଲୋଚନା ହୋଇଛି। ଉପମୁଖ୍ୟ ପ୍ରଶାସକ ସ୍ୱାଇଁ କହିଛନ୍ତି, ଆସନ୍ତା ୨୧ ତାରିଖରେ ଛତିଶା ନିଯୋଗରେ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ କରାଯିବ। ଶୃଙ୍ଖଳିତ ଭାବେ କାର୍ଯ୍ୟ ପାଇଁ ବାଡ଼ଗ୍ରାହୀମାନେ ମତପ୍ରକାଶ କରିଛନ୍ତି। ପହଣ୍ଡି ଶୃଙ୍ଖଳା ଉପରେ ଆଲୋଚନା କରାଯାଇଛି। ଆବଶ୍ୟକ ଅନୁସାରେ ସେବକ ରହିବା ପାଇଁ କୁହାଯାଇଛି। ସେହିପରି ଏକ କମିଟି ଗଠନ କରାଯାଇ ବିଭିନ୍ନ ନିଯୋଗ ସହ ମଧ୍ୟ ଆଲୋଚନା କରାଯିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।


ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ (यूनियन बैंक ऑफ इंडिया / Union Bank of India)

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଚ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ମଧ୍ୟ ସେମାନେ ଋଣ ପରିଶୋଧ କରୁନାହାଁନ୍ତି । ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହେଲେ **ଆମର ସମ୍ପୃକ୍ତ ଶାଖା ପରିସରରେ ତା.୦୪.୦୬.୨୦୨୫ରିଖ ଅପରାହ୍ନ ୧୨.୩୦ ଘଟିକା ସମୟରେ** ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡିକୁ ନିଲାମ କରାଯିବ । ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତର ଆଶ୍ରୟ ନେବ । ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡିକ ନେଇପାରିବେ ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା/ ସୁନା ଋଣ ଆକାଉଣ୍ଟ ନଂ. | ନେଟ୍ ଓଜନ (ଗ୍ରାମ୍‌ରେ) | ମୋଟ ଓଜନ (ଗ୍ରାମ୍‌ରେ) |
|---|---|---|---|
| | **ୟୁଏମ୍ଏଫ୍‌ବି ବ୍ରହ୍ମପୁର ଶାଖା, ଗିରି ରୋଡ୍, ଗୀତା ଭବନ ନିକଟ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ - ୭୬୦୦୦୫, ମୋ: ୭୮୭୩୫୮୧୯୪୫** | | |
| ୧. | **ନିର୍ମଳ ଗୌଡ଼,** ପିତା: ଗାନ୍ଧୀ ଗୌଡ଼, ସା: ଗୌଡ ସାହି, ଓଳମ୍ବା, ରୁଗୁମୁ, ଜିଲ୍ଲା: ଗଞ୍ଜାମ / ୦୮୩୯୨୬୬୩୦୦୦୦୧୩୨ | ୪୩.୦୦୦ | ୫୦.୬୮୦ |
| ୨. | **ନିର୍ମଳ ଗୌଡ଼,** ପିତା: ଗାନ୍ଧୀ ଗୌଡ଼, ସା: ଗୌଡ ସାହି, ଓଳମ୍ବା, ରୁଗୁମୁ, ଜିଲ୍ଲା: ଗଞ୍ଜାମ / ୦୮୩୯୨୬୬୩୦୦୦୦୧୫୩ | ୨୯.୦୦୦ | ୩୭.୪୬୦ |
| ୩. | **ନିର୍ମଳ ଗୌଡ଼,** ପିତା: ଗାନ୍ଧୀ ଗୌଡ଼, ସା: ଗୌଡ ସାହି, ଓଳମ୍ବା, ରୁଗୁମୁ, ଜିଲ୍ଲା: ଗଞ୍ଜାମ / ୦୮୩୯୨୬୫୪୦୦୦୦୪୨୬ | ୩୦.୬୫୦ | ୩୯.୨୮୦ |
| ୪. | **ଶିବ ଶଙ୍କର ସାହୁ,** ପିତା: ନାରାୟଣ ସାହୁ, ସା/ପୋ: ମେନ୍ ରୋଡ, ଆଙ୍କୁଶପୁର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ପିନ୍ - ୭୬୧୧୦୦ / ୦୮୩୯୨୬୬୩୦୦୦୦୧୧୭ | ୨୮.୯୦୦ | ୩୬.୧୯୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ:**

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ **ଟ.୫,୦୦୦/-** ଅମାନତ ଆକାରରେ ଜମା ଏବଂ ବୈଧ କେୱାଇସି (KYC)ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡ଼ିକୁ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ସମ୍ପୂର୍ଣ୍ଣ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ । ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ । କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢୀକରଣ ହେବା ସୂଚନା ପାଇବା ପରେ ସମ୍ପୂର୍ଣ୍ଣ ନିଲାମ ରାଶି ସଙ୍ଗେସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେବେ । ନଚେତ୍ ପୂର୍ବରୁ ଜମା ଦେଇଥିବା ଅମାନତ ରାଶି ବାଜ୍ୟାପ୍ତି ହେବ ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ/ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଅମାନତ ରାଶି ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ ।
୮) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବ ନାହିଁ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି କରିପାରିବ ।

**ସ୍ଥାନ: ବ୍ରହ୍ମପୁର, ତାରିଖ: ୧୭.୦୫.୨୦୨୫** — **ଶାଖା ପ୍ରବନ୍ଧକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**



**OFFICE OF THE EXECUTIVE ENGINEER**
**ROAD CONSTRUCTION DEPARTMENT**
**ROAD DIVISION, DUMKA**

**VERY-VERY SHORT TIME**
**e-Procurement Notice**

Tender Reference No. RCD/DUMKA/811 Date 17.05.2025

| | | |
|---|---|---|
| 1 | Name of Work | Ordinary Repair of Gobindpur-Sahebganj Road (Ch 126th Km to 141th Km) (Nischitpur to Phulojhano Chowk) under Non Plan (Shrawani Mela 2025) for the year 2025-26. |
| 2 | Estimated cost(In Rs) | Rs 1,50,00,000.00 |
| 3 | Time of completion | Three Months |
| 4 | Date of Publication of Tender on Website | 26.05.2025 at 10.30 AM |
| 5 | Last date/Time for receipt of bids | 02.06.2025 Up to 12.00 Noon |
| 6 | Date of opening of Tender | 03.06.2025 at 12.30 PM |
| 7 | Name & address of office Inviting tender | Office of The Executive Engineer Road Construction Department Road Division, Dumka. |
| 8 | Contact no. of Procurement Officer | 8252424164 |
| 9 | Helpline number of e-Procurement cell | 0651-2401010 |

**Further details can be seen on website** http://jharkhandtenders.gov.in

PR 352763 Road (25-26)_D

**Executive Engineer,**
**Road Construction Department,**
**Road Division, Dumka**



**OFFICE OF THE EXECUTIVE ENGINEER**
**ROAD CONSTRUCTION DEPARTMENT**
**ROAD DIVISION, DUMKA**

**VERY-VERY SHORT TIME**
**e-Procurement Notice**

Tender Reference No. RCD/DUMKA/812 Date 17.05.2025

| | | |
|---|---|---|
| 1 | Name of Work | Ordinary Repair of Gobindpur-Sahebganj Road (Ch 142th Km to 143th Km) (Nischitpur to Phulojhano Chowk) under Non Plan (Shrawani Mela 2025) for the year 2025-26. |
| 2 | Estimated cost(In Rs) | Rs 1,50,00,000.00 |
| 3 | Time of completion | Three Months |
| 4 | Date of Publication of Tender on Website | 26.05.2025 at 10.30 AM |
| 5 | Last date/Time for receipt of bids | 02.06.2025 Up to 12.00 Noon |
| 6 | Date of opening of Tender | 03.06.2025 at 12.30 PM |
| 7 | Name & address of office Inviting tender | Office of The Executive Engineer Road Construction Department Road Division, Dumka. |
| 8 | Contact no. of Procurement Officer | 8252424164 |
| 9 | Helpline number of e-Procurement cell | 0651-2401010 |

**Further details can be seen on website** http://jharkhandtenders.gov.in

PR 352764 Road (25-26)_D

**Executive Engineer,**
**Road Construction Department,**
**Road Division, Dumka**

## ସଂକ୍ଷେପରେ

### ପୁଞ୍ଛରେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ: ଯବାନ ଆହତ

ଜମ୍ମୁ,୧୭।୫(ପି.ଟି.)

ଜମ୍ମୁ-କଶ୍ମୀରର ପୁଞ୍ଛ ଜିଲା ଅନ୍ତର୍ଗତ ନିୟନ୍ତ୍ରଣ ରେଖା (ଏଲ୍ଓସି)ରେ ଶନିବାର ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ଘଟି ଜଣେ ସେନା ଯବାନ ଆହତ ହୋଇଛନ୍ତି। ଅପରାହ୍ନରେ ଯବାନମାନେ ଦିଗ୍ୱାର ସେକ୍ଟର ଫରୱାର୍ଡ ଅଞ୍ଚଳରେ ପାଟ୍ରୋଲିଂ କରୁଥିବାବେଳେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ହୋଇଥିଲା। ଅନୁପ୍ରବେଶରୋଧୀ ବ୍ୟବସ୍ଥା ସ୍ୱରୂପ ଫରୱାର୍ଡ ଅଞ୍ଚଳରେ ଲ୍ୟାଣ୍ଡମାଇନ୍ ଖଞ୍ଜାଯାଇଥିଲା। ବେଳେବେଳେ ବର୍ଷା ଯୋଗୁ ଲ୍ୟାଣ୍ଡମାଇନ୍ ଖଞ୍ଜାଯାଇଥିବା ଚିହ୍ନ ଲିଭିଯାଇ ଏଭଳି ଦୁର୍ଘଟଣାର କାରଣ ପାଲଟିଥାଏ। ଆହତ ହାବିଲଦାରଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିବାବେଳେ ବୋମା ନିଷ୍କ୍ରିୟକାରୀ ଟିମ୍ ପହଞ୍ଚି ବିସ୍ଫୋରଣ ହୋଇ ନ ଥିବା ମୋର୍ଟାର ଶେଲ୍‌ଗୁଡ଼ିକୁ ଅକାମୀ କରିଛନ୍ତି।

### ସଲ୍‌ମାନ ରଶ୍‌ଦିଙ୍କ ଆକ୍ରମଣକାରୀଙ୍କୁ ୨୫ ବର୍ଷ ଜେଲ



ମେଭିଲ୍,୧୭।୫

ଖ୍ୟାତନାମା ସାହିତ୍ୟିକ ସଲ୍‌ମାନ୍ ରଶ୍‌ଦିଙ୍କୁ ୨୦୨୨ରେ ଏକ ସଭାମଞ୍ଚରେ ଛୁରିରେ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କୁ ସ୍ଥାନୀୟ ଅଦାଲତ ଶୁକ୍ରବାର ୨୫ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ଆକ୍ରମଣରେ ସଲ୍‌ମାନ ଗୋଟିଏ ଆଖି ହରାଇଥିଲେ। ଶୁକ୍ରବାର ଦଣ୍ଡ ଶୁଣାଣି ବେଳେ ଅପରାଧୀ ହାଦି ମାଟାର(୨୭) କୋର୍ଟ ରୁମ୍‌ରେ ନୀରବରେ ଛିଡ଼ା ହୋଇଥିଲେ। ୭୭ ବର୍ଷୀୟ ସଲ୍‌ମାନଙ୍କୁ ଆକ୍ରମଣ କରିଥିବା ଅଭିଯୋଗକୁ ସେ ଖଣ୍ଡନ କରି ନ ଥିଲେ। ଦଣ୍ଡ ଶୁଣାଣି ପୂର୍ବରୁ ଯେତେବେଳେ ମାଟାରଙ୍କୁ ମତାମତ ପଚରାଗଲା, ସେ କହିଥିଲେ, ବାକ୍ ସ୍ୱାଧୀନତାରେ ସେ ବିଶ୍ୱାସ କରନ୍ତି। କିନ୍ତୁ ସଲ୍‌ମାନ ଜଣେ ଛଳନାକାରୀ, ସେ ଅନ୍ୟମାନଙ୍କୁ ଅସମ୍ମାନିତ କରିବାକୁ ଚାହାନ୍ତି। କୋର୍ଟ ରୁମ୍‌ରେ ସଲ୍‌ମାନ ଉପସ୍ଥିତ ନ ଥିଲେ ମଧ୍ୟ ଏକ ବିବୃତି ପଠାଇଥିଲେ, ଯାହାକୁ ସର୍ବସାଧାରଣରେ ପ୍ରକାଶ କରାଯାଇ ନାହିଁ। ଦଣ୍ଡ ଶୁଣାଣି ପରେ ସଲ୍‌ମାନ କୌଣସି ମତାମତ ଦେବାକୁ ଚାହୁଁ ନ ଥିବା ତାଙ୍କ ଏଜେଣ୍ଟଙ୍କ ଜରିଆରେ ଜଣାଇଥିଲେ।

### ସିଗାରେଟ୍ ନ ଦେବାରୁ ଇଞ୍ଜିନିୟରଙ୍କୁ ଗାଡ଼ି ମଡ଼ାଇ ହତ୍ୟା

ବେଙ୍ଗାଲୁରୁ,୧୭।୫

ସିଗାରେଟ୍‌କୁ ନେଇ ବିବାଦରୁ ବେଙ୍ଗାଲୁରୁର ଜଣେ ୨୯ ବର୍ଷୀୟ ସଫ୍ଟୱେର ଇଞ୍ଜିନିୟରଙ୍କୁ ଗାଡ଼ି ମଡ଼ାଇ ହତ୍ୟା କରାଯାଇଛି। ଇଞ୍ଜିନିୟରଙ୍କ ଜଣେ ବନ୍ଧୁ ଆହତ ହୋଇଛନ୍ତି। ଗତ ୧୦ ତାରିଖ ଭୋର ସମୟରେ ଏହି ହିଟ୍ ଆଣ୍ଡ ରନ୍ ଘଟଣା ଘଟିଛି। ମୃତକ ସଞ୍ଜୟ ଏବଂ ଆହତ ବନ୍ଧୁ ଚେତନ ଉଭୟ ସଫ୍ଟୱେର ଇଞ୍ଜିନିୟର। ସେମାନେ ନିଜ ନିଜର ୱାର୍କ ଫ୍ରମ୍ ହୋମ୍ ରାତି ସିଫ୍ଟରୁ ବିରତି ନେଇ ଭୋର ୪ଟାରେ ଚା' ପିଇବାକୁ ରାସ୍ତାପାର୍ଶ୍ୱ ଷ୍ଟଲକୁ ଆସିଥିଲେ। ଏହି ସମୟରେ ଏକ କାରରେ ସ୍ତ୍ରୀଙ୍କ ସହ ଆସିଥିବା ଜଣେ ବ୍ୟକ୍ତି ସେମାନଙ୍କୁ ସିଗାରେଟ୍ ମାଗିଥିଲେ। ସେମାନେ ମନା କରିବାରୁ ବ୍ୟକ୍ତି ଜଣଙ୍କ ସେମାନଙ୍କ ସହ ଯୁକ୍ତି କରିଥିଲେ। ପାଖରେ ଥିବା ଲୋକେ ବୁଝାଶୁଝା କରି ସେମାନଙ୍କୁ ଶାନ୍ତ କରିବାରେ ସଫଳ ହୋଇଥିଲେ। ସଞ୍ଜୟ ଏବଂ ଚେତନ ମୋଟରସାଇକେଲ୍‌ରେ ଫେରୁଥିବାବେଳେ ଅଭିଯୁକ୍ତ ପ୍ରତୀକ ସେମାନଙ୍କୁ ପିଛାକରି ଜାଣିଶୁଣି ଧକ୍କା ଦେଇ ପଳାଇଥିଲେ। ଫଳରେ ମୋଟରସାଇକେଲ୍‌ଟି ପାଖରେ ଥିବା ଏକ ଦୋକାନ ଶଟରରେ ମାଡ଼ ହେବା ସହ ସଞ୍ଜୟ ଗୁରୁତର ଆହତ ହୋଇ ଚେତାଶୂନ୍ୟ ହୋଇଥିଲେ। ଉଭୟଙ୍କୁ ହସ୍ପିଟାଲ ନିଆଯାଇଥିବାବେଳେ ୨ ଦିନ ପରେ ସଞ୍ଜୟଙ୍କର ମୃତ୍ୟୁ ଘଟିଥିଲା।

# କୂଟନୀତିରେ ରାଜନୀତି

## ଶଶୀ ଥରୁରଙ୍କ ପ୍ରତିନିଧି ମଣ୍ଡଳୀରେ ସାମିଲ ନେଇ ପ୍ରଶ୍ନ ଉଠାଇଲା କଂଗ୍ରେସ



ରବିଶଙ୍କର ପ୍ରସାଦ



ବୈଜୟନ୍ତ ପଣ୍ଡା



ସୁପ୍ରିୟା ସୁଲେ



କାନିମୋଝି



ସଞ୍ଜୟ କୁମାର ଝା



ଶ୍ରୀକାନ୍ତ ଶିନ୍ଦେ

ନୂଆଦିଲ୍ଲୀ,୧୭।୫

ଏପ୍ରିଲ ୨୨ ଜମ୍ମୁ-କଶ୍ମୀରର ପହଲଗାମ୍‌ସ୍ଥିତ ବୈସରନ୍‌ରେ ଆତଙ୍କବାଦୀମାନେ ୨୬ ହିନ୍ଦୁ ପର୍ଯ୍ୟଟକଙ୍କୁ ଗୁଳିକରି ହତ୍ୟା କରିବା ପରେ ବିରୋଧୀ ଦଳଗୁଡ଼ିକ ସରକାରଙ୍କ ସମର୍ଥନରେ ବାହାରିଥିଲେ। ଆତଙ୍କବାଦର ଭୂସ୍ୱର୍ଗ ପାକିସ୍ତାନ ବିରୋଧରେ ସରକାର ଯାହା କାର୍ଯ୍ୟାନୁଷ୍ଠାନ ନେଲେ ସମର୍ଥନ ଦିଆଯିବ ବୋଲି କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳଗୁଡ଼ିକର ନେତାମାନେ ସ୍ପଷ୍ଟ କରିଥିଲେ। ଭାରତ ସରକାରଙ୍କ ନିର୍ଦ୍ଦେଶକ୍ରମେ ଦେଶର ସଶସ୍ତ୍ର ବଳ ମେ' ୭ରୁ ୧୦ ତାରିଖ ପର୍ଯ୍ୟନ୍ତ ପାକିସ୍ତାନ ଓ ପାକ୍-ଅଧିକୃତ କଶ୍ମୀର (ପିଓକେ)ସ୍ଥିତ ଆତଙ୍କବାଦୀଙ୍କ ଅଫିସ ଓ ଶିବିରଗୁଡ଼ିକ ଉପରେ ମିଶାଇଲ ମାଡ଼ କରି ଧ୍ୱସ୍ତବିଧ୍ୱସ୍ତ କରିଦେଇଥିଲା। ଆତଙ୍କବାଦକୁ ପାକିସ୍ତାନୀ ସେନା ଓ ସରକାରଙ୍କ ସମର୍ଥନ ଏବଂ ଏହା ବିରୋଧରେ ଭାରତର ନିରନ୍ତର ଲଢ଼େଇ ସମ୍ପର୍କିତ ବାର୍ତ୍ତା ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ସରକାର ୭ ସର୍ବଦଳୀୟ ପ୍ରତିନିଧିମଣ୍ଡଳୀ ଗଠନ କରିଛନ୍ତି। ଏଥିରେ ସାମିଲ ପାଇଁ ସରକାରଙ୍କ ପକ୍ଷରୁ ବିରୋଧୀ ଦଳଗୁଡ଼ିକୁ ସେମାନଙ୍କ ଏମ୍‌ପିମାନଙ୍କ ନାମ ସୁପାରିସ କରିବାକୁ କୁହାଯାଇଥିଲା। ଏହି କ୍ରମେ କଂଗ୍ରେସ ଉକ୍ତ କୂଟନୈତିକ ଟିମ୍‌ରେ ସାମିଲ କରିବାକୁ କେନ୍ଦ୍ରକୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଆନନ୍ଦ ଶର୍ମା, ଲୋକ ସଭାର ବିରୋଧୀ ଦଳ ଉପନେତା ଗୌରବ ଗୋଗୋଇ, ରାଜ୍ୟ ସଭା ସଦସ୍ୟ ସୟେଦ ନାସିର ହୁସେନ ଓ ଲୋକ ସଭା ସଦସ୍ୟ ଅମରିନ୍ଦର ସିଂ ରାଜା ବ୍ରାରଙ୍କ ନାମ ଦେଇଥିଲା। କିନ୍ତୁ ଅନ୍ତର୍ଜାତୀୟ ବ୍ୟାପାର ବିଶେଷଜ୍ଞ ତଥା କେରଳର ଥିରୁଭାନନ୍ତପୁରମ୍‌ରୁ ୪ ଥର ଏମ୍‌ପି ହୋଇଥିବା ଶଶୀ ଥରୁରଙ୍କ ନାମ ପ୍ରସ୍ତାବ ଦେଇ ନ ଥିଲା। ସରକାର କଂଗ୍ରେସ ପ୍ରସ୍ତାବିତ କେବଳ ଆନନ୍ଦ ଶର୍ମାଙ୍କୁ ସ୍ଥାନ ଦେଇ ଅନ୍ୟ ୩ ଜଣଙ୍କୁ ହଟାଇଦେଇଛନ୍ତି। ଏଥିସହ ଥରୁରଙ୍କ ଅନ୍ତର୍ଜାତୀୟ ବିଶ୍ୱସନୀୟତା ଓ ଏହି ପ୍ରସଙ୍ଗରେ ତାଙ୍କ ଦଖଲକୁ ଦୃଷ୍ଟିରେ ରଖି ନିଜ ଆଡୁ ତାଙ୍କୁ ଏକ ଟିମ୍‌ର ନେତୃତ୍ୱ ନେବାକୁ ସୁଯୋଗ ଦେଇଛନ୍ତି। ବରିଷ୍ଠ ନେତା ଥରୁର୍ କଂଗ୍ରେସରେ ଅଣଦେଖାର ଶିକାର ହେଉଥିବା ନେଇ କିଛିଦିନ ହେଲା ଅଭିଯୋଗ କରିଆସୁଥିବାବେଳେ ଦଳ ଜାଣିଶୁଣି ତାଙ୍କ ନାମ ସୁପାରିସ କରି ନ ଥିବା କୁହାଯାଉଛି। ଏହି ପରିପ୍ରେକ୍ଷୀରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଥରୁରଙ୍କୁ ଏକ ପ୍ରତିନିଧି ଦଳର ନେତୃତ୍ୱ ଦେବା ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ। ଏନେଇ କଂଗ୍ରେସ କହିଛି, ସରକାର ଅପରେଶନ୍ ସିନ୍ଦୂର ସମ୍ପର୍କିତ ଡିପ୍ଲୋମାଟିକ୍ ଡେଲିଗେଶନ୍‌ର ମୁଖ୍ୟମାନଙ୍କ ନାମ ଘୋଷଣା କରି ଖେଳ ଖେଳୁଛି। ଏହା ହେଉଛି କେନ୍ଦ୍ରର ଦୁଷ୍ଟତାପୂର୍ଣ୍ଣ ମନୋଭାବ। ଏକ ଖବରଦାତା ସମ୍ମିଳନୀରେ କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି, କଂଗ୍ରେସରେ ରହିବା ଓ କଂଗ୍ରେସର ହୋଇ ରହିବାରେ ତଫାତ୍ ରହିଛି। ସରକାର ଦଳଗୁଡ଼ିକର ପରାମର୍ଶ ନ ନେଇ ସମ୍ପୃକ୍ତ ଦଳର ଏମ୍‌ପିଙ୍କୁ ଡେଲିଗେଶନ୍‌ରେ ସାମିଲ କରିପାରିବେ ନାହିଁ। ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଏମ୍‌ପିମାନଙ୍କୁ ସରକାରୀ ପ୍ରତିନିଧି ମଣ୍ଡଳୀରେ ପଠାଗଲେ, ସମ୍ପୃକ୍ତ ସାଂସଦ ଦଳର ଅନୁମତି ଲୋଡ଼ିବା ଉଚିତ। ସରକାର 'ନାରଦ ମୁନି ରାଜନୀତି' ଖେଳୁଛନ୍ତି। ନିଜେ ପୂର୍ବରୁ ନାମ ନିଷ୍ପତ୍ତି ନେଇସାରିବା ପରେ କଂଗ୍ରେସକୁ ୪ ଏମ୍‌ପିଙ୍କ ନାମ ମାଗିବା ଅସାଧୁ କାର୍ଯ୍ୟ। କଂଗ୍ରେସ ପ୍ରସ୍ତାବ ଦେଇଥିବା ୪ ନାମ ଉପରେ ପୁନର୍ବିଚାର କରିବ ନାହିଁ। ଜୟରାମ ଆହୁରି କହିଛନ୍ତି, ବିଶ୍ୱଗୁରୁ ବ୍ୟାଖ୍ୟାନ ଶେଷ ହୋଇଯାଇଛି। ଦୁଇ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ (ଲୋକ ସଭା) ଓ ମଲ୍ଲିକାର୍ଜ୍ଜୁନ ଖାର୍ଗେ (ରାଜ୍ୟ ସଭା) ଅପରେଶନ୍ ସିନ୍ଦୂର ସମ୍ପର୍କରେ ଆଲୋଚନା ପାଇଁ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖିଥିଲେ। ମୋଦି ଏହା ଉପରେ ଉତ୍ତର ଦେଇ ନ ଥିବାବେଳେ ହଠାତ୍ ବହୁଦଳୀୟ ପ୍ରତିନିଧି ମଣ୍ଡଳୀ କଥା ଶୁଣିବାକୁ ପାଇଛୁ। ଏପରି କି ମୋଦି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଓ ପରରାଷ୍ଟ୍ର ସଚିବ ମାର୍କୋ ରୁବିଓଙ୍କ ଅସ୍ତ୍ରବିରତି ମଧ୍ୟସ୍ଥତା ସମ୍ପର୍କରେ ମଧ୍ୟ ମୁହଁ ଖୋଲିପାରି ନାହାନ୍ତି। ଏଥିରୁ ସ୍ପଷ୍ଟ ହୋଇଛି ଯେ, ସରକାରଙ୍କ ବ୍ୟାଖ୍ୟାନ୍ ପଙ୍କଚର ହୋଇଯାଇଛି। ଜୟରାମଙ୍କ କହିବା ହେଲା, ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଶୁକ୍ରବାର ସକାଳେ ଖାର୍ଗେ ଓ ରାହୁଲଙ୍କୁ ଫୋନ୍ କରି ୪ ନେତାଙ୍କ ନାମ ମାଗିଥିଲେ। ଅପରାହ୍ନ ୧୨ଟା ୩୦ ସୁଦ୍ଧା ରାହୁଲ ରିଜିଜୁଙ୍କୁ ୪ ଏମ୍‌ପିଙ୍କ ନାମ ପ୍ରସ୍ତାବ ଦେଇଥିଲେ। ଏହା ପରେ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ପକ୍ଷରୁ ଜାରି ନାମଗୁଡ଼ିକୁ ଦେଖିବା ପରେ କଂଗ୍ରେସ ବିସ୍ମିତ ହୋଇଯାଇଛି ବୋଲି ଜୟରାମ କହିଛନ୍ତି।

### କଂଗ୍ରେସ ଥରୁରଙ୍କ ନାଁ କାହିଁକି ଦେଲାନି: ଭାଜପା

ପ୍ରତିନିଧିମଣ୍ଡଳୀ ପାଇଁ କଂଗ୍ରେସ ଦଳୀୟ ଏମ୍‌ପି ଶଶୀ ଥରୁରଙ୍କ ନାମ ପ୍ରସ୍ତାବ ନ ଦେବା ଉପରେ ଭାଜପା ପ୍ରଶ୍ନ ଉଠାଇଛି। ସମ୍ଭବତଃ ଦଳୀୟ ହାଇକମାଣ୍ଡଙ୍କଠାରୁ ଥରୁରଙ୍କ ପ୍ରଦର୍ଶନ ଉନ୍ନତ ରହୁଥିବାରୁ କଂଗ୍ରେସ ଜାଣିଶୁଣି ତାଙ୍କ ନାମ ଦେଇ ନ ଥିଲା ବୋଲି ଭାଜପା ଆଇଟି ବିଭାଗ ମୁଖ୍ୟ ଅମିତ୍ ମାଲବ୍ୟ ଏକ୍ସ'ରେ ପୋଷ୍ଟ କରିଛନ୍ତି। ମାଲବ୍ୟ କହିଛନ୍ତି, ଜାତିସଂଘ ଅଧିକାରୀ ଭାବେ ଥରୁରଙ୍କ ଦୀର୍ଘ ଅଭିଜ୍ଞତା ରହିଛି। ତାଙ୍କ ବାଗ୍ମିତା ଓ ବହିର୍ବ୍ୟାପାର ନୀତି ସମ୍ପର୍କିତ ଗଭୀର ଜ୍ଞାନକୁ କେହି ଅସ୍ୱୀକାର କରିପାରିବେ ନାହିଁ। ଏଭଳି ସ୍ଥିତିରେ କଂଗ୍ରେସର ଅଭିସନ୍ଧିକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ ବୋଲି ସେ କହିଛନ୍ତି।

### ଜାତୀୟ ସ୍ୱାର୍ଥ ସର୍ବୋପରି: ଥରୁର୍



ଶଶୀ ଥରୁର

ଏକ ବହୁଦଳୀୟ ପ୍ରତିନିଧିମଣ୍ଡଳୀର ନେତୃତ୍ୱ ନେବା ପାଇଁ ସରକାରଙ୍କ ପ୍ରସ୍ତାବକୁ କଂଗ୍ରେସ ନେତା ଶଶୀ ଥରୁର ସ୍ୱାଗତ କରିଛନ୍ତି। ଥିରୁଭାନନ୍ତପୁରମ୍ ଏମ୍‌ପି ଥରୁର୍ ଏନେଇ ଏକ୍ସ'ରେ ଉଲ୍ଲେଖ କରିଛନ୍ତି, ଭାରତ ସରକାରଙ୍କ ପକ୍ଷରୁ ଅଲ୍-ପାର୍ଟି ଡେଲିଗେଶନ୍‌ର ନେତୃତ୍ୱ ନିମନ୍ତେ ନିମନ୍ତ୍ରଣ ପାଇ ସେ ନିଜକୁ ସମ୍ମାନିତ ଅନୁଭବ କରୁଛନ୍ତି। ସଦ୍ୟ ଘଟଣାକ୍ରମ ଉପରେ ଭାରତର ଆଭିମୁଖ୍ୟ ଉପସ୍ଥାପନ କରିବା ପାଇଁ ୫ ଗୁରୁତ୍ୱପୂର୍ଣ୍ଣ ରାଜଧାନୀକୁ ଯିବା ତାଙ୍କ ଲାଗି ଗୌରବର ବିଷୟ। ଯେତେବେଳେ ଜାତୀୟ ସ୍ୱାର୍ଥ କଥା ଉଠେ ଓ ତାଙ୍କ ସେବା ଆବଶ୍ୟକ ହୁଏ, ସେ ଚୁପ୍ ବସିପାରିବେ ନାହିଁ। ଜୟ ହିନ୍ଦ୍।

### ମୁମ୍ବାଇ ଏୟାରପୋର୍ଟ, ତାଜ୍ ହୋଟେଲକୁ ଉଡାଇବାକୁ ଧମକ

ମୁମ୍ବାଇ,୧୭।୫

ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦର ଏବଂ ତାଜ୍ ମହଲ ପ୍ୟାଲେସ୍ ହୋଟେଲକୁ ବୋମାରେ ଉଡ଼ାଇଦେବାକୁ ଇମେଲ୍ ଯୋଗେ ମୁମ୍ବାଇ ପୋଲିସ୍‌କୁ ଧମକ ମିଳିଛି। ପାର୍ଲାମେଣ୍ଟ ଆକ୍ରମଣର ମାଷ୍ଟରମାଇଣ୍ଡ ଅଫଜଲ ଗୁରୁଙ୍କୁ ଫାଶୀଦଣ୍ଡ ଯଥାର୍ଥ ନୁହେଁ ବୋଲି ଏଥିରେ ଦାବି କରାଯାଇଛି। ଗୁରୁବାର ସକାଳେ ମୁମ୍ବାଇର ଏୟାରପୋର୍ଟ ଥାନାକୁ ସରକାରୀ ଇମେଲ୍ ଠିକଣାରେ ଏହି ଧମକ ମିଳିବା ପରେ ପୋଲିସ ଉପରୋକ୍ତ ୨ ସ୍ଥାନକୁ ଯାଞ୍ଚ କରିଥିଲେ ମଧ୍ୟ କୌଣସି ସନ୍ଦେହଜନକ ପଦାର୍ଥ ମିଳିନାହିଁ। viduthalai_puli_vellum@outlook.com ଆଇଡିରୁ ଏହି ଇମେଲ୍ ଆସିଥିଲା। ମୁମ୍ବାଇ ପୋଲିସ ୟୁଜରଙ୍କ ବିରୋଧରେ ମାମଲା ରୁଜୁ କରି ଇମେଲ୍‌ର ଡିଜିଟାଲ ତଥ୍ୟପ୍ରମାଣ ହାସଲ ନିମନ୍ତେ ଉଦ୍ୟମ ଚଳାଇଛି।

### ୧୫ କାଉନ୍‌ସିଲର ଇସ୍ତଫା ଦେଇ ନୂଆ ଦଳ ଘୋଷଣାକଲେ

#### ଆପ୍‌କୁ ଝଟକା

ନୂଆଦିଲ୍ଲୀ,୧୭।୫

ଦିଲ୍ଲୀ ମ୍ୟୁନିସିପାଲ୍ କର୍ପୋରେଶନ (ଏମ୍‌ସିଡି)ର ୧୫ ଜଣ ଆମ୍ ଆଦ୍‌ମୀ ପାର୍ଟି (ଆପ୍) କାଉନ୍‌ସିଲର ଶନିବାର ଇସ୍ତଫା ଦେଇଛନ୍ତି। ସେମାନେ ଇନ୍ଦ୍ରପ୍ରସ୍ଥ ବିକାଶ ପାର୍ଟି (ଆଇଭିପି) ନାମରେ ନୂଆ ଦଳ ଗଢ଼ିଥିବା ଘୋଷଣା କରିଛନ୍ତି। ଏହି ଦଳବଦଳ ଫଳରେ ଏମ୍‌ସିଡିରେ ଆପ୍ ସଦସ୍ୟ ସଂଖ୍ୟା ୧୧୩ରୁ ୯୮କୁ ହ୍ରାସ ପାଇଥିବାବେଳେ ଭାଜପାର ୧୧୭ ଏବଂ କଂଗ୍ରେସର ୮ ରହିଛି। ମୋରାଲବନ୍ଦ କାଉନ୍‌ସିଲର ହେମନଚାନ୍ଦ ଗୋୟଲଙ୍କ ନେତୃତ୍ୱରେ ୧୫ କାଉନ୍‌ସିଲର ଏମ୍‌ସିଡିରେ ଏକ ସ୍ୱାଧୀନ ବ୍ଲକ୍ ଭାବେ କାର୍ଯ୍ୟ କରିବେ। ଆପ୍ ନେତୃତ୍ୱ ପ୍ରତି ମୋହଭଙ୍ଗ ଇସ୍ତଫାର କାରଣ ବୋଲି ସେମାନେ ଏକ ବିବୃତିରେ କହିଛନ୍ତି।

## ୬୦୦ ପାକ୍ ଡ୍ରୋନ୍ ଧ୍ୱଂସ କରିଥିଲା ଭାରତ

ନୂଆଦିଲ୍ଲୀ,୧୭।୫

ଅପରେଶନ ସିନ୍ଦୂର ବେଳେ ଭାରତୀୟ ଡିଫେନ୍ସ ସିଷ୍ଟମ୍ସ ପାକିସ୍ତାନର ୬୦୦ରୁ ଉର୍ଦ୍ଧ୍ୱ ଡ୍ରୋନ୍‌କୁ ଧ୍ୱଂସ କରିଥିଲା। ପାକିସ୍ତାନର ଡ୍ରୋନ୍ ଆକ୍ରମଣକୁ ପ୍ରତିହତ କରିବା ପାଇଁ ଭାରତୀୟ ସଶସ୍ତ୍ର ବଳ ଏୟାର ଡିଫେନ୍ସ ସିଷ୍ଟମକୁ ସକ୍ରିୟ କରିଥିଲା। ନିୟନ୍ତ୍ରଣ ରେଖା ଏବଂ ଅନ୍ତର୍ଜାତୀୟ ସୀମାରେ ୧,୦୦୦ରୁ ଉର୍ଦ୍ଧ୍ୱ ଆଣ୍ଟିଏୟାରକ୍ରାଫ୍ଟ ଗନ୍ ଖଞ୍ଜା ଯାଇଥିଲା। ଏଥିସହିତ ୭୫୦ରୁ ଅଧିକ ସ୍ୱଳ୍ପ ଦୂରଗାମୀ ସ୍ଥଳଭାଗରୁ ଆକାଶକୁ ନିକ୍ଷେପ କରାଯାଉଥିବା ମିଶାଇଲ ସିଷ୍ଟମକୁ ନିୟୋଜିତ କରାଯାଇଥିଲା। ଆକାଶ ତୀର ସିଷ୍ଟମ ଭାରତର ସମନ୍ୱିତ ଏୟାର ଡିଫେନ୍ସ ସିଷ୍ଟମକୁ ଅଧିକ ମଜଭୁତ କରିଥିଲା। ଏହା ଶତ୍ରୁପକ୍ଷର ଡ୍ରୋନ୍ ଏବଂ ମିଶାଇଲ ଠାବ କରିବା ଏବଂ ଏୟାର ଡିଫେନ୍ସ ବ୍ୟବସ୍ଥାକୁ ସୂଚନା ଦେବା କାର୍ଯ୍ୟ କରୁଥିଲା।

## ଆଇଏସ୍ ସ୍ଲିପର ସେଲ୍‌ର ୨ ଗିରଫ

ନୂଆଦିଲ୍ଲୀ,୧୭।୫

ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ମୁମ୍ବାଇ ଏୟାରପୋର୍ଟରୁ ଆଇଏସ୍ ଆତଙ୍କବାଦୀ ସଂଗଠନ ସ୍ଲିପର ସେଲ୍‌ର ୨ ଜଣ ପଳାତକଙ୍କୁ ଗିରଫ କରିଛି। ସେମାନେ ୨୦୨୩ରେ ମହାରାଷ୍ଟ୍ରର ପୁଣେରେ ଆଇଇଡି ଉତ୍ପାଦନ ଓ ପରୀକ୍ଷା ସହ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି। ଇଣ୍ଡୋନେସିଆର ଜାକର୍ତ୍ତାରେ ଆତ୍ମଗୋପନ କରିଥିବା ଅବଦୁଲ୍ଲା ଫୈୟାଜ ଶେଖ୍ ଓରଫ ଡିଆପେରୱାଲା ଏବଂ ତଲହା ଖାନ୍ ଫେରୁଥିବା ଖବର ପାଇ ମୁମ୍ବାଇ ଅନ୍ତର୍ଜାତୀୟ ବିମାନବନ୍ଦର ୨ ନମ୍ବର ଟର୍ମିନାଲରେ ଇମିଗ୍ରେଶନ ଅଧିକାରୀମାନେ ସେମାନଙ୍କୁ ଅଟକାଇଥିଲେ। ପରେ ଏନ୍‌ଆଇଏ ସେମାନଙ୍କୁ ହାଜତକୁ ନେଇଛି।

## ପାକିସ୍ତାନ ପାଇଁ ଗୁପ୍ତଚରଗିରି

# ୟୁଟ୍ୟୁବର ଜ୍ୟୋତି ଗିରଫ

ଚଣ୍ଡିଗଡ଼,୧୭।୫

ପାକିସ୍ତାନୀ ଗୋଇନ୍ଦା ସଂସ୍ଥାକୁ ଭାରତର ପ୍ରତିରକ୍ଷା ସମ୍ପର୍କିତ ସମ୍ବେଦନଶୀଳ ତଥ୍ୟ ପଠାଉଥିବା ଅଭିଯୋଗରେ ହରିୟାଣାର ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କ ସମେତ ୬ ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟ ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ୟାମିନ, ଦେବିନ୍ଦର ଓ ଅର୍ମାନ ରହିଛନ୍ତି।

ହରିୟାଣାର ହିସାରରେ ରହୁଥିବା ଟ୍ରାଭେଲ ବ୍ଲଗର ଜ୍ୟୋତି ଏକ ୟୁଟ୍ୟୁବ୍ ଚ୍ୟାନେଲ ଚଳାଉଥିଲେ ଓ ବିଭିନ୍ନ ସମୟରେ ପାକିସ୍ତାନ ସମେତ ଭିନ୍ନ ଭିନ୍ନ ଅଞ୍ଚଳକୁ ଭ୍ରମଣରେ ଯାଉଥିଲେ। ନ୍ୟୁ ଅଗରସେନ୍ ଏକ୍ସଟେନ୍‌ଶନରୁ ତାଙ୍କୁ ଗିରଫ କରାଯିବା ସହ ସରକାରୀ ଗୋପନୀୟତା ଆଇନ ଏବଂ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଛି। ଅଦାଲତରେ ହାଜର କରାଯିବା ପରେ ତାଙ୍କୁ ୫ ଦିନ ପାଇଁ ପୋଲିସ ରିମାଣ୍ଡରେ ପଠାଯାଇଛି।

ଜ୍ୟୋତିଙ୍କ ୟୁଟ୍ୟୁବ୍ ଚ୍ୟାନେଲ ଏବଂ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟର ଯଥାକ୍ରମେ ୩.୭୭ ଲକ୍ଷ ସବ୍‌ସ୍କ୍ରାଇବର ଏବଂ ୧.୩୩ ଲକ୍ଷ ଫଲୋର୍ସ ରହିଛନ୍ତି। ଦିଲ୍ଲୀରେ ପାକିସ୍ତାନ ହାଇକମିଶନ୍‌ରେ କାର୍ଯ୍ୟରତ ପାକିସ୍ତାନୀ କର୍ମଚାରୀମାନଙ୍କ ସହ ତାଙ୍କର ଯୋଗଯୋଗ ରହିଥିଲା। ଗୁପ୍ତଚର ବୃତ୍ତି କାର୍ଯ୍ୟରେ ସମ୍ପୃକ୍ତି ଅଭିଯୋଗରେ ଗତ ୧୩ ତାରିଖରେ ନୂଆଦିଲ୍ଲୀ ପାକିସ୍ତାନୀ କର୍ମଚାରୀମାନଙ୍କୁ ବହିଷ୍କାର କରିଛି। ଜ୍ୟୋତିଙ୍କ ୟୁଟ୍ୟୁବ୍ ଚ୍ୟାନେଲ ଆକାଉଣ୍ଟରେ ତାଙ୍କର ପାକିସ୍ତାନ ଭ୍ରମଣକୁ ନେଇ 'ଇଣ୍ଡିଆନ୍ ଗର୍ଲ ଇନ୍ ପାକସ୍ତାନ', 'ଇଣ୍ଡିଆନ୍ ଗର୍ଲ ଏକ୍ସପ୍ଲୋରିଙ୍ଗ ଲାହୋର', 'ଇଣ୍ଡିଆନ ଗର୍ଲ ଆଟ୍ କାଟସ୍ ରାଜ ଟେମ୍ପଲ' ଏବଂ 'ଇଣ୍ଡିଆନ୍ ଗର୍ଲ ରାଇଡ୍ସ ଲକ୍‌ଜୁରି ବସ୍ ଇନ୍ ପାକିସ୍ତାନ' ନାମରେ ଭିଡିଓ ଦେଖିବାକୁ ମିଳିଥାଏ। ସେ ବର୍ତ୍ତମାନ ସୁଦ୍ଧା ୪୮୭ଟି ଭିଡିଓ କରିଛନ୍ତି।



ଜ୍ୟୋତି ମାଲହୋତ୍ରା

୨୦୨୩ରେ ଜ୍ୟୋତି ପାକିସ୍ତାନ ଉଚ୍ଚାୟୁକ୍ତରେ ଏହସାନ-ଉର୍-ରହିମ୍ ଓରଫ ଡାନିସ୍‌ଙ୍କ ସହ ଯୋଗାଯୋଗରେ ଆସିଥିଲେ। ସେତେବେଳେ ସେ ପାକିସ୍ତାନ ଯିବା ପାଇଁ ଭିଜା ଚାହୁଁଥିଲେ। ତାଙ୍କ ବିରୋଧରେ ୧୬ ତାରିଖରେ ସିଭିଲ୍ ଲାଇନ୍ସ ଥାନାରେ ଦାଏର ଏତଲାରୁ ଏହା ଜଣାପଡ଼ିଛି। ସେ ୨ ଥର ପାକିସ୍ତାନ ଯାଇ ଡାନିସ୍‌ଙ୍କ ସହଯୋଗୀ ଅଲି ଅହୱାନଙ୍କୁ ଭେଟିଥିଲେ। ସେ ଜ୍ୟୋତିଙ୍କ ରହିବା ସହ ପାକିସ୍ତାନୀ ସୁରକ୍ଷା ଓ ଗୋଇନ୍ଦା ଅଧିକାରୀ ଶାକିର ଓ ରାଣା ଶାହବାଜଙ୍କୁ ଭେଟିବା ବ୍ୟବସ୍ଥା କରିଥିଲେ। ଜ୍ୟୋତି ସେମାନଙ୍କ ସହ ହ୍ୱାଟ୍ସଆପ୍, ଟେଲିଗ୍ରାମ ଓ ସ୍ନାପ୍‌ଚାଟ୍ ଜରିଆରେ ଯୋଗାଯୋଗରେ ରହିବା ସହ ସମ୍ବେଦନଶୀଳ ତଥ୍ୟ ପଠାଉଥିଲେ। ଦିଲ୍ଲୀସ୍ଥିତ ପାକ୍ ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟରେ ସେ ଡାନିସ୍ ଓ ପାକିସ୍ତାନୀ ଗୋଇନ୍ଦା ଅଧିକାରୀମାନଙ୍କ ସହ ସମ୍ପର୍କରେ ରହିଥିଲେ। ଏହା ପୂର୍ବରୁ ପଞ୍ଜାବ ପୋଲିସ ଗୁପ୍ତଚରଗିରିରେ ସମ୍ପୃକ୍ତି ନେଇ ମାଲେରକୋଟ୍‌ଲା ଜିଲାରୁ ୨ ଜଣ ଅଭିଯୁକ୍ତ ୟାମିନ୍ ମହମ୍ମଦ ଓ ଗୁଜାଲାଙ୍କୁ ଗିରଫ କରିଥିଲା।

# ନୁର୍ ଖାନ୍ ଏୟାରବେସ୍‌କୁ ଭାରତ ମିଶାଇଲ ମାଡ଼ କରିଥିବା ପାକ୍ ପ୍ରଧାନମନ୍ତ୍ରୀ ମାନିଲେ

## ଆକ୍ରମଣ ଖବର ଦେବାକୁ ରାତିଅଧରେ ସେନାମୁଖ୍ୟ ଉଠାଇଥିଲେ

ଇସ୍‌ଲାମାବାଦ,୧୭।୫



ଶେହବାଜ ଶରିଫ୍

ଅପରେଶନ ସିନ୍ଦୂର ବେଳେ ପାକିସ୍ତାନର ରାୱଲପିଣ୍ଡିସ୍ଥିତ ନୁର୍ ଖାନ୍ ଏୟାରବେସ୍ ଓ ଅନ୍ୟ କେତେକ ସ୍ଥାନରେ ଭାରତ ଆକ୍ରମଣ କରିଥିବା ଏହାର ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ସ୍ୱୀକାର କରିଛନ୍ତି। ଭାରତର ଏହି ଆକ୍ରମଣ ସମ୍ପର୍କରେ ପାକ୍ ସେନାମୁଖ୍ୟ ଜେନେରାଲ ଅସିମ ମୁନିର ଗତ ୧୦ ତାରିଖ ରାତି ୨ଟା ୩୦ ମିନିଟ୍ ସମୟରେ ଶେହବାଜଙ୍କୁ ଜଣାଇଥିଲେ। ଭାରତର ସାମରିକ କାର୍ଯ୍ୟାନୁଷ୍ଠାନ କଥା ଉଠିଲେ ପାକିସ୍ତାନ ସାଧାରଣତଃ ଏହାକୁ ଖଣ୍ଡନ କରିଥାଏ। ତେବେ ରାୱଲପିଣ୍ଡିସ୍ଥିତ ଏୟାରବେସ୍ ଉପରେ ଆକ୍ରମଣକୁ ସ୍ୱୀକାର କରିବା ଏହାର ପରିପନ୍ଥୀ। ଶେହବାଜଙ୍କ ଏହି ମନ୍ତବ୍ୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଇସ୍‌ଲାମାବାଦସ୍ଥିତ ପାକିସ୍ତାନ ମନୁମେଣ୍ଟରେ ଏକ ସ୍ୱତନ୍ତ୍ର 'ୟୁମ୍-ଇ-ତଶକୁର' ଉତ୍ସବରେ ଉଦ୍‌ବୋଧନ ଦେଇ ଶେହବାଜ କହିଥିଲେ, ମେ' ୯-୧୦ ମଧ୍ୟବର୍ତ୍ତୀ ରାତି ପ୍ରାୟ ୨ଟା ୩୦ ମିନିଟ୍ ସମୟରେ ସେନାମୁଖ୍ୟ ମୁନିର ତାଙ୍କୁ ଫୋନ୍ କରି ହିନ୍ଦୁସ୍ତାନୀ ବାଲିଷ୍ଟିକ୍ ମିଶାଇଲ୍ ନୁର୍ ଖାନ୍ ଏୟାରବେସ୍ ଓ ଅନ୍ୟ ସ୍ଥାନରେ ମାଡ଼ ହୋଇଥିବା କହିଥିଲେ। ଏହା ମୁଁ ନିଶ୍ଚିତ ଭାବେ କହିପାରେ ଯେ, ଜେନେରାଲଙ୍କ ସ୍ୱରରେ ଆତ୍ମବିଶ୍ୱାସ ଓ ଦେଶଭକ୍ତି ରହିଥିଲା। ଭାରତର ମିଶାଇଲ୍ ଓ ଡ୍ରୋନ୍ ପାକିସ୍ତାନର ୩ଟି ଏୟାରବେସ୍‌କୁ ଟାର୍ଗେଟ କରିଥିବା ୧୦ ତାରିଖରେ ଇସ୍‌ଲାମାବାଦ କହିଥିଲା। ଏହାର ସାମରିକ ମୁଖପାତ୍ର ଲ୍ୟୁଟ୍‌ନାଣ୍ଟ ଜେନେରାଲ ଅହମଦ ଶରିଫ୍ ଚୌଧରୀ ଭୋର ୪ଟାରେ ତୁରନ୍ତ ଖବରଦାତା ସମ୍ମିଳନୀ ଡାକି ରାୱଲପିଣ୍ଡିର ଚକଲାଲାଠାରେ ଥିବା ନୁର୍ ଖାନ୍, ଚକୱାଲର ମୁରିଦ, ଝଙ୍ଗ ଜିଲାର ଶରକୋଟରେ ଥିବା ରଫିକି ଏୟାରବେସ୍‌ରେ ଆକ୍ରମଣ ହୋଇଥିବା କହିଥିଲେ।

### କାନ୍ସ ରେଡ୍ କାର୍ପେଟରେ ନିତାଂଶୀଙ୍କ ଡେବ୍ୟୁ

କାନ୍ସ

ଫିଲ୍ମ 'ଲାପତା ଲେଡିଜ୍'ରେ ନିଜ ଦମଦାର ଅଭିନୟ ମାଧ୍ୟମରେ ଦର୍ଶକଙ୍କ ହୃଦୟ ଜିତିପାରିଥିବା ଅଭିନେତ୍ରୀ ନିତାଂଶୀ ଗୋୟଲ ମାତ୍ର ୧୭ ବର୍ଷ ବୟସରେ ପ୍ରତିଷ୍ଠିତ କାନ୍ସ ଫିଲ୍ମ ଫେଷ୍ଟିଭାଲର ରେଡ୍ କାର୍ପେଟରେ ଡେବ୍ୟୁ କରିଛନ୍ତି। ଏହି ଅବସରରେ ସେ କଳା ଏବଂ ସୁନେରୀ ରଙ୍ଗର ଏକ ଡିଜାଇନର ଡ୍ରେସ୍ ପିନ୍ଧିଥିଲେ, ଯେଉଁଥିରେ ସେ ଖୁବ୍ ସୁନ୍ଦର ଦେଖାଯାଉଥିଲେ। ଉକ୍ତ ପୋଷାକକୁ ଫେଶନ ଡିଜାଇନର ମୋନିକା ଏବଂ କରିଶ୍ମା ପ୍ରସ୍ତୁତ କରିଥିଲେ। ନିତାଂଶୀଙ୍କ ଏହି ଡିଜାଇନର ପୋଷାକ ବିଭିନ୍ନ ଭାରତୀୟ କାରିଗରୀ ଏବଂ କାରୁକାର୍ଯ୍ୟକୁ ପ୍ରଦର୍ଶିତ କରୁଥିଲା। ନିଜ ରେଡ୍ କାର୍ପେଟ ଡେବ୍ୟୁର କିଛି ଫୋଟୋକୁ ନିତାଂଶୀ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରି କ୍ୟାପ୍‌ଶନ୍‌ରେ ଲେଖିଛନ୍ତି, ପ୍ରତିଷ୍ଠିତ କାନ୍ସ ଫିଲ୍ମ ଫେଷ୍ଟିଭାଲର ରେଡ୍ କାର୍ପେଟରେ ଭାରତର ପ୍ରତିନିଧିତ୍ୱ କରିବା ତାଙ୍କ ପାଇଁ ଗର୍ବର ବିଷୟ। ଏହା ତାଙ୍କ ପାଇଁ ସ୍ୱପ୍ନ ଭଳି ଥିଲା। କାନ୍ସ ରେଡ୍ କାର୍ପେଟରେ ସେ ବଡ଼ ସ୍ୱପ୍ନ ଦେଖି କଠିନ ପରିଶ୍ରମ କରୁଥିବା ପ୍ରତ୍ୟେକ ଭାରତୀୟ ଝିଅଙ୍କ ପ୍ରତିନିଧିତ୍ୱ କରୁଥିଲେ। ଏହି ପୋଷ୍ଟରେ ଅନେକ ଭାରତୀୟ ସେଲିବ୍ରିଟି ଏବଂ ପ୍ରଶଂସକଙ୍କ ପକ୍ଷରୁ ନିତାଂଶୀଙ୍କୁ ଅଭିନନ୍ଦନର ସୁଅ ଛୁଟିଛି।






୧୭।୫।୨୦୨୫

| ୬,୮୬,୩୦୪ ଟଙ୍କା | |
|---|---|
| ସୁନା | ୫୦ ମିଲିଗ୍ରାମ୍ |
| ରୁପା | ୨୦.୫୦୦ ଗ୍ରାମ୍ |

# ବିମାନ ଉଡ଼ାଣ, ଅବତରଣର କମ୍ପନ ଶ୍ରୀମନ୍ଦିରର କ୍ଷତି ଘଟାଇବ

■ ବିମାନବନ୍ଦର ମଞ୍ଜୁରୀ ବାତିଲ ନେଇ ଦାବିପତ୍ର
■ ଗୋ-ମହିଷାଦି ପାଳନ କେନ୍ଦ୍ର ଖୋଲିବାକୁ ପ୍ରସ୍ତାବ

ପୁରୀ,୧୭।୫(ଅଜିତ୍ କୁମାର ମହାନ୍ତି)

ପୁରୀଠାରେ ଅନ୍ତର୍ଜାତୀୟ ବିମାନବନ୍ଦର ସ୍ଥାପନା ନେଇ କେନ୍ଦ୍ର ସରକାରଙ୍କ ମଞ୍ଜୁରୀକୁ ଜୀବନ ଜୀବିକା ଓ ପରିବେଶ ସୁରକ୍ଷା ଅଭିଯାନ ବିରୋଧ କରିଛି। ଏନେଇ ସଙ୍ଗଠନ ପକ୍ଷରୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ, କେନ୍ଦ୍ର ପରିବେଶ ଓ ପାଣିପାଗ ମନ୍ତ୍ରୀ, ପ୍ରତ୍ନତତ୍ତ୍ୱ ବିଭାଗ ନିର୍ଦ୍ଦେଶକ, ମୁଖ୍ୟ ଶାସନ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା କୋଷ୍ଟାଲ ଜୋନ୍ ପରିଚାଳନା ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଦର୍ଶାଯାଇଛି, ବିମାନବନ୍ଦର ଭଳି ଏକ ପରିବେଶ ବିରୋଧୀ ବୃହତ୍ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ, ଅନ୍ତର୍ଜାତୀୟ ବିମାନ ଚଳାଚଳ କୌଶଳ ସଂସ୍ଥା (ଆଇସିଏଓ)ର ନିର୍ଦ୍ଦେଶ ବେଖାତିର ହେବ। ଜଙ୍ଗଲ ନଷ୍ଟ ହେବା ଫଳରେ ଜଙ୍ଗଲ ସାମଗ୍ରୀକୁ ଜୀବିକା କରି ବଞ୍ଚୁଥିବା ପ୍ରାୟ ୧୦୦୦ ପରିବାର ବେରୋଜଗାର ହୋଇଯିବେ। ସେହିପରି ଶ୍ରୀମନ୍ଦିରର ୧ କି.ମି. ବ୍ୟାସାର୍ଦ୍ଧରେ ଡ୍ରୋନ ଉଡ଼ାଇବା ନିଷେଧ ଥିବାବେଳେ ୪ ଇଞ୍ଜିନ ବିଶିଷ୍ଟ ବିମାନ ଉଡ଼ାଣ ଓ ଅବତରଣର ଶବ୍ଦ କମ୍ପନ ଶ୍ରୀମନ୍ଦିର ପ୍ରତି ଘୋର କ୍ଷତି ଘଟାଇବ। ଅପରପକ୍ଷେ ଅର୍ଥନୈତିକ ବା ବ୍ୟବସାୟିକ ଦୃଷ୍ଟିରୁ ଦେଖିଲେ, ଗ୍ରୀଷ୍ମଋତୁରେ ବିଦେଶୀ ପର୍ଯ୍ୟଟକ ପୁରୀକୁ ଆସନ୍ତି ନାହିଁ। ବର୍ଷା ଋତୁରେ ଲଘୁଚାପ ଫଳରେ ଅଶାନ୍ତ ସମୁଦ୍ର ଯୋଗୁ ପର୍ଯ୍ୟଟକଙ୍କ ସଂଖ୍ୟା ମଧ୍ୟ କମ୍ ରୁହେ। କେବଳ ନଭେମ୍ବରରୁ ମାର୍ଚ୍ଚ ଏହି ୫ ମାସ ପୁରୀକୁ ବିଦେଶୀ ପର୍ଯ୍ୟଟକ ଆସନ୍ତି। ତେଣୁ ଅନ୍ତର୍ଜାତୀୟ ବିମାନବନ୍ଦର କାହା ପାଇଁ ବୋଲି ପ୍ରଶ୍ନ କରାଯାଇଛି। ତେବେ ସହରର ସଚେତନ ନାଗରିକ ଓ ପରିବେଶପ୍ରେମୀଙ୍କ ମତରେ, ବିସ୍ତୃତ ୧୦୦୦ ଏକର ସରକାରୀ ଜମିରେ ଏହି ବିମାନବନ୍ଦର ଭଳି ଏକ ପରିବେଶ ବିରୋଧୀ ପ୍ରକଳ୍ପ ପରିବର୍ତ୍ତେ ସରକାର ଉକ୍ତ ଜମିରେ ବ୍ୟାପକ ବନୀକରଣ ସହ ସର୍ବବୃହତ୍ ଗୋ-ମହିଷାଦି ପାଳନ କେନ୍ଦ୍ର ଖୋଲିବାକୁ ଧ୍ୟାନ ଦିଅନ୍ତୁ; ଯାହା ଶ୍ରୀମନ୍ଦିର, ପୁରୀ ସହରବାସୀ ତଥା ଜିଲାବାସୀଙ୍କ ଦୁଗ୍ଧ ଜାତୀୟ ସାମଗ୍ରୀର ଚାହିଦା ପୂରଣ କରିବା ସହ କର୍ମ ନିଯୁକ୍ତିର ସୁଯୋଗ ସୃଷ୍ଟି ହେବ। ତେଣୁ ଏହି ଅନ୍ତର୍ଜାତୀୟ ବିମାନବନ୍ଦର ମଞ୍ଜୁରୀକୁ କେନ୍ଦ୍ର ସରକାର ବାତିଲ କରନ୍ତୁ ବୋଲି ସଙ୍ଗଠନ ଆବାହକ ତଥା ପରିବେଶବିତ୍ ସୁରେନ୍ଦ୍ର ତପସୁ ଦାବି କରିଛନ୍ତି।

## ରଥଖଳାରୁ...

# ତିନି ରଥର ୧୮ ଗୋଟି ଚକ ନିର୍ମାଣ ଶେଷ



ପୁରୀ,୧୭।୫(ଅଜିତ୍ କୁମାର ମହାନ୍ତି)

ରଥ ନିର୍ମାଣର ସପ୍ତଦଶ ଦିବସରେ ତିନିରଥର ମୋଟ ୧୮ ଗୋଟି ଚକ ନିର୍ମାଣ ଶେଷ ହୋଇଛି। ଏଥିସହ ୧୧ଟି ଲେଖାଏ ସାଲ ଗୁଜ, ୨୪ ଗୋଟି ତିଖ ଗୁଜ, ୯ଟି ଲେଖାଏ ୨୭ଟି ଜଳଯନ୍ତ୍ର, ୩୨ ଗୋଟି କୁଡୁକା, ୧୨ ଗୋଟି ଓରା ଏବଂ ୪ ଗୋଟି ଲେଖାଏ ପ୍ରଥମ ଭୂଇଁ ଖମ୍ବୀ ନିର୍ମାଣ ଶେଷ ହୋଇଛି। ଏଥିସହ ଶନିବାର ଅପରାହ୍ନରେ ରଥ ଅମିନ ତିନି ରଥର ଆଗ ଆଣି, ପଛ ଆଣି ମୁହାଁଟ ଏବଂ ଭୂଇଁ ଚଉତା ନିର୍ମାଣ ପାଇଁ ୪ ଗୋଟି ଲେଖାଏ ୨୦ ଫୁଟିଆ ଧଉରା ଏବଂ ସାହାଜ କାଠ ଭୋଇ ସେବକଙ୍କ ସହାୟତାରେ ଯୋଗାଇ ଦିଆଯାଇଛି। ମହାରଣା ସେବକମାନେ ଦୁଇଟି ଲେଖାଏ ମୁହାଁଟ ଏବଂ ଭୂଇଁ ଚଉତା କାଠର ଚଉପଟ କାର୍ଯ୍ୟ ଆରମ୍ଭ କରିଛନ୍ତି। ଭୋଇ ସେବକମାନେ ଯନ୍ତାଗାଡ଼ଠାରେ ତିନି ରଥର ଗୋଟିଏ ଗୋଟିଏ ତୁମ୍ବରେ ଅର ସଂଯୋଗ ପୂର୍ବକ ସିଙ୍ଗଡ଼ା ବାଡ଼ିଆ କାର୍ଯ୍ୟ ଶେଷ କରିଛନ୍ତି। ରବିବାର ତିନି ରଥ ମହାରଣା ସେବକମାନେ ତୁମ୍ବ ସିଙ୍ଗଡ଼ା ଉପରେ ପଇ ରଖି ମାପ ଚିହ୍ନ ଦେବେ, ପଇ ସଂଯୋଗ ପୂର୍ବରୁ ଅର ମୁଖ ସାଲ କାର୍ଯ୍ୟ ସହ ତୁମ୍ବରେ ଅଖ ବିନ୍ଧ ବା ଅଗର ବିନ୍ଧକାର୍ଯ୍ୟ ତୁମ୍ବ ବିନ୍ଧ କାରିଗରଙ୍କ ଦ୍ୱାରା ସମ୍ପନ୍ନ ହେବ। ରୂପକାର ସେବକମାନେ ୧୧ ଗୋଟି ଲେଖାଏଁ ସାଲ ଗୁଜରେ ନୃସିଂହ ରୂପ ଖୋଦେଇ ଜାରି ରଖିଛନ୍ତି। ଅପରପକ୍ଷରେ ଦୋଳବେଦି ଅସ୍ଥାୟୀ କମାର ଶାଳରେ ଓଝା ସେବକମାନେ ଆବଶ୍ୟକ ପନ୍ଦାରି, ତୁମ୍ବ ବଳା, ଅର କଣ୍ଟା, ପନ୍ଦାରି ଚାବି ନିର୍ମାଣ ଜାରି ରଖିଛନ୍ତି।

## ସଂକ୍ଷେପରେ

### ଶରୀର, ଅଙ୍ଗଦାନ ପାଇଁ ବଦ୍ରି ମିଶ୍ର ସମ୍ବର୍ଦ୍ଧିତ

ପୁରୀ,୧୭।୫(ଅଜିତ୍ କୁମାର ମହାନ୍ତି)

ଦୀର୍ଘ ୧୨ବର୍ଷ ଧରି ଶରୀର ଓ ଅଙ୍ଗଦାନ ପାଇଁ ଓଡ଼ିଶାରେ ସଚେତନତା ସୃଷ୍ଟି ପାଇଁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଟ୍ରାନ୍ସପ୍ଲାଣ୍ଟ ଚାମ୍ପିୟନ ଲିଗ୍‌ରେ ପୁରୀର ଡ. ବଦ୍ରି ମିଶ୍ରଙ୍କୁ ୟଙ୍ଗ୍ ଇଣ୍ଡିଆ, ପେସ ଫାଉଣ୍ଡେଶନ ଓ ରଘୁନାଥ ପ୍ରଧାନ ଫାଉଣ୍ଡେଶନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ୨୦୧୩ ମସିହାରେ ଶରୀର ଓ ଅଙ୍ଗଦାନ କରି ଓଡ଼ିଶାର ପ୍ରଥମ ଗ୍ରୁପରେ ମିଶ୍ର ସାମିଲ ହୋଇଥିଲେ। ଏଯାବତ ମିଶ୍ର ଶବବାହକ ହୋଇ ପୁରୀ ସ୍ୱର୍ଗଦ୍ୱାର, କଟକ ସତୀ ଚଉରା ଓ ଭୁବନେଶ୍ୱରର ସତ୍ୟନଗର ମଶାଣିରେ ୧୨୦୬ଟି ଶବଦାହ କରିଛନ୍ତି। ଭୂମିକମ୍ପ ଆକ୍ରାନ୍ତ ଗୁଜରାଟ ଓ ନେପାଳ, ମହାବାତ୍ୟା ସମୟରେ ଏରୋସୀମାରେ ଗଣ ଶବଦାହ କରିବା ସହିତ ଭୟାବହ କରୋନା ସମୟରେ ମଧ୍ୟ ଶବଦାହ କରିଥିଲେ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା, ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଶରୀର ଓ ଅଙ୍ଗଦାନ ଅନୁଷ୍ଠାନର ମୁଖ୍ୟ ଡ. ପ୍ରଭାସ ଆଚାର୍ଯ୍ୟ ଓ ଲିଗ୍‌ର ମୁଖ୍ୟ ପିଙ୍କି ପ୍ରଧାନ ସାମିଲ ହୋଇଥିଲେ।

### ୨ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ପୁରୀ,୧୭।୫(ଅଜିତ୍ କୁମାର ମହାନ୍ତି)

ସରକାରୀ ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ରର ଛାତ୍ରୀ ରୋଜାଲିନ ପାତ୍ର ଚଳିତବର୍ଷ ସାରା ଓଡ଼ିଶାରେ ପ୍ରଥମ (୯୩.୪୩ %) ସ୍ଥାନ ଓ ସାବିତ୍ରୀ ପରିଡ଼ା ଦ୍ୱିତୀୟ (୯୨.୭୧%) ସ୍ଥାନ ଅଧିକାର କରିଥିବାରୁ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରୂପାଭାନୁ ମିଶ୍ର ଓ ଜିଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ଚନ୍ଦ୍ରକାନ୍ତି ଆଚାର୍ଯ୍ୟ ପ୍ରଶଂସା କରିଛନ୍ତି। ଅତ୍ୟନ୍ତ ଖୁସିର କଥା ଯେ, ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ସ୍ୱାସ୍ଥ୍ୟ ସେବିକା ନିର୍ଦ୍ଦେଶାଳୟ ତରଫରୁ ଏହି ଛାତ୍ରୀ ଦୁଇଜଣଙ୍କୁ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଡା. ଡି ବୃନ୍ଦା ମଧ୍ୟ ପୁରସ୍କୃତ କରିବା ସହିତ ଛାତ୍ରୀ ଦୁଇଜଣଙ୍କୁ ଉତ୍ସାହିତ କରିଥିଲେ। ଏଥିସହିତ ସରକାରୀ ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ରର 'ଉମଙ୍ଗ' କାର୍ଯ୍ୟକ୍ରମରେ ମଧ୍ୟ ୨ କୃତୀ ଛାତ୍ରୀଙ୍କୁ ଉପଢୌକନ ଓ ମାନପତ୍ର ସହିତ ପୁରସ୍କୃତ କରାଯାଇଥିଲା। ତାଲିମ କେନ୍ଦ୍ରର ଅଧ୍ୟକ୍ଷା ଡା. ନୟନା ସାମଲ, ବିଳାସୀ ଭୋଇ, ମିନତୀ ପରିଡ଼ା, ସତ୍ୟଭାମା ଦେଇ, ସସ୍ମିତା ସାହୁ, ସ୍ୱର୍ଣ୍ଣଲତା ପାଣିଗ୍ରାହୀ ଏବଂ ସୋନାଲି ନାୟକ ସମସ୍ତ ଶିକ୍ଷୟିତ୍ରୀ ପ୍ରମୁଖ ସେମାନଙ୍କୁ ଉତ୍ସାହିତ କରିବା ସହିତ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଶେଷରେ କୁମାରୀ ରଶ୍ମିତା ଗିରି ଧନ୍ୟବାଦ ଦେଇଥିଲେ।

# ଯବାନଙ୍କୁ ସମ୍ମାନ ଜଣାଇ ତ୍ରିରଙ୍ଗା ଶୋଭାଯାତ୍ରା



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନେତୃତ୍ୱରେ ତ୍ରିରଙ୍ଗା ଯାତ୍ରା ସହର ପରିକ୍ରମା କରୁଛି।

ନିମାପଡ଼ା,୧୭।୫
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ାଠାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନେତୃତ୍ୱରେ ନିମାପଡ଼ାଠାରୁ ଦିଘାଳୋ ଛକ ପର୍ଯ୍ୟନ୍ତ ତ୍ରିରଙ୍ଗା ଶୋଭାଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀଙ୍କ ଆକ୍ରମଣର ପ୍ରତ୍ୟୁତ୍ତର ସ୍ୱରୂପ ଭାରତୀୟ ସେନାଙ୍କ ପରାକ୍ରମକୁ ସମ୍ମାନ ଜଣାଇ ଏହି ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏହି ଶୋଭାଯାତ୍ରାରେ ନିମାପଡ଼ାର ସାରା ସହର ପ୍ରକମ୍ପିତ ହୋଇଥିଲା। ଏଥିରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଭାଜପା ପୁରୀ ଜିଲା ସମ୍ପାଦକ ଦେବେନ୍ଦ୍ର ତରାଇ, ବିଶ୍ୱ ହିନ୍ଦୁ ପରିଷଦର ରାଜ୍ୟ ସମ୍ପାଦକ ଉମାଶଙ୍କର ଆଚାର୍ଯ୍ୟ, ଏମ୍‌ପିଙ୍କ ପ୍ରତିନିଧି ମୀନଲତା ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଓଝା, ବିଡିଓ ଡ. ଅଭିଜିତ ଷଡ଼ଙ୍ଗୀ, ତହସିଲଦାର ମନୋଜ ପ୍ରଧାନ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ, ଜିଲା ସମାଜ ମଙ୍ଗଳ ଅଧିକାରୀ ତନୁପ୍ରଭା ବେଉରା, ସିଡିପିଓ ମାଧବୀ ମହାପାତ୍ରଙ୍କ ସମେତ ବହୁ ସରକାରୀ ଅଧିକାରୀ ସାମିଲ ହୋଇଥିଲେ। ଏଥିରେ ବିଭିନ୍ନ ସ୍କୁଲ, କଲେଜର ଏନ୍‌ସିସି, ସ୍କାଉଟ୍‌ସ, ଗାଇଡ୍‌ସ ଛାତ୍ରଛାତ୍ରୀ, ମିଶନ ଶକ୍ତି ମହିଳା, ଯୁବକ ପ୍ରମୁଖ ଯୋଗଦେଇଥିଲେ। ନିମାପଡ଼ା କଲେଜ ଅଧ୍ୟକ୍ଷା ପୁଷ୍ପିତା ରାଜଗୁରୁ, ଇନ୍ଦିରା ଗାନ୍ଧୀ ଡିଗ୍ରୀ ମହିଳା କଲେଜ ଅଧ୍ୟକ୍ଷା ଶ୍ରଦ୍ଧାଞ୍ଜଳି ସାହୁ ଏହି ଯାତ୍ରାରେ ସାମିଲ ହୋଇଥିଲେ।

# ନାଳରେ ପଡ଼ି ଯୁବକଙ୍କ ମୃତ୍ୟୁ

ପୁରୀ,୧୭।୫(ଅଜିତ୍ କୁମାର ମହାନ୍ତି)

ପୁରୀରେ ଶନିବାର ଅପରାହ୍ନରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ନାଳରେ ପଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ପୁରୀ ରେଲ୍‌ୱେ ଷ୍ଟେଶନ ସମ୍ମୁଖରେ ଥିବା ଏକ ନାଳରେ ଜଣେ ବ୍ୟକ୍ତି ଭାସୁଥିବା କେତେଜଣ ଲୋକ ଦେଖିବାକୁ ପାଇଥିଲେ। ଏନେଇ ପୋଲିସକୁ ଖବର ଦେଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ପଠାଇ ତଦନ୍ତ ଚଳାଇଛି। ତେବେ ଯୁବକ ପଡ଼ିଥିବା ନାଳ ନିକଟରେ ଏକ ମଦ ଦୋକାନ ରହିଛି। ଏହାଛଡ଼ା ନାଳ ଉପରେ ସ୍ଲାବ୍ ନାହିଁ। ବ୍ୟକ୍ତି ଜଣକ ନିଶାସକ୍ତ ଅବସ୍ଥାରେ ନାଳରେ ପଡ଼ି ମୃତ୍ୟୁବରଣ କରିଥିବା ଅନୁମାନ କରାଯାଉଛି।

# ପଡ଼ିଆରୁ ନରକଙ୍କାଳ ଜବତ

କାକଟପୁର/ଅସ୍ତରଙ୍ଗ,୧୭।୫ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ ଦୀକ୍ଷିତ/ମମତା ଜେନା)

କାକଟପୁର ଥାନା ଅଧୀନ ଲତାହରଣ ଗ୍ରାମ୍ୟ ସନ୍ନିକଟ ବାଲାପଡ଼ିଆରେ ଶନିବାର ଏକ ନରକଙ୍କାଳକୁ ପୋଲିସ ଜବତ କରିଛି। ପାରିପାର୍ଶ୍ୱିକ ସ୍ଥିତିରୁ ଉକ୍ତ କଙ୍କାଳ ଜଣେ ମହିଳାଙ୍କର ବୋଲି ଜଣାପଡ଼ିଛି। ତେବେ ପୋଲିସ ୯/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁରୀ ସାଇଣ୍ଟିଫିକ୍ ଟିମ ଜରିଆରେ ଛାନ୍‌ଭିନ୍ ଚଳାଇଛି। ତଦନ୍ତରୁ କଙ୍କାଳ ଅସ୍ତରଙ୍ଗ ବ୍ଲକ ତାଳଦା ପଞ୍ଚାୟତ କୁଳସାହି ଗ୍ରାମର ହାରାମଣି ବିଶ୍ୱାଳ (୭୦)ଙ୍କର ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, ସକାଳୁ କେତେଜଣ ବ୍ୟକ୍ତି ଏକ ନରକଙ୍କାଳ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। କାକଟପୁର ଥାନା ଅଧିକାରୀ ଉମେଶ କୁମାର ସାହୁ, ସବ୍‌ଇନିସ୍ପେକ୍ଟର ଗୌରୀ ଶଙ୍କର ସେଠି ପହଞ୍ଚି କଙ୍କାଳ ସମେତ ତା' ପାଖରେ ପଡ଼ିଥିବା ଲୁଗା, ଠେଙ୍ଗା ଏବଂ ଲମ୍ବା ଧଳାକେଶକୁ ଜବତ କରିଛନ୍ତି; ଯାହାକୁ ନେଇ ଏହା ଏକ ମହିଳାଙ୍କ କଙ୍କାଳ ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି। ସାଇଣ୍ଟିଫିକ ଟିମ୍‌ର ତଦନ୍ତରେ ଏହି କଙ୍କାଳ ହାରାମଣିଙ୍କର ବୋଲି ତାଙ୍କ ପୁଅ କଳ୍ପତରୁ ଆନୁଷଙ୍ଗିକ ସାମଗ୍ରୀ ଚିହ୍ନଟ କରି କହିଛନ୍ତି। ଏଥିସହ ହାରାମଣି ମାନସିକ ବିକୃତ ଥିବାବେଳେ ୧୫ ଦିନ ହେବ ନିଖୋଜ ଥିବା ସେ କହିଛନ୍ତି। ତେବେ ପୋଲିସ ବ୍ୟବଚ୍ଛେଦ ପାଇଁ କଙ୍କାଳକୁ ପୁରୀ ପଠାଇଛି। ଅନ୍ୟପଟେ ଏହା ହତ୍ୟାକାଣ୍ଡ ନା ଅନ୍ୟ କିଛି, ସେନେଇ ମୃତଦେହ ବ୍ୟବଚ୍ଛେଦ ପରେ ସୂଚନା ମିଳିବ ବୋଲି ପୋଲିସ ସୂଚନା ଦେଇଛି।

# ବୋମାଭର୍ତ୍ତି ବ୍ୟାଗ ଜବତ, ଜଣେ ଅଟକ



ପୋଲିସ ଘଟଣାସ୍ଥଳରେ ତଦନ୍ତ କରୁଛି ।

ପିପିଲି,୧୭।୫(ଦୁର୍ଗାମାଧବ ମିଶ୍ର/ ପ୍ରଭାତ କୁମାର ମହାପାତ୍ର)

ପିପିଲି ଟୋଲ ପ୍ଲାଜା ନିକଟ ଓରକଳ ଗାଁ ରାସ୍ତାର ରାସ୍ତାକଡ଼ ବୁଦାମୂଳରୁ ଏକ ବୋମାଭର୍ତ୍ତି ବ୍ୟାଗ ମିଳିଛି। ଘଟଣା ସ୍ଥଳରେ ପିପିଲି ପୋଲିସ ଏବଂ ପୁରୀରୁ ବମ୍ ସ୍କ୍ୱାଡ୍ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ବ୍ୟାଗ୍‌ରେ ଥିବା ୫ରୁ ଊର୍ଦ୍ଧ୍ୱ ବୋମାକୁ ନିଷ୍କ୍ରିୟ କରାଯାଇଛି। କୌଣସି ଶତ୍ରୁତାକୁ କେନ୍ଦ୍ରକରି ଗଣ୍ଡଗୋଳ ଏବଂ ବୋମାମାଡ଼ ଉଦ୍ଦେଶ୍ୟରେ କେହି ବ୍ୟାଗ୍ ରଖିଥିବା ସନ୍ଦେହ କରାଯାଉଛି। ଘଟଣାରେ ସମ୍ପୃକ୍ତି ଥିବା ସନ୍ଦେହରେ ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀଙ୍କ କହିବା ମୁତାବକ, ଶୁକ୍ରବାର ପିପିଲି ଏନ୍‌ଏସି ସଂଲଗ୍ନ ୨ଟି ଗ୍ରାମର ୨ ଗୋଷ୍ଠୀ ଯୁବକଙ୍କ ମଧ୍ୟରେ ପୂର୍ବ ବିବାଦକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏଥିରେ ଆକ୍ରମଣ ଏବଂ ପ୍ରତିଆକ୍ରମଣରେ ୫ ଜଣ ଆହତ ହୋଇଛନ୍ତି। ୨ ଜଣ ସାମାନ୍ୟ ଆହତ ହୋଇ ପ୍ରାଥମିକ ଚିକିତ୍ସା ପରେ ଘରକୁ ଆସିଥିବାବେଳେ ୩ ଜଣ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ତେବେ ଶନିବାର ସକାଳେ ଗ୍ରାମର କେତେଜଣ ଲୋକ ଉକ୍ତ ରାସ୍ତା ଦେଇ ଯାଉଥିବାବେଳେ ଗଣ୍ଡଗୋଳ ସ୍ଥାନ ନିକଟରେ ଏକ ବ୍ୟାଗ୍‌ରେ ବୋମା ଥିବା ଜାଣି ପୋଲିସକୁ ଖବର ଦେଇଥିଲେ। ପୋଲିସ ସେଠାରୁ ଏକ ବାଇକ୍ ଜବତ କରିଥିଲା। ଶୁକ୍ରବାର ରାତିରେ ୨ ଗୋଷ୍ଠୀ ଭିତରେ ହୋଇଥିବା ଆକ୍ରମଣରେ କିଛି ବୋମା ରହିଯାଇଥିବା ପୋଲିସ ସନ୍ଦେହ କରୁଛି। ତେବେ ଗତ ଗଣେଶ ପୂଜାରେ ନିକଟସ୍ଥ ଉଜାଣିପଡ଼ା ଓ ଦରଡ଼ା ଗ୍ରାମର ୨ ଗୋଷ୍ଠୀ ମଧ୍ୟରେ ଲାଗି ରହିଥିବା ବିବାଦ ପାଇଁ ଏହି ଗଣ୍ଡଗୋଳ ହୋଇଥିବା ପୋଲିସ କହିଛି।

# ନିର୍ଦ୍ଧାରିତ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁନାହାନ୍ତି ଡାକ୍ତର

ପୁରୀ,୧୭।୫(ଅଜିତ୍ କୁମାର ମହାନ୍ତି)

**ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ବଦଳି ନେଇ ଦାବିପତ୍ର**

ଜିଲା ଜନସ୍ୱାସ୍ଥ୍ୟ ଓ ମୁଖ୍ୟ ଚିକିତ୍ସାଧିକାରୀ ଦାୟିତ୍ୱରେ ଥିବା ଅଧିକାରୀ ତାଙ୍କ କାର୍ଯ୍ୟ ସୁଚାରୁ ରୂପେ ପାଳନ କରୁନାହାନ୍ତି। ଫଳରେ ଜିଲାରେ ରୋଗୀ ସେବା ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି ବୋଲି ଆଇନଜୀବୀ ଦିଲୀପ କୁମାର ବରାଳ ଅଭିଯୋଗ କରିଛନ୍ତି। ଏନେଇ ବରାଳ ଜିଲାପାଳଙ୍କ ମାଧ୍ୟମରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବଙ୍କୁ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି, ଜିଲାରେ ୪୪ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଥିବାବେଳେ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଅପରାହ୍ନରେ ରୋଗୀ ସେବା ପାଇଁ ଖୋଲା ରହୁନାହିଁ। ଏପରି କି ଡାକ୍ତରମାନେ ନିର୍ଦ୍ଧାରିତ ସମୟରେ କେନ୍ଦ୍ରକୁ ଆସୁନାହାନ୍ତି। ଯେଉଁ କେନ୍ଦ୍ର ଖୋଲା ରହୁଛି, ସେଠାରେ କାର୍ଯ୍ୟରତ ଡାକ୍ତର ଅନୁପସ୍ଥିତ ରହୁଛନ୍ତି ବୋଲି ଅଭିଯୋଗ ହୋଇଛି। ସେହିପରି ଜିଲାରେ ଥିବା ୧୬ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରୁ ୧୪ଟି କେନ୍ଦ୍ରରେ ୨୪ଘଣ୍ଟିଆ ବହିର୍ବିଭାଗ ଖୋଲା ଯାଉ ନ ଥିବାବେଳେ ଡାକ୍ତର ଅନୁପସ୍ଥିତ ରହୁଛନ୍ତି। ଅନ୍ୟପକ୍ଷେ ଅପରାହ୍ନରେ ଜିଲା ମୁଖ୍ୟ ଚିକିତ୍ସାଳୟର ଅନେକ ବିଭାଗ ବନ୍ଦ ରହୁଛି। ଜିଲା ମୁଖ୍ୟ ଚିକିତ୍ସାଳୟର ନିଦାନ ବିଭାଗରେ ଅପରାହ୍ନରେ ରୋଗୀଙ୍କଠାରୁ କୌଣସି ନମୁନା ସଂଗ୍ରହ କରାଯାଉନାହିଁ। ଫଳରେ ରୋଗୀ ଘରୋଇ ପରୀକ୍ଷା କେନ୍ଦ୍ରକୁ ଯାଇ ଅଯଥାରେ ଖର୍ଚ୍ଚାନ୍ତ ହେଉଛନ୍ତି। ଜିଲାର ୪୧ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ୧୨ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ମଚାରୀଙ୍କ ଉପସ୍ଥାନ ପାଇଁ ବାୟୋମେଟ୍ରିକ ଯନ୍ତ୍ର ନ ଥିବାବେଳେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଲାଗିଥିବା ୫ଟି ବାୟୋମେଟ୍ରିକ ଯନ୍ତ୍ର ଠିକ୍‌ରେ କାର୍ଯ୍ୟ କରୁନାହିଁ। ଦୀର୍ଘ ବର୍ଷ ଧରି ବିଭିନ୍ନ ବିଭାଗରେ ଗାଦି ମାଡ଼ି ବସିଥିବା ବରିଷ୍ଠ ଓ କନିଷ୍ଠ କିରାଣିଙ୍କ ନିୟମିତ ବଦଳି କରାଯାଉନାହିଁ। ଜିଲାରେ ବିଭିନ୍ନ ଡାକ୍ତରଖାନାରେ ନିଯୁକ୍ତ ଡାକ୍ତର ସେମାନଙ୍କ କାର୍ଯ୍ୟସ୍ଥଳଠାରୁ ୮ କି.ମି. ପରିଧି ମଧ୍ୟରେ ରହୁନାହାନ୍ତି। ଫଳରେ ଡାକ୍ତର କାର୍ଯ୍ୟସ୍ଥଳକୁ ବିଳମ୍ବରେ ଆସିବା ସହ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ସେବା ମିଳିପାରୁନାହିଁ ବୋଲି ଆଇନଜୀବୀ ବରାଳ ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି।

# ୨୦ରେ ପିପିଲି ଥାନା ଭଉଁରି

ପିପିଲି,୧୭।୫(ଦୁର୍ଗାମାଧବ ମିଶ୍ର)

୧୮୦୬ ମସିହାରେ ପିପିଲି ଥାନା ପ୍ରତିଷ୍ଠା ସମୟରେ ବ୍ରିଟିଶ୍ ସରକାର ଦେଇଥିବା ପ୍ରତିଶ୍ରୁତିକୁ କାର୍ଯ୍ୟକାରୀ କରିବା ତଥା ପତିତପାବନ ଗୋପୀନାଥ ଦେବଙ୍କ ବଡ଼ପର୍ବ ଭଉଁରି ଯାତ୍ରା ଚଳିତବର୍ଷ ଧୁମ୍‌ଧାମରେ ପାଳନ ହେବ। ଗୋପୀନାଥ ଦେବ ବିମାନରେ ପିପିଲି ନଗର ପରିକ୍ରମା କରିବେ। ଭକ୍ତଙ୍କ ଦୁଆରୁ ଭୋଗ ଖାଇବେ। ମନ୍ଦିର ରଙ୍ଗ ହେବା ସହ ଆଲୋକ ମାଳାରେ ଝଲସିବ। ଏଥିପାଇଁ ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ, ସୁମନ୍ତ କୁମାର ସାହୁ, ଏବଂ ଥାନାର ଅନ୍ୟ କର୍ମଚାରୀ ପୂରା ଦମ୍‌ରେ ଲାଗି ପଡ଼ିଛନ୍ତି।

ଗୋପୀନାଥ ଦେବଙ୍କ ଜମିରେ ଥାନା ନିର୍ମାଣ ହେବା ସହ ଠାକୁରଙ୍କ ସମସ୍ତ ନୀତି ଥାନା ପକ୍ଷରୁ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ସେବେଠାରୁ ଥାନା ପକ୍ଷରୁ ସମସ୍ତ ନୀତି କରାଯାଇଥାଏ। ହେଲେ ୨୦୨୩ରେ ଥାନା ପକ୍ଷରୁ କୌଣସି ଯାନିଯାତ୍ରା ନ କରାଯିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଚଳିତବର୍ଷ ଗ୍ରାମର ମୁରବି ଶ୍ରେଣୀୟ ବ୍ୟକ୍ତି କୈଳାଶ ସାହୁ, କାହ୍ନୁ ଚରଣ ସାହୁ, ବିକ୍ରମ ସିଂ, ମହେଶ୍ୱର ସାହୁ, ସୋମନାଥ ଦାସ, ମନୋଜ ସାହୁ ପ୍ରମୁଖ ଥାନାକୁ ଯାଇ ଭଉଁରି ଯାତ୍ରା ସମ୍ପର୍କରେ କଥା ହୋଇଥିଲେ। ତେବେ ପୁଣି ଏବର୍ଷଠାରୁ ଗ୍ରାମବାସୀ ଏବଂ ଥାନାର ମିଳିତ ସହଯୋଗରେ ସମସ୍ତ ଯାନିଯାତ୍ରାର ରିଜୋଲ୍ୟୁଶନ କରାଯାଇ ପର୍ବପର୍ବାଣି ପାଳନ କରାଯିବ। ପ୍ରତ୍ୟହ ସର୍ବସାଧାରଣ ଦର୍ଶନ ନିମନ୍ତେ ସକାଳ ନୀତି ପରେ ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ଆଳତି ପରେ ରାତି ୮ ପର୍ଯ୍ୟନ୍ତ ମନ୍ଦର ଖୋଲା ରହିବାକୁ ନିଷ୍ପତ୍ତି ନିଆଯାଇଛି।

# ଶାରୀରିକ ପରିଶ୍ରମ ଦ୍ୱାରା ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ କରିପାରିବା

ପୁରୀ,୧୭।୫(ଅଜିତ୍ କୁମାର ମହାନ୍ତି)

ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ସହରାଞ୍ଚଳ ସ୍ୱର୍ଗଦ୍ୱାର ଆୟୁଷ୍ମାନ ଆରୋଗ୍ୟ ମନ୍ଦିରଠାରେ ବିଶ୍ୱ ଉଚ୍ଚରକ୍ତ ଚାପ ଦିବସ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ନାରାୟଣ ପ୍ରସାଦ ନନ୍ଦ ଯୋଗଦେଇ ଆବଶ୍ୟକ ଅନୁଯାୟୀ ଲୁଣ ଓ ଶାରୀରିକ ପରିଶ୍ରମ କରିବା ଦ୍ୱାରା ଉଚ୍ଚ ରକ୍ତଚାପ ନିୟନ୍ତ୍ରିତ ରହେ ବୋଲି କହିଛନ୍ତି। ଡା. ଯଶସ୍ୱୀ କୁମାର ଦାସ (ଚିକିତ୍ସା ଅଧିକାରୀ-କେମୋଥେରାପି) ମଧ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରକାଶ କରି କହିଛନ୍ତି, ବର୍ତ୍ତମାନ ସମୟରେ ଅଧିକାଂଶଙ୍କଠାରେ ଅଜାଣତରେ ଉଚ୍ଚ ରକ୍ତଚାପ ରହିଥାଏ, କିନ୍ତୁ ଠିକ୍ ସମୟରେ ଏହାର ପରୀକ୍ଷା ଏବଂ ଔଷଧ ସେବନ ଦ୍ୱାରା ଏହାକୁ ନିୟନ୍ତ୍ରଣରେ ରଖିପାରିବା। ଏପିଡେମିଓଲୋଜିଷ୍ଟ ଡା. ଶିଳ୍ପୀ ଦାଶ, ଜନସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ ଏବଂ ଆସିଷ୍ଟାଣ୍ଟ ମ୍ୟାନେଜର (ଟ୍ରେନିଂ) ମନୋଜ କୁମାର ପଣ୍ଡା, ଆସିଷ୍ଟାଣ୍ଟ ପ୍ରୋଗ୍ରାମ ମ୍ୟାନେଜର ସନ୍ଦୀପ ବରଣ ଓଝା ପ୍ରମୁଖ ଉପସ୍ଥିତ ଥଲେ। ଶେଷରେ ସହରାଞ୍ଚଳ ଜନସ୍ୱାସ୍ଥ୍ୟ ପରିଚାଳକ ପ୍ରଦୀପ କୁମାର ବରାଳ ଓ ପ୍ରତୀକ ଶ୍ରୀଚନ୍ଦନ ପ୍ରମୁଖ ପରିଚାଳନା କରିଥିଲେ।

## ଫଟୋରେ ଖବର



ଭୋଇ ସେବକମାନେ ତୁମ୍ବରେ ଅରପଟା ସଂଯୋଗ କରୁଛନ୍ତି।



ରୂପକାର ସେବକମାନେ ରଥର ନୃସିଂହ ଗୁଜ ଖୋଦେଇ କରୁଛନ୍ତି।



ପୁରୀ ବାରବାଟୀ ଜାଗା ପରିସରରେ ଭାରତ ସେବାସଂଘର ଶତବାର୍ଷିକୀ ଅବସରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କୁସ୍ତି ପ୍ରତିଯୋଗିତା।

## ସଂକ୍ଷେପରେ

### ଅପହୃତା ନାବାଳିକା ଉଦ୍ଧାର, ଅପହରଣକାରୀ ଯୁବକ ଗିରଫ

ନିମାପଡ଼ା,୧୭ା୫(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଞ୍ଚଳରୁ ଗତ ୧୧ ତାରିଖରେ ଜଣେ ୧୪ ବର୍ଷୀୟାଙ୍କୁ ଅପହରଣ ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର ପୁରୀ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟକୁ ଚାଲାଣ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ବାଲିପାଟଣା ଥାନା ଅଧୀନ ଗିରିଙ୍ଗ ଗ୍ରାମର ବିଶ୍ୱନାଥ ନାୟକ (୨୫)। ଏଥିସହ ନାବାଳିକାଙ୍କୁ ପୋଲିସ ଅପହରଣକାରୀ ଯୁବକଙ୍କ ଘରୁ ଉଦ୍ଧାର କରି ଶନିବାର ଡାକ୍ତରୀମାଇନା କରାଇଛି। ଏ ସମ୍ପର୍କରେ ନାବାଳିକାଙ୍କ ବାପା ଗତ ୧୬ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ବିଶ୍ୱନାଥ ନାବାଳିକାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ମିଥ୍ୟା ପ୍ରତିଶ୍ରୁତି ଦେଇ କେଉଁଆଡ଼େ ଅପହରଣ କରିନେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏସ୍‌ଆଇ ଦିଲୀପ ପଣ୍ଡା ଏହି ମାମଲାର ତଦନ୍ତ କରୁଥିବାବେଳେ ଅପହରଣକାରୀ ଯୁବକଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛନ୍ତି। ଏ ସମ୍ପର୍କରେ ପୋଲିସ ବିଶ୍ୱନାଥଙ୍କ ବିରୋଧରେ ପୋକ୍‌ସୋ ଆକ୍ଟରେ ୧୪୧/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଥିଲା।

### ବାପାଙ୍କୁ ୨୦ ବର୍ଷ କାରାଦଣ୍ଡ

**ନାବାଳିକା ଝିଅକୁ ଅସଦାଚରଣ ମାମଲା**

କଟକ,୧୭ା୫(କାର୍ତ୍ତିକ ସାହୁ)

କଟକ ଆଡହକ୍ ଆଡିସିନାଲ୍ ଡିଷ୍ଟ୍ରିକ୍ଟ ଆଣ୍ଡ୍ ସେସନସ୍ ଜଜ୍ ଫାଷ୍ଟ ଟ୍ରାକ୍ କୋର୍ଟ (୨ୟ) ନାବାଳିକା ଝିଅକୁ ଅସଦାଚରଣ କରିବା ମାମଲାର ରାୟ ଶନିବାର ପ୍ରକାଶ କରି ଅଭିଯୁକ୍ତ ବାପାଙ୍କୁ ୨୦ ବର୍ଷ କାରାଦଣ୍ଡ ଆଦେଶ ଦେଇଛନ୍ତି। ଏଥିସହ ୩୦,୦୦୦ ଟଙ୍କା ଜରିମାନା ଦାଖଲ କରିବାକୁ ମଧ୍ୟ ଅଦାଲତ ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଭିଯୁକ୍ତ ଅଧିକ ୪ ମାସ କାରାଦଣ୍ଡ ଭୋଗିବେ ବୋଲି କୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି। ସରକାରଙ୍କ ପକ୍ଷରୁଅତିରିକ୍ତପବ୍ଲିକ୍‌ପ୍ରସିକ୍ୟୁଟର୍‌ଏମ୍.ଏମ୍. ବେଗ୍ ମାମଲା ପରିଚାଳନା କରୁଥିଲେ।

ମାମଲାର ବିବରଣୀ ଅନୁସାରେ, ୨୦୨୦ ଅକ୍ଟୋବର ୨ରେ ଅଭିଯୁକ୍ତ ନାବାଳିକା ଝିଅ ସହ ଅସଦାଚରଣ କରିଥିଲେ। ନାବାଳିକା ଏ ନେଇ ଅକ୍ଟୋବର ୧୮ରେ କଟକର ମହିଳା ଥାନାରେ ଏତଲା ଦେଇଥିଲେ। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ ପରେ ୨୦୨୦ ଡିସେମ୍ବର ୧୪ରେ କୋର୍ଟରେ ଅଭିଯୋଗପତ୍ର ଦାଖଲ କରିଥିଲା। ଏଥିସହ ଅଭିଯୁକ୍ତ ବିରୋଧରେ ୨୦୨୧ ମାର୍ଚ୍ଚ ୨୩ରେ ଚାର୍ଜଫ୍ରେମ୍ ହୋଇଥିଲେ। ଗତ ମେ ୩ରେ ମାମଲାର ଚୂଡ଼ାନ୍ତ ଶୁଣାଣି ପରେ ସଂରକ୍ଷିତ ଥିବା ରାୟ ଶନିବାର ପ୍ରକାଶ ପାଇଛି।

### କୁକୁର କାମୁଡ଼ାରେ ମହିଳା ଗୁରୁତର

ଟାଙ୍ଗୀ,୧୭ା୫(ରଘୁନାଥ ସାହୁ): ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଦୀକ୍ଷିତପଡ଼ା ଗ୍ରାମରେ ଶନିବାର ପାଗଳ କୁକୁର କାମୁଡ଼ାରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ଏହି ଗ୍ରାମର ସୁଜାତା ବେହେରା। ସୂଚନା ମୁତାବକ, ସୁଜାତା ତାଙ୍କ ଝିଅକୁ ନେଇ ବାରିପଛପଟକୁ ଯାଇଥିବା ବେଳେ ହଠାତ୍ ଏକ କୁକୁର ତାଙ୍କୁ କାମୁଡ଼ି ଦେଇଥିଲା। ତାଙ୍କ ମୁହଁର ବିଭିନ୍ନ ସ୍ଥାନରେ କ୍ଷତ ହୋଇଛି। ପରେ ତାଙ୍କୁ ଚିକିତ୍ସା ପାଇଁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।

# ସ୍ମାର୍ଟସିଟି ମିଶନ ସହରାଞ୍ଚଳ ବିକାଶରେ ସଫଳତା ଆଣିଛି

**ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ କ୍ଷମତାପନ୍ନ କମିଟିର ତୃତୀୟ ବୈଠକ**



ଭୁବନେଶ୍ୱର, ୧୭ା୫ (ବନ୍ଦନା ସେଠୀ)

ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ (ବିଏସ୍‌ସିଏଲ୍)ର ପରିଚାଳନା ପାଇଁ ଗଠିତ କ୍ଷମତାପନ୍ନ କମିଟିର ତୃତୀୟ ବୈଠକ ଶନିବାର ଖାରବେଳଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ୩୧ମାର୍ଚ୍ଚ ୨୦୨୫ରେ ସ୍ମାର୍ଟ ସିଟି ମିଶନ୍‌ର ଔପଚାରିକ ଭାବେ ଅବଧି ସରିବାପରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଭୁବନେଶ୍ୱରରେ ନିର୍ମାଣ ହୋଇଥିବା ବ୍ୟାପକ ପ୍ରକଳ୍ପର ପରିଚାଳନା, ରକ୍ଷଣାବେକ୍ଷଣ ଓ ଉତ୍ତମ ବ୍ୟବହାର ଉପରେ ଆଲୋଚନା କରାଯାଇଥିଲା। ସ୍ମାର୍ଟସିଟି ମିଶନ ସହରାଞ୍ଚଳ ବିକାଶରେ ନୂତନ ଓ ସମାବେଶୀ ମଡେଲ ମାଧ୍ୟମରେ ସଫଳତା ଆଣିଛି। ତେବେ ମିଶନ ପରବର୍ତ୍ତୀ ଅବଧିରେ ସମ୍ପତ୍ତିଗୁଡ଼ିକର ସଂରକ୍ଷଣ, ବ୍ୟବହାର ଓ ଆୟବୃଦ୍ଧି କରିବା ପାଇଁ ଲକ୍ଷ୍ୟ ଭିତ୍ତିକ ଉଦ୍ୟମ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା। ଅଧିକାଂଶ ପ୍ରକଳ୍ପର ପରିଚାଳନା ଅବଧି ସମାପ୍ତ ହୋଇଥିବାବେଳେ, ଏହାର ରକ୍ଷଣାବେକ୍ଷଣ ଓ ବୈଦ୍ୟୁତିକ ଖର୍ଚ୍ଚର ସମ୍ପୂର୍ଣ୍ଣ ଭାର ବିଏସ୍‌ସିଏଲ୍ ଉଠାଉଛି, ଯାହାକି ଗୁରୁତର ଆର୍ଥିକ ଚାପ ସୃଷ୍ଟି କରୁଛି। ତେଣୁ ପ୍ରକଳ୍ପ ପରିଚାଳନା ପାଇଁ ତୁରନ୍ତ ଯୋଜନା ଓ ସହଯୋଗ ଆବଶ୍ୟକ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଏହାବାଦ୍ ବୈଠକରେ ବହୁସ୍ତରୀୟ ଗାଡି ରଖିବା ସ୍ଥାନ, ରାସ୍ତା ପରିଦୃଶ୍ୟ, ପବ୍ଲିକ ପ୍ଲାଜା ପରି ସାଧାରଣ ସମ୍ପତ୍ତିରୁ ଆଦାୟ ହେଉଥିବା ଟିକସ ବଣ୍ଟନ ନୀତି, ବହୁସ୍ତରୀୟ ପାର୍କିଂରେ ବିଜ୍ଞାପନ ଅଧିକାର ଓ ବ୍ୟବହୃତ ହୋଇ ନ ଥିବା ସମ୍ପତ୍ତିକୁ ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହାର କରି ଆୟ ବୃଦ୍ଧି କରିବା ଆଦି ପ୍ରସ୍ତାବ ରହିଥିଲା। ବୈଠକରେ ବିଏମସି କମିଶନର ରାଜେଶ ପ୍ରଭାକର ପାଟିଲ, ପୋଲିସ କମିଶନର ଏସ. ଦେବଦତ୍ତ ସିଂହ, ନନ୍ଦନକାନନର ନିର୍ଦ୍ଦେଶକ ମନୋଜ ଭି. ନାୟର, ଉଚ୍ଚଶିକ୍ଷା ବିଭାଗର ସ୍ୱତନ୍ତ୍ର ସଚିବ ଧରଣୀଧର ନନ୍ଦ, ୱାଟ୍‌କୋ ପରିଚାଳନା ନିର୍ଦ୍ଦେଶକ ଗୁରୁଚରଣ ଦାସ, ଭୁବନେଶ୍ୱର ସ୍ମାର୍ଟସିଟିର ପରିଚାଳନା ନିର୍ଦ୍ଦେଶକ ପୁରନ୍ଦର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଶନିବାର ଅନୁଷ୍ଠିତ 'ନୃତ୍ୟାୟନ'ର ୩୩ତମ ବାର୍ଷିକ ଉତ୍ସବରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ମନ୍ତ୍ରମୁଗ୍ଧ କଲା ଦଳଗତ ନୃତ୍ୟ

ଭୁବନେଶ୍ୱର, ୧୭ା ୫ (ସୌମ୍ୟରଞ୍ଜନ ରାଉତ)

ଓଡିଶୀ ନୃତ୍ୟନୁଷ୍ଠାନ 'ନୃତ୍ୟାୟନ'ର ୩୩ତମ ବାର୍ଷିକ ଉତ୍ସବ 'ଗୁରୁଦେବ' ଶନିବାର ରବୀନ୍ଦ୍ର ମଣ୍ଡପଠାରେ ପାଳିତ ହୋଇଯାଇଛି। ଉତ୍ସବରେ ଅତିଥିଭାବେ କ୍ରେଡ଼ାଇ ଓଡିଶା ସଭାପତି ସ୍ୱଦେଶ କୁମାର ରାଉତରାୟ, ନ୍ୟୁଟେକ୍ ଗ୍ରାଫିକ୍ସର ପରିଚାଳନା ନିର୍ଦ୍ଦେଶକ ଅଜୟ କୁମାର ମହାପାତ୍ର ଓ ପ୍ରାକ୍ତନ ସଙ୍ଗୀତ ମହାବିଦ୍ୟାଳୟର ଓଡିଶୀ ନୃତ୍ୟ ଗୁରୁ ଡ. ସ୍ନେହାପ୍ରଭା ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ଇଂ ରାଧାଶ୍ୟାମ ପାତ୍ରଙ୍କ ସଭାପତିତ୍ୱରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କାରାଯାଇ ଉତ୍ସବ ଶୁଭାରମ୍ଭ ହୋଇଥିଲା। ନୃତ୍ୟାୟନର ଓଡିଶୀ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ପରିବେଷଣ ହୋଇଥିଲା ଓଡିଶୀ ଦଳଗତ ନୃତ୍ୟ 'ନିତ୍ୟ ଜଗନ୍ନାଥ' ଯାହା ପଦ୍ମଶ୍ରୀ ଗୁରୁ ଦୁର୍ଗା ଚରଣ ରଣବୀରଙ୍କ ବଳିଷ୍ଠ ନୃତ୍ୟ ନିର୍ଦ୍ଦେଶନାରେ ନୃତ୍ୟ ପରିବେଷଣ ଖୁବ ଉଚ୍ଚକୋଟିର ଥିଲା। ଏହା ପରେ ଛାତ୍ରଛାତ୍ରୀମାନେ ଭିନ୍ନ ଭିନ୍ନ ରୁଚିର ଓଡିଶୀ ନୃତ୍ୟ ଶ୍ରୀରାମ ବନ୍ଦନା, ଗୁରୁ ବନ୍ଦନା, ଗୋବିନ୍ଦ ଦାମୋଦର ସ୍ତୋତ୍ରମ୍, ଜୟଦେବୀ ଜନ୍ମ ଭୂମି ଏବଂ ଭଗବତୀ ଅଷ୍ଟକମ ଆଦି ଦଳଗତ ନୃତ୍ୟ ପରିବେଷଣ କରିଥିଲେ। ସମସ୍ତ ନୃତ୍ୟ ପରିବେଷଣ ଅତ୍ୟନ୍ତ ନିଖୁଣ ଓ ମନମୁଗ୍ଧକର ହୋଇଥିଲା। ଓଡିଶୀ ନୃତ୍ୟ ପରେ ପରେ କୁନି କୁନି ଶିଳ୍ପୀ ମାନଙ୍କ ଦ୍ୱାରା ପରିବେଶିତ ହୋଇଥିଲା ଓଡିଶାର ବିଭିନ୍ନ ଲୋକନୃତ୍ୟ। ନୃତ୍ୟାୟନର ଅଧ୍ୟକ୍ଷା ଗାୟତ୍ରୀ ରଣବୀର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ତାଙ୍କ ପରେ କୋଷାଧ୍ୟକ୍ଷ ଧୀରେନ୍ଦ୍ର ନାଥ ପଟ୍ଟନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶେଷରେ ଧୀରେନ୍ଦ୍ର ନାଥ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ପୂର୍ବ ଶତ୍ରୁତାରୁ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ

ଉଭୟ ପକ୍ଷରୁ ଥାନାରେ ଅଭିଯୋଗ

କାକଟପୁର/ଅସ୍ତରଙ୍ଗ,୧୭ା୫ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ଜମିଜମା ସମସ୍ୟା ଓ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କାକଟପୁର ଥାନା ଛୋଟରାୟପୁର ଗ୍ରାମର ଜଣେ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ମହିଳାଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଥାନାରେ ଶନିବାର ଉଭୟ ପକ୍ଷରୁ ଅଭିଯୋଗ କରାଯାଇଛି।

ସୂଚନା ମୁତାବକ, ଛୋଟରାୟପୁର ଗ୍ରାମର ପ୍ରଭାତୀ ମହାରଣା(୫୩) ଗୁରୁବାର ସକାଳ ୬ଟା ୩୦ରେ ନିଜ ବାଡ଼ିରେ ଜାଳ ହାଣୁଥିଲେ। କିଛି ଦୂରରେ ବାଡ଼ି ପରିସରରେ ପଡ଼ି ରହିଥିବା ଖତକୁ ପଡ଼ୋଶୀ ଦୁଃଖୀଶ୍ୟାମ ମହାରଣା ଓ ତାଙ୍କ ପତ୍ନୀ ବିଦ୍ୟୁଲତା ମହାରଣା ଖତ ଖେଳାଉଥିଲେ। ଏଥିରେ ପ୍ରଭାତୀ ପ୍ରତିବାଦ କରିଥିବାବେଳେ ଉତ୍କ୍ଷିପ୍ତ ହୋଇ ଦୁହେଁ ସ୍ତ୍ରୀ, ସ୍ୱାମୀ ଖତ କାମ କରୁଥିବା କୋଦାଳରେ ତାଙ୍କୁ ଆକ୍ରମଣ କରିଥିଲେ। ପରେ ତାଙ୍କୁ କତୁରିରେ ଆକ୍ରମଣ କରିଥିବା ପ୍ରଭାତୀ ଅଭିଯୋଗରେ ଦର୍ଶାଇଛନ୍ତି। ପ୍ରଭାତୀଙ୍କୁ ପ୍ରଥମେ ନିକଟସ୍ଥ ବାଙ୍ଗୁରୀଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଇ ପୁରୀ ମେଡିକାଲ ଓ ପରେ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ଅନ୍ୟପଟେ କାକଟପୁର ଥାନାରେ ବିଦ୍ୟୁଲତା ମଧ୍ୟ ଲିଖିତ ଅଭିଯୋଗ ଦେଇଛନ୍ତି। ସନ୍ଧ୍ୟା ସୁଦ୍ଧା କାକଟପୁର ଥାନାରେ ମାମଲା ରୁଜୁ ହୋଇ ନ ଥିବା ଜଣା ପଡ଼ିଥିବାବେଳେ ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଛି।

# ପଲିଥିନ୍ ଯାଞ୍ଚ ନାମରେ ଜୁଲମ ବନ୍ଦ କରିବାକୁ ଦାବି



ଅଭିଯୋଗ ଶୁଣାଣିରେ ମେୟର ସୁଲୋଚନା ଦାଶଙ୍କ ସହ ଅନ୍ୟମାନେ।

**ୱାର୍ଡ ନଂ.୪୯ରେ ୱାର୍ଡସ୍ତରୀୟ ଅଭିଯୋଗ ଶୁଣାଣି**

ଭୁବନେଶ୍ୱର, ୧୭ା୫ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ଶନିବାର ଦକ୍ଷିଣ-ପଶ୍ଚିମ ଜୋନ ଅନ୍ତର୍ଗତ ୱାର୍ଡ ନଂ.୪୯ରେ ୱାର୍ଡସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ପୃକ୍ତ ୱାର୍ଡର କୋଳଥିଆ କମ୍ୟୁନିଟି ସେଣ୍ଟରଠାରେ ଅଭିଯୋଗ ଶୁଣାଣି ହେଉଥିବାବେଳେ, ବିଏମ୍‌ସି ପକ୍ଷରୁ ସହରରେ ହେଉଥିବା ପଲିଥିନ୍ ଯାଞ୍ଚକୁ ନେଇ ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଥିଲେ। ରାଜଧାନୀରେ ପଲିଥିନ୍ ତିଆରି କାରଖାନା ବେଧଡକ ଭାବେ ଚାଲିଥିବାବେଳେ, ବିଏମ୍‌ସି ସେମାନଙ୍କ ଉପରେ ଚଢାଉ କରୁନାହିଁ। ସେହିପରି ବଡବଡ ଦୋକାନକୁ ନଜର ଅନ୍ଦାଜ କରି କେବଳ ରାସ୍ତାକଡ଼ରେ ଥିବା ଛୋଟମୋଟ ଦୋକାନ ଉପରେ ରାଜୁତି କରିବା ସହିତ ସେମାନଙ୍କଠାରୁ ଜରିମାନା ଆଦାୟ କରୁଛି। ତେଣୁ ଏହି ମନଭାବରୁ ଦୂରେଇ ରହିବା ସହ ସାଧାରଣ ବ୍ୟବସାୟୀଙ୍କ ଉପରେ ଜୁଲମ୍ ବନ୍ଦ କରିବାକୁ ଦାବି ହୋଇଥିଲା। ଏହାବାଦ୍ କାର୍ଯ୍ୟକ୍ରମରେ ୱାର୍ଡର ବିଭିନ୍ନ ସ୍ଥାନରେ ଡ୍ରେନ ସଫେଇ, ଡ୍ରେନ ଉପରେ ସ୍ଲାବ, ରାସ୍ତା ମରାମତି, ନୂତନ ରାସ୍ତା ନିର୍ମାଣ, ସ୍ୱେରେଜ ପାଣି ଲିକ୍, ଜବରଦଖଲ ଉଚ୍ଛେଦ ଆଦି ସମ୍ପର୍କରେ ସ୍ଥାନୀୟ ଲୋକେ ମେୟରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଲୋକମାନଙ୍କର ଅଭିଯୋଗ ଶୁଣିବା ସହ ତୁରନ୍ତ ଏହାର ସମାଧାନ କରିବା ପାଇଁ ଉପବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମୋଟ୍ ୨୪ଟି ଅଭିଯୋଗର ଶୁଣାଣି ହୋଇଥିଲା। ପ୍ରତି ସୋମବାର ବିଏମସି କାର୍ଯ୍ୟାଳୟରେ ସାଧାରଣ ଲୋକମାନଙ୍କର ଅଭିଯୋଗ ଶୁଣାଣି ହେଉଥିଲେ ମଧ୍ୟ ଲୋକଙ୍କ ପାଖକୁ ଯାଇ ସେମାନଙ୍କର ସୁବିଧା ଅସୁବିଧା ବୁଝିବା ଏହି ଅଭିଯୋଗ ଶୁଣାଣିର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମେୟର କହିଥିଲେ।

# ଦକ୍ଷିଣପୂର୍ବ ରେଳପଥ ପାଳିଲା ଉଚ୍ଚ ରକ୍ତଚାପ ଦିବସ




ଭୁବନେଶ୍ୱର, ୧୭ା୫ (ଅନୁରାଧା ମହାରଣା)

ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ଅବସରରେ ଦକ୍ଷିଣପୂର୍ବ ରେଳପଥ ପକ୍ଷରୁ କୋଲକାତା ଗାର୍ଡେନ ରିଚ୍‌ସ୍ଥିତ ସେଣ୍ଟ୍ରାଲ ହସପିଟାଲର କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭୫ ଜଣ ଡାକ୍ତର, ନର୍ସ ଏବଂ ହସପିଟାଲ କର୍ମଚାରୀମାନେ ସାମିଲ ହୋଇଥିଲେ। ନୂତନ ଜ୍ଞାନକୌଶଳରେ ନିର୍ମିତ ମେଶିନ୍ ସାହାଯ୍ୟରେ ବିଏମଆଇ, ବଡି ଫ୍ୟାଟ୍ ଶତକଡ଼ା, ୱାଟର କଣ୍ଟେଣ୍ଟ, ମଶଲ୍ ମାସ୍ ଆଦି ପରୀକ୍ଷା କରାଯାଇଥିଲା। ଏ ଅବସରରେ କାର୍ଡିଓଲୋଜିଷ୍ଟ ଡା. ବି ଏନ୍ ଝା ନିୟମିତ ରକ୍ତଚାପ ଯାଞ୍ଚ ପାଇଁ ପରାମର୍ଶ ଦେଇଥିଲେ। ପିସିଏମଡି ଡା. ଅଞ୍ଜନା ମଲୋହୋତ୍ରା କାର୍ଯ୍ୟକ୍ଷେତ୍ରର ଚାପକୁ କିପରି ସନ୍ତୁଳିତ ରଖିପାରିବେ ସେ ଦିଗରେ ଆଲୋଚନା କରିଥିଲେ। ମେଡିକାଲ ନିର୍ଦ୍ଦେଶକ ଡା. ଶ୍ରୀକୁମାର ହାଇପର ଟେନସନ ଯେତେ ଶୀଘ୍ର ଜଣାପଡ଼ିବ ତାହାର ଶୀଘ୍ର ଉପଚାର ସମ୍ଭବ ହେବ ଏହାସହ ଶରୀର ଅଙ୍ଗପ୍ରତ୍ୟଙ୍ଗ ପ୍ରତି ଥିବା ବିପଦକୁ ମଧ୍ୟ ହ୍ରାସ କରିପାରେ। ଅନ୍ୟମାନଙ୍କ ମଧ୍ୟରେ ଡା. ପି କେ ମଜୁମଦାର, ଡା. ପ୍ରିୟଙ୍କା ମଣ୍ଡଳ, ଡା. ମୁକ୍ତା ମଣ୍ଡଳ, ଡା. ଏ ବେରା ପ୍ରମୁଖ ସଚେତନତାମୂଳକ ବାର୍ତ୍ତା ରଖିଥିଲେ।

# ଦେଶବ୍ୟାପୀ ଧର୍ମଘଟ ଜୁଲାଇ ୯କୁ ଘୁଞ୍ଚିଲା

ଭୁବନେଶ୍ୱର, ୧୭ା୫ (ବନ୍ଦନା ସେଠୀ)

ଭାରତ ଓ ପାକିସ୍ତାନ ମଧ୍ୟରେ ଦେଖାଯାଇଥିବା ଉତ୍ତେଜନାକୁ ଦୃଷ୍ଟିରେ ରଖି ଦେଶବ୍ୟାପୀ ଧର୍ମଘଟ ଡାକରାକୁ ଜୁଲାଇ ୯କୁ ଘୁଞ୍ଚାଇ ଦିଆଯାଇଛି। କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ନୀତିକୁ ସମାଲୋଚନା କରି ଏହା ବିରୋଧରେ ମେ ୨୦ରେ ପ୍ରତିବାଦ କରିବା ଲାଗି ନିଷ୍ପତ୍ତି ହୋଇଥିଲା। ମାତ୍ର ସାମ୍ପ୍ରତିକ ସ୍ଥିତିକୁ ଦେଖି ଏହାକୁ ଘୁଞ୍ଚାଇ ଦିଆଯାଇଛି। ଶନିବାର ସି.ଆଇ.ଟି.ୟୁ. ନେତା ଦୁଷ୍ମନ୍ତ ଦାସଙ୍କ ସଭାପତିତ୍ୱରେ ଆଇଏନ୍‌ଟିୟୁସି ମୁଖ୍ୟ କାର୍ଯ୍ୟାଳୟଠାରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଞ୍ଚ ଓ ସ୍ୱାଧୀନ ଫେଡେରେଶନ ସମୂହର ବୈଠକରେ ଏହି ନିଷ୍ପତ୍ତି ହୋଇଛି। କଶ୍ମୀରର ପହଲଗାମ୍ ଆତଙ୍କୀ ଆକ୍ରମଣରେ ୨୬ଜଣ ନିରୀହ ଲୋକଙ୍କ ଯିବା ଓ ପାକିସ୍ତାନ ସହ ଲଢ଼େଇକୁ ଗମ୍ଭୀର ଘଟଣା ଭାବେ ବିଚାର କରି ଏହି ଧର୍ମଘଟକୁ ସ୍ଥଗିତ କରାଯାଇଛି। ତେବେ ସରକାରଙ୍କ ମନମୁଖି ଶ୍ରମିକ ଛଟେଇ, ମଜୁରି ବୃଦ୍ଧି ଆଦି ବିଷୟକୁ ନେଇ ରାଜଧାନୀ ଦିଲ୍ଲୀ, ଜିଲା ଓ ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସୂଚନା ଦିଆଯାଇଛି। ବୈଠକରେ ଆଇଏନ୍‌ଟିୟୁସିର ସାଧାରଣ ସମ୍ପାଦକ କିଶୋର ଜେନା, ମଦନ ମୋହନ ଧଳ, ନେତା ବିଜୟ ଜେନା, ଏଚ୍‌ଏମ୍‌ଏସ୍ ନେତା ବି. ଏନ୍. ମହାପାତ୍ର, ସିଆଇଟିୟୁ ନେତା ଦୁଷ୍ମନ୍ତ ଦାସ, ଏଆଇୟୁଟିୟୁସି ନେତା ନିରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ବିଏମ୍‌ସି ବିରୋଧରେ ରାସ୍ତାକୁ ଓହ୍ଲାଇଲେ ଖାଓଗଳି ବ୍ୟବସାୟୀ

**୪ବର୍ଷ ହେଲା ଭଡ଼ା ନ ଦେବାରୁ ଆକ୍ସନ**



ଭୁବନେଶ୍ୱର, ୧୭ା୫ (ବନ୍ଦନା ସେଠୀ)

ରାମମନ୍ଦିର ନିକଟସ୍ଥ ଖାଓଗଳିରେ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କ ଉପରେ କଡ଼ା ପଦକ୍ଷେପ ନେଇଛି ବିଏମ୍‌ସି। ଦୀର୍ଘବର୍ଷ ଧରି ସେଠାରେ ପ୍ରାୟ ୩୧ଜଣ ବ୍ୟବସାୟୀ ବ୍ୟବସାୟ କରୁଥିଲେ ହେଁ ଗତ ୪ବର୍ଷ ଧରି ସେମାନେ ବିଏମ୍‌ସିକୁ କୌଣସି ଭଡ଼ା ଦେଉନାହାନ୍ତି। ଯାହାକୁ ନେଇ ବିଏମ୍‌ସି ପୂର୍ବରୁ ସେମାନଙ୍କୁ ବାରମ୍ବାର ଚେତାବନୀ ଦେଇଥିଲା। ତେବେ ବକେୟା ଭଡ଼ା ପ୍ରଦାନ ନ କରିବାରୁ ଶେଷରେ ବିଏମ୍‌ସି ଶୁକ୍ରବାର ଦିନ ଖାଓଗଳିକୁ ସିଲ୍ କରିଦେଇଥିଲେ। ଏହାର ପ୍ରତିବାଦରେ ଶନିବାର ଖାଓଗଳି କ୍ଲିନ୍ ଷ୍ଟ୍ରିଟ୍ ଫୁଡ୍ ହବ୍ ଓନର୍ସ ଆସୋସିଏଶନ୍ ପକ୍ଷରୁ ଖାଓଗଳି ସମ୍ମୁଖ ରାସ୍ତାରେ ପ୍ରତିବାଦ କରିଥିଲେ। ଏନେଇ ଆସୋସିଏଶନ୍ ପକ୍ଷରୁ କୁହାଯାଇଛି ଯେ, ଗତ ୧୫ବର୍ଷ ଧରି ଖାଓଗଳିରେ ବ୍ୟବସାୟ କରୁଥିବାବେଳ, ସେମାନଙ୍କ ଉପରେ ବିଏମ୍‌ସି କର୍ତ୍ତୃପକ୍ଷଙ୍କ ବୈମାତୃକ ମନୋଭାବ ରହିଛି। ଏପରିକି ଏହି ବାବଦରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛୁ। ସେହିପରି ଦୋକାନୀମାନଙ୍କ ସ୍ଥାୟିତ୍ୱକୁ ନେଇ ସିଭିଲ୍ ଜଜ୍ ଭୁବନେଶ୍ୱରଙ୍କ ନିକଟରେ ମଧ୍ୟ ଆବେଦନ କରାଯାଇଛି। ମାତ୍ର ଇତି ମଧ୍ୟରେ ବିଏମ୍‌ସି ବ୍ୟବସାୟୀଙ୍କ ହ୍ୱାଟ୍‌ସଆପ୍‌କୁ ଏକ ନୋଟିସ୍ ପ୍ରେରଣ କରିବା ସହ ୧୫ଦିନ ମଧ୍ୟରେ ବିଗତ ବର୍ଷଗୁଡିକର ଭଡ଼ା ଦେବା ପାଇଁ ସୂଚନା ଦେଇଛି। ଏପରିକି ଭଡା ନ ଦେଲେ, ଆଲଟ୍‌ମେଣ୍ଟ ଅର୍ଡର ବାତିଲ୍ କରାଯିବ ବୋଲି ନିର୍ଦ୍ଦେଶ ରହିଥିବା ଅଭିଯୋଗ ରହିଛି। ବର୍ତ୍ତମାନ ପରିପ୍ରେକ୍ଷୀରେ କୌଣସି ବ୍ୟବସାୟୀଙ୍କ ପାଇଁ ହଠାତ୍ ଏତେ ଟଙ୍କା ପଇଠ କରିବା ସମ୍ଭବପର ନଥିବାରୁ ବିଏମ୍‌ସି ତୁରନ୍ତ ଏହି ନିର୍ଦ୍ଦେଶକୁ ବାତିଲ୍ କରିବା ଦାବିରେ ପ୍ରତିବାଦ ହୋଇଥିଲା। ଅପରପକ୍ଷେ ବ୍ୟବସାୟୀଙ୍କ ସ୍ଥିତିକୁ ଦେଖି ବାକି ଥିବା ଭଡ଼ା ଚଳିତ ଆର୍ଥିକ ବର୍ଷ ମଧ୍ୟରେ ୪ଟି କିସ୍ତିରେ ପଇଠ କରିବାକୁ ନିର୍ଦ୍ଦେଶ ଦିଆଯାଇ ସେମାନଙ୍କୁ ବ୍ୟବସାୟ କରିବାକୁ ଅନୁମତି ଦିଆଯାଇଥିବା ବିଭାଗୀୟ ବିଏମ୍‌ସି ଅଧିକାରୀ ଅଜୟ କୁମାର ମହାନ୍ତି ସୂଚନା ଦେଇଛନ୍ତି। ସମ୍ପୃକ୍ତ ବ୍ୟବସାୟୀମାନଙ୍କୁ ୩ହଜାର/୪ହଜାର ଟଙ୍କା ମାସିକ ଭଡ଼ା ଆକାରରେ ବ୍ୟବସାୟ କରିବାକୁ ବିଏମ୍‌ସି ଅନୁମତି ଦେଇଛି। ମାତ୍ର ୪ବର୍ଷ ଧରି ସେମାନେ କୌଣସି ଭଡ଼ା ଦେଉନାହାନ୍ତି। ତେଣୁ ବାଧ୍ୟହୋଇ ଏଭଳି ପଦକ୍ଷେପ ନିଆଯାଇଥିବା ଅଧିକାରୀ କହିଛନ୍ତି। ସେହିପରି ବକେୟା ଭଡ଼ା ସହିତ ମାସିକିଆ ଦେୟ ମଧ୍ୟ ନିୟମିତ ପଇଠ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ଦିଆଯାଇଛି।

## ଫଟୋରେ ଖବର




ଲଣ୍ଡନରେ ଇସ୍କନର ଅଦିନିଆ ରଥଯାତ୍ରାକୁ ବିରୋଧ କରି ଓଡ଼ିଆ ଅସ୍ମିତା ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ।




ବୁଦ୍ଧ ମନ୍ଦିରରେ ୧୨ଶ ଇଣ୍ଟରନ୍ୟାଶନାଲ ଆର୍ଟ ଅଫ୍ ଗିଭିଂରେ ଯୋଗଦେଇଥିବା ଅତିଥିମାନେ।

# ଅସ୍ତିତ୍ୱ ହରାଉଛି ଖୋର୍ଦ୍ଧାଗଡ଼, ପୁନରୁଦ୍ଧାର ଦାବି

■ ପ୍ରତିଶ୍ରୁତି ସତ୍ତ୍ୱେ ନିଆଯାଉନି ପଦକ୍ଷେପ
■ ପ୍ରସ୍ତର କହୁଛି ବୀରତ୍ୱର ଗାଥା

ଖୋର୍ଦ୍ଧା,୧୭।୫(ପ୍ରଭାତ ପାଣିଗ୍ରାହୀ)

ପାଇକ ବିଦ୍ରୋହର ଐତିହାସିକ ସଂଗ୍ରାମ, ଗରିମାମୟ ଐତିହ୍ୟକୁ ନିଜ ବକ୍ଷରେ ଜାବୁଡ଼ି ଧରି ଦଣ୍ଡାୟମାନ ରହିଛି ଖୋର୍ଦ୍ଧାଗଡ଼। ଅତୀତର ସ୍ମୃତିକୁ ସାଉଁଟି ରଖିଥିବା ଏହି ଗଡ଼ ଏବେ ବିଲୁପ୍ତ ଓ ଭଗ୍ନ ଅବସ୍ଥାରେ ରହିଛି। ଯେଉଁଠାରୁ ଦିନେ ପାଇକ ବୀରମାନେ ଇଂରେଜମାନଙ୍କ ବିରୋଧରେ ସଶସ୍ତ୍ର ସଂଗ୍ରାମ କରିଥିଲେ, ସେହି ଗଡ଼ ଏବେ ନିଜ ପରିଚୟ ଖୋଜୁଛି। ତେବେ ପାଇକମାନଙ୍କ ଅନୁଷ୍ଠାନ କୁହାଯାଉଥିବା ଖୋର୍ଦ୍ଧାଗଡ଼ର ପୁନରୁଦ୍ଧାର ଜରୁରୀ ହୋଇପଡ଼ିଛି। ୨୦୨୪ ଜୁଲାଇରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏବଂ ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ବିଭାଗୀୟ ନିର୍ଦ୍ଦେଶକ ଖୋର୍ଦ୍ଧା ଗସ୍ତରେ ଆସି ଏହି ଐତିହ୍ୟ କୀର୍ତ୍ତିରାଜିର ସଂରକ୍ଷଣ ଏବଂ ପୁନରୁଦ୍ଧାର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ବର୍ତ୍ତମାନ ସୁଦ୍ଧା ଏହାର ନବୀକରଣ ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଅନ୍ୟପଟେ ଏହାର ପୁନରୁଦ୍ଧାର କରାଯିବ ବୋଲି ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦେବ କହିଛନ୍ତି।

ଖୋର୍ଦ୍ଧାଗଡ଼ ସମ୍ପୂର୍ଣ୍ଣ ନଷ୍ଟ ହେବାକୁ ବସିଛି। ଚାରିଆଡ଼େ ଅନାବନା ଗଛଲତା ମାଡ଼ି ଲୁଚିଗଲାଣି। ନିଜ ବକ୍ଷରେ ସ୍ମୃତିକୁ ଉଜ୍ଜୀବିତ କରି ରଖିଥିବା ଏହି ଗଡ଼ ଭାରତବର୍ଷର ଶେଷ ସ୍ୱାଧୀନ ଦୁର୍ଗଭାବେ ପରିଚିତ। ଏହି ଗଡ଼ର ପ୍ରତ୍ୟେକ ପ୍ରସ୍ତର କହୁଛି ଦୁର୍ଗର ବୀରତ୍ୱର କାହାଣୀ। ଅତୀତର ବୀରତ୍ୱକୁ ନେଇ ସର୍ବଦା ଚର୍ଚ୍ଚାରେ ରହି ଆସିଛି ଖୋର୍ଦ୍ଧାଗଡ଼। ସରକାର ଐତିହ୍ୟସ୍ଥଳୀ, ମଠ, ମନ୍ଦିର ଉପାନ୍ତରଣ କରୁଛନ୍ତି। ସରକାରଙ୍କ ଏହି ଖୋର୍ଦ୍ଧାଗଡ଼ର ପୁନରୁଦ୍ଧାର ପ୍ରତି ଆନ୍ତରିକତାର ଅଭାବ ରହିଥିବା ସାଧାରଣରେ ଆଲୋଚନା ହେଉଛି। ଏପରିକି ସ୍ଥାନୀୟ ଜିଲା ପ୍ରଶାସନର ଅବହେଳା ଏବଂ ରାଜନୈତିକ ଇଚ୍ଛାଶକ୍ତିର ଅଭାବରୁ ଏହି ଗଡ଼ର ପୁନରୁଦ୍ଧାର ହୋଇପାରୁନି ବୋଲି କେତେଜଣ ବୁଦ୍ଧିଜୀବୀ, ଗବେଷକ କହିଛନ୍ତି। ଖୋର୍ଦ୍ଧାଗଡର ଏକ ଗରିମାମୟ ଐତିହ୍ୟ ରହିଛି। ଏହି ଗଡ଼ରେ ବହୁ ଐତିହ୍ୟ କୀର୍ତ୍ତିରାଜି କାଳକ୍ରମେ ବିଲୁପ୍ତ ଅବସ୍ଥାରେ ରହିଛି। ଗଡ଼ ପୁନରୁଦ୍ଧାର କରାଗଲେ ରାଣୀ ପୋଖରୀ ସମେତ ବହୁ କୀର୍ତ୍ତିରାଜି ସଂରକ୍ଷଣ ହୋଇପାରିବ। ଏହା ଓଡ଼ିଆ ଜାତିର ଗୌରବକୁ ବୃଦ୍ଧି ସହ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ଏହାର ସମ୍ମାନ ବଢ଼ିପାରିବ। ଏହି ଗଡ଼ ହେଉଛି ଓଡ଼ିଆ ଜାତିର ସ୍ୱାଭିମାନ। ଏହି ଗଡ଼ ସହିତ ଓଡ଼ିଆ ପାଇକ ବୀରଙ୍କ ବୀରତ୍ୱର ଗାଥା ଜଡ଼ିତ ରହିଛି। ଏହାର ପୁନରୁଦ୍ଧାର କରାଗଲେ କେବଳ ଖୋର୍ଦ୍ଧା ନୁହଁ, ଓଡ଼ିଶାର ଗୌରବ ବଢ଼ିପାରିବ। ଏହି ଗଡ଼ର ପୁନରୁଦ୍ଧାର କରାଗଲେ ଦେଶମାତୃକା ପାଇଁ ବଳିଦାନ ଦେଇଥିବା ପାଇକବୀରଙ୍କ ପାଇଁ ଉପଯୁକ୍ତ ସମ୍ମାନ ସହ ପାଇକ ବୀରଙ୍କ ବୀରତ୍ୱ, ଶୌର୍ଯ୍ୟ, ପରାକ୍ରମକୁ ଆଗାମୀ ପିଢ଼ି ଜାଣିବାର ସୁଯୋଗ ପାଇବ ବୋଲି ଐତିହାସିକ, ଗବେଷକ, ବୁଦ୍ଧିଜୀବୀ ଏବଂ ଶିକ୍ଷାବିତ୍‌ମାନେ କହିଛନ୍ତି। ଏହି ଗଡ଼ରୁ ପାଇକ ବୀରମାନେ ଯୁଦ୍ଧ ରଣକୌଶଳ ବିଷୟରେ ଆଲୋଚନା କରି ପରବର୍ତ୍ତୀ ସମୟରେ ସଂଗ୍ରାମରେ ପ୍ରାଣ ଦେଇଥିଲେ। ପାଇକ ବିଦ୍ରୋହର ସମସ୍ତ ସ୍ମୃତି ଖୋର୍ଦ୍ଧାଗଡ଼ ସହ ଜଡ଼ିତ। ଏହାର ପୁନରୁଦ୍ଧାର ଜରୁରୀ ବୋଲି ସାଧାରଣରେ ମତପ୍ରକାଶ ପାଉଛି। ଗବେଷକ ଗୋପାଳକୃଷ୍ଣ ଦାସଙ୍କ ମତରେ, ୧୫୬୮ ମସିହାରେ ଗଜପତି ମୁକୁନ୍ଦଦେବଙ୍କ ନିହତ ପରେ ରାଜ୍ୟରେ ଅରାଜକତା ଦେଖାଯାଇଥିଲା। କଳାପାହାଡ଼ ଉତ୍କଳରେ ଧ୍ୱଂସ ତାଣ୍ଡବ ରଚିବା ଆରମ୍ଭ କରିଥିଲା। ଅନେକ ମଠ, ମନ୍ଦିର ଧ୍ୱଂସ ପାଇଲା। ରମେଇ ରାଉତରାୟ ବରୁଣେଇ ପାଦଦେଶରେ ଜଗନ୍ନାଥପୁର-କଟକ ନାମରେ ୧୫୬୮ରେ ଏକ ନୂତନ ଗଡ଼ ନିର୍ମାଣ କରିଥିଲେ। ରମେଇ ରାଉତରାୟ ଗଜପତି ରାମଚନ୍ଦ୍ର ଦେବ ଭାବେ ପରିଚିତ ହେଲେ। ଗଡ଼ର ପୂର୍ବ ଦିଗରେ ଥିବା ବର୍ତ୍ତମାନର ବଡ଼ତୋଟା ହାଇସ୍କୁଲ ରାଜାଙ୍କର ଅସ୍ତ୍ରାଗାର ବୋଲି ଅନୁମାନ କରାଯାଉଥିବା ଐତିହାସିକମାନେ କୁହନ୍ତି। ଗଡ଼ ମଧ୍ୟରେ ୧୫ଏକର ପରିମିତ ସ୍ଥାନରେ ରହିଥିବା ରାଣୀ ପୋଖରୀ ରହିଛି। ଏଥିସହିତ ଗଡ଼ ମଧ୍ୟରେ ହନ୍ତେଶ୍ୱରୀ ମନ୍ଦିର ରହିଥିଲା, ଯାହା ଧ୍ୱଂସାଭିମୁଖୀ ଅବସ୍ଥାରେ ରହିଛି, ସରକାରଙ୍କ ଉଦାସୀନାତା ଯୋଗୁ ଏହି ଗଡ଼ ଲୁପ୍ତ ହେବାକୁ ବସିଛି। ଏହି ଦୁର୍ଗ ଏବେ ଭୂତକୋଠିର ଭ୍ରମ ସୃଷ୍ଟି କରୁଛି। ସମାଜର ଆଢୁଆଳରେ ନିଜ ସ୍ଥିତି, ଅସ୍ତିତ୍ୱକୁ ନେଇ ଏହି ଗଡ଼ ବିଲୁପ୍ତର ଦ୍ୱାରଦେଶରେ ରହିଛି। ୧୯୭୮ ମସିହାରେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଖୋର୍ଦ୍ଧାଦୁର୍ଗର ଉନ୍ନତି ହାତକୁ ନେଇଥିଲେ। ବିଭିନ୍ନ ସମୟରେ ଏହାର ପୁନରୁଦ୍ଧାର ଲାଗି ଲକ୍ଷାଧିକ ଟଙ୍କା ମଧ୍ୟ ଖର୍ଚ୍ଚ କରାଯାଇଛି। ତେବେ ଏହି ଗଡ଼ର ଜରାଜୀର୍ଣ୍ଣ କାରଣରୁ ଏଠାରେ କୌଣସି ପର୍ଯ୍ୟଟକଙ୍କ ପାଦ ପଡିନଥିବା ଜଣାପଡିଛି।

## ଘିମୁଦା ଜେଟି ନିର୍ମାଣ କାର୍ଯ୍ୟ ତଦାରଖକଲେ ଅଧିକାରୀ



କୃଷ୍ଣପ୍ରସାଦ,୧୭।୫(କୈଳାସ ଚନ୍ଦ୍ର ପଟ୍ଟନାୟକ)

ରାଜ୍ୟ ବନ୍ଦର ଓ ଅନ୍ତର୍ଦ୍ଦେଶୀୟ ଜଳପଥ ପରିବହନ ନିର୍ଦ୍ଦେଶକ ପଦ୍ମଲୋଚନ ରାଉଳ ଶନିବାର ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ପାରିକୁଦଗଡ଼ ଘିମୁଦା ଘାଟ ପେଣ୍ଠଠାରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ କରିବା ସହ ସମୀକ୍ଷା କରିଛନ୍ତି। ଅଞ୍ଚଳବାସୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ନୂତନ ଜ୍ଞାନକୌଶଳରେ ନିର୍ମିତ ଏହି ରୋ-ପ୍ୟାକ୍ସ ଜେଟିର କାର୍ଯ୍ୟ ଉଚ୍ଚ ଅଧିକାରୀ ପରିଦର୍ଶନ କରିବା ଅବସରରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ବୈକୁଣ୍ଠନାଥ ମାନସିଂହ, ଓ୍ୱାପକସ ସଂସ୍ଥାର କେନ୍ଦ୍ରୀୟ ତଦାରଖ ବାହିନୀ ଓଡ଼ିଶା ମୁଖ୍ୟ ଶରତ ଚନ୍ଦ୍ର ମହାରଣା ଓ ଟିମ୍ ଉପସ୍ଥିତ ଥିଲେ। ୧୫କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଏହି କାର୍ଯ୍ୟ କରାଯାଉଥିବା ଜଣାପଡ଼ିଛି। ଏହି ଜେଟି କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ପର୍ଯ୍ୟଟକଙ୍କଠାରୁ ଆରମ୍ଭକରି ଜନସାଧାରଣ ସୁବିଧାରେ ଯାତାୟାତ କରିପାରିବେ। ଭସାପୋଲଠାରୁ ଆରମ୍ଭକରି ଡଙ୍ଗା, ଲଞ୍ଚଗୁଡ଼ିକ ସୁବିଧାରେ ଏଠାରେ ପାର୍କିଂ କରିପାରିବ ବୋଲି ବିଭାଗୀୟ ଅଧିକାରୀମାନେ କହିଛନ୍ତି। ଏହି ଜେଟି ନିର୍ମାଣ ଦ୍ୱାରା ପର୍ଯ୍ୟଟକଙ୍କ ଯାତାୟାତ ସୁଗମ ହୋଇପାରିବ। ଖୁବ୍‌ଶୀଘ୍ର ଜେଟିର ନିର୍ମାଣ କାର୍ଯ୍ୟ ଶେଷ ହେବା ସହ ଏହା ସାଧାରଣ ଲୋକଙ୍କୁ ସେବା ଯୋଗାଇଦେବ ବୋଲି ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ବୈକୁଣ୍ଠନାଥ ମାନସିଂହ କହିଛନ୍ତି।

## ସଚେତନ ହେଲେ ଟଳିବ ଡେଙ୍ଗୁ ଭୟାବହତା

ବେଗୁନିଆ,୧୭।୫(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ସଦର ମହକୁମା ସ୍ଥିତ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡେଙ୍ଗୁ ଦିବସ ପାଳନ ଅବସରରେ ଆଭାସି ଜରିଆରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ଉଭୟ କନିଷ୍ଠ ଓ ବରିଷ୍ଠ ବିଭାଗରେ ବିଦ୍ୟାର୍ଥୀମାନଙ୍କୁ ନେଇ ଡେଙ୍ଗୁ ରୋଗର ଭୟାବହତା ପ୍ରସଙ୍ଗ ଉପରେ ଆଲୋଚନାଚକ୍ର ହୋଇଥିଲା। ରୋଗର କାରଣ, ଲକ୍ଷଣ, ନିରାକରଣ ଓ ନିୟନ୍ତ୍ରଣ ଆଦି ବିଭିନ୍ନ ଦିଗକୁ ନେଇ ପିଲାମାନେ ବକ୍ତବ୍ୟ ରଖିଥିଲେ। ତେବେ ସଚେତନ ହେଲେ ଟଳିବ ଡେଙ୍ଗୁ ରୋଗର ଭୟାବହତା ବୋଲି ମତବ୍ୟକ୍ତ କରିଥିଲେ। ଷଷ୍ଠ, ସପ୍ତମ ଏବଂ ଅଷ୍ଟମ ଶ୍ରେଣୀର ବିଦ୍ୟାର୍ଥୀଙ୍କୁ ନେଇ କନିଷ୍ଠ ବିଭାଗକୁ ଶିକ୍ଷୟିତ୍ରୀ ସସ୍ମିତା ସାହୁ ପରିଚାଳନା କରିଥିଲେ। ସେହିପରି ନବମ ଓ ଦଶମ ଶ୍ରେଣୀର ବିଦ୍ୟାର୍ଥୀଙ୍କୁ ନେଇ ବରିଷ୍ଠ ବିଭାଗକୁ ଶିକ୍ଷକ ସୂର୍ଯ୍ୟକାନ୍ତ ମହାପାତ୍ର ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସୁରଜିତା ଦଳେଇ, ରିଶ୍ମାରଶ୍ମି ପାଇକରାୟ ଓ ଲକ୍ଷ୍ମୀପ୍ରିୟା ତ୍ରିପାଠୀ, ସୁନିତା ପୃଷ୍ଟି, ଶିକ୍ଷକ ସୌମ୍ୟରଞ୍ଜନ ସାହୁ, ପ୍ରଭାତ କୁମାର ନିଶଙ୍କ ପ୍ରମୁଖ ଉଭୟ ବିଭାଗର ବିଚାରକ ଭାବେ ଦାୟିତ୍ୱ ସମ୍ପାଦନା କରିଥିଲେ। କନିଷ୍ଠ ବିଭାଗରେ ଅଭିମନ୍ୟୁ କର ପ୍ରଥମ, ଶୁଭ୍ରଜ୍ୟୋତି ରଥ ଦ୍ୱିତୀୟ ଏବଂ ଆରିଆନ କୁମାର ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବରିଷ୍ଠ ବିଭାଗରେ ଅମିତ ଅଭିଷେକ ସାହୁ ପ୍ରଥମ, ପୂର୍ଣ୍ଣମିତ ବଳିୟାରସିଂହ ଦ୍ୱିତୀୟ ଏବଂ ସୁଚରିତା ମହାରଣା ତୃତୀୟ ସ୍ଥାନ ହାସଲ କରିଛନ୍ତି। ସୂଚନାଥାଉ କି, ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବିଦ୍ୟାର୍ଥୀମାନଙ୍କୁ ପ୍ରଥମେ ଡେଙ୍ଗୁ ରୋଗ ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ଆଶା ମୁର୍ମୁ, ମୋହିନୀକାନ୍ତି ଦାସ, ସ୍ମୃତିସ୍ମିତା ବେହେରା, ଶୁଭଲକ୍ଷ୍ମୀ ସାହୁ, ଶିକ୍ଷକ ଅଜିତ କୁମାର ପୁରୀ ପ୍ରମୁଖ ଏଡିଶ ମଶା ସମ୍ପର୍କରେ ଆଲୋକପାତ କରିଥିଲେ।

## 'ଓଡ଼ିଆ ପରମ୍ପରା ବଜାୟ ରଖିବା ପାଇଁ ଏକତ୍ରିତ ହୁଅ'




ଅତିଥିମାନେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

### ଚୁଡ଼ାଘଷା ଦିବସ ପାଳିତ

ଜଟଣୀ,୧୭।୫(ରବୀନ୍ଦ୍ରନାଥ ମହାକୁଡ଼)

ସାମାଜିକ ଅନୁଷ୍ଠାନ ସମ୍ଭାବନା ପରିବାର ପକ୍ଷରୁ ଶୁକ୍ରବାର ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ୬ ନମ୍ବର ୱାର୍ଡର ସିଦ୍ଧ ମହାବୀର ମନ୍ଦିର ପରିସରରେ ଚୁଡ଼ାଘଷା ଦିବସ ପାଳିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ମାର୍ଗଦର୍ଶକ ତଥା କାଉନସିଲର ବିଷ୍ଣୁକୁମାର ସାହୁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ କଳାକାର ବିଶ୍ୱନାଥ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଉଦ୍‌ଘାଟକ ଭାବେ ସାଧୁ ରାଧେ ବାବା, ସମ୍ମାନିତ ଅତିଥିଭାବେ ହରିରାଜପୁର ମେଳଣ କମିଟିର ସଂଯୋଜକ ତଥା ପୂର୍ବତନ ସରପଞ୍ଚ ପ୍ରସନ୍ନ କୁମାର ମହାରଥୀ, ଆଇନଜୀବୀ ଅକ୍ଷାଂଶୁ ଶେଖର ନାୟକ, ସାମାଜିକ କର୍ମୀ ସୀତାକାନ୍ତ ଶତପଥୀ, ବିଶ୍ୱ ହିନ୍ଦୁ ପରିଷଦର ସଂଯୋଜକ ବିଭୁଧେନ୍ଦ୍ର ବିଦ୍ୟାଧର, ପ୍ରଧାନ ଶିକ୍ଷକ ଆଲେଖ ଚନ୍ଦ୍ର ବଳିୟାରସିଂହ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ବିଜେଡି ନେତା ମନ୍ମଥ ରାଉତରାୟ, ଏମ୍‌ପିଙ୍କ ପ୍ରତିନିଧି ସତିଶ ଶର୍ମା, ରମେଶ ଦାଶ, ଜ୍ୟୋତ୍ସ୍ନାମୟୀ ବଡ଼ଜେନା, ପୌରାଧକ୍ଷ ଅନନ୍ତ ବେହେରା, ଉଦ୍ୟୋଗପତି ପ୍ରମୋଦ କୁମାର ଦାସ, ମନୋଜ କୁମାର ସାହୁ, ଲଲାଟେନ୍ଦୁ ବେବର୍ତ୍ତା, ଅଧ୍ୟାପିକା ଡ.ସୁକାନ୍ତି ମହାପାତ୍ର, ବରିଷ୍ଠ ଶିକ୍ଷୟିତ୍ରୀ ରଶ୍ମିତା ନାୟକ, ଚିତ୍ତରଞ୍ଜନ ପ୍ରଧାନ, ଯୋଗେଶ ଚନ୍ଦ୍ର ନାୟକ, ଅଧିବକ୍ତା ଶରତ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଆ ସଂସ୍କୃତି ଓ ଶ୍ରୀଜଗନ୍ନାଥଙ୍କ ପରମ୍ପରାରେ ଜଡ଼ିତ ତଥା ମହାପ୍ରଭୁଙ୍କ ଷାଠିଏ ପଉଟି ବ୍ୟଞ୍ଜନ ମଧ୍ୟରେ ଶୁଖିଲା ବ୍ୟଞ୍ଜନ ଚୁଡ଼ାଘଷା ଅନ୍ୟତମ। ଉତ୍କଳୀୟ ସଂସ୍କୃତିରେ ଜଡ଼ିତ ଚୁଡ଼ାଘଷାକୁ ପ୍ରତ୍ୟେକ ବର୍ଷ ମେ' ୧୬ ତାରିଖକୁ ଚୁଡ଼ାଘଷା ଦିବସ ଭାବେ ପାଳନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଓଡ଼ିଆ ପରମ୍ପରା ବଜାୟ ରଖିବା ପାଇଁ ସମସ୍ତେ ଏକତ୍ରିତ ହେବା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ସାମାଜିକକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବାପା ମା'ସେବାଶ୍ରମ, ସୁରକ୍ଷା ମଞ୍ଚ, ଗୋସେବା ଶିବିର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଦେବପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜକ ଅନୁଷ୍ଠାନର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୧୪ ମାସ ପରେ ଆଉ ଜଣେ ଅଭିଯୁକ୍ତ ଗିରଫ

ସୁନା ଅଳଙ୍କାର କାରିଗରଙ୍କଠାରୁ ଲୁଟ ଘଟଣା

ବାଣପୁର,୧୭।୫(ଦିଲୀପ କୁମାର ସ୍ୱାଇଁ)

ସୁନା ଅଳଙ୍କାର କାରିଗରଙ୍କଠାରୁ ଲୁଟ ଘଟଣାରେ ୧୪ ମାସ ପରେ ବାଣପୁର ଥାନା ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଇମ୍‌ତିଆଜ ଖାଁ ଓରଫ କଲିମ୍। ପ୍ରକାଶ ଯେ, ୨୦୨୪ ଫେବୃଆରୀ ୨୮ତାରିଖ ରାତିରେ ସୁନା ଅଳଙ୍କାର କାରିଗର ଦିଲୀପ କୁମାର ପାଲ ବାଣପୁର ବଜାର ପାଣିସାହି ନିକଟ ଦୋକାନ ବନ୍ଦକରି ଏକ ବ୍ୟାଗ୍‌ରେ ମରାମତି ନିମନ୍ତେ ଗ୍ରାହକମାନେ ଦେଇଥିବା ୧୫୦ଗ୍ରାମ ସୁନା ଅଳଙ୍କାର ଏବଂ ୬୦ହଜାର ଟଙ୍କା ନେଇ ରଘୁନାଥ ସାହିସ୍ଥିତ ଘରକୁ ଫେରିଥିଲେ। ସେ ଘରକୁ ପ୍ରବେଶ କରିବା ସମୟରେ ହଠାତ୍ କେତେଜଣ ମୁଖାପିନ୍ଧା ଦୁର୍ବୃତ୍ତ ତାଙ୍କୁ ବନ୍ଧୁକ, ଖଣ୍ଡା ଦେଖାଇ ଭୟଭୀତ କରାଇ ଅଳଙ୍କାର ବ୍ୟାଗ୍ ଏବଂ ତାଙ୍କ ସ୍ତ୍ରୀଙ୍କ ଅଳଙ୍କାର ଲୁଟିନେଇ ଫେରାର ହୋଇଯାଇଥିଲେ। ଦୁର୍ବୃତ୍ତମାନେ ସେମାନଙ୍କୁ ଘର ଭିତରେ ବନ୍ଧକ ରଖି ବାରିପଟୁ ପାଚେରି ଡେଇଁ ଫେରାର ହୋଇଯାଇଥିବା ଦିଲୀପ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ଗତ ଜାନୁଆରୀରେ ପୋଲିସ ଲୁଟେରାମାନଙ୍କୁ ଚିହ୍ନଟ କରିବା ସହ ସେମାନଙ୍କଠାରୁ ଲୁଟ ଦେଢଶହ ଗ୍ରାମ ସୁନା ଜବତ କରିଥିଲା। ଏଥିସହ ସେକ୍ ଅଜିଦ (୨୫) ଏବଂ ଲୁଟ ଅଳଙ୍କାର କିଣିବା ଅଭିଯୋଗରେ ଅମିତ ପଣ୍ଡା (୨୪)ଙ୍କୁ ଗିରଫ କରିଥିଲା। ଲୁଟ୍‌ର ମୁଖ୍ୟ ଅଭିଯୁକ୍ତ ମୁସଲିମ ସାହିର ଫିର୍ଦ୍ଦୋସ ଖାଁ ଏବଂ କଲିମ ଫେରାର ଥିଲେ। ତଦନ୍ତରେ ଶିଥିଳତା ଯୋଗୁ ଫିର୍ଦ୍ଦୋସ ଗତ ଏପ୍ରିଲରେ ଦିଲୀପଙ୍କୁ ବନ୍ଧୁକ ଦେଖାଇ ମାମଲା ଉଠାଇନେବାକୁ ଧମକଦେବାରୁ ପୋଲିସ ତଦନ୍ତକୁ ତ୍ୱରାନ୍ୱିତ କରିବା ସହ ଭୁବନେଶ୍ୱରରୁ ଫିର୍ଦ୍ଦୋସଙ୍କୁ ଗିରଫ କରିଥିଲା। ତେବେ ଅନ୍ୟତମ ଅଭିଯୁକ୍ତ କଲିମଙ୍କୁ ଶନିବାର ଗିରଫ କରାଯାଇଛି ବୋଲି ଥାନା ଅଧିକାରୀ ରମେଶ କୁମାର ଦେବତା କହିଛନ୍ତି।

## ଶିକ୍ଷକ ବଦଳି ପାଇଁ ଲବି | ନେତାଙ୍କ ପାଖେ ଡେରା

ଖୋର୍ଦ୍ଧା,୧୭।୫(ପ୍ରଭାତ ପାଣିଗ୍ରାହୀ)

ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ବଦଳି ପାଇଁ ସୁପାରିସ କରିପାରିବେ ବିଧାୟକ ଏବଂ ଏମ୍‌ପି। ଗତ ୧୩ତାରିଖରେ ବିଦ୍ୟାଳୟ ଓ ଗଣଶିକ୍ଷାବିଭାଗ ପକ୍ଷରୁ ଶିକ୍ଷକ ବଦଳି ସଂକ୍ରାନ୍ତରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଜଣେ ବିଧାୟକ ଏବଂ ଏମ୍‌ପି ୧୫ଜଣ ଶିକ୍ଷକଙ୍କ ବଦଳି ପାଇଁ ସୁପାରିସ କରିପାରିବେ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ଏବେ ଗ୍ରୀଷ୍ମ ପ୍ରବାହ ଯୋଗୁ ବିଦ୍ୟାଳୟ ବନ୍ଦ ରହିଛି। ତେବେ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ବିଧାୟକମାନେ କେବଳ ନିଜ ନିର୍ବାଚନମଣ୍ଡଳୀ ପାଇଁ ସୁପାରିସ କରିପାରିବେ। ଅନ୍ୟ ଜିଲାକୁ ବଦଳି କ୍ଷେତ୍ରରେ ଏହି ନିୟମ ଲାଗୁ ହେବ ନାହିଁ, ଏଥିଲାଗି ଜିଲାପାଳଙ୍କୁ ଜଣାଇବେ। ଜିଲାପାଳ ଏହି ସୁପାରିସକୁ ଜିଲାସ୍ତରୀୟ ବଦଳି କମିଟି ପ୍ରଦାନ କରିବେ। ଚଳିତ ଶିକ୍ଷାବର୍ଷରେ ଏହା ଲାଗୁ ହେବ। ମେ'୧୫ରୁ ଜୁନ୍ ୧୫ ମଧ୍ୟରେ ସମସ୍ତ ସୁପାରିସକୁ ଦାଖଲ କରାଯିବା ଲାଗି ସମୟ ଧାର୍ଯ୍ୟ କରାଯାଇଛି। ଏହି ଖବର ପ୍ରକାଶ ପରେ କେତେଜଣ ଶିକ୍ଷକ ବିଧାୟକ ଏବଂ ଏମ୍‌ପିଙ୍କ ବାସଭବନରେ ଡେରା ପକାଉଛନ୍ତି। କିଏ ସିଧାସଳଖ ତ ଆଉ କିଏ ସ୍ଥାନୀୟ ନେତା, ପ୍ରତିନିଧିଙ୍କ ଜରିଆରେ ସୁପାରିସ ପାଇଁ ବିଧାୟକଙ୍କ ନିକଟରେ ପହଞ୍ଚୁଛନ୍ତି। ନିଜ ଘର ପାଖ ବିଦ୍ୟାଳୟକୁ ଯିବା ପାଇଁ ଶିକ୍ଷକଙ୍କ ମଧ୍ୟରେ ଏକପ୍ରକାର ଛକାପଞ୍ଝା ଆରମ୍ଭ ହୋଇଯାଇଛି। ଏ ସମ୍ପର୍କରେ ପିଷ୍ଟା ରାଜ୍ୟ ଉପସଭାପତି ଶିକ୍ଷକ ଅଗାଧୁ ସେଠି କୁହନ୍ତି, ଗ୍ରାମାଞ୍ଚଳରେ ଶିକ୍ଷକତା କରୁଥିବା ଶିକ୍ଷକ ସହରାଞ୍ଚଳକୁ ଆସିପାରିବେ ନାହିଁ। ଏଭଳି ବିଭାଗୀୟ ନିର୍ଦ୍ଦେଶ ରହିଛି। ଏଭଳି ସ୍ଥିତିରେ ବିଧାୟକଙ୍କ ସୁପାରିସ କିଭଳି କାର୍ଯ୍ୟକାରୀ ହେବ ତାହାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଧାୟକମାନେ ନିଜ ନିର୍ବାଚନମଣ୍ଡଳୀରେ ପରିସ୍ଥିତିକୁ ଦେଖି ଖାଲିଥିବା ପଦବୀ ପୂରଣ ଲାଗି ସୁପାରିସ କରିପାରିବେ।

## ସିବିଏସ୍‌ଇ ଦଶମ ପରୀକ୍ଷାରେ ଯାଁଳା ଭଉଣୀଭାଇଙ୍କ କୃତିତ୍ୱ

କୃଷ୍ଣପ୍ରସାଦ,୧୭।୫(କୈଳାସ ଚନ୍ଦ୍ର ପଟ୍ଟନାୟକ)



ଅନ୍ୟାଶା ପଟ୍ଟନାୟକ ଆୟୁଷ ପଟ୍ଟନାୟକ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ପରୀକ୍ଷାରେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ ଚିଲିକା ନୂଆପଡ଼ା ଗ୍ରାମର ଯାଁଳା ଭାଇଭଉଣୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅନ୍ୟାଶା ପଟ୍ଟନାୟକ ୯୮ପ୍ରତିଶତ ନମ୍ବର ରଖିଥିବା ବେଳେ ଆୟୁଷ ପଟ୍ଟନାୟକ ୯୩ ପ୍ରତିଶତ ନମ୍ବର ରଖିଛନ୍ତି। ଉଭୟେ ପୁରୀର ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ। ଭବିଷ୍ୟତରେ ଆୟୁଷ ଜଣେ ଇଞ୍ଜିନିୟର ହେବାକୁ ଇଚ୍ଛାପ୍ରକାଶ କରିଥିବା ବେଳେ ଭଉଣୀ ଅନ୍ୟାଶା ଡାକ୍ତର ହୋଇ ରୋଗୀଙ୍କ ସେବା କରିବା ପାଇଁ ଲକ୍ଷ୍ୟ ରହିଛି ବୋଲି କହିଛନ୍ତି।

## ଅବହେଳିତ ଅବସ୍ଥାରେ ପୋଖରୀ



ପୁନରୁଦ୍ଧାର ପାଇଁ ଗ୍ରାମବାସୀଙ୍କ ଦାବି

ବେଗୁନିଆ,୧୭।୫(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ୍ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ କୋଲୁହାପାଟଣା ଗ୍ରାମର ଦୁଇଟି ପୋଖରୀ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି । ଏହି ପୋଖରୀର ପୁନରୁଦ୍ଧାର ପାଇଁ ଗ୍ରାମବାସୀ ପ୍ରଶାସନ ନିକଟରେ ଗ୍ରାମବାସୀ ନିବେଦନ କରିଛନ୍ତି। କୋଲୁହାପାଟଣା ଗ୍ରାମ ଏବଂ ନରସିଂହପୁର ଓ କୁଶପଲା ମୌଜାର ଲୋକେ ମାଟିଗାଡିଆ ଓ ବାରି ପୋଖରୀ ଉପରେ ନିର୍ଭର କରିବା ସହ ବିଭିନ୍ନ କାର୍ଯ୍ୟରେ ବ୍ୟବହାର କରୁଥିଲେ। ତେବେ ଏହାର ରକ୍ଷଣାବେକ୍ଷଣ ଅଭାବରୁ ପୋଖରୀରେ ଅନାବନା ଗୁଳ୍ମଲତା ସହ ଘାସ ମାଡି ଅପରିଷ୍କାର ପରିବେଶ ସୃଷ୍ଟି ହୋଇଛି। ଖରାଦିନେ ପୋଖରୀଗୁଡ଼ିକ ଶୁଖିଯିବା ସହ ଅପରିଷ୍କାର ଜଳକୁ ଜନସାଧାରଣ ବ୍ୟବହାରକରି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ପଶୁପକ୍ଷୀମାନେ ମଧ୍ୟ ତୃଷ୍ଣା ନିବାରଣ ପାଇଁ ଏହି ପୋଖରୀ ଉପରେ ନିର୍ଭର କରିଥାନ୍ତି। ତେବେ ଗ୍ରାମବାସୀଙ୍କ ହିତକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଏହି ପୋଖରୀ ଦୁଇଟିର ପୁନରୁଦ୍ଧାରୁ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଖୋର୍ଦ୍ଧା ଉପନିବନ୍ଧକଙ୍କୁ ଦାୟିତ୍ୱମୁକ୍ତ କଲେ ଡିଆର୍

ଖୋର୍ଦ୍ଧା,୧୭।୫(ପ୍ରଭାତ ପାଣିଗ୍ରାହୀ)

ପାର୍ଟ ବା ଆଂଶିକ ପ୍ଲଟ୍ ବିକ୍ରି ନେଇ ଅଭିଯୋଗ ଆସିବା ପରେ ଜିଲାପାଳ ଚଞ୍ଚଳ ରାଣା ପ୍ରାଥମିକ ପର୍ଯ୍ୟାୟରେ ଖୋର୍ଦ୍ଧା ଏବଂ ଜଟଣୀ ସବ୍‌ରେଜିଷ୍ଟ୍ରାର(ଉପ ନିବନ୍ଧକ)ଙ୍କୁ ଯଥାକ୍ରମେ ଖୋର୍ଦ୍ଧା ଉପଜିଲାପାଳ ଏବଂ ଭୁବନେଶ୍ୱର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସହକାରୀ କଲେକ୍ଟର ଭାବେ ଡେପୁଟେଶନରେ ବଦଳି କରିଥିଲେ। ଗତ ୧୩ ତାରିଖରେ ଜିଲାପାଳ ଏହି ଆଦେଶ ଜାରି କରିଥିଲେ। ଜଟଣୀରେ କାର୍ଯ୍ୟରତ ଉପନିବନ୍ଧକ ଭୁବନେଶ୍ୱରରେ ଯୋଗଦେଇଥିବା ବେଳେ ଖୋର୍ଦ୍ଧା ଉପନିପବନ୍ଧକ ଅପୂର୍ବ ରଞ୍ଜନ ଆଇଚ କାର୍ଯ୍ୟରେ ଯୋଗଦେଇ ନ ଥିଲେ। ଶନିବାର ଡିଷ୍ଟ୍ରିକ୍ଟ ରେଜିଷ୍ଟ୍ରାର(ଡିଆର୍) ତଥା ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ଖୋର୍ଦ୍ଧା ଜିଲାପାଳଙ୍କ ଆଦେଶ ନଂ. ୯୩୨୯/୧୩.୫.୨୫ ତାରିଖ ପ୍ରକାରେ ଖୋର୍ଦ୍ଧା ସବ୍‌ରେଜିଷ୍ଟ୍ରାର ଅପୂର୍ବ ରଞ୍ଜନ ଆଇଚଙ୍କୁ ଅଫିସ ଚିଠି ନଂ.୯୬୧୩/୧୭।୫।୨୫ ପ୍ରକାରେ ଶନିବାରଠାରୁ ତାଙ୍କ ଦାୟିତ୍ୱରୁ ମୁକ୍ତ କରିଛନ୍ତି। ଏହାଦ୍ୱାରା ସେ ଖୋର୍ଦ୍ଧା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସହକାରୀ କଲେକ୍ଟରଭାବେ ଡେପୁଟେଶନରେ ତାଙ୍କ ନୂତନ ସ୍ଥାନରେ ଯୋଗଦାନ କରିପାରିବେ। ଏଥିସହ ଆଇଚଙ୍କୁ ଖୋର୍ଦ୍ଧା ସବ୍‌ରେଜିଷ୍ଟ୍ରାରଙ୍କ ବିସ୍ତୃତ ଦାୟିତ୍ୱ ତୁରନ୍ତ ସହକାରୀ କଲେକ୍ଟର ଅମିର କୁମାର ଦାଶଙ୍କୁ ହସ୍ତାନ୍ତର କରିବାକୁ ଏବଂ ଶନିବାର ସୁଦ୍ଧା ଅନୁପାଳନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପାର୍ଟ ପ୍ଲଟ୍ ବିକ୍ରି ନେଇ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇବା ପରେ ଡିଷ୍ଟ୍ରିକ୍ଟ ରେଜିଷ୍ଟ୍ରାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

ସୂଚନାଥାଉ କି ରାଜ୍ୟରେ ଆଂଶିକ ପ୍ଲଟ୍ ରେଜିଷ୍ଟ୍ରେଶନ ଉପରେ କଟକଣା ରହିଛି। ଏହା ସତ୍ତ୍ୱେ ଖୋର୍ଦ୍ଧା ସବ୍‌ରେଜିଷ୍ଟ୍ରାର ପାର୍ଟ ବା ଆଂଶିକ ପ୍ଲଟ୍ କିଣାବିକା କରିଥିବା ସଂକ୍ରାନ୍ତୀୟ ଏକାଧିକ ଅଭିଯୋଗ ପାଇବା ପରେ ଆଇଜିଆର୍ ଚିଠି ନଂ .୧୨୬୬/୧୦।୩।୨୫ ରେ ପ୍ଲଟ ପଞ୍ଜୀକରଣ ଧାରା ୨୨-ଏ ଉଲ୍ଲଂଘନ ନେଇ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ, ପକ୍ଷ ରଖିବାକୁ କାରଣ ଦର୍ଶାଅ ନୋଟିସ କରିଥିଲେ। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିବା ନେଇ ଆଇଜିଆର୍ ଦର୍ଶାଇଥିଲେ। ପରେ ଅତିରିକ୍ତ ଜିଲାପାଳ ତଥା ଡିଷ୍ଟ୍ରିକ୍ଟ ରେଜିଷ୍ଟ୍ରାର ଚିଠି ନମ୍ବର ୩୮୨୦/୨୫।୨।୨୦୨୫ ପ୍ରକାରେ ସବ୍‌ରେଜିଷ୍ଟ୍ରାରଙ୍କୁ ରିପୋର୍ଟ ତଲବ କରିଥିଲେ। ୨୦୨୪ ଡିସେମ୍ବରରୁ ୨୦୨୫ ଫେବୃଆରୀ ପର୍ଯ୍ୟନ୍ତ କେତେ ଅଂଶ ପ୍ଲଟ୍ ପଞ୍ଜୀକରଣ କରାଯାଇଛି, ତାହାର ୭ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜାନୁଆରୀ ୩ରୁ ମାର୍ଚ୍ଚ ୩ ତାରିଖ ମଧ୍ୟରେ ୫୫ଟି ପାର୍ଟ ପ୍ଲଟ୍ ବିକ୍ରି କରିଥିବା ସେ ରିପୋର୍ଟରେ ଉଲ୍ଲେଖ କରିଥିଲେ।

## ବ୍ୟକ୍ତିତ୍ୱ ବିକାଶରେ ପରିବାରର ଭୂମିକା ଗୁରୁତ୍ୱପୂର୍ଣ୍ଣ

ବୋଲଗଡ଼,୧୭।୫(ଦେବବ୍ରତ ହୋତା)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

କବିତୀର୍ଥ ସାନପଦର ଗ୍ରାମସ୍ଥିତ ସାରସ୍ୱତ ସରସ୍ୱତୀ ବିଦ୍ୟାମନ୍ଦିର ପରିସରରେ ଏକ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଶନିବାର ଅପରାହ୍ନରେ ବିଦ୍ୟାମନ୍ଦିର ଆନୁକୂଲ୍ୟରେ ଆୟୋଜିତ 'ବୈକୁଣ୍ଠ ସମାନ ଆହା ଅଟେ ଏହି ଘର' ଶୀର୍ଷକ ଆଲୋଚନା ଓ କବିତା ପାଠ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ଶିତିକଣ୍ଠ ସାମନ୍ତରାୟ ପୌରୋହିତ୍ୟ କରିଥିଲେ। ଏଥିରେ ବୋଲଗଡ଼ ଏବିଡିଓ ଡ.ରତିକାନ୍ତ ମିଶ୍ର ମୁଖ୍ୟ ଅତିଥି, ଡାକ୍ତର ଅମରେନ୍ଦ୍ର ନାଥ ମହାପାତ୍ର ମୁଖ୍ୟ ବକ୍ତା ଏବଂ ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପଣ୍ଡିତ ବିଷ୍ଣୁ ପ୍ରସାଦ କରଙ୍କ ମଙ୍ଗଳା ଚରଣ ପାଠ, ପ୍ରଦୀପ ପ୍ରଜ୍ୱଳନ ପରେ ସାହିତ୍ୟ ଆସର ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେବା ସହ ପରିବାର ସମ୍ପର୍କିତ ସ୍ୱରଚିତ ଆବାହନୀ ସଙ୍ଗୀତ ଗାନ କରିଥିଲେ। ବିଦ୍ୟାମନ୍ଦିର ଛାତ୍ରୀ ଲୋପାମୁଦ୍ରା, ସାଇଶ୍ରୀ, ଆରାଧ୍ୟା ଏବଂ ସୁପ୍ରିୟା ବିଭିନ୍ନ ନୃତ୍ୟ ପ୍ରଦର୍ଶନ କରିଥିଲେ। କବିତା ପାଠ ଓ ଆଲୋଚନାଚକ୍ରରେ ପରିବାର ହେଉଛି ଗୋଟିଏ ଶିକ୍ଷାକେନ୍ଦ୍ର, ଯେଉଁଠି ବ୍ୟକ୍ତିର ବ୍ୟକ୍ତିତ୍ୱ ବିକାଶ ପାଇଁ ପର୍ଯ୍ୟାପ୍ତ ସାଧନ ଉପଲବ୍ଧ ହୋଇଥାଏ ବୋଲି ମତପ୍ରକାଶ ପାଇଥିଲା। କବୟିତ୍ରୀ ମାନସୀ ଦାସ, ଅନୁପମା ବଳିୟାରସିଂହ, ଗୀତାଞ୍ଜଳି ମହାପାତ୍ର, ସବିତା ରାୟ, ସୀମା ଗଣ୍ଡିଆ, ସବିତା ସାହୁ, ଭାରତୀ ସାହୁ, ସୌଦାମିନୀ ସିଂହ, ମଧୁସ୍ମିତା ମହାପାତ୍ର, ସୁନିତା ଦାସ, କବି ଦିବ୍ୟଲୋଚନ ଭାରିମଲ, ଲୁଣ୍ଠୁ ତ୍ରିପାଠୀ, ପ୍ରଧାନ ଶିକ୍ଷକ ଦିବାକର ସାହୁ, ପଣ୍ଡିତ ଦୀନବନ୍ଧୁ ଦାଶ, ଶିକ୍ଷାବିତ୍ ପତିତପାବନ ବଳବନ୍ତରାୟ, ଜମ୍ବେଶ୍ୱର ମଙ୍ଗରାଜ, ବସନ୍ତ ହୋତା, ଗୋପାଳ ପାହାଡ଼ସିଂହ, ତ୍ରିଲୋଚନ ଗଡ଼ବାଡ଼, ବୈକୁଣ୍ଠ ନାୟକ, ଭାଗବତ ମହାପାତ୍ର, କୈଳାସ ପଟ୍ଟନାୟକ, ଶୁଭ୍ରାଂଶୁ ଶେଖର ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ଗାୟକ ହରିହର ମହାପାତ୍ର ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ଶିକ୍ଷକ ବିଜୟ ମହାରଣା ଧନ୍ୟବାଦ ଦେଇଥିଲେ।

**ସଂକ୍ଷେପରେ**

## ଗୋରୁ ବୋଝେଇ ଟାଟା ଏସିଇ ଗାଡ଼ି ଜବତ, ଜଣେ ଗିରଫ



ଖୁଣ୍ଟୁଣୀ,୧୭।୫(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ପୋଲିସ ଶନିବାର ପ୍ରତ୍ୟୁଷରୁ ଏକ ଗୋରୁ ବୋଝେଇ ଟାଟା ଏସିଇ ଗାଡ଼ି ଜବତ କରିବା ସହିତ ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଚାଳକ ହେଲେ ଚୌଦ୍ୱାର ଥାନା ମୁଣ୍ଡମାଳ ଗ୍ରାମର ବିଶ୍ୱରଞ୍ଜନ ଦାସ। ଏ ନେଇ ଥାନାରେ ଏକ ମାମଲା (ନଂ.୧୦୨/୨୫) ରୁଜୁ ହୋଇଛି ବୋଲି ଆଇଆଇସି ରଞ୍ଜନ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଉଦ୍ଧାର ସବୁ ଗାଇ ଓ ବାଛୁରୀ ଚୌଦ୍ୱାରସ୍ଥିତ ଗୋଶାଳାରେ ଛାଡି ଦିଆଯାଇଥିବା ପୋଲିସ କହିଛି। ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଡାଳୁଆ ଗ୍ରାମରୁ ବିଶ୍ୱରଞ୍ଜନ ଗୋଟିଏ ଗାଇ ଓ ୩ ବାଛୁରୀ ନେଇ ମୁଣ୍ଡମାଳ ଯାଉଥିଲେ। ପାଟ୍ରୋଲିଂ କରୁଥିବା ପୋଲିସ ସନ୍ଦେହରେ ଗାଡ଼ି ଅଟକାଇ ଯାଞ୍ଚ କରିବାରୁ ଗାଇ ବାଛୁରୀ ଉଦ୍ଧାର କରିଥିଲା। ଗାଡ଼ି ଛାଡି ଚାଳକ ପଳାଇବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ କାବୁ କରି ଥାନାକୁ ଆଣିଥିଲା।

## କଟକ ଜିଲା ଭାଜପାର ତ୍ରିରଙ୍ଗା ଶୋଭାଯାତ୍ରା

କଟକ,୧୭।୫(ଶିଳ୍ପା ପ୍ରିୟଦର୍ଶିନୀ)

ଅପରେଶନ ସିନ୍ଦୂର ସଫଳତା ପାଇଁ କଟକ ଜିଲା ଭାଜପା ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଯୋଗଦେଇ ଶୋଭାଯାତ୍ରାର ଉଦଘାଟନ କରିଥିଲେ। ଜିଲା ଭାଜପା ସଭାପତି ସୁକାନ୍ତ ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶୋଭାଯାତ୍ରା ନୂଆପାଟଣାସ୍ଥିତ ଶହୀଦ ପାର୍କ ନିକଟରୁ ବାହାରି ସହର ପରିକ୍ରମା କରି ଓଡ଼ିଆ ବଜାରସ୍ଥିତ ନେତାଜୀଙ୍କ ଜନ୍ମସ୍ଥାନରେ ପହଞ୍ଚିଥିଲା। ଏହି ଅବସରରେ ମନମୋହନ ସାମଲ କହିଛନ୍ତି, ଦେଶବାସୀଙ୍କ ପାଇଁ ଗର୍ବର ବିଷୟ ଥିଲା ଏହି ଅପରେଶନ ସିନ୍ଦୂର ଏବଂ ଆତଙ୍କୀଙ୍କୁ ଉଚିତ ଜବାବ ବୋଲି ସାମଲ କହିଛନ୍ତି। ଅପରେଶନ ସିନ୍ଦୂରର ସଫଳତା ପାଇଁ କର୍ମୀମାନେ ପରସ୍ପରଙ୍କୁ ସିନ୍ଦୂର ଲଗାଇ ଉତ୍ସବ ମନାଇଥିଲେ। ଶୋଭାଯାତ୍ରାରେ ନିଆଳି ବିଧାୟକ ଛବି ମଲ୍ଲିକ, ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ବରିଷ୍ଠ ନେତା ନୟନ ମହାନ୍ତି, ଶ୍ରୀତମ ଦାସ, ଶୁଭ୍ରାଂଶୁ ମୋହନ ପାଢ଼ୀ, ତୁଷାରକାନ୍ତ ଚକ୍ରବର୍ତ୍ତି, ସ୍ମୃତି ପଟ୍ଟନାୟକ, ଲକ୍ଷ୍ମୀଧର ପ୍ରଧାନ, ଲଲାଟେନ୍ଦୁ ବଡୁ, ବିଶ୍ୱରଞ୍ଜନ ମିଶ୍ର, ସୁନୀଲ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ।

# ରିପୋର୍ଟ ଅପେକ୍ଷାରେ ଦିନ କାଟୁଛନ୍ତି ରୋଗୀ, ସମ୍ପର୍କୀୟ

କଟକ,୧୭।୫(ଶିଳ୍ପା ପ୍ରିୟଦର୍ଶିନୀ)



**ଏସ୍‌ସିବି ମେଡିକାଲ**

**୯ ଦିନ ହେବ ରୋଗୀଙ୍କୁ ମିଳୁନି ଚିକିତ୍ସା**

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ରେ ଚିକିତ୍ସା ପାଇଁ ହଟହଟା ହେଉଛନ୍ତି ରୋଗୀ ଓ ସମ୍ପର୍କୀୟ। କେବଳ ପରୀକ୍ଷା ପାଇଁ ରୋଗୀଙ୍କୁ ଏକ ସପ୍ତାହ ଅପେକ୍ଷା କରି ଯନ୍ତ୍ରଣା ସହିବାକୁ ପଡୁଛି। ଏପରି କି ଥରକରେ ପରୀକ୍ଷା ପାଇଁ ନ କହି ପରକୁ ପରକୁ ପରୀକ୍ଷାର ଲମ୍ବା ଚିଠା ଧରାଉଛନ୍ତି ଡାକ୍ତର। ଯାହାଦ୍ୱାରା ରୋଗୀଙ୍କ ଚିକିତ୍ସା ସମୟକ୍ରମେ ହୋଇ ପାରୁନାହିଁ। ଫଳରେ ରୋଗୀ କେବଳ ୱାର୍ଡ଼ରେ ପଡ଼ି ପରୀକ୍ଷା ପାଇଁ ଦିନ କାଟୁଛି।

ସୂଚନାନୁଯାୟୀ, ମୟୂରଭଞ୍ଜ ଜିଲା ଲକ୍ଷ୍ମୀପୋଶି ଅଞ୍ଚଳର ୧୬ ବର୍ଷୀୟ କୁଶ ହେମ୍ବ୍ରମ ଗୋଡ଼ହାତ ବିନ୍ଧା ଛିଟକା ହେବା ସହ ଅନ୍ୟାନ୍ୟ ସମସ୍ୟା ଥିବାରୁ ଗତ ୯ ତାରିଖରେ ଏସ୍‌ସିବିକୁ କୁଶଙ୍କୁ ପରିବାର ଅନ୍ୟ ଚାରିଜଣ ନେଇ ଆସିଥିଲେ। ମେଡିକାଲର ଭେଷଜ ବିଭାଗରେ ଡାକ୍ତର କୁଶଙ୍କ ସ୍ୱାସ୍ଥ୍ୟାବସ୍ଥା ଦେଖି ରକ୍ତ, ମୂତ୍ର, ଅଲଟ୍ରାସାଉଣ୍ଡ ପରୀକ୍ଷା ପାଇଁ କହିଥିଲେ। କୁଶଙ୍କ ରକ୍ତ ଓ ଅଲଟ୍ରାସାଉଣ୍ଡ ପରୀକ୍ଷା ସରିଥିବାବେଳେ ରିପୋର୍ଟ ମଧ୍ୟ ସମୟନୁସାରେ ମିଳିଥିଲା। ହେଲେ ରବିବାର ମୂତ୍ର ପରୀକ୍ଷା ପାଇଁ ନମୁନା ଦେଇଥିଲେ। କିନ୍ତୁ ରବିବାର ଛୁଟି ଥିବାରୁ ରିପୋର୍ଟ ମିଳି ପାରିବ ନାହିଁ ଏବଂ ଚାରିଦିନ ପରେ ରିପୋର୍ଟ ମିଳିବ ବୋଲି ମେଡିକାଲ କର୍ମଚାରୀ କହିଥିଲେ। ସାମାନ୍ୟ ମୂତ୍ର ରିପୋର୍ଟ ମେଡିକାଲରେ ୨୪ ଘଣ୍ଟା ସମୟ ମଧ୍ୟରେ ମିଳୁଥିବା ବେଳେ ଏହି ରିପୋର୍ଟ ପାଇଁ ଚାରିଦିନ ଅପେକ୍ଷା କରିବାକୁ ପଡ଼ିଥିଲା। ଗତ ମଙ୍ଗଳବାର ରିପୋର୍ଟ ମିଳିବା ପରେ ଡାକ୍ତରଙ୍କ ପରାମର୍ଶରେ ମେଡିକାଲ ଭେଷଜ ବିଭାଗରେ କୁଶଙ୍କୁ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ସିଟି ସ୍କାନ ପାଇଁ କହିବାରୁ ଶୁକ୍ରବାର ରଞ୍ଜନରଶ୍ମୀ ବିଭାଗକୁ କୁଶ ଓ ତାଙ୍କ ସମ୍ପର୍କୀୟ ଯାଇଥିଲେ। ସେଠାରେ କର୍ମଚାରୀ ସୋମବାର ସ୍କାନ କରାଯିବ ଏବଂ ତାର ଚାରିଦିନ ପରେ ରିପୋର୍ଟ ମିଳିବ କହି ଫେରାଇ ଦେବାରୁ ଶନିବାର ମଧ୍ୟ ଉକ୍ତ ରଞ୍ଜନରଶ୍ମୀକୁ ଯାଇଥିବାବେଳେ ସମାନ କଥା କହି କର୍ମଚାରୀ ଫେରାଇ ଦେଇଥିଲେ। ଆଜକୁ ୯ଦିନ ହେବ ଏସ୍‌ସିବିକୁ କୁଶ ଚିକିତ୍ସା ନିମନ୍ତେ ଆସିଥିବାବେଳେ ପ୍ରଥମ କେବଳ ରକ୍ତ, ମୂତ୍ର, ଅଲଟ୍ରାସାଉଣ୍ଡ ପରୀକ୍ଷା କରାଇବା ପାଇଁ ପ୍ରଥମ ଚାରିଦିନ ମେଡିକାଲର ନନଟ୍ରମା କାଜୁଆଲଟି ନିକଟ ରାସ୍ତା କଡ଼ରେ ଆଶ୍ରୟ ନେଇଥିଲେ। ପରେ ମେଡିକାଲର ୱାର୍ଡ଼ରେ ଭର୍ତ୍ତି ହୋଇଛନ୍ତି। ସତ ହେଲେ ଚିକିତ୍ସା ପାଇଁ ଅପେକ୍ଷା ଯନ୍ତ୍ରଣା କୁଶଙ୍କୁ ଅଧିକ କଷ୍ଟ ଦେଉଛନ୍ତି। କୁଶଙ୍କ ସମ୍ପର୍କୀୟ ସୁମି ହେମ୍ବ୍ରମ କହିଛନ୍ତି, ଡାକ୍ତର ଦେଖାଇବା ପରେ ପରୀକ୍ଷା ପାଇଁ ଅପେକ୍ଷା କରିବାକୁ ପଡ଼ିଲା ଏବେ ରିପୋର୍ଟ ପାଇଁ ଅପେକ୍ଷା କରି ରାସ୍ତାକଡ଼ରେ ଆଶ୍ରୟ ନେଇଥିଲୁ। ଏବେ ୱାର୍ଡ଼ରେ ଥାଇ ମଧ୍ୟ ପରୀକ୍ଷା ଓ ରିପୋର୍ଟ ପାଇଁ ଅପେକ୍ଷା କରିବାକୁ ପଡୁଛି। ଦୂରରୁ ରୋଗୀ ଆସିଲେ କେବଳ ଅପେକ୍ଷା ଯନ୍ତ୍ରଣା ରୋଗୀଙ୍କୁ ମରଣ ମୁହଁକୁ ଠେଲି ଦେଉଛି ବୋଲି ସେ କହିଛନ୍ତି। ମେଡିକାଲର କୁଳସଚିବ ସୁବାସ ରାଏଙ୍କୁ ପଚାରିବାରୁ ସେ କହିଲେ, ଏଭଳି କୌଣସି ଅଭିଯୋଗ ଆସିନାହିଁ, ଜଦିଓ ଅଭିଯୋଗ କରାଯାଏ, ତେବେ ପରୀକ୍ଷା ଓ ରିପୋର୍ଟ ଦେବାରେ କେଉଁଥିପାଇଁ ବିଳମ୍ବ ହୋଇଛି, ତା'ର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ଅପରେଶନ ସିନ୍ଦୂର ସଫଳତା ନେଇ ଶନିବାର କଟକ ମାଛୁଆ ବଜାର ଶହୀଦ ପାର୍କ ନିକଟରୁ ଓଡ଼ିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ପର୍ଯ୍ୟନ୍ତ ବାହାରିଥିବା ପରିକ୍ରମା ଶୋଭାଯାତ୍ରାରେ ଯୋଗଦେଇଛନ୍ତି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ଅନ୍ୟମାନେ।

# 'ଆର୍ଟ ଅଫ୍ ଗିଭିଂ ଦ୍ୱାରା ସକାରାତ୍ମକ ପରିବର୍ତ୍ତନ ସମ୍ଭବ'




ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

କଟକ,୧୭।୫(କାର୍ତ୍ତିକ ସାହୁ)

ଦ୍ୱାଦଶ ଅନ୍ତର୍ଜାତୀୟ ଆର୍ଟ ଅଫ ଗିଭିଂ ଦିବସ କର୍ମବୀର ଗୌରୀଶଙ୍କର ଟାଉନ ହଲଠାରେ ଶନିବାର ପାଳିତ ହୋଇଯାଇଛି। ନିମନ୍ତ୍ରିତ ଅତିଥି ଭାବେ କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ, ଜିଲାପାଳ ଦତ୍ତାତ୍ରୟ ଭାଉ ସାହେବ ଶିନ୍ଦେ, ବିଧାୟିକା ସୋଫିଆ ଫିର୍ଦ୍ଦୋସ ଓ କଟକ ମହାନଗର ନିଗମର ମେୟର ସୁବାସ ସିଂହ ଯୋଗଦେଇଥିଲେ। ଆର୍ଟ ଅଫ ଗିଭିଂ କଟକ ଶାଖାର ସଂଯୋଜକ ଜିତେନ୍ଦ୍ର ପଟ୍ଟନାୟକ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଜୟ ଜଗନ୍ନାଥ ସେବା ସମିତି, ସ୍ୱପ୍ନ ଫାଉଣ୍ଡେଶନ, ଶିବ ଶକ୍ତି ଗୋ ସେବା ସମିତି, ଶ୍ରୀ ହରି ଫାଉଣ୍ଡେଶନ, ଜୟ ଜଗନ୍ନାଥ ମହାସଂଘ, ସମର୍ପଣ ପରିବାର, ସିଲଭର ସିଟି କଟକ ପବ୍ଲିକ ଚାରିଟେବୁଲ ଟ୍ରଷ୍ଟ, ହେଲ୍ପ ଦି ହ୍ୟୁମାନିଟି ଆଦି ସ୍ୱେଚ୍ଛାସେବୀ ସଙ୍ଗଠନ କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଳିଙ୍ଗ ଟିଭିର ଜୋନାଲ ହେଡ ବିଭୂତି ଭୂଷଣ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡ. ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମରେ ଆରମ୍ଭ କରାଯାଉଥିବା ଆର୍ଟ ଅଫ ଗିଭିଂର ବିଚାର ଏବଂ ଦର୍ଶନ ପ୍ରତିଟି ମଣିଷ ପାଖରେ ପହଞ୍ଚି ପାରିଲେ ସମାଜରେ ବଡ଼ ସକାରାତ୍ମକ ପରିବର୍ତ୍ତନ ସମ୍ଭବ ହୋଇ ପାରିବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। କିଟ୍ ଶିକ୍ଷାନୁଷ୍ଠାନର ଇଞ୍ଜିନିୟର ପ୍ରଦୀପ୍ତ କୁମାର ପଣ୍ଡା ଆର୍ଟ ଅଫ ଗିଭିଙ୍ଗର ଆଭିମୁଖ୍ୟ ଓ ବରିଷ୍ଠ ଖବରଦାତା ଜୟ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ବାପାଙ୍କୁ ୨୦ ବର୍ଷ କାରାଦଣ୍ଡ

**ନାବାଳିକା ଝିଅକୁ ଅସଦାଚରଣ ମାମଲା**

କଟକ,୧୭।୫(କାର୍ତ୍ତିକ ସାହୁ)

କଟକ ଆଡହକ୍ ଆଡିସିନାଲ୍ ଡିଷ୍ଟ୍ରିକ୍ ଆଣ୍ଡ ସେସନସ୍ ଜଜ୍ ଫାଷ୍ଟ ଟ୍ରାକ୍ କୋର୍ଟ (୨ୟ) ନାବାଳିକା ଝିଅକୁ ଅସଦାଚରଣ କରିବା ମାମଲାର ରାୟ ଶନିବାର ପ୍ରକାଶ କରି ଅଭିଯୁକ୍ତ ବାପାଙ୍କୁ ୨୦ ବର୍ଷ କାରାଦଣ୍ଡ ଆଦେଶ ଦେଇଛନ୍ତି। ଏଥିସହ ୩୦,୦୦୦ ଟଙ୍କା ଜରିମାନା ଦାଖଲ କରିବାକୁ ମଧ ଅଦାଲତ ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଭିଯୁକ୍ତ ଅଧିକ ୪ ମାସ କାରାଦଣ୍ଡ ଭୋଗିବେ ବୋଲି କୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର୍ ଏମ୍.ଏମ୍. ବେଗ୍ ମାମଲା ପରିଚାଳନା କରୁଥିଲେ।

ମାମଲାର ବିବରଣୀ ଅନୁସାରେ, ୨୦୨୦ ଅକ୍ଟୋବର ୨ରେ ଅଭିଯୁକ୍ତ ନାବାଳିକା ଝିଅ ସହ ଅସଦାଚରଣ କରିଥିଲେ। ନାବାଳିକା ଏ ନେଇ ଅକ୍ଟୋବର ୧୮ରେ କଟକର ମହିଳା ଥାନାରେ ଏତଲା ଦେଇଥିଲେ। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ ପରେ ୨୦୨୦ ଡିସେମ୍ବର ୧୪ରେ କୋର୍ଟରେ ଅଭିଯୋଗପତ୍ର ଦାଖଲ କରିଥିଲା। ଏଥିସହ ଅଭିଯୁକ୍ତ ବିରୋଧରେ ୨୦୨୧ ମାର୍ଚ୍ଚ ୨୩ରେ ଚାର୍ଜଫ୍ରେମ୍ ହୋଇଥିଲେ। ଗତ ମେ ୩ରେ ମାମଲାର ଚୂଡ଼ାନ୍ତ ଶୁଣାଣି ପରେ ସଂରକ୍ଷିତ ଥିବା ରାୟ ଶନିବାର ପ୍ରକାଶ ପାଇଛି।

## ପ୍ରଜ୍ଞାନ ମିଶନର ୩୩ତମ ପ୍ରତିଷ୍ଠା ଦିବସ



ସାଧୁ ସନ୍ଥଙ୍କ ଦ୍ୱାରା ଶ୍ରୀଗୁରୁ ପ୍ରାର୍ଥନା ପୁସ୍ତକ ଉନ୍ମୋଚନ କରାଯାଉଛି।

ମଙ୍ଗୁଳି-ଜଗତପୁର,୧୭।୫(ମାନସ ସାମଲ)

**ପ୍ରତିକର୍ମରେ ପ୍ରଭୁଙ୍କ ଉପସ୍ଥିତି ଅନୁଭୂତ ହିଁ 'କ୍ରି ଏବଂ ୟା'**

ଜଗତପୁର ଥାନା ଅଧୀନ ୪୮ନମ୍ବର ୱାର୍ଡସ୍ଥିତ ପ୍ରଜ୍ଞାନ ମିଶନ ଆଶ୍ରମ ପରିସରରେ ୨ଦିନ ଧରି ଚାଲୁଥିବା 'ପ୍ରଜ୍ଞାନ ମିଶନର ୩୩ତମ ପ୍ରତିଷ୍ଠା ଦିବସ' ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାଧୁ ସନ୍ଥଙ୍କ ଦ୍ୱାରା ଶ୍ରୀଗୁରୁ ପ୍ରାର୍ଥନା ପୁସ୍ତକ ଉନ୍ମୋଚନ କରାଯାଇଥିଲା। ସକାଳେ ଆଶ୍ରମ ଦ୍ୱାରା କ୍ରିୟାଯୋଗ ଧ୍ୟାନ, ଗୁରୁପାଦୁକା ପୂଜା, ହୋମ ଓ ଧ୍ୟାନ କରଯାଇଥିଲା। ଆଶ୍ରମର ବରେଣ୍ୟ ସନ୍ଥ ସ୍ୱାମୀ ପ୍ରେମାନନ୍ଦଜୀ ମହାରାଜଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରତିଷ୍ଠା ଦିବସରେ ପୁରୀ ଋଷିକୂଳ ଆଶ୍ରମର ପୂଜ୍ୟ ସ୍ୱାମୀ ଜୀବନ ମୁକ୍ତାନନ୍ଦ ଯୋଗଦେଇ ପ୍ରତିକର୍ମରେ ପ୍ରଭୁଙ୍କ ଉପସ୍ଥିତି ଅନୁଭୂତ ହିଁ 'କ୍ରି ଏବଂ ୟା' ବୋଲି ଜନସାଧାରଣଙ୍କୁ ମାର୍ଗ ଦେଖାଇଥିଲେ। ମୁଖ୍ୟବକ୍ତା ଭାବେ ପୁରୀ ଗୁରୁକୁଳ ଆଶ୍ରମର ସ୍ୱାମୀ ଅରୂପାନନ୍ଦ ଗିରି, ସ୍ୱାମୀ ହରିହରାନନ୍ଦ, କଟକ ପ୍ରଜ୍ଞାନ ମିଶନର ସମ୍ପାଦକ ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ଗିରି, ଯୋଗାଚାର୍ଯ୍ୟ ପ୍ରଫେସର ଡାକ୍ତର ନରୋତ୍ତମ ଗାହାଣ ପ୍ରମୁଖ ଯୋଗଦେଇ ଯୋଗ ହେଉଛି ସମାଜ ହିତରେ, ମାନବ ବିଶ୍ୱହିତରେ, ପ୍ରାଣୀଜଗତର କଲ୍ୟାଣରେ, ଉଦ୍ଭିଦ ଜଗତର ମଙ୍ଗଳରେ ନିରତ ସାଧନା ରହିବା ବୋଲି କହିଥିଲେ। ଆଶ୍ରମର ସ୍ୱାମୀ ନିର୍ମଳାନନ୍ଦ ଗିରି, ବିମଳାନନ୍ଦ ଗିରି, ଦେବପ୍ରିୟା ନନ୍ଦ, ଜ୍ଞାନପ୍ରଭା ମିଶନର ସମ୍ପାଦିକା ମା' ସାରଦାନନ୍ଦ ଗିରି, ମା' ଗିରିଜାନନ୍ଦ ଗିରି, ମା' ସତ୍ୟମାୟାନନ୍ଦ ଗିରି, ବ୍ରହ୍ମଚାରିଣି କୃଷ୍ଣାମୟୀ, ମଧୁମୟୀ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ଆଶ୍ରମର ବରେଣ୍ୟ ସନ୍ଥ ସ୍ୱାମୀ ଶ୍ରୀକୃଷ୍ଣାନନ୍ଦଜୀ ଅତିଥି ଓ ସାଧୁମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସ୍ୱାମୀ ଆନନ୍ଦାନନ୍ଦଜୀ ମହାରାଜ ପ୍ରଜ୍ଞାନ ମିଶନର ବାର୍ଷିକ ବିବରଣୀ ପାଠ କରିଥିଲେ। ଆଶ୍ରମ ଯୁଗ୍ମ ସମ୍ପାଦକ ସ୍ୱାମୀ ବ୍ରହ୍ମଜ୍ଞାନାନନ୍ଦ ଧନ୍ୟବାଦ ଦେଇଥିଲେ।

# 'ଦୁଇ କବିଙ୍କ ଏକନିଷ୍ଠ ସାଧନା ଉତ୍ତର ପିଢ଼ି ପାଇଁ ଦୃଷ୍ଟାନ୍ତ'

କଟକ,୧୭।୫(କାର୍ତ୍ତିକ ସାହୁ)

**ରବି ସିଂ, ଜୟନ୍ତ ମହାପାତ୍ରଙ୍କ ତୈଳଚିତ୍ର ଉନ୍ମୋଚିତ**

କବି ରବି ସିଂ ଓ ପଦ୍ମଶ୍ରୀ ଜୟନ୍ତ ମହାପାତ୍ରଙ୍କ ସାରସ୍ୱତ କୃତି ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଓଡ଼ିଆ ସାହିତ୍ୟକୁ ସ୍ୱତନ୍ତ୍ର ଆସନ ପ୍ରଦାନ କରିଛି। ଦୁଇ କବିଙ୍କ ଏକନିଷ୍ଠ ସାଧନା ଉତ୍ତର ପିଢ଼ି ପାଇଁ ଦୃଷ୍ଟାନ୍ତ ହୋଇ ରହିଛି ବୋଲି ଦୁଇ କବିଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବରେ ଅତିଥିମାନେ ମତପ୍ରକାଶ କରିଛନ୍ତି।

ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧକ୍ଷତାରେ ଶ୍ରୀରାମଚନ୍ଦ୍ର ଭବନଠାରେ ଶନିବାର ସନ୍ଧ୍ୟାରେ ଆୟୋଜିତ ଉତ୍ସବକୁ ପଦ୍ମଶ୍ରୀ ଶ୍ୟାମାମଣି ଦେବୀ ଉଦ୍‌ଘାଟନ କରି ଦୁଇ ସାରସ୍ୱତ ସାଧକଙ୍କ ସାଧନା ସମ୍ପର୍କରେ ଆଲୋକପାତ କରିଥିଲେ। କବି ଜୟନ୍ତ ମହାପାତ୍ର ସଂଗୀତର ଉପାସକ ବୋଲି ସେ କହିଥିଲେ। ମୁଖ୍ୟଅତିଥି ବିଚାରପତି ଅରୁନ ପରିଚ୍ଛା କହିଲେ, କବି ରବି ସିଂ ଓ ଜୟନ୍ତ ମହାପାତ୍ରଙ୍କ ସାହିତ୍ୟ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି। ବରେଣ୍ୟ ଅତିଥି ଡ. ବିଜୟାନନ୍ଦ ସିଂହ ଓ ମୁଖ୍ୟବକ୍ତା ଡ. ଦୀପକ ସାମନ୍ତରାୟ ଦୁଇ କବିଙ୍କ କୃତି ଓ କୀର୍ତ୍ତି ସମ୍ପର୍କରେ ଆଲୋଚନା କରିଥିଲେ। ବିନ୍ଦୁ ସାଗର ଓଝା, ବିଭୁଦତ୍ତ ଖଣ୍ଡାୟତରାୟ ଓ ରବି ସିଂଙ୍କ କନ୍ୟା ମନୀଷା ସିଂହ କବିଦ୍ୱୟଙ୍କ କବିତା ଆବୃତ୍ତି କରିଥିଲେ। କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ଦିଲୀପ କୁମାର ଦାସ ଅତିଥିମାନଙ୍କ ମଞ୍ଚ ଆମନ୍ତ୍ରଣ କରିଥିଲେ। ଉପସଭାପତି ଜୀବନାନନ୍ଦ ଅଧିକାରୀ ସ୍ୱାଗତ ଭାଷଣ, ସଙ୍ଗଠନ ସମ୍ପାଦକ ସୁନାମଣି ରାଉତ ଅତିଥି ପରିଚୟ ଓ ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# 'କାବ୍ୟରେ ଶବ୍ଦ ସମୁଦ୍ର ପାର କରିଥିଲେ ଉପେନ୍ଦ୍ର ଭଞ୍ଜ'

କଟକ,୧୭।୫(କାର୍ତ୍ତିକ ସାହୁ)

**୮୨ ତମ ଭଞ୍ଜ ଜୟନ୍ତୀର ଦ୍ୱିତୀୟ ସନ୍ଧ୍ୟା**

ଉପେନ୍ଦ୍ର ଭଞ୍ଜ ତାଙ୍କ ରଚିତ କାବ୍ୟଗୁଡ଼ିକରେ ଶବ୍ଦ ସମୁଦ୍ର ପାର କରିଥିଲେ। କେବଳ ସେତିକି ନୁହେଁ ତତ୍କାଳୀନ ସମୟରେ ଏକ ସାଂସ୍କୃତିକ ବିପର୍ଯ୍ୟୟ ବେଳେ ଜଣେ ରାଷ୍ଟ୍ରନାୟକ ଭାବେ ସମଗ୍ର ଓଡ଼ିଆ ଜାତି ପାଇଁ ସେ ଠିଆ ହୋଇଥିଲେ। ଉପେନ୍ଦ୍ର ଭଞ୍ଜ ଓଡ଼ିଆ ଜାତିର ଅସ୍ମିତାର ମହାନାୟକ ବୋଲି କଳିଙ୍ଗ ଭାରତୀ ଓ ଉତ୍କଳ ଛାତ୍ର ସାହିତ୍ୟ ସମାଜ ପକ୍ଷରୁ ଓଡ଼ିଶା ସାହିତ୍ୟ ଏକାଡେମୀ ସହଯୋଗରେ ଅନୁଷ୍ଠିତ ୮୨ତମ ଭଞ୍ଜ ଜୟନ୍ତୀର ଶନିବାର ସନ୍ଧ୍ୟାରେ ଦ୍ୱିତୀୟ ଦିବସରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ମିଶନ ରୋଡ଼ସ୍ଥିତ ଭଞ୍ଜ ମଣ୍ଡପଠାରେ ଆୟୋଜିତ କାର୍ଯ୍ୟକ୍ରମ ଇଷ୍ଟର୍ଣ୍ଣ ମିଡିଆ ଅଧକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଭଞ୍ଜ ସାହିତ୍ୟ ଗବେଷକ ଡ. ଶାନ୍ତନୁ ରଥଙ୍କ ଅଧକ୍ଷତାରେ ପ୍ରଫେସର ଡ. ଶରତ ଚନ୍ଦ୍ର ରଥ, ଡ. ଆରତୀ କର, ସାଗରିକା ପ୍ରହରାଜ, ଡ. ଅନୁପ ମାର୍ଥା ପ୍ରମୁଖ ଭଞ୍ଜ ସାହିତ୍ୟରେ ଶବ୍ଦ ବୈଭବ ଉପରେ ଆଲୋଚନା କରିଥିଲେ । ଡ. ଶୈଳେଶ୍ୱର ନନ୍ଦ ପ୍ରାରମ୍ଭିକ ସୂଚନା ଦେଇଥିଲେ। କଳିଙ୍ଗ ଭାରତୀର ଉପଦେଷ୍ଟା ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ ସ୍ୱାଗତ ଭାଷଣ, ପ୍ରଭାତ କୁମାର ନନ୍ଦ ଉଦ୍ଦେଶ୍ୟ ଜ୍ଞାପନ ଓ ସମ୍ପାଦକ ଡ. ଅଂଶୁମାନ କର ଧନ୍ୟବାଦ ଦେଇଥିଲେ। ସୁବାସ ପ୍ରଧାନ, ସତ୍ୟ ଗୋପାଳ ପରିଜା ପ୍ରମୁଖ କାର୍ଯକ୍ରମ ପରିଚାଳନା କରିଥିଲେ। ସମବେତ ଭଞ୍ଜ ସଙ୍ଗୀତ ଓ ଓଡ଼ିଶା ଭାଷା ସାହିତ୍ୟ ବିଭାଗ ଆନୁକୂଲ୍ୟରେ ପୁରୀର ଉତ୍କଳ ନୃତ୍ୟ ଦଳ ପୁରୀ ପକ୍ଷରୁ ଗୋଟିପୁଅ ନୃତ୍ୟ ପରିବେଷଣ କରିଥିଲେ।




ମିଶନ ରୋଡ଼ସ୍ଥିତ ଭଞ୍ଜ ମଣ୍ଡପଠାରେ ୮୨ତମ ଭଞ୍ଜ ଜୟନ୍ତୀର ଦ୍ୱିତୀୟ ବିବସରେ ଉପସ୍ଥିତ ଅତିଥି।

# ଭାରତନାଟ୍ୟମ, ଶିବ ତାଣ୍ଡବରେ ମନ୍ତ୍ରମୁଗ୍ଧ ଦର୍ଶକ

କଟକ,୧୭।୫(ଶିଳ୍ପା ପ୍ରିୟଦର୍ଶିନୀ)

**୧୬ତମ ସାତସାହି କଟକ ନୃତ୍ୟ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା**




ବାଲିଯାତ୍ରା ଉପର ପଡ଼ିଆରେ ଚାଲିଥିବା ସାତସାହି କଟକ ନୃତ୍ୟ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ନୃତ୍ୟଶିଳ୍ପୀଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

କଟକ ନୃତ୍ୟ ଉତ୍ସବ କମିଟି ଜିଲା ପ୍ରଶାସନ, ସିଏମ୍‌ସି ଓ ସିଡିଏର ମିଳିତ ଆନୁକୂଲ୍ୟରେ ବାଲିଯାତ୍ରା ଉପରପଡିଆରେ ଚାଲିଥିବା ୧୬ତମ ସାତସାହି କଟକ ନୃତ୍ୟ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଦ୍ୱିତୀୟ ସନ୍ଧ୍ୟା ଗୁରୁ ଗଙ୍ଗାଧର ପ୍ରଧାନଙ୍କ ଉଦ୍ଦେଶ୍ୟରେ ସମର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ସୌରସୁନ୍ଦର ଦାସ ଯୋଗଦେଇ କହିଛନ୍ତି ଯେ, ସଂସ୍କୃତି ଓ ସାମାଜିକ ମୂଲ୍ୟବୋଧକୁ ଏକ ସଙ୍ଗରେ ନେବା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଓରମାସର ଯୁଗ୍ମ ସଚିବ ବିପିନ ବିହାରୀ ରାଉତ, ଅମିତ ମଲ୍ଲିକ, ବରିଷ୍ଠ ବିଜେଡି ନେତା ପ୍ରଫୁଲ୍ଲ ସିଂ, ଡା. ସତ୍ୟବ୍ରତ ମହାପାତ୍ର, ସାମାଜସେବୀ ଦ୍ୱିପାୟନ ପଟ୍ଟନାୟକ, ରମଜାନ ଖାନ, ସମାଜସେବୀ ମଧୁସ୍ମିତା ବାରିକ ଯୋଗଦେଇଥିଲେ। ଏହି ଅବସରରେ ଡା. କାଳୀ ପ୍ରସନ୍ନ ସ୍ୱାଇଁ, ଡା. ରାଜେଶ କୁମାର ଡୋରାଙ୍କୁ ଜାତୀୟ ସେବା ରତ୍ନ ସମ୍ମାନ, ଡା. ପ୍ରଶାନ୍ତ କୁମାର ପରିଡା, ଡା. ଅଜୟ ମହାପାତ୍ର, ଡ. ଉମାକାନ୍ତ ପାଣିଙ୍କୁ ଓଡିଶା ସେବା ରତ୍ନ ସମ୍ମାନ, ବିଶିଷ୍ଟ ଆଇନଜୀବୀ ଲଳିତେନ୍ଦୁ ମିଶ୍ର, ଶ୍ରୀନିବାଶ ଶତପଥୀଙ୍କୁ ଓଡିଶା ଆଇନ ରତ୍ନ ସମ୍ମାନ, ଡ଼. ଅଭିଜିତ ଷଡ଼ଙ୍ଗୀଙ୍କୁ ଓଡିଶା ଶିକ୍ଷା ସମ୍ମାନ, ସାହିତ୍ୟିକା ଶକ୍ତିପ୍ରଦା ମହାପାତ୍ରଙ୍କୁ ଓଡିଶା ସାହିତ୍ୟ ରତ୍ନ ସମ୍ମାନ, ତିତିକ୍ଷା ସାମଲଙ୍କୁ ଶିଳ୍ପ ରତ୍ନ ଓ ସାଇଭିଜନ ହସ୍ପିଟାଲ, ଚାଣକ୍ୟ ହସ୍ପିଟାଲଙ୍କୁ ହେଲଥ କେୟାର ଏକସିଲେନ୍ସ ସମ୍ମାନରେ ସମ୍ମାନିତ କରାଯାଇଛି। କମିଟି କାର୍ଯ୍ୟକାରୀ ସଭାପତି ଡା. ଦୁର୍ଗା ଚାରଣ ଦାଶ ଅଧକ୍ଷତା କାର୍ଯ୍ୟକ୍ରମରେ କରିଥିବାବେଳେ ସାଧାରଣ ସମ୍ପାଦକ ଦିପେଶ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଓଡ଼ିଶୀ ନୃତ୍ୟ ମଣ୍ଡଳ କଳାକାରମାନଙ୍କ ଦ୍ୱାରା ଓଡିଶୀ ନୃତ୍ୟ, ପଶ୍ଚିମବଙ୍ଗ ଅଞ୍ଚଳର ଗୁରୁ ଶୁଚିସ୍ମିତା ଆଦିତ୍ୟ ସରକାର ଓ ଗୁରୁ ଅର୍ପିତା ସିଂହାଙ୍କ ଗ୍ରୁପ ପକ୍ଷରୁ ଭରତ ନାଟ୍ୟମ ନୃତ୍ୟ, ସୃଷ୍ଟି ଡ୍ୟାନ୍ସ ଏକାଡେମୀ, ରେନବୋ ଡ୍ୟାନ୍ସ ଗ୍ରୁପ, ନୃତ୍ୟମ ନୃତ୍ୟଭୂମି, ସାଇକଳା କେନ୍ଦ୍ରର କଳାକାରମାନେ ଶିବ ତାଣ୍ଡବ ଓ ଗଣେଶ ସ୍ତୁତି ପରିବେଷଣ କରିଥିଲେ। କମିଟି ପକ୍ଷରୁ ଉଲ୍ଲାସ ସେନ, ସବିତା ମହାନ୍ତି ବବିତା ସ୍ୱାଇଁ, ପଦ୍ମାଳୟା ବ୍ରହ୍ମଚାରୀ, ରଶ୍ମି ରଞ୍ଜନ ତ୍ରିପାଠୀ, ବିଶ୍ୱଜିତ ସେନାପତି, ସ୍ନେହାଶିଷ ଦାସ, ସୁବାଶିଷ ଦାସ, ସୁନୀଲ ଦାସ ସୁଧାକର କୁମାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସହସମ୍ପାଦକ ପାର୍ଥ ସାରଥୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

ଗତ ଏପ୍ରିଲ ୨୨ରେ କଶ୍ମୀରର ପହଲଗାମ୍‌ରେ ୨୬ ପର୍ଯ୍ୟଟକଙ୍କୁ ହତ୍ୟା ପରେ ଭାରତ ପକ୍ଷରୁ ଚଳିତମାସ ୬ ତାରିଖ ବିଳମ୍ବିତ ରାତିରେ ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ଥିବା ଆତଙ୍କବାଦୀଙ୍କ ୯ ଶିବିର ଉପରକୁ ଏୟାରଷ୍ଟ୍ରାଇକ୍ କରାଯାଇଥିଲା। ଏହି ଅପରେଶନର ନାମ ରଖାଯାଇଥିଲା 'ଅପରେଶନ ସିନ୍ଦୂର'। ଏହାପରେ ଭାରତ-ପାକିସ୍ତାନ ମଧ୍ୟରେ ଘଟିଥିଲା ସଶସ୍ତ୍ର ସଂଘର୍ଷ। ମେ' ୭, ୮ ଓ ୯ ତାରିଖ ରାତିରେ ପାକିସ୍ତାନ ପକ୍ଷରୁ ଭାରତର କଶ୍ମୀରଠାରୁ ଗୁଜରାଟ ପର୍ଯ୍ୟନ୍ତ ଅନେକ ସୀମାବର୍ତ୍ତୀ ଅଞ୍ଚଳକୁ ଟାର୍ଗେଟ କରାଯାଇ ମିଶାଇଲ ଏବଂ ଡ୍ରୋନ୍ ଛଡ଼ାଯାଇଥିଲା। ସେସବୁକୁ ଧ୍ୱସ୍ତ କରିଦେଇଥିଲା ଭାରତର ଏୟାର ଡିଫେନ୍ସ ସିଷ୍ଟମ୍। ସେଥିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ରୁଷିଆ ନିର୍ମିତ ମିଶାଇଲ ଡିଫେନ୍ସ ସିଷ୍ଟମ୍ 'ଏସ୍-୪୦୦', ଯାହାର ନାଁ 'ସୁଦର୍ଶନ ଚକ୍ର' ରଖାଯାଇଛି। ଏୟାର ଡିଫେନ୍ସ ସିଷ୍ଟମ୍ 'ଆକାଶ' ଏବଂ 'ହାର୍ଡ କିଲ୍' ମଧ୍ୟ ପାକ୍ ପ୍ରହାରକୁ ନିଷ୍ପ୍ରଭ କରିଦେଇଥିଲା। ପାକିସ୍ତାନର ଏହି ଦୁଃସାହସକୁ ଭାରତ ତୁରନ୍ତ ଜଳ, ସ୍ଥଳ ଓ ଆକାଶରୁ ଦୃଢ଼ ଜବାବ ଦେଇଥିଲା। ଭାରତୀୟ ସଶସ୍ତ୍ର ବଳ ପାକିସ୍ତାନର ଏୟାର ଡିଫେନ୍ସ ସିଷ୍ଟମ୍‌କୁ ଧ୍ୱଂସ କରିବା ସହ ୫ଟି ଏୟାର ବେସ୍ ଏବଂ ୩ଟି ଅନ୍ୟ ସାମରିକ ଠିକଣା ଉପରେ ଆକ୍ରମଣ କରିଥିଲା। ଭାରତର ୩ ସେନାର ସଂହାର ରୂପ ଦେଖି ପାକିସ୍ତାନ ସେନା ଓ ସରକାର ତ୍ରାହି ତ୍ରାହି ଡାକି ୧୦ ତାରିଖ ଅପରାହ୍ନରେ ଅସ୍ତ୍ରବିରତି ପାଇଁ ଭାରତକୁ ଅନୁରୋଧ କରିଥିଲେ। ବିଶ୍ୱଶାନ୍ତିକୁ ଗୁରୁତ୍ୱ ଦେଉଥିବା ଭାରତ ସେହି ପ୍ରସ୍ତାବରେ ରାଜି ହୋଇ ପାକିସ୍ତାନର ଆତଙ୍କବାଦୀ କାର୍ଯ୍ୟକଳାପ ବିରୋଧୀ କାର୍ଯ୍ୟାନୁଷ୍ଠାନକୁ ସ୍ଥଗିତ ରଖିଛି। ଭାରତର ସଶସ୍ତ୍ର ବଳର ବୀରତ୍ୱକୁ ଦେଶର କୋଣ ଅନୁକୋଣରୁ ପ୍ରଶଂସାର ସୁଅ ଛୁଟୁଛି। ଯବାନମାନଙ୍କ ପରାକ୍ରମକୁ ସାରା ବିଶ୍ୱ ଦେଖିଥିବାବେଳେ ଧନ୍ୟବାଦ ଓ କୃତଜ୍ଞତା ଜଣାଉଛନ୍ତି ଦେଶବାସୀ।

# ପାକ୍‌କୁ ମୁହଁତୋଡ଼ ଜବାବ

## ସେହି ୨୫ ମିନିଟ୍....

ପହଲଗାମ୍ ଆକ୍ରମଣର ପ୍ରତିଶୋଧ ନେବାକୁ ଯାଇ ସ୍ଥଳସେନା, ବାୟୁସେନା ଓ ନୌସେନାର ମିଳିତ ଅଭିଯାନ 'ଅପରେଶନ ସିନ୍ଦୂର' ପାକିସ୍ତାନୀ ପ୍ରାୟୋଜିତ ଆତଙ୍କକୁ ପ୍ରଚଣ୍ଡ ପ୍ରହାର ଦେଇଛି। ମେ ୬ ତାରିଖ ରାତି ଗୋଟେ ୫ ମିନିଟ୍‌ରୁ ଗୋଟେ ୩୦ ମିନିଟ୍ ଯାଏ ମାତ୍ର ୨୫ ମିନିଟ୍‌ର ମିଶାଇଲ ମାଡ଼ରେ ପାକିସ୍ତାନ ଏବଂ ପିଓକେସ୍ଥିତ ଆତଙ୍କବାଦୀଙ୍କ ଅଫିସ୍ ଓ ଶିବିରଗୁଡ଼ିକ ଧ୍ୱସ୍ତ ହୋଇଯାଇଛି, ଯେଉଁଥିରେ ମୃତ୍ୟୁର ସୌଦାଗରମାନଙ୍କ ଅଣ୍ଟା ଭାଙ୍ଗିଯାଇଛି। ଏହି ଅଭିଯାନରେ ଜୈଶ-ଇ-ମହମ୍ମଦ(ଜେଇଏମ୍) ମୁଖ୍ୟ ମୌଲାନା ମାସୁଦ୍ ଅଜହରଙ୍କ ପରିବାରର ୧୧ ସଦସ୍ୟ ଓ ୪ ଘନିଷ୍ଠ ସହଯୋଗୀ ନିହତ ହୋଇଛନ୍ତି। ପ୍ରାଣ ହରାଇଥିବା ଅଜହର ପରିବାର ସଦସ୍ୟଙ୍କ ମଧ୍ୟରେ ରହିଛନ୍ତି ତାଙ୍କ ସାନଭାଇ ଅବଦୁଲ ରୌଫ୍, ଯିଏକି ୧୯୯୯ କାନ୍ଦାହାରରେ ଇଣ୍ଡିଆନ୍ ଏୟାରଲାଇନ୍ସ ଆଇସି-୮୧୪ ଅପହରଣର ମାଷ୍ଟରମାଇଣ୍ଡ ଥିଲେ।




## ଆତଙ୍କବାଦ ବିରୋଧରେ ନୂଆ ନୀତି

# 'ଅପରେଶନ ସିନ୍ଦୂର'



ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଏପ୍ରିଲ ୨୨ରେ ହୋଇଥିବା ସୀମାପାର ଆତଙ୍କବାଦୀ ଆକ୍ରମଣର ଠିକଣା ଜବାବ ଦେଇଛି ଭାରତ। ଭାରତୀୟ ସେନାର 'ଅପରେଶନ ସିନ୍ଦୂର' କେବଳ ଏକ ନାମ ନୁହେଁ, ଏହା ନ୍ୟାୟର ଅଖଣ୍ଡ ପ୍ରତିଜ୍ଞା। ଆତଙ୍କବାଦ ବିରୋଧରେ ଭାରତର ନୂଆ ନୀତି ହେଉଛି ଅପରେଶନ ସିନ୍ଦୂର। ଏହା ଦେଶବାସୀଙ୍କ ଭାବାବେଗର ପ୍ରତିଫଳନ। ଆତଙ୍କବାଦୀମାନେ ଆମ ମହିଳାମାନଙ୍କ କପାଳରୁ ସିନ୍ଦୂର ଉଜାଡ଼ିଥିଲେ। ଆମେ ସେମାନଙ୍କ ଠିକଣାକୁ କେବଳ ମାଟିରେ ମିଶାଇ ଦେଇନାହୁଁ, ବରଂ ସେମାନଙ୍କ ମନୋବଳକୁ ଭାଙ୍ଗିଦେଇଛୁ। ଆତଙ୍କବାଦ ଏବଂ ଆଲୋଚନା ଏକାଠି ଚାଲିପାରିବ ନାହିଁ। ସେହିପରି ଜଳ ଏବଂ ରକ୍ତ ଏକାଠି ବହିପାରିବ ନାହିଁ। ପାକିସ୍ତାନ ସହ ଯଦି ଆଲୋଚନା ହୁଏ, କେବଳ ଆତଙ୍କବାଦର ମୂଳୋତ୍ପାଟନ ଏବଂ ପାକ୍ ଅଧିକୃତ କଶ୍ମୀର (ପିଓକେ) ଫେରାଇବାକୁ ନେଇ ହେବ।

–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ


ମୁଁ ମୋ ଦେଶର ପୁରୁଷ ଓ ମହିଳା ସୈନିକଙ୍କ ସାହସିକତାକୁ ପ୍ରଶଂସା କରିବା ସହ ଅପରେସନ ସିନ୍ଦୂର ଦ୍ୱାରା ପାକିସ୍ତାନକୁ ଯେଉଁ କଡ଼ା ଜବାବ ଦେଇଛନ୍ତି ଭାରତବାସୀ ସେଥିପାଇଁ ଗର୍ବିତ । ଦେଶର ସମସ୍ତ ଛାତ୍ରୀଛାତ୍ର ଆଗାମୀ ଦିନରେ ସୈନିକ ହୋଇ ଦେଶ ମାତୃକାର ବନ୍ଦନା ଗାଇବା ସହ ଦେଶ ସୁରକ୍ଷାରେ ନିୟୋଜିତ ହେବା ପାଇଁ ମୁଁ ଆଶା କରୁଛି।



**ଡି. କଲ୍ୟାଣୀ**
ଛାତ୍ରୀ, ଘଡେଇ ବିଜ୍ଞାନ ମହାବିଦ୍ୟାଳୟ, ମାଲକାନଗିରି






















# ନିଷ୍ପ୍ରଭ ହୋଇଥିଲା ପାକ୍‌ର ୬୦୦ ଡ୍ରୋନ୍

ମେ' ୮ ଓ ୯ ତାରିଖ ରାତିରେ ପାକିସ୍ତାନ ୪୦୦ ତୁର୍କୀ ନିର୍ମିତ ଡ୍ରୋନ୍‌ସମେତ ପ୍ରାୟ ୬୦୦ ଡ୍ରୋନ ଭାରତୀୟ ସାମରିକ ପ୍ରତିଷ୍ଠାନଗୁଡ଼ିକ ସମେତ ଜମ୍ମୁ-କଶ୍ମୀର, ରାଜସ୍ଥାନ ଏବଂ ପଞ୍ଜାବର ୩୬ ସହର ଉପରେ ଛାଡ଼ିଥିଲା। ତେବେ ଭାରତୀୟ ସଶସ୍ତ୍ର ବଳର ଏୟାର ଡିଫେନ୍ସ ସିଷ୍ଟମ୍ ଶ୍ରୀନଗରଠାରୁ ନେଇ ଜୈସାଲମେର ଓ ପଠାନ୍‌କୋଟ୍ ପର୍ଯ୍ୟନ୍ତ ସବୁଠୁ ସେଗୁଡ଼ିକୁ ନିଷ୍ପ୍ରଭ କରିଦେଇଥିଲା। ସେହିପରି ୮ ମିଶାଇଲ ଓ ୩ ଫାଇଟର ଜେଟ୍‌କୁ ମଧ ଏସ୍-୪୦୦ 'ସୁଦର୍ଶନ ଚକ୍ର' ଦ୍ୱାରା ଖସାଇଦେଇଥିଲା ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମେ' ୬ ବିଳମ୍ବିତ ରାତିରେ ଭାରତୀୟ ସଶସ୍ତ୍ର ବଳର 'ଅପରେଶନ୍ ସିନ୍ଦୂର' ଏବଂ ତତ୍ ପରବର୍ତ୍ତୀ ସାମରିକ କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନର ଅନେକ ସହରର ପ୍ରଭୂତ କ୍ଷତି ସାଧିତ ହୋଇଛି। ପାକିସ୍ତାନୀ ସେନା ଏଥିରେ ଆହୁରି ଉତ୍‌କ୍ଷିପ୍ତ ହୋଇ ଭାରତକୁ ତୁହାକୁ ତୁହା ଯୁଦ୍ଧାସ୍ତ୍ର ନିକ୍ଷେପ କରିଚାଲିଥିଲା। ଶତ୍ରୁପକ୍ଷର ଟାର୍ଗେଟରେ ରହିଥିଲା ଅୱନ୍ତିପୁରା, ଶ୍ରୀନଗର, ଜମ୍ମୁ-ପଠାନ୍‌କୋଟ୍, ଅମୃତସର, କପୁରଥାଲା, ଜଲନ୍ଧର, ଲୁଧିଆନା, ଆଦମ୍‌ପୁର, ବଠିଣ୍ଡା, ଚଣ୍ଡିଗଡ଼, ନାଲ୍, ଫଲୋଡ଼ି, ଉତ୍ତରଲାଇ ଓ ଭୁଜ୍। ଏହି ସହରଗୁଡ଼ିକୁ ଆକ୍ରମଣ କରିବାକୁ ଯାଇ ପାକିସ୍ତାନ ଆସିଗାର୍ଡ ସୋନାର ଡ୍ରୋନ୍ ବ୍ୟବହାର କରିଥିଲା। ୫ କି.ମି. ରେଞ୍ଜ ବିଶିଷ୍ଟ ଏହି ଡ୍ରୋନ୍‌କୁ ସାମରିକ ଓ ସୁରକ୍ଷା ଅପରେଶନ୍ ସମୟରେ ଉଭୟ ଦିନ ଓ ରାତି ବେଳେ ପ୍ରଭାବଶାଳୀ ଢଙ୍ଗରେ କାର୍ଯ୍ୟରେ ନିୟୋଜିତ କରାଯାଇଥାଏ। ଶତ୍ରୁପକ୍ଷର ଯୁଦ୍ଧାସ୍ତ୍ରକୁ ପ୍ରତିହତ କରିବା ପାଇଁ ଭାରତ ଏସ୍-୪୦୦ ଟ୍ରିଉମ୍ଫ ମିଶାଇଲ ସିଷ୍ଟମ, ବାରାକ୍-୮ ମିଶାଇଲ, ଆକାଶ ସେର୍ଫେସ-ଟୁ-ଏୟାର ମିଶାଇଲ ଏବଂ ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ପ୍ରତିଷ୍ଠାନ (ଡିଆର୍‌ଡିଓ) ଦ୍ୱାରା ବିକଶିତ ଆଣ୍ଟି-ଡ୍ରୋନ୍ ଟେକ୍ନୋଲୋଜିର ଉପଯୋଗ କରିଥିଲା।



## ଏସ୍-୪୦୦: ସୁଦର୍ଶନ ଚକ୍ର

ଜମ୍ମୁ-କଶ୍ମୀର, ପଞ୍ଜାବ, ରାଜସ୍ଥାନ ଓ ଗୁଜରାଟର ସହରଗୁଡ଼ିକ ଆଡ଼କୁ ମେ ୮ ତାରିଖ ଭୋର ସମୟରେ ମୁହାଁଉଥିବା ପାକିସ୍ତାନୀ ଯୁଦ୍ଧାସ୍ତ୍ରଗୁଡ଼ିକୁ ପ୍ରତିହତ କରିବା ପାଇଁ ଭାରତୀୟ ବାୟୁସେନା ରୁଷିଆ ନିର୍ମିତ ଏସ୍-୪୦୦ ମିଶାଇଲ୍ ସିଷ୍ଟମ୍ ବା 'ସୁଦର୍ଶନ ଚକ୍ର' ବ୍ୟବହାର କରିଥିଲା। ଏହା ବଳରେ ପାକିସ୍ତାନୀ ମିଶାଇଲକୁ ଖସାଇ ଦିଆଯାଇଥିଲା।

## ୧୪୦ ଆତଙ୍କବାଦୀ ସଫା

ପହଲ୍‌ଗାମ ଆକ୍ରମଣର ପ୍ରତିଶୋଧ ସ୍ୱରୂପ ମେ ୬ ତାରିଖ ମଙ୍ଗଳବାର ବିଳମ୍ବିତ ରାତିରେ ଭାରତୀୟ ସେନା ପକ୍ଷରୁ କରାଯାଇଥିବା 'ଅପରେଶନ ସିନ୍ଦୂର'ରେ କାନ୍ଦାହାର ବିମାନ ଅପହରଣର ମାଷ୍ଟର ମାଇଣ୍ଡ୍ ୟୁସୁଫ୍ ଅଜହର, ଲଶ୍କର-ଇ-ତୋଇବାର ମୁରିଦକେ ହେଡ୍‌କ୍ୱାର୍ଟର୍ସର ମୁଖ୍ୟ ଅବୁ ଜୁନ୍ଦଲ ଓରଫ ମୁଦାସାରଙ୍କ ସମେତ ପ୍ରାୟ ୧୪୦ ଆତଙ୍କବାଦୀ ନିହତ ହୋଇଛନ୍ତି। ଭାରତ ଉପରେ ଆକ୍ରମଣରେ ସମ୍ପୃକ୍ତ ଥିବା ଶତାଧିକ ଦୁର୍ଦ୍ଧର୍ଷ ଆତଙ୍କବାଦୀଙ୍କୁ ନିପାତ କରାଯାଇଛି ଓ ସେମାନଙ୍କ ଭିତ୍ତିଭୂମି ମାଟିରେ ମିଶିଯାଇଛି। ଏହାସହ ଜିହାଦି କମାଣ୍ଡରମାନଙ୍କ ମୃତ୍ୟୁ ପାକିସ୍ତାନର ସେନା-ଆତଙ୍କବାଦୀ ମଧୁଚନ୍ଦ୍ରିକାକୁ ଶକ୍ତ ଧକ୍କା ହୋଇଛି।

## ଝଲକଦେଖାଇଛୁ, ସିନେମା ବାକି ଅଛି: ରାଜନାଥ



ଅପରେଶନ ସିନ୍ଦୂରରେ ବ୍ରହ୍ମୋସ୍ କ୍ଷେପଣାସ୍ତ୍ରର ବ୍ୟବହାର ପାକିସ୍ତାନକୁ ଅନ୍ଧାର ରାତିରେ ଦିନର ଆଲୋକ ଦେଖାଇଥିଲା। ଅସ୍ତ୍ରବିରତି ଅର୍ଥ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ ନୁହେଁ। 'ଅପରେଶନ ସିନ୍ଦୂର' ଏବେ ମଧ ଜାରି ରହିଛି। ଯଦି ପାକ୍ ଆଚରଣରେ ଉନ୍ନତି ନ ଆସେ ତେବେ କଠୋରତମ ଦଣ୍ଡ ଦିଆଯିବ। ଆମ କାର୍ଯ୍ୟାନୁଷ୍ଠାନ କେବଳ ଏକ ଟ୍ରେଲର ଥିଲା। ଆବଶ୍ୟକ ପଡ଼ିଲେ ପୂରା ସିନେମା ଦେଖାଇବୁ ବୋଲି ଗୁଜରାଟର ଭୁଜ୍ ବାୟୁସେନା ଷ୍ଟେଶନରେ ବାୟୁବୀରଙ୍କୁ ଉଦ୍‌ବୋଧନ ଦେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି। ଆକ୍ରମଣ କରି ଆତଙ୍କବାଦର ମୂଳୋତ୍ପାଟନ କରିବା ନୂଆ ଭାରତର ନୂଆ ନୀତି ବୋଲି ସେ ସ୍ପଷ୍ଟ କରିଛନ୍ତି।

## ଆତଙ୍କବାଦ ବିରୋଧରେ ପାକିସ୍ତାନକୁ ସ୍ପଷ୍ଟ ସନ୍ଦେଶ: ଜୟଶଙ୍କର



'ଅପରେଶନ୍ ସିନ୍ଦୂର' ହେଉଛି ଆତଙ୍କବାଦୀଙ୍କ ଭୂସ୍ୱର୍ଗ ପାକିସ୍ତାନକୁ ଆତଙ୍କବାଦ ବିରୋଧରେ ଭାରତର ସ୍ପଷ୍ଟ ସନ୍ଦେଶ। ଭାରତୀୟ ସଶସ୍ତ୍ର ବଳ ଏହି ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ପୂର୍ବରୁ ପାକିସ୍ତାନ ଏବଂ ପିଓକେରେ ଆତଙ୍କବାଦୀଙ୍କ ଭିତ୍ତିଭୂମିଗୁଡ଼ିକୁ ଧ୍ୱସ୍ତବିଧ୍ୱସ୍ତ କରାଯାଉଥିବା ବିଷୟ ଇସ୍‌ଲାବାଦକୁ ଜଣାଇ ଦିଆଯାଇଥିଲା ବୋଲି ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି। ସେହିପରି ରକ୍ତପାତ ଓ ଆଲୋଚନା ଏକସଙ୍ଗେ ଚାଲିପାରିବ ନାହିଁ ବୋଲି ମଧ ଜୟଶଙ୍କର ସିନ୍ଧୁ ଜଳ ଚୁକ୍ତି (ଆଇଡବ୍ଲ୍ୟୁଟି) ପ୍ରସଙ୍ଗରେ ରୋକ୍‌ଠୋକ୍ ଶୁଣାଇଦେଇଛନ୍ତି।





































## ସଂକ୍ଷେପରେ

### କୁକୁର କାମୁଡ଼ାରେ ମହିଳା ଗୁରୁତର

ଟାଙ୍ଗୀ,୧୭।୫(ରଘୁନାଥ ସାହୁ): ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଦୀକ୍ଷିତପଡ଼ା ଗ୍ରାମରେ ଶନିବାର ପାଗଳ କୁକୁର କାମୁଡ଼ାରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ଏହି ଗ୍ରାମର ସୁଜାତା ବେହେରା। ସୂଚନା ମୁତାବକ, ସୁଜାତା ତାଙ୍କ ଝିଅକୁ ନେଇ ବାରିପଛପଟକୁ ଯାଇଥିବା ବେଳେ ହଠାତ୍ ଏକ କୁକୁର ତାଙ୍କୁ କାମୁଡ଼ି ଦେଇଥିଲା। ତାଙ୍କ ମୁହଁର ବିଭିନ୍ନ ସ୍ଥାନରେ କ୍ଷତ ହୋଇଛି। ପରେ ତାଙ୍କୁ ଚିକିତ୍ସା ପାଇଁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।

### ଛାତ୍ରୀ ସୁଲଗ୍ନାଙ୍କୁ ସମ୍ବର୍ଦ୍ଧନା

ବେଗୁନିଆ,୧୭।୫(ହର ପ୍ରସନ୍ନ ପଣ୍ଡା): ବେଗୁନିଆ ଶ୍ୱେତପଦ୍ମା ସାହିତ୍ୟ, ସେବା ସଂସଦ ପକ୍ଷରୁ ଶନିବାର ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଆଦର୍ଶ ବିଦ୍ୟାଳୟରେ ଦଶମ ଶ୍ରେଣୀ ସିବିଏସଇ ପରୀକ୍ଷାରେ ସର୍ବାଧିକ ୯୮ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀ ସୁଲଗ୍ନା ପୂର୍ଣ୍ଣୋତୋୟାଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଆଚାର୍ଯ୍ୟ ବିନୋଦ ବିହାରୀ ଦାସ ବେଦପାଠ କରିବା ପରେ ଉପସ୍ଥିତ ଗୁରୁଜନ ଆଶୀର୍ବାଦ ପ୍ରଦାନ କରିଥିଲେ। ଏଥିରେ ଅନୁଷ୍ଠାନର ସଭାପତି ଭାଗୀରଥି ପରିଡ଼ା, ସମ୍ପାଦିକା ସୁଶ୍ରୀ ପ୍ରତିମା ପ୍ରଧାନ, କୋଷାଧ୍ୟକ୍ଷ ସୋମନାଥ ସାହୁ, ରଶ୍ମି ଚାନ୍ଦ କର, ସୁଶ୍ରୀ ସସ୍ମିତାରାଣୀ ତ୍ରିପାଠୀ, ଜିତେନ୍ଦ୍ର କୁମାର ଜେନା, ପ୍ରତାପ କୁମାର ସାହୁ, କୈଳାସ ଚନ୍ଦ୍ର ସାହୁ, ବିଜୟ ମହାନ୍ତି, ରାମଚନ୍ଦ୍ର ସାହୁ, ଶୁଭମ ସାହୁ, ସଦାଶିବ ମହାରଣା, ବୁବୁନା ମହାରଣା, ପ୍ରଦୀପ୍ତ କିଶୋର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ଘରୋଇ ବିଦ୍ୟାଳୟର ସୁରକ୍ଷା ପାଇଁ ଆଲୋଚନାଚକ୍ର

ପୁରୁଣା ଭୁବନେଶ୍ୱର,୧୭।୫(ସୁବାସ ଚନ୍ଦ୍ର ପ୍ରଧାନ): ଘରୋଇ ବିଦ୍ୟାଳୟର ସୁରକ୍ଷା ନିମନ୍ତେ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ଶୁକ୍ରବାର କଳ୍ପନା ଛକସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏକାମ୍ର ବିଧାୟକ ବାବୁ ସିଂ, ଭାଜପା ନେତା ଜଗନ୍ନାଥ ପ୍ରଧାନ, ପ୍ରିୟଦର୍ଶୀ ମିଶ୍ର, ସୁବାସିନୀ ପୃଷ୍ଟି, ସୁରେଶ କୁମାର ସାହୁଙ୍କ ଉପସ୍ଥିତିରେ ଅଲ୍ ଓଡ଼ିଶା ପ୍ରାଇଭେଟ ସ୍କୁଲ ଆସୋସିଏଶନ(ଏଓପିଏସ୍ଏ) କର୍ମକର୍ତ୍ତାଙ୍କ ସହ ଆଲୋଚନା ହୋଇଥିଲା। ଏଓପିଏସ୍ଏ ଅଧକ୍ଷ ସତ୍ୟ ନାରାୟଣ ମିଶ୍ର ଘରୋଇ ବିଦ୍ୟାଳୟର ସାମ୍ପ୍ରତିକ ବିଭିନ୍ନ ସମସ୍ୟା ସମ୍ବନ୍ଧରେ କହିଥିଲେ। ଭଡ଼ାଘରେ ଚାଲୁଥିବା ବିଦ୍ୟାଳୟକୁ ସିଓଆର୍ ପ୍ରଦାନ, ଫାୟାର ସେଫ୍ଟି ସର୍ତ୍ତର ସରଳୀକରଣ ଉପରେ ମିଶ୍ର ଗୁରୁତ୍ୱ ଦେଇଥିଲେ। ଏଓପିଏସ୍ଏ କର୍ମକର୍ତ୍ତା ନବଘନ ବାରିକ, ସତ୍ୟ ସୁନ୍ଦର ପଣ୍ଡା, ସରିତା ମନ୍ତ୍ରୀ, ନୀହାରିକା ମହାନ୍ତି ପ୍ରମୁଖ ବାକି ରହିଥିବା ୧୫ପ୍ରତିଶତ ବିଦ୍ୟାଳୟର ସିଓଆର୍ ଅନୁମୋଦନ ନିମନ୍ତେ ନିବେଦନ କରିଥିଲେ। ଫାୟାର ସେଫ୍ଟି ନିୟମର ସରଳୀକରଣ ଉପରେ ବରିଷ୍ଠ କାର୍ଯ୍ୟକର୍ତ୍ତା ବସନ୍ତ ବେହେରା, ସ୍ୱାଧୀନ ମହାନ୍ତି , ପ୍ରଦୀପ ପାଣି ସରକାରୀ ନିୟମ ଆଧାରରେ କ'ଣ କରାଯାଇପାରିବ ସେ ନେଇ ମତ ରଖିଥିଲେ। ଘରୋଇ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ପ୍ରଦ୍ୟୁମ୍ନ ମିଶ୍ର, ଗଗନ ନନ୍ଦ, ସୁଧାଂଶୁ ସାମନ୍ତସିଂହାର, ବିପ୍ଳବ କେଶରୀ ଶତପଥୀ, ବିଭୁଦତ୍ତ ମଙ୍ଗରାଜ ପ୍ରମୁଖ କହିଛନ୍ତି।

# ବିମାନ ଉଡ଼ାଣ, ଅବତରଣ କମ୍ପନ ଶ୍ରୀମନ୍ଦିରର କ୍ଷତି ଘଟାଇବ

ପୁରୀ,୧୭।୫(ଅଜିତ୍ କୁମାର ମହାନ୍ତି)

- ବିମାନବନ୍ଦର ମଞ୍ଜୁରୀ ବାତିଲ ନେଇ ଦାବିପତ୍ର
- ଗୋ-ମହିଷାଦି ପାଳନ କେନ୍ଦ୍ର ଖୋଲିବାକୁ ପ୍ରସ୍ତାବ

ପୁରୀଠାରେ ଅନ୍ତର୍ଜାତୀୟ ବିମାନବନ୍ଦର ସ୍ଥାପନା ନେଇ କେନ୍ଦ୍ର ସରକାରଙ୍କ ମଞ୍ଜୁରୀକୁ ଜୀବନ ଜୀବିକା ଓ ପରିବେଶ ସୁରକ୍ଷା ଅଭିଯାନ ବିରୋଧ କରିଛି। ଏନେଇ ସଙ୍ଗଠନ ପକ୍ଷରୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ, କେନ୍ଦ୍ର ପରିବେଶ ଓ ପାଣିପାଗ ମନ୍ତ୍ରୀ, ପ୍ରତ୍ନତତ୍ତ୍ୱ ବିଭାଗ ନିର୍ଦ୍ଦେଶକ, ମୁଖ୍ୟ ଶାସନ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା କୋଷ୍ଟାଲ ଜୋନ୍ ପରିଚାଳନା ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଦର୍ଶାଯାଇଛି, ବିମାନବନ୍ଦର ଭଳି ଏକ ପରିବେଶ ବିରୋଧୀ ବୃହତ୍ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ, ଅନ୍ତର୍ଜାତୀୟ ବିମାନ ଚଳାଚଳ କୌଶଳ ସଂସ୍ଥା (ଆଇସିଏଓ)ର ନିର୍ଦ୍ଦେଶ ବେଖାତିର ହେବ। ଜଙ୍ଗଲ ନଷ୍ଟ ହେବା ଫଳରେ ଜଙ୍ଗଲ ସାମଗ୍ରୀକୁ ଜୀବିକା କରି ବଞ୍ଚୁଥିବା ପ୍ରାୟ ୧୦୦୦ ପରିବାର ବେରୋଜଗାର ହୋଇଯିବେ। ସେହିପରି ଶ୍ରୀମନ୍ଦିରର ୧ କି.ମି. ବ୍ୟାସାର୍ଦ୍ଧରେ ଡିଜେ ବଜାଇବା ନିଷେଧ ଥିବାବେଳେ ୪ ଇଞ୍ଜିନ ବିଶିଷ୍ଟ ବିମାନ ଉଡ଼ାଣ ଓ ଅବତରଣର ଶବ୍ଦ କମ୍ପନ ଶ୍ରୀମନ୍ଦିର ପ୍ରତି ଘୋର କ୍ଷତି ଘଟାଇବ। ଅପରପକ୍ଷେ ଅର୍ଥନୈତିକ ବା ବ୍ୟବସାୟିକ ଦୃଷ୍ଟିରୁ ଦେଖିଲେ, ଗ୍ରୀଷ୍ମଋତୁରେ ବିଦେଶୀ ପର୍ଯ୍ୟଟକ ପୁରୀକୁ ଆସନ୍ତି ନାହିଁ। ବର୍ଷା ଋତୁରେ ଲଘୁଚାପ ଫଳରେ ଅଶାନ୍ତ ସମୁଦ୍ର ଯୋଗୁ ପର୍ଯ୍ୟଟକଙ୍କ ସଂଖ୍ୟା ମଧ୍ୟ କମ୍ ରୁହେ। କେବଳ ନଭେମ୍ବରରୁ ମାର୍ଚ୍ଚ ଏହି ୫ ମାସ ପୁରୀକୁ ବିଦେଶୀ ପର୍ଯ୍ୟଟକ ଆସନ୍ତି। ତେଣୁ ଅନ୍ତର୍ଜାତୀୟ ବିମାନବନ୍ଦର କାହା ପାଇଁ ବୋଲି ପ୍ରଶ୍ନ କରାଯାଇଛି। ତେବେ ସହରର ସଚେତନ ନାଗରିକ ଓ ପରିବେଶପ୍ରେମୀଙ୍କ ମତରେ, ବିସ୍ତୃତ ୧୦୦୦ ଏକର ସରକାରୀ ଜମିରେ ଏହି ବିମାନବନ୍ଦର ଭଳି ଏକ ପରିବେଶ ବିରୋଧୀ ପ୍ରକଳ୍ପ ପରିବର୍ତ୍ତେ ସରକାର ଉକ୍ତ ଜମିରେ ବ୍ୟାପକ ବନୀକରଣ ସହ ସର୍ବବୃହତ୍ ଗୋ-ମହିଷାଦି ପାଳନ କେନ୍ଦ୍ର ଖୋଲିବାକୁ ଧ୍ୟାନ ଦିଅନ୍ତୁ; ଯାହା ଶ୍ରୀମନ୍ଦିର, ପୁରୀ ସହରବାସୀ ତଥା ଜିଲାବାସୀଙ୍କ ଦୁଗ୍ଧ ଜାତୀୟ ସାମଗ୍ରୀର ଚାହିଦା ପୂରଣ କରିବା ସହ କର୍ମ ନିଯୁକ୍ତିର ସୁଯୋଗ ସୃଷ୍ଟି ହେବ। ତେଣୁ ଏହି ଅନ୍ତର୍ଜାତୀୟ ବିମାନବନ୍ଦର ମଞ୍ଜୁରୀକୁ କେନ୍ଦ୍ର ସରକାର ବାତିଲ କରନ୍ତୁ ବୋଲି ସଙ୍ଗଠନ ଆବାହକ ତଥା ପରିବେଶବିତ୍ ସୁରେନ୍ଦ୍ର ତପସୁ ଦାବି କରିଛନ୍ତି।



ଟାଙ୍ଗୀ ବଡ଼ପାଇକ ସାହିସ୍ଥିତ ରାମଲୀଳା ପଡ଼ିଆଠାରେ ଶୁକ୍ରବାର ଅନୁଷ୍ଠିତ ମୁଖାପିନ୍ଧା ରାମଲୀଳା ନାଟକର ଏକ ଦୃଶ୍ୟ।

# ଲକ୍ଷ୍ମଣ ଶକ୍ତିଭେଦ ଦୃଶ୍ୟରେ ଦର୍ଶକ ମୁଗ୍ଧ

ଟାଙ୍ଗୀ,୧୭।୫(ରଘୁନାଥ ସାହୁ)

**ଟାଙ୍ଗୀ ମୁଖାପିନ୍ଧା ରାମଲୀଳା**

ଟାଙ୍ଗୀ ଅଞ୍ଚଳର ପ୍ରସିଦ୍ଧ ମୁଖା ପିନ୍ଧା ରାମଲୀଳା ବଡ଼ପାଇକ ସାହିସ୍ଥିତ ରାମଲୀଳା ପଡ଼ିଆଠାରେ ପରିବେଷଣ ହେଉଛି। ପ୍ରାରମ୍ଭରେ ରାମ, ଲକ୍ଷ୍ମଣ, ସୀତାଙ୍କୁ ଉପସ୍ଥିତ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିବା ପରେ ନାଟକ ପରିବେଷଣ ହୋଇଥାଏ। ଲକ୍ଷ୍ମଣ ଶକ୍ତିଭେଦ ନାଟକ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ବିଶେଷଭାବେ ଲକ୍ଷ୍ମଣଙ୍କ ଶକ୍ତିଭେଦ ଦୃଶ୍ୟ ଏବଂ ହନୁମାନ ଗନ୍ଧମାର୍ଦ୍ଦନରୁ ବିଶଲ୍ୟକରଣୀ ଆଣି ଲକ୍ଷ୍ମଣଙ୍କୁ ବଞ୍ଚାଇବା ଦୃଶ୍ୟରେ ଦର୍ଶକ ବିମୋହିତ ହୋଇଥିଲେ। ରାମ ଭୂମିକାରେ ଝରିଆ ନାୟକ, ଲକ୍ଷ୍ମଣ ଭୂମିକାରେ ସଞ୍ଜୟ ତରାଇ, ସୀତା ଭୂମିକାରେ ତୁଷାର ରାଉତ, ରାବଣ ଭୂମିକାରେ ବାଳକୃଷ୍ଣ ମିଶ୍ର, ହନୁମାନ ଭୂମିକାରେ ସାନା ରାଉତ ପ୍ରମୁଖ ଅଭିନୟ କରିଥିବା ବେଳେ ଗାୟକ ଭାବେ ପ୍ରଫୁଲ୍ଲ ରାଉତ, ବାୟକ ଭାବେ କୈଳାସ ରାଉତ, ବିଦ୍ୟାଧର ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ରାମଲୀଳା କମିଟି ସଭାପତି ଉମାକାନ୍ତ ରାଉତ, ବିଭୁପାଦ ରାଉତ, ଘନଶ୍ୟାମ ମହାନ୍ତି, ଜିତେନ୍ଦ୍ର ତରାଇ, ଦୀପକ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଦେଶବ୍ୟାପୀ ଧର୍ମଘଟ ଜୁଲାଇ ୯କୁ ଘୁଞ୍ଚିଲା

ଭୁବନେଶ୍ୱର, ୧୭।୫ (ବନ୍ଦନା ସେଠୀ)

ଭାରତ ଓ ପାକିସ୍ତାନ ମଧ୍ୟରେ ଦେଖାଯାଇଥିବା ଉତ୍ତେଜନାକୁ ଦୃଷ୍ଟିରେ ରଖି ଦେଶବ୍ୟାପୀ ଧର୍ମଘଟ ଡାକରାକୁ ଜୁଲାଇ ୯କୁ ଘୁଞ୍ଚାଇ ଦିଆଯାଇଛି। କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ନୀତିକୁ ସମାଲୋଚନା କରି ଏହା ବିରୋଧରେ ମେ ୨୦ରେ ପ୍ରତିବାଦ କରିବା ଲାଗି ନିଷ୍ପତ୍ତି ହୋଇଥିଲା। ମାତ୍ର ସାମ୍ପ୍ରତିକ ସ୍ଥିତିକୁ ଦେଖି ଏହାକୁ ଘୁଞ୍ଚାଇ ଦିଆଯାଇଛି। ଶନିବାର ସି.ଆଇ.ଟି.ୟୁ. ନେତା ଦୁଷ୍ମନ୍ତ ଦାସଙ୍କ ସଭାପତିତ୍ୱରେ ଆଇଏନ୍‌ଟିୟୁସି ମୁଖ୍ୟ କାର୍ଯ୍ୟାଳୟଠାରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଞ୍ଚ ଓ ସ୍ୱାଧୀନ ଫେଡେରେଶନ ସମୂହର ବୈଠକରେ ଏହି ନିଷ୍ପତ୍ତି ହୋଇଛି। କଶ୍ମୀରର ପହଲଗାମ୍ ଆତଙ୍କୀ ଆକ୍ରମଣରେ ୨୬ଜଣ ନିରୀହ ଲୋକଙ୍କ ଯିବା ଓ ପାକିସ୍ତାନ ସହ ଲଢ଼େଇକୁ ଗମ୍ଭୀର ଘଟଣା ଭାବେ ବିଚାର କରି ଏହି ଧର୍ମଘଟକୁ ସ୍ଥଗିତ କରାଯାଇଛି। ତେବେ ସରକାରଙ୍କ ମନମୁଖି ଶ୍ରମିକ ଛଟେଇ, ମଜୁରି ବୃଦ୍ଧି ଆଦି ବିଷୟକୁ ନେଇ ରାଜଧାନୀ ଦିଲ୍ଲୀ, ଜିଲା ଓ ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସୂଚନା ଦିଆଯାଇଛି। ବୈଠକରେ ଆଇଏନ୍‌ଟିୟୁସିର ସାଧାରଣ ସମ୍ପାଦକ କିଶୋର ଜେନା, ମଦନ ମୋହନ ଧଳ, ନେତା ବିଜୟ ଜେନା, ଏଚ୍‌ଏମ୍‌ଏସ୍ ନେତା ବି. ଏନ୍. ମହାପାତ୍ର, ସିଆଇଟିୟୁ ନେତା ଦୁଷ୍ମନ୍ତ ଦାସ, ଏଆଇୟୁଟିୟୁସି ନେତା ନିରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ନାଳରେ ପଡ଼ି ଯୁବକଙ୍କ ମୃତ୍ୟୁ

ପୁରୀ,୧୭।୫(ଅଜିତ୍ କୁମାର ମହାନ୍ତି)

ପୁରୀରେ ଶନିବାର ଅପରାହ୍ନରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ନାଳରେ ପଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ପୁରୀ ରେଲ୍‌ୱେ ଷ୍ଟେଶନ ସମ୍ମୁଖରେ ଥିବା ଏକ ନାଳରେ ଜଣେ ବ୍ୟକ୍ତି ଭାସୁଥିବା କେତେଜଣ ଲୋକ ଦେଖିବାକୁ ପାଇଥିଲେ। ଏନେଇ ପୋଲିସକୁ ଖବର ଦେଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ପଠାଇ ତଦନ୍ତ ଚଳାଇଛି। ତେବେ ଯୁବକ ପଡ଼ିଥିବା ନାଳ ନିକଟରେ ଏକ ମଦ ଦୋକାନ ରହିଛି। ଏହାଛଡ଼ା ନାଳ ଉପରେ ସ୍ଲାବ୍ ନାହିଁ। ବ୍ୟକ୍ତି ଜଣକ ନିଶାସକ୍ତ ଅବସ୍ଥାରେ ନାଳରେ ପଡ଼ି ମୃତ୍ୟୁବରଣ କରିଥିବା ଅନୁମାନ କରାଯାଉଛି।

## ୭୮୦ କେଜି ତମ୍ବା ଜବତ, ଜଣେ ଗିରଫ

ବାଳକାଟୀ,୧୭।୫(ମନୋଜ ମଣ୍ଡଳ)

ଜଣେ ବ୍ୟକ୍ତିଙ୍କ ଘରେ ବାଳକାଟୀ ଫାଣ୍ଡି ପୋଲିସ ଶନିବାର ଭୋର ସମୟରେ ଚଢ଼ାଉ କରି ୭୮୦ କେଜି ତମ୍ବା ତାର ଜବତ କରିବା ସହ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଉକ୍ତ ଫାଣ୍ଡି ଅଧୀନ ରଥିଜେମା ନୂଆସାହିର ସନ୍ତୋଷ ସାହୁ (୨୯)। ତେବେ ଘଟଣାର ମୁଖ୍ୟ ଅଭିଯୁକ୍ତ ସ୍ଥାନୀୟ ଅଞ୍ଚଳର ଚୈତନ୍ୟ ସାହୁ ଫେରାର ହୋଇଯାଇଛନ୍ତି। ଏହି ଘଟଣାରେ ବାଲିଅନ୍ତା ଥାନାରେ ୨୦୪/୨୫ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ରଥିଜେମା ନୂଆସାହି ମୁଣ୍ଡରେ ଜଣେ ବ୍ୟକ୍ତିଙ୍କ ଘରକୁ ଚୈତନ୍ୟ ଭଡ଼ା ସୂତ୍ରରେ ରଖିଥିଲେ। ବିଭିନ୍ନ ଅଞ୍ଚଳରେ ଚୋରଙ୍କୁ ନିୟୋଜିତ କରି ତମ୍ବା ତାର, ଟେଲିଫୋନ କେବୁଲ ଚୋରି କରି ଏହି ଭଡ଼ାଘରେ ରଖି ବେପାର କରୁଥିଲେ। ଏ ସମ୍ପର୍କରେ ବାଳକାଟୀ ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଶିବାର ଭୋର ସମୟରେ ଏହି ଭଡ଼ା ଘରେ ଚଢ଼ାଉ କରିଥିଲା।

## ରଥଖଳାରୁ...

### ୩ ରଥର ୧୮ ଚକ ନିର୍ମାଣ ଶେଷ



ପୁରୀ,୧୭।୫(ଅଜିତ୍ କୁମାର ମହାନ୍ତି)

ରଥ ନିର୍ମାଣର ସପ୍ତଦଶ ଦିବସରେ ତିନିରଥର ମୋଟ ୧୮ଟି ଚକ ନିର୍ମାଣ ଶେଷ ହୋଇଛି। ଏଥିସହ ୧୧ଟି ଲେଖାଏ ସାଲ ଗୁଜ, ୨୪ ଗୋଟି ତିଖ ଗୁଜ, ୯ଟି ଲେଖାଏ ୨୭ଟି ଜଳଯନ୍ତ୍ର, ୩୨ ଗୋଟି କୁଡୁକା, ୧୨ ଗୋଟି ଓରା ଏବଂ ୪ ଗୋଟି ଲେଖାଏ ପ୍ରଥମ ଭୂଇଁ ଖମ୍ବୀ ନିର୍ମାଣ ଶେଷ ହୋଇଛି। ଏଥିସହ ଶନିବାର ଅପରାହ୍ନରେ ରଥ ଅମିନ ତିନି ରଥର ଆଗ ଆଣି, ପଛ ଆଣି ମୁହାଁଟ ଏବଂ ଭୂଇଁ ଚଉତା ନିର୍ମାଣ ପାଇଁ ୪ ଗୋଟି ଲେଖାଏ ୨୦ ଫୁଟିଆ ଧଉରା ଏବଂ ସାହାଜ କାଠ ଭୋଇ ସେବକଙ୍କ ସହାୟତାରେ ଯୋଗାଇ ଦିଆଯାଇଛି। ମହାରଣା ସେବକମାନେ ଦୁଇଟି ଲେଖାଏ ମୁହାଁଟ ଏବଂ ଭୂଇଁ ଚଉତା କାଠରେ ଚଉପଟ କାର୍ଯ୍ୟ ଆରମ୍ଭ କରିଛନ୍ତି। ଭୋଇ ସେବକମାନେ ଯନ୍ତାଗାଡ଼ଠାରେ ତିନି ରଥର ଗୋଟିଏ ଗୋଟିଏ ତୁମ୍ବରେ ଅର ସଂଯୋଗ ପୂର୍ବକ ସିଙ୍ଗଡ଼ା ବାଡ଼ିଆ କାର୍ଯ୍ୟ ଶେଷ କରିଛନ୍ତି। ରବିବାର ତିନି ରଥ ମହାରଣା ସେବକମାନେ ତୁମ୍ବ ସିଙ୍ଗଡ଼ା ଉପରେ ପଇ ରଖି ମାପ ଚିହ୍ନ ଦେବେ, ପଇ ସଂଯୋଗ ପୂର୍ବରୁ ଅର ମୁଖ ସାଲ କାର୍ଯ୍ୟ ସହ ତୁମ୍ବରେ ଅଖ ବିନ୍ଧ ବା ଅଗର ବିନ୍ଧକାର୍ଯ୍ୟ ତୁମ୍ବ ବିନ୍ଧ କାରିଗରଙ୍କ ଦ୍ୱାରା ସମ୍ପନ୍ନ ହେବ। ରୂପକାର ସେବକମାନେ ୧୧ ଗୋଟି ଲେଖାଏଁ ସାଲ ଗୁଜରେ ନୃସିଂହ ରୂପ ଖୋଦେଇ ଜାରି ରଖିଛନ୍ତି। ଅପରପକ୍ଷରେ ଦୋଳବେଦି ଅସ୍ଥାୟୀ କମାର ଶାଳରେ ଓଝା ସେବକମାନେ ଆବଶ୍ୟକ ପନ୍ଦାରି, ତୁମ୍ବ ବଳା, ଅର କଣ୍ଟା, ପନ୍ଦାରି ଚାବି ନିର୍ମାଣ ଜାରି ରଖିଛନ୍ତି।

# ରାସ୍ତାକଡ଼ରୁ ବୋମାଭର୍ତ୍ତି ବ୍ୟାଗ୍ ଜବତ, ଜଣେ ଅଟକ



ପୋଲିସ ଘଟଣାସ୍ଥଳରେ ତଦନ୍ତ କରୁଛି।

ପିପିଲି,୧୭।୫(ଦୁର୍ଗାମାଧବ ମିଶ୍ର/ ପ୍ରଭାତ କୁମାର ମହାପାତ୍ର)

ପିପିଲି ଟୋଲ ପ୍ଲାଜା ନିକଟ ଓରକଳ ଗାଁ ରାସ୍ତାର ରାସ୍ତାକଡ଼ ବୁଦାମୂଳରୁ ଏକ ବୋମାଭର୍ତ୍ତି ବ୍ୟାଗ ମିଳିଛି। ଘଟଣାସ୍ଥଳରେ ପିପିଲି ପୋଲିସ ଏବଂ ପୁରୀରୁ ବମ୍ ସ୍କ୍ୱାଡ୍ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ବ୍ୟାଗ୍‌ରେ ଥିବା ୫ରୁ ଊର୍ଦ୍ଧ୍ୱ ବୋମାକୁ ନିଷ୍କ୍ରିୟ କରାଯାଇଛି। କୌଣସି ଶତ୍ରୁତାକୁ କେନ୍ଦ୍ରକରି ଗଣ୍ଡଗୋଳ ଏବଂ ବୋମାମାଡ଼ ଉଦ୍ଦେଶ୍ୟରେ କେହି ବ୍ୟାଗ୍ ରଖିଥିବା ସନ୍ଦେହ କରାଯାଉଛି। ଘଟଣାରେ ସମ୍ପୃକ୍ତି ଥିବା ସନ୍ଦେହରେ ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀଙ୍କ କହିବା ମୁତାବକ, ଶୁକ୍ରବାର ପିପିଲି ଏନ୍ଏସି ସଂଲଗ୍ନ ୨ଟି ଗ୍ରାମର ୨ ଗୋଷ୍ଠୀ ଯୁବକଙ୍କ ମଧ୍ୟରେ ପୂର୍ବ ବିବାଦକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏଥିରେ ଆକ୍ରମଣ ଏବଂ ପ୍ରତିଆକ୍ରମଣରେ ୫ ଜଣ ଆହତ ହୋଇଛନ୍ତି। ୨ ଜଣ ସାମାନ୍ୟ ଆହତ ହୋଇ ପ୍ରାଥମିକ ଚିକିତ୍ସା ପରେ ଘରକୁ ଆସିଥିବାବେଳେ ୩ ଜଣ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ତେବେ ଶନିବାର ସକାଳେ ଗ୍ରାମର କେତେଜଣ ଲୋକ ଉକ୍ତ ରାସ୍ତା ଦେଇ ଯାଉଥିବାବେଳେ ଗଣ୍ଡଗୋଳ ସ୍ଥାନ ନିକଟରେ ଏକ ବ୍ୟାଗ୍‌ରେ ବୋମା ଥିବା ଜାଣି ପୋଲିସକୁ ଖବର ଦେଇଥିଲେ। ପୋଲିସ ସେଠାରୁ ଏକ ବାଇକ୍ ଜବତ କରିଥିଲା। ଶୁକ୍ରବାର ରାତିରେ ୨ ଗୋଷ୍ଠୀ ଭିତରେ ହୋଇଥିବା ଆକ୍ରମଣରେ କିଛି ବୋମା ରହିଯାଇଥିବା ପୋଲିସ ସନ୍ଦେହ କରୁଛି। ତେବେ ଗତ ଗଣେଶ ପୂଜାରେ ନିକଟସ୍ଥ ଉଜାଣିପଡ଼ା ଓ ଦରଡ଼ା ଗ୍ରାମର ୨ ଗୋଷ୍ଠୀ ମଧ୍ୟରେ ଲାଗି ରହିଥିବା ବିବାଦ ପାଇଁ ଏହି ଗଣ୍ଡଗୋଳ ହୋଇଥିବା ପୋଲିସ କହିଛି।

# ବିଶ୍ୱ ପାଳିଲା ୧୨ତମ ଆର୍ଟ ଅଫ୍ ଗିଭିଂ ଦିବସ

ଭୁବନେଶ୍ୱର, ୧୭।୫ (ଅନୁରାଧା ମହାରଣା)

ଓଡ଼ିଶାର ସମସ୍ତ ଜିଲା ସମେତ ୩୫ଟି ସହର, ଭାରତର ବିଭିନ୍ନ ସହର ସମେତ ବିଶ୍ୱର ପ୍ରାୟ ୧୨୦ଟି ଦେଶର ୩୫୦ଟି ସ୍ଥାନରେ ୧୨ତମ ଅନ୍ତର୍ଜାତୀୟ ଆର୍ଟ ଅଫ୍ ଗିଭିଂ ଦିବସ ପାଳିତ ହୋଇଛି। ଭାରତର ୨୯ଟି ରାଜ୍ୟ, ୪ଟି କେନ୍ଦ୍ରଶାସିତ ଅଞ୍ଚଳର ୩୫ଶହ ସ୍ଥାନରେ ଏବଂ ୨ଶହ ସହର ସମେତ ଓ ୩୦ଟି ଜିଲ୍ଲା, ୩୫ଟି ପ୍ରମୁଖ ସହର, ୩ଶହରୁ ଊର୍ଦ୍ଧ୍ୱ ବ୍ଲକ, ୫ହଜାରରୁ ଊର୍ଦ୍ଧ୍ୱ ଗ୍ରାମ ପଞ୍ଚାୟତର ୧୦ ହଜାର ସ୍ଥାନରେ ଏନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଭିନ୍ନ ସ୍ଥାନରେ ସଭା ସମିତି କରାଯାଇ ଆର୍ଟ ଅଫ ଗିଭିଂର ବାର୍ତ୍ତା ଶାନ୍ତି, ମୈତ୍ରୀ, ସୌହାର୍ଦ୍ଦ୍ୟ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା। ସମାଜରେ ପରସ୍ପରକୁ ସାହାଯ୍ୟ, ସହଯୋଗ, ଶାନ୍ତି, ମୈତ୍ରୀ ଓ ସୌହାର୍ଦ୍ଦ୍ୟ ବାଣ୍ଟିବା ପାଇଁ ୨୦୧୩ ମସିହା ମେ ୧୭ରୁ ଶିକ୍ଷାବିତ୍ ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା 'ଆର୍ଟ ଅଫ ଗିଭିଂ' ପ୍ରୟାସ ଏବେ ସମଗ୍ର ବିଶ୍ୱରେ ପ୍ରସାର ଲାଭ କରିଛି। ଚଳିତବର୍ଷ ଏହି ଦିବସର ବିଷୟବସ୍ତୁ ଥିଲା ନେବରଗୁଡ (ପଡ଼ୋଶୀ ସହ ଉତ୍ତମ ସମ୍ପର୍କ)। ମେ ୨ରୁ ୧୬ ପର୍ଯ୍ୟନ୍ତ ୧୫ ଦିନ ବ୍ୟାପୀ ପାଳିତ ହୋଇଯାଇଛି ଖୁସିର ପକ୍ଷ। ଏହି ଅବସରରେ ଆର୍ଟ ଅଫ ଗିଭିଂର ଅନୁଗାମୀମାନେ ସେମାନଙ୍କ ପ ଓ ସ୍ଥାନୀୟ ବାସିନ୍ଦାଙ୍କ ସହ ଖୁସି ବାଣ୍ଟିବା ସହ ଆର୍ଟ ଅଫ ଗିଭିଂର ବାର୍ତ୍ତ ପ୍ରଚାର କରିଥିଲେ। ଏହି ଅବସରରେ ଆର୍ଟ ଅଫ ଗିଭିଂର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, ୨୦୧୩ ମେ ୧୭ରେ ଯେଉଁ ବୀଜ ବପନ କରାଯାଇଥିଲା, ତାହା ଆଜି ଏକ ଜନଆନ୍ଦୋଳନରେ ପରିଣତ ହୋଇଛି।ଲୋକମାନେ ଏହାକୁ ଗ୍ରହଣ କରିଛନ୍ତି। ଏହା ଲୋକଙ୍କ ମଧ୍ୟରେ ଏତେ ଆଦୃତ ହୋଇଛି ଯେ, ସମଗ୍ର ବିଶ୍ୱରେ ବିଶେଷ କରି ଭାରତ ଏବଂ ଓ ଲୋକମାନେ ଏହାକୁ ଏକ ପର୍ବ ଭାବରେ ପାଳନ କରୁଛନ୍ତି।




# ରିପୋର୍ଟ ଅପେକ୍ଷାରେ ଦିନ କାଟୁଛନ୍ତି ରୋଗୀ, ସମ୍ପର୍କୀୟ

କଟକ,୧୭।୫(ଶିଳ୍ପା ପ୍ରିୟଦର୍ଶିନୀ)




ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ରେ ଚିକିତ୍ସା ପାଇଁ ହଟହଟା ହେଉଛନ୍ତି ରୋଗୀ ଓ ସମ୍ପର୍କୀୟ। କେବଳ ପରୀକ୍ଷା ପାଇଁ ରୋଗୀଙ୍କୁ ଏକ ସପ୍ତାହ ଅପେକ୍ଷା କରି ଯନ୍ତ୍ରଣା ସହିବାକୁ ପଡୁଛି। ଏପରି କି ଥରକରେ ପରୀକ୍ଷା ପାଇଁ ନ କହି ପରକୁ ପରକୁ ପରୀକ୍ଷାର ଲମ୍ବା ଚିଠା ଧରାଉଛନ୍ତି ଡାକ୍ତର। ଯାହାଦ୍ୱାରା ରୋଗୀଙ୍କ ଚିକିତ୍ସା ସମୟକ୍ରମେ ହୋଇ ପାରୁନାହିଁ। ଫଳରେ ରୋଗୀ କେବଳ ୱାର୍ଡ଼ରେ ପଡ଼ି ପରୀକ୍ଷା ପାଇଁ ଦିନ କାଟୁଛି।

ସୂଚନାନୁଯାୟୀ, ମୟୂରଭଞ୍ଜ ଜିଲା ଲକ୍ଷ୍ମୀପୋଶି ଅଞ୍ଚଳର ୧୬ ବର୍ଷୀୟ କୁଶ ହେମ୍ବ୍ରମ ଗୋଡ଼ହାତ ବିନ୍ଧା ଛିଟକା ହେବା ସହ ଅନ୍ୟାନ୍ୟ ସମସ୍ୟା ଥିବାରୁ ଗତ ୯ ତାରିଖରେ ଏସ୍‌ସିବିକୁ କୁଶଙ୍କୁ ପରିବାର ଅନ୍ୟ ଚାରିଜଣ ନେଇ ଆସିଥିଲେ। ମେଡିକାଲର ଭେଷଜ ବିଭାଗରେ ଡାକ୍ତର କୁଶଙ୍କ ସ୍ୱାସ୍ଥ୍ୟାବସ୍ଥା ଦେଖି ରକ୍ତ, ମୁତ୍ର, ଅଲଟ୍ରାସାଉଣ୍ଡ ପରୀକ୍ଷା ପାଇଁ କହିଥିଲେ। କୁଶଙ୍କ ରକ୍ତ ଓ ଅଲଟ୍ରାସାଉଣ୍ଡ ପରୀକ୍ଷା ସରିଥିବାବେଳେ ରିପୋର୍ଟ ମଧ୍ୟ ସମୟନୁସାରେ ମିଳିଥିଲା। ହେଲେ ରବିବାର ମୁତ୍ର ପରୀକ୍ଷା ପାଇଁ ନମୁନା ଦେଇଥିଲେ। କିନ୍ତୁ ରବିବାର ଛୁଟି ଥିବାରୁ ରିପୋର୍ଟ ମିଳି ପାରିବ ନାହିଁ ଏବଂ ଚାରିଦିନ ପରେ ରିପୋର୍ଟ ମିଳିବ ବୋଲି ମେଡିକାଲ କର୍ମଚାରୀ କହିଥିଲେ। ସାମାନ୍ୟ ମୁତ୍ର ରିପୋର୍ଟ ମେଡିକାଲରେ ୨୪ ଘଣ୍ଟା ସମୟ ମଧ୍ୟରେ ମିଳୁଥିବା ବେଳେ ଏହି ରିପୋର୍ଟ ପାଇଁ ଚାରିଦିନ ଅପେକ୍ଷା କରିବାକୁ ପଡ଼ିଥିଲା। ଗତ ମଙ୍ଗଳବାର ରିପୋର୍ଟ ମିଳିବା ପରେ ଡାକ୍ତରଙ୍କ ପରାମର୍ଶରେ ମେଡିକାଲ ଭେଷଜ ବିଭାଗରେ କୁଶଙ୍କୁ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ସିଟି ସ୍କାନ ପାଇଁ କହିବାରୁ ଶୁକ୍ରବାର ରଞ୍ଜନରଶ୍ମୀ ବିଭାଗକୁ କୁଶ ଓ ତାଙ୍କ ସମ୍ପର୍କୀୟ ଯାଇଥିଲେ। ସେଠାରେ କର୍ମଚାରୀ ସୋମବାର ସ୍କାନ କରାଯିବ ଏବଂ ତାର ଚାରିଦିନ ପରେ ରିପୋର୍ଟ ମିଳିବ କହି ଫେରାଇ ଦେବାରୁ ଶନିବାର ମଧ୍ୟ ଉକ୍ତ ରଞ୍ଜନରଶ୍ମୀକୁ ଯାଇଥିବାବେଳେ ସମାନ କଥା କହି କର୍ମଚାରୀ ଫେରାଇ ଦେଇଥିଲେ। ଆଜକୁ ୯ଦିନ ହେବ ଏସ୍‌ସିବିକୁ କୁଶ ଚିକିତ୍ସା ନିମନ୍ତେ ଆସିଥିବାବେଳେ ପ୍ରଥମ କେବଳ ରକ୍ତ, ମୁତ୍ର, ଅଲଟ୍ରାସାଉଣ୍ଡ ପରୀକ୍ଷା କରାଇବା ପାଇଁ ପ୍ରଥମ ଚାରିଦିନ ମେଡିକାଲର ନନଟ୍ରମା କାଜୁଆଲଟି ନିକଟ ରାସ୍ତା କଡ଼ରେ ଆଶ୍ରୟ ନେଇଥିଲେ। ପରେ ମେଡିକାଲର ୱାର୍ଡ଼ରେ ଭର୍ତ୍ତି ହୋଇଛନ୍ତି। ସତ ହେଲେ ଚିକିତ୍ସା ପାଇଁ ଅପେକ୍ଷା ଯନ୍ତ୍ରଣା କୁଶଙ୍କୁ ଅଧିକ କଷ୍ଟ ଦେଉଛନ୍ତି। କୁଶଙ୍କ ସମ୍ପର୍କୀୟ ସୁମି ହେମ୍ବ୍ରମ କହିଛନ୍ତି, ଡାକ୍ତର ଦେଖାଇବା ପରେ ପରୀକ୍ଷା ପାଇଁ ଅପେକ୍ଷା କରିବାକୁ ପଡ଼ିଲା ଏବେ ରିପୋର୍ଟ ପାଇଁ ଅପେକ୍ଷା କରି ରାସ୍ତାକଡ଼ରେ ଆଶ୍ରୟ ନେଇଥିଲୁ। ଏବେ ୱାର୍ଡ଼ରେ ଥାଇ ମଧ୍ୟ ପରୀକ୍ଷା ଓ ରିପୋର୍ଟ ପାଇଁ ଅପେକ୍ଷା କରିବାକୁ ପଡୁଛି। ଦୂରରୁ ରୋଗୀ ଆସିଲେ କେବଳ ଅପେକ୍ଷା ଯନ୍ତ୍ରଣା ରୋଗୀଙ୍କୁ ମରଣ ମୁହଁକୁ ଠେଲି ଦେଉଛି ବୋଲି ସେ କହିଛନ୍ତି। ମେଡିକାଲର କୁଳସଚିବ ସୁବାସ ରାଏଙ୍କୁ ପଚାରିବାରୁ ସେ କହିଲେ, ଏଭଳି କୌଣସି ଅଭିଯୋଗ ଆସିନାହିଁ, ଜଦିଓ ଅଭିଯୋଗ କରାଯାଏ, ତେବେ ପରୀକ୍ଷା ଓ ରିପୋର୍ଟ ଦେବାରେ କେଉଁଥିପାଇଁ ବିଳମ୍ବ ହୋଇଛି, ତା'ର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**କଣାସ ମହାବିଦ୍ୟାଳୟରେ ଆର୍ଟ ଅଫ୍ ଗିଭିଂ ଦିବସ**

କଣାସ,(ବିଭୂତି ଭୂଷଣ ତ୍ରିପାଠୀ)- କଣାସ ମହାବିଦ୍ୟାଳୟ ପରିସରରେ ଶନିବାର ଅଧ୍ୟକ୍ଷ ଡମ୍ବରୁଧର ଛୁଆଳସିଂଙ୍କ ଅଧ୍ୟକ୍ଷତାରେ ଦ୍ୱାଦଶ ଆର୍ଟ ଅଫ୍ ଗିଭିଂ ପର୍ବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ପ୍ରତିଷ୍ଠାତା ସଭ୍ୟ ବିଶିଷ୍ଟ ଶିକ୍ଷାବିତ୍ ମହେନ୍ଦ୍ର କୁମାର ରଣସିଂ ଯୋଗଦେଇ ତାଙ୍କର ସାରଗର୍ଭକ ଅଭିଭାଷଣ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ପ୍ରଫୁଲ୍ଲ କୁମାର ଜେନା ଆନନ୍ଦ ବିଷୟରେ ଆଲୋକପାତ କରିଥିଲେ। ଛୁଆଳସିଂ ଆର୍ଟ ଅଫ୍ ଗିଭିଂର ଉଦ୍ୟୋଗୀ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ନିରବଚ୍ଛିନ୍ନ ସେବା ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ନିରଞ୍ଜନ ସ୍ୱାଇଁ, ପ୍ରଭାସ ମଙ୍ଗରାଜ, ପ୍ରମୋଦ ହୋତା, ଗଙ୍ଗାଧର ମହାପାତ୍ର, ଗଦାଧର ଶତପଥୀ, ପ୍ରେମାନନ୍ଦ ଜାଲି ଯୋଗଦେଇ ଆର୍ଟ ଅଫ୍ ଗିଭିଂ ସମ୍ପର୍କରେ କହିଥିଲେ।

## ସଂକ୍ଷେପରେ

### ନାବାଳିକା ନିଖୋଜକୁ ୧୫ ଦିନ ବିତିଲା, ଟେର୍ ପାଉନି ପୋଲିସ

ଡେଲାଙ୍ଗ,୧୭।୫(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ଥାନା ଅଞ୍ଚଳର ଜଣେ ନାବାଳିକା ନିଖୋଜ ହୋଇଥିବା ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ହେଲେ ନିଖୋଜକୁ ୧୫ ଦିନ ବିତିଯାଇଥିଲେ ମଧ୍ୟ ନାବାଳିକାଙ୍କ କୌଣସି ସନ୍ଧାନ ମିଳି ନ ଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ସୂଚନା ଅନୁଯାୟୀ, ଗତ ୨ ତାରିଖ ସକାଳ ୯ଟାରେ ନାବାଳିକା ନିକଟସ୍ଥ ତାରିଣୀ ମନ୍ଦିର ପରିସରରେ ଆୟୋଜିତ ଯଜ୍ଞସ୍ଥଳକୁ ଯାଇଥିଲେ। ସେ ସେଠାରୁ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ହେଲେ ନାବାଳିକାଙ୍କ କୌଣସି ସନ୍ଧାନ ପାଇ ନ ଥିଲେ। ଏନେଇ ପରିବାର ଲୋକେ ଡେଲାଙ୍ଗ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଅଭିଯୋଗ ପାଇ ଏକ ମାମଲା ରୁଜୁ କରିଛି। ହେଲେ ଘଟଣାକୁ ୧୫ ଦିନ ବିତି ଯାଇଥିବାବେଳେ ପୋଲିସର ବିଫଳତାକୁ ନେଇ ପରିବାର ଲୋକେ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏନେଇ ଡେଲାଙ୍ଗ ଥାନା ଅଧିକାରୀ ଶ୍ୟାମଘନ ବାରିକ୍‌ଙ୍କୁ ପଚାରିବାରେ, ତଦନ୍ତ ଜାରି ରହିଛି। ଖୁବ୍‌ଶୀଘ୍ର ଅନୁସନ୍ଧାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

### ଅପହୃତା ନାବାଳିକା ଉଦ୍ଧାର, ଅପହରଣକାରୀ ଯୁବକ ଗିରଫ

ନିମାପଡ଼ା,୧୭।୫(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଞ୍ଚଳରୁ ଗତ ୧୧ ତାରିଖରେ ଜଣେ ୧୪ ବର୍ଷୀୟାଙ୍କୁ ଅପହରଣ ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର ପୁରୀ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟକୁ ଚାଲାଣ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ବାଲିପାଟଣା ଥାନା ଅଧୀନ ଗିରିଙ୍ଗ ଗ୍ରାମର ବିଶ୍ୱନାଥ ନାୟକ (୨୫)। ଏଥିସହ ନାବାଳିକାଙ୍କୁ ପୋଲିସ ଅପହରଣକାରୀ ଯୁବକଙ୍କ ଘରୁ ଉଦ୍ଧାର କରି ଶନିବାର ଡାକ୍ତରୀମାଇନା କରାଇଛି। ଏ ସମ୍ପର୍କରେ ନାବାଳିକାଙ୍କ ବାପା ଗତ ୧୬ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ବିଶ୍ୱନାଥ ନାବାଳିକାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ମିଥ୍ୟା ପ୍ରତିଶ୍ରୁତି ଦେଇ କେଉଁଆଡ଼େ ଅପହରଣ କରିନେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏସ୍‌ଆଇ ଦିଲୀପ ପଣ୍ଡା ଏହି ମାମଲାର ତଦନ୍ତ କରୁଥିବାବେଳେ ଅପହରଣକାରୀ ଯୁବକଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛନ୍ତି। ଏ ସମ୍ପର୍କରେ ପୋଲିସ ବିଶ୍ୱନାଥଙ୍କ ବିରୋଧରେ ପୋକ୍‌ସୋ ଆକ୍ଟରେ ୧୪୧/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଥିଲା।

### ପଞ୍ଚାୟତ ମହାସଂଘର ସମସ୍ତ ଆକାଉଣ୍ଟ ସମୀକ୍ଷା ନେଇ ଦାବିପତ୍ର

ପିପିଲି,୧୭।୫(ଦୁର୍ଗାମାଧବ ମିଶ୍ର)

ପିପିଲି ବ୍ଲକ ତେଇଶିପୁର ଗ୍ରାମ ପଞ୍ଚାୟତର ପଞ୍ଚାୟତସ୍ତରୀୟ ମହାସଂଘ ପକ୍ଷରୁ ପିପିଲି ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ତେଇଶିପୁର ପଞ୍ଚାୟତରେ ୨୦୧୮ରେ ଗଠିତ ମହାସଂଘକୁ ଆସିଥିବା ସମସ୍ତ ସରକାରୀ ଅନୁଦାନ ଯଥା ଆଇବି ଆକାଉଣ୍ଟ, ସିଏଲ୍‌ଏଫ୍ ଆକାଉଣ୍ଟ, ଲାଇଫ୍ ହୁଡ୍ ଆକାଉଣ୍ଟ, ମିଶନ ଶକ୍ତି ଆକାଉଣ୍ଟକୁ ଯାଞ୍ଚ କରି ଯଥାଶୀଘ୍ର ଅଭିଜ୍ଞତା ସମ୍ପନ୍ନ ଅଧିକାରୀଙ୍କ ଦ୍ୱାରା ଅଡିଟ୍ କାର୍ଯ୍ୟ ସମ୍ପାଦନ କରିଯାଉ ବୋଲି ମହାସଂଘ ସଭାନେତ୍ରୀ ଶାନ୍ତିଲତା ପରିଡ଼ା ଏବଂ ସମ୍ପାଦିକା ଉମାମଣି ରଥ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ନିର୍ଦ୍ଦେଶକ୍ରମେ ପ୍ରତି ସ୍ୱୟଂ ସହାୟକ ଗୋଷ୍ଠୀ, ଆଞ୍ଚଳିକ ମଞ୍ଚ ଓ ମହାସଂଘ ପୁନଃ ଗଠନ କରିବାକୁ ନିର୍ଦ୍ଦେଶ ଆସିଥିବାବେଳେ ଯଥାଶୀଘ୍ର ଅଡିଟ୍ କାର୍ଯ୍ୟ ସମ୍ପନ୍ନ ପାଇଁ ଅଭିଯୋଗରେ ଦର୍ଶାଇଛନ୍ତି। ଏଥିସହ ୨୦୨୨ରେ ରାଜ୍ୟ ସରକାରଙ୍କ ଲାଇଫ୍ ହୁଡ୍ ବିଭାଗ ପକ୍ଷରୁ ତେଇଶିପୁର ପଞ୍ଚାୟତସ୍ତରୀୟ ମହାସଂଘକୁ ଏକ ଟ୍ରାକ୍ଟର ପ୍ରଦାନ କରାଯାଇଥିଲା। ମାତ୍ର କୌଣସି କାରଣବଶତଃ ଏହା କାର୍ଯ୍ୟରେ ଲାଗି ପାରୁନାହିଁ। ଫଳରେ ଟ୍ରାକ୍ଟରଟି ଅଧିକ ଦିନ ଧରି ସେମିତି ପଡ଼ିରହିବାରୁ ଖରାପ ହେବାର ସମ୍ଭାବନା ରହିଛି। ଉକ୍ତ ଟ୍ରାକ୍ଟରଟି କିଭଳି ପଞ୍ଚାୟତବାସୀଙ୍କ ସେବାରେ ନିୟୋଜିତ ହୋଇପାରିବ, ସେ ବିଷୟରେ ସରକାରୀ କାର୍ଯ୍ୟାନୁଷ୍ଠାନ ନେବାକୁ ସଭାନେତ୍ରୀ ଏବଂ ସମ୍ପାଦିକା ଅଭିଯୋଗରେ ଦର୍ଶାଇଛନ୍ତି।

# ରିପୋର୍ଟ ଅପେକ୍ଷାରେ ଦିନ କାଟୁଛନ୍ତି ରୋଗୀ, ସମ୍ପର୍କୀୟ




**ଏସ୍‌ସିବି ମେଡିକାଲ**

**୯ ଦିନ ହେବ ରୋଗୀଙ୍କୁ ମିଳିନି ଚିକିତ୍ସା**

କଟକ,୧୭।୫(ଶିଳ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ରେ ଚିକିତ୍ସା ପାଇଁ ହଟହଟା ହେଉଛନ୍ତି ରୋଗୀ ଓ ସମ୍ପର୍କୀୟ। କେବଳ ପରୀକ୍ଷା ପାଇଁ ରୋଗୀଙ୍କୁ ଏକ ସପ୍ତାହ ଅପେକ୍ଷା କରି ଯନ୍ତ୍ରଣା ସହିବାକୁ ପଡୁଛି। ଏପରି କି ଥରକରେ ପରୀକ୍ଷା ପାଇଁ ନ କହି ପରକୁ ପରକୁ ପରୀକ୍ଷାର ଲମ୍ବା ଚିଠା ଧରାଉଛନ୍ତି ଡାକ୍ତର। ଯାହାଦ୍ୱାରା ରୋଗୀଙ୍କ ଚିକିତ୍ସା ସମୟକ୍ରମେ ହୋଇ ପାରୁନାହିଁ। ଫଳରେ ରୋଗୀ କେବଳ ୱାର୍ଡ଼ରେ ପଡ଼ି ପରୀକ୍ଷା ପାଇଁ ଦିନ କାଟୁଛି।

ସୂଚନାନୁଯାୟୀ, ମୟୂରଭଞ୍ଜ ଜିଲା ଲକ୍ଷ୍ମୀପୋଶି ଅଞ୍ଚଳର ୧୬ ବର୍ଷୀୟ କୁଶ ହେମ୍ବ୍ରମ ଗୋଡ଼ହାତ ବିନ୍ଧା ଛିଟକା ହେବା ସହ ଅନ୍ୟାନ୍ୟ ସମସ୍ୟା ଥିବାରୁ ଗତ ୯ ତାରିଖରେ ଏସ୍‌ସିବିକୁ କୁଶଙ୍କୁ ପରିବାର ଅନ୍ୟ ଚାରିଜଣ ନେଇ ଆସିଥିଲେ। ମେଡିକାଲର ଭେଷଜ ବିଭାଗରେ ଡାକ୍ତର କୁଶଙ୍କ ସ୍ୱାସ୍ଥ୍ୟାବସ୍ଥା ଦେଖି ରକ୍ତ, ମୁତ୍ର, ଅଲଟ୍ରାସାଉଣ୍ଡ ପରୀକ୍ଷା ପାଇଁ କହିଥିଲେ। କୁଶଙ୍କ ରକ୍ତ ଓ ଅଲଟ୍ରାସାଉଣ୍ଡ ପରୀକ୍ଷା ସରିଥିବାବେଳେ ରିପୋର୍ଟ ମଧ୍ୟ ସମୟନୁସାରେ ମିଳିଥିଲା। ହେଲେ ରବିବାର ମୁତ୍ର ପରୀକ୍ଷା ପାଇଁ ନମୁନା ଦେଇଥିଲେ। କିନ୍ତୁ ରବିବାର ଛୁଟି ଥିବାରୁ ରିପୋର୍ଟ ମିଳି ପାରିବ ନାହିଁ ଏବଂ ଚାରିଦିନ ପରେ ରିପୋର୍ଟ ମିଳିବ ବୋଲି ମେଡିକାଲ କର୍ମଚାରୀ କହିଥିଲେ। ସାମାନ୍ୟ ମୁତ୍ର ରିପୋର୍ଟ ମେଡିକାଲରେ ୨୪ ଘଣ୍ଟା ସମୟ ମଧ୍ୟରେ ମିଳୁଥିବା ବେଳେ ଏହି ରିପୋର୍ଟ ପାଇଁ ଚାରିଦିନ ଅପେକ୍ଷା କରିବାକୁ ପଡ଼ିଥିଲା। ଗତ ମଙ୍ଗଳବାର ରିପୋର୍ଟ ମିଳିବା ପରେ ଡାକ୍ତରଙ୍କ ପରାମର୍ଶରେ ମେଡିକାଲ ଭେଷଜ ବିଭାଗରେ କୁଶଙ୍କୁ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ସିଟି ସ୍କାନ ପାଇଁ କହିବାରୁ ଶୁକ୍ରବାର ରଞ୍ଜନରଶ୍ମୀ ବିଭାଗକୁ କୁଶ ଓ ତାଙ୍କ ସମ୍ପର୍କୀୟ ଯାଇଥିଲେ। ସେଠାରେ କର୍ମଚାରୀ ସୋମବାର ସ୍କାନ କରାଯିବ ଏବଂ ତାର ଚାରିଦିନ ପରେ ରିପୋର୍ଟ ମିଳିବ କହି ଫେରାଇ ଦେବାରୁ ଶନିବାର ମଧ୍ୟ ଉକ୍ତ ରଞ୍ଜନରଶ୍ମୀକୁ ଯାଇଥିବାବେଳେ ସମାନ କଥା କହି କର୍ମଚାରୀ ଫେରାଇ ଦେଇଥିଲେ। ଆଜକୁ ୯ଦିନ ହେବ ଏସ୍‌ସିବିକୁ କୁଶ ଚିକିତ୍ସା ନିମନ୍ତେ ଆସିଥିବାବେଳେ ପ୍ରଥମ କେବଳ ରକ୍ତ, ମୁତ୍ର, ଅଲଟ୍ରାସାଉଣ୍ଡ ପରୀକ୍ଷା କରାଇବା ପାଇଁ ପ୍ରଥମ ଚାରିଦିନ ମେଡିକାଲର ନନଟ୍ରମା କାଜୁଆଲଟି ନିକଟ ରାସ୍ତା କଡ଼ରେ ଆଶ୍ରୟ ନେଇଥିଲେ। ପରେ ମେଡିକାଲର ୱାର୍ଡ଼ରେ ଭର୍ତ୍ତି ହୋଇଛନ୍ତି। ସତ ହେଲେ ଚିକିତ୍ସା ପାଇଁ ଅପେକ୍ଷା ଯନ୍ତ୍ରଣା କୁଶଙ୍କୁ ଅଧିକ କଷ୍ଟ ଦେଉଛନ୍ତି। କୁଶଙ୍କ ସମ୍ପର୍କୀୟ ସୁମି ହେମ୍ବ୍ରମ କହିଛନ୍ତି, ଡାକ୍ତର ଦେଖାଇବା ପରେ ପରୀକ୍ଷା ପାଇଁ ଅପେକ୍ଷା କରିବାକୁ ପଡ଼ିଲା ଏବେ ରିପୋର୍ଟ ପାଇଁ ଅପେକ୍ଷା କରି ରାସ୍ତାକଡ଼ରେ ଆଶ୍ରୟ ନେଇଥିଲୁ। ଏବେ ୱାର୍ଡ଼ରେ ଥାଇ ମଧ୍ୟ ପରୀକ୍ଷା ଓ ରିପୋର୍ଟ ପାଇଁ ଅପେକ୍ଷା କରିବାକୁ ପଡୁଛି। ଦୂରରୁ ରୋଗୀ ଆସିଲେ କେବଳ ଅପେକ୍ଷା ଯନ୍ତ୍ରଣା ରୋଗୀଙ୍କୁ ମରଣ ମୁହଁକୁ ଠେଲି ଦେଉଛି ବୋଲି ସେ କହିଛନ୍ତି। ମେଡିକାଲର କୁଳସଚିବ ସୁବାସ ରାଏଙ୍କୁ ପଚାରିବାରୁ ସେ କହିଲେ, ଏଭଳି କୌଣସି ଅଭିଯୋଗ ଆସିନାହିଁ, ଜଦିଓ ଅଭିଯୋଗ କରାଯାଏ, ତେବେ ପରୀକ୍ଷା ଓ ରିପୋର୍ଟ ଦେବାରେ କେଉଁଥିପାଇଁ ବିଳମ୍ବ ହୋଇଛି, ତା'ର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।




ପୁରୀ ସଂସ୍କୃତି ଭବନ ପରିସରରେ ଆର୍ଟ ଅଫ୍ ଗିଭିଂ ପକ୍ଷରୁ ଅନୁଷ୍ଠିତ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିମାନେ।

# ପ୍ରେସ୍‌କ୍ଲବ ପକ୍ଷରୁ ଖବରଦାତାଙ୍କ ବିକ୍ଷୋଭ




ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣମାଧ୍ୟମ ପ୍ରତିନିଧିମାନେ ଧାରଣାରେ ବସିଛନ୍ତି।

ନିମାପଡ଼ା,୧୭।୫
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ପ୍ରେସ୍ କ୍ଲବ ପକ୍ଷରୁ କାର୍ଯ୍ୟରତ ୨୫ ଖବରଦାତା ଶନିବାର ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସକାଳ ୯ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଏହି ବିକ୍ଷୋଭ ଚାଲିଥିଲା। ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ ଓ ଏମ୍‌ପିଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା ଘଟଣାସ୍ଥଳରେ ପହଞ୍ଚି ଗଣମାଧ୍ୟମ ପ୍ରତିନିଧିଙ୍କୁ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିବା ସହ ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ହେବନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ସୂଚନା ମୁତାବକ, ଶୁକ୍ରବାର ବ୍ଲକ ସଭାଗୃହରେ ପଞ୍ଚାୟତ ସମିତିର ୬ଷ୍ଠ ସାଧାରଣ ବୈଠକ ଆୟୋଜିତ ହୋଇଥିଲା। ବୈଠକରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ବ୍ଲକ ଏମ୍‌ପିଙ୍କ ପ୍ରତିନିଧି ନିମନ୍ତ୍ରଣ କରି ଅସମ୍ମାନ କରିବା ସହ କେବଳ ଫଟୋ ଉଠାଇ ସେଠାରୁ ଚାଲିଯିବାକୁ କହିଥିଲେ। ଏହାକୁ ନେଇ ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଘଟଣାକୁ ନେଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ଏମ୍‌ପିଙ୍କ ପ୍ରତିନିଧି ତୁରନ୍ତ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିବା ଦାବିରେ ଗଣମାଧ୍ୟମ ପ୍ରତିନିଧି ଏହି ଆନ୍ଦୋଳନ ଚଳାଇଥିଲେ। ଆନ୍ଦୋଳନରେ ପ୍ରେସ୍‌କ୍ଲବ ସଭାପତି ଅକ୍ଷୟ ବେହେରା, ସମ୍ପାଦକ ରମାକାନ୍ତ ବେହେରା, କୋଷାଧ୍ୟକ୍ଷ ପ୍ରଦ୍ୟୁମ୍ନ ବେହେରା, ଉପଦେଷ୍ଟା ବିଚିତ୍ରାନନ୍ଦ ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା, ସଦସ୍ୟ ସାମିଲ ହୋଇଥିଲେ।

## ପୂର୍ବ ଶତ୍ରୁତାରୁ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ

ଉଭୟ ପକ୍ଷରୁ ଥାନାରେ ଅଭିଯୋଗ

କାକଟପୁର/ଅସ୍ତରଙ୍ଗ,୧୭।୫
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ଜମିଜମା ସମସ୍ୟା ଓ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କାକଟପୁର ଥାନା ଛୋଟରାୟପୁର ଗ୍ରାମର ଜଣେ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ମହିଳାଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଥାନାରେ ଶନିବାର ଉଭୟ ପକ୍ଷରୁ ଅଭିଯୋଗ କରାଯାଇଛି।

ସୂଚନା ମୁତାବକ, ଛୋଟରାୟପୁର ଗ୍ରାମର ପ୍ରଭାତୀ ମହାରଣା(୫୩) ଗୁରୁବାର ସକାଳ ୬ଟା ୩୦ରେ ନିଜ ବାଡ଼ିରେ ଜାଳ ହାଣୁଥିଲେ। କିଛି ଦୂରରେ ବାଡ଼ି ପରିସରରେ ପଡ଼ି ରହିଥିବା ଖତକୁ ପଡ଼ୋଶୀ ଦୁଃଖୀଶ୍ୟାମ ମହାରଣା ଓ ତାଙ୍କ ପତ୍ନୀ ବିଦ୍ୟୁଲତା ମହାରଣା ଖତ ଖେଳାଉଥିଲେ। ଏଥିରେ ପ୍ରଭାତୀ ପ୍ରତିବାଦ କରିଥିବାବେଳେ ଉତ୍‌କ୍ଷିପ୍ତ ହୋଇ ଦୁହେଁ ସ୍ତ୍ରୀ, ସ୍ୱାମୀ ଖତ କାମ କରୁଥିବା କୋଦାଳରେ ତାଙ୍କୁ ଆକ୍ରମଣ କରିଥିଲେ। ପରେ ତାଙ୍କୁ କଟୁରିରେ ଆକ୍ରମଣ କରିଥିବା ପ୍ରଭାତୀ ଅଭିଯୋଗରେ ଦର୍ଶାଇଛନ୍ତି। ପ୍ରଭାତୀଙ୍କୁ ପ୍ରଥମେ ନିକଟସ୍ଥ ବାଙ୍ଗୁରୀଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଇ ପୁରୀ ମେଡିକାଲ ଓ ପରେ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ଅନ୍ୟପଟେ କାକଟପୁର ଥାନାରେ ବିଦ୍ୟୁଲତା ମଧ୍ୟ ଲିଖିତ ଅଭିଯୋଗ ଦେଇଛନ୍ତି। ସନ୍ଧ୍ୟା ସୁଦ୍ଧା କାକଟପୁର ଥାନାରେ ମାମଲା ରୁଜୁ ହୋଇ ନ ଥିବା ଜଣା ପଡ଼ିଥିବାବେଳେ ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଛି।

# ଜିଲା ସର୍ବୋଦୟ ସଂକଳ୍ପ ଶିବିର ଉଦ୍‌ଯାପିତ



ଶିବିରରେ ତାଲିମ ନେଉଥିବା ପଞ୍ଚାୟତିରାଜ ସଙ୍ଗଠନର କର୍ମକର୍ତ୍ତା ଓ ସଭ୍ୟ ।

କୋଣାର୍କ,୧୭।୫(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଏନ୍‌ଏସି କଲ୍ୟାଣ ମଣ୍ଡପଠାରେ ଆୟୋଜିତ ୨ ଦିନିଆ ଜିଲା ସର୍ବୋଦୟ ସଂକଳ୍ପ ଶିବିର ଶନିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନ ଉପାଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ ଏଥିରେ ଅଧ୍ୟକ୍ଷତା କରିଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ସଙ୍ଗଠନର ରାଜ୍ୟ ଅଧ୍ୟକ୍ଷ ସୁଦର୍ଶନ ଦାସ ଯୋଗଦେଇ କ୍ଷମତା ବିକେନ୍ଦ୍ରୀକରଣ ଏବଂ ୭୩ତମ ସଂଶୋଧନ ଉପରେ ପୁରୀ ଜିଲା ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନର କର୍ମକର୍ତ୍ତା ଓ ସଭ୍ୟାଙ୍କୁ ତାଲିମ ଦେଇଥିଲେ। ପରେ ପରେ ଉତ୍କଳ ବିଶ୍ୱବିଦ୍ୟାଳୟ ପୂର୍ବତନ ପ୍ରଫେସର ବସନ୍ତ ମଲ୍ଲିକ ଯୋଗଦେଇ ସାମାଜିକ ନ୍ୟାୟ ଉପରେ ତାଲିମ ପ୍ରଦାନ କରିଥିଲେ। ପରେ ରାଜନୈତିକ ବିଶେଷଜ୍ଞ ବିଜୟ କୁମାର ବହିଦାର ସଙ୍କଟରେ ଭାରତର ସ୍ୱପ୍ନ ଉପରେ ତାଲିମ ଦେଇଥିଲେ। ସଙ୍ଗଠନ ଉପାଧ୍ୟକ୍ଷ ରଥ ଗୋଷ୍ଠୀସ୍ତରୀୟ କାର୍ଯ୍ୟକଳାପ ଉପରେ ବିଶଦ ଭାବେ ବୁଝାଇଥିଲେ। ଏହି ପରିପ୍ରେକ୍ଷୀରେ ସଙ୍ଗଠନର ଜିଲା ସଭାପତି ବିପିନ ବିହାରୀ ମହାନ୍ତି, ନୀହାର ରଞ୍ଜନ ବେଉରା, ଲୋକନାଥ ବେହେରା, ମନୋଜ କୁମାର ସ୍ୱାଇଁ, ବିରଞ୍ଚି ନାରାୟଣ ପତି, ସ୍ୱାଧୀନ ନାୟକ, ଚନ୍ଦନ ଲେଙ୍କା, ରବି ବେହେରାଙ୍କ ସମେତ ବିଭିନ୍ନ ବ୍ଲକରୁ ଆସିଥିବା ସଦସ୍ୟଙ୍କୁ ନେଇ ଚନ୍ଦ୍ରଭାଗା ବେଳାଭୂମି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ନରସିଂହ ହତ୍ୟା ଘଟଣା: ୨ ଅଭିଯୁକ୍ତ କୋର୍ଟ ଚାଲାଣ

**ଜେଜେବିରେ ହାଜର ହେଲେ ନାବାଳକ**

ପୁରୀ,୧୭।୫(ଅଜିତ୍ କୁମାର ମହାନ୍ତି)

ବାସେଳିସାହି ଥାନା ଅନ୍ତର୍ଗତ ମଶାଣିଚଣ୍ଡୀ ମନ୍ଦିର ନିକଟରେ ଗୁରବାର ବିଳମ୍ବିତ ରାତିରେ ଘରେ ପଶି ନରସିଂହ ବେହେରାଙ୍କୁ ହତ୍ୟା ଘଟଣାରେ ପୋଲିସ ଅଟକ ନାବାଳକଙ୍କୁ ଶନିବାର ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ(ଜେଜେବି)ରେ ହାଜର କରିଥିବାବେଳେ ଅନ୍ୟ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ୨ଅଭିଯୁକ୍ତ ହେଲେ ଉକ୍ତ ଥାନା ଅନ୍ତର୍ଗତ ମାଟିତୋଟା ତୃତୀୟ ଲେନ୍‌ର କାର୍ତ୍ତିକ ବେହେରା (୨୦) ଏବଂ ନାବାଳକଙ୍କ ବାପା ତଥା ମଶାଣିଚଣ୍ଡୀ ଛକର ବିଷ୍ଣୁ ଭୋଇ(୪୦)। ପୋଲିସ ଅଭିଯୁକ୍ତଙ୍କ ନିକଟରୁ କଟୁରି, ଭୁଜାଲି ଏବଂ ଚାପଡ଼ ସହ ଅଭିଯୁକ୍ତଙ୍କ ପୋଷାକକୁ ଜବତ କରିଛି। ଏନେଇ ବାସେଳିସାହି ଥାନା ପୋଲିସ କେସ୍ ନଂ. ୮୮/୨୫ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

ପୋଲିସର ସୂଚନା ଅନୁଯାୟୀ, ନରସିଂହ ମାଶାଣିଚଣ୍ଡୀ କମିଟିର ସମ୍ପାଦକ ଥିଲେ। କିଛିଦିନ ହେବ ଅଭିଯୁକ୍ତ ବିଷ୍ଣୁ ଭୋଇ ମଶାଣିଚଣ୍ଡୀ ମନ୍ଦିର ନିକଟରେ ଥିବା ଗଛରୁ ପଇଡ଼ ଚୋରି କରୁଥିଲେ। ନରସିଂହ ତାଙ୍କୁ ପଇଡ଼ ଚୋରି ନ କରିବା ପାଇଁ ଚେତାବନୀ ଦେଇଥିଲେ, ଯାହାକୁ ରାଗ ରଖି ବିଷ୍ଣୁ, ତାଙ୍କର ନାବାଳକ ପୁଅ ଓ ସହଯୋଗୀମାନେ ମିଶି ଗୁରୁବାର ବିଳମ୍ବିତ ରାତିରେ ହତ୍ୟା କରିଥିଲେ। ଏନେଇ ମୃତକ ନରସିଂହଙ୍କ ଭାଇ ମୀନକେତନ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ୨୧ରେ ବକ୍ରେଶ୍ୱର ଦେବଙ୍କ ଭଉଁରି ଯାତ୍ରା

ବଳଙ୍ଗା,୧୭।୫(କେଦାରେଶ୍ୱର ନନ୍ଦ)

ବଳଙ୍ଗା ବକ୍ରେଶ୍ୱର ଦେବଙ୍କ ଅକ୍ଷୟତୃତୀୟାଠାରୁ ୨୧ ଦିନ ବ୍ୟାପୀ ଚନ୍ଦନ ଯାତ୍ରା ପରିପ୍ରେକ୍ଷୀରେ ପ୍ରସିଦ୍ଧ ଭଉଁରି ଯାତ୍ରା ପ୍ରସ୍ତୁତି ବୈଠକ ମେଲଣ କମିଟି କାର୍ଯ୍ୟାଳୟଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ୨୦ ତାରିଖରେ କାଳୀପୂଜା, ୨୧ରେ ଭଉଁରି ଯାତ୍ରା, ୨୨ ତାରିଖ ଶେଷଯାତ୍ରାରେ କମିଟି ପକ୍ଷରୁ ଶାଢ଼ି ଶିରିପା ପ୍ରଦାନ ଉତ୍ସବ ଅନୁଷ୍ଠିତ ହେବ। ଏଥିସହ ମୁଖ୍ୟ ଆକର୍ଷଣ ନାଗାନୃତ୍ୟ, ପାଇକ ଆଖଡ଼ା, ପର୍ଶୁରାମ, କାଳୀ ବେଶଧାରୀ ବିଭିନ୍ନ ରଙ୍ଗ ବେରଙ୍ଗର ପୋଷାକ ପିନ୍ଧି ଖେଳ ଦେଖାଇଥାନ୍ତି। ତଥାକଥିତ ସାହି ଯାତ୍ରା ନିର୍ଦ୍ଧାରିତ ସମୟରେ ଶାନ୍ତି ଶୃଙ୍ଖଳା ସହ ସମାପନ ନିମନ୍ତେ ପ୍ରସ୍ତାବ ଗୃହୀତ ହୋଇଛି। ବୈଠକରେ ଯାତ୍ରାରେ ଅଂଶଗ୍ରହଣକାରୀ ଗ୍ରାମ ଓ ସାହିର ୧୪ଟି ଯାଗାଘର ମୁରବି, କମିଟି ପରିଚାଳନା ପରିଷଦ ସଭାପତି ବୈଦ୍ୟନାଥ ପ୍ରଧାନ, ସମ୍ପାଦକ ବଳଭଦ୍ର ଜେନା, ସରପଞ୍ଚଙ୍କ ପ୍ରତିନିଧି ସୁକାନ୍ତ ବରାଳ, ସମିତି ସଭ୍ୟ ପ୍ରକାଶ ସାହୁ, କୃପାସିନ୍ଧୁ ଦତ୍ତ, ସଭ୍ୟବୃନ୍ଦ, ପୋଲିସ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

# ଆର୍ଟ ଅଫ୍ ଗିଭିଂ ଦିବସ ପାଳିତ

ସାକ୍ଷୀଗୋପାଳ,୧୭।୫
(ପ୍ରଶାନ୍ତ କୁମାର ବାରିକ୍/ କିଶୋର ମହାପାତ୍ର/ଭରତ ରାଉତ)

ସ୍ଥାନୀୟ ଆଚାର୍ଯ୍ୟ ହରିହର ଶିଶୁ ଭବନ ଅନ୍ତେବାସୀଙ୍କ ଦ୍ୱାରା ଅନ୍ତର୍ଜାତୀୟ ଆର୍ଟ ଅଫ୍ ଗିଭିଂ ଦିବସ ଶନିବାର ପାଳିତ ହୋଇଯାଇଛି। ଅନୁଷ୍ଠାନ ଉପସଭାପତି ବୀରେନ୍ଦ୍ର ଭୂଷଣ ହୋତା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସତ୍ୟବାଦୀର ଅତିରିକ୍ତ ତହସିଲଦାର ଓମ୍ ପ୍ରକାଶ ପରିଡ଼ା, ମୁଖ୍ୟବକ୍ତା ଭାବେ ସତ୍ୟବାଦୀ ଥାନା ଅଧିକାରୀ ବିଜୟକେତନ ବେହେରା, ଅନ୍ୟତମ ଅତିଥି ଭାବେ ଶିଶୁ ମଙ୍ଗଳ କମିଟି ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ଏହି ଅନ୍ତର୍ଜାତୀୟ ପ୍ଲାଟଫର୍ମ ଯାହା ଦୟା, ପ୍ରେମ, କରୁଣା, ସହାନୁଭୂତି ଏବଂ ନିଃସ୍ୱାର୍ଥପର ସେବାକୁ ଜୀବନର ଏକ ନୀତି ଭାବେ ଗ୍ରହଣ କରିବାକୁ ବ୍ୟକ୍ତିଙ୍କୁ ଉତ୍ସାହିତ କରେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅନ୍ତେବାସୀଙ୍କ ଦ୍ୱାରା ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇ ସେମାନଙ୍କୁ ଉପସ୍ଥିତ ଅତିଥିଙ୍କ ମଧ୍ୟରେ ପୁରସ୍କୃତ କରାଯାଇ ଉତ୍ସାହିତ କରାଯାଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ସୁବୋଧ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କର୍ମଚାରୀ ମୀନାକ୍ଷୀ ବାରିକ୍, ଶୁଭ୍ରଜିତା ଶୁଭଦର୍ଶିନୀ, ଜ୍ୟୋତିରାଣୀ ମିଶ୍ର, ଶାନ୍ତନୁ ସାହୁ, ଶାନ୍ତିଲତା ଚୌଧୁରୀ, କବିତା ପାତ୍ର, ଲକ୍ଷ୍ମୀଧର ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଅନ୍ୟମାନେ।

# ମାୟାଧରଙ୍କ 'ମୋ ସଂଗ୍ରହାଳୟ'

**ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ**

କାକଟପୁର/ଅସ୍ତରଙ୍ଗ,୧୭।୫
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ବ୍ୟସ୍ତବହୁଳ ଜୀବନରୁ ଟିକିଏ ଅବସର ପାଇଲେ ଲୋକେ ଚିତ୍ତବିନୋଦନ ପାଇଁ ବିଭିନ୍ନ ପନ୍ଥା ଆପଣାଉଛନ୍ତି। କିଏ ପରିବାର ଓ ସାଙ୍ଗସାଥୀ ଧରି ବଣଭୋଜି, ପାର୍କ କିମ୍ବା କୌଣସି ସ୍ଥାନକୁ ବୁଲିବାକୁ ଯାଉଛନ୍ତି ତ କିଏ ଅନ୍ୟ କୌଣସି କାର୍ଯ୍ୟ କରୁଛନ୍ତି। କିନ୍ତୁ ଅସ୍ତରଙ୍ଗ ବ୍ଲକ ଅଧୀନ ଆଳଙ୍ଗପୁର ପଞ୍ଚାୟତ ବେଗୁନିଆବସ୍ତ ଗ୍ରାମର ମାୟାଧର ସ୍ୱାଇଁଙ୍କ ନିଶା କିନ୍ତୁ ନିଆରା। ବିଭିନ୍ନ ପୁରୁଣା ଜିନିଷ ସଂଗ୍ରହ କରିବା ତାଙ୍କର ନିଶା। ନିଜ କାମରୁ ଟିକେ ଫୁର୍‌ସତ ପାଇଲେ ସେ ବିଭିନ୍ନ ପ୍ରକାର ପୁରୁଣା ଜିନିଷ ସଂଗ୍ରହରେ ଲାଗି ପଡ଼ନ୍ତି। ଏହାକୁ ନେଇ ନିଜ ଘରେ ସେ ଏକ ସଂଗ୍ରହାଳୟ ତିଆରି କରିଛନ୍ତି। ଏହାର ନାମ ରଖିଛନ୍ତି 'ମୋ ସଂଗ୍ରହାଳୟ'। ଏଥିରେ ବିଭିନ୍ନ ଦେଶର ଡାକ ଟିକଟଠାରୁ ଆରମ୍ଭ କରି ବୈଦେଶିକ ମୁଦ୍ରା ସହ ଆହୁରି ଅନେକ କିଛି ରହିଛି। ତେବେ ମାୟାଧରଙ୍କ ସଂଗ୍ରହାଳୟ ପ୍ରତି ସପ୍ତାହର ରବିବାର ଖୋଲା ରହେ। ଆଖପାଖ ଅଞ୍ଚଳର ଛାତ୍ରୀଛାତ୍ର ମାୟାଧରଙ୍କ ଘରକୁ ଆସି ଏସବୁ ଦେଖିକି ଯାଆନ୍ତି। ଏହି ସଂଗ୍ରହାଳୟ ଦେଖି କୁନି କୁନି ପିଲା ଓ ଅଭିଭାବକ ପ୍ରଶଂସା କରନ୍ତି। ମାୟାଧର ଜଣେ ସରକାରୀ କର୍ମଚାରୀ ହୋଇଥିଲେ ମଧ୍ୟ ପିଲାଦିନରୁ ପୁରୁଣା ଜିନିଷ ସଂଗ୍ରହ କରିବା ତାଙ୍କର ଏକ ନିଆରା ନିଶା। ସେ ସ୍ୱାଧୀନତା ପୂର୍ବ ଓ ପରର ୪୦୦ରୁ ଊର୍ଦ୍ଧ୍ୱ ଦେଶୀୟ ଓ ବିଦେଶୀ ମୁଦ୍ରା ସଂଗ୍ରହ କରି ରଖିଛନ୍ତି, ଯେଉଁଥିରେ ମହାପୁରୁଷଙ୍କ ଛବି ରହିଛି। ବିଭିନ୍ନ ରାଜ୍ୟରୁ ସଂଗ୍ରହ କରିଥିବା ପୁରୁଣା ଦିଆସିଲି ଖୋଳ ଏଠାରେ ରହିଛି, ଯେଉଁଥିରେ ବିଭିନ୍ନ ପୁରୁଣା ସିନେ ତାରକାଙ୍କ ଛବି ରହିଛି, ଯାହା ବର୍ତ୍ତମାନ ଦେଖିବାକୁ ମିଳୁନି। ସେହିଭଳି ଆଦିବାସୀଙ୍କ ପାରମ୍ପରିକ ଅଳଙ୍କାର, କାଠ ତିଆରି ସାମଗ୍ରୀ, ୧,୫୦୦ରୁ ଊର୍ଦ୍ଧ୍ୱ ପୁସ୍ତକ, ୧୦୦ରୁ ଅଧିକ ଡାକ ଟିକେଟ ମଧ୍ୟ ସାଇତି ରଖିଛନ୍ତି। ସେହିଭଳି ପୁରୁଣା ଟେଲିଫୋନ, ମୋବାଇଲ ଷ୍ଟାଣ୍ଡ, ପିତଳ ଷ୍ଟୋଭ ମଧ୍ୟ ଏଠାରେ ରହିଛି। ଆଗାମୀ ଦିନରେ ସେ ଏହାକୁ ଆହୁରି ବଡ଼ ଧରଣର ସଂଗ୍ରହାଳୟ କରିବାକୁ ଯୋଜନା କରିଛନ୍ତି। ତାଙ୍କର ଏଭଳି ନିଆରା ଅନ୍ଦାଜକୁ ସ୍ଥାନୀୟ ଲୋକେ ଖୁବ୍ ପ୍ରଶଂସା କରୁଛନ୍ତି।



ମାୟାଧର କୁନି ପିଲାଙ୍କୁ ସଂଗ୍ରହାଳୟର ସାମଗ୍ରୀ ଦେଖାଉଛନ୍ତି ।

## ସଂକ୍ଷେପରେ

### ସ୍ୱନାମଧନ୍ୟ ଗାୟକ ପପୁନିଙ୍କ ମୃତ୍ୟୁ

ତ୍ରିଶୂଳିଆ,୧୭।୫(ତୁଷାରକାନ୍ତ ବେହେରା)

ଗଣ୍ଡରପୁର ଗ୍ରାମର ସ୍ୱନାମଧନ୍ୟ ଭଜନ ଗାୟକ କଳାକାର ପାପୁନି ବେହେରା(୪୬)ଙ୍କ ଶନିବାର ମୃତ୍ୟୁ ଘଟିଛି। ଶ୍ୱାସ ରୋଗ ଜନିତ କାରଣରୁ ତାଙ୍କ ମୃତ୍ୟୁ ହୋଇଥିବା ସମ୍ପର୍କୀୟଙ୍କଠାରୁ ସୂଚନା



ମିଳିଛି। ପାପୁନି ଜଣେ ଦିବ୍ୟାଙ୍ଗ (ବାମନ) ଥିଲାବେଳେ ବହୁ ଶାନ୍ତ ସରଳ ଓ ପରୋପକାରୀ ବ୍ୟକ୍ତିତ୍ୱ ବହନ କରୁଥିଲେ। ଜଣେ ଉଚ୍ଚକୋଟୀର ଭଜନ ଗାୟକ କଳାକାର ଭାବେ ସେ ପ୍ରତିଷ୍ଠା ଲାଭ କରିଥିଲେ। ରାଜ୍ୟ ବିଭିନ୍ନ ମଞ୍ଚରେ ସେ ତାଙ୍କ ଯାଦୁଗରୀ କଣ୍ଠରେ ଭଜନ, ଭକ୍ତି ଜଣାଣ ଗାଇ ଲୋକଙ୍କ ମନ୍ତ୍ରମୁଗ୍ଧ କରୁଥିଲେ। ଛୋଟବେଳୁ ସ୍କୁଲରେ ତାଙ୍କର ଏହି ଭଜନ ଗାୟନ କଳା ପ୍ରସ୍ଫୁଟିତ ହୋଇଥିଲେ। ଏହାସହ ସେ ଓଡ଼ିଆ ଆଲବମରେ ମଧ ତାଙ୍କ ଅଭିନୟର ପରାକାଷ୍ଠା ପ୍ରଦର୍ଶନ କରିଥିଲେ। 'ହେ ପ୍ରଭୁ ଦେଖା ଦେ ନ ହେଲେ ଟଙ୍କା ଦେ' ଓଡ଼ିଆ ଆଲବମ ସଙ୍ଗୀତରେ ଅଭିନୟ କରି ଲୋକଙ୍କ ପାଖରେ ପରିଚିତ ହେବା ସହ ବହୁ ପ୍ରଶଂସା ସାଉଁଟିଥିଲେ। ଅଞ୍ଚଳର ବହୁ ପିଲାଙ୍କୁ ସ୍ୱଳ୍ପ ମୂଲ୍ୟରେ ଘରୋଇ ଟିଉଶନ ମାଧମରେ ଶିକ୍ଷାଦାନ କରୁଥିଲେ। ପାପୁନିଙ୍କ ମୃତ୍ୟୁ ଖବର ପାଇ ଅଞ୍ଚଳର ବହୁ ଲୋକେ, ସାଙ୍ଗସାଥୀ ଶେଷ ଦର୍ଶନ କରିଥିଲେ। ଗ୍ରାମ୍ୟ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁତୁରା ମୁଖାଗ୍ନି ଦେଇଥିଲେ।

### ଘରୋଇ ବିଦ୍ୟାଳୟର ସୁରକ୍ଷା ପାଇଁ ଆଲୋଚନାଚକ୍ର

ପୁରୁଣା ଭୁବନେଶ୍ୱର,୧୭।୫(ସୁବାସ ଚନ୍ଦ୍ର ପ୍ରଧାନ)

ଘରୋଇ ବିଦ୍ୟାଳୟର ସୁରକ୍ଷା ନିମନ୍ତେ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ଶୁକ୍ରବାର କଳ୍ପନା ଛକସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏକାମ୍ର ବିଧାୟକ ବାବୁ ସିଂ, ଭାଜପା ନେତା ଜଗନ୍ନାଥ ପ୍ରଧାନ, ପ୍ରିୟଦର୍ଶୀ ମିଶ୍ର, ସୁବାସିନୀ ପୃଷ୍ଟି, ସୁରେଶ କୁମାର ସାହୁଙ୍କ ଉପସ୍ଥିତିରେ ଅଲ୍ ଓଡ଼ିଶା ପ୍ରାଇଭେଟ୍ ସ୍କୁଲ ଆସୋସିଏଶନ (ଏଓପିଏସ୍ଏ) କର୍ମକର୍ତ୍ତାଙ୍କ ସହ ଆଲୋଚନା ହୋଇଥିଲା। ଏଓପିଏସ୍ଏ ଅଧକ୍ଷ ସତ୍ୟନାରାୟଣ ମିଶ୍ର ଘରୋଇ ବିଦ୍ୟାଳୟର ସାମ୍ପ୍ରତିକ ବିଭିନ୍ନ ସମସ୍ୟା ସମ୍ବନ୍ଧରେ କହିଥିଲେ। ଭଡ଼ାଘରେ ଚାଲୁଥିବା ବିଦ୍ୟାଳୟକୁ ସିଓଆର୍ ପ୍ରଦାନ, ଫାୟାର ସେଫ୍ଟି ସର୍ତ୍ତର ସରଳୀକରଣ ଉପରେ ମିଶ୍ର ଗୁରୁତ୍ୱ ଦେଇଥିଲେ। ଏଓପିଏସ୍ଏ କର୍ମକର୍ତ୍ତା ନବଘନ ବାରିକ, ସତ୍ୟସୁନ୍ଦର ପଣ୍ଡା, ସରିତା ମନ୍ତ୍ରୀ, ନୀହାରିକା ମହାନ୍ତି ପ୍ରମୁଖ ବାକି ରହିଥିବା ୧୫ପ୍ରତିଶତ ବିଦ୍ୟାଳୟର ସିଓଆର୍ ଅନୁମୋଦନ ନିମନ୍ତେ ନିବେଦନ କରିଥିଲେ। ଫାୟାର ସେଫ୍ଟି ନିୟମର ସରଳୀକରଣ ଉପରେ ବରିଷ୍ଠ କାର୍ଯ୍ୟକର୍ତ୍ତା ବସନ୍ତ ବେହେରା, ସ୍ୱାଧୀନ ମହାନ୍ତି , ପ୍ରଦୀପ ପାଣି ସରକାରୀ ନିୟମ ଆଧାରରେ କ'ଣ କରାଯାଇପାରିବ ସେ ନେଇ ମତ ରଖିଥିଲେ। ଘରୋଇ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ପ୍ରଦ୍ୟୁମ୍ନ ମିଶ୍ର, ଗଗନ ନନ୍ଦ, ସୁଧାଂଶୁ ସାମନ୍ତସିଂହାର, ବିପ୍ଳବ କେଶରୀ ଶତପଥୀ, ବିଭୁଦତ୍ତ ମଙ୍ଗରାଜ ପ୍ରମୁଖ କହିଛନ୍ତି।

# ରିପୋର୍ଟ ଅପେକ୍ଷାରେ ଦିନ କାଟୁଛନ୍ତି ରୋଗୀ, ସମ୍ପର୍କୀୟ

କଟକ,୧୭।୫(ଶିଳ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ରେ ଚିକିତ୍ସା ପାଇଁ ହଟହଟା ହେଉଛନ୍ତି ରୋଗୀ ଓ ସମ୍ପର୍କୀୟ। କେବଳ ପରୀକ୍ଷା ପାଇଁ ରୋଗୀଙ୍କୁ ଏକ ସପ୍ତାହ ଅପେକ୍ଷା କରି ଯନ୍ତ୍ରଣା ସହିବାକୁ ପଡୁଛି। ଏପରି କି ଥରକରେ ପରୀକ୍ଷା ପାଇଁ ନ କହି ପରକୁ ପରକୁ ପରୀକ୍ଷାର ଲମ୍ବା ଚିଠା ଧରାଉଛନ୍ତି ଡାକ୍ତର। ଯାହାଦ୍ୱାରା ରୋଗୀଙ୍କ ଚିକିତ୍ସା ସମୟକ୍ରମେ ହୋଇ ପାରୁନାହିଁ। ଫଳରେ ରୋଗୀ କେବଳ ୱାର୍ଡ଼ରେ ପଡ଼ି ପରୀକ୍ଷା ପାଇଁ ଦିନ କାଟୁଛି।




ସୂଚନାନୁଯାୟୀ, ମୟୂରଭଞ୍ଜ ଜିଲା ଲକ୍ଷ୍ମୀପୋଶି ଅଞ୍ଚଳର ୧୬ ବର୍ଷୀୟ କୁଶ ହେମ୍ବ୍ରମ ଗୋଡ଼ହାତ ବିନ୍ଧା ଛିଟକା ହେବା ସହ ଅନ୍ୟାନ୍ୟ ସମସ୍ୟା ଥିବାରୁ ଗତ ୯ ତାରିଖରେ ଏସ୍‌ସିବିକୁ କୁଶଙ୍କୁ ପରିବାର ଅନ୍ୟ ଚାରିଜଣ ନେଇ ଆସିଥିଲେ। ମେଡିକାଲର ଭେଷଜ ବିଭାଗରେ ଡାକ୍ତର କୁଶଙ୍କ ସ୍ୱାସ୍ଥ୍ୟାବସ୍ଥା ଦେଖି ରକ୍ତ, ମୁତ୍ର, ଅଲଟ୍ରାସାଉଣ୍ଡ ପରୀକ୍ଷା ପାଇଁ କହିଥିଲେ। କୁଶଙ୍କ ରକ୍ତ ଓ ଅଲଟ୍ରାସାଉଣ୍ଡ ପରୀକ୍ଷା ସରିଥିବାବେଳେ ରିପୋର୍ଟ ମଧ୍ୟ ସମୟନୁସାରେ ମିଳିଥିଲା। ହେଲେ ରବିବାର ମୁତ୍ର ପରୀକ୍ଷା ପାଇଁ ନମୁନା ଦେଇଥିଲେ। କିନ୍ତୁ ରବିବାର ଛୁଟି ଥିବାରୁ ରିପୋର୍ଟ ମିଳି ପାରିବ ନାହିଁ ଏବଂ ଚାରିଦିନ ପରେ ରିପୋର୍ଟ ମିଳିବ ବୋଲି ମେଡିକାଲ କର୍ମଚାରୀ କହିଥିଲେ। ସାମାନ୍ୟ ମୁତ୍ର ରିପୋର୍ଟ ମେଡିକାଲରେ ୨୪ ଘଣ୍ଟା ସମୟ ମଧ୍ୟରେ ମିଳୁଥିବା ବେଳେ ଏହି ରିପୋର୍ଟ ପାଇଁ ଚାରିଦିନ ଅପେକ୍ଷା କରିବାକୁ ପଡ଼ିଥିଲା। ଗତ ମଙ୍ଗଳବାର ରିପୋର୍ଟ ମିଳିବା ପରେ ଡାକ୍ତରଙ୍କ ପରାମର୍ଶରେ ମେଡିକାଲ ଭେଷଜ ବିଭାଗରେ କୁଶଙ୍କୁ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ସିଟି ସ୍କାନ ପାଇଁ କହିବାରୁ ଶୁକ୍ରବାର ରଞ୍ଜନରଶ୍ମୀ ବିଭାଗକୁ କୁଶ ଓ ତାଙ୍କ ସମ୍ପର୍କୀୟ ଯାଇଥିଲେ। ସେଠାରେ କର୍ମଚାରୀ ସୋମବାର ସ୍କାନ କରାଯିବ ଏବଂ ତାର ଚାରିଦିନ ପରେ ରିପୋର୍ଟ ମିଳିବ କହି ଫେରାଇ ଦେବାରୁ ଶନିବାର ମଧ୍ୟ ଉକ୍ତ ରଞ୍ଜନରଶ୍ମୀକୁ ଯାଇଥିବାବେଳେ ସମାନ କଥା କହି କର୍ମଚାରୀ ଫେରାଇ ଦେଇଥିଲେ। ଆଜକୁ ୯ଦିନ ହେବ ଏସ୍‌ସିବିକୁ କୁଶ ଚିକିତ୍ସା ନିମନ୍ତେ ଆସିଥିବାବେଳେ ପ୍ରଥମ କେବଳ ରକ୍ତ, ମୁତ୍ର, ଅଲଟ୍ରାସାଉଣ୍ଡ ପରୀକ୍ଷା କରାଇବା ପାଇଁ ପ୍ରଥମ ଚାରିଦିନ ମେଡିକାଲର ନନଟ୍ରମା କାଜୁଆଲଟି ନିକଟ ରାସ୍ତା କଡ଼ରେ ଆଶ୍ରୟ ନେଇଥିଲେ। ପରେ ମେଡିକାଲର ୱାର୍ଡ଼ରେ ଭର୍ତ୍ତି ହୋଇଛନ୍ତି। ସତ ହେଲେ ଚିକିତ୍ସା ପାଇଁ ଅପେକ୍ଷା ଯନ୍ତ୍ରଣା କୁଶଙ୍କୁ ଅଧିକ କଷ୍ଟ ଦେଉଛନ୍ତି। କୁଶଙ୍କ ସମ୍ପର୍କୀୟ ସୁମି ହେମ୍ବ୍ରମ କହିଛନ୍ତି, ଡାକ୍ତର ଦେଖାଇବା ପରେ ପରୀକ୍ଷା ପାଇଁ ଅପେକ୍ଷା କରିବାକୁ ପଡ଼ିଲା। ଏବେ ରିପୋର୍ଟ ପାଇଁ ଅପେକ୍ଷା କରି ରାସ୍ତାକଡ଼ରେ ଆଶ୍ରୟ ନେଇଥିଲୁ। ଏବେ ୱାର୍ଡ଼ରେ ଥାଇ ମଧ୍ୟ ପରୀକ୍ଷା ଓ ରିପୋର୍ଟ ପାଇଁ ଅପେକ୍ଷା କରିବାକୁ ପଡୁଛି। ଦୂରରୁ ରୋଗୀ ଆସିଲେ କେବଳ ଅପେକ୍ଷା ଯନ୍ତ୍ରଣା ରୋଗୀଙ୍କୁ ମରଣ ମୁହଁକୁ ଠେଲି ଦେଉଛି ବୋଲି ସେ କହିଛନ୍ତି। ମେଡିକାଲର କୁଳସଚିବ ସୁବାସ ରାଏଙ୍କୁ ପଚାରିବାରୁ ସେ କହିଲେ, ଏଭଳି କୌଣସି ଅଭିଯୋଗ ଆସିନାହିଁ, ଜଦିଓ ଅଭିଯୋଗ କରାଯାଏ, ତେବେ ପରୀକ୍ଷା ଓ ରିପୋର୍ଟ ଦେବାରେ କେଉଁଥିପାଇଁ ବିଳମ୍ବ ହୋଇଛି, ତା'ର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।




ସତ୍ୟନଗର ଲେଡିଜ୍ ଫୋରମ ପକ୍ଷରୁ ଶନିବାର ବୁଦ୍ଧ ମନ୍ଦିରଠାରେ ନାରୀ ସଶକ୍ତୀକରଣ ଉପରେ ଅନୁଷ୍ଠିତ ଆଲୋଚନାଚକ୍ର।

# ଉତ୍ତମ ସ୍ୱାସ୍ଥ୍ୟ ଜୀବନର ବାସ୍ତବ ସଫଳତା: ରାଧିକା ଚିମା

ଭୁବନେଶ୍ୱର, ୧୭।୫(ଅନୁରାଧା ମହାରଣା)



ବିହିଶା ହର୍ବାଲ୍ସ ପ୍ରାଇଭେଟ୍ ଲିମିଟେଡ୍ ଓ ଆଇକେକେ କେୟାର ଫାଉଣ୍ଡେସନ ପକ୍ଷରୁ ଏସ୍‌ଏସ୍‌ବିଏସ୍ ଚଣ୍ଡିଗଡ଼ଠାରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କମ୍ପାନୀର ସମସ୍ତ କର୍ମଚାରୀ ଅଂଶଗ୍ରହଣ କରି ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ପରୀକ୍ଷା କରିଥିଲେ। ଏହି ଅବସରରେ ରକ୍ତ ଶର୍କରା, କୋଲେଷ୍ଟ୍ରଲ, କ୍ରିଏଟିନାଇନ୍, କ୍ୟାଲସିୟମ୍ ଏବଂ ୟୁରିକ୍ ଏସିଡ୍ ଆଦି ପରୀକ୍ଷା କରାଯାଇଥିଲା। ଆଇକେକେ କେୟାର ଫାଉଣ୍ଡେସନର ଚେୟାରପର୍ସନ ରାଧିକା ଚିମା ସ୍ୱାସ୍ଥ୍ୟ ରକ୍ଷା ଉପରେ ଗୁରୁତ୍ୱାରୋପ କରି କହିଲେ, ବର୍ତ୍ତମାନ ସମୟରେ ସୁସ୍ଥ ରହିବା ସବୁଠାରୁ ବଡ଼ ଆଶୀର୍ବାଦ। ଉତ୍ତମ ସ୍ୱାସ୍ଥ୍ୟ ହିଁ ଜୀବନର ବାସ୍ତବ ସଫଳତା ବୋଲି ସେ କହିଥିଲେ। ତେଣୁ ସ୍ୱାସ୍ଥ୍ୟର ଯତ୍ନ ନେବା ନିହାତି ଜରୁରୀ। ସେହିପରି ଏସ୍‌ବିଏସ୍ ଗ୍ରୁପ୍ ଅଫ୍ କମ୍ପାନିଜ୍‌ର ପ୍ରତିଷ୍ଠାତା ଡ. ସଞ୍ଜୀବ ଜୁନେଜା କହିଲେ, ସନ୍ତୁଳିତ ଖାଦ୍ୟ, ନିୟମିତ ବ୍ୟାୟାମ ଏବଂ ସକାରାତ୍ମକ ଭାବନା ମଣିଷକୁ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରଖେ। ଡ. ଅର୍ଥୋ, ରୂପମନ୍ତ୍ର, ସଜି ସହେଲି, ପେଟ୍ ସଫା, ଆକ୍ୟୁମାଶ୍, ଇଚ୍‌କୁ, ଆଇ ମନ୍ତ୍ରା ଏବଂ ବ୍ୟାଗମାକ୍ ଭଳି ବ୍ରାଣ୍ଡ ପ୍ରତିଷ୍ଠା କରି ଆୟୁର୍ବେଦର ପ୍ରଚାରପ୍ରସାରରେ ଡ. ଜୁନେଜାଙ୍କର ଉଲ୍ଲେଖନୀୟ ଭୂମିକା ରହିଛି। ଏଚ୍‌ଏସ୍‌ବିସି ବ୍ୟାଙ୍କ ରିଲେଶନଶିପ୍ ମ୍ୟାନେଜର ସାହିଲ ସୁଧାଂଶୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ୭୮୦ କେଜି ତମ୍ବା ଜବତ, ଜଣେ ଗିରଫ

ବାଲକାଟୀ,୧୭।୫(ମନୋଜ ମଣ୍ଡଳ)

ଜଣେ ବ୍ୟକ୍ତିଙ୍କ ଘରେ ବାଲକାଟୀ ଫାଣ୍ଡି ପୋଲିସ ଶନିବାର ଭୋର ସମୟରେ ଚଢ଼ାଉ କରି ୭୮୦ କେଜି ତମ୍ବା ତାର ଜବତ କରିବା ସହ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଉକ୍ତ ଫାଣ୍ଡି ଅଧୀନ ରଥିଜେମା ନୂଆସାହିର ସନ୍ତୋଷ ସାହୁ (୨୯)। ତେବେ ଘଟଣାର ମୁଖ୍ୟ ଅଭିଯୁକ୍ତ ସ୍ଥାନୀୟ ଅଞ୍ଚଳର ଚୈତନ୍ୟ ସାହୁ ଫେରାର ହୋଇଯାଇଛନ୍ତି। ଏହି ଘଟଣାରେ ବାଲିଅନ୍ତା ଥାନାରେ ୨୦୪/୨୫ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ରଥିଜେମା ନୂଆସାହି ମୁଣ୍ଡରେ ଜଣେ ବ୍ୟକ୍ତିଙ୍କ ଘରକୁ ଚୈତନ୍ୟ ଭଡ଼ା ସୂତ୍ରରେ ରଖିଥିଲେ। ବିଭିନ୍ନ ଅଞ୍ଚଳରେ ଚୋରଙ୍କୁ ନିୟୋଜିତ କରି ତମ୍ବା ତାର, ଟେଲିଫୋନ କେବୁଲ ଚୋରି କରି ଏହି ଭଡ଼ାଘରେ ରଖି ବେପାର କରୁଥିଲେ। ଏ ସମ୍ପର୍କରେ ବାଲକାଟୀ ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଶିବାର ଭୋର ସମୟରେ ଏହି ଭଡ଼ା ଘରେ ଚଢ଼ାଉ କରିଥିଲା।

## ରାସ୍ତାକଡ଼ରୁ ବୋମାଭର୍ତ୍ତି ବ୍ୟାଗ୍ ଜବତ, ଜଣେ ଅଟକ

ପିପିଲି,୧୭।୫(ଦୁର୍ଗାମାଧବ ମିଶ୍ର/ ପ୍ରଭାତ କୁମାର ମହାପାତ୍ର)

ପିପିଲି ଟୋଲ ପ୍ଲାଜା ନିକଟ ଓରକଳ ଗାଁ ରାସ୍ତାର ରାସ୍ତାକଡ଼ ବୁଦାମୂଳରୁ ଏକ ବୋମାଭର୍ତ୍ତି ବ୍ୟାଗ ମିଳିଛି। ଘଟଣା ସ୍ଥଳରେ ପିପିଲି ପୋଲିସ ଏବଂ ପୁରୀରୁ ବମ୍ ସ୍କ୍ୱାଡ୍ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ବ୍ୟାଗ୍‌ରେ ଥିବା ୫ରୁ ଊର୍ଦ୍ଧ୍ୱ ବୋମାକୁ ନିଷ୍କ୍ରିୟ କରାଯାଇଛି। କୌଣସି ଶତ୍ରୁତାକୁ କେନ୍ଦ୍ରକରି ଗଣ୍ଡଗୋଳ ଏବଂ ବୋମାମାଡ଼ ଉଦ୍ଦେଶ୍ୟରେ କେହି ବ୍ୟାଗ୍ ରଖିଥିବା ସନ୍ଦେହ କରାଯାଉଛି। ଘଟଣାରେ ସମ୍ପୃକ୍ତି ଥିବା ସନ୍ଦେହରେ ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀଙ୍କ କହିବା ମୁତାବକ, ଶୁକ୍ରବାର ପିପିଲି ଏନ୍‌ଏସି ସଂଲଗ୍ନ ୨ଟି ଗ୍ରାମର ୨ ଗୋଷ୍ଠୀ ଯୁବକଙ୍କ ମଧ୍ୟରେ ପୂର୍ବ ବିବାଦକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏଥିରେ ଆକ୍ରମଣ ଏବଂ ପ୍ରତିଆକ୍ରମଣରେ ୫ ଜଣ ଆହତ ହୋଇଛନ୍ତି। ୨ ଜଣ ସାମାନ୍ୟ ଆହତ ହୋଇ ପ୍ରାଥମିକ ଚିକିତ୍ସା ପରେ ଘରକୁ ଆସିଥିବାବେଳେ ୩ ଜଣ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ତେବେ ଶନିବାର ସକାଳେ ଗ୍ରାମର କେତେଜଣ ଲୋକ ଉକ୍ତ ରାସ୍ତା ଦେଇ ଯାଉଥିବାବେଳେ ଗଣ୍ଡଗୋଳ ସ୍ଥାନ ନିକଟରେ ଏକ ବ୍ୟାଗ୍‌ରେ ବୋମା ଥିବା ଜାଣି ପୋଲିସକୁ ଖବର ଦେଇଥିଲେ। ପୋଲିସ ସେଠାରୁ ଏକ ବାଇକ୍ ଜବତ କରିଥିଲା। ଶୁକ୍ରବାର ରାତିରେ ୨ ଗୋଷ୍ଠୀ ଭିତରେ ହୋଇଥିବା ଆକ୍ରମଣରେ କିଛି ବୋମା ରହିଯାଇଥିବା ପୋଲିସ ସନ୍ଦେହ କରୁଛି। ତେବେ ଗତ ଗଣେଶ ପୂଜାରେ ନିକଟସ୍ଥ ଉଜାଣିପଡ଼ା ଓ ଦରଢ଼ା ଗ୍ରାମର ୨ ଗୋଷ୍ଠୀ ମଧ୍ୟରେ ଲାଗି ରହିଥିବା ବିବାଦ ପାଇଁ ଏହି ଗଣ୍ଡଗୋଳ ହୋଇଥିବା ପୋଲିସ କହିଛି।

# ପଡ଼ିଆରୁ ନରକଙ୍କାଳ ଜବତ

କାକଟପୁର/ଅସ୍ତରଙ୍ଗ,୧୭।୫ (ଶୁଭଦର୍ଶନ ମିଶ୍ର/ ପ୍ରଦୀପ୍ତ ଦୀକ୍ଷିତ/ ମମତା ଜେନା)

କାକଟପୁର ଥାନା ଅଧୀନ ଲତାହରଣ ଗ୍ରାମ୍ୟ ସନ୍ନିକଟ ବାଲାପଡ଼ିଆରେ ଶନିବାର ଏକ ନରକଙ୍କାଳକୁ ପୋଲିସ ଜବତ କରିଛି। ପାରିପାର୍ଶ୍ୱିକ ସ୍ଥିତିରୁ ଉକ୍ତ କଙ୍କାଳ ଜଣେ ମହିଳାଙ୍କର ବୋଲି ଜଣାପଡ଼ିଛି। ତେବେ ପୋଲିସ ୯/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁରୀ ସାଇଣ୍ଟିଫିକ୍ ଟିମ ଜରିଆରେ ଛାନ୍‌ଭିନ୍ ଚଳାଇଛି। ତେବେ କଙ୍କାଳ ଅସ୍ତରଙ୍ଗ ବ୍ଲକ ତାଳଦା ପଞ୍ଚାୟତ କୁଲସାହି ଗ୍ରାମର ହାରାମଣି ବିଶ୍ୱାଳ (୭୦)ଙ୍କର ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, ସକାଳୁ କେତେଜଣ ବ୍ୟକ୍ତି ଏକ ନରକଙ୍କାଳ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। କାକଟପୁର ଥାନା ଅଧିକାରୀ ଉମେଶ କୁମାର ସାହୁ, ସବ୍‌ଇନିସ୍ପେକ୍ଟର ଗୌରୀ ଶଙ୍କର ସେଠୀ ପହଞ୍ଚି କଙ୍କାଳ ସମେତ ତା' ପାଖରେ ପଡ଼ିଥିବା ଲୁଗା, ଠେଙ୍ଗା ଏବଂ ଲମ୍ବା ଧଳାକେଶକୁ ଜବତ କରିଛନ୍ତି; ଯାହାକୁ ନେଇ ଏହା ଏକ ମହିଳାଙ୍କ କଙ୍କାଳ ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି। ସାଇଣ୍ଟିଫିକ ଟିମ୍‌ର ତଦନ୍ତରେ ଏହି କଙ୍କାଳ ହାରାମଣିଙ୍କର ବୋଲି ତାଙ୍କ ପୁଅ କଳ୍ପତରୁ ଆନୁଷଙ୍ଗିକ ସାମଗ୍ରୀ ଚିହ୍ନଟ କରି କହିଛନ୍ତି। ଏଥିସହ ହାରାମଣି ମାନସିକ ବିକୃତ ଥିବାବେଳେ ୧୫ ଦିନ ହେବ ନିଖୋଜ ଥିବା ସେ କହିଛନ୍ତି। ତେବେ ପୋଲିସ ବ୍ୟବଚ୍ଛେଦ ପାଇଁ କଙ୍କାଳକୁ ପୁରୀ ପଠାଇଛି। ଅନ୍ୟପଟେ ଏହା ହତ୍ୟାକାଣ୍ଡ ନା ଅନ୍ୟ କିଛି, ସେନେଇ ମୃତଦେହ ବ୍ୟବଚ୍ଛେଦ ପରେ ସୂଚନା ମିଳିବ ବୋଲି ପୋଲିସ ସୂଚନା ଦେଇଛି।

# ବିମାନ ଉଡ଼ାଣ, ଅବତରଣର କମ୍ପନ ଶ୍ରୀମନ୍ଦିରର କ୍ଷତି ଘଟାଇବ

- ବିମାନବନ୍ଦର ମଞ୍ଜୁରୀ ବାତିଲ ନେଇ ଦାବିପତ୍ର
- ଗୋ-ମହିଷାଦି ପାଳନ କେନ୍ଦ୍ର ଖୋଲିବାକୁ ପ୍ରସ୍ତାବ

ପୁରୀ,୧୭।୫(ଅଜିତ୍ କୁମାର ମହାନ୍ତି)

ପୁରୀଠାରେ ଅନ୍ତର୍ଜାତୀୟ ବିମାନବନ୍ଦର ସ୍ଥାପନା ନେଇ କେନ୍ଦ୍ର ସରକାରଙ୍କ ମଞ୍ଜୁରୀକୁ ଜୀବନ ଜୀବିକା ଓ ପରିବେଶ ସୁରକ୍ଷା ଅଭିଯାନ ବିରୋଧ କରିଛି। ଏନେଇ ସଙ୍ଗଠନ ପକ୍ଷରୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ, କେନ୍ଦ୍ର ପରିବେଶ ଓ ପାଣିପାଗ ମନ୍ତ୍ରୀ, ପ୍ରତ୍ନତତ୍ତ୍ୱ ବିଭାଗ ନିର୍ଦ୍ଦେଶକ, ମୁଖ୍ୟ ଶାସନ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା କୋଷ୍ଟାଲ ଜୋନ୍ ପରିଚାଳନା ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ଦାବିପତ୍ରରେ ଦର୍ଶାଯାଇଛି, ବିମାନବନ୍ଦର ଭଳି ଏକ ପରିବେଶ ବିରୋଧୀ ବୃହତ୍ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ, ଅନ୍ତର୍ଜାତୀୟ ବିମାନ ଚଳାଚଳ କୌଶଳ ସଂସ୍ଥା (ଆଇସିଏଓ)ର ନିର୍ଦ୍ଦେଶ ବେଖାତିର ହେବ। ଜଙ୍ଗଲ ନଷ୍ଟ ହେବା ଫଳରେ ଜଙ୍ଗଲ ସାମଗ୍ରୀକୁ ଜୀବିକା କରି ବଞ୍ଚୁଥିବା ପ୍ରାୟ ୧୦୦୦ ପରିବାର ବେରୋଜଗାର ହୋଇଯିବେ। ସେହିପରି ଶ୍ରୀମନ୍ଦିରର ୧ କି.ମି. ବ୍ୟାସାର୍ଦ୍ଧରେ ଡିଜେ ବଜାଇବା



ନିଷେଧ ଥିବାବେଳେ ୪ ଇଞ୍ଜିନ ବିଶିଷ୍ଟ ବିମାନ ଉଡ଼ାଣ ଓ ଅବତରଣର ଶବ୍ଦ କମ୍ପନ ଶ୍ରୀମନ୍ଦିର ପ୍ରତି ଘୋର କ୍ଷତି ଘଟାଇବ। ଅପରପକ୍ଷେ ଅର୍ଥନୈତିକ ବା ବ୍ୟବସାୟିକ ଦୃଷ୍ଟିରୁ ଦେଖିଲେ, ଗ୍ରୀଷ୍ମଋତୁରେ ବିଦେଶୀ ପର୍ଯ୍ୟଟକ ପୁରୀକୁ ଆସନ୍ତି ନାହିଁ। ବର୍ଷା ଋତୁରେ ଲଘୁଚାପ ଫଳରେ ଅଶାନ୍ତ ସମୁଦ୍ର ଯୋଗୁ ପର୍ଯ୍ୟଟକଙ୍କ ସଂଖ୍ୟା ମଧ କମ୍ ରୁହେ। କେବଳ ନଭେମ୍ବରରୁ ମାର୍ଚ୍ଚ ଏହି ୫ ମାସ ପୁରୀକୁ ବିଦେଶୀ ପର୍ଯ୍ୟଟକ ଆସନ୍ତି। ତେଣୁ ଅନ୍ତର୍ଜାତୀୟ ବିମାନବନ୍ଦର କାହା ପାଇଁ ବୋଲି ପ୍ରଶ୍ନ କରାଯାଇଛି। ତେବେ ସହରର ସଚେତନ ନାଗରିକ ଓ ପରିବେଶପ୍ରେମୀଙ୍କ ମତରେ, ବିସ୍ତୃତ ୧୦୦୦ ଏକର ସରକାରୀ ଜମିରେ ଏହି ବିମାନବନ୍ଦର ଭଳି ଏକ ପରିବେଶ ବିରୋଧୀ ପ୍ରକଳ୍ପ ପରିବର୍ତ୍ତେ ସରକାର ଉକ୍ତ ଜମିରେ ବ୍ୟାପକ ବନୀକରଣ ସହ ସର୍ବବୃହତ୍ ଗୋ-ମହିଷାଦି ପାଳନ କେନ୍ଦ୍ର ଖୋଲିବାକୁ ଧ୍ୟାନ ଦିଅନ୍ତୁ; ଯାହା ଶ୍ରୀମନ୍ଦିର, ପୁରୀ ସହରବାସୀ ତଥା ଜିଲାବାସୀଙ୍କ ଦୁଗ୍ଧ ଜାତୀୟ ସାମଗ୍ରୀର ଚାହିଦା ପୂରଣ କରିବା ସହ କର୍ମ ନିଯୁକ୍ତିର ସୁଯୋଗ ସୃଷ୍ଟି ହେବ। ତେଣୁ ଏହି ଅନ୍ତର୍ଜାତୀୟ ବିମାନବନ୍ଦର ମଞ୍ଜୁରୀକୁ କେନ୍ଦ୍ର ସରକାର ବାତିଲ କରନ୍ତୁ ବୋଲି ସଙ୍ଗଠନ ଆବାହକ ତଥା ପରିବେଶବିତ୍ ସୁରେନ୍ଦ୍ର ତପସ୍ବୁ ଦାବି କରିଛନ୍ତି।

## ଆର୍ଟ ଅଫ୍ ଗିଭିଂ ପ୍ରତିଷ୍ଠା ଦିବସ ପାଳିତ

ତ୍ରିଶୂଳିଆ,୧୭।୫(ତୁଷାରକାନ୍ତ ବେହେରା)

ବାଆଁରା ଗ୍ରାମପଞ୍ଚାୟତ ଅଧୀନ ରାମଚଣ୍ଡୀ ଶବର ସାହିରେ ଶନିବାର ଆର୍ଟ ଅଫ୍ ଗିଭିଂର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଗୌରାଙ୍ଗ ଚରଣ ରାଉତ ଯୋଗଦେଇ ଆର୍ଟ ଅଫ୍ ଗିଭିଂର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ସମ୍ମାନିତ ଅତିଥି ଭାବେ ସରୋଜ ବାବୁ, ମନୋଜ ପାତ୍ର ଯୋଗଦେଇଥିଲେ। ଏହି ଅବସରରେ ଶବର ସାହିର କୁନିକୁନି ପିଲାଙ୍କୁ ପାଠ୍ୟୋପକରଣ, କାଦମ୍ବିନୀ ଓ କୁନିକଥା ପତ୍ରିକା ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ରାଉତ ଓ ସରୋଜ ବାବୁଙ୍କୁ ଉତ୍ତରୀୟ, ପୁସ୍ତକ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆଲୋକ ରାଉତ, ପ୍ରଭାତ ମୁଦୁଲି, ବିକାଶ ସାହୁ, ଗୁଲସନ ରାଉତ, କୃତୀନାଥ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଟ୍ରାଇଡେଣ୍ଟ ପକ୍ଷରୁ ଓଡ଼ିଶା ଡିପ୍ଲୋମା ସ୍କୁଲସ୍ ଇନୋଭେଶନ ପ୍ରତିଯୋଗିତା

ଭୁବନେଶ୍ୱର, ୧୭।୫ (ଅନୁରାଧା ମହାରଣା)

ଟ୍ରାଇଡେଣ୍ଟ ପକ୍ଷରୁ ଓଡ଼ିଶା ଡିପ୍ଲୋମା ସ୍କୁଲସ୍ ଇନୋଭେଶନ ପ୍ରତିଯୋଗିତାର ଦ୍ୱିତୀୟ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ବିଭିନ୍ନ ଡିପ୍ଲୋମା ଇଞ୍ଜିନିୟରିଂ ପ୍ରତିଷ୍ଠାନର ଛାତ୍ରୀଛାତ୍ରମାନଙ୍କ ଅଭିନବ ଚିନ୍ତାଧାରା, ଦକ୍ଷତା ଏବଂ ଉଦ୍ୟମୀ ମନୋଭାବକୁ ପ୍ରଦର୍ଶନ କରିବାର ଏକ ମଞ୍ଚ ଭାବେ ଟ୍ରାଇଡେଣ୍ଟ ତରଫରୁ ୨୦୨୪ରେ ଏହା ଆରମ୍ଭ କରାଯାଇଥିଲା। ପୂର୍ବବର୍ଷ ୩୦ରୁ ଅଧିକ ଶିକ୍ଷା ପ୍ରତିଷ୍ଠାନ ଅଂଶଗ୍ରହଣ କରିଥିବାବେଳେ ଚଳିତବର୍ଷ ଏହି ପ୍ରତିଯୋଗିତାରେ ବେଶ ଉତ୍ସାହ ଦେଖିବାକୁ ମିଳିଛି। ଏହି ପ୍ରତିଯୋଗିତା ଦ୍ୱାରା ଇଞ୍ଜିନିୟରିଂ ଶିକ୍ଷାର୍ଥୀମାନେ ନିଜର ଶେଷବର୍ଷ ପାଠ୍ୟକ୍ରମ ପ୍ରକଳ୍ପ ଏବଂ ପ୍ରୋଟୋଟାଇପ ସହ ନିଜର ଦକ୍ଷତାକୁ ଉତ୍କୃଷ୍ଟ ଭାବେ ପ୍ରଦର୍ଶନ କରିପାରୁଛନ୍ତି। ଏହି କାର୍ଯ୍ୟକ୍ରମର ଉଦଘାଟନୀ ସମାରୋହରେ ଆଦିତ୍ୟ ବିର୍ଲା, ଅଲଟ୍ରାଟେକ ଏବଂ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡର ପ୍ରତିନିଧିମାନେ ଉପସ୍ଥିତ ରହିଥିଲେ।

ପ୍ରତିଯୋଗିତା ଶେଷରେ ଅଭିନବ ପ୍ରକଳ୍ପ ଓ ଅଲ ଓ ଟେକ କୁଇଜର ଗ୍ରାଣ୍ଡ ଫିନାଲେର କୃତୀ ପ୍ରତିଯୋଗୀଙ୍କୁ ଦକ୍ଷତା ବିକାଶ ନିର୍ଦ୍ଦେଶାଳୟ,ନିଯୁକ୍ତିର ଉପନିର୍ଦ୍ଦେଶକ ବିଜୟ କୁମାର ପାତ୍ରଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଜେତାଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଭାବେ ନୀଳାଚଳ ପଲିଟେକ୍ନିକକୁ ସ୍ମାର୍ଟ କୃଷି ପ୍ରୋଟୋଟାଇପ ପାଇଁ ୧୦ ହଜାର ଟଙ୍କା, ଦ୍ୱିତୀୟ ସ୍ଥାନ ବିଜେତା କଟକସ୍ଥିତ ବୋଷକୁ ମୁଭିଂ ଇଲେକ୍ଟ୍ରିକ ଭେଇକିଲ କାର ମଡେଲ ପାଇଁ ୭ ହଜାର, ତୃତୀୟ ସ୍ଥାନ ବିଜେତା ଭାବେ ନୟାଗଡ଼ ସରକାରୀ ପଲିଟେକ୍ନିକ୍ କଲେଜ କ୍ୟାମ୍ପସରେ ଡିଜିପିଏସ ସର୍ଭେ ପାଇଁ ୫ ହଜାର ଓ ଚତୁର୍ଥ ସ୍ଥାନ ଭାବେ ରାଉରକେଲା ସରକାରୀ ପଲିଟେକ୍ନିକକୁ ଶିଳ୍ପ ସୁରକ୍ଷା ମଡେଲ ପାଇଁ ୨ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି।



ଓଡ଼ିଶା ଡିପ୍ଲୋମା ସ୍କୁଲସ୍ ଇନୋଭେଶନ ପ୍ରତିଯୋଗିତାର ଦ୍ୱିତୀୟ ସଂସ୍କରଣର ଉଦଘାଟନୀ ଅବସରରେ ଯୋଗଦେଇଥିବା ଅତିଥିମାନେ।

# ବିଶ୍ୱ ପାଳିଲା ୧୨ତମ ଆର୍ଟ ଅଫ୍ ଗିଭିଂ ଦିବସ






ଦେଶର ଭିନ୍ନ ଭିନ୍ନ ସ୍ଥାନରେ 'ଆର୍ଟ ଅଫ୍ ଗିଭିଙ୍ଗ୍ ଡେ' ପାଳନ କରାଯାଉଛି।

ଭୁବନେଶ୍ୱର, ୧୭।୫ (ଅନୁରାଧା ମହାରଣା)

ଓଡ଼ିଶାର ସମସ୍ତ ଜିଲା ସମେତ ୩୫ଟି ସହର, ଭାରତର ବିଭିନ୍ନ ସହର ସମେତ ବିଶ୍ୱର ପ୍ରାୟ ୧୨୦ଟି ଦେଶର ୩୫୦ଟି ସ୍ଥାନରେ ୧୨ତମ ଅନ୍ତର୍ଜାତୀୟ ଆର୍ଟ ଅଫ ଗିଭିଂ ଦିବସ ପାଳିତ ହୋଇଛି। ଭାରତର ୨୯ଟି ରାଜ୍ୟ, ୪ଟି କେନ୍ଦ୍ରଶାସିତ ଅଞ୍ଚଳର ୩୫ଶହ ସ୍ଥାନରେ ଏବଂ ୨ଶହ ସହର ସମେତ ୩୦ଟି ଜିଲା, ୩୫ଟି ପ୍ରମୁଖ ସହର, ୩ଶହରୁ ଊର୍ଦ୍ଧ୍ୱ ବ୍ଲକ, ୫ହଜାରରୁ ଊର୍ଦ୍ଧ୍ୱ ଗ୍ରାମ ପଞ୍ଚାୟତର ୧୦ ହଜାର ସ୍ଥାନରେ ଏନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଭିନ୍ନ ସ୍ଥାନରେ ସଭା ସମିତି କରାଯାଇ ଆର୍ଟ ଅଫ୍ ଗିଭିଂର ବାର୍ତ୍ତା ଶାନ୍ତି, ମୈତ୍ରୀ, ସୌହାର୍ଦ୍ଦ୍ୟ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା।

ସମାଜରେ ପରସ୍ପରକୁ ସାହାଯ୍ୟ, ସହଯୋଗ, ଶାନ୍ତି, ମୈତ୍ରୀ ଓ ସୌହାର୍ଦ୍ଦ୍ୟ ବାଣ୍ଟିବା ପାଇଁ ୨୦୧୩ ମସିହା ମେ ୧୭ରୁ ଶିକ୍ଷାବିତ୍ ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା 'ଆର୍ଟ ଅଫ୍ ଗିଭିଂ' ପ୍ରୟାସ ଏବେ ସମଗ୍ର ବିଶ୍ୱରେ ପ୍ରସାର ଲାଭ କରିଛି। ଚଳିତବର୍ଷ ଏହି ଦିବସର ବିଷୟବସ୍ତୁ ଥିଲା ନେବରଗୁଡ୍ (ପଡ଼ୋଶୀ ସହ ଉତ୍ତମ ସମ୍ପର୍କ)। ମେ ୨ରୁ ୧୬ ପର୍ଯ୍ୟନ୍ତ ୧୫ ଦିନ ବ୍ୟାପୀ ପାଳିତ ହୋଇଯାଇଛି ଖୁସିର ପକ୍ଷ। ଏହି ଅବସରରେ ଆର୍ଟ ଅଫ ଗିଭିଂର ଅନୁଗାମୀମାନେ ସେମାନଙ୍କ ଓ ସ୍ଥାନୀୟ ବାସିନ୍ଦାଙ୍କ ସହ ଖୁସି ବାଣ୍ଟିବା ସହିତ ଆର୍ଟ ଅଫ୍ ଗିଭିଂର ବାର୍ତ୍ତା ପ୍ରଚାର କରିଥିଲେ। ଏହି ଅବସରରେ ଆର୍ଟ ଅଫ୍ ଗିଭିଂର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, ୨୦୧୩ ମେ ୧୭ରେ ଯେଉଁ ବୀଜ ବପନ କରାଯାଇଥିଲା, ତାହା ଆଜି ଏକ ଜନଆନ୍ଦୋଳନରେ ପରିଣତ ହୋଇଛି। ଲୋକମାନେ ଏହାକୁ ଗ୍ରହଣ କରିଛନ୍ତି। ଏହା ଲୋକଙ୍କ ମଧ୍ୟରେ ଏତେ ଆଦୃତ ହୋଇଛି ଯେ, ସମଗ୍ର ବିଶ୍ୱରେ ବିଶେଷ କରି ଭାରତ ଏବଂ ଓ ଲୋକମାନେ ଏହାକୁ ଏକ ପର୍ବ ଭାବରେ ପାଳନ କରୁଛନ୍ତି।

**ସଂକ୍ଷେପରେ**

## ସିବିଏସ୍‌ଇ ପାସ୍ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ଚୌଦ୍ୱାର,୧୭।୫(ଆଶୁତୋଷ ଦାସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ବାଣିପଦାସ୍ଥିତ ଉତ୍କଳ ଇଣ୍ଟରନ୍ୟାଶନାଲ ସ୍କୁଲ ଚଳିତବର୍ଷ ସିବିଏସ୍‌ଇ ମାଟ୍ରିକ୍ ଓ ଦ୍ୱାଦଶ ପରୀକ୍ଷାରେ ଶତପ୍ରତିଶତ ସଫଳତା ହାସଲ କରି ବିଦ୍ୟାଳୟ ଓ ଅଞ୍ଚଳକୁ ଗୌରାବନ୍ୱିତ କରିଛି। ଛାତ୍ରୀଛାତ୍ର ଏହି ସଫଳତାର ଶ୍ରେୟ ସ୍କୁଲ ପ୍ରତିଷ୍ଠାତା ଗଣେଶ ପ୍ରସାଦ ବେହେରା ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପ୍ରଦାନ କରିଛନ୍ତି। ଏ ନେଇ ଶନିବାର ବିଦ୍ୟାଳୟ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଜିଲା ପରିଷଦଙ୍କ ପ୍ରତିନିଧି ତୀର୍ଥାନନ୍ଦ ସୁବୁଦ୍ଧିରାୟ, ଲକ୍ଷ୍ମଣ ରାଉତ, ସ୍କୁଲ ପରିଚାଳନା କମିଟି ସଦସ୍ୟ ସୁବ୍ରତ ସାମଲ, ଅଧ୍ୟକ୍ଷ ବୈକୁଣ୍ଠ ନାଥ ତାରେଣିଆ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଟ୍ରଫି, ମେଡାଲ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରିଥିଲେ। ସିବିଏସ୍‌ଇ ଦଶମ ଶ୍ରେଣୀରେ ୨୫୫ଜଣ ପରୀକ୍ଷା ଦେଇଥିବା ବେଳେ ୨୪ଜଣ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ମାର୍କ ରଖିଛନ୍ତି। ସେଥିମଧ୍ୟରୁ ପ୍ରଶନଜିତ ଜେନା ୯୮, ବାସୁଦେବ ବରାଳ ୯୬ ଓ ଜିଜ୍ଞାଶୁ ରଞ୍ଜନ ବେହେରା ୯୬% ମାର୍କ ରଖିଛନ୍ତି।

## ରାମଲୀଳା କଳାକାରଙ୍କ ପରଲୋକ

ଆଠଗଡ,୧୭।୫(ସତ୍ୟ ପ୍ରସାଦ ରଥ): ଆଠଗଡ଼ ଏନ୍‌ଏସି ଅନ୍ତର୍ଗତ ଶ୍ରୀ ଜଗନ୍ନାଥ ଜୀଉ ରାମଲୀଳା ନାଟ୍ୟ ସଂଘର ପ୍ରତିଷ୍ଠାତା ସଦସ୍ୟ, ବରିଷ୍ଠ କଳାକାର ତଥା ପାରମ୍ପରିକ ଗୋପାଳ ଲଉଡି ଓ ବାଡିଖେଳ ଗୁରୁ ବାଳକୃଷ୍ଣ ବେହେରା (୭୭)ଙ୍କ ପଦ୍ମସାହିସ୍ଥିତ ବାସଭବନରେ ଶନିବାର ଅପରାହ୍ନରେ ପରଲୋକ ଘଟିଛି। ବାଳକୃଷ୍ଣ କିଛିଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ପରଲୋକ ଖବରପାଇ ବିଭିନ୍ନ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ଓ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଛନ୍ତି। ଜଗନ୍ନାଥ ଜୀଉ ରାମଲୀଳା ନାଟ୍ୟ ସଂଘ ପକ୍ଷରୁ କାର୍ଯ୍ୟକାରୀ ସଭାପତି ହର ପ୍ରସାଦ ସେଠୀ, ପଦ୍ମସାହି ଉନ୍ନୟନ ପରିଷଦର ସଭାପତି ଓ ସମ୍ପାଦକ ରାଜେନ୍ଦ୍ର ନାରାୟଣ ଦେଓ, ଗଗନ ରଞ୍ଜନ ଦାସ, ଭାଜପା ଜିଲା ସଭାପତି ରାମନାରାୟଣ ମହାନ୍ତି, ଏନ୍‌ଏସି ଅଧ୍ୟକ୍ଷାଙ୍କ ପ୍ରତିନିଧି ପ୍ରକାଶ ରାଉତ, ତାଙ୍କ ସହକର୍ମୀ ମଗୁଲି ଚରଣ ସାହୁ, ଆଇନଜୀବୀ ଜ୍ଞାନ ପ୍ରକାଶ ଧଳ ସାମନ୍ତ, କାଉନ୍‌ସିଲର ପୂର୍ଣ୍ଣିମା ବେହେରା ପ୍ରମୁଖ ଶେଷଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର, ପୁତ୍ରବଧୂ, କନ୍ୟା ଓ ଜାମାତା ପ୍ରମୁଖ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ବାଳକୃଷ୍ଣଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଜ୍ୟେଷ୍ଠ ପୁଅ କାର୍ତ୍ତିକ ବେହେରା ମୁଖାଗ୍ନି ଦେଇଥିଲେ।



# ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ



ମୃତକଙ୍କ ମା’ ଚେତାଶୂନ୍ୟ ହୋଇ ପଡିଛନ୍ତି ।




ଥାନା ଅଧିକାରୀ ମୃତକଙ୍କ ପରିବାରକୁ ବୁଝାଶୁଝା କରୁଛନ୍ତି।

- ମୃତକ ପରିବାରଙ୍କୁ ବୁଝାଶୁଝା ଜାରି
- ସଦ୍‌ଗୁରୁ ହସ୍ପିଟାଲରେ ଉତ୍ତେଜନା

ମଙ୍ଗୁଳି-ଜଗତପୁର,୧୭।୫(ମାନସ ସାମଲ)

ଜଗତପୁର ଥାନା ଅଧୀନ ସଦ୍‌ଗୁରୁ ନାମକ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ ନେଇ ଶନିବାର ସନ୍ଧ୍ୟାରେ ଉତ୍ତେଜନା ଦେଖାଦେଇଛି। ଖବର ପାଇ ଜଗତପୁର ଥାନା ଅଧିକାରୀ ଅନିରୁଦ୍ଧ ନାୟକ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାର ଓ ସମ୍ପର୍କୀୟଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ଉତ୍ତେଜନା ଥମୁନି। ପ୍ରାପ୍ତ ସୂଚନା ମୁତାବକ, ହସ୍ପିଟାଲ ପାର୍ଶ୍ୱରେ ଥିବା ରମାଦେବୀ କଲୋନୀ ବାସିନ୍ଦା ପ୍ରିନ୍ସ ସିଂ(୨୬) ନାମକ ବିହାରୀ ସମ୍ପ୍ରଦାୟର ଯୁବକ ନିଃଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ପରିବାରବର୍ଗ ସକାଳେ ଏମର୍ଜେନ୍ସି ୱାର୍ଡରେ ଭର୍ତ୍ତି କରିଥିଲେ। ୱାର୍ଡରେ ଡାକ୍ତର ନ ଥିବାରୁ ରୋଗୀଙ୍କୁ ଫେରେଇ ନେବା ବେଳେ ଡାକ୍ତର ଆସିବା ସାମାନ୍ୟ ବିଳମ୍ବ ଅଛି କହି ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଦୀର୍ଘ ସମୟ ବିତିଯାଇଥିଲେ ଡାକ୍ତର ଆସି ନ ଥିବା ବେଳେ ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। କିନ୍ତୁ ଘଣ୍ଟାଏ ପରେ ରୋଗୀଙ୍କ ପରିବାର ଲୋକ ସୁରକ୍ଷା କର୍ମଚାରୀଙ୍କଠାରୁ ତାଙ୍କର ମୃତ୍ୟୁ ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଏହାପରେ ପ୍ରିନ୍ସଙ୍କୁ ଦେଖିବା ପାଇଁ ଆଇସିୟୁକୁ ଯିବାରୁ ହସ୍ପିଟାଲର ଭଡାଟିଆ ଗୁଣ୍ଡା ପରିବାର ଲୋକଙ୍କୁ ଗାଳିଦେବା ସହ ହସ୍ପିଟାଲରୁ ଧକ୍କା ମାରି ବିଦା କରିଦେଇଥିଲେ। ଏହି ସମୟରେ ମୃତକଙ୍କ ମା’ ଚେତାଶୂନ୍ୟ ହୋଇଯିବାରୁ ଚିକିତ୍ସା ପାଇଁ କୁହାଯାଇଥିଲା। ସେଠାରେ ଚିକିତ୍ସା କରିବାକୁ ଆଉ ଭରସା ନ ପାଇବାରୁ ତାଙ୍କୁ ଅନ୍ୟ ଏକ ମେଡିକାଲକୁ ନିଆଯାଇଥିଲା। ହସ୍ପିଟାଲ କର୍ତ୍ତୃପକ୍ଷ ଓ ମୃତକଙ୍କ ପରିବାରର ଅନୁପସ୍ଥିତିରେ କେତେଜଣ ଦଲାଲ ତାଙ୍କ ସମ୍ପର୍କୀୟଙ୍କୁ ମୃତଦେହ ତାଙ୍କ ହାତରେ ଜିମା ଦେଇ ହସ୍ପିଟାଲରୁ ଦୋଷ ଖସେଇବାକୁ ଉଦ୍ୟମ ଜାରି ରଖିଛନ୍ତି। ମୃତକଙ୍କ ପରିବାର ମୂଳବାସିନ୍ଦା ବିହାର ଅଞ୍ଚଳର ହୋଇଥିବାରୁ ଏହି ଘଟଣା ଲୋକଲୋଚନକୁ ନ ଆଣି ଚାପିଦେବାକୁ ଚେଷ୍ଟା ଚଳାଇଛନ୍ତି। ଏ ନେଇ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ଉତ୍ତର ଦେଇ ନ ଥିଲେ।

# ଭାଜପା ପକ୍ଷରୁ ଅପରେଶନ ସିନ୍ଦୂର ପରାକ୍ରମ ଶୋଭାଯାତ୍ରା

ଖୁଣ୍ଟୁଣୀ,୧୭।୫(ସଚ୍ଚିଦାନନ୍ଦ ପଣ୍ଡା)

କଟକ ଜିଲା ଖୁଣ୍ଟୁଣୀଠାରେ ଅପରେଶନ ସିନ୍ଦୂରର ସଫଳତା ପାଇଁ ଶନିବାର ଏକ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ସୁରକ୍ଷା ନାଗରିକ ସମାଜ ଆନୁକୂଲ୍ୟରେ ଅନୁଷ୍ଠିତ ତ୍ରିରଙ୍ଗା ଶୋଭାଯାତ୍ରାରେ ଆଠଗଡ଼ ଭାଜପା ବିଧାନସଭା ପ୍ରାର୍ଥୀ ଅଭୟ କୁମାର ବାରିକ ନେତୃତ୍ୱ ନେଇଥିଲେ। ଶୋଭାଯାତ୍ରାରେ ବହୁ ସଂଖ୍ୟାରେ ମହିଳା, ଯୁବକ, ବୁଦ୍ଧିଜୀବୀ ସାମିଲ ହୋଇଥିଲେ। ଖୁଣ୍ଟୁଣୀ ନୂଆ ବଜାରଠାରୁ ଶୋଭାଯାତ୍ରା ବାହାରି ଖୁଣ୍ଟୁଣୀ ଗ୍ରାମ ଓ ବଜାର ପରିକ୍ରମା କରିଥିଲା। ସମସ୍ତେ ହାତରେ ତ୍ରିରଙ୍ଗା ଧରି ଭାରତ ପାକ ଯୁଦ୍ଧ ବେଳେ ଆମ ଭାରତୀୟ ଯବାନମାନେ ଯେଉଁ ନିର୍ଭିକତା ଓ ପରାକାଷ୍ଠା ପ୍ରତିପାଦନ କରିଥିଲେ ତାହା ବିଶ୍ୱର ସମସ୍ତ ରାଷ୍ଟ୍ରରେ ଚହଳ ପକାଇ ସ୍ତମ୍ଭୀଭୂତ କରି ଦେଇଥିଲା ବୋଲି ଅଭୟ କହିଥିଲେ। ଖୁଣ୍ଟୁଣୀ ମଣ୍ଡଳ ସଭାପତି ଶୋଭମ ପ୍ରିୟଦର୍ଶୀଙ୍କ ପରିଚାଳନାରେ ଆୟୋଜିତ ଶୋଭାଯାତ୍ରାରେ ସୌମ୍ୟରଞ୍ଜନ ପଣ୍ଡା, ପ୍ରଦୀପ କୁମାର ଜେନା, ହେମନ୍ତ ନାୟକ, ସତ୍ୟବ୍ରତ ପ୍ରଧାନ, ନିରାକାର ମାଳିଆ, ତପନ କୁମାର ପ୍ରଧାନ, ପରେଶ ସାହୁ, ଲିପୁନ ଦଳେଇ, ଖୁଣ୍ଟୁଣୀ ମଣ୍ଡଳ ମହିଳା ସଭାନେତ୍ରୀ ସ୍ମୃତିପ୍ରଭା ବିଶ୍ୱାଳ, ମମତା ବିଶାଳ ଓ କାଠି ଅପା ପ୍ରମୁଖ ପରିଚାଳନା କରିଥିଲେ।



ଭାଜପା ନେତା ଓ କର୍ମୀ ଶୋଭାଯାତ୍ରାରେ ଯାଉଛନ୍ତି।

# ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଦୁଲୁକିଲା ମଞ୍ଚ



କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

ବଡ଼ମ୍ବା, ୧୭।୫(ମାୟାଧର ମଲ୍ଲିକ):

**ବଡ଼ମ୍ବା ଚନ୍ଦନ ମହୋତ୍ସବର ଚତୁର୍ଥ ସନ୍ଧ୍ୟା**

ବଡ଼ମ୍ବାର ପ୍ରସିଦ୍ଧ ଚନ୍ଦନ ଯାତ୍ରା ଶନିବାର ୧୮ ଦିନରେ ପହଞ୍ଚିଥିବାବେଳେ ମହୋତ୍ସବର ଚତୁର୍ଥ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ କଳାକାର ଓ ବାହାର ଅଞ୍ଚଳର ଖ୍ୟାତନାମା କଳାକାରଙ୍କ ଆକର୍ଷଣୀୟ ନୃତ୍ୟ ଓ ସଙ୍ଗୀତରେ ମଞ୍ଚ ଦୁଲୁକିଥିଲା। ଦର୍ଶକମାନେ ଏହାର ଭରପୂର ମଜା ନେଇଥିଲେ। ପ୍ରଖ୍ୟାତ କଣ୍ଠଶିଳ୍ପୀ ବିଭୁ କିଶୋର ଓ ତାଙ୍କ ସାଥୀ କଳାକାରଙ୍କ ସଙ୍ଗୀତ, ନୃତ୍ୟ ପରିବେଷଣ ଏବଂ କଟକର ନୃତ୍ୟ ମୟୂରୀ ଅନୁଷ୍ଠାନ କଳାକାରଙ୍କ ନୃତ୍ୟ ବେଶ ମନଛୁଆଁ ହୋଇଥିଲା। ଅନ୍ୟପକ୍ଷରେ ପ୍ରଭୁ ଶ୍ରୀ ଗୋପୀନାଥ ଦେବଙ୍କ ସମେତ ଅନ୍ୟାନ୍ୟ ଦେବଦେବୀଙ୍କ ଚାପଖେଳ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଆଗ୍ରହ ପରିଲକ୍ଷିତ ହୋଇଥିଲା। ସକାଳ ଅପେକ୍ଷା ସନ୍ଧ୍ୟା ଚାପଖେଳ ଦେଖିବାକୁ ଅଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା ।

## ସୌଦାମିନୀ ପ୍ରଧାନଙ୍କୁ ସବୁଜ ବନାନୀ ସମ୍ମାନ

ବାଙ୍କୀ,୧୭।୫(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଦର୍ଶ ଯୁବପରିଷଦ ପକ୍ଷରୁ ଶନିବାର ଚାରା ରୋପଣ ଓ ପରିବେଶ ସଚେତନତା ପାଇଁ ସୌଦାମିନୀ ପ୍ରଧାନଙ୍କୁ ସବୁଜ ବନାନୀ ସମ୍ମାନରେ ସମ୍ମାନିତ କରାଯାଇଛି। ଏନେଇ ଭଗିପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ପରିଷଦର ଆବାହକ ଅକ୍ଷୟ କୁମାର ସାମଲ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ପ୍ରଧାନଙ୍କୁ ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମ୍ମାନିତ ଅତିଥିଭାବେ କବି ଲଲାଟେନ୍ଦୁ



ପଣ୍ଡା ଓ ସାମାଜିକ କର୍ମୀ ବିଶ୍ୱରଞ୍ଜନ ସ୍ୱାଇଁ ଯୋଗଦେଇ ପରିବେଶ ସୁରକ୍ଷା ଦିଗରେ ସମସ୍ତେ କାର୍ଯ୍ୟକ୍ରମ କଲେ ପରିବେଶ ସରସ ସୁନ୍ଦର ହେବ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସୋନାଲି ଜେନା, କ୍ରୀଷ୍ଣା ନାୟକ, ରୋଜାଲିନୀ ଜେନା, ଲିଜା ସାହୁ, ଶୁଭଶ୍ରୀ ସାହୁ, ରାଣୀ ଭୋଇ, ମାଣିକ ଜେନା ଓ ନିବେଦିତା ନାୟକ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଚାନ୍ଦିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଔଷଧ ଉତ୍ପାଦନ କରି ଉନ୍ନତ ସମାଜ ଗଢ଼ିହେବ

ସାଲେପୁର,୧୭।୫(ଅରବିନ୍ଦ ଭୂୟାଁ):

**ସାଲେପୁର ଫାର୍ମାସୀ କଲେଜରେ ପୁରାତନ ଛାତ୍ରୀଛାତ୍ରଙ୍କ ସମାବେଶ**

ସାଲେପୁର ଫାର୍ମାସୀ କଲେଜ ପକ୍ଷରୁ ଶନିବାର କଲେଜ ପରିସରରେ ପୁରାତନ ଛାତ୍ରୀଛାତ୍ରମାନଙ୍କ ସମାବେଶ‘ଆଲୁମ୍ନି ଷ୍ଟୁଡେଣ୍ଟ ଇଣ୍ଟରଆକ୍ସନ-୨୦୨୫’ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ପ୍ରଫେସର ଡ. ପ୍ରବୀର କୁମାର ସିହ୍ନା ମହାପାତ୍ର ଉପସ୍ଥିତ ରହି ସ୍ୱାଗତ ଭାଷଣ ଦେଇଥିଲେ। ଆଲୁମ୍ନି କମିଟିର ସଂଯୋଜକ ଡ. ପ୍ରଭାତ କୁମାର ସାହୁ ଏହି ସମାବେଶ ପାଳନ କରାଯିବାର ତାତ୍ପର୍ଯ୍ୟ ସମ୍ପର୍କରେ ମତ ରଖିଥିଲେ। ପୁରାତନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗ୍ଲେନ୍‌ମାର୍କ ଫାର୍ମାର ଭାଇସ ପ୍ରେସିଡେଣ୍ଟ ଗୌରୀ ପ୍ରସାଦ ନନ୍ଦ, କୋଗ୍ନିଜେଣ୍ଟର ଟିମ୍ ମ୍ୟାନେଜର ଡ. ହିମାଂଶୁ ଭୂଷଣ ସାହୁ, ଫାର୍ମାକୋନ୍ ଲାବ୍‌ର ଡାଇରେକ୍ଟର ରଜନୀକାନ୍ତ ସାମନ୍ତରାୟ, ଚାଣକ୍ୟ ହସ୍ପିଟାଲର ଡାଇରେକ୍ଟର ହରିଶ୍ଚନ୍ଦ୍ର ମହାପାତ୍ର, ମହେଶ୍ୱତା ସ୍ୱାଇଁ, ବିଏସ୍ ବିଶ୍ୱଜିତ୍, ସୌମ୍ୟରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ନିଜର ଅଭିଜ୍ଞତା କହିଥିଲେ। ବର୍ତ୍ତମାନ ଯୁଗରେ ଔଷଧ ଉତ୍ପାଦନ କ୍ଷେତ୍ରରେ କିପରି ନିଜକୁ ନିୟୋଜିତ କରି ସମାଜକୁ ଉନ୍ନତ କରିହେବ ସେଦିଗରେ ପ୍ରେରଣା ଦେଇଥିଲେ। ଅନୁଷ୍ଠାନର ପରିଚାଳନା କମିଟି ସମ୍ପାଦକ ରବୀନ୍ଦ୍ର ନାଥ କର, ପୁରାତନ ଛାତ୍ରୀଛାତ୍ରଙ୍କ ସହ ମୌଖିକ ଆଲୋଚନା କରିଥିଲେ। ଶେଷରେ ଅନୁଷ୍ଠାନ ପକ୍ଷରୁ ଉପସ୍ଥିତ ପୁରାତନ ଛାତ୍ରୀଛାତ୍ର ଓ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଲୁମ୍ନି କମିଟିର ଚେୟାରମ୍ୟାନ୍ ଏସ୍‌କେ. ସନ୍ଦିପ କୁମାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀମାନେ ସହଯୋଗ କରିଥିଲେ।




ସମାବେଶରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

# ପଡ଼ୋଶୀଙ୍କ ସହ ଉତ୍ତମ ସମ୍ପର୍କ ରଖିବାକୁ ଆହ୍ୱାନ

ବାଙ୍କୀ,୧୭।୫( ଶୁଭେନ୍ଦୁ ମହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର):

**ସୁବର୍ଣ୍ଣପୁରରେ ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମ**

କିଟ୍ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ୧୨ତମ ଅନ୍ତର୍ଜାତୀୟ ଆର୍ଟ ଅଫ୍ ଗିଭିଂ ଦିବସ ଶନିବାର ଅନୁଷ୍ଠିତ ହୋଇଯାଇଛି। ପଡ଼ୋଶୀଙ୍କ ସହ ଉତ୍ତମ ସମ୍ପର୍କ ରଖିବା ପାଇଁ ଏହି ଅବସରରେ ବାର୍ତ୍ତା ଦିଆଯାଇଥିଲା। ବାଙ୍କୀ ବ୍ଲକ ସୁବର୍ଣ୍ଣପୁରଠାରେ କିଟ୍ ବିଶ୍ୱବିଦ୍ୟାଳୟର କର୍ମଚାରୀ ପ୍ରିୟରଞ୍ଜନ ପଣ୍ଡାଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପକ୍ଷରୁ ଅମୂଲ୍ୟ ଦଳେଇ, ସୁଶାନ୍ତ କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ । ଅନୁରୂପ ଭାବେ ବାଙ୍କୀ- ଡମପଡ଼ା ବ୍ଲକର ରଗଡି ଗ୍ରାମପଞ୍ଚାୟତରେ କିଟ୍ ବିଶ୍ୱବିଦ୍ୟାଳୟର କର୍ମଚାରୀ ଆଶିଷ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକମରେ ଅତିଥି ଭାବେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ସାରା ବିଶ୍ୱରେ ଏହି କାର୍ଯ୍ୟକ୍ରମ ଭିନ୍ନ ଏକ ଉଦାହରଣ ସୃଷ୍ଟି କରିଛି ବୋଲି କହିଥିଲେ। ବରିଷ୍ଠ ଖବରଦାତା ପୂର୍ଣ୍ଣ ଚନ୍ଦ୍ର ସାହୁ, ଓ କୁନି ବାଳକ ପ୍ରିୟାଂଶୁ ରଞ୍ଜନ ପଣ୍ଡା ସମସ୍ତଙ୍କୁ ଡ.ଅଚ୍ୟୁତ ସାମନ୍ତଙ୍କ ରଚିତ ଆର୍ଟ ଅଫ୍ ଗିଭିଂ ବହି ଓ କଲମ ବଣ୍ଟନ କରିଥିଲେ।

# ୪ ଗ୍ରାମରେ ମାଙ୍କଡ଼ ଆତଙ୍କ: ଶତାଧିକ ଆହତ

- ବନବିଭାଗ ନାଚାର
- ଠେଙ୍ଗା ଧରି ଘରୁ ବାହାରୁଛନ୍ତି ଗ୍ରାମବାସୀ

ଟିଗିରିଆ,୧୭।୫(ଜାଫର ଖାଁ)

ଟିଗିରିଆ ଥାନା ଅନ୍ତର୍ଗତ କଣ୍ଟିପୁର, ବିଷ୍ଣୁପୁର, ରଘୁରାମପୁର ଓ ବାଙ୍କୀ ବ୍ଲକ ଅନ୍ତର୍ଗତ ମଣିପୁର ଗ୍ରାମରେ ଏକ ମାସରୁ ଊର୍ଦ୍ଧ୍ୱ ହେବ ଗୋଟିଏ ମାଙ୍କଡ଼ ଆତଙ୍କ ସୃଷ୍ଟି କରିଛି। ଉକ୍ତ ମାଙ୍କଡ଼ ଆକ୍ରମଣରେ ଅଞ୍ଚଳରେ ଶତାଧିକ ଆହତ ହୋଇଛନ୍ତି। ଏଥିସହ ରଘୁରାମପୁର ଗ୍ରାମର ରାମ ସ୍ୱାଇଁଙ୍କ ଝିଅ,ବିଷ୍ଣୁପୁରର ଶିଖର ବାରିକ, ପପୁ ସ୍ୱାଇଁ, ଜିରା ସାମଲ, ମଞ୍ଜୁ ପତି, ରୀନା ଗୋଚ୍ଛି, ଭରତ ସାମଲ, ଶ୍ରୀନିବାସ ଗୋଚ୍ଛି, ପ୍ରଭାକର ସାମଲ, ଅଜାତି ସାମଲ, ମିକୁ ସାମଲ, ମହେଶ୍ୱର ଗୋଚ୍ଛି, ଶୁଭମ ସାମଲ, ମୋହନ ଦାସ, କଣ୍ଟିପୁରର ଇନ୍ଦ୍ରମଣି ସାମଲଙ୍କ ସ୍ତ୍ରୀ ଦୋଇତା ସାମଲଙ୍କ ସମେତ ଆହୁରି ଅନେକ ଲୋକ ଉକ୍ତ ମାଙ୍କଡ଼ ଆକ୍ରମଣରେ ଗୁରୁତର ହୋଇଛନ୍ତି। ଜନସାଧାରଣ ଉକ୍ତ ମାଙ୍କଡ଼ ଭୟରେ ଘରୁ ବାହାରିବା ପାଇଁ ଭୟ କରୁଛନ୍ତି। ଏନେଇ ବନବିଭାଗ ନିକଟରେ ଅଭିଯୋଗ କରାଯିବା ପରେ ଏକାଧିକ ବ୍ୟକ୍ତି ଉକ୍ତ ମାଙ୍କଡ଼ଙ୍କୁ ଧରିବା ପାଇଁ ପ୍ରୟାସ କରିଥିଲେ ମଧ୍ୟ ତାକୁ ଧରିବାରେ ସଫଳ ହୋଇନାହାନ୍ତି। ଫଳରେ ଲୋକମାନେ ନିଜର ସୁରକ୍ଷାକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି। ନିଜ ସୁରକ୍ଷା ପାଇଁ ଗ୍ରାମବାସୀ ଏବେ ହାତରେ ଠେଙ୍ଗା ଧରି ବାହାରକୁ ବାହାରିବା ସହ ରାତିରେ ମଧ୍ୟ ପାଳି କରି ମାଙ୍କଡ଼ ଜଗୁଥିବା ସୂଚନା ମିଳିଛି। ଉକ୍ତ ମାଙ୍କଡ଼ ଟ୍ରାକ୍ଟର ଓ ଗାଡି ଚାଳକମାନଙ୍କୁ ମଧ୍ୟ ଆକ୍ରମଣ କରୁଛି। ଫଳରେ ଉକ୍ତ ରାସ୍ତାରେ ଯାତାୟାତ କରିବା କଷ୍ଟକର ହୋଇପଡିଛି। ଯଥାଶୀଘ୍ର ବନବିଭାଗ ଉକ୍ତ ମାଙ୍କଡ଼କୁ ଟ୍ରାଙ୍କୁଲାଇଜ କରି କାବୁ କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ବନପାଳ ପ୍ରଶାନ୍ତ କୁମାର ପରିଡାଙ୍କୁ ପଚାରିବାରେ ଉକ୍ତ ମାଙ୍କଡ଼କୁ ଧରିବା ପାଇଁ ଏକାଧିକ ଥର ପ୍ରୟାସ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସଫଳତା ମିଳିନାହିଁ । ଯଥାଶୀଘ୍ର ତାକୁ କାବୁ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ପରିଡ଼ା ସୂଚନା ଦେଇଛନ୍ତି।



ଗ୍ରାମବାସୀ ଠେଙ୍ଗାଧରି ମାଙ୍କଡ଼ ଜଗିଛନ୍ତି।

# ଗ୍ରାମସଭା ସମୀକ୍ଷା ବୈଠକରେ ସାମାଜିକ ସଚେତନତା

**ସରକାରୀ ଯୋଜନା ସମାଜର ତଳସ୍ତରରେ ପହଞ୍ଚିବାକୁ ଗୁରୁତ୍ୱ**

ସାଲେପୁର, ୧୭।୫(ଅରବିନ୍ଦ ଭୂୟାଁ):

ଲୋକେ ନିଜ ଅଧିକାର ଜାଣିବେ। ନିଜ ଅଧିକାର ନେଇ ସେମାନେ ମତ ରଖିବେ। ଲୋକଙ୍କ ମତକୁ ଜନପ୍ରତିନିଧି ଗୁରୁତ୍ୱ ଦେବେ। ସରକାରୀ କର୍ମଚାରୀ ମଧ୍ୟ ନିଜ ଦାୟିତ୍ୱକୁ ଠିକ ଢଙ୍ଗରେ ପାଳନ କରିବେ। ସବୁ ଯୋଜନା ସମାଜର ତଳସ୍ତରରେ ଥିବା ଲୋକେ ଜାଣିପାରିବେ। ଲୋକ ଓ ସରକାରଙ୍କ ମଧ୍ୟରେ ଦୂରତ୍ୱ ରହିବ ନାହିଁ। ଏଭଳି ମହତ ଉଦ୍ଦେଶ୍ୟ ନେଇ ସାଲେପୁର ବ୍ଲକର ସାମାଜିକ ସମୀକ୍ଷକ ମନ୍ଦାକିନୀ ନନ୍ଦଙ୍କ ସହଯୋଗରେ ବିଭିନ୍ନ ପଞ୍ଚାୟତରେ ସାମାଜିକ ସମୀକ୍ଷା ବୈଠକ ଚାଲିଛି। ବ୍ଲକ ଅନ୍ତର୍ଗତ ଭୀମଦାସପୁର ପଞ୍ଚାୟତରେ ମେ’ ୧ତାରିଖରୁ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଭିଆରପି ବିଜୟଲକ୍ଷ୍ମୀ ବେହେରାଙ୍କ ଦ୍ୱାରା ସାମାଜିକ ସମୀକ୍ଷା ବୈଠକ ଚାଲିଛି। ଓଡ଼ିଶା ସୋସାଇଟି ଫର୍ ସୋସିଆଲ ଅଡିଟ ଆକାଉଣ୍ଟବିଲିଟି ଆଣ୍ଡ ଟ୍ରାନ୍ସପରେନ୍ସି (ଓଏସ୍‌ଏସ୍‌ଏଏଟି) ପକ୍ଷରୁ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଶନିବାର ଗ୍ରାମସଭା କରାଯାଇଥିଲା। ଏହି ସଭାରେ ସରପଞ୍ଚଙ୍କ ପ୍ରତିନିଧି ପ୍ରଭାତ କୁମାର ନାୟକ ସଭାପତିତ୍ୱ କରିଥିଲେ। ସାମାଜିକ ସମୀକ୍ଷା ବୈଠକରେ ଏଡିଇଓ ଦୈତାରୀ ସାମଲ, ପିଇଓ ସମାପିକା ମହାନ୍ତି, ସରପଞ୍ଚ ନଳିନୀପ୍ରଭା ନାୟକ ଯୋଗଦେଇଥିଲେ। ଲୋକେ କିଭଳି ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜବ୍ କାର୍ଡର ସୁଫଳ ପାଇବେ, ସେନେଇ ବୈଠକରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଭିଆର୍‌ପି ଭାରତୀ ପ୍ରଧାନ, ଭିଆର୍‌ପି ରଶ୍ମିତା ଜେନା, ଭିଆର୍‌ପି ଅନିତା ସ୍ୱାଇଁ ସହଯୋଗ କରିଥିଲେ। ସ୍ଥାନୀୟ ଗ୍ରାମବାସୀ ଗ୍ରାମସଭାରେ ସାମିଲ ହୋଇ ସରକାରୀ ଯୋଜନାର ସଫଳତା ନେଇ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।




ସମୀକ୍ଷା ବୈଠକରେ ସାମାଜିକ ସଚେତନତା କରାଯାଉଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଶ୍ରୀକାନ୍ତ



@ ଅମୂଲ୍ୟ



@ ମିତାଲି



@ ଅଭୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରଥଯାତ୍ରା ପାଳନ ପରମ୍ପରା ପରିବର୍ତ୍ତନ କରନ୍ତୁ ନାହିଁ

## ଇସ୍କନ ପକ୍ଷରୁ ଲଣ୍ଡନରେ ପୁଣି ଅଦିନିଆ ରଥଯାତ୍ରା

### ବିଭିନ୍ନ ମହଲରେ ଅସନ୍ତୋଷ

ପୁରୀ,୧୭।୫(ଅଜିତ୍ କୁମାର ମହାନ୍ତି)

ଇସ୍କନ ସଂସ୍ଥା ପକ୍ଷରୁ ଲଣ୍ଡନଠାରେ ଅଦିନିଆ ରଥଯାତ୍ରା ଆୟୋଜନକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖିବାକୁ ମିଳିଛି। ରବିବାର ଲଣ୍ଡନର ଚେମସ୍ ଫୋର୍ଡଠାରେ ଇସ୍କନ ପକ୍ଷରୁ ରଥଯାତ୍ରା ଆୟୋଜନ କରାଯାଇଛି। ଏତିକି ନୁହେଁ, ଜୁଲାଇ ମାସରେ ଲଣ୍ଡନର ଅନ୍ୟ ଏକ ସହରରେ ଇସ୍କନ ପକ୍ଷରୁ ରଥଯାତ୍ରା ଆୟୋଜନ ନେଇ ସୂଚନା ଦିଆଯାଇଛି। ଜୁଲାଇ ୬ ତାରିଖରେ ସ୍ନାନଯାତ୍ରା ଅନୁଷ୍ଠିତ ହେବାକୁ ଥିବାବେଳେ ଜୁଲାଇ ୨୦ ତାରିଖ ରବିବାର ରଥଯାତ୍ରା ଆୟୋଜନ ହେବ ବୋଲି ଦର୍ଶାଯାଇଛି। ଏପରି କାର୍ଯ୍ୟକୁ ସେବାୟତଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ମହଲରେ ଅସନ୍ତୋଷ ବ୍ୟକ୍ତ କରିବା ସହ ଏନେଇ ଏକ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି କରାଯାଇଛି। ଇସ୍କନ୍ ଧର୍ମାବଲମ୍ବୀ ୟୁଟ୍ୟୁବର ଗୋବିନ୍ଦ କ୍ରିଷ୍ଣା ଦାସଙ୍କ ଫେସବୁକ୍ ଷ୍ଟୋରିରେ ମହାପ୍ରଭୁଙ୍କ ରଥକୁ ନେଇ ବିକୃତ ଚିତ୍ର ରହିଛି। ନନ୍ଦିଘୋଷରେ ବସିଛନ୍ତି ଦେବୀ ସୁଭଦ୍ରା। ଦେବଦଳନରେ ବଳଭଦ୍ର ଓ ତାଳଧ୍ୱଜରେ ମହାପ୍ରଭୁ ଜଗନ୍ନାଥ ବସିଥିବାର ଚିତ୍ର ଥିବା ପୋଷ୍ଟର୍ ୟୁଟ୍ୟୁବର୍ ଦାସ ନିଜ ଷ୍ଟୋରିରେ ରଖିଛନ୍ତି। ଏଥିରେ ଚେମସଫୋର୍ଡରେ ହେବାକୁ ଥିବା ପ୍ରଥମ ରଥଯାତ୍ରାକୁ ନେଇ ସୂଚନା ରହିଛି। ବିଦେଶରେ ଇସ୍କନର ମନମାନି ଏବେ ଭାରତ ବର୍ଷରେ ଇସ୍କନ ପାଇଁ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। ଏହାକୁ ନେଇ ଆଇନଗତ ପଦକ୍ଷେପ ନେବାକୁ ଦାବି କରିଛନ୍ତି ଶ୍ରୀମନ୍ଦିର ସେବକ।

ବରିଷ୍ଠ ସେବାୟତ ଗୌରହରି ପ୍ରଧାନ କହିଛନ୍ତି, ଇସ୍କନ ବାରମ୍ବାର ମନମାନି କରି ଅଦିନରେ ରଥଯାତ୍ରା ଆୟୋଜନ କରୁଛି। ପରମ୍ପରା ଅନୁଯାୟୀ ଆଷାଢ଼ ମାସରେ ରଥଯାତ୍ରା ତିଥିରେ କରାଯାଇଥାଏ। ଇସ୍କନ ମନଇଚ୍ଛା ରଥଯାତ୍ରା କରୁଛି। ଏନେଇ ପୂର୍ବରୁ ଗଜପତି ମହାରାଜ ଇସ୍କନକୁ ଚିଠି ଲେଖି ଏଥିରୁ ବାରଣ ରହିବା ପାଇଁ କହିଥିଲେ। ପୁଣିଥରେ ଇସ୍କନ ଅଦିନିଆ ରଥଯାତ୍ରା କରିବାକୁ ଯାଉଛି। ତେଣୁ ଇସ୍କନ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜଗନ୍ନାଥପ୍ରେମୀ ଦାବି କରିଛନ୍ତି।

ହଜୁରୀ କୃଷ୍ଣଚନ୍ଦ୍ର ଖୁଣ୍ଟିଆ କହିଛନ୍ତି, ଇସ୍କନ ଏଭଳି ମନଇଚ୍ଛା କାମ କରୁଥିଲେ ସୁଦ୍ଧା କାହା କଥା ଶୁଣୁନାହାନ୍ତି। ସରକାର ଏଥିରେ ହସ୍ତକ୍ଷେପ କରନ୍ତୁ। ଯଦି ଏପରି ଜଗନ୍ନାଥ ସଂସ୍କୃତିକୁ ଅପମାନ କରାଯାଏ, ତେବେ ଆଗାମୀ ଦିନରେ ନିଆଁ ଜଳିବ। ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିବା ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଟୁଇଟ୍ କରି ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ଇସ୍କନ ପକ୍ଷରୁ ଜୁଲାଇ ମାସରେ ଲଣ୍ଡନରେ ମହାପ୍ରଭୁଙ୍କ ରଥ ଏବଂ ସ୍ନାନ ଯାତ୍ରା ଆୟୋଜନ କରାଯାଉଛି। ଆୟୋଜକଙ୍କୁ ମୋର ବିନମ୍ର ଅନୁରୋଧ, ଦୟାକରି ମହାପ୍ରଭୁଙ୍କ ସହିତ ଜଡ଼ିତ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଧାର୍ମିକ କାର୍ଯ୍ୟକ୍ରମ ରଥଯାତ୍ରା ପାଳନ କରିବାର ପରମ୍ପରାକୁ ପରିବର୍ତ୍ତନ କରନ୍ତୁ ନାହିଁ। ସାରା ବିଶ୍ୱରେ ଗୋଟିଏ ଦିନରେ ପବିତ୍ର ରଥଯାତ୍ରା ପାଳନ କରିବା ଦ୍ୱାରା ଏହାର ବିଶ୍ୱବ୍ୟାପୀ ଗୁରୁତ୍ୱ ବୃଦ୍ଧି ପାଇବ। ତେଣୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦୟାକରି ଏହି ବିଷୟ ଉପରେ ଦୃଷ୍ଟି ଦିଅନ୍ତୁ ବୋଲି ପଟ୍ଟନାୟକ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି। ଉକ୍ତ ଘଟଣାରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଉଦ୍‌ବେଗ ପ୍ରକାଶ କରି କହିଛନ୍ତି, ଅଦିନିଆ ରଥଯାତ୍ରାକୁ ନେଇ ପୂର୍ବରୁ ଗଜପତିଙ୍କ ଅଧ୍ୟକ୍ଷତାରେ ବୈଠକ କରାଯାଇ ଚିଠି କରାଯାଇଥିଲା। ତେଣୁ ଇସ୍କନର ମନମାନି ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ବୈଠକରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ସହ ସେବାୟତ ଓ ଅନ୍ୟମାନେ।

## ନକଲି ପାଣି ପାଉଚ୍ ପ୍ଲାଣ୍ଟରେ ଚଢ଼ାଉ

### ୧୦ ହଜାର ଟଙ୍କା ଜରିମାନା ଆଦାୟ

ଟାଙ୍ଗୀ,୧୭।୫(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ନାରୁଣୀ ଥାନା ଅଧୀନ ଗୋରଡ଼ାଝରି ଗ୍ରାମରେ ଥିବା ଏକ ନକଲି ପାଣି ପାଉଚ ପ୍ଲାଣ୍ଟରେ ଶନିବାର ଟାଙ୍ଗୀ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ପକ୍ଷରୁ ଚଢ଼ାଉ କରାଯାଇଛି। ଚଢ଼ାଉ ବେଳେ ବହୁ ପାଣି ପାଉଚ୍ ଜବତ କରାଯାଇ ନଷ୍ଟ କରାଯିବା ସହ ୧୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

ପ୍ରକାଶ ଯେ, ଅଞ୍ଚଳର ବିଭିନ୍ନ ସ୍ଥାନରେ ନକଲି ପାଣି ପ୍ୟାକ୍ କରାଯାଇ ବଜାରକୁ ସ୍ୱଳ୍ପ ମୂଲ୍ୟରେ ପାଣି ପାଉଚ ଓ ବୋତଲ ବିକ୍ରି ପାଇଁ ଆସୁଛି। ଟାଙ୍ଗୀ, ଚାନ୍ଦପୁର, କାଳୁପଡ଼ା, ଚଣ୍ଡେଶ୍ୱର, କୁହୁଡ଼ି, ସୋରଣ, ନାରୁଣୀ ଆଦି ଅଞ୍ଚଳରେ ଥିବା ବିଭିନ୍ନ ଦୋକାନରେ ଏହି ପାଣି ପାଉଚ ଓ ବୋତଲ ବିକ୍ରି ହେଉଛି। ଏହି ପାଣିର ମାନ ପରୀକ୍ଷା କରାଯାଉ ନାହିଁ। ଫଳରେ ଲୋକେ ଏହି ପାଣି ପିଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଅନ୍ୟପଟେ ବଜାରରେ ଥିବା ଦୋକାନରେ ଯାଞ୍ଚ ସମୟରେ ଧରାପଡ଼ିଲେ କେବଳ ଜରିମାନା ଆଦାୟ କରାଯାଉଥିବା ବେଳେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଫଳରେ ନକଲି ପାଣି ବୋତଲ ଏବଂ ପାଉଚ୍ ବିକ୍ରି ବଢ଼ିଚାଲିଛି। ଗୋରଡ଼ାଝରି ଗ୍ରାମରେ ଥିବା ନକଲି ପାଣି ପାଉଚ ପ୍ଲାଣ୍ଟରେ ହୋଇଥିବା ଚଢ଼ାଉରେ ଖାଦ୍ୟ ସୁରକ୍ଷା ଅଧିକାରୀ ଦେବାଶିଷ ବଳଙ୍କ ସମେତ ୩ଜଣ କର୍ମଚାରୀ ସାମିଲ ଥିଲେ। ଖାଦ୍ୟ ସୁରକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ସହ ନକଲି ପାଣି ପାଉଚ ବିକ୍ରି କରୁଥିବା ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

## ନନ୍ଦନକାନନରେ ଆସାମ ମାଙ୍କଡ଼ ମୃତ

ତ୍ରିଶୂଳିଆ,୧୭।୫ (ତୁଷାରକାନ୍ତ ବେହେରା)

ନନ୍ଦନକାନନ ପ୍ରାଣୀ ଉଦ୍ୟାନର କ୍ୱାରେଣ୍ଟାଇନରେ ରହୁଥିବା ଏକ ଆସାମରୁ ଆସିଥିବା ମାଙ୍କଡ଼ର ଶୁକ୍ରବାର ରାତିରେ ମୃତ୍ୟୁ ଘଟିଛି। ମାଙ୍କଡ଼ଟି ଦୀର୍ଘଦିନ ହେବ ବିଭିନ୍ନ ରୋଗରେ ପୀଡ଼ିତ ଥିଲା। ନନ୍ଦନକାନନ ଚିକିତ୍ସକ ତା'ର ଚିକିତ୍ସା କରୁଥିଲେ ମଧ୍ୟ ସ୍ୱାସ୍ଥ୍ୟରେ କୌଣସି ଉନ୍ନତି ପରିଲକ୍ଷିତ ହୋଇ ନ ଥିଲା। ଶେଷରେ ଶନିବାର ମାଙ୍କଡ଼ଟିର ମୃତ୍ୟୁ ଘଟିଛି ବୋଲି ନନ୍ଦନକାନନ ଚିକିତ୍ସାଳୟର ଜଣେ ଚିକିତ୍ସକ କହିଛନ୍ତି। ସେହିପରି ସରୀସୃପ ଉଦ୍ୟାନରେ ଏକ ସାପର ମୃତ୍ୟୁ ଘଟିଥିବା ଜଣାପଡ଼ିଛି।





ବିହାର ଗସ୍ତବେଳେ ରାହୁଲ ଗାନ୍ଧୀଙ୍କ ନାମରେ ଏତଲାକୁ ବିରୋଧ କରି ଛାତ୍ରକଂଗ୍ରେସ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ଓ କୁଶପୁତ୍ତଳିକା ଦାହ କରାଯାଉଛି।


ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର
Housing & Urban Development Department, Govt. of Odisha
ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ
OFFICE OF THE PARADEEP MUNICIPALITY, PARADEEP
ସ୍ଥାନ–ପାରାଦ୍ୱୀପ, ଜିଲ୍ଲା–ଜଗତସିଂହପୁର, ୭୫୪୧୪୨
At/Po.-Paradeep, Dist.-Jagatsinghpur (Odisha), Pin-754142

No.C-345
e-Procurement Notice

Tender Call Notice No. : 1980/dt.14.05.2025
Bid Identification No. : EO/PDPM/W_01/2025-26
Tender ID : 2025_ORULB_113460
Nature of Works : Civil Works
Number of Works : 130
Tender Value : ₹ 1.92 lakh to ₹ 16.95 lakh
Available Period : Dt.19.05.2025 from 10:00 hrs to Dt.31.05.2025 17:00 hrs
Tender Opening Date : Dt.02.06.2025 at 11:00 A.M.

Bidders are requested to read the NIT & DTCN at www.tendersodisha.gov.in carefully and participate with their Supplier/ Manufacturer/license with valid Registration Certificate before the closing date.

Sd./- Executive Officer
Paradeep Municipality
OIPR-13120/11/0042/2526



ଓଡ଼ିଶା ସରକାର
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

No.T-:ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀ ଆସନ୍ତା ତା୧୯.୦୫.୨୦୨୫ ରିଖ (ସୋମବାର) ଦିନ ସକାଳ ୮ ଘଟିକାରୁ ୟୁନିଟ-୨, ଅଶୋକ ନଗର, ଭୁବନେଶ୍ୱରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ ।

ଏହି ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ କରିଥିବା ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ । ଉପରୋକ୍ତ ସ୍ଥାନକୁ ଆସିବା ପାଇଁ ନିମ୍ନ ପ୍ରଦର୍ଶିତ QR କୋଡ୍‌କୁ ମୋବାଇଲ ଫୋନ ଦ୍ୱାରା ସ୍କାନ୍ କରି ଗୁଗୁଲ ମ୍ୟାପ୍ ସାହାଯ୍ୟରେ ଜନଶୁଣାଣି ସ୍ଥଳରେ ପହଞ୍ଚିପାରିବେ ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ
ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0121/2526


# ରାଜଧାନୀରେ ନକଲି ମଦ





ଜବତ ହୋଇଥିବା ବିପୁଳ ମଦ ଓ ଅନ୍ୟାନ୍ୟ ସାମଗ୍ରୀ ଏବଂ ଗିରଫ ଅଭିଯୁକ୍ତ ସଞ୍ଜୟ ଭୋଇ।

## ୨ ଲକ୍ଷ ଟଙ୍କାର ମଦ ଜବତ, ଦୋକାନ ମାଲିକ ଗିରଫ

ଭୁବନେଶ୍ୱର, ୧୭।୫ (ଅନୁରାଧା ମହାରଣା)

ରାଜଧାନୀ ଉପକଣ୍ଠ ବାଲିଅନ୍ତା ତଳଗଡାରେ ବେଆଇନ ଭାବେ ଚାଲିଥିବା ନକଲି ମଦ ଦୋକାନ ଉପରେ ଶନିବାର ଅବକାରୀ ବିଭାଗ ଚଢ଼ାଉ କରିଛି। ଏଥିସହ ଦୋକାନ ମାଲିକ ବାଲିଅନ୍ତାର ସଞ୍ଜୟ ଭୋଇଙ୍କୁ ଗିରଫ କରିବା ସହ ପ୍ରାୟ ୨ ଲକ୍ଷ ଟଙ୍କାର ମଦ ଜବତ କରାଯାଇଛି। ସୂଚନା ଥାଉକି, ଏହି ଦୋକାନରେ ବିଭିନ୍ନ କମ୍ପାନୀର ନକଲି ମଦ ବିକ୍ରି ହେଉଥିଲା। ସରକାରୀ ପଞ୍ଜୀକୃତ ଦୋକାନ ବୋଲି ମାଲିକ କହୁଥିଲେ। ଅସଲି ମଦ ଦୋକାନ ଭାବି ଲୋକେ ପହଞ୍ଚି ଯାଉଥିଲେ। ଲାଇସେନ୍ସ ନ ଥାଇ ମଦ ବିକ୍ରି କରାଯାଉଥିବା ଅବକାରୀ ଦଳ ବିଶେଷ ସୂତ୍ରରୁ ଖବର ପାଇଥିଲା। ଅତର୍କିତ ଚଢ଼ାଉ କରି ଦୋକାନ ମାଲିକଙ୍କୁ ଗିରଫ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିକ୍ରି ପାଇଁ ଅଭିଯୁକ୍ତ ଉକ୍ତ ମଦ କେଉଁଠୁ କିଣୁଥିଲେ ସେନେଇ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ତେବେ ପ୍ରାରମ୍ଭିକ ତଦନ୍ତ ସୂଚନାନୁସାରେ, ସରକାରୀ ଅନୁମତିପ୍ରାପ୍ତ ଦୋକାନ ଭଳି ଡିପ୍ ଫ୍ରିଜ୍‌ରେ ଅଭିଯୁକ୍ତ ସଞ୍ଜୟ ମଦ ରଖି ବିକ୍ରି କରୁଥିଲେ। ସମସ୍ତ ମଦକୁ ଅବକାରୀ ବିଭାଗ ଜବତ କରିଛି। ସେହିପରି ଅବକାରୀ ବିଭାଗ ଭରତପୁର ଥାନା ଫୁଲେଶ୍ୱରୀ ବସ୍ତିରେ ଚଢ଼ାଉ କରି ଦେଶୀ ମଦ ଜବତ କରିଛି। ଏଥିରେ ସମ୍ପୃକ୍ତ ନିଶା ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଦେଶୀ ମଦ କାରବାରରେ ବ୍ୟବହୃତ ଏକ କାରକୁ ମଧ୍ୟ ଅବକାରୀ ବିଭାଗ ଜବତ କରିଛି।


GOVERNMENT OF ODISHA Email ID-ccerwcrayagada@gmail.com
OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, RAYAGADA
Letter No.912, / Date:15.05.2025
1st Corrigendum

No.O-171:In Continuation to this office bid identification No.NCB-06/RWCRGDA/2025-26 invited vide this office letter No.539 dated 11.04.2025 partial modification of TCN has been made as follows:

| Sl. No. | Item | Time Schedule as per Original TCN | Time Schedule as per Corrigendum Notice |
|---|---|---|---|
| 1 | Availability of tender online for bidding | Dt.25.04.2025 at 11.00 AM to Dt.16.05.2025 upto 5.00 PM | Extended upto 5.00 PM of 06.06.2025 |
| 2 | Date & Time of seeking tender clarification if any | Dt.15.05.2025 Upto 5.00 PM | Dt.05.06.2025 Upto 5.00 PM |
| 3 | Date & Time of opening of tender (Technical Bid) | Dt.17.05.2025 At 11.00 A.M. | Dt.09.06.2025, At 11.00 A.M. |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms & conditions will remain unchanged.
OIPR-25196/11/0013/2526
Sd./- Chief Construction Engineer, Rural Works Circle, Rayagada



BRAHMAPUR DEVELOPMENT AUTHORITY
Court Road, Courtpeta, Brahmapur, Ganjam, Odisha, PIN-760004
www.bdabrahmapur.in, e-mail: bedaengineers@gmail.com; Phone No.0680 2292797
NATIONAL COMPETITIVE BIDDING THROUGH e-PROCUREMENT
No.CAD-442
Invitation for Bids (IFB)
No. 176/BeDA (Engg.), Dt.16.05.2025

| Sl No. | Name of work | Bid Identification No. | Estimated Cost (Rs. in Lakh) | Class of Contractor | Period of Completion | Availability of Bid Document for Online Bidding | | Name & Address of Officer Inviting Bid |
|---|---|---|---|---|---|---|---|---|
| | | | | | | From | To | |
| 1 | Infrastructure Development of Waer Sports Complex at Sonapur, Ganjam | EM-BeDA-12/2025-26 | 244.48 | "B" Class or Equivalent | 09 (Nine) Calendar Months | 19.05.2025 10.00 Hours | 09.06.2025 17.30 Hours | Engineer Member, Brahmapur Development Authority, Courtpeta, Brahmapur, 760004 |
| 2 | Infrastructure at Sea Beaches for easy access to the differently abled people at Gopalpur, Ganjam | EM-BeDA-13/2025-26 | 21.18 | "C" Class or Equivalent | 06 (Six) Calendar Months | 19.05.2025 10.00 Hours | 09.06.2025 17.30 Hours | |

- All Corrigendum and addendum shall be published in official website only.
- The Bidder shall have to participate in ONLINE bidding only.
- Late date for seeking clarification - Dt.30.05.2025 upto 17.30 hours.
- Further details can be seen from the e-Procurement portal www.tendersodisha.gov.in and www.bdabrahmapur.in.
- Tender shall be opened online on Dt.10.06.2025 at 11 hours.

OIPR-13086/11/0006/2526
Sd./- ENGINEER MEMBER, Brahmapur Development Authority, Brahmapur



DISTRICT EDUCATION OFFICE, SAMBALPUR
(DISTRICT PROJECT MANAGEMENT UNIT, PM Poshan)
No. 4112/PM POSHAN (MDM) Dt.16/05/2025
SHORT TENDER CALL NOTICE

**No.n-48** : Sealed tenders are invited in the prescribed format from the intending **individual / firm/** Transport Contractor(s) / **Agents** having agent's license for transportation of foodstuff(rice) under PM Poshan feeding programme from OSCSC RRC **godowns i.e. A.Katapali, Nuakhurigaon, Kuchinda & Rairakhol** of the district **to different school points** of Sambalpur District without transit for **3rd & 4th qtr of 2025-26**. The detailed tender papers and documents can be obtained from the District Project Management Unit, PM Poshan (MDM), which is functioning in the Office of the District Education Officer, Sambalpur on payment of **Rs.500/-** (Rupees Five Hundred) only (non-refundable) in shape of Demand Draft in favour of the **"District Education Officer-cum-District Nodal Officer, District Project Management Unit, PM Poshan(MDM), Sambalpur"** payable at Sambalpur. The details of the Tender Call Notice and other documents are also available in Office website http://sambalpur.odisha.gov.in of Sambalpur District.

Date of commencement of sale of Tender Document : Dt.17.05.2025
Last date of sale of Tender Document : Dt.31.05.2025
Last date & time of Receipt of Tender Documents : Dt.03.06.2025 (1 P.M.)
Date & Time of Opening of Tender Docuemnts : Intimated Later on

Notwithstanding anything contained to the contrary in the tender document, the undersigned reserves the right to cancel/modify the "invitation for Bids" or to reject any or all of the bids or cancel the entire tender process without assigning any reason thereof and shall bear no liability whatsoever consequent upon such a decision.

Sd./- District Education Officer
Sambalpur
OIPR-15013/11/0051/2526

# ସନ୍ଧ୍ୟାରେ ଶୁଣାଣି ପାଇଁ ନ୍ୟାୟ ମନ୍ତ୍ରଣାଳୟର ଗୁରୁତ୍ୱ

ଭୁବନେଶ୍ୱର,୧୭।୫ (ରବିନାରାୟଣ ଜେନା)

ଲୋକଙ୍କୁ କିଭଳି ତ୍ୱରିତ ନ୍ୟାୟ ମିଳିବ ସେଥିପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି । ଆଗାମୀ ଦିନରେ ସନ୍ଧ୍ୟାରେ ଶୁଣାଣି କରିବା ପାଇଁ କେନ୍ଦ୍ର ସରକାରଙ୍କ ନ୍ୟାୟ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟକୁ ଅବଗତ କରାଯାଇଛି। ନ୍ୟାୟିକ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ କୋର୍ଟଗୁଡ଼ିକରେ ନ୍ୟାୟ ଶ୍ରୁତି, ଇ-ସାକ୍ଷ୍ୟ, ଇ-ସମନ୍ ଭଳି ବ୍ୟବସ୍ଥା ଲାଗୁ କରାଯାଇଥିଲା।

ଏବେ ନୂଆ ଆଇନ ଅନୁସାରେ ଏହି ବ୍ୟବସ୍ଥାଗୁଡ଼ିକର ଅଗ୍ରଗତି ଏବଂ ଅନ୍ୟାନ୍ୟ ନ୍ୟାୟିକ ବ୍ୟବସ୍ଥାରେ ଡିଜିଟାଲ ଅଗ୍ରଗତି ନେଇ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ସମୀକ୍ଷା ବୈଠକ ଡାକିଛନ୍ତି। ଆସନ୍ତା ୨୦ ତାରିଖ ଅପରାହ୍ନ ୪ଟାରେ ଏହି ବୈଠକରେ ଯୋଗଦେବାକୁ କେନ୍ଦ୍ର ଆଇନ ବିଭାଗ ଉପ ସଚିବ ଗୌରବ କୁମାର ତ୍ରିପାଠୀ ସବୁ ରାଜ୍ୟର ଆଇନ ସଚିବମାନଙ୍କୁ ଚିଠି ଲେଖିଛନ୍ତି। ଏହାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ଆରମ୍ଭ ହୋଇଛି ।

ସୂଚନା ଅନୁଯାୟୀ, ନ୍ୟାୟ ଶ୍ରୁତି, ଇ-ସାକ୍ଷ୍ୟ, ଇ-ସମନ୍ ଓ ସାମୁଦାୟିକ ସେବା ନିୟମାବଳୀ ଏବଂ ଇଭନିଂ କୋର୍ଟ

### ନ୍ୟାୟିକ ବ୍ୟବସ୍ଥାରେ ଡିଜିଟାଲ ଅଗ୍ରଗତି ସମୀକ୍ଷା

ପାଇଁ ହାଇକୋର୍ଟ ଏବଂ ରାଜ୍ୟଗୁଡ଼ିକଠାରୁ ହସ୍ତଗତ ପରାମର୍ଶ ସମ୍ପର୍କରେ ଏହି ବୈଠକରେ ଆଲୋଚନା ହେବ। ଏପ୍ରିଲ ୨ରେ କେନ୍ଦ୍ର ଆଇନ ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏନେଇ ରାଜ୍ୟଗୁଡ଼ିକଠାରୁ ପରାମର୍ଶ ଲୋଡ଼ାଯାଇଥିଲା। ଇତିମଧ୍ୟରେ ବହୁ ରାଜ୍ୟରୁ ପ୍ରସ୍ତାବ ହସ୍ତଗତ ହୋଇଛି। ଆଗାମୀ ବୈଠକରେ ଉଚ୍ଚ ନ୍ୟାୟାଳୟ, ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ସରକାରଙ୍କଠାରୁ ପ୍ରାପ୍ତ ପରାମର୍ଶଗୁଡ଼ିର ସମୀକ୍ଷା ହେବ। ଏହି ବୈଠକରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ଦ୍ୱାରା ନିୟମାବଳୀ ଅଧିସୂଚନାର ଅଗ୍ରଗତି, ତାହାର କାର୍ଯ୍ୟାନ୍ୱୟନରେ ସମ୍ମୁଖୀନ ହେଉଥିବା ଚ୍ୟାଲେଞ୍ଜ ଏବଂ ସନ୍ଧ୍ୟା ଅଦାଲତ ପାଇଁ ପ୍ରସ୍ତାବିତ ଯୋଜନା ଉପରେ ଆଲୋଚନା କରାଯିବ। କେନ୍ଦ୍ର ନ୍ୟାୟ ବିଭାଗ ଏହି ବୈଠକରେ ସମସ୍ତ ରାଜ୍ୟକୁ ସକ୍ରିୟ ଅଂଶଗ୍ରହଣ ପାଇଁ ଆହ୍ୱାନ କରିଛି। ଏହା ନ୍ୟାୟ ବ୍ୟବସ୍ଥାରେ ଡିଜିଟାଲ ଓ ସାମୁଦାୟିକ ସଂସ୍କାରକୁ ଆଗେଇନେବାରେ ସହାୟକ ହେବ ବୋଲି ଚିଠିରେ କୁହାଯାଇଛି।



ଏନ୍‌ସିସି ନିର୍ଦ୍ଦେଶାଳୟ ପକ୍ଷରୁ ଓୟୁଏଟିଠାରେ ଶନିବାର ଆୟୋଜିତ ରାଜ୍ୟସ୍ତରୀୟ କର୍ମଶାଳା 'ଏନ୍‌ସିସି-ଏ ଫୋର୍ସ ମଲ୍ଟିପ୍ଲାଏର ଇନ୍ ନେଶନ ବିଲ୍ଡିଂ'କୁ ଉଦ୍‌ଘାଟନ କରିବା ଅବସରରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଉଛି।

# ପ୍ରାକ୍ଟିକାଲ ପରୀକ୍ଷାରେ ୧୨ ଛାତ୍ରୀଙ୍କୁ ପ୍ରଫେସରଙ୍କ ଅସଦାଚରଣ

ରୁର୍କୀ,୧୭।୫

ରୁର୍କୀର ସରକାରୀ କଲେଜରେ ଫିଜିକ୍ସ ପ୍ରାକ୍ଟିକାଲ ପରୀକ୍ଷା ବେଳେ ଜଣେ ଆସିଷ୍ଟାଣ୍ଟ ପ୍ରଫେସର ୧୨ ଜଣ ଅଣ୍ଡରଗ୍ରାଜୁଏଟ୍ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ଗିରଫ ହୋଇଛନ୍ତି। ଅଭିଯୁକ୍ତ ଆସିଷ୍ଟାଣ୍ଟ ପ୍ରଫେସର ଅବଦୁଲ ଅଲିମ୍ ଅନସାରି (୪୪)ଙ୍କୁ ହରିଦ୍ୱାରର ରୁର୍କୀସ୍ଥିତ କେଏଲ୍‌ଡିଏଭି ପିଜି କଲେଜରେ ଏକ୍ସଟରନାଲ ଏକ୍ସାମିନର ଭାବେ ନିୟୋଜିତ କରାଯାଇଥିଲା। ଅଭିଯୋଗ ଆଧାରରେ ଗୁରୁବାର ତାଙ୍କୁ ଗିରଫ କରାଯାଇ ଶୁକ୍ରବାର କୋର୍ଟରେ ହାଜର କରାଯାଇଥିଲା। ତାଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ିଦେବା ପାଇଁ ଅଦାଲତ ପୋଲିସକୁ ନିର୍ଦ୍ଦେଶ ଦେବା ସହ ଆପରାଧିକ ମାମଲା ଚଳାଇବା ପାଇଁ କହିଛନ୍ତି। ଏଥିରେ ଦୋଷୀସାବ୍ୟସ୍ତ ହେଲେ ତାଙ୍କୁ ୭ ବର୍ଷରୁ କମ୍ ଜେଲଦଣ୍ଡାଦେଶ ମିଳିପାରେ। ଅଭିଯୋଗ ଅନୁଯାୟୀ, ଅନ୍‌ସାରୀ ବି.ଏସ୍‌ସି. ଚତୁର୍ଥ ସେମିଷ୍ଟର ଛାତ୍ରୀମାନଙ୍କୁ ମୌଖିକ ପରୀକ୍ଷା ପାଇଁ ଏକ ରୁଦ୍ଧଦ୍ୱାର କୋଠରିକୁ ଡାକିଥିଲେ। ସେଠାରେ ସେ ଛାତ୍ରୀମାନଙ୍କୁ ଅନୁପଯୁକ୍ତ ଭାବେ ସ୍ପର୍ଶ କରିବା ସହ ସେମାନଙ୍କ ପଛପାର୍ଶ୍ୱ, ଛାତି ଓ ଗାଲରେ ହାତ ରଖିଥିଲେ ଏବଂ ଅଣ୍ଟାଳିବାକୁ ଉଦ୍ୟମ କରିଥିଲେ ବୋଲି ଅଭିଯୋଗ ହୋଇଛି। ପରେ ସେମାନେ ପରସ୍ପର ମଧ୍ୟରେ କଥା ହେଲା ବେଳେ ୧୨ ଜଣଙ୍କ ପ୍ରତି ଏଭଳି ଆଚରଣ ହୋଇଥିବା ଜଣାପଡ଼ିଥିଲା। ଏପରିକି ଅନ୍‌ସାରି ଜଣେ ଛାତ୍ରୀଙ୍କୁ ଫୋନ୍ କରିବାକୁ କହି ନିଜ ଫୋନ୍ ନମ୍ବର ତାଙ୍କ ହାତରେ ଲେଖିଥିଲେ। ଛାତ୍ରୀମାନେ ଏନେଇ କଲେଜ ପ୍ରଶାସନକୁ ଜଣାଇବା ସହ କ୍ୟାମ୍ପସ୍‌ରେ ବିକ୍ଷୋଭ କରିବାରୁ ସ୍ଥାନୀୟ ଥାନାରେ ଆନୁଷ୍ଠାନିକ ଭାବେ ଅଭିଯୋଗ ଦାଏର ହୋଇଥିଲା।

# ତପସ୍ୱିନୀ ଏକ୍ସପ୍ରେସ୍‌କୁ ପଥରମାଡ଼, ଭାଙ୍ଗିଲା କାଚ

ସମ୍ବଲପୁର,୧୭।୫(ପ୍ରମୋଦ ବହିଦାର)

ସମ୍ବଲପୁର-ଝାରସୁଗୁଡ଼ା ମଧ୍ୟସ୍ଥ ବୃନ୍ଦାମାଲ ଷ୍ଟେଶନ ନିକଟରେ ଶନିବାର ଭୋର ୪ଟାରେ ପୁରୀ-ହାଟିଆ ତପସ୍ୱିନୀ ଏକ୍ସପ୍ରେସ୍‌କୁ ପଥର ମାଡ଼ ହୋଇଛି। ଏଥିରେ ଟ୍ରେନ୍‌ର ବି-୭ ବାତାନୁକୂଳିତ ବଗିର ୧୫ ନମ୍ବର ବର୍ଥରେ ଥିବା ଝରକା କାଚ ଭାଙ୍ଗି ଯାଇଛି। ସୌଭାଗ୍ୟବଶତଃ ଉକ୍ତ ବର୍ଥରେ ଯାତ୍ରା କରୁଥିବା ଜଗଦୀଶ ଚନ୍ଦ୍ର ମହାନନ୍ଦ ନାମକ ଜଣେ ଯାତ୍ରୀ ବର୍ତ୍ତି ଯାଇଛନ୍ତି। ସେ ଭୁବନେଶ୍ୱରରୁ ଝାରସୁଗୁଡ଼ା ଯାଉଥିଲେ। ଝାରସୁଗୁଡ଼ା ନିକଟତର ହେବାରୁ ରେଙ୍ଗାଲି ଛାଡ଼ିଲା ପରେ ସେ ନିଦରୁ ଉଠି ବର୍ଥର ଗୋଟିଏ ପାର୍ଶ୍ୱରେ ବସିଥିଲେ। ଏହି ସମୟରେ ଝରକା କାଚରେ ପଥର ବାଜିବା ଶବ୍ଦରେ ସେ ଚମକି ପଡ଼ି ଥିଲେ। ପଥର ମାଡ଼ରେ ଝରକା କାଚ ଭାଙ୍ଗି ସିଟ୍‌ରେ ପଡ଼ିଥିଲା। ଏହି ଶବ୍ଦରେ ଉକ୍ତ ବଗିରେ ଶୋଇଥିବା ଅନ୍ୟ ଯାତ୍ରୀମାନେ ଉଠି ପଡିଥିଲେ। ଖବର ପାଇ ଟ୍ରେନ୍‌ରେ ଯାତ୍ରା କରୁଥିବା ଟିଟି ଓ ରେଳ ସୁରକ୍ଷାବଳ(ଆର୍‌ପିଏଫ୍) କର୍ମଚାରୀ ଉକ୍ତ ବଗିକୁ ଆସି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଏକ୍ସପ୍ରେସ ଝାରସୁଗୁଡ଼ା ଷ୍ଟେଶନରେ ପହଞ୍ଚିଲା ପରେ ଝାରସୁଗୁଡ଼ା ରେଳବାଇ ପୋଲିସ(ଜିଆର୍‌ପି)କୁ ଏ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଜିଆର୍‌ପି ଏସ୍‌ଡିପିଓ ରମେଶ ଚନ୍ଦ୍ର ଦାଶ ଷ୍ଟେଶନରେ ପହଞ୍ଚି ଉକ୍ତ ଟ୍ରେନ୍‌ରୁ ଓହ୍ଲାଇଥିବା କେତେକ ଯାତ୍ରୀଙ୍କ ସହ କଥାବାର୍ତ୍ତା କରି ଘଟଣା ସମ୍ପର୍କରେ ଅବଗତ ହୋଇଥିଲେ। ଏହାପରେ ସେ ବୃନ୍ଦାମାଲ ଆସି ବୃନ୍ଦାମାଲ ଜିଆର୍‌ପି ଥାନା ଆଇଆଇସି ଅନସୂୟା ନାୟକ ଓ ଅନ୍ୟ କର୍ମଚାରୀଙ୍କ ସହିତ କ୍ଷେତ୍ର ପରିଦର୍ଶନ କରିଥିଲେ। ତେବେ ପଥରମାଡ଼ର କାରଣ ସ୍ପଷ୍ଟ



ତପସ୍ୱିନୀ ଏକ୍ସପ୍ରେସ୍‌ର ଭାଙ୍ଗିଥିବା ବାତାନୁକୂଳିତ ବି-୭ ବଗି ଝରକା କାଚ।

### ଜିଆର୍‌ପି ଓ ଆର୍‌ପିଏଫ୍ ସ୍ୱତନ୍ତ୍ର ଦଳର ତଦନ୍ତ

ହୋଇନାହିଁ। ଅପରପକ୍ଷରେ ବୃନ୍ଦାମାଲ ଜିଆରପି ଆଇଆଇସି ନାୟକଙ୍କ ଏତଲା କ୍ରମେ ସମ୍ବଲପୁର ରେଳବାଇ ଥାନାରେ ଏକ ମାମଲା(ନଂ. ୫୬/୨୫)ରୁଜୁ ହୋଇଛି। ଆରପିଏଫ୍ ଓ ଜିଆର୍‌ପି ପକ୍ଷରୁ ମିଳିତ ଭାବେ ଗଠିତ ଏକ ସ୍ୱତନ୍ତ୍ର ଦଳ ଘଟଣାର ତଦନ୍ତ କରୁଛି ବୋଲି ସମ୍ବଲପୁର ରେଳବାଇ ଥାନା ଭାରପ୍ରାପ୍ତ ଅଧିକାରୀ ଚାରୋ ତିର୍କୀ କହିଛନ୍ତି।

ସୂଚନାଯୋଗ୍ୟ, ପୁରୀ-ହାଟିଆ ତପସ୍ୱିନୀ ଏକ୍ସପ୍ରେସ୍ ସମ୍ବଲପୁରରେ କିଛି ସମୟ ରହଣି ପରେ ହାଟିଆ ଅଭିମୁଖେ ବାହାରିଥିଲା। ଟ୍ରେନ୍ ରେଙ୍ଗାଲି ଷ୍ଟେଶନ ଅତିକ୍ରମ କରି ବୃନ୍ଦାମାଲ ଷ୍ଟେସନ ନିକଟତର ହେବାବେଳେ ବାଟରେ କୌଣସି ଦୁର୍ବୃତ୍ତ ପଥର ମାଡ଼ କରିଥିଲେ।

# ଛତିଶଗଡ଼ରୁ ଚିତାବାଘ ଛୁଆ ଭିଡିଓ ଭାଇରାଲ



ଭାଇରାଲ ଭିଡିଓରେ ଚିତା ବାଘଛୁଆ।

ନବରଙ୍ଗପୁର,୧୭।୫
(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ସୀମାନ୍ତ ଛତିଶଗଡ଼ରୁ ଏକ ଚିତା ବାଘ ଛୁଆ ବୁଲୁଥିବା ଭିଡିଓ ଭାଇରାଲ ହୋଇଛି, ଯାହାକୁ ନେଇ ଆଖପାଖ ଓ ସୀମାନ୍ତ ଅଞ୍ଚଳରେ ଲୋକେ ଭୟରେ ଅଛନ୍ତି। ସି.ଟି.ଜେ.ଡବ୍ଲ୍ୟୁ କଲେଜ ଯେଉଁଠାରେ ସୈନିକମାନଙ୍କୁ ଶତ୍ରୁମାନଙ୍କ ସହ କିପରି ଲଢ଼ିବେ ସେ ବିଷୟରେ ତାଲିମ ଦିଆଯାଏ ସେଠାରୁ ଏହି ଭିଡିଓ ଭାଇରାଲ ହେଉଛି। ଉକ୍ତ ଭିଡିଓରେ ଏକ ଚିତାବାଘ ଛୁଆ ବୁଲୁଥିବାର ଦେଖାଯାଉଛି। ଜଙ୍ଗଲୱାର କଲେଜ ଏବଂ ଏହାର ଆଖପାଖରେ ଥିବା ସମସ୍ତ ଅଞ୍ଚଳକୁ ସତର୍କ କରାଯାଇଛି। ଜଙ୍ଗଲୱାର କଲେଜକୁ ଚିତାବାଘ ଭଳି ଅନ୍ୟ ବନ୍ୟ ପ୍ରାଣୀମାନେ ଯିବା ଆସିବା କରୁଛନ୍ତି। ଚିତାବାଘ ଛୁଆଟିର ଭିଡିଓ ଏବେ ସୋସିଆଲ ମିଡିଆରେ ଦ୍ରୁତ ଗତିରେ ଭାଇରାଲ ହେଉଛି।

# ପାହାଡ଼ରେ ପିଟିହେଲା ଗୋରୁ ବୋଝେଇ କଣ୍ଟେନର, ୪୮ ମୃତ

ପଟ୍ଟାଙ୍ଗି,୧୭।୫(ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ଥାନା ଅନ୍ତର୍ଗତ ଯୋଡିମାଦିଲି ଘାଟିରେ ଶନିବାର ଏକ ଗୋରୁ ବୋଝେଇ କଣ୍ଟେନର ଭାରସାମ୍ୟ ହରାଇ ପାହାଡ଼କୁ ଧକ୍କାଦେଇଥିଲା। ଏଥିରେ ୪୮ ଗୋରୁ ମରିଛନ୍ତି। କଣ୍ଟେନରରେ ବେଆଇନ ଭାବେ ଗୋଚାଲାଣ ହେଉଥିବା ସନ୍ଦେହ କରାଯାଉଛି। ଏ ନେଇ ଘଟଣାସ୍ଥଳରେ ଉପସ୍ଥିତ ଅଧିକାରୀଙ୍କୁ ପଚାରିଥିଲେ ମଧ୍ୟ କେହି କୌଣସି ଉତ୍ତର ଦେଇ ନ ଥିଲେ। ସୂଚନା ଅନୁଯାୟୀ, କଣ୍ଟେନର(ଟିଜି-୧୨ଟି-୩୪୫୩) ଛତିଶଗଡ଼ରୁ ଆନ୍ଧ୍ରକୁ ସଂଯୋଗ କରୁଥିବା ଜାତୀୟ ରଜପଥ ଦେଇ ନବରଙ୍ଗପୁରରୁ ଆନ୍ଧ୍ର ଅଭିମୁଖେ ଯାଉଥିଲା। ଏହି ସମୟରେ କଣ୍ଟେନରର ବ୍ରେକ୍ ଫେଲ୍ ହୋଇ ଭାରସାମ୍ୟ ହରାଇ ଘାଟି ରାସ୍ତାର ପାହାଡ଼କୁ ଧକ୍କାଦେଇଥିଲା। ଏଥିରେ ଥିବା ଶତାଧିକ ଗୋରୁ ମଧ୍ୟରୁ ଘଟଣାସ୍ଥଳରେ ୪୮ଟି ମରିଥିଲେ। ଗୁରୁତର ଡ୍ରାଇଭରଙ୍କୁ ପଟ୍ଟାଙ୍ଗି ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଇ କୋରାପୁଟ ସ୍ଥାନାନ୍ତର ଓ ପରେ ସେଠାରୁ ବିଶାଖାପାଟଣାକୁ ପଠାଯାଇଥିବା ଜଣାପଡ଼ିଛି। ଦୁର୍ଘଟଣାଗ୍ରସ୍ତ କଣ୍ଟେନରରୁ ମୃତ ଗୋରୁଗୁଡ଼ିକୁ ଅନ୍ୟ ଏକ କଣ୍ଟେନର (ଟିଏସ୍-୧୨ୟୁଇ-୩୨୧୪)କୁ ସ୍ଥାନାନ୍ତର କରାଯାଉଥିଲା। ଖବର ପାଇ ଘଟଣାସ୍ଥଳରେ ତହସିଲ ବିଭାଗର ରାଜସ୍ୱ ନିରୀକ୍ଷକ ଆଶିଷ ମଲ୍ଲିକ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଏ ନେଇ ସେ ଗଣମାଧ୍ୟମକୁ କୌଣସି ମତ ଦେଇ ନ ଥିଲେ। ଏ ସମ୍ପର୍କରେ ସ୍ଥାନୀୟ ଥାନା ଅଧିକାରୀ ଚତୁର୍ଭୁଜ ନାୟକଙ୍କୁ ପଚାରିବାରୁ ଦୁର୍ଘଟଣା ହୋଇଛି। ଘଟଣାକୁ ନେଇ ତଦନ୍ତ ଚାଲିଥିବା କହିଥିଲେ। ଏହିପରି ବେଆଇନ ଭାବେ ଗୋଚାଲାଣ ପଛରେ କାହାର ହାତ ରହିଛି ସେନେଇ ସନ୍ଦେହ ସୃଷ୍ଟି ହୋଇଛି।



ଯୋଡିମାଦିଲି ଘାଟିରେ ଶନିବାର ଦୁର୍ଘଟଣାଗ୍ରସ୍ତ ଗୋରୁ ବୋଝେଇ କଣ୍ଟେନର।

# 'ମୋ ଭାଇ ଏମିତି କାମ କରି ନ ଥିବ'

ଭଦ୍ରକ,୧୭।୫(ସନାତନ ରାଉତ)

ୟୁଟ୍ୟୁବର ଲବ ହାଁସଦାଙ୍କୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ବେଙ୍ଗାଲୁରୁରେ ଜଣେ ବିହାରୀ ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ ପରେ ଅଡୁଆରେ ପଡ଼ିଛନ୍ତି ଲବ। ସମ୍ପୃକ୍ତ ଯୁବତୀ ଜଣଙ୍କ ଲବଙ୍କ ପ୍ରେମିକା ବୋଲି ଅଭିଯୋଗ ହୋଇଛି। ହେଲେ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି ଲବଙ୍କ ପରିବାର ଲୋକେ। ଭଦ୍ରକ ଜିଲା ଚରମ୍ପା ଖଣ୍ଡିଆ ବଜାରରେ ରହୁଥିବା ଲବଙ୍କ ବଡ଼ ଭଉଣୀ ଆଶା ମୁର୍ମୁ ଗଣମାଧ୍ୟମ ଆଗରେ କହିଛନ୍ତି, ମୋ ଭାଇ ଏମିତି କାମ କରି ନ ଥିବ। ବିବାହ କରିଛି କି ନାହିଁ ସେ ନିଜେ କହିପାରିବ। ଏବେ ସେ ବିଦେଶରେ ଅଛି। ଯାହାଙ୍କ ମୃତ୍ୟୁ ହୋଇଛି ସେ ଦେଶ ଭିତରେ ଥିଲେ। ତଦନ୍ତ ରିପୋର୍ଟ ଯାହା ଆସିବ ଆମେ ତାକୁ ସତ ବୋଲି ମାନିବୁ। ଭାଇ ସହିତ ମୁଁ କଥା ହୋଇନାହିଁ, ୩ ମାସ ପୂର୍ବେ ସେ ଏଠାକୁ ଆସିଥିଲା। ତା ଉପରେ ମୋର ବିଶ୍ୱାସ ଅଛି ସେ କିଛି ଭୁଲ୍ କାମ କରି ନ ଥିବ। ଆମେ ନ୍ୟାୟ ଚାହୁଁ ବୋଲି ଆଶା କହିଛନ୍ତି।

ଉଲ୍ଲେଖଯୋଗ୍ୟ, ଲବଙ୍କ ନିର୍ଯାତନା ସହି ନ ପାରି ବିହାରୀ ଯୁବତୀ ତଥା ପ୍ରେମିକା ସାଲମୀ ମୁର୍ମୁ ଆତ୍ମହତ୍ୟା କରିଥିବା ତାଙ୍କ ଭାଇ

### ଚର୍ଚ୍ଚାରେ ୟୁଟ୍ୟୁବର ଲବ ହାଁସଦା

### ମୁହଁ ଖୋଲିଲେ ବଡ଼ ଭଉଣୀ



ଲବ ହାଁସଦା

ଅଭିଯୋଗ କରିଛନ୍ତି। ବେଙ୍ଗାଲୁରୁ ଏଚ୍‌ଏସ୍‌ଆର୍ ଲେ-ଆଉଟ ପୋଲିସ ଲବଙ୍କ ବିରୋଧରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

# ଦୁର୍ଘଟଣାରେ କନ୍‌ଷ୍ଟେବଲ୍ ମୃତ

ଦେବଗଡ଼,୧୭।୫
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଥାନା ଅଧୀନ ଚଟିବରଘାଟ ଛକ ନିକଟ ଜାତୀୟ ରାଜପଥରେ ଶନିବାର ଦୁର୍ଘଟଣାରେ ଜଣେ କନ୍‌ଷ୍ଟେବଲ୍‌ଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦେବଗଡ଼ ପୌରାଞ୍ଚଳ ଖଡିଆ ସାହିର ଦୀପକ କୁମାର ଖଡ଼ିଆ(୨୯)। ସେ ସମ୍ବଲପୁର ଜିଲା ହୀରାକୁଦ ଥାନାରେ ଓଆଇଏସ୍‌ଏଫ୍ କନ୍‌ଷ୍ଟେବଲ୍ ଭାବେ କାମ କରୁଥିବାବେଳେ କୌଣସି କାର୍ଯ୍ୟରେ ଘରକୁ ଆସିଥିଲେ। ଶନିବାର ସନ୍ଧ୍ୟାରେ ସେ ବାଇକ୍‌ରେ ହୀରାକୁଦ ଫେରୁଥିବାବେଳେ ଚଟିବରଘାଟ ଛକ ନିକଟ ଜାତୀୟ ରାଜପଥରେ ଭାରସାମ୍ୟ ହରାଇ ଡିଭାଇଡର ଉପରେ ଚଢ଼ିଯାଇଥିଲେ। ପରେ ସେ ରାସ୍ତାରେ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ଚିକିତ୍ସା ଲାଗି ତାଙ୍କୁ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦେବଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଏକ ମାମଲା ରୁଜୁ କରିଛି। ଏଥିସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟ ଶବାଗାରରେ ସଂରକ୍ଷିତ ରଖିଛି।

# ସଚେତନତାକୁ ଗୁରୁତ୍ୱ

ବିଶ୍ୱ ୧୯୯୮ମସିହାରୁ ନିରନ୍ତର ଭାବେ ପାଳିତ ହୋଇଆସୁଛି ବିଶ୍ୱ ଏଡ୍ସ ଟିକା ଦିବସ। ଏହା ମଧ୍ୟ ଏଚ୍‌ଆଇଭି ଟିକା ସଚେତନତା ଦିବସ ଭାବରେ ଜଣାଶୁଣା। ଏହି ଦିବସ ଏଚ୍‌ଆଇଭି ସଂକ୍ରମଣକୁ ରୋକିବା ପାଇଁ ଏକ ଟିକାର ଜରୁରୀ ଆବଶ୍ୟକତାକୁ ଗୁରୁତ୍ୱାରୋପ କରିବା ସହ ସେହି ଲକ୍ଷ୍ୟ ହାସଲ ପାଇଁ କାର୍ଯ୍ୟ କରୁଥିବା ଗବେଷକ, ଅଧିବକ୍ତା ଏବଂ ସ୍ୱେଚ୍ଛାସେବକଙ୍କ ପ୍ରୟାସକୁ ସ୍ମରଣ କରାଇଥାଏ।

୧୯୯୭ ମସିହାରେ ମୋର୍ଗାନ ଷ୍ଟେଟ ୟୁନିଭର୍ସିଟିଠାରେ ତତ୍କାଳୀନ ଆମେରିକୀୟ ରାଷ୍ଟ୍ରପତି ବିଲ କ୍ଲିଣ୍ଟନ ଏଚ୍‌ଆଇଭି ଟିକା ବିକଶିତ କରିବା ପାଇଁ



ଆହ୍ୱାନ କରିଥିଲେ। ଏହାହିଁ ବିଶ୍ୱ ଏଡ୍ସ ଟିକା ଦିବସ ପାଳନ ଲାଗି ପ୍ରେରଣା ଯୋଗାଇଥିଲା। ଫଳସ୍ୱରୂପ ପ୍ରଥମ ଥର ପାଇଁ ମେ ୧୮, ୧୯୯୮ରେ ଏହି ଦିବସ ପାଳନ କରାଯାଇଥିଲା। ଏକ ନିରାପଦ ଏବଂ ପ୍ରଭାବଶାଳୀ ଏଚ୍‌ଆଇଭି ଟିକା ଅନୁସନ୍ଧାନରେ ଯୋଗଦାନ

### ବିଶ୍ୱ ଏଡ୍ସ ଟିକା ଦିବସ

ଦେଉଥିବା ବୈଜ୍ଞାନିକ, ସ୍ୱେଚ୍ଛାସେବୀ, ପରୀକ୍ଷଣ ଅଂଶଗ୍ରହଣକାରୀ ଏବଂ ସହଯୋଗୀମାନଙ୍କୁ ଏହି ଦିବସ ଅବସରରେ ସମ୍ମାନିତ କରାଯାଇଥାଏ। ଯଦିଓ ଏଚ୍‌ଆଇଭି ଚିକିତ୍ସା ଏବଂ ନିରାକରଣ କ୍ଷେତ୍ରରେ ଉନ୍ନତି ହୋଇଛି ତଥାପି ବିଶ୍ୱବ୍ୟାପୀ ଏଡ୍ସ ମହାମାରୀ ସମାପ୍ତି ଅଭିଯାନରେ ଟିକା ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ହୋଇ ରହିଛି। ତେବେ ଏ କ୍ଷେତ୍ରରେ ସଚେତନତାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି।

# ପୁରୁଣା ସାମଗ୍ରୀ ସଂଗ୍ରହ ନିଶାରୁ ମିନି ମ୍ୟୁଜିୟମ

ଅଭ୍ୟାସ ଥିଲା ପୁରୁଣା ସାମଗ୍ରୀକୁ ଏକାଠି କରି ରଖିବା। ଏହି ଅଭ୍ୟାସ ଏବେ ମିନି ମ୍ୟୁଜିୟମ୍‌ରେ ପରିଣତ ହୋଇଯାଇଛି। ଆଗକାଳରେ ବ୍ୟବହୃତ ହେଉଥିବା ପାରମ୍ପରିକ ସାମଗ୍ରୀକୁ ବର୍ତ୍ତମାନର ଯୁବପିଢ଼ିଙ୍କୁ ଦେଖାଇବା ଏବଂ ତାକୁ ଏକ ମିନି ସଂଗ୍ରହାଳୟ କରି ରଖିବା ନିଶା କମ୍ ଲୋକଙ୍କ ପାଖରେ ଦେଖିବାକୁ ମିଳେ। ପୁରୁଣା ସାମଗ୍ରୀକୁ ସାଇତି ରଖିବାର ନିଶା ଯୁବପିଢ଼ିଙ୍କ ନିକଟରେ ଯେପରି ଅଭାବ ଦେଖା ଦେଉଛି ତାହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ଭିଏସ୍‌ଏସ୍ ନଗର ସ୍ଥିତ ସଂଗ୍ରାହକ ସମରଞ୍ଜନ ମହାନ୍ତି ଏକ ନିଆରା ପ୍ରୟାସ ଆରମ୍ଭ କରିଛନ୍ତି। ଏ ସମ୍ପର୍କରେ ସମରଞ୍ଜନ କୁହନ୍ତି, ପୁରୁଣା ସାମଗ୍ରୀ ଏକାଠି କରି ରଖିବା ସଉକ ବହୁଦିନରୁ। ତେବେ ବ୍ୟବସ୍ଥିତ ଭାବେ ଏହି



ନିଜ ସଂଗ୍ରହାଳୟରେ ସମରଞ୍ଜନ ମହାନ୍ତି।

କାର୍ଯ୍ୟ ୧୫ବର୍ଷ ହେଲା ଚଳାଇଆସିଛି। ନିଜେ ଯେତିକି ସଂଗ୍ରହ କରେ ତାହା ବ୍ୟତୀତ ସୋସିଆଲ ମିଡିଆରେ ଯେଉଁ ବନ୍ଧୁମାନେ ପୁରୁଣା ସାମଗ୍ରୀ ନେଇ ପୋଷ୍ଟ କରନ୍ତି। ତୁରନ୍ତ ସେମାନଙ୍କୁ ଯୋଗାଯୋଗ କରି ଉକ୍ତ ସାମଗ୍ରୀକୁ ଆଣିବାକୁ ଚେଷ୍ଟା କରିଥାଏ। ଏହି କାର୍ଯ୍ୟରେ ପରିବାରବର୍ଗ ସହଯୋଗ କରିଥାନ୍ତି। ଆମ ଘରେ ଥିବା

### ଆଜି ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ

ମିନି ସଂଗ୍ରହାଳୟରେ ପୁରୁଣା ରେଡିଓ, ଟେଲିଫୋନ୍, ମୋବାଇଲ୍, ପ୍ରାଚୀନ ଲଣ୍ଠଣ, ପୁରୁଣା କ୍ୟାସେଟ୍, ସ୍ୱତନ୍ତ୍ର ପୋଷ୍ଟାଲ ଲଫାପା, ଡାକ ଟିକେଟ, ଦେଶବିଦେଶର ପୁରୁଣା ମୁଦ୍ରା, ଓଡ଼ିଶାର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ଖେଳ ଟିକେଟ, ଦିଆସିଲି ଖୋଳ, ବସ୍, ଟ୍ରେନ୍, ମେଟ୍ରୋ ଟିକେଟ, ପ୍ଲାଷ୍ଟିକ କାର୍ଡ, ସିମ୍ କାର୍ଡ, ହିରୋ ହିରୋଇନଙ୍କ ଛବି ଥିବା ଦିଆସିଲି ଖୋଳ ଏମିତି ଅନେକ କିଛିକୁ ସଜାଇ ରଖିଛନ୍ତି। ଏହା ଦେଖିବାକୁ ପ୍ରତ୍ୟେକ ଶନିବାର ଏବଂ ରବିବାର ବିଭିନ୍ନ ଲୋକଙ୍କ ସମେତ ଛାତ୍ରଛାତ୍ରୀଙ୍କ ଭିଡ଼ ଜମୁଛି।

**-ସୌମ୍ୟରଞ୍ଜନ ରାଉତ, ଭୁବନେଶ୍ୱର**

**ଭାରତ ସହ ବାଣିଜ୍ୟ ଚୁକ୍ତି ଖୁବ୍‌ଶୀଘ୍ର: ଟ୍ରମ୍ପ**

ଆମେରିକୀୟ ସାମଗ୍ରୀ ଉପରେ ଭାରତ ୧୦୦% ଶୁଳ୍କ ଛାଡ଼ କରିବା ପାଇଁ ଚାହୁଁଥିବା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ଦୋହରାଇଛନ୍ତି। ୱାଶିଂଟନ ଏବଂ ନୂଆଦିଲ୍ଲୀ ମଧ୍ୟରେ ଖୁବ୍‌ଶୀଘ୍ର ବାଣିଜ୍ୟ ଚୁକ୍ତି ହେବାକୁ ଯାଉଛି। ତେବେ ପ୍ରସ୍ତାବିତ ଡିଲ୍ ପାଇଁ ସେ ବ୍ୟଗ୍ର ନ ଥିବା ଟ୍ରମ୍ପ କହିଛନ୍ତି। ଭାରତ ଆମେରିକାରୁ ଆମଦାନୀ ସାମଗ୍ରୀ ଉପରେ ସମ୍ପୂର୍ଣ୍ଣ ଟାରିଫ୍ ଛାଡ଼ ପାଇଁ ପ୍ରସ୍ତାବ ଦେଇଥିବା ଟ୍ରମ୍ପ ବାରମ୍ବାର ଦାବି କରୁଥିବାବେଳେ ଏନେଇ କୌଣସି ନିଷ୍ପତ୍ତି ହୋଇ ନ ଥିବା ଗୁରୁବାର ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଥିଲେ। ଏହା ପରେ ଟ୍ରମ୍ପ ପୁଣି ସମାନ କଥା କହିଛନ୍ତି।

# କଶ୍ମୀର ପ୍ରସଙ୍ଗରେ ଏର୍ଦୋଗାନ୍‌ଙ୍କ ମଧ୍ୟସ୍ଥତା ଉଦ୍ୟମ

## ପାକ୍ ପ୍ରଧାନମନ୍ତ୍ରୀ-ତୁର୍କୀ ରାଷ୍ଟ୍ରପତିଙ୍କ ବିସ୍ତୃତ ଆଲୋଚନା

ନୂଆଦିଲ୍ଲୀ,୧୭।୫

କଶ୍ମୀର ଏକ ଦ୍ୱିପାକ୍ଷିକ ପ୍ରସଙ୍ଗ ହୋଇଥିବାରୁ ଏଥିରେ କୌଣସି ତୃତୀୟ ପକ୍ଷର ହସ୍ତକ୍ଷେପକୁ ଭାରତ ବିରୋଧ କରିଆସୁଥିବାବେଳେ ଶନିବାର ପୁଣି ମଧ୍ୟସ୍ଥତା ଉଦ୍ୟମ କରିଛନ୍ତି ତୁର୍କୀ ରାଷ୍ଟ୍ରପତି ରେସେପ୍ ତୟେପ୍ ଏର୍ଦୋଗାନ୍। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍‌ଙ୍କୁ ସେ ଏନେଇ ପ୍ରସ୍ତାବ ଦେଇଥିବା ସୂଚନା ଦେଇଛନ୍ତି। ଏର୍ଦୋଗାନ୍ କହିଛନ୍ତି, କଶ୍ମୀର ପ୍ରସଙ୍ଗରେ ଭାରତ-ପାକିସ୍ତାନ ମଧ୍ୟରେ ବିବାଦର ସମାଧାନ ପାଇଁ ସହଯୋଗ କରିବାକୁ ସେ ଚାହାନ୍ତି। ଶରିଫ୍‌ଙ୍କ ସହ ଏନେଇ ବିସ୍ତୃତ ଆଲୋଚନା ବେଳେ ସେ ନୂଆଦିଲ୍ଲୀ ଓ ଇସ୍‌ଲାମାବାଦ ମଧ୍ୟରେ ଉତ୍ତେଜନା ହ୍ରାସ ପାଇଁ ସହଯୋଗ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଆଲୋଚନାର ଟେବୁଲକୁ ଆସି ସନ୍ତୁଳିତ ଆଭିମୁଖ୍ୟ



ରେସେପ୍ ତୟେପ୍ ଏର୍ଦୋଗାନ୍।

ଆପଣାଇବା ଦ୍ୱାରା ଦୁଇ ପଡ଼ୋଶୀ ମଧ୍ୟରେ ଉତ୍ତେଜନାକୁ କମାଯାଇପାରିବ। ତୁର୍କୀ ଶାନ୍ତି ଚାହେଁ। ଅନୁରୋଧ କଲେ ଆଙ୍କାରା କଶ୍ମୀର ପ୍ରସଙ୍ଗରେ ଭୂମିକା ଗ୍ରହଣ କରିବାକୁ ପ୍ରସ୍ତୁତ। ଏହା ପୂର୍ବରୁ ମଧ୍ୟ ଏର୍ଦୋଗାନ୍ ଏକାଧିକ ଥର ଏଭଳି ପ୍ରସ୍ତାବ ଦେଇସାରିଛନ୍ତି, ଯାହାକୁ ଭାରତ ପ୍ରତ୍ୟାଖ୍ୟାନ କରିଆସିଛି। ଏର୍ଦୋଗାନ୍‌ଙ୍କ ସଦ୍ୟ ମନ୍ତବ୍ୟ ଏଭଳି ସମୟରେ ଆସିଛି, ଯେତେବେଳେ ଭାରତ-ପାକିସ୍ତାନ ମଧ୍ୟରେ ସାମରିକ ଉତ୍ତେଜନା ବୃଦ୍ଧି ପାଇଥିବାବେଳେ ଇସ୍‌ଲାବାଦକୁ ତୁର୍କୀ ଯୁଦ୍ଧ ଜାହାଜ ଓ ଡ୍ରୋନ୍ ଯୋଗାଇ ଦେଇଥିଲା। ଏହାକୁ ନେଇ ଭାରତରେ ତୁର୍କୀ ବିରୋଧୀ ମନୋଭାବ ବଢ଼ିବାରେ ଲାଗିଛି। ଭାରତ ସରକାର ମଧ୍ୟ ତୁର୍କୀ ବିରୋଧରେ ଅନେକ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ପ୍ରକାଶ ଯେ, ୨୦୨୩ରେ ତୁର୍କୀରେ ଭୂକମ୍ପ ବେଳେ ନୂଆଦିଲ୍ଲୀ 'ଅପରେଶନ୍ ଦୋସ୍ତ' ଆରମ୍ଭ କରି ସର୍ବପ୍ରଥମେ ରିଲିଫ୍ ସହାୟତା ଯୋଗାଇ ଦେଇଥିଲା। କିନ୍ତୁ ଏର୍ଦୋଗାନ୍‌ଙ୍କ ପାକିସ୍ତାନ ପ୍ରେମ ତାଙ୍କୁ ଅନ୍ଧ କରିଦେଇଥିବାରୁ ସେ ଭାରତୀୟଙ୍କୁ ମାରିବା ପାଇଁ ଇସ୍‌ଲାମାବାଦକୁ ଡ୍ରୋନ୍ ଦେଇଥିଲେ।




'ଅପରେଶନ ସିନ୍ଦୂର'ର ସଫଳତାକୁ ପାଳନ କରିବା ଏବଂ ଭାରତୀୟ ସଶସ୍ତ୍ର ବଳ ପ୍ରତି ସମର୍ଥନ ଜଣାଇବା ନିମନ୍ତେ ନୂଆଦିଲ୍ଲୀରେ ଶନିବାର ଆଇନଜୀବୀମାନେ ତ୍ରିରଙ୍ଗା ଯାତ୍ରାରେ ସାମିଲ ହୋଇଛନ୍ତି।

# ବାଂଲାଦେଶରୁ ସ୍ଥଳପଥରେ ପୋଷାକ ଆମଦାନୀ ବନ୍ଦକଲା ଭାରତ

ନୂଆଦିଲ୍ଲୀ,୧୭।୫(ପି.ଟି.)

ବାଂଲାଦେଶରୁ ଆମଦାନୀ ହେଉଥିବା ରେଡିମେଡ୍ ପୋଷାକ, ପ୍ରକ୍ରିୟାକୃତ ଖାଦ୍ୟ ସାମଗ୍ରୀ ସମେତ କେତେକ ଦ୍ରବ୍ୟ ଉପରେ କେନ୍ଦ୍ର ସରକାର ଶନିବାର ବନ୍ଦର କଟକଣା ଲଗାଇଛନ୍ତି। ଗତ ମାସରେ ଢାକା ଭାରତର କେତେକ ସାମଗ୍ରୀ ଉପରେ ଅନୁରୂପ କଟକଣା ଲଗାଇଥିବାରୁ ଏହାର ଜବାବରେ ନୂଆଦିଲ୍ଲୀ ଉପରୋକ୍ତ ପଦକ୍ଷେପ ନେଇଛି। ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟ (ଡିଜିଏଫ୍‌ଟି) ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଭାରତ ଦେଇ ପରିବହନ ହେଉଥିବା ବାଂଲାଦେଶୀ ସାମଗ୍ରୀ ଉପରେ ଏହି କଟକଣା ଲାଗୁ ହେବ ନାହିଁ। ତେବେ ନେପାଳ ଓ ଭୁଟାନ ପାଇଁ ଯାଉଥିବା ବାଂଲାଦେଶୀ ସାମଗ୍ରୀ ଉପରେ କଟକଣା ଲାଗିବ। ବାଂଲାଦେଶର ଆମଦାନୀ ରେଡିମେଡ୍ ପୋଷାକ ଭାରତର କୌଣସି ସ୍ଥଳପଥ ଦେଇ ଯିବାକୁ ଅନୁମତି ଦିଆଯିବ ନାହିଁ। କେବଳ ନାଭା ଶେଭା ଏବଂ କୋଲକାତା ସାମୁଦ୍ରିକ ବନ୍ଦର ଦେଇ ଏହାର ପରିବହନକୁ ଅନୁମତି ଦିଆଯିବ। ସେହିପରି ବାଂଲାଦେଶରୁ ଫଳ, ଫଳ ଫ୍ଲେଭରଯୁକ୍ତ ତଥା କାର୍ବୋନେଟେଡ୍ ପାନୀୟ, ପ୍ରକ୍ରିୟାକୃତ ଖାଦ୍ୟସାମଗ୍ରୀ (ସ୍ନାକ୍ସ, ଚିପ୍ସ ଓ ମିଷ୍ଟାନ୍ନ ଆଦି), ତୁଳା ଓ ସୂତା, ପ୍ଲାଷ୍ଟିକ୍ ଓ ପିଭିସି ଫିନିଶ୍‌ଡ ଗୁଡ୍ସ, ରଙ୍ଗ, କାଠ ଆସବାବପତ୍ର ଆଦିକୁ ଆସାମ, ମେଘାଳୟ, ତ୍ରିପୁରା, ମିଜୋରାମର ଲ୍ୟାଣ୍ଡ କଷ୍ଟମ୍ସ ଷ୍ଟେଶନ (ଏଲ୍‌ସିଏସ୍) ଏବଂ ଇଣ୍ଟିଗ୍ରେଟେଡ୍ ଚେକ୍ ପୋଷ୍ଟ(ଆଇସିପି) ଦେଇ ତଥା ପଶ୍ଚିମବଙ୍ଗର ଚଙ୍ଗ୍ରବାନ୍ଧ ଓ ଫୁଲବାରି ଏଲ୍‌ସିଏସ୍ ଦେଇ ପରିବହନ ଅନୁମତି ମିଳିବ ନାହିଁ। ଅନ୍ୟପକ୍ଷରେ ବାଂଲାଦେଶରୁ ଆସୁଥିବା ମାଛ, ଏଲ୍‌ପିଜି, ଖାଇବା ତେଲ, ଗୁଣ୍ଡପଥର ଉପରେ ବନ୍ଦର କଟକଣା ଲାଗିବ ନାହିଁ।

# ସେନାକୁ ୪୦ ହଜାର କୋଟିର ପ୍ରତିରକ୍ଷା ସାମଗ୍ରୀ କ୍ରୟ କ୍ଷମତା



ନୂଆଦିଲ୍ଲୀ,୧୭।୫

ଭାରତୀୟ ସଶସ୍ତ୍ର ବଳକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ୪୦,୦୦୦ କୋଟି ଟଙ୍କାର ଅସ୍ତ୍ରଶସ୍ତ୍ର କିଣିବା ପ୍ରସ୍ତାବକୁ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦର ମଞ୍ଜୁରୀ ମିଳିଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ଓ ସେନା ମୁଖ୍ୟମାନଙ୍କ ଏକ ବୈଠକରେ ଏହି ବୃହତ୍ ଅଧିଗ୍ରହଣ ଅନୁମତି ଦିଆଯାଇଥିବା ଜଣାପଡ଼ିଛି। ସ୍ଥଳସେନା, ନୌସେନା ଓ ବାୟୁସେନାକୁ ଏହି କ୍ଷମତା ଦିଆଯିବା ପରେ ୩ ବାହିନୀ ସର୍ଭିଲାନ୍ସ ଡ୍ରୋନ୍, କାମିକାଜେ ଡ୍ରୋନ୍, ଦୂରଗାମୀ କ୍ଷେପଣାସ୍ତ୍ର ଓ ଅନ୍ୟ ଅସ୍ତ୍ରଶସ୍ତ୍ର ଏଥିରେ ଅନ୍ତର୍ଭୁକ୍ତ ରହିଛି। ଜରୁରୀ ସମୟରେ ଯୁଦ୍ଧକାଳୀନ ଭିତ୍ତିରେ ଏହିସବୁ ଅସ୍ତ୍ରଶସ୍ତ୍ର କିଣାଯାଇପାରିବ। ଗତ ୫ ବର୍ଷ ମଧ୍ୟରେ ସେନାକୁ ସରକାର ଏହି ଧରଣର କ୍ଷମତା ପଞ୍ଚମ ଥର ପାଇଁ ଦେଇଛନ୍ତି।

# ୧୩୦ ବର୍ଷ ପରେ 'ଭୂତ ହ୍ରଦ' ପୁନଃ ଦୃଶ୍ୟମାନ

**ୱାଶିଂଟନ୍,୧୭।୫:** ଏକଦା ଆମେରିକାର କାଲିଫର୍ନିଆସ୍ଥିତ ମିସିସିପିରେ ଥିବା ତୁଲାରେ ଲେକ୍ ଉପରେ ସେଠାକାର ଟାଚି ୟୋକୁଟ୍ ଅଧିବାସୀ ନିର୍ଭର କରି ଜୀବିକା ନିର୍ବାହ କରୁଥିଲେ। ୧୦୦ ମାଇଲ ଲମ୍ବ ଓ ୩୦ ମାଇଲ ଓସାର ବିଶିଷ୍ଟ ସାନ୍ ଜାଓକ୍ୱିନ୍ ଉପତ୍ୟକାର ଏହି ହ୍ରଦ ଦେଇ ବକେର୍ସଫିଲ୍ଡରୁ ସାନ୍‌ଫ୍ରାନ୍ସିସ୍କୋ ପର୍ଯ୍ୟନ୍ତ ଜଳଯାତ୍ରା କରିହେଉଥିଲା। ସ୍ଥାନୀୟ ଲୋକଙ୍କ ମଧ୍ୟରେ ଏହା 'ପାଶି' ନାମରେ ପରିଚିତ ଥିଲା। ତେବେ ଊନବିଂଶ ଶତାବ୍ଦୀର ଶେଷ ଆଡ଼କୁ ଚାଷଜମିର ପାଣି ଉକ୍ତ ହ୍ରଦରେ ଜମାଟ ବାନ୍ଧିବାରୁ ତାହା ଉଭାନ୍ ହୋଇଯାଇଥିଲା। ସମ୍ପ୍ରତି ବରଫ ତରଳିବାରେ ଲାଗିଥିବାରୁ ଦୀର୍ଘ ୧୩୦ ବର୍ଷ ପରେ 'ଘୋଷ୍ଟ ଲେକ୍' ପୁଣି ନାଟକୀୟ ଭାବେ ଦୃଶ୍ୟମାନ ହୋଇଛି। ଫଳରେ ଏହା ଅଞ୍ଚଳବାସୀଙ୍କ ପାଇଁ ଉଭୟ ନୂଆ ଆହ୍ୱାନ ଓ ସୁଯୋଗ ସୃଷ୍ଟି କରିଛି। ଗୋଟିଏପଟେ ଏହା ଅତୀତର ଜଳ ପରିଚାଳନା ପ୍ରଣାଳୀ ପୁନରୁଜ୍ଜୀବିତ କରିଥିବାବେଳେ ଅନ୍ୟପକ୍ଷେ ଚାଷଜମିଗୁଡ଼ିକ ବନ୍ୟାଜଳରେ ବୁଡ଼ିଯିବା ଆଶଙ୍କା ପ୍ରକାଶ ପାଇଛି।




**The Odisha State Co-operative Milk Producers' Federation Limited**
omfed
www.omfed.com
D-2, Sahid Nagar, Bhubaneswar-751007
Ph. NO. : 0674-2546030, 2540273, 2540417, 2540974
E-mail ID : omfed@yahoo.com

**e-Tender Notice**

**No.CAD-450** : OMFED invites Tender for Design, Development & Implementation of Integrated Dairy Management System (IDMS) along with Annual Operation & Maintenance support for 5 years across various locations of OMFED. Interested bidders may submit their offers latest by 05:00 P.M. dt. 05/06/2025. The cost of tender paper is ₹11,800/- (incl. GST 18%) along with EMD of ₹10,00,000/- (Rupees Ten Lakhs Only) to be submitted online on the e-tender portal of Government of Odisha **(www.tendersodisha.gov.in)** in favor of OMFED payable at Bhubaneswar. For details visit out official website: www.omfed.com.

The corrigendum / amendment to this notice, if required shall be published only in the OMFED website and will not be published again in newspaper.

OMFED reserves the right to accept or reject any or all the tenders or part thereof without assigning any reason.

OIPR-06063/11/0180/2526 **Sd./- Managing Director**



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION-II, MALKANGIRI**
E-mail-ruralworksdivisioniimalkangiri@yahoo.in
**INVITATION FOR BIDS**
**NATIONAL COMPETITIVE BIDDING**

**Bid Identification No: RWDSE_MKG_II_ONLINE_02/2025-26**

No.O-169:The Superintending Engineer, Rural Works Division-II, Malkangiri on behalf of Governor of Odisha invites from bidders of eligible class registered with the State Government and bidders of equivalent Grade/Class registered with Central Government/MES/Railways according to the norm of "e" Procurement system in online mode for the works detailed in the table below on turnkey basis.

1. Name of the Work: Building & Road Work. 2. No. of Works: 03 Nos. 3. Estimated Cost: Rs.58.83 Lakhs to 81.39 Lakhs. 4. Tender Paper Cost: Rs.10,000/-. 5. Class of Contractor: Estimated Cost upto Rs.20.00 Lakhs 'D', Estimated Cost upto Rs.40.00 Lakhs 'C', Estimated Cost more than Rs.20.00 lakhs & within Rs.300.00 lakhs 'B'. 6. Period of Completion: 09 (Nine) Calendar Months. 7. **Critical Dates:**

| Procurement Officer | Bid Identification No. | Availability of Tender Online for Bidding | | Last Date & Time of Seeking Tender Clarification | Date of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer, Rural Works Division-II, Malkangiri | RWDSE_MKG_II_ONLINE_02 of 2025-26 | 26.05.2025 at 11.00 A.M. | 10.06.2025 upto 05.30 PM | 09.06.2025 upto 3.00 PM | 11.06.2025 at 11.00 A.M. | To be intimated separately |

❖Further details can be seen in the bidding documents, which is available in the e-procurement portal https://www.tendersorissa.gov.in. ❖Subsequent corrigendum if required shall be appeared in the website. ❖Authority reserves the right to reject any or all tenders without assigning any reason thereof.

OIPR-25079/11/0024/2526 **Sd./- Superintending Engineer, Rural Works Division-II, Malkangiri**



No.A-164

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**EASTERN CIRCLE-I, CANTONMENT ROAD, CUTTACK**
Email id : seeccuttack@gmail.com
**'e'-Procurement Notice No.ACE, EC-I/01 of 2025-26**

| | | | |
|---|---|---|---|
| 1 | Name of Work | : | Protection to scoured bank on Kathajodi left embankment of 4 new nos. low level spur at RD 4.650 km, at RD 4.890 km, RD 5.070 km and at RD 5.350 km with launching apron near Birenmitra Park. Bid Identification No.ACE, EC-I MBD 01 of 2025-26 |
| 2 | Total No. of Work | : | 1 (One) No. work |
| 3 | Tender paper Cost (online) (Non-refundable) | : | Rs. 10,000.00 (Ten thousand) |

4. Bid details are as follows :

| Procurement Officer | Bid Identification No. | Tender Cost (Rs. in Lakh) (Approx.) | EMD (On-line) (in Rs.) | Class of Contractor | Period of Completion | Availability of Tender On-line for bidding | | Date of Opening of Technical Bid (Cover-I) |
|---|---|---|---|---|---|---|---|---|
| | | | | | | From | To | |
| Additional Chief Engineer, Eastern Circle-I, Cuttack | ACE, EC-I MBD 01 of 2025-26 | 827.00 | 8,27,000.00 | 'A' & 'Special' | 12 (Twelve Calendar months) | 20.05.2025 at 10.00 hrs. | 03.06.2025 upto 17.30 hrs. | 04.06.2025 at 11.30 hrs. |

Other terms and conditions can be seen from the Govt. website www.tendersodisha.gov.in
All corrigendum / cancellation of tender if any, will only be uploaded in the above website.

**Sd./- Additional Chief Engineer, Eastern Circle-I, Cuttack**
OIPR-32370/11/0016/2526



**OFFICE OF THE MUNICIPAL COUNCIL: GUNUPUR** No.C-338
**e-procurement Notice**
**Tender Reference No.GUN-MUN-70/2025-26**
**No.855, Dt.16.05.2025**

| | | | |
|---|---|---|---|
| 01. | Total Nos. of Works | : | 03 Nos. of Civil Works |
| 02. | Approximate Estimated Cost (including GST 18%) | : | Rs.62,65,930/- to Rs.84,27,810/- |
| 03. | Period of Completion | : | Three (03) - Six (06) Months |
| 04. | Date & Time of availability of Bid document in the Portal | : | 10.00 Hrs. of Dt.19.05.2025 to 17.00 Hrs. of Dtd.06.06.2025 for Online Bidding |
| 05. | Last date/Time for receipt of Bids in the Portal | : | 17.00 Hrs. of Dtd.06.06.2025 |
| 06. | Name and address of the Officer Inviting Bid | : | Executive Officer, Gunupur Municipality |
| 07. | Date of Opening of Bids | : | 11.00 Hrs. on Dtd.09.06.2025 |
| 08. | Further details can be seen from the e-Procurement Portal | : | www.tendersodisha.gov.in |
| 09. | Further Addendum/ Corrigendum if any will be hosted in the above website. | | |

**Sd./- Executive Officer**
**Gunupur Municipality**
OIPR-13104/11/0014/2526



**ଓଡ଼ିଶା ସରକାର** No.A-186
**ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଆଖୁଆପଦା ଜଳସେଚନ ବିଭାଜନ**
ଇମେଲ-akp.irrigationdivision@gmail.com
**'e'- Procurement Notice No.03/2025-26**

1. କାର୍ଯ୍ୟର ନାମ : ନଦୀ ବନ୍ଧ ମରାମତି କାର୍ଯ୍ୟ
2. ମୋଟ କାର୍ଯ୍ୟ ସଂଖ୍ୟା : ୦୨ ଗୋଟି କାର୍ଯ୍ୟ
3. ଅଟକଳ ମୂଲ୍ୟ : ୭୫.୫୦ ଲକ୍ଷରୁ ୮୩.୦୭ ଲକ୍ଷ
4. ଇ.ଏମ.ଡି (Bid Security) ଓ ବିଡ୍ ମୂଲ୍ୟର ଦେୟ ପ୍ରଣାଳୀ : The bidder shall transfer the required amount of EMD (Bid Security) and cost of Bid by Online through electronic payment as per Govt. of Odisha WDOM No.17254/WE Dated 05.12.2017 as Mentioned in DTCN.
5. କାର୍ଯ୍ୟ ସମାପ୍ତି ସମୟ : ୬ ମାସ
6. ନିମ୍ନଲିଖିତ ଭାବରେ ଅନ୍ୟାନ୍ୟ ବିବରଣୀ :
   I. Procurement Officer : ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନ, ଆଖୁଆପଦା
   II. ଅନ୍‌ଲାଇନ Biddingର ସମୟସୀମା: ତା.୨୦.୦୫.୨୦୨୫ ଦିବା ୧୦ ଘଟିକାରୁ ତା.୨୯.୦୫.୨୦୨୫ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ
   III. Technical ଏବଂ Financial bid: ଖୋଲାଯିବାର ତାରିଖ ଓ ସମୟ : ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୩୦.୦୫.୨୦୨୫ ଦିବା ୧୧.୩୦
   IV. Transparent Lotteryର ତାରିଖ ଓ ସମୟ : ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୦୬.୦୬.୨୦୨୫ ଦିବା ୧୧.୦୦ ଘଟିକା ସମୟରେ।

ଅନ୍ୟାନ୍ୟ ତଥ୍ୟ ଏହି ୱେବସାଇଟରେ ପ୍ରଦାନ କରାଯାଇଛି www.tendersorissa.gov.in

ସ୍ୱା./- ଅଧୀକ୍ଷଣ ଯନ୍ତ୍ରୀ
ଆଖୁଆପଦା ଜଳସେଚନ ବିଭାଜନ, ଆଖୁଆପଦା
OIPR-32548/11/0002/2526



No.A-187

**GOVERNMENT OF ODISHA**
**DEPARTMENT OF WATER RESOURCES**
**INVITATION FOR BIDS (IFB)**
**"e" Procurement Notice-1/2025-26**
**BID IDENTIFICATION NO.SAL-BDK-1-P1 OF 2025-26**

1. Name of Work : Maintenance of Canal and Embankment (River & Saline) Works
2. Class of Contractor : Varies from "C" Class to "B" Class
3. No. of Works : 8 Nos. (Details as per NIT available in website)
4. Value of Work : Rs.49.00 Lakhs to 10.27 Lakhs
5. Time of Completion : 4 to 6 Calendar Months
6. Type of Bid : Percentage Bid
7. Summary for key dates is provided below.

| Procurement Officer | Bid Identification No. | Availability of tender for online bidding | | Date & Time of opening Bid |
|---|---|---|---|---|
| | | From | To | |
| Superintendig Engineer, Salandi Canal Division, Bhadrak | SAL-BDK-1 P1 of 2025-26 | 22.05.2025 at 11.00 AM | 05.06.2025 upto 1.00 PM | 06.06.2025 at 11.00 AM |

Further details can be seen from the website http.//www.tendersodishagov.in/ www.dowrodisha.gov.in.
Any addendum/ Corrigendum/Cancellation to the above notice will be published in this website only.

**Sd./- Superintending Engineer**
OIPR-32005/11/0006/2526 **Salandi Canal Division, Bhadrak**



**Government of Odisha**
**Office of the Superintending Engineer, Rural Works Division-II, Dhenkanal**
**Kamakhyanagar**
No.O-174
E-Mail : rw.kamakhyanagar@yahoo.co.in
**e-procurement Notice No. 01 / Building Work / 2025-26**

| | | | |
|---|---|---|---|
| 1 | Name of the work | : | Building Work |
| 2 | Total No. of Works | : | 02 (Two) Nos. |
| 3 | Tender Cost | : | Rs. 50.42 lakh (approx) |
| 4 | Class of Contractor | : | "B" Class |
| 5 | Period of Completion | : | 6 calendar months |
| 6 | Availability of Tender online for bidding | : | 23.05.2025 at 11.00 A.M. to 31.05.2025 up to 5.00 P.M. |
| 7 | Last Date & Time of seeking tender clarification | : | 30.05.2025 upto 4.00 P.M. |
| 8 | Date & Time of opening of Bid | : | 02.06.2025 at 11.00 A.M. |

Other Details can be seen from the website http://tendersorissa.gov.in.

**Sd./- Superintending Engineer**
**R.W. Division-II, Dhenkanal**
**Kamakhyanagar**
OIPR-25094/11/0025/2526



**ODISHA PUBLIC SERVICE COMMISSION**
**CUTTACK**
**NOTICE**
**No. 3309/P.S.C., Dt. 17.05.2025**
**(1R-05-2025/26)(DR-V)**

**No.D-62** : It is for information of all concerned that, document verification of candidates having **PPSAN** mentioned below for the Post of **Professor in Metallurgical & Material Engineering**, pursuant to Advertisement No.31 of 2023-24 shall be held on **28.05.2025** as per the following programme in the Office of the Commission at 19, Dr. P. K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 28.05.2025 | 2.30 P.M. | P240312208 & P240293819 = **02 Candidates** |

The candidates are required to submit the following documents (both original & one set of photo-copies) at the time of verification :-

1. The hard copies of **online application forms** indicating their **PPSAN at the top right-hand corner**.
2. Four recent passport size **photographs** (unsigned & unattested) which has been uploaded with online application form.
3. Duly filled in & attested **"Attestation Form"** and duly filled in **"Bio-data Form"** (downloaded from the website of the Commission).
4. H.S.C. or equivalent Certificate in support of declaration of age issued by the concerned Board /Council.
5. Bachelor's Degree (BE/B.Tech.) Certificate issued by the recognized University in the relevant branch.
6. M.E./M.Tech. /M.S./Integrated M. Tech Certificate issued by the recognized University in the relevant branch.
7. Ph.D. Degree Certificate.
8. Mark-lists in support of all the aforesaid examinations (i.e. H.S.C. to Ph.D.) issued by the concerned Board /Council/ University /Institution.
9. Research Papers.
10. Research Publications.
11. Experience Certificate indicating minimum 10 years of experience in teaching/research/industry.
12. Experience Certificate in support of having minimum of 03 years of experience at a post equivalent to that of an Associate Professor (Level-13A1, Entry pay-131400).
13. Certificates/documents indicating about successfully guiding doctoral candidates.
14. Caste Certificate wherever applicable.
15. No Objection Certificate from the competent authorities in case of Government Servants.
16. Any proof of identity.
17. Copies of all the documents in support of Research Score as provided in Annexure-A (Table-2) of Advt. No.31 of 2023-24.
18. Any other documents as mentioned in para-09 of Advt. No.31 of 2023-24

The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

**Note :-** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

OIPR-12002/11/0209/2526 **Sd./- Secretary**



**ODISHA PUBLIC SERVICE COMMISSION**
**CUTTACK**
**NOTICE**
**No. 3303/P.S.C., Dt. 17.05.2025**
**(1R-07-2025/26)(DR-V)**

**No.D-61** : It is for information of all concerned that, document verification of candidates having **PPSAN** mentioned below for the Post of **Professor in Production Engineering**, pursuant to Advertisement No.31 of 2023-24 shall be held on **28.05.2025** as per the following programme in the Office of the Commission at 19, Dr. P. K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 28.05.2025 | 10.30 A.M. | P240302121 & P240304475 = **02 Candidates** |

The candidates are required to submit the following documents (both original & one set of photo-copies) at the time of verification :-

1. The hard copies of **online application forms** indicating their **PPSAN at the top right-hand corner**.
2. Four recent passport size **photographs** (unsigned & unattested) which has been uploaded with online application form.
3. Duly filled in & attested **"Attestation Form"** and duly filled in **"Bio-data Form"** (downloaded from the website of the Commission).
4. H.S.C. or equivalent Certificate in support of declaration of age issued by the concerned Board /Council.
5. Bachelor's Degree (BE/B.Tech.) Certificate issued by the recognized University in the relevant branch.
6. M.E./M.Tech. /M.S./Integrated M. Tech Certificate issued by the recognized University in the relevant branch.
7. Ph.D. Degree Certificate.
8. Mark-lists in support of all the aforesaid examinations (i.e. H.S.C. to Ph.D.) issued by the concerned Board /Council/ University /Institution.
9. Research Papers.
10. Research Publications.
11. Experience Certificate indicating minimum 10 years of experience in teaching/research/industry.
12. Experience Certificate in support of having minimum of 03 years of experience at a post equivalent to that of an Associate Professor (Level-13A1, Entry pay-131400).
13. Certificates/documents indicating about successfully guiding doctoral candidates.
14. Caste Certificate wherever applicable.
15. **No Objection Certificate** from the competent authorities in case of Government Servants.
16. Any proof of identity.
17. Copies of all the documents in support of Research Score as provided in Annexure-A (Table-2) of Advt. No.31 of 2023-24.
18. Any other documents as mentioned in para-09 of Advt. No.31 of 2023-24

The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

**Note :-** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

OIPR-12002/11/0211/2526 **Sd./- Secretary**

**ସାନଭାଇକୁ ଟାଙ୍ଗିଆରେ ହାଣିଲେ ବଡ଼**

ଭବାନୀପାଟଣା, (ଉତ୍ତମ କୁମାର ଦାଶ): ଗୁଣିଗାରେଡିକୁ ସନ୍ଦେହ କରି କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଛୋରିଆଗଡ଼ ଗ୍ରାମରେ ଶନିବାର ଅପରାହ୍ନରେ ବଡ଼ଭାଇର ଟାଙ୍ଗିଆ ଚୋଟରେ ସାନଭାଇଙ୍କ ଜୀବନ ଯାଇଛି। ମୃତକ ହେଲେ ଛୋରିଆଗଡ଼ ଗାଁର ସୁବଳ ବାଗ (୪୫)। ଅନ୍ୟପଟେ ସୁବଳଙ୍କ ଆକ୍ରମଣରେ ବଡ଼ଭାଇ ଗୋପୀ ବାଗ(୪୯) ମଧ ଗୁରୁତର ଆହତ ହୋଇଛନ୍ତି। ଏହି ଘଟଣାରେ ପୋଲିସ ଗୋପୀଙ୍କ କେତେଜଣ ସମ୍ପର୍କୀୟ ଭାଇଙ୍କୁ ଅଟକ ରଖି ପଚରାଉଚୁରା କରୁଥିବା ଜୁନାଗଡ ଆଇଆଇସି ଶେଷଦେବ ବେହେରା ସୂଚନା ଦେଇଛନ୍ତି।

# ଜିଲାପାଳଙ୍କ ଅଫିସ୍‌ର ମାଡାମ ପରିଚୟ ଦେଇ ଠକେଇ

**■ଅନୁକମ୍ପାମୂଳକ ସହାୟତା ରାଶିରୁ ନେଇଗଲେ ଲକ୍ଷେ**

**■ବଳାତ୍କାର ପୀଡ଼ିତାଙ୍କୁ ବି ଛାଡ଼ିଲେନି**

କଟକ,୧୭।୫(କାର୍ତ୍ତିକ ସାହୁ)

ଜିଲାପାଳଙ୍କ ଅଫିସ୍‌ର ମାଡାମ ବୋଲି ପରିଚୟ ଦେଇ ଜଣେ ନାବାଳିକା ପୀଡ଼ିତାଙ୍କଠାରୁ ଠକେଇ କରାଯାଇଛି। ପୀଡ଼ିତାଙ୍କୁ ଭୟଭୀତ କରାଇ ତୁରନ୍ତ ଅଧିକ ଦିଆଯାଇଥିବା ଲକ୍ଷେ ଟଙ୍କା ଫେରସ୍ତ ନ କଲେ ସବୁ ଟଙ୍କା ନେଇଯିବୁ ବୋଲି ଫୋନ୍‌ରେ କହିଥିଲେ ଦୁର୍ବୃତ୍ତ। ଫଳରେ ନାବାଳିକା ଭୟରେ ଲକ୍ଷେ ଟଙ୍କା ୟୁପିଆଇ ମାଧମରେ ଦୁର୍ବୃତ୍ତଙ୍କୁ ଦେଇଥିବା ନେଇ ଶନିବାର ଲାଲବାଗ ଥାନାରେ ଅଭିଯୋଗ କରିଛନ୍ତି। କଟକ ଜିଲା ନରସିଂହପୁର ଅଞ୍ଚଳର ନାବାଳିକା ୨୦୨୦ରେ ବଳାତ୍କାରର ଶିକାର ହୋଇଥିଲେ।

ପୋଲିସ ସୂଚନାନୁସାରେ, ନାବାଳିକା ପୀଡ଼ିତା କଟକ ଜିଲା ଆଇନ ସେବା ପ୍ରାଧିକରଣଙ୍କଠାରୁ ଗତ ମାର୍ଚ୍ଚ ୨୩ରେ ୩ ଲକ୍ଷ ୭୫ ହଜାର ଟଙ୍କା ଅନୁକମ୍ପାମୂଳକ ସହାୟତା ପାଇଥିଲେ। ସହାୟତା ରାଶି ନେଇ ଘରେ ପହଞ୍ଚିବା ପରେ ତାଙ୍କ ମୋବାଇଲ୍‌କୁ ଫୋନ୍ କଲ ଆସିଥିଲା। କଲ୍ କରିଥିବା ମହିଳା ଜଣକ ନିଜକୁ କଟକ ଜିଲାପାଳଙ୍କ ଅଫିସର ଜଣେ ମାଡାମ ବୋଲି ପରିଚୟ ଦେଇଥିଲେ। ନାବାଳିକା ପୀଡ଼ିତା ସହାୟତା ରାଶି ୨ ଲକ୍ଷ ୭୫ ହଜାର ଟଙ୍କା ପାଇବା କଥା। ମାତ୍ର ତାଙ୍କୁ ଅଧିକ ଲକ୍ଷେ ଟଙ୍କା ଦିଆଯାଇଛି। ତେଣୁ ଉକ୍ତ ଲକ୍ଷେ ଟଙ୍କା ସେ ଫେରାଇ ଦେବା ପାଇଁ ନାବାଳିକାଙ୍କୁ କହିଥିଲେ। ଖାଲି ସେତିକି ନୁହେଁ, ଲକ୍ଷେ ଟଙ୍କା ନ ଫେରାଇଲେ ସେ ସମ୍ପୂର୍ଣ୍ଣ ଟଙ୍କା ତାଙ୍କ ଆକାଉଣ୍ଟକୁ ନେଇଯିବେ ବୋଲି ଧମକ ଦେଇଥିଲେ। ଏଥିରେ ପୀଡ଼ିତା ଡରିଯାଇଥିଲେ। ଫଳରେ ଫୋନ୍ କଲ୍‌ରେ ଥିବା ମହିଳାଙ୍କୁ କିପରି ଟଙ୍କା ଫେରାଇବି ବୋଲି ପୀଡ଼ିତା ପଚାରିଥିଲେ। ମହିଳାଙ୍କ କହିବା ଅନୁଯାୟୀ ଦୁଇଟି ୟୁପିଆଇ ଆକାଉଣ୍ଟକୁ ୪୯ ହଜାର ଟଙ୍କା ଲେଖାଏ ପଠାଇଥିଲେ। ପୁନର୍ବାର ଆଉ ଏକ ଆକାଉଣ୍ଟକୁ ୨ ହଜାର ଟଙ୍କା ପଠାଇ ଦେଇଥିଲେ। ପୀଡ଼ିତା ଟଙ୍କା ପଠାଇ ପରେ ଯେଉଁ ଫୋନ ନମ୍ବରରୁ କଲ ଆସିଥିଲା ସେହି ନମ୍ବରରେ ବାରମ୍ବାର ଫୋନ କରିବା ପରେ ବି ସୁଇଚ ଅଫ ବୋଲି ଉତ୍ତର ଆସିଥିଲା। ଫଳରେ ସେ ଠକାମିର ଶିକାର ହୋଇଥିବା ନିଶ୍ଚିତ ହୋଇଥିଲେ। ପରେ ସେ ଶନିବାର ଏ ନେଇ ଲାଲବାଗ ଥାନାରେ ଏତଲା ଦେଇ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଲାଲବାଗ ଥାନା ଆଇଆଇସି ସୁଧାଂଶୁ ଜେନା କୁହନ୍ତି, ନାବାଳିକାଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ କରାଯାଉଛି।

# ନର୍ସଙ୍କୁ ବଦଳି, ମାଟ୍ରନ୍‌ଙ୍କୁ କାର୍ଯ୍ୟରୁ ଅନ୍ତର

**ଷ୍ଟାଫ୍‌ନର୍ସ ଟ୍ରେନ୍ ଆଗକୁ ଡେଇଁବା ଘଟଣା**

ଭଦ୍ରକ,୧୭।୫(ସନାତନ ରାଉତ)

ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ଲାକ୍‌ମେଲ୍ ଯୋଗୁ ଜଣେ ଷ୍ଟାଫନର୍ସ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିବା ଘଟଣାରେ ପ୍ରାଥମିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଷ୍ଟାଫନର୍ସଙ୍କୁ ବ୍ଲାକମେଲିଂ କରିଥିବା ନର୍ସ କୁସୁମ ପାଢ଼ୀଙ୍କୁ ଶନିବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବଦଳି କରିଥିବା ବେଳେ ମାଟ୍ରନ୍ ସୌଦାମିନୀ ଦାସଙ୍କୁ କାର୍ଯ୍ୟରୁ ଅନ୍ତର କରିଛନ୍ତି। ପ୍ରକାଶ ଯେ, ଷ୍ଟାଫନର୍ସଙ୍କୁ ତାଙ୍କର କିଛି ବ୍ୟକ୍ତିଗତ ଫଟୋକୁ ନେଇ ଜଣେ ଡାକ୍ତର, ନର୍ସ ଓ ମାଟ୍ରନ୍ ଗତ କିଛିଦିନ ଧରି ବ୍ଲାକ୍‌ମେଲ୍ କରିଆସୁଥିଲେ। ଶୁକ୍ରବାର ତାଙ୍କୁ ଶୌଚାଳୟକୁ ଯିବା ପାଇଁ ନର୍ସ ଓ ମାଟ୍ରନ୍ ବନ୍ଦ କରିବାରୁ ଏଥିରେ ଅତିଷ୍ଠ ହୋଇ ସେ ଭଦ୍ରକ ଚରମ୍ପା ରେଳ ଷ୍ଟେଶନରେ ଆତ୍ମହତ୍ୟା କରିବା ପାଇଁ ଟ୍ରେନ୍ ଆଗକୁ ଡେଇଁ ପଡ଼ିଥିଲେ। ସୌଭାଗ୍ୟବଶତଃ ସେ ବଞ୍ଚିଯାଇଥିବା ବେଳେ ରେଳଧାରଣାରେ ପଡ଼ି ଗୁରୁତର ହୋଇଥିଲେ। ଆର୍‌ପିଏଫ୍ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳ କହିଛନ୍ତି, ପୂର୍ବରୁ ଏହି ଘଟଣା ନେଇ ନର୍ସ ଜଣକ କୌଣସି ଅଭିଯୋଗ କରି ନ ଥିଲେ। ଶୁକ୍ରବାର ଏହି ଦୁର୍ଘଟଣା ପରେ ଅଭିଯୋଗ ହୋଇଥିବା ନର୍ସଙ୍କୁ ଅନ୍ୟତ୍ର ବଦଳି କରାଯାଇଥିବା ବେଳେ ମାଟ୍ରନ୍‌ଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି। ଏହା ପ୍ରାଥମିକ କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ତଦନ୍ତ ପରେ ଯେଉଁମାନେ ଏଥିରେ ସମ୍ପୃକ୍ତ ଥିବେ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅତିରିକ୍ତ ଜିଲାପାଳ ସରୋଜ ଦଣ୍ଡ କହିଛନ୍ତି, ଏହି ଘଟଣାର ଠିକ୍ ତଦନ୍ତ ପାଇଁ ଏକ ଇନ୍‌କ୍ୱାରୀ ଟିମ୍ ଗଠନ କରାଯିବ। ସେକ୍ସୁଆଲ ହାରାସ୍‌ମେଣ୍ଟ କମିଟି ଦ୍ୱାରା ଘଟଣାର ନିରପେକ୍ଷ ତଦନ୍ତ କରାଯିବ। ଅପରପକ୍ଷେ ଷ୍ଟାଫନର୍ସଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେ ସୁସ୍ଥ ହୋଇ ଆସିବା ପରେ ତାଙ୍କ ବୟାନ ଓ ତଦନ୍ତର ତଥ୍ୟ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ବଳାତ୍କାର ପରେ ଛୁରିରେ ଗଳାକାଟି କରାଯାଇଥିଲା ହତ୍ୟା

**ଯୁବତୀଙ୍କ ମୃତଦେହ ଜବତ ଘଟଣା**

ଅନୁଗୋଳ,୧୭।୫ (ମାନସ ବିଶ୍ୱାଳ)


ବିଷ୍ଣୁ ଗୋଛାୟତ

କର୍ମକ୍ଷେତ୍ର ଭୁବନେଶ୍ୱର ଯିବାକୁ ଘରୁ ବାହାରିଥିଲେ ଯୁବତୀ। ଅନୁଗୋଳ ଜିଲା ତାଳଚେର ଷ୍ଟେଶନରୁ ଟ୍ରେନ୍ ଧରିବାକୁ କରିଥିଲେ ଯୋଜନା। ହେଲେ ସେଠାରେ ଟ୍ରେନ୍ ନ ପାଇ ଅଟୋ ଯୋଗେ ତାଳଚେର ରୋଡ୍ ଷ୍ଟେଶନ ଯାଏ ଯାଉଥିଲେ। କିନ୍ତୁ ଏକା ଥିବାର ସୁଯୋଗ ନେଇ ସମ୍ପୃକ୍ତ ଅଟୋ ଚାଳକ ତାଙ୍କ ସହ କରିଥିଲେ ବଳାତ୍କାର। ଏହାପରେ ତଣ୍ଟିକାଟି ଯୁବତୀଙ୍କ ଜୀବନ ନେବା ପରେ ବଅଁରପାଳ ଥାନା ଭୋଗବେରଣି ପଞ୍ଚାୟତ କେନ୍ଦୁପଲି କେନାଲ ପାର୍ଶ୍ୱରେ ପକାଇ ଫେରାର ହୋଇଯାଇଥିଲେ। ଘଟଣାର ୧୭ ଦିନ ପରେ ଏହି ହତ୍ୟାକାଣ୍ଡର ରହସ୍ୟ ଉପରୁ ଶନିବାର ପରଦା ହଟାଇଛି ପୋଲିସ। ଏଥିସହ ମୁଖ୍ୟ ଅଭିଯୁକ୍ତ ଅନୁଗୋଳ ସଦର ଥାନା ସାକୋସିଙ୍ଗା ଗ୍ରାମର ବିଷ୍ଣୁ ଗୋଛାୟତ (୨୮)ଙ୍କୁ ମହାରାଷ୍ଟ୍ରରୁ ଗିରଫ କରାଯାଇଥିବା ଅନୁଗୋଳ ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ରାହୁଲ ଜୈନ ଏହି ସୂଚନା ଦେଇଛନ୍ତି।

ଏସ୍‌ପି କହିଛନ୍ତି, ଅନୁଗୋଳ ଜିଲା କଣିହାଁ ବ୍ଲକ ଅଞ୍ଚଳର ସମ୍ପୃକ୍ତା ଯୁବତୀ ଭୁବନେଶ୍ୱରର ଏକ ଘରୋଇ ସଂସ୍ଥାରେ କାମ କରୁଥିଲେ। ଏପ୍ରିଲ ୨୬ ତାରିଖରେ ସେ ଟ୍ରେନ୍ ଯୋଗେ ଭୁବନେଶ୍ୱର ଯିବାକୁ ତାଳଚେର ଷ୍ଟେଶନକୁ ଯାଇଥିଲେ। ପରେ ସେଠାରୁ ଅଭିଯୁକ୍ତ ବିଷ୍ଣୁଙ୍କ ଅଟୋରେ ତାଳଚେର ରୋଡ୍ ଷ୍ଟେଶନକୁ ଯାଉଥିଲେ। ଅଭିଯୁକ୍ତ ବିଷ୍ଣୁ ତାଙ୍କୁ ଷ୍ଟେଶନରେ ପହଞ୍ଚାଇବା ପରିବର୍ତ୍ତେ ବଅଁରପାଳ ଥାନା ଅଞ୍ଚଳକୁ ନେଇ ବଳାତ୍କାର କରିବା ପରେ ଛୁରିରେ ତଣ୍ଟିକାଟି ହତ୍ୟା କରି ଫୋପାଡ଼ି ଦେଇ ଫେରାର ହୋଇଯାଇଥିଲେ। ଘଟଣା ପରଦିନ ବଅଁରପାଳ ଥାନା କେନ୍ଦୁପଲି ଗ୍ରାମ କେନାଲ ପାଖରୁ ଯୁବତୀଙ୍କ ମୃତଦେହ ପୋଲିସ ଜବତ କରିଥିଲା। ପୋଲିସ ନଂ. ୧୮୩/୨୦୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ବିଷ୍ଣୁଙ୍କୁ ଧରିବାକୁ ପୋଲିସ ପକ୍ଷରୁ ଅପରେଶନ କୋକୁନ ଆରମ୍ଭ କରାଯାଇଥିଲା। ଏସ୍‌ପିଙ୍କ ତତ୍ତ୍ୱାବଧାନରେ ୬ଟି ଟିମ୍ ଗଠନ କରାଯାଇଥିଲା।

# କିଆଫୁଲ ତୋଳାକୁ ନେଇ ୨ଗାଁରେ ସଂଘର୍ଷ

ଛତ୍ରପୁର,୧୭।୫(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଗଞ୍ଜାମ ଜିଲ୍ଲା ଚମାଖଣ୍ଡି ଥାନା ଅନ୍ତର୍ଗତ ଯଙ୍କଶାଳ ଗ୍ରାମ ନିକଟ ଏକ ବିବାଦୀୟ ଜମିରୁ ଶନିବାର କିଆଫୁଲ ତୋଳିବାକୁ ନେଇ ୨ଗାଁ ମଧ୍ୟରେ ସଂଘର୍ଷ ହୋଇଛି। ସିନ୍ଧୁରାପିଲ୍ଲୀ ଓ ଯଙ୍କଶାଳ ଗ୍ରାମର ଦୁଇ ଗୋଷ୍ଠୀ ମଧ୍ୟରେ ହୋଇଥିବା ଆକ୍ରମଣ ପ୍ରତିଆକ୍ରମଣରେ ଉଭୟ ପକ୍ଷର ୧୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ଉଭୟ ପକ୍ଷ ଥାନାରେ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରାଯାଇ ପ୍ରାଥମିକ ପର୍ଯ୍ୟାୟରେ ୧୭ ଜଣଙ୍କୁ ଗିରଫ କରାଯାଇଛି। ଗଣ୍ଡଗୋଳରେ ଆଉ କେହି ସମ୍ପୃକ୍ତ ଥିଲେ ସେମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡେଇ କହିଛନ୍ତି।

ଦୀର୍ଘଦିନ ହେଲା କିଆତୋଟାକୁ ନେଇ ସିନ୍ଧୁରାପିଲ୍ଲୀ ଓ ଯଙ୍କଶାଳ ଗ୍ରାମର ୨ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଥିଲା। ଶନିବାର କିଆଫୁଲ ତୋଳାକୁ କେନ୍ଦ୍ର କରି ଯୁକ୍ତିତର୍କ ହୋଇଥିଲା। ପରେ ଏହା ଉଗ୍ରରୂପ ନେଇ ଠେଙ୍ଗା ଓ ଖଣ୍ଡା ବୁଲିଥିଲା। ଖବରପାଇ ଚମାଖଣ୍ଡି ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲା। ସିନ୍ଧୁରାପିଲ୍ଲୀର ପିଣ୍ଟୁ ନାୟକ ଥାନାରେ ଅଭିଯୋଗ କରିଛନ୍ତି ଯେ, ଯଙ୍କଶାଳରେ ଆମ ଜାଗାରେ ଥିବା କିଆଗଛରୁ ଫୁଲ ତୋଳିବା ବେଳେ ସେଠାର କେତେଜଣ ଆସି ଆକ୍ରମଣ କରିଥିଲେ। ସେହିପରି ଯଙ୍କଶାଳର କେତେଜଣ ମଧ୍ୟ ଥାନାରେ ଅନୁରୂପ ଅଭିଯୋଗ କରିଛନ୍ତି। ଉଭୟ ପକ୍ଷରୁ ଦିଆଯାଇଥିବା ଏତଲାକୁ ଭିତ୍ତି କରି ପୋଲିସ ୨ ମାମଲା (ନଂ.୨୦୯ ଓ ୨୧୧/୨୫) ରୁଜୁ କରିଥିବା ଚମାଖଣ୍ଡି ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ କହିଛନ୍ତି। ଉଭୟ ପକ୍ଷ ଉକ୍ତ କିଆତୋଟା ସେମାନଙ୍କର ବୋଲି ଦାବି କରୁଥିବା ଏସ୍‌ଡିପିଓ ଘଡେଇ କହିଛନ୍ତି ।

# ଆଣ୍ଡାମାନ-ନିକୋବରରୁ ଆଉ ଜଣେ ନୌସେନା ଅଧିକାରୀ ଗିରଫ

**ଅଗ୍ନିବୀର ନିଯୁକ୍ତିରେ ଦୁର୍ନୀତି ମାମଲା**

ବାଲୁଗାଁ,୧୭।୫(ସଂଗ୍ରାମ ପାଇକରାୟ)

ଭାରତୀୟ ନୌସେନାର ଚିଲିକା ଶାଖା ପ୍ରଶିକ୍ଷଣ କେନ୍ଦ୍ରରେ ଅଗ୍ନିବୀର ପଦବୀ ନିଯୁକ୍ତି ଦୁର୍ନୀତି ମାମଲାରେ ବାଲୁଗାଁ ପୋଲିସ ଆଣ୍ଡାମାନ ଓ ନିକୋବରସ୍ଥିତ ଆଇଏନ୍‌ଏସ୍ କେଶରୀରୁ ଆଉ ଜଣେ ନୌସେନା ଅଧିକାରୀଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବିହାର ରେଭେଲଗଞ୍ଜ ଥାନା ଅଧୀନ ପାହିୟାନ ଗ୍ରାମର ଗୁଞ୍ଜୁ କୁମାର(୨୩)। ପୂର୍ବରୁ ପୋଲିସ ଏହି ମାମଲାରେ ଜଣେ ପୂର୍ବତନ ସେନା ଅଧିକାରୀଙ୍କ ସମେତ ୪ଜଣଙ୍କୁ ଗିରଫ କରିଥିଲା।

ସୂଚନାଥାଉ କି, ୨୦୨୪ ନଭେମ୍ବରରେ ଆଇଏନ୍‌ଏସ୍ ଚିଲିକାରେ ଅଗ୍ନିବୀର ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତେବେ ଅଗ୍ନିବୀର ପଦବୀରେ ନିଯୁକ୍ତି ପାଇଁ ଅଭିଯୁକ୍ତମାନେ ପ୍ରଶିକ୍ଷାର୍ଥୀଙ୍କଠାରୁ ସହାୟତା ଆଳରେ ଟଙ୍କା ଆଦାୟ କରୁଥିଲେ। ଯିଏ ଟଙ୍କା ଦେବା ପାଇଁ ଅକ୍ଷମତା ପ୍ରକାଶ କରୁଥିଲେ, ତାଙ୍କୁ ଫେଲ୍ କରିଦେବା ଲାଗି ଧମକ ଦେଉଥିଲେ। ଜଣକ ପିଛା ୩୦ ହଜାରରୁ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅଭିଯୁକ୍ତମାନେ ଆଦାୟ କରୁଥିଲେ। ଏନେଇ ଅଭିଯୋଗ ପରେ ବାଲୁଗାଁ ଥାନାରେ ଏକ ମାମଲା (ନଂ.୧୧୮/୨୫) ରୁଜୁ ହୋଇଥିଲା। ଏହା ପରେ ଏସ୍‌ପି ସାଗରିକା ନାଥଙ୍କ ନିର୍ଦ୍ଦେଶକ୍ରମେ ବାଲୁଗାଁ ଥାନା ଆଇଆଇସି ଜୟ ପ୍ରକାଶ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ତଦନ୍ତ କରି ଜଣେ ପୂର୍ବତନ ସେନା ଅଧିକାରୀଙ୍କ ସମେତ ୩ ଜଣଙ୍କୁ ଗିରଫ କରିଥିଲା। ତେବେ ଏହି ମାମଲାରେ ଆଣ୍ଡାମାନ ଓ ନିକୋବର ଆଇଏନ୍‌ଏସ୍ କେଶରୀରେ କାର୍ଯ୍ୟରତ ଆଉ ଦୁଇଜଣ ସେନା ଅଧିକାରୀ ସମ୍ପୃକ୍ତ ଥିବା ତଦନ୍ତରୁ ଜଣାପଡିଥିଲା।



ଅଭିଯୁକ୍ତ କ୍ରିଷ୍ଣାକାନ୍ତ ସାଇନି ଛୁଟିରେ ଘର ରାଜସ୍ଥାନକୁ ଯାଇଥିବା ବେଳେ ଗତ ୧ତାରିଖରେ ବାଲୁଗାଁ ପୋଲିସର ଏକ ଟିମ୍ ଯାଇ ସେଠାରୁ ତାଙ୍କୁ ଗିରଫ କରିଥିଲା। ସେହିପରି ଅନ୍ୟତମ ଅଭିଯୁକ୍ତ ଗୁଞ୍ଜୁ କୁମାରଙ୍କୁ ଗିରଫ କରିବା ପାଇଁ ଆଇଆଇସି ପରିଡ଼ା ଏବଂ ଟିମ୍ ସପ୍ତାହେ ତଳେ ଆଣ୍ଡାମାନ ଓ ନିକୋବର ଯାଇ ସେଠାରୁ ତାଙ୍କୁ ଗିରଫ କରିଛି।

## BUSINESS

# ଘରୋଇ ସୋଲାର ଉତ୍ପାଦନରେ ନୂତନ ମାନଦଣ୍ଡ ନିର୍ଦ୍ଧାରଣ

ଭୁବନେଶ୍ୱର,୧୭।୫



ବର୍ତ୍ତମାନ ସମୟରେ ଉଭୟ ସରକାରୀ ଓ ଘରୋଇ ଭାବେ ସୋଲାରର ବ୍ୟବହାରକୁ ଗୁରୁତ୍ୱ ଦିଆଯାଉଛି। ଏପରିକି ଘରୋଇ ସୋଲାର ସେଲ୍ ଓ ମଡ୍ୟୁଲ ଉତ୍ପାଦନରେ ଟାଟା ପାୱାରର ସୋଲାର ଉତ୍ପାଦନ ଶାଖା ନୂତନ ମାନଦଣ୍ଡ ନିର୍ଦ୍ଧାରଣ କରିଛି। ଅପରପକ୍ଷରେ ଟାଟା ପାୱାରର ସୋଲାର ଉତ୍ପାଦନ ଶାଖା ଟିପି ସୋଲାର କମ୍ପାନୀ ଅକ୍ଷୟ ଶକ୍ତି ଅଭିବୃଦ୍ଧି ରଣନୀତିରେ ଏକ ପ୍ରମୁଖ ସ୍ତମ୍ଭ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛି। ସେହିଭଳି ତାମିଲନାଡୁର ତିରୁନେଲଭେଲିରେ ଥିବା ଟାଟା ସୋଲାରର ଅତ୍ୟାଧୁନିକ ଉତ୍ପାଦନ ୟୁନିଟ୍(କାରଖାନା)କୁ ନିକଟରେ ଆଉ ଏକ ସଫଳତା ମିଳିଛି। ୨୦୨୪-୨୫ ଆର୍ଥିକ ବର୍ଷରେ କମ୍ପାନୀ ୩୨୯୧ ମେଗାୱାଟ୍‌ର ସୋଲାର ମଡ୍ୟୁଲ ଓ ୮୪୬ ମେଗାୱାଟ୍‌ର ସୋଲାର ସେଲ୍ ଉତ୍ପାଦନ କରିବାର ଏକ ନୂଆ ମାଇଲଖୁଣ୍ଟ ହାସଲ କରିଛି। ଏହି କାରଖାନା ଭାରତରେ ଅନ୍ୟତମ। ସବୁଠୁ ଉନ୍ନତ ସମନ୍ୱିତ ସୋଲାର ଉତ୍ପାଦନ କାରଖାନା ଏବଂ ଆମଦାନୀ ନିର୍ଭରଶୀଳତା କମ୍ କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବାବେଳେ ଘରୋଇ ସୋଲାର ମୂଲ୍ୟ ଶୃଙ୍ଖଳାକୁ ମଧ ସୁଦୃଢ଼ କରୁଛି। ୨୦୨୪-୨୫ ଆର୍ଥିକ ବର୍ଷରେ କମ୍ପାନୀ ୪୨୨କୋଟି ଟଙ୍କାର ଉଲ୍ଲେଖନୀୟ ଟିକସ ପରବର୍ତ୍ତୀ ଲାଭ ହାସଲ କରିଛି। ସେହିପରି ଏହି କାରଖାନାରେ ଅତ୍ୟାଧୁନିକ ଟପ୍‌କନ୍ (ଟନେଲ୍ ଅକ୍ସାଇଡ୍ ପାସିଭେଟେଡ୍ କଣ୍ଟାକ୍ଟ) ଏବଂ ମୋନୋ ପିଇଆର୍‌ସି (ପାସିଭେଟେଡ୍ ଏମିଟର ଆଣ୍ଡ ରିଅଲ୍‌ସେଲ୍) ପ୍ରଯୁକ୍ତି ରହିଛି, ଯାହା ଉଚ୍ଚ ଦକ୍ଷତାସମ୍ପନ୍ନ ସୋଲାର ସେଲ୍ ଉତ୍ପାଦନକୁ ସକ୍ଷମ କରୁଛି। ଏଥିରେ ସମନ୍ୱିତ ହୋଇଥିବା ବାଇଫାସିଆଲ୍ ମଡ୍ୟୁଲ୍ ପ୍ରଯୁକ୍ତି ଶକ୍ତି ଉତ୍ପାଦକତାରେ ଉନ୍ନତି ଆଣୁଥିବାବେଳେ ପ୍ୟାନେଲର ଉଭୟ ସାମ୍ନା ଓ ପଛ ପାର୍ଶ୍ୱରୁ ଶକ୍ତି ଉତ୍ପନ୍ନ କରିବାରେ ମଧ ବେଶ୍ ସହାୟକ ହୋଇ ଜମି ବ୍ୟବହାର ଓ ଦକ୍ଷତା ବ୍ୟବସ୍ଥାକୁ ସର୍ବାଧିକ କରିପାରୁଛି। ଏହି କାରଖାନାରେ ଉତ୍ପାଦନ କରାଯାଉଥିବା ମଡ୍ୟୁଲ ଘରୋଇ ବିଷୟବସ୍ତୁ (କଣ୍ଟେଣ୍ଟ) ଆବଶ୍ୟକତା (ଡିସିଆର୍) ନିୟମକୁ ସମ୍ପୂର୍ଣ୍ଣ ପାଳନ କରି ଭାରତୀୟ ସୋଲାର ଡେଭେଲପରଙ୍କ ୟୁଟିଲିଟି ଓ ରୁଫ୍‌ଟପ୍ ସୋଲାର ଆବଶ୍ୟକତା ପୂରଣ କରୁଥିବାବେଳେ ସ୍ୱଚ୍ଛଶକ୍ତି ଉତ୍ପାଦନରେ ଆତ୍ମନିର୍ଭର ହେବାର ଜାତୀୟ ଆବଶ୍ୟକତାକୁ ସମର୍ଥନ କରୁଛି। ୟୁଏସ୍ ଇଣ୍ଟରନ୍ୟାଶନାଲ ଡେଭେଲପ୍‌ମେଣ୍ଟ ଫାଇନାନ୍ସ କର୍ପୋରେଶନ (ଡିଏଫ୍‌ସି) ଠାରୁ ୪୨୫ ନିୟୁତ ଡଲାର ନିବେଶ ହାସଲ ସହ ତିରୁନେଲଭେଲି କାରଖାନା ଏହାର ଅନ୍ତର୍ଭୁକ୍ତୀକରଣ ଶ୍ରମଶକ୍ତି ମଡେଲ ପାଇଁ ବେଶ୍ ପରିଚିତ ରହିଛି।

# ଆଇକ୍ୟୁର ନୂତନ ଉତ୍ପାଦ

ଭୁବନେଶ୍ୱର,୧୭।୫

ଆଇକ୍ୟୁର ନୂତନ ଉତ୍ପାଦ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଆଇକ୍ୟୁ ନିଓ ୧୦ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଭାରତର ଏହା ପ୍ରଥମ ସ୍ମାର୍ଟଫୋନ୍ ସ୍ମାର୍ଟଫୋନ, ଯେଉଁଥିରେ ସ୍ନାପଡ୍ରାଗନ ୮ଏସ ଜେନ୪ ପ୍ରୋସେସର୍ ରହିଛି, ଯାହା ଫ୍ଲାଗସିପ୍-ଗ୍ରେଡ୍ ଗତି ଏବଂ ଦକ୍ଷତା ପ୍ରଦାନ କରୁଛି। ସେହିଭଳି ନିଓ୧୦ ହେଉଛି ଭାରତର ସବୁଠାରୁ ପତଳା ସ୍ମାର୍ଟଫୋନ୍ ଯାହାର ୭୦୦୦ଏମଏଏଚ ବ୍ୟାଟେରୀ ଅଛି, ଯାହାର ମୋଟେଇ ମାତ୍ର ୦.୮୦୯ ସେମି ବୋଲି କୁହାଯାଉଛି। ୧୨୦ ୱଟ ଫ୍ଲାସ ଚାର୍ଜର ସହିତ ମିଳିତ ଭାବେ ଏହା କାମ ଏବଂ ଦୈନନ୍ଦିନ ଜୀବନକୁ ନିରନ୍ତର ଭାବେ ନେଭିଗେଟ୍ କରୁଥିବା ବ୍ୟବହାରକାରୀଙ୍କୁ ସମର୍ଥନ କରିଥାଏ। ଏକ ନିମଜ୍ଜିତ ଅଭିଜ୍ଞତା ପାଇଁ ଏଥିରେ ସେଗମେଣ୍ଟର ସବୁଠାରୁ ଉଜ୍ଜ୍ୱଳ ୧.୫କେ ୧୪୪ ଆମୋଲେଡ ଡିସପ୍ଲେ ସ୍ମାର୍ଟଫୋନ୍ ରହିଛ।

# ତ୍ରିଶୂଳିଆ ଅଞ୍ଚଳରେ ବଢ଼ୁଛି ବାସଗୃହ ଚାହିଦା

ଭୁବନେଶ୍ୱର, ୧୭।୫ (ଅନୁରାଧା ମହାରଣା)

କଟକ ଓ ଭୁବନେଶ୍ୱର ମଧ୍ୟରେ କାଠଯୋଡି ଓ କୁଆଖାଇ ନଦୀ ତଟରେ ଅବସ୍ଥିତ ତ୍ରିଶୂଳିଆ ଅଞ୍ଚଳ ରହିବା ପାଇଁ ଏବେ ଲୋକମାନଙ୍କର ପ୍ରଥମ ପସନ୍ଦ ପାଲଟିଛି। ମାତ୍ର ଦଶରୁ ବାରବର୍ଷ ମଧ୍ୟରେ ଏହି ଅଞ୍ଚଳରେ ଅନେକ ଉନ୍ନତି ଦେଖିବାକୁ ମିଳିଛି। କଟକ ଏବଂ ଭୁବନେଶ୍ୱରରୁ ସିଧାସଳଖ ଗମନାଗମନ ଲାଗି ୪ ଥାକିଆ ରାସ୍ତା ତ୍ରିଶୂଳିଆ ଦେଇ ଯାଉଛି। ଏହା ମଧ୍ୟରେ ରାଜ୍ୟ ସରକାର ତ୍ରିଶୂଳିଆ ଛକରେ ମେଟ୍ରୋ ଷ୍ଟେଶନର ନିର୍ମାଣ କରିବା ପାଇଁ ସ୍ଥିର କରିଛନ୍ତି। ରାଜ୍ୟରେ ରିଅଲଇଷ୍ଟେଟ୍ କ୍ଷେତ୍ରରେ ତ୍ରିଶୂଳିଆ ଅଞ୍ଚଳ ଏକ ନୂଆ ହବ୍ ପାଲଟିଛି। ଯେଉଁଥିରେ ରାଜ୍ୟ ଏବଂ ରାଜ୍ୟ ବାହାରର ବହୁ ନାମିଦାମି ରିଅଲଇଷ୍ଟେଟ୍ ଡେଭଲପର୍‌ମାନେ ପ୍ରକଳ୍ପ ତିଆରି କରିଛନ୍ତି। ଏହିସବୁ ସୁବିଧା ଉପଲବ୍ଧ ହେଉଥିବା ହେତୁ ତ୍ରିଶୂଳିଆରେ ନିର୍ମିତ ଫ୍ଲାଟ୍ ଗୁଡିକର ଦର ଗ୍ରାହକ ଉପଯୋଗୀ ହୋଇଥିବାରୁ ନିବେଶକାରୀ ମାନେ ଏହି ସ୍ଥାନରେ ରିଅଲଇଷ୍ଟେଟ୍ ରେ ଅର୍ଥ ନିବେଶ କରିବା ପାଇଁ ଅଧିକ ଆଗ୍ରହ ପ୍ରକାଶ କରୁଛନ୍ତି। ଏହି ପ୍ରକଳ୍ପ ଗୁଡିକରେ ୫୦୦ ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ବର୍ତ୍ତମାନ ଡିଅନ୍ ତାର ଇଣ୍ଟିଗ୍ରେଟେଡ୍ ଟାଉନସିପ୍ ପ୍ରକଳ୍ପର ପ୍ରି ବୁକିଂ ଆରମ୍ଭ କରିଅଛି। ଏହି ପ୍ରକଳ୍ପ ୧୨ ଏକରରୁ ଉର୍ଦ୍ଧ୍ୱ ସ୍ଥାନରେ କରାଯାଉଛି। ଏହି ପ୍ରକଳ୍ପ ପାଇଁ ସିଡିଏ ଓରେରାର ଅନୁମତି ମିଳିଥିବା ଡିଅନ୍ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପ୍ରକଳ୍ପ ଓଡ଼ିଶା ଏବଂ ଭାରତର ଅନ୍ୟତମ ବୋଲି ଏହାର ନିର୍ଦ୍ଦେଶକ ଇଂ ମନୋଜ ସାହୁ ପ୍ରକାଶ କରିଛନ୍ତି। ଏହି ପ୍ରକଳ୍ପରେ ୧ ହଜାରରୁ ଉର୍ଦ୍ଧ୍ୱ ଆବାସିକ ଗୃହ(୨,୩,୪ବିଏଚ୍‌କେ) ୨୦୦ ଶଯ୍ୟା ବିଶିଷ୍ଟ ହସପିଟାଲ, ମଲ୍, ମଲ୍ଟିପ୍ଲେକ୍ସ, ହୋଟେଲ ଆଦି ସୁବିଧା ଉପଲବ୍ଧ କରାଯିବ।

DION

# ଏସ୍‌ବିଆଇ ସିକ୍ୟୁରିଟିଜ୍ ପକ୍ଷରୁ ଆର୍ଥିକ ସହାୟତା

ଭୁବନେଶ୍ୱର,୧୭।୫

ଏସ୍‌ବିଆଇ ସିକ୍ୟୁରିଟିଜ୍ ପକ୍ଷରୁ ଗୁଣାତ୍ମକ ଚକ୍ଷୁ ଚିକିତ୍ସା ସେବା ପାଇଁ ୪୯ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏପରିକି କମ୍ପାନୀର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର୍) କାର୍ଯ୍ୟକ୍ରମର ଅଂଶ ଭାବେ ଓଡ଼ିଶା ଏବଂ ପଶ୍ଚିମବଙ୍ଗର ବିଭିନ୍ନ ଜିଲାରେ ଚକ୍ଷୁ ଚିକିତ୍ସା ସେବାକୁ ବୃଦ୍ଧି କରିବା ପାଇଁ ସାଇଟସେଭର୍ସ ଇଣ୍ଡିଆ ସହ 'ନେତ୍ର ବସନ୍ତ-ଗ୍ରାମୀଣ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ' ପାଇଁ ଏସ୍‌ବିଆଇ ସିକ୍ୟୁରିଟିଜ୍ ଏହି ଆର୍ଥିକ ସହାୟତା ଓ ସହଯୋଗ କରିଛି। ଏହି ପଦକ୍ଷେପ ମାଧ୍ୟମରେ ଉନ୍ନତ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ସିଧାସଳଖ ସମ୍ବୋଧିତ କରିଥାଏ। ବିଶେଷକରି ପ୍ରତିରୋଧକ ଚକ୍ଷୁ ଚିକିତ୍ସାରେ ଏହାର ଅବଦାନ ରହିଛି। ଏହି ପ୍ରକଳ୍ପର ଲକ୍ଷ୍ୟ ହେଉଛି ଉପରୋକ୍ତ ଅଞ୍ଚଳର ଜିଲା ହସ୍ପିଟାଲ ଏବଂ ଏନ୍‌ଜିଓ ହସ୍ପିଟାଲଗୁଡ଼ିକୁ ସେମାନଙ୍କର ଚକ୍ଷୁ ବାହ୍ୟ ରୋଗୀ ବିଭାଗ (ଓପିଡି) ଏବଂ ଚକ୍ଷୁ ଅପରେଶନ ଥିଏଟର (ଓଟି) ପାଇଁ ଅତ୍ୟାବଶ୍ୟକ ଚିକିତ୍ସା ଉପକରଣ ଯୋଗାଇଦେବା ସହ ସେମାନଙ୍କର କ୍ଷମତାକୁ ସୁଦୃଢ଼ କରିବା। ଏହି ସ୍ୱାସ୍ଥ୍ୟସେବା ସୁବିଧାଗୁଡ଼ିକ ସେମାନଙ୍କ ସମ୍ପ୍ରଦାୟକୁ ଉଲ୍ଲେଖନୀୟ ଚକ୍ଷୁ ଚିକିତ୍ସା ସେବା ପ୍ରଦାନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ପ୍ରାୟତଃ ଗୁଣାତ୍ମକ ଚିକିତ୍ସା ପାଇବାରେ ଗୁରୁତ୍ୱପୂର୍ଣ୍ଣ ପ୍ରତିବନ୍ଧକର ସମ୍ମୁଖୀନ ହେଉଥିବା ଦୁର୍ବଳ ଜନସଂଖ୍ୟାକୁ ସେବା ପ୍ରଦାନ କରିଥାଏ।

ଏ ସମ୍ପର୍କରେ ଏସ୍‌ବିଆଇ କ୍ୟାପ୍ ସିକ୍ୟୁରିଟିଜ୍ ଲିମିଟେଡ୍‌ର ସିଏଫ୍‌ଓ ଏବଂ ଡବ୍ଲ୍ୟୁଟିଡି ସୁଶାନ୍ତ କୁମାର ଦାସ କହିଛନ୍ତି, ଆମେ ଜଣେ ବ୍ୟକ୍ତିଙ୍କ ଜୀବନର ଗୁଣବତ୍ତା ଏବଂ ସମାଜରେ ତା'ର ସମ୍ପୂର୍ଣ୍ଣ ଅଂଶଗ୍ରହଣ କରିବାର କ୍ଷମତା ଉପରେ ଭଲ ଦୃଷ୍ଟିର ଗଭୀର ପ୍ରଭାବକୁ ସ୍ୱୀକାର କରୁଛୁ। ଓଡ଼ିଶାରେ ଚକ୍ଷୁ ଚିକିତ୍ସା ସେବାକୁ ବୃଦ୍ଧି କରିବା ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରୟାସରେ ଆମେ ସାଇଟସେଭର୍ସ ଇଣ୍ଡିଆ ସହିତ ସହଭାଗୀ ହୋଇ ବହୁ ଖୁସି ଅଛୁ। ଏହି ଅବଦାନ ସ୍ଥାନୀୟ ହସ୍ପିଟାଲଗୁଡ଼ିକର କ୍ଷମତାକୁ ସୁଦୃଢ଼ କରିବା ପାଇଁ ଅତ୍ୟାବଶ୍ୟକ ଉପକରଣ ଯୋଗାଇବ। ଏହାଦ୍ୱାରା ସମୟୋପଯୋଗୀ ଏବଂ ଗୁଣାତ୍ମକ ଚକ୍ଷୁ ଚିକିତ୍ସା ସେମାନଙ୍କ ପାଖରେ ପହଞ୍ଚିବ।

# ବେଷ୍ଟ ସେଣ୍ଟର ଜରିଆରେ ଦକ୍ଷତା ପ୍ରଶିକ୍ଷଣ

**ସିଜିୟୁରେ ଦିନିକିଆ ସିମ୍ପୋଜିୟମ ଉଦ୍‌ଘାଟିତ**

ଭୁବନେଶ୍ୱର,୧୭।୫ (ଅଭୟ ଦାଶ)




ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଭୁବନେଶ୍ୱରସ୍ଥିତ ସି.ଭି.ରମଣ ଗ୍ଲୋବାଲ ୟୁନିଭର୍ସିଟି (ସିଜିୟୁ)ରେ ଏକ ଦିନିକିଆ ସିମ୍ପୋଜିୟମ ଶନିବାର ଅନୁଷ୍ଠିତ ହୋଇଯାଇଛି। ସିଜିୟୁ ଓଡ଼ିଶା ଏବଂ ବଜାଜ ଅଟୋ ଲିମିଟେଡ୍‌ର ମିଳିତ ସହଯୋଗରେ 'ଉନ୍ନତ ଉତ୍ପାଦନ ଦକ୍ଷତା ପାଇଁ ଯୁବପିଢ଼ିଙ୍କ ସଶକ୍ତୀକରଣ' ଶୀର୍ଷକ ବିଷୟବସ୍ତୁ ଉପରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।। ଉଲ୍ଲେଖଯୋଗ୍ୟ, ବଜାଜ ଇଞ୍ଜିନିୟରିଂ ସ୍କିଲ୍‌ସ ଟ୍ରେନିଂ (ବେଷ୍ଟ) ହେଉଛି ବଜାଜ ଅଟୋ ଲିମିଟେଡ୍‌ର ଏକ ପ୍ରମୁଖ ସିଏସ୍ଆର୍ ପଦକ୍ଷେପ, ଯାହା ମାଧ୍ୟମରେ ଡିପ୍ଲୋମା ଏବଂ ଇଞ୍ଜିନିୟରିଂ ଛାତ୍ରୀଛାତ୍ରଙ୍କୁ ଉନ୍ନତ ଉତ୍ପାଦନ ଦକ୍ଷତାରେ ପ୍ରଶିକ୍ଷଣ ଦିଆଯିବ। ଏହି ତାଲିମ କେନ୍ଦ୍ରରେ ମେକାଟ୍ରୋନିକ୍ସ, ରୋବୋଟିକ୍ସ ଏବଂ ଅଟୋମେସନ, ମୋସନ କଣ୍ଟ୍ରୋଲ୍, ସେନସର ପ୍ରଯୁକ୍ତିବିଦ୍ୟା, ସ୍ମାର୍ଟ ମାନୁଫାକଚରିଂ ଏବଂ ଇଣ୍ଡଷ୍ଟ୍ରି ୪.୦ ରେ ଶିଳ୍ପ-ଅନୁପ୍ରେରିତ ତାଲିମ ପ୍ରଦାନ କରାଯିବ, ଯେଉଁଥିରେ ମହିଳା ଏବଂ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗକୁ ଅଗ୍ରାଧିକାର ଦିଆଯିବ। ସେହିଭଳି ଛାତ୍ରୀଛାତ୍ରୀମାନଙ୍କ ନିଯୁକ୍ତି ଏବଂ ଦକ୍ଷତା ବିକାଶକୁ ଗୁରୁତ୍ୱ ଦେଇ ଏଥିରେ ପରିଚାଳିତ ହେବାକୁ ଥିବା ପାଠ୍ୟକ୍ରମକୁ ବରିଷ୍ଠ ଶିଳ୍ପ ବିଶେଷଜ୍ଞ ଏବଂ ବଜାଜ ଅଟୋ ଲିମିଟେଡ୍‌ର ଇଞ୍ଜିନିୟରମାନେ ପ୍ରସ୍ତୁତ କରିଛନ୍ତି। ଏଆଇସିଟିଇ ଛାତ୍ରବୃତ୍ତି ଏବଂ ଅନୁଦାନ ବ୍ୟୁରୋର ପରାମର୍ଶଦାତା ଡ. ଏନ୍.ଏଚ୍. ସିଦ୍ଧଲିଙ୍ଗସ୍ୱାମୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଇଞ୍ଜିନିୟରିଂ ଶିକ୍ଷାର ପ୍ରଥମ ବର୍ଷରୁ ଦକ୍ଷତା ଆଧାରିତ ତାଲିମ ଅନୁଷ୍ଠିତ ହେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ବଜାଜ ଅଟୋ ଲିମିଟେଡ୍‌ର ଭିପି (ସିଏସ୍ଆର୍) ସୁଧାକର ଗୁଡିପତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଧୁନିକ ଲାବ୍ ଏବଂ ବ୍ୟବହାରିକ ତାଲିମ ମାଧ୍ୟମରେ ଯୁବପିଢ଼ି ସଶକ୍ତୀକରଣ ଉପରେ ଆଲୋକପାତ କରିଥିଲେ। ସିଜିୟୁର ପ୍ରତିଷ୍ଠାତା ଏବଂ ସଭାପତି ସଞ୍ଜୀବ କୁମାର ରାଉତ, ବୈଷୟିକ ଶିକ୍ଷାକୁ ବୃଦ୍ଧି କରିବା ଏବଂ ନିଯୁକ୍ତି ସୁଯୋଗର ବ୍ୟବଧାନ ପୂରଣ କରିବା ପାଇଁ ଶିକ୍ଷାନୁଷ୍ଠାନ, ଶିଳ୍ପ ଏବଂ ନୀତି ନିର୍ଦ୍ଧାରକମାନଙ୍କ ମଧ୍ୟରେ ଦୃଢ଼ ସହଯୋଗର ଆବଶ୍ୟକତା ରହିଛି ବୋଲି ସେ ଦର୍ଶାଇଥିଲେ।

# ରୁଚି ଅନ୍ନପୂର୍ଣ୍ଣା କୁକ୍ ମିଟ୍

ଭୁବନେଶ୍ୱର,୧୭।୫

ରୁଚି ଫୁଡ୍‌ଲାଇନର ସୁବର୍ଣ୍ଣ ଜୟନ୍ତୀ ବର୍ଷ ପୂର୍ତ୍ତି ଉତ୍ସବର ପ୍ରାକ୍ ପ୍ରସ୍ତୁତି ଅବସରରେ ଏକ ବିଶେଷ କାର୍ଯ୍ୟକ୍ରମ 'ରୁଚି ଅନ୍ନପୂର୍ଣ୍ଣା କୁକ୍ ମିଟ୍' ଭୁବନେଶ୍ୱରର ଚତୁର୍ଭୁଜ ଲିଗାସି ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱରର ୧୦୦ ରୁ ଅଧିକ ବିଭିନ୍ନ ରନ୍ଧନ ବିଶେଷଜ୍ଞ ଓ ହୋଟେଲ ପ୍ରତିଷ୍ଠାନଗୁଡ଼ିକରେ କାର୍ଯ୍ୟ କରୁଥିବା ସେଫ୍‌ମାନେ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ରୁଚିର ନିର୍ଦ୍ଦେଶକ ଅରବିନ୍ଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରନ୍ଧନ ବିଶେଷଜ୍ଞମାନଙ୍କ ପାଇଁ ଏକ ବିଶେଷ ପ୍ରୋତ୍ସାହନର ଘୋଷଣା କରିଥିଲେ। ଏହି ଅବସରରେ ଅଲ୍ ଓଡ଼ିଶା କ୍ୟାଟରସ୍ ଆସୋସିଏସନ୍‌ର ବରିଷ୍ଠ ଉପଦେଷ୍ଟା ପ୍ରବୋଧ ଦାସ, ରୁଚିର ପ୍ରାଧିକୃତ ବିକ୍ରେତା ଆଦିତ୍ୟ କୁମାର ଗଜେନ୍ଦ୍ର, ଅଲେଖ ଚନ୍ଦ୍ର ସାହୁ, କିଶୋର ଚନ୍ଦ୍ର ପାତ୍ର ଏବଂ ପ୍ରମୋଦ କୁମାର ସାହୁଙ୍କୁ ବିଶେଷ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ବର୍ଷୀୟାନ ରନ୍ଧନ ବିଶେଷଜ୍ଞ ଶିବରାମ ମଳିଆ, ସୁକାନ୍ତ ଦୀକ୍ଷିତ, କମଳଲୋଚନ ମଳିଆ, ଅକ୍ଷୟ କୁମାର ମହାରଣା ପ୍ରମୁଖ ଯୋଗଦେଇ ରୁଚି ମସଲାର ଗୁଣବତ୍ତା ଓ ଶୁଦ୍ଧତା ବିଷୟରେ ଆଲୋଚନା କରିଥିଲାବେଳେ ଓଡ଼ିଶାର ଏହା ୧ ନମ୍ବର ବ୍ରାଣ୍ଡ ଭାବେ ପରିଚୟ ଅର୍ଜନ କରିଛି ବୋଲି କହିଥିଲେ। ସେହିପରି କମ୍ପାନୀର ସେଲ୍‌ସ ବିଭାଗ ମୁଖ୍ୟ ଦିଲୀପ ସାହୁ, କ୍ୱାଲିଟି ବିଭାଗର ମୁଖ୍ୟ ଅଶୋକ କୁମାର ନାୟକ ପ୍ରମୁଖ 'ରୁଚି'ର ବିଭିନ୍ନ କାର୍ଯ୍ୟକ୍ରମ ଓ ରନ୍ଧନ ବିଶେଷଜ୍ଞମାନଙ୍କୁ ସ୍ୱାଗତ କରିବା ସହ ସେମାନଙ୍କ ସହଯୋଗ ଓ ସହଭାଗିତା ପାଇଁ କୃତଜ୍ଞତା ଜଣାଇଥିଲେ। ରୁଚି ଲୋକ ସମ୍ପର୍କ ବିଭାଗ ମୁଖ୍ୟ ଶୁଭେନ୍ଦୁ କୁମାର ଭୂୟାଁ ଅନୁଷ୍ଠାନର ଆଗାମୀ ସୁବର୍ଣ୍ଣ ଜୟନ୍ତୀ ବର୍ଷର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମାର୍କେଟିଂ ବିଭାଗର ଅଧିକାରୀ ପ୍ରଶାନ୍ତ କୁମାର ପାତ୍ର, ସୋନାଲି ସାହୁ, ନେହା ରାଓ, ପ୍ରଦୀପ କୁମାର ପ୍ରଧାନ, ଶୁଭାଶିଷ ଜେନା ପ୍ରମୁଖ ଉପସ୍ଥିତ ଥିଲେ। 'ରୁଚି' କର୍ପୋରେଟ ସେଲ୍ସର ମୁଖ୍ୟ ସାଇସମ୍ମିତା ନାୟକ ଧନ୍ୟବାଦ ଜଣାଇଥିଲେ।



# ବିଦେଶରେ ପାଠପଢ଼ା



**ଏକ ସଫଳ କ୍ୟାରିୟର ଏବଂ ଉଜ୍ଜ୍ୱଳ ଭବିଷ୍ୟତ ଲକ୍ଷ୍ୟରେ ବିଦେଶରେ ପାଠ ପଢ଼ିବା ଅନେକ ଛାତ୍ରୀଛାତ୍ରଙ୍କ ସ୍ୱପ୍ନ ଯଦିଓ ଏହା କେତେଜଣଙ୍କ ପାଇଁ ରୋମାଞ୍ଚକ ହେଲେ ଏଥିରେ ଅନେକ ଚ୍ୟାଲେଞ୍ଜ ମଧ୍ୟ ରହିଥାଏ...**

ହାୟର ଷ୍ଟଡି କରି ଜବ୍ ପାଇଁ ଗ୍ଲୋବାଲ୍ ଏକ୍ସପୋଜର୍ ପାଇବା ଲକ୍ଷ୍ୟରେ ଏବେ ଅନେକ ଛାତ୍ରୀଛାତ୍ର ବିଦେଶରେ ପଢିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି। ଆବ୍ରାଜନ୍ ବ୍ୟୁରୋ ଦ୍ୱାରା ହୋଇଥିବା ଏକ ରିସର୍ଚ୍ଚ ରିପୋର୍ଟ ମୁତାବକ ୨୦୨୪ରେ ଭାରତରୁ ପାଠ ପଢା ପାଇଁ ବିଦେଶ ଯାଇଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା ପ୍ରାୟ ୧୩ ଲକ୍ଷ। ହେଲେ ବାହାର ଦେଶକୁ ଯାଇ ପାଠ ପଢିବା ସମସ୍ତଙ୍କ ପାଇଁ ସହଜ ନୁହେଁ। ଏଥିପାଇଁ ଅନେକ ଚ୍ୟାଲେଞ୍ଜ ରହିଥାଏ। ତେଣୁ ଠିକ୍ ଭାବେ ପୂର୍ବପ୍ରସ୍ତୁତି କରିଥିଲେ ଏହି କାର୍ଯ୍ୟ ମଧ୍ୟ ସହଜ ହୋଇପାରେ।

– ଏଥିପାଇଁ ପ୍ରଥମେ କେଉଁ ଦେଶରେ ଏବଂ କେଉଁ କ୍ଷେତ୍ରରେ ଅଧ୍ୟୟନ କରିବାକୁ ଚାହୁଁଛନ୍ତି ନିର୍ଦ୍ଧାରୀତ କରିବା ଦରକାର।

– ଭିଜା ମଧ୍ୟ ଯଥେଷ୍ଟ ପୂର୍ବରୁ ପ୍ରସ୍ତୁତ କରି ରଖିବା ଜରୁରୀ।

– ଠିକ୍ ୟୁନିଭର୍ସିଟି ଚୟନ କରିବା ମଧ୍ୟ ସବୁଠୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ଉକ୍ତ ଶିକ୍ଷାନୁଷ୍ଠାନରେ ଆଡ୍‌ମିଶନ୍ ପାଇଁ ସମସ୍ତ ଏଲିଜିବିଲିଟି କ୍ରାଇଟେରିଆ ଏବଂ ଆବଶ୍ୟକ ଡକ୍ୟୁମେଣ୍ଟ ସମ୍ପର୍କରେ ପୂର୍ବରୁ ଭଲ ଭାବେ ଜାଣିବା ଦରକାର। ଏଥିପାଇଁ କ୍ୟାରିୟର କାଉନ୍ସିଲର କିମ୍ବା ଏକ୍ସପର୍ଟଙ୍କ ସହାୟତା ନେଲେ ଅଧିକ ଉପକୃତ ହୋଇପାରିବେ।

**କ'ଣ ରହିଛି ଚ୍ୟାଲେଞ୍ଜ:** ନିଜ ଘରଠାରୁ ପାଖରେ ପାଠ ପଢ଼ିବା ସବୁଠୁ ସହଜ। ହେଲେ ଘରଠାରୁ ଦୂରରେ, ବିଶେଷକରି ବିଦେଶରେ ରହି ପାଠ ପଢ଼ିବାରେ ଅନେକ ବାଧାବିଘ୍ନ ବା ଚ୍ୟାଲେଞ୍ଜ ଆସିପାରେ। ଜାଣନ୍ତୁ ଏଥିରେ କ'ଣ ସବୁ ଚ୍ୟାଲେଞ୍ଜ ରହିଛି ଏବଂ ଏହାକୁ ଦୂର କରି ନିଜ ଲକ୍ଷ୍ୟ ହାସଲ କରିବାର ସହଜ ଉପାୟ...

**ଭାଷା:** ଇଂଲିଶ୍‌ରେ ଦକ୍ଷତା ଥିଲେ ଯେକୌଣସି ଦେଶରେ ପାଠ ପଢ଼ିବା କଷ୍ଟ ନୁହେଁ। ତଥାପି ବାହାର ଦେଶକୁ ଗଲେ ସେଠାକାର ଲୋକାଲ୍ ଲାଙ୍ଗୁଏଜ୍ ନ ଜାଣିଲେ ରହିବା, ଅନ୍ୟମାନଙ୍କ ସହ କଥା ହେବା, ଯୋଗାଯୋଗ କରିବା କଷ୍ଟ ହୋଇଥାଏ। ତେଣୁ ବିଦେଶରେ ପଢ଼ିବା ବେଳେ ଏହା ଏକ ବଡ଼ ଚ୍ୟାଲେଞ୍ଜ ହୋଇପାରେ।

**ଅର୍ଥ:** ବିଦେଶରେ ପଢୁଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ କେତେଜଣଙ୍କୁ ସରକାରଙ୍କ ପକ୍ଷରୁ ଛାତ୍ରବୃତ୍ତି ବା ସ୍କଲାରଶିପ୍ ମିଳିଥାଏ। ହେଲେ ଅନେକେ ବିନା ଛାତ୍ରବୃତ୍ତିରେ ହାୟରଷ୍ଟଡି ପାଇଁ ବିଦେଶ ଯାଇଥାନ୍ତି ; ଯାହାଙ୍କ ମଧ୍ୟରୁ ଅନେକଙ୍କୁ କାହାଠାରୁ ଉଧାର ଆଣିବାକୁ ପଡ଼ିଥାଏ କିମ୍ବା ଷ୍ଟଡିଲୋନ୍ ମଧ୍ୟ କରିବାକୁ ପଡ଼ିଥାଏ। ଏମିତିରେ କେତେକଙ୍କ ପାଇଁ ଅର୍ଥ ଅଭାବ ଏକ ବଡ଼ ଚ୍ୟାଲେଞ୍ଜ ହୋଇପାରେ।

**ଏକଲାପଣ:** ବିଦେଶରେ ପାଠ ପଢ଼ିବା ପାଇଁ ଅନେକ ଯୁବତୀ ଯୁବକଙ୍କୁ ପରିବାରଠାରୁ ଦୂରରେ ରହିବାକୁ ହୋଇଥାଏ। ହେଲେ ଅନେକ ଏମିତି ଅଛନ୍ତି, ଯେଉଁମାନେ ବାହାରେ ରହିଲେ ମଧ୍ୟ ଘରଲୋକ ଏବଂ ସାଙ୍ଗସାଥୀଙ୍କୁ ମିସ୍ କରିଥାନ୍ତି। ଫଳରେ ସେମାନେ ସବୁବେଳେ ଏକୁଟିଆ ଅନୁଭବ କରିଥା'ନ୍ତି, ଯଦ୍ୱାରା ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହୋଇଥାଏ।

**ଆଡ୍‌ଜଷ୍ଟମେଣ୍ଟ:** ସମସ୍ତଙ୍କୁ ସବୁବେଳେ ଯେ ଅନୁକୂଳ ପରିବେଶ ମିଳିବ ତାହା କହିବା ସହଜ ନୁହେଁ। ତେଣୁ ବାହାରେ ପଢ଼ିବା ବେଳେ ଯଦି ସେଠାକାର ପରିବେଶ ଏବଂ ପରିସ୍ଥିତି ପ୍ରତିକୂଳ ହୁଏ, ତେବେ ସେଠାରେ ନିଜକୁ ଆଡ୍‌ଜଷ୍ଟ କରି ପଢ଼ିବା ସବୁଠୁ ବଡ଼ ଚ୍ୟାଲେଞ୍ଜ ହୋଇପାରେ।

## ମିଳେ ବିଭିନ୍ନ ଉପକାର

**ଅନ୍ତଃରାଷ୍ଟ୍ରୀୟ ଅନୁଭବ:** ବିଦେଶରେ ପଢ଼ିବା ଦ୍ୱାରା ବିଭିନ୍ନ ଦେଶର ସଂସ୍କୃତି ଓ ପରମ୍ପରା ବିଷୟରେ ଜାଣିବାର ସୁଯୋଗ ମିଳିପାରିବ।

**ରୋଜଗାରର ଭଲ ସୁଯୋଗ:** ବାହାର ଦେଶରେ ପାଠ ପଢ଼ିଲେ ବିଭିନ୍ନ ଅନ୍ତଃରାଷ୍ଟ୍ରୀୟ କମ୍ପାନୀରେ ଜବ୍ ସୁଯୋଗ ମିଳିଥାଏ।

**ବ୍ୟକ୍ତିଗତ ବିକାଶ:** ବିଦେଶରେ ପାଠ ପଢ଼ିଲେ ଛାତ୍ରୀଛାତ୍ରମାନଙ୍କୁ ବ୍ୟକ୍ତିଗତ ବିକାଶର ଢେର ସୁଯୋଗ ମିଳିଥାଏ। ତା'ଛଡ଼ା ଏହାଦ୍ୱାରା ସେମାନେ ଆତ୍ମନିର୍ଭର ହେବାର କଳା ମଧ୍ୟ ଶିଖିପାରନ୍ତି।

**ଏମିତି କରନ୍ତୁ ସମାଧାନ:**

– ଯେହେତୁ ବାହାରେ ରହି ପଢ଼ିବାବେଳେ ଭାଷାଗତ ବିବିଧତା ଏକ ବଡ଼ ଚ୍ୟାଲେଞ୍ଜ ହୋଇପାରେ, ତେଣୁ ଯେଉଁ ଦେଶରେ ପଢ଼ିବା ପାଇଁ ପ୍ରସ୍ତୁତ ହେଉଛନ୍ତି, ଯେପରି ସେଠାରେ ପହଞ୍ଚିବା ପରେ ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ; ସେଥିପାଇଁ ପୂର୍ବରୁ ଭାଷା ଶିଖିବା ଦରକାର। ସେହିପରି ସେଠାକାର ସଂସ୍କୃତି ଓ ପରମ୍ପରା ବିଷୟରେ ମଧ୍ୟ ପୂର୍ବରୁ କିଛି କିଛି ଜାଣିଥିଲେ ଭଲ।



– ବାହାରେ ପାଠ ପଢ଼ିବା ଅପେକ୍ଷାକୃତ ମହଙ୍ଗା ହୋଇଥିବାରୁ ସମସ୍ତଙ୍କ ଘରେ ଆବଶ୍ୟକ ଅର୍ଥ ଯୋଗାଇ ଦେବାର ସାମର୍ଥ୍ୟ ନ ଥାଏ। ତେଣୁ ଯଦି ଛାତ୍ରବୃତ୍ତିରେ ହେଉ କିମ୍ବା ଷ୍ଟଡିଲୋନ୍ କରି ବାହାର ଦେଶରେ ପଢୁଛନ୍ତି, ତେବେ କେବଳ ପଢ଼ାଖର୍ଚ୍ଚ ଏବଂ ରହିବା, ଖାଇବା ଖର୍ଚ୍ଚକୁ ହିଁ ଗୁରୁତ୍ୱ ଦିଅନ୍ତୁ। ଏହା ବାଦ୍ ଅନ୍ୟ ଯେଉଁ ଖର୍ଚ୍ଚ ଅତ୍ୟାବଶ୍ୟକ ନ ଥାଏ, ତାହାକୁ କାଟ କରିବା ନିହାତି ଆବଶ୍ୟକ।

– ଅନେକଙ୍କ ପାଇଁ ହୋମ୍‌ସିକ୍‌ନେସ୍ ଏବଂ ଏକଲାପଣ ବାହାରେ ରହି ପଢ଼ିବାରେ ଏକ ବଡ଼ ଚ୍ୟାଲେଞ୍ଜ ହୋଇଥାଏ। ଏମିତିକି ଏଥିପାଇଁ କେହି କେହି ଅଧାରୁ ପାଠ ଛାଡି ଫେରିଆସୁଥିବା ନଜିର ରହିଛି। ହେଲେ ଏପରି ନ ହେବା ଲାଗି ପ୍ରଥମେ ବାହାରେ ରହିବା ଲାଗି ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରନ୍ତୁ। ନିଜର ଲକ୍ଷ୍ୟ ହାସଲ କରି ଏକ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏହା ଜରୁରୀ ବୋଲି ହୃଦୟଙ୍ଗମ କରନ୍ତୁ, ଦେଖିବେ ଧୀରେ ଧୀରେ ଏକଲାପଣ ଦୂର ହୋଇଯିବ ଏବଂ ବାହାରେ ରହିବା ମଧ୍ୟ ସହଜ ଲାଗିବ। ତେବେ ବିଦେଶରେ ଏସବୁ ସମସ୍ୟା ଦୂର କରିବା ସହ ସୁରକ୍ଷିତ ରହିବା ଲାଗି ପ୍ରଥମ ବର୍ଷ ଅନ୍ କ୍ୟାମ୍ପସ୍ ହଷ୍ଟେଲ୍ ସବୁଠୁ ଭଲ ସ୍ଥାନ। ପରେ ଚାହିଁଲେ ହାଉସିଂ ସର୍ଚ୍ଚ ୱେବ୍‌ସାଇଟ୍, ରିଲୋକେଶନ୍ ଏକ୍ସପର୍ଟ, ୟୁନିଭର୍ସିଟିର ହାଉସିଂ ଅଫିସ୍ ସହାୟତାରେ ଅଫ୍ କ୍ୟାମ୍ପସ୍ ରହିବା ବ୍ୟବସ୍ଥା କରିପାରିବେ। ସବୁଠୁ ଜରୁରୀ ହେଉଛି ସେଠାରେ ସାଙ୍ଗସାଥି ଏବଂ ଲୋକସମ୍ପର୍କ ବୃଦ୍ଧି କରିବା ବି ଦରକାର।

– ଏକ ଲକ୍ଷ୍ୟ ନେଇ ବାହାର ଦେଶକୁ ପଢ଼ିବାକୁ ଯାଉଥିଲେ ସମସ୍ତ ପରିସ୍ଥିତି ସହ ଖାପଖୁଆଇ ରହିବାକୁ ଚେଷ୍ଟା କରିବା ଆବଶ୍ୟକ। ଅନେକେ ସାମାନ୍ୟ ପ୍ରତିକୂଳ ପରିସ୍ଥିତି ଉପୁଜିଲେ ହାର୍ ମାନିଯାଆନ୍ତି ଏବଂ ନିଜ ଲକ୍ଷ୍ୟ ହାସଲରୁ ବଞ୍ଚିତ ହୁଅନ୍ତି। ତେଣୁ ମାନସିକ ସ୍ତରରେ ନିଜକୁ ଦୃଢ଼ କରିପାରିଲେ ଏଭଳି ପରିସ୍ଥିତିରେ ନିଜକୁ ଆଡ୍‌ଜଷ୍ଟ କରିବା କଷ୍ଟ ହୋଇପାରେ, ହେଲେ ଅସମ୍ଭବ ନୁହେଁ। ତେଣୁ ହାର୍ ନ ମାନି ନିଜକୁ ହିଁ ଖାପଖୁଆଇ ଚଳିବା ବୁଦ୍ଧିମାନ୍‌ର କାର୍ଯ୍ୟ।

## ଏ ସପ୍ତାହର ପ୍ରଶ୍ନ

୧– ହ୍ୟୁମାନ୍ ଡେଭେଲପ୍‌ମେଣ୍ଟ ଇଣ୍ଡେକ୍ସ–୨୦୨୫ରେ ଭାରତର ର୍ୟାଙ୍କ୍ .... ?
୨– ଡିମଗଡ଼ ଲାଇଫ୍ ୱାଇଲ୍ଡ୍ ସାଙ୍କ୍ଚୁଆରୀ .......... ରାଜ୍ୟରେ ଅବସ୍ଥିତ ?
୩– ଆଷ୍ଟେରଏଡ୍ ୨୦୨୪ ୱାଇଆର୍ ୪କୁ ଆବିଷ୍କାର କରିଥିବା ଟେଲିସ୍କୋପ ....... ?
୪– ବାଗ୍ଲିହାର୍ ହାଇଡ୍ରୋଇଲେକ୍ଟ୍ରିକ୍ ପାୱାର୍ ପ୍ରୋଜେକ୍ଟ ଡ୍ୟାମ୍ ......... ନଦୀରେ ନିର୍ମିତ ହୋଇଛି ?
୫– ନ୍ୟାୟ ସୂତ୍ର .......... ଲେଖିଛନ୍ତି ?

## ଗତ ଥରର ଉତ୍ତର

୧ ମନ୍ଦିର କର୍ଣ୍ଣାଟକ
୨ ନ୍ୟୁ ଇଣ୍ଡିଆ ଲିଟେରାସି ପ୍ରୋଗ୍ରାମ
୩ ୱିଲିୟମ୍ ସେକ୍ସପିୟର
୪ ଅଗଷ୍ଟ ୨୯
୫ ବୈଶାଳୀ

## ଉତ୍ତରଦାତା



ନିର୍ବିକଳ୍ପ ନାଥ
ଘଣ୍ଟେଶ୍ୱର



ପ୍ରଦୀପ କୁମାର ନାଏକ
ବଲାଙ୍ଗୀର

## ଟପ୍ ୧୦

### ସର୍ବାଧିକ ଜନସଂଖ୍ୟା ଥିବା ଦେଶ–୨୦୨୫



୧. ଭାରତ ................ ୧,୪୬୩,୮୬୫,୫୨୫
୨. ଚାଇନା ................ ୧, ୪୧୬,୦୯୬,୦୯୪
୩. ଆମେରିକା ................ ୩୪୭, ୨୭୫,୮୦୭
୪. ଇଣ୍ଡୋନେସିଆ ................ ୨୮୫, ୭୨୧, ୨୩୬
୫. ପାକିସ୍ତାନ ................ ୨୫୫, ୨୧୯, ୫୫୪
୬. ନାଇଜେରିଆ ................ ୨୩୭, ୫୨୭, ୭୮୨
୭. ବ୍ରାଜିଲ ................ ୨୧୨, ୮୧୨,୪୦୫
୮. ବାଂଲାଦେଶ ................ ୧୭୫, ୬୮୬, ୮୯୯
୯. ରୁଷିଆ ................ ୧୪୩, ୯୯୭, ୩୯୩
୧୦. ଇଥିଓପିଆ ................ ୧୩୫,୪୭୨,୦୫୧

## ସ୍ୱାସ୍ଥ୍ୟୋପକାରୀ ଜାମୁରୋଳ



**ଜାମୁରୋଳ ଏକ ଏମିତି ଫଳ ଯାହାକି ବର୍ଷରେ ମାତ୍ର ଦୁଇ ତିନି ମାସ ପାଇଁ ମିଳିଥାଏ। ହେଲେ ଜାଣନ୍ତିକି ଏହାକୁ ଖାଇଲେ ଅନେକ ପ୍ରକାରର ସ୍ୱାସ୍ଥ୍ୟ ଉପକାରିତା ମିଳିଥାଏ...**

⏭ ଏହି ଫଳରେ ପ୍ରାୟ ୯୦% ପାଣି ଥିବାରୁ ଏହାକୁ ଖାଇଲେ ଶରୀରରେ ପାଣିର ମାତ୍ରା ଠିକ୍ ରହିଥାଏ। ଖରାଦିନେ ଏହାକୁ ଖାଇବା ଦ୍ୱାରା ଶରୀର ହାଇଡ୍ରେଟ୍ ରହିଥାଏ।

⏭ ଏଥିରେ ପ୍ରଚୁର ପରିମାଣରେ ଫାଇବର ଥିବାରୁ ଏହାକୁ ଖାଇଲେ ଅଧିକ ସମୟ ପେଟ ଭର୍ତ୍ତି ରହିଥାଏ। ଏହା ହଜମକ୍ରିୟାକୁ ମଜଭୁତ କରିବାରେ ବି ସାହାଯ୍ୟ କରିଥାଏ। ଏହାକୁ ଖାଦ୍ୟ ତାଲିକାରେ ସାମିଲ କଲେ ଗ୍ୟାସ୍, ବଦହଜମି, ବ୍ଲୋଟିଂ, କନ୍‌ଷ୍ଟିପେଶନ୍ ଭଳି ସମସ୍ୟାରୁ ଦୂରେଇ ରଖିବାରେ ସାହାଯ୍ୟ କରିଥାଏ।

⏭ ଏହା ଭିଟାମିନ ଏ' ଏବଂ ସି'ର ମଧ୍ୟ ଏକ ପ୍ରମୁଖ ସ୍ରୋତ। ତେଣୁ ଏହାକୁ ଖାଇଲେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ଏହାକୁ ଖାଇଲେ ତ୍ୱଚାର ସୌନ୍ଦର୍ଯ୍ୟ ମଧ୍ୟ ବୃଦ୍ଧି ପାଇଥାଏ।

⏭ ବ୍ଲଡ୍ ସୁଗାର ବା ରକ୍ତରେ ଶର୍କରାର ପରିମାଣ ନିୟନ୍ତ୍ରଣରେ ରଖିବାରେ ଏହା ଖୁବ୍ ସାହାଯ୍ୟ କରିଥାଏ। ତେଣୁ ଡାଇବେଟିସ୍ ରୋଗୀଙ୍କ ପାଇଁ ଏହି ଫଳ ବେଶ୍ ଉପକାରୀ।

⏭ ଖରାଦିନେ ବାୟୁମଣ୍ଡଳ ସହ ଶରୀରର ତାପମାତ୍ରା ମଧ୍ୟ ବୃଦ୍ଧି ପାଇଥାଏ। ଏମିତିରେ ଜାମୁରୋଳ ଖାଇବାଦ୍ୱାରା ଶରୀରରେ ପାଣିର ମାତ୍ରା ଠିକ୍ ରହିବା ଯୋଗୁ ଏହା ଶରୀରକୁ ପ୍ରାକୃତିକ ଶୀତଳତା ପ୍ରଦାନ କରିଥାଏ।



## ୟୁଥ୍ ଆଲର୍ଟ

# ରେଟିଂ ଦେଖି ଜିନିଷ କିଣୁଥିଲେ

**ଅନ୍‌ଲାଇନ୍ ଶପିଂ କଲାବେଳେ ଆମେ ସାଧାରଣତଃ କୌଣସି ଜିନିଷ ଭଲ କି ନୁହେଁ ଜାଣିବା ଲାଗି କଷ୍ଟୋମରଙ୍କ ରିଭ୍ୟୁ ରେଟିଂ ଦେଖିବା ଉପରେ ଅଧିକ ଗୁରୁତ୍ୱ ଦେଇଥାଉ। ହେଲେ ଏପରି କରୁଥିଲେ କେତୋଟି କଥା ପ୍ରତି ଧ୍ୟାନ ଦେବା ନିହାତି ଆବଶ୍ୟକ...**

⏩ ୫ ଷ୍ଟାର ରେଟିଂ ଦେଖିବାମାତ୍ରେ ତାହା ସବୁଠୁ ଭଲ ପ୍ରଡକ୍ଟ ହୋଇଥିବ ବୋଲି ପ୍ରାୟ ସମସ୍ତେ ଭାବନ୍ତି। ହେଲେ କେବେ କେବେ ଅନେକ କମ୍ପାନୀ ବିଭିନ୍ନ ୱେବ୍‌ସାଇଟ୍‌ରେ ନିଜ ପ୍ରଡକ୍ଟଗୁଡ଼ିକର ପ୍ରମୋଶନ ସହ ଗ୍ରାହକଙ୍କୁ ଭ୍ରମରେ ପକାଇବା ପାଇଁ ରିଭ୍ୟୁରେ ଖୁବ୍ ଭଲ ଭଲ କମେଣ୍ଟ ଦେବା ସହ ୫ ଷ୍ଟାର ରେଟିଂ ଦେବାକୁ ରାଇଟରମାନଙ୍କୁ ଟଙ୍କା ଦେଇଥା'ନ୍ତି। କେବଳ ଏତିକି ନୁହେଁ, ଅନେକ କମ୍ପାନୀ ନିଜ ପ୍ରଡକ୍ଟ ବିଷୟରେ ଭଲ କମେଣ୍ଟ ଦେବା ବଦଳରେ ଗିଫ୍ଟ, ରିୱାର୍ଡ, ଫ୍ରି ପ୍ରଡକ୍ଟ ଆଦି ଅଫର ମଧ୍ୟ କରିଥା'ନ୍ତି। ତେଣୁ କେବଳ ରେଟିଂ ନ ଦେଖି କମେଣ୍ଟ ଦେଖନ୍ତୁ, ଯଦି କିଛି ନେଗେଟିଭ୍ କମେଣ୍ଟ ଅଛି, ତେବେ ପ୍ରଡକ୍ଟ ବିଷୟରେ ଗ୍ରାହକଙ୍କ ମତାମତ କ'ଣ ଭଲ ଭାବେ ପଢ଼ିବା ପରେ କିଣନ୍ତୁ। ତେଣୁ ଅନ୍‌ଲାଇନ୍ ରିଭ୍ୟୁ ଚେକ୍ କରିବାର ବେଷ୍ଟ ଉପାୟ ହେଉଛି ସର୍ବଦା ଅତିକମ୍‌ରେ ୩୦ ୟୁଜର ରିଭ୍ୟୁ ଥିଲେ ହିଁ ଏହା ବିଶ୍ୱାସଯୋଗ୍ୟ।

⏩ ଯଦି ରିଭ୍ୟୁ, ରେଟିଂ ଦେଖି ଅନ୍‌ଲାଇନ୍ ଶପିଂ କରିବା ଭଲ ; କିନ୍ତୁ ଏଥିପାଇଁ ସର୍ବଦା ଅଧିକ ବ୍ୟବହୃତ ବିଶ୍ୱସ୍ତ ଶପିଂ ସାଇଟ୍ ହିଁ ବ୍ୟବହାର କଲେ ଠକାମିର ଶିକାର ହେବାରୁ ରକ୍ଷାପାଇପାରିବେ। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, କିଛି ନୂଆ ପ୍ରକାରର ପ୍ରଡକ୍ଟ ପ୍ରଥମଥର କିଣୁଥିଲେ ଏଥିରେ ଏକ୍ସଚେଞ୍ଜ ଏବଂ ରିଟର୍ନକୁ ନେଇ କ'ଣ ବ୍ୟବସ୍ଥା ରହିଛି ଏବଂ ଗ୍ରାହକ ଏହା ସମ୍ବନ୍ଧରେ କ'ଣ କମେଣ୍ଟ ଦେଇଛନ୍ତି ପଢ଼ିବାକୁ ଆଦୌ ଭୁଲନ୍ତୁ ନାହିଁ।

⏩ ବେଳେବେଳେ ବିରୋଧୀ କମ୍ପାନୀଗୁଡ଼ିକ ନିଜ ପ୍ରଡକ୍ଟ ବିକ୍ରି ପାଇଁ ଅନ୍ୟ ପ୍ରଡକ୍ଟ ଉପରେ ଖରାପ କମେଣ୍ଟ ଓ ରେଟିଂ ଦେବାକୁ ଲୋକଙ୍କୁ ଟଙ୍କା ଦେଇଥା'ନ୍ତି। ତା'ଛଡ଼ା ଏମିତିବି ଅନେକ କଷ୍ଟମର୍ ଅଛନ୍ତି, ଯେଉଁମାନେ ପ୍ରଡକ୍ଟ ଭଲ ହୋଇଥିଲେ ସୁଦ୍ଧା ନିଜକୁ ପସନ୍ଦ ନ ଆସିଲେ ଅଯଥାରେ ନେଗେଟିଭ୍ କମେଣ୍ଟ ମଧ୍ୟ ଦେଇଥା'ନ୍ତି। ଏମିତିକି ଲୋ କିମ୍ବା ରେଟିଂ ଆଦୌ ଦେଇ ବି ନ ଥା'ନ୍ତି। ତେଣୁ କୌଣସି ଜଣଙ୍କ କମେଣ୍ଟ ପଢ଼ି ଏହା ଖରାପ ହୋଇଥିବ ନ ଭାବି ଅନ୍ୟ କମେଣ୍ଟ ପଢ଼ନ୍ତୁ ଏବଂ ନିଷ୍ପତ୍ତି ନିଅନ୍ତୁ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଚିଫ୍ ମିନିଷ୍ଟର୍ସ ଟ୍ରଫି ଫୁଟ୍‌ବଲ ୨୮ରୁ

**ଭୁବନେଶ୍ୱର, ୧୭।୫ (ବିଜୟ ରଣା)**

ଚିଫ୍ ମିନିଷ୍ଟର୍ସ ଟ୍ରଫି ପାଇଁ୧୫ ବର୍ଷରୁ କମ୍ ଆନ୍ତଃ ଜିଲା ଫୁଟ୍‌ବଲ ଚାମ୍ପିୟନଶିପ୍ ଚଳିତ ମାସ ୨୮ରୁ ହେବ। ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ତରଫରୁ ସୂଚନା ଦିଆଯାଇଛି। ଏଥିରେ ୩୧ଟି ଦଳ ଭାଗନେବେ। ମ୍ୟାଚଗୁଡ଼ିକ ୪ଟି ଜୋନାଲ ସେଣ୍ଟର ଯଥା ବ୍ରହ୍ମପୁର, ସମ୍ବଲପୁର, ଭୁବନେଶ୍ୱର ଓ କେନ୍ଦୁଝରରେ ଖେଳାଯିବ। ବ୍ରହ୍ମପୁର ଜୋନ୍‌ରେ କୋରାପୁଟ କଳାହାଣ୍ଡି, ନବରଙ୍ଗପୁର, ମାଲକାନଗିରି, ରାୟଗଡ଼ା, ଗଞ୍ଜାମ ଓ ଗଜପତି ଦଳ ଖେଳିବେ। ସେହିପରି ସମ୍ବଲପୁର ଜୋନ୍‌ରେ ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ସୁବର୍ଣ୍ଣପୁର, ବୌଦ୍ଧ, ବଲାଙ୍ଗୀର, ନୂଆପଡ଼ା ଓ ବରଗଡ଼ ଖେଳିବେ। ଭୁବନେଶ୍ୱର ଜୋନ୍‌ରେ ଭୁବନେଶ୍ୱର, ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ, କଟକ, ଜଗତ୍‌ସିଂହପୁର, ପୁରୀ ଓ କେନ୍ଦ୍ରାପଡ଼ା ମ୍ୟାଚ ଖେଳାଯିବ। କେନ୍ଦୁଝର ଜୋନ୍‌ରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, ଭଦ୍ରକ, ଢେଙ୍କାନାଳ, ଅନୁଗୋଳ ଓ ଦେଓଗଡ଼ ମ୍ୟାଚ ଖେଳାଯିବ। ଜୋନାଲ ମ୍ୟାଚଗୁଡ଼ିକର ଟପ୍ ଟିମ୍‌ଗୁଡ଼ିକ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହେବେ।

# ୭ ବର୍ଷରୁ କମ୍ ରାଜ୍ୟ ଓପନ ଓ ମହିଳା ଚେସ୍ ଉଦ୍‌ଘାଟିତ


ଅତିଥି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି।

**ଭୁବନେଶ୍ୱର, ୧୭।୫ (ଅନାଦି କର)**

ଆଇକନିକ କଳିଙ୍ଗ ଷ୍ଟାଡିୟମର ସ୍କାଇୱାକ ସ୍ଥିତ କନ୍‌ଫରେନ୍ସ ହଲରେ ଓଡ଼ିଶା ରାଜ୍ୟ ୭ ବର୍ଷରୁ କମ୍ ଓପନ ଓ ମହିଳା ଚେସ ଚାମ୍ପିୟନଶିପ୍ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ଯୋଗଦେଇଥିବା ବେଳେ ସମ୍ମାନନୀୟ ଅତିଥି ଭାବେ ଏଓସିଏର ସମ୍ପାଦକ ଦେବବ୍ରତ ଭଞ୍ଜ, ଇଣ୍ଟରନ୍ୟାଶନାଲ ମାଷ୍ଟର୍ସ ସ୍ୱୟଂସୁ ସତ୍ୟପ୍ରଜ୍ଞ ଯୋଗଦେଇଥିଲେ। ଏଓସିଏର କାର୍ଯ୍ୟକାରୀ ପରିଷଦ ସଦସ୍ୟ ପଦ୍ମିନୀ ସିଂ, ଅଭିଷେକ ଆଚାର୍ଯ୍ୟ, ଏମ୍‌ସିଏଫ୍ ପ୍ରତିଷ୍ଠାତା ବିକ୍ରମ କେଶରୀ ବିଶ୍ୱାଳ, ଚେୟାରମ୍ୟାନ ସନ୍ତୋଷ କୁମାର ମହାପାତ୍ର ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ବିଜୟ କୁମାର ସ୍ୱାଇଁ ପ୍ରଥମ ରାଉଣ୍ଡ ଉଦ୍‌ଘାଟନ କରିଥିବା ବେଳେ ଦ୍ୱିତୀୟ ରାଉଣ୍ଡକୁ କ୍ରୀଡ଼ା ବିଭାଗର ଉପସଚିବ ପଦ୍ମ ଚରଣ ସାହୁ ଓ ତୃତୀୟ ରାଉଣ୍ଡକୁ ଓଏସ୍‌ଡି ସୋନାଲୀ ଚାନ୍ଦ ଉଦ୍‌ଘାଟନ କରିଥିଲେ। ଅଲ ଓଡ଼ିଶା ଚେସ୍ ଆସୋସିଏଶନ(ଏଓସିଏ) ଆନୁକୂଲ୍ୟରେ କ୍ରୀଡ଼ା ଓ ଯୁବସେବା ବିଭାଗର ସହଯୋଗରେ ମାଷ୍ଟର ଚେସ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ୯ ଜିଲାରୁ ୬୬ ପ୍ରତିଯୋଗୀ ଭାଗ ନେଇଛନ୍ତି। ୮ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ତୃତୀୟ ରାଉଣ୍ଡ ଶେଷ ସୁଦ୍ଧା ୬ ଖେଳାଳି ୨ ପଏଣ୍ଟ ସହ ମିଳିତ ଭାବେ ଶୀର୍ଷରେ ରହିଛନ୍ତି। ବାଳିକା କାଟେଗୋରୀରେ ଅନନ୍ୟା ଅନନ୍ୱେଶା ମିଶ୍ର ଓ ସମିରା ସ୍ୱାଇଁ (ଖୋର୍ଦ୍ଧା) ୩ରୁ ୩ ପଏଣ୍ଟ ସହ ଆଗରେ ରହିଛନ୍ତି।


ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ଂ ଇଂ. ପ୍ରଭୁଦତ୍ତ ରଥ**

ଆବିର୍ଭାବ: ୧୫।୦୧।୧୯୮୯
ତିରୋଧାନ: ୩୦।୦୫।୨୦୧୩

ବାରଟି ବରଷ ହେଲାଣି ଶେଷ,
କଷ୍ଟ ଚପିଲାଣି ତାହାର ଶୀର୍ଷ ।।
ଧୀରସ୍ଥିର କଥା ମୃଦୁ କଂଜାଳ,
ମନେ ପଡ଼ି କରେ ମନ ଚଞ୍ଚଳ ।।
କରି ପାରିଲୁନି ତୋ ପାଇଁ କିଛି,
ପ୍ରଭୁ ଦେଉଥାନ୍ତୁ ଅମାପ ଶାନ୍ତି ।।

ତୋର ହତଭାଗ୍ୟ ନନା, ବୋଉ, ଭାଇ ଓ ଆତ୍ମୀୟସ୍ୱଜନବୃନ୍ଦ

ଧ-୫୮୪

# Classified Everyday
0674-2580101, 9692975378



## MATRIMONIAL

### GROOM WANTED

Beautiful Khandayat Girl, 1998, 5'4", M.Sc., Serving Officer State Govt. "SUNASANSAR". 9937512659. D-76267



## REAL ESTATE

### SALE

ଭୁବନେଶ୍ୱର, **Puri bypass** ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ **Residential Plot, 2/3BHK Flat** ବିକ୍ରିହେବ। **8327785834.** D-76266

Executive Corporate Office / Institute Furniture Setup for Immediate Sale. 8820512365. D-591

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପଦୂରତାରେ 1500sqft.- 5,55,000/- ପ୍ଲଟ୍ ବିକ୍ରିହେବ। 9348232008. D-76265

**2BHK flat for sale at Naharakanta Chhaka, NH Facing. Contact- 7978209277, 7008789347.** D-260

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପିଚୁ ରାସ୍ତାକୁ ଲାଗି ବିକ୍ରି ହେବ। Ph- 9437754190. D-531

**Sale of personal plot 60x80= 4800sft. Nearer to Phulanakhara, 11 K.M. from BBSR @ 1500per sft. with big compound wall, beautiful road, touching to a building. 7809525452.** D-76452

Gharabari Plot- 25 Decimal available for sale near Kujanga, Paradeep, Dist.- Jagatsinghpur. 9438713093. D-535

### LEASE

ବିଶ୍ୱନାଥପୁର, ବାଲିପାଟଣା, ଖୋର୍ଦ୍ଧା, Main road sideରେ ଏକ ନୂଆ Flyash ଇଟା ଫ୍ୟାକ୍ଟ୍ରି ସବୁ ସୁବିଧା ଥାଇ ଭଡା / ବିକ୍ରି ହେବ। ଯୋଗାଯୋଗ- 8895275212 D-76454



## CONSTRUCTION

Do you want to construct a building on your own plot please contact K.K. Construction. 7008268129, 9439143273. D-71397



## FOR RENT

**Hostel space with 170 bed available for rent behind Trident Engineering College, Infosys, Patia. Contact- 7008181478.** D-567

Plot for warehouse 10,000- 15,000sqft. on rent at Khurda NH-16 (near Collector Office Chhak). Call: 7008649641, 8018822307, 7978560206 for location and details. D-303



## Healthcare

Newly open health benefits SPA by expert therapist. Contact- 8280961126. D-76913

**Relax, Refresh your body, Mind at Saikrupa Spa with best therapies. 7848011468.** D-568

Newly open Jyoti SPA positively health benefits (Expert therapist). 8458067955. D-76914

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

I, Arzoo Gattani, W/o- Saswat Routray, R/o- Plot No.- 31/2073, Lane No.- 2A, Gangotri Nagar, Sisupalgarh, Bhubaneswar- 751002 declare vide affidavit No.- 44, dated- 13.05.2025 that I have changed my name from Arzoo Routray to ARZOO GATTANI for all purposes. D-593

By virtue of an affidavit sworn before Executive Magistrate, Bhubaneswar, dated- 07.03.2025, I, Kanakalata Bhola, Address: Village/ Town- Baliapal, P.O.- Jamkunda, Dist.- Baleswar, Odisha, PIN-756026 declare that I have changed my name from Kanakalata Pradhan to Kanakalata Bhola. Henceforth, I shall be known as Kanakalata Bhola for all purposes.
Kanakalata Bhola D-564

I, Nilakantha Barik, S/o- Chakradhar Samal, At-Magubereni, P.O.- Krushnachandrapur, P.S.- Balimi, Dhenkanal-759020 have changed my name to Chaitanya Samal, dtd. 07.05.2025, vide No.-1498/2025 before Executive Magistrate, Hindol. D-580

I, Sujata Samal, W/o- Chandra Samal, At- Bedapada, P.S.-Rasol, Dhenkanal-759019 have changed my son's name from Sai Sorenes Samal to Sai Suren Samal, dtd. 15.05.2025, vide No.- 1547/2025 before Executive Magistrate, Hindol. D-581

I, KM RASHMI CHATURVEDI, W/o- Ashutosh Kumar Dubey, resident at- Flat No.- 203, Param Arvind Enclave, SRIT Colony, Budharaja, Sambalpur, Odisha- 768004, declare by this affidavit No.- 2738, date- 17.05.2025, that KM RASHMI CHATURVEDI & RASHMI DUBEY is one and same person. Now onwards I shall be known as RASHMI DUBEY for all purposes. D-594

By virtue of an affidavit sworn before the Executive Magistrate, Bhubaneswar, dated- 14.05.2025, I Nishamani Behera, At- Sujanagara Patana, P.O.- Kantapada, P.S.- Niali, Dist.- Cuttack, Odisha, PIN- 752103, Aadhaar No.- xxxx xxxx 5627 declare that I have changed my name from Nisha Dei to new name Nishamani Behera. Henceforth, I shall be known as Nishamani Behera for all purposes. D- 76456

By virtue of an affidavit before the Executive Magistrate, Thuamul Rampur, date15.05.2025, I, Shiba Naik (41years), S/o- Laiban Naik, R/o. At- Champachuan, P.O.- Badchhatrang, P.S.- Thuamul Rampur, Dist.- Kalahandi, Odisha affirm that I have changed my name from Shiba Harijan to Shiba Naik. Shiba Harijan and Shiba Naik is same and one person. Henceforth, I will be known as Shiba Naik for all purpose.
Shiba Naik. D-588

By virtue of an affidavit sworn before the Executive Magistrate, Balasore, No.- 6102, dt.14.05.2025, I, Bijaya Dalabehera, S/o- Gobinda Dalabehera of Mandar, Balipadar, Kodala, Ganjam-761117 declare that I have changed my name Bijoy Kumar Dalara to Bijaya Dalabehera. Bijoy Kumar Dalara and Bijaya Dalabehera is one and same person for all purpose. D-586

By virtue of an affidavit sworn before Executive Magistrate, Thuamul Rampur, dated 17.05.2025, I, Nageswar Naik, S/o- Late Kumar Naik, R/o. At- Poiguda, P.O./P.S.- Thuamul Rampur, Dist.- Kalahandi, Odisha- 766037 declare that I have changed my son's name from Dibyaranjan Naik to Dibyanshu Naik. Henceforth, he shall be known as Dibyanshu Naik for all purposes.
Nageswar Naik D-587

By virtue of an affidavit sworn before the Executive Magistrate, Bhubaneswar, dated ...

By virtue of an affidavit I, Saraswati Behera (52yrs), W/o-Late Dayanidhi Biswal, Vill- Koilekha, P.O.- Bhuinpur, P.S.- Dhusuri, Dist.- Bhadrak declare that my deceased husband have a LIC Policy bearing No.- 599067908. Where is wrongly mentioned my Fathers in Law's name is Guru Charan Biswal. But his actual name is Durga Charan Biswal as per my husbands Aadhaar Card. I further declare that Guru Charan Biswal and Durga Charan Biswal is same and one person. D-596

By virtue of an affidavit sworn before Executive Magistrate, Bhadrak, I, Debashis Das (20 yrs), S/o- Saranga Das, Vill– Pandado, P.O.- Adia, P.S.- Agarapada, Dist.- Bhadrak declare that I have changed my name in my LIC Policy bearing No.- 586238807 from Bailochan Das to Debashis Das and my father's name Sarangadhar Das to Saranga Das for all future purposes. D-597


ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


## LEGAL NOTICE

IR No.- 661/ date- 02.05.2025

ମାନ୍ୟବର ଅତିରିକ୍ତ କମିସନର, (ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ IAS)ଙ୍କ, ରିଭିଜନ କୋର୍ଟ ନଂ.- ୨, ଏଚ୍.ଓ.ଡି. ବିଲ୍ଡିଂ, ୟୁନିଟ୍-୫, ଭୁବନେଶ୍ୱର।

ଓ. ଏସ୍. ଏସ୍. କେସ୍ ନଂ.- ୯୦/୨୦୨୩

ରବିନ୍ଦ୍ର ନାୟକ, ପି- ଜଗତ ନାୟକ ...ବାଦୀ

ବନାମ

ଅଧିକାରୀ ନାୟକ ଏବଂ ଅନ୍ୟମାନେ .... ପ୍ରତିବାଦୀମାନେ

(ଇସ୍ତାହାର ତରଫ ଦରଖାସ୍ତକାରୀ ଆଦେଶ ନଂ.-୫ ନିୟମ-୨୦ ଉପନିୟମ ୧ (ଏ) ଦେୱାନୀ କାର୍ଯ୍ୟବିଧି ସଂହିତା ମୁତାବକ ନିମ୍ନଲିଖିତ ପ୍ରତିବାଦୀ କିମ୍ବା ତାଙ୍କର ଉତ୍ତରାଧିକାରୀ କିମ୍ବା ତାଙ୍କର ମନୋନୀତ ପ୍ରାର୍ଥୀ ମାନ୍ୟବର କୋର୍ଟଙ୍କର ଧାର୍ଯ୍ୟ ତାରିଖରେ ଉପସ୍ଥିତ ରହି ଉକ୍ତ ମୋକଦ୍ଦମାକୁ ସେମାନଙ୍କ ପକ୍ଷ ତରଫରୁ ପରିଚାଳନା କରିବା ପାଇଁ ଖବରକାଗଜ ଦ୍ୱାରା ବିଜ୍ଞପ୍ତି)

ପ୍ରତିବାଦୀ ନଂ. ୧-ଅଧିକାରୀ ନାଏକ, ପିତା-ଂକମ୍ପୁ ନାଏକ, ପ୍ରତିବାଦୀ ନଂ. ୨- ସାମ ନାଏକ, ପିତା ଂବଳି ନାଏକ, ପ୍ରତିବାଦୀ ନଂ.୩- ବାମ ନାଏକ, ପିତା-ଂବଳି ନାଏକ, ପ୍ରତିବାଦୀ ନଂ. ୪-ରାମ ନାଏକ, ପିତା-ଂବଳି ନାଏକ, ପ୍ରତିବାଦୀ ନଂ.୫- ଦଇତାରୀ ନାଏକ, ପିତା-ଂସମ୍ମୁ ନାଏକ, ପ୍ରତିବାଦୀ ନଂ.୬-ଯୁଧିଷ୍ଠିର ସାମନ୍ତସିଂହାର, ପିତା- ବନମାଳୀ ସାମନ୍ତସିଂହାର

ଉପରଲିଖିତ ପ୍ରତିବାଦୀ ନଂ.୧ ଠାରୁ ୬ମାନଙ୍କ ଠିକଣା ସା/ପୋ-ଅନ୍ଧାରୁଆ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ଆପଣଙ୍କ ଗୋଚରାର୍ଥେ ଜଣାଇଦିଆଯାଉଛି କି ମାନ୍ୟବର କୋର୍ଟରେ ତଫସିଲ ସମ୍ପତ୍ତି ଭୁବନେଶ୍ୱର ତହସିଲଦାରଙ୍କ ଅଧୀନସ୍ଥ ଅନ୍ଧାରୁଆ ମୌଜା ସାବକ ଖାତା ନଂ.- ୫୮୪, ପ୍ଲଟ୍ ନଂ.-୧୫୧୭, ରକବା- ଏ୦.୪୦୫ଡିସ୍ମଧରୁ ଏ୦. ୧୪୪ଡି., ଯାହାର ହାଲ୍ ଖାତା ନଂ.- ୨୨୬୨, ହାଲ୍ ପ୍ଲଟ୍ ନଂ.- ୨୭୮୨, ଏ୦.୧୭୦ଡି. ସ୍ମଧରୁ ରକବା- ଏ୦.୧୪୪ଡି.କୁ ଦରଖାସ୍ତକାରୀଙ୍କ ନାମରେ ରେକର୍ଡ ଦରଜ କରିବା ପାଇଁ ମାନ୍ୟବର କୋର୍ଟରେ ରିଭିଜନ ମୋକଦ୍ଦମା କରିଅଛନ୍ତି, ଯାହାର ଧାର୍ଯ୍ୟ ତାରିଖ ଆସନ୍ତା ତା୧୦।୦୬।୨୫ରିଖ ଦିବା ୧୧.୩୦ ଘଟିକାକୁ ସ୍ଥିରୀକୃତ ହୋଇଅଛି। ଏଣୁ ଅଦ୍ୟ ବିଜ୍ଞପ୍ତି ଦ୍ୱାରା ଆପଣଙ୍କୁ ଜଣାଇଦିଆଯାଉଛି କି ଉପରଲିଖିତ ଧାର୍ଯ୍ୟ ତାରିଖ ଦିନ ପ୍ରତିବାଦୀମାନଙ୍କର ଉତ୍ତରାଧିକାରୀ କିମ୍ବା ମନୋନୀତ ପ୍ରାର୍ଥୀ କିମ୍ବା ଅଧିବକ୍ତାଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଉକ୍ତ ମୋକଦ୍ଦମାରେ ତାଙ୍କ ପକ୍ଷ ରଖିବେ। ନତୁବା ନିୟମ ଅନୁଯାୟୀ ମାନ୍ୟବର କୋର୍ଟ ବିଚାର କରିବେ।

ସ୍ଥାନ- ଭୁବନେଶ୍ୱର
ତାରିଖ- ୩୦।୦୪।୨୦୨୫ରିଖ

ମାନ୍ୟବର ଅତିରିକ୍ତ ରିଭିଜନ କୋର୍ଟଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଫିସର
ଧ-୫୮୩

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଜଗବନ୍ଧୁ ଜାଲି**

ଅବସରପ୍ରାପ୍ତ ଉପ ଶାସନ ସଚିବ (ଘରୋଇ ବିଭାଗ)
ସତ୍‌ସଙ୍ଗର ବରିଷ୍ଠ ସହ ପ୍ରତି ଋତ୍ୱିକ
ଆବିର୍ଭାବ- ୨୪।୧୦।୧୯୪୨
ତିରୋଧାନ- ୧୮।୦୫।୨୦୨୧

ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଶ୍ରୀ ଠାକୁରଙ୍କ ରାତୁଲ ଶ୍ରୀଚରଣ ତଳେ ପ୍ରଣାମ ଜଣାଉଛୁ।

ଶୋକସନ୍ତପ୍ତ- ସହଧର୍ମିଣୀ: ତିଳୋତ୍ତମା ଜାଲି, ବଡ଼ଜ୍ୱାଇଁ: ଶ୍ରୀ ହରେକୃଷ୍ଣ ତରାଇ, କ୍ଷେତ୍ରୀୟ ମୁଖ୍ୟ ପ୍ରବନ୍ଧକ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବଡ଼ ଝିଅ: ଗୀତାଞ୍ଜଳି ତରାଇ, ସାନଜ୍ୱାଇଁ: ଶ୍ରୀ ପ୍ରଫୁଲ୍ଲ କୁମାର ବେହେରା, ପରିସଂଖ୍ୟାନ ଅଧିକାରୀ। ସାନଝିଅ: ମନୋରମା ଜାଲି, ଡେପୁଟି କଲେକ୍ଟର, ଭଦ୍ରକ ଜିଲ୍ଲାପାଳ କାର୍ଯ୍ୟାଳୟ। ଅଜୟ, ଦୀପା, ଖୁଜୁଲ, ଫୁଲେନ୍ଦୁ, ଦୀପେନ୍ଦୁ ଓ ଦୀୟା।

ଧ-୫୭୭

### ୨୬ତମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



**ଂହୃଦାନନ୍ଦ ମହାନ୍ତି**

ସର୍ବୋଦୟ ନଗର, ଗୁଣ୍ଡିଚା, ବିହାର
ହୃଦାନନ୍ଦ କଲୋନୀ, ପୁରୀ-୨
ଆବିର୍ଭାବ: ୦୯।୦୭।୧୯୨୭
ତିରୋଧାନ: ୦୬।୦୫।୧୯୯୯

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଆପଣଙ୍କ ଆତ୍ମୀୟସ୍ୱଜନ ଓ ପରିବାରବର୍ଗ

ଧ-୫୮୯

### ଚତୁର୍ଥ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଶ୍ୟାମ ସୁନ୍ଦର ଭୋଇ**
ରେଢ଼ାଖୋଲ, ସମ୍ବଲପୁର

ଆବିର୍ଭାବ: ତା୧୧।୦୫।୧୯୪୩
ତିରୋଧାନ: ତା୧୮।୦୫।୨୦୨୧
(ତିଥି-ବୈଶାଖ ଶୁକ୍ଳପକ୍ଷ ସପ୍ତମୀ)

"ବାପା! ଆଜିକୁ ଚାରି ବର୍ଷ ବିତିଗଲା ତୁମେ ଚାଲିଗଲ ସିନା, ହେଲେ ଆମ ସ୍ମୃତି ପଟରେ ତୁମର ସ୍ନେହାଶିଷ, ତୁମ ଉପଦେଶ ଆମ ଜୀବନର ଚଲାପଥରେ ପ୍ରେରଣାର ଉତ୍ସ ହୋଇ ରହିଛି। ତୁମର ମହତ ଗୁଣାବଳୀ ସବୁଦିନ ଆମ ସମସ୍ତଙ୍କ ପାଥେୟ ହେଉ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ ତଳେ ତୁମର ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।

ଆପଣଙ୍କ ପତ୍ନୀ, ପୁତ୍ର, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ବନ୍ଧୁ ପରିଜନ

ଧ-୫୯୮


Your Classified Advertisement published in Dharitri will be listed free in Dharitri Online Edition: dharitriepaper.in


"M.B.K."
Great Eastern RETAIL
ଗ୍ରୀଷ୍ମ ଚାହେଁ ଏସି
ମନ କୁହେ ଗ୍ରେଟ୍ ଇଷ୍ଟର୍ଣ୍ଣ ରିଟେଲ
upto ₹7000 EXCHANGE VALUE*
upto ₹45000 CASH BACK*
0 DOWN PAYMENT* COST EMI*
5 YEARS COMPREHENSIVE WARRANTY*
FREE STANDARD INSTALLATION*
FREE EXPRESS DELIVERY*
Now at Tonk Pani Road
Near Sai Mandir, Bhubaneswar 7735435079
LLOYD upto 57% OFF
1.5 T 3* Inverter AC MRP ₹60990 EFFECTIVE PRICE ₹26190* ₹70/Day*
1.5 T 5* Inverter AC MRP ₹68990 EFFECTIVE PRICE ₹31890* ₹87/Day*
Godrej upto 49% OFF
1.5 T 3* Inverter AC MRP ₹45900 EFFECTIVE PRICE ₹23490* ₹61/Day*
1.5 T 5* Inverter AC MRP ₹54900 EFFECTIVE PRICE ₹27990* ₹73/Day*
VOLTAS upto 64% OFF
1.5 T 3* Inverter AC MRP ₹69490 EFFECTIVE PRICE ₹24890* ₹69/Day*
1.5 T 5* Inverter AC MRP ₹77790 EFFECTIVE PRICE ₹30990* ₹85/Day*
LG upto 64% OFF
1.5 T 3* Inverter AC MRP ₹78990 EFFECTIVE PRICE ₹28490* ₹76/Day*
1.5 T 5* Inverter AC MRP ₹85990 EFFECTIVE PRICE ₹36490* ₹96/Day*
HITACHI upto 59% OFF
1.5 T 3* Inverter AC MRP ₹64850 EFFECTIVE PRICE ₹26790* ₹74/Day*
1.5 T 5* Inverter AC MRP ₹75850 EFFECTIVE PRICE ₹34190* ₹94/Day*
DAIKIN upto 51% OFF
1.5 T 3* Inverter AC MRP ₹58400 EFFECTIVE PRICE ₹28590* ₹76/Day*
1.5 T 5* Inverter AC MRP ₹67200 EFFECTIVE PRICE ₹37190* ₹99/Day*
Panasonic upto 56% OFF
1.5 T 3* Inverter AC MRP ₹59900 EFFECTIVE PRICE ₹26290* ₹70/Day*
1.5 T 5* Inverter AC MRP ₹67900 EFFECTIVE PRICE ₹35790* ₹95/Day*
Whirlpool upto 65% OFF
1.5 T 3* Inverter AC MRP ₹62200 EFFECTIVE PRICE ₹21990* ₹59/Day*
1.5 T 5* Inverter AC MRP ₹74900 EFFECTIVE PRICE ₹25990* ₹69/Day*
GENERAL upto 25% OFF
1.5 T 3* Inverter AC MRP ₹55790 EFFECTIVE PRICE ₹41990* ₹108/Day*
1.5 T 5* Inverter AC MRP ₹70520 EFFECTIVE PRICE ₹53990* ₹141/Day*
upto 61% OFF
1.5 T 3* Inverter AC MRP ₹70490 EFFECTIVE PRICE ₹27490* ₹74/Day*
1.5 T 5* Inverter AC MRP ₹78990 EFFECTIVE PRICE ₹33490* ₹91/Day*
VOLTAS upto 36% OFF
1 T 3* Window AC MRP ₹35990 EFFECTIVE PRICE ₹22990* ₹58/Day*
LLOYD upto 44% OFF
1.5 T 3* Window AC MRP ₹47990 EFFECTIVE PRICE ₹26890* ₹67/Day*
Godrej upto 39% OFF
1.5 T 3* Window AC MRP ₹41900 EFFECTIVE PRICE ₹25490* ₹64/Day*
upto 35% OFF
184 L Single Door MRP ₹17260 EFFECTIVE PRICE ₹11190* ₹31/Day*
upto 35% OFF
235 L Double Door MRP ₹30690 EFFECTIVE PRICE ₹19790* ₹50/Day*
upto 48% OFF
596L Side By Side + 24L OTG MRP ₹101990 EFFECTIVE PRICE ₹52890* ₹99/Day*
upto 40% OFF
HAVELLS Desert Cooler MRP ₹22390 EFFECTIVE PRICE ₹13490* ₹37/Day*
upto 36% OFF
USHA Air Cooler MRP ₹13190 EFFECTIVE PRICE ₹8490* ₹24/Day*
upto 27% OFF
230L Deep Freezer MRP ₹32890 EFFECTIVE PRICE ₹23990* ₹67/Day*
upto 65% OFF
32 (81.28cm) HD TV MRP ₹22990 EFFECTIVE PRICE ₹7990* ₹22/Day*
upto 55% OFF
43 (109.7cm) Smart TV MRP ₹50490 EFFECTIVE PRICE ₹22490* ₹62/Day*
upto 49% OFF
55 (139.7cm) UHD TV MRP ₹66990 EFFECTIVE PRICE ₹34490* ₹103/Day*
upto 45% OFF
65 (165.1cm) Google TV MRP ₹101990 EFFECTIVE PRICE ₹55790* ₹162/Day*
upto 55% OFF
75 (190.5cm) UHD TV MRP ₹199900 EFFECTIVE PRICE ₹89990* ₹178/Day*
SAMSUNG LG Panasonic SONY LLOYD Haier Whirlpool Godrej IFB BOSCH VOLTAS DAIKIN HITACHI GENERAL BLUE STAR HAVELLS EUREKA FORBES Livpure KUTCHINA hindware FABER Sunflame USHA
UP TO ₹5,000 INSTANT DISCOUNT* SBI card
#Min. Trxn.: ₹30,000; Max. Discount: ₹5,000 per card; Also valid on EMI Trxns.; Validity: 17 May - 15 Jun 2025. T&C Apply.
SCAN FOR MORE OFFERS
Widest Range Of Products*
Extended Warranty*
Easy Finance Available
HDB FINANCIAL SERVICES
BAJAJ FINSERV EMI
IDFC FIRST Bank
www.greateasternretail.com | Great Eastern Retail | HELPLINE 033 4037 2000
ଭୁବନେଶ୍ୱର ବାପୁଜୀ ନଗର 9853945074 | ଟଙ୍କପାଣି ରୋଡ୍ 7735435079
ସିଡିଏ 95836 47161 | କଟକ ଯୋବ୍ରା ରୋଡ 8908972713 | ପଟିଆ 9853933698
ODISHA | DELHI | HARYANA | WEST BENGAL | RAJASTHAN | UTTAR PRADESH | ANDHRA PRADESH | 90+ STORES
*Terms & conditions - Price includes cashback and exchange offer. Pictures are indicative. Offer applicable on selected models and brands. Exchange value applicable for working 1 to 2 years old Air Conditioner based on physical condition and submission of original invoice.
virtual frame




# ଆର୍‌ସିବି-କେକେଆର୍ ମ୍ୟାଚ୍ ବାତିଲ

## ପ୍ଲେଅଫ୍ ଦୌଡ଼ରୁ କୋଲକାତା ବାଦ୍

**ବେଙ୍ଗାଲୁରୁ,୧୭।୫:** ଦଶଦିନ ବ୍ୟବଧାନରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଫେରିଛି। ହେଲେ ଶନିବାର ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଓ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍ ଲଗାଣ ବର୍ଷା କାରଣରୁ ଧୋଇ ହୋଇଯାଇଛି। ଏପରିକି ମ୍ୟାଚ୍‌ରେ ଟସ୍ ମଧ୍ୟ ପଡ଼ିପାରି ନ ଥିଲା। ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି। ଏଥିଯୋଗୁ ଆର୍‌ସିବି ୧୨ ମ୍ୟାଚରେ ୧୭ ପଏଣ୍ଟ ସହ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନକୁ ଉଠିଛି। ଅନ୍ୟପକ୍ଷରେ କେକେଆର୍ ୧୩ଟି ମ୍ୟାଚ୍‌ରୁ ୧୨ ପଏଣ୍ଟ ସହ ପ୍ଲେଅଫ୍ ଦୌଡ଼ରୁ ବିଦାୟ ନେଇଛି। ରବିବାର ଦୁଇଟି ମ୍ୟାଚ୍ ଖେଳାଯିବାକୁ ଥିବାବେଳେ ଯଦି ଦିଲ୍ଲୀ କ୍ୟାପିଟାଲ୍ସ କିମ୍ବା ପଞ୍ଜାବ କିଙ୍ଗ୍ସ ସେମାନଙ୍କ ମ୍ୟାଚ୍‌ରେ ପରାଜିତ ହୁଅନ୍ତି, ତେବେ ଆର୍‌ସିବି ଆନୁଷ୍ଠାନିକ ଭାବେ ପ୍ଲେଅଫ୍‌ରେ ପ୍ରବେଶ କରିବ।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୨ | ୮ | ୩ | ୧ | ୧୭ | +୦.୪୮୨ |
| ଗୁଜରାଟ ଟାଇଟନ୍ସ | ୧୧ | ୮ | ୩ | ୦ | ୧୬ | +୦.୭୯୩ |
| ପଞ୍ଜାବ କିଙ୍ଗ୍ସ | ୧୧ | ୭ | ୩ | ୧ | ୧୫ | +୦.୩୭୬ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୭ | ୫ | ୦ | ୧୪ | +୧.୧୫୬ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୧ | ୬ | ୪ | ୧ | ୧୩ | +୦.୩୬୨ |
| କୋଲକାତା ନାଇଟ ରାଇଡର୍ସ | ୧୩ | ୫ | ୬ | ୨ | ୧୨ | +୦.୧୯୩ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୧ | ୫ | ୬ | ୦ | ୧୦ | -୦.୪୬୯ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୧ | ୩ | ୭ | ୧ | ୭ | -୧.୧୯୨ |
| ରାଜସ୍ଥାନ ରୟାଲ୍ସ | ୧୨ | ୩ | ୯ | ୦ | ୬ | -୦.୭୧୮ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୨ | ୩ | ୯ | ୦ | ୬ | -୦.୯୯୨ |

## ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

**ରାଜସ୍ଥାନ-ପଞ୍ଜାବ**
ସ୍ଥାନ: ଜୟପୁର
ସମୟ: ଅପରାହ୍ନ ୩ଟା

**ଦିଲ୍ଲୀ-ଗୁଜରାଟ**
ସ୍ଥାନ: ଦିଲ୍ଲୀ
ସମୟ: ସନ୍ଧ୍ୟା ୭ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## କାନିଟକର ଭାରତ ଏ' ମୁଖ୍ୟ କୋଚ୍

**ମୁମ୍ବାଇ,୧୭।୫**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପୂର୍ବତନ ଅଲରାଉଣ୍ଡର ହୃଷୀକେଶ କାନିଟକରଙ୍କୁ ଭାରତ ଏ' ଦଳର ଆଗାମୀ ଇଂଲଣ୍ଡ ଟୁର ଲାଗି ମୁଖ୍ୟ କୋଚ୍ ନିଯୁକ୍ତ କରିଛି। ଏହି ଟୁର ମେ ୩୦ ତାରିଖରୁ ଆରମ୍ଭ ହେବାର ଅଛି। ଏହି ଟୁର ଲାଗି ରାଜୀବ ଦତ୍ତାଙ୍କୁ ବୋଲିଂ କୋଚ୍ ଓ ଜୟଦୀପ ଭଟ୍ଟାଚାର୍ଯ୍ୟଙ୍କୁ ଫିଲ୍ଡିଂ କୋଚ୍ ନିଯୁକ୍ତ କରାଯାଇଛି। ଅଭିମନ୍ୟୁ ଈଶ୍ୱରନଙ୍କ ନେତୃତ୍ୱାଧୀନ ଭାରତ ଏ' ଇଂଲଣ୍ଡ ଟୁରରେ ୩ ମ୍ୟାଚ୍ ଖେଳିବ। ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ପ୍ରଥମ ଦୁଇ ମ୍ୟାଚ୍ ଖେଳାଯିବ। ପ୍ରଥମ ମ୍ୟାଚ୍ ମେ ୩୦ରୁ ଜୁନ ୨ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ମ୍ୟାଚ୍ ଜୁନ ୬ରୁ ୯ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଏହାପରେ ଜୁନ ୧୩ରୁ ୧୬ ତାରିଖ ପର୍ଯ୍ୟନ୍ତ ଭାରତ ଏ' ଓ ସିନିୟର ଭାରତୀୟ ଦଳ ମଧ୍ୟରେ ମ୍ୟାଚ୍ ହେବ। ଭାରତୀୟ ଦଳର ମୁଖ୍ୟ କୋଚ ଗୌତମ ଗମ୍ଭୀର ପ୍ରଥମ ବ୍ୟାଚ୍‌ର ଖେଳାଳିଙ୍କ ସହିତ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍ ଲାଗି ଟୁର କରିବେ।

### ଇଣ୍ଡିଆନ ଗ୍ରାଁ ପ୍ରି-୨

## ଅନିମେଶଙ୍କ ସଫଳତା

ଥିରୁଭାନନ୍ତପୁରମ, ୧୭।୫ (ପି.ଟି.): ଓଡ଼ିଶାର ଷ୍ଟାର ସ୍ପ୍ରିଣ୍ଟର ଅନିମେଶ କୁଜୁର ଏଠାରେ ଶନିବାର ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପ୍ରି-୨ର ପୁରୁଷ ୧୦୦ମିଟର ଓ ୨୦୦ମିଟର ସ୍ପ୍ରିଣ୍ଟ ଇଭେଣ୍ଟରେ ଅଧିପତ୍ୟ ବିସ୍ତାର କରି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ୨୧ ବର୍ଷୀୟ ୨୦୦ମିଟର ଜାତୀୟ ରେକର୍ଡଧାରୀ ଏହି ଆଥଲେଟ ୧୦.୩୧ ସେକେଣ୍ଡ ଟାଇମିଂରେ ୧୦୦ମିଟର (ରେସ୍-ଏ)ଜିତିଥିବା ବେଳେ ୨୦.୫୫ ସେକେଣ୍ଡ ଟାଇମିଂରେ ୨୦୦ମିଟର (ରେସ୍-ଡି)ରେ ପ୍ରଥମ ହୋଇଥିଲେ। ୧୦୦ମିଟରରେ ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ୧୦.୨୭ ସେକେଣ୍ଡ ରହିଥିବା ବେଳେ ଗତ ଏପ୍ରିଲରେ କୋଚିଠାରେ ୨୦୦ମିଟର ରେସ୍‌କୁ ୨୦.୪୦ ସେକେଣ୍ଡ ଟାଇମିଂରେ ଶେଷ କରି ସେ ଜାତୀୟ ରେକର୍ଡର ଅଧିକାରୀ ହୋଇଥିଲେ। ପୁରୁଷ ୧୦୦ମିଟରରେ ଅନିମେଶଙ୍କ ପଛକୁ ଓଡ଼ିଶାର ଲୁଲୁ ପ୍ରସାଦ ଭୋଇ (୧୦.୫୭) ଓ ଏମ୍. ଦଣ୍ଡପତି (୧୦.୫୭) ଯଥାକ୍ରମେ ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିଲେ।

## ରୋଷ୍ଟନ ଚେଜ୍ ୱେଷ୍ଟଇଣ୍ଡିଜ ଟେଷ୍ଟ ଅଧିନାୟକ

**ଜାମାଇକା,୧୭।୫**

ରୋଷ୍ଟନ ଚେଜଙ୍କୁ ୱେଷ୍ଟଇଣ୍ଡିଜ ପୁରୁଷ ଟେଷ୍ଟ ଦଳର ନୂଆ ଅଧିନାୟକ ଭାବେ ନିଯୁକ୍ତ କରାଯାଇଛି। ୨ ବର୍ଷ ପୂର୍ବେ ଅନ୍ତିମ ଟେଷ୍ଟ ଖେଳିଥିବା ୩୩ ବର୍ଷୀୟ ଚେଜ, କ୍ରେଗ ବ୍ରାଥୱେଟଙ୍କ ସ୍ଥାନ ନେବେ। ବ୍ରାଥୱେଟ ଗତ ମାର୍ଚ୍ଚରେ ନିଜ ପଦରୁ ଇସ୍ତଫା ଦେଇଥିଲେ। ଅଷ୍ଟ୍ରେଲିଆ ବିପକ୍ଷ ଘରୋଇ ଟେଷ୍ଟ ସିରିଜ ସହିତ ଚେଜଙ୍କ ଅଧିନାୟକ କ୍ୟାରିୟର ଆରମ୍ଭ ହେବ।

# ନିଧି ଭାରତୀୟ ଦଳର ଅଧିନାୟିକା

## ଚତୁଃରାଷ୍ଟ୍ରୀୟ ହକି

**ନୂଆଦିଲ୍ଲୀ,୧୭।୫ (ପି.ଟି.)**

ଆର୍ଜେଣ୍ଟିନାର ରୋସାରିଓଠାରେ ଖେଳାଯିବାକୁଥିବା ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟ ଲାଗି ଶନିବାର ଏକ ୨୪ ଜଣିଆ ଦଳ ଘୋଷଣା କରାଯାଇଛି। ଗୋଲ୍‌କିପର ନିଧିଙ୍କୁ ଅଧିନାୟକତା ଓ ତାଙ୍କ ଡେପୁଟି ହୀନା ବାନୋଙ୍କୁ ତାଙ୍କ ଡେପୁଟି ଭାବେ ମନୋନୀତ କରାଯାଇଛି। ଆସନ୍ତା ମେ ୨୫ରୁ ଜୁନ୍ ୨ ପର୍ଯ୍ୟନ୍ତ ହେବାକୁଥିବା ଏହି ଟୁର୍ନାମେଣ୍ଟରେ ଚାରୋଟି ଦେଶ ଆର୍ଜେଣ୍ଟିନା, ଉରୁଗୁଏ, ଚିଲି ଓ ଭାରତ ଅଂଶଗ୍ରହଣ କରିବେ। ଡିସେମ୍ବରରେ ହେବାକୁଥିବା ଜୁନିୟର ବିଶ୍ୱକପ୍ ପାଇଁ ପ୍ରସ୍ତୁତିର ଏକ ଅଂଶବିଶେଷ ସ୍ୱରୂପ ଭାରତ ଅଂଶଗ୍ରହଣକାରୀ ପ୍ରତ୍ୟେକ ଦେଶ ବିପକ୍ଷରେ ଦୁଇଟି ଲେଖାଏ ମ୍ୟାଚ ଖେଳିବ। ଏଥିରେ ଦଳ ଏହାର ପ୍ରଦର୍ଶନ, ଟିମ୍ କମ୍ବିନେଶନ ଓ ରଣକୌଶଳକୁ ପରଖି ନେବ। ଦଳରେ ଦ୍ୱିତୀୟ ଗୋଲ୍‌କିପର ଭାବେ ଏଞ୍ଜିଲ ହର୍ଷ ରାନୀ ମିଞ୍ଜଙ୍କୁ ନିଆଯାଇଥିବା ବେଳେ ବିଦ୍ୟାଶ୍ରୀ ଭିଙ୍କୁ ଜଣେ ଷ୍ଟାଣ୍ଡବାଇ ଖେଳାଳି ଭାବେ ସାମିଲ କରାଯାଇଛି। ମମତା ଓରାମ, ଲାଲ୍‌ଥାଣ୍ଟଲୁଆଙ୍ଗି, ମନୀଷା, ପୂଜା ସାହୁ, ପାର୍ବତୀ ଟପ୍ପୋ, ନନ୍ଦିନୀ ଓ ସାକ୍ଷୀ ଶୁକ୍ଲାଙ୍କୁ ନେଇ ଭାରତର ଡିଫେନ୍ସ ୟୁନିଟ୍ ଗଠିତ। ମିଡ୍‌ଫିଲ୍ଡ ଲାଇନ୍‌ଅପ୍‌ରେ ପ୍ରିୟଙ୍କା ଯାଦବ, ଅନିଶା ସାହୁ, ରଜନୀ କେର୍‌କେଟା, ବିନିମା ଧନ୍, ଖାଇଦେମ ଶିଲିମା ଚାନୁ, ସଞ୍ଜନା ହୋରୋ, ସୁପ୍ରିୟା କୁଜୁର ଓ ପ୍ରିୟଙ୍କା ଡୋଗ୍ରା। ହୁଦା ଖାନ୍ ଓ ମୁନ୍‌ମୁନି ଦାସ ଷ୍ଟାଣ୍ଡବାଇ ମିଡ୍‌ଫିଲ୍ଡର ରହିଛନ୍ତି। ସେହିପରି ଫରୱାର୍ଡ ଲାଇନ୍‌ରେ ହୀନା ବାନୋ, ସୋନମ, ସୁଖବୀର କୌର, ଗୀତା ଯାଦବ, ଲାଲରିନ୍‌ପୁଇ, କନିକା ସିୱାଚ ଓ କରମନପ୍ରୀତ କୌର ପ୍ରମୁଖ ରହିଛନ୍ତି। ସେଲେଷ୍ଟିନା ହୋରୋ ଷ୍ଟାଣ୍ଡବାଇ ଫରୱାର୍ଡ ରହିଛନ୍ତି। ମେ ୨୫ରେ ଭାରତ ଏହାର ଓପନିଂ ମ୍ୟାଚ ଚିଲି ବିପକ୍ଷରେ ଖେଳିବ।



ଭାରତୀୟ ଜୁନିୟର ମହିଳା ହକି ଦଳ।

# ଆର୍ଯ୍ୟନ, ରଞ୍ଜିତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**ଭୁବନେଶ୍ୱର,୧୭।୫(ଅନାଦି କର)**

ଓଡ଼ିଶାରେ ହ୍ୟାଣ୍ଡବଲ ପ୍ରଚାର ପ୍ରସାର ପଛରେ ପଡ଼ିଥିଲେ ମଧ୍ୟ ବ୍ୟକ୍ତିଗତ ପ୍ରଚେଷ୍ଟା ବଳରେ ଆର୍ଯ୍ୟନ ବ୍ରାହ୍ମିନ ଓ ରଞ୍ଜିତ ମହାନ୍ତି ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚିପାରିଛନ୍ତି। ଗତ ୬ରୁ ୧୫ ତାରିଖ ପର୍ଯ୍ୟନ୍ତ ଓମାନର ମାସ୍କଟଠାରେ ଅନୁଷ୍ଠିତ ଏସୀୟ ପୁରୁଷ ବୀଚ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିଥିବା ଭାରତୀୟ ଦଳରେ ଦୁହେଁ ସ୍ଥାନ ପାଇଥିଲେ। ସୂଚନାଯୋଗ୍ୟ ଯେ, ୨୦୨୨ରେ ଯୁବ ବିଚ୍ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଭାରତୀୟ ଦଳରେ ଏକମାତ୍ର ଓଡ଼ିଆ ଭାବେ ଆର୍ଯ୍ୟନ ସ୍ଥାନ ପାଇଥିଲେ। ଆର୍ଯ୍ୟନ ଓ ରଞ୍ଜିତ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ସେମାନଙ୍କୁ ଓଡ଼ିଶାର ହ୍ୟାଣ୍ଡବଲ ଦଳର ଖେଳାଳି ଓ ପ୍ରଶଂସକମାନେ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ।

# ପ୍ରଜ୍ଞାନନ୍ଦ ଜିତିଲେ ସୁପରବେଟ୍ କ୍ଲାସିକ୍

**ବୁଖାରେଷ୍ଟ (ରୋମାନିଆ), ୧୭।୫ (ପି.ଟି.)**

ଭାରତୀୟ ଗ୍ରାଣ୍ଡମାଷ୍ଟର ଆର୍. ପ୍ରଜ୍ଞାନନ୍ଦ ଫ୍ରାନ୍ସର ଭାଚିର ଲାଗ୍ରେଭ୍‌ଙ୍କୁ ପରାସ୍ତ କରି ଏଠାରେ ସୁପରବେଟ୍ କ୍ଲାସିକ୍ ଜିତିଛନ୍ତି। ଗ୍ରାଣ୍ଡ ଚେସ୍ ଟୁର୍‌ରେ ସେ ପ୍ରଥମ ଥର ଏକ ଟୁର୍ନାମେଣ୍ଟରେ ଟାଇଟଲ ବିଜୟୀ ହୋଇପାରିଛନ୍ତି। ଇଭେଣ୍ଟରେ ଆଧିପତ୍ୟ ବିସ୍ତାର କରି ଖେଳିଥିବା ଏହି ଭାରତୀୟ ଫାଇନାଲ ରାଉଣ୍ଡରେ ଆର୍ମେନିଆନ-ଆମେରିକାନ ଗ୍ରାଣ୍ଡମାଷ୍ଟର ଲେଭନ ଆରୋନିଆନଙ୍କ ସହ ତାଙ୍କ ଗେମ୍ ଡ୍ର ରଖିବା ପରେ ପ୍ରଥମ ସ୍ଥାନ ମୁକାବିଲା ପାଇଁ ସ୍ଥାନ ପକ୍କା କରିଥିଲେ। ଫାଇନାଲ ଟାଇ ପୂର୍ବରୁ ପ୍ରଜ୍ଞାନନ୍ଦଙ୍କୁ ଏକ କଠିନ ଟାଇବ୍ରେକ୍‌କୁ ଅତିକ୍ରମ କରିବାକୁ ପଡ଼ିଥିଲା। ମାକ୍ସିମି ଭାଚିର ଲାଗ୍ରେଭ୍ ଓ ଅଲିରେଜା ଫିରୋଜା ଓ ପ୍ରଜ୍ଞାନନ୍ଦ ପ୍ରତ୍ୟେକଙ୍କ ପଏଣ୍ଟ ସଂଖ୍ୟା ସମାନ ୫.୫ ପଏଣ୍ଟ ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ୫ ମିନିଟ ବିଶିଷ୍ଟ ପ୍ରତିଟି ମୁଭ୍‌ରେ ଦୁଇ ସେକେଣ୍ଡ ଇନ୍‌କ୍ରିମେଣ୍ଟ ବ୍ୟବସ୍ଥା ଥିଲା। ପ୍ରଜ୍ଞାନନ୍ଦ ତାଙ୍କ ପ୍ରଥମ ଗେମ୍ କଳାଦାନରେ ଖେଳିଥିଲେ। ଫିରୋଜାଙ୍କ ବିପକ୍ଷ ଏହି ମ୍ୟାଚରେ ତାଙ୍କୁ ସାମାନ୍ୟ ସଂଘର୍ଷ କରିବାକୁ ପଡ଼ିଥିଲା। କିନ୍ତୁ ଶେଷରେ ସେ ଡ୍ର ରଖିବାରେ ସମର୍ଥ ହୋଇଥିଲେ। ଦ୍ୱିତୀୟ ଗେମ୍‌ରେ ଭାଚିର ଲାଗ୍ରେଭ୍‌ଙ୍କ ବିପକ୍ଷ ମ୍ୟାଚ୍‌କୁ ଫିରୋଜା ଡ୍ର ରଖିଥିଲେ। ଇଭେଣ୍ଟର ଅନ୍ତିମ ଗେମ୍‌ରେ ଭାଚିର-ଲାଗ୍ରେଭଙ୍କ ଡିଫେନ୍ସକୁ ଧ୍ୱସ୍ତ କରି ଟପ୍ ପ୍ରାଇଜ ଜିତିଥିଲେ। ବ୍ଲିଜ୍ ଗେମ୍ସରେ ଭାରତୀୟ ଖେଳାଳି ୧.୫ ପଏଣ୍ଟ ସ୍କୋର କରିଥିଲେ। ଏହାଦ୍ୱାରା ସେ ଫିରୋଜା ଏବଂ ଅନ୍ୟ ଫ୍ରେଞ୍ଚ ଗ୍ରାଣ୍ଡମାଷ୍ଟରଙ୍କଠାରୁ ଗୋଟିଏ ପଏଣ୍ଟ ଆଗରେ ରହିଥିଲେ। ସୂଚନାଯୋଗ୍ୟ, ପ୍ରଜ୍ଞାନନ୍ଦ ଗତବର୍ଷ ଏହି ଇଭେଣ୍ଟରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ପ୍ଲେଅଫ୍‌ରେ ସମସ୍ତ ଗେମ୍ ହାରିଯାଇଥିଲେ। ଏଥର ସେ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଛନ୍ତି। ପୁରସ୍କାର ବିତରଣ ଉତ୍ସବରେ ପ୍ରଜ୍ଞାନନ୍ଦ କହିଛନ୍ତି, ଗତଥର ସେ ଭଲ କରି ନ ଥିଲେ। ଏଥର ଟାଇବ୍ରେକ୍ ପୂର୍ବରୁ ସେ କିଛି ଘଣ୍ଟା ବିଶ୍ରାମ ନେଇଥିଲେ। ଏହା ତାଙ୍କୁ ବେଶ୍ ସହାୟକ ହୋଇଥିଲା।




ଅତିଥିଙ୍କଠାରୁ ଟ୍ରଫି ଓ ପୁରସ୍କାର ରାଶି ଗ୍ରହଣ କରୁଛନ୍ତି ଆର୍. ପ୍ରଜ୍ଞାନନ୍ଦ(ମଝି)।




